# ସାହିତ୍ୟ ଦୀପ୍ତି

## (ଇଚ୍ଛାଧୀନ ଓଡ଼ିଆ)

### ପ୍ରଥମ ଭାଗ

ଓଡ଼ିଶା ଉଚ୍ଚ ମାଧ୍ୟମିକ +୨ କଳା ଶ୍ରେଣୀ ପ୍ରଥମ ବର୍ଷ ନିମନ୍ତେ


ସମ୍ପାଦକ ମଣ୍ଡଳୀ

ଡକ୍ଟର ପ୍ରଦୀପ୍ତ କୁମାର ବାରିକ୍

ଡକ୍ଟର ନିରୁପମା ମହାପାତ୍ର

ଡକ୍ଟର ପ୍ରଦୀପ କୁମାର ଦାସ

ଡକ୍ଟର ରଞ୍ଜନ କୁମାର ବେହେରା

ଡକ୍ଟର ରମେଶଚନ୍ଦ୍ର ବେହେରା

ସମୀକ୍ଷକ

ଡକ୍ଟର ପ୍ରଦୀପ୍ତ କୁମାର ବାରିକ୍



ପ୍ରକାଶକ

**ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା**

ପୁସ୍ତକ ଭବନ, ଭୁବନେଶ୍ୱର

**ସାହିତ୍ୟ ଦୀପ୍ତି (ପ୍ରଥମ ଭାଗ) ପ୍ରଥମ ବର୍ଷ କଳା ପାଇଁ**

ଉଚ୍ଚ ମାଧ୍ୟମିକ ଶିକ୍ଷାସ୍ରୋତ (କଳା) ୧ମ ବର୍ଷ ପରୀକ୍ଷା ପାଇଁ ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଓ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁମୋଦିତ ।


ସମ୍ପାଦକ ମଣ୍ଡଳୀ

**ଡକ୍ଟର ପ୍ରଦୀପ୍ତ କୁମାର ବାରିକ୍**
**ଡକ୍ଟର ନିରୁପମା ମହାପାତ୍ର**
**ଡକ୍ଟର ପ୍ରଦୀପ କୁମାର ଦାସ**
**ଡକ୍ଟର ରଞ୍ଜନ କୁମାର ବେହେରା**
**ଡକ୍ଟର ରମେଶଚନ୍ଦ୍ର ବେହେରା**

ସମୀକ୍ଷକ

**ଡକ୍ଟର ପ୍ରଦୀପ୍ତ କୁମାର ବାରିକ୍**



**Published by**

The Odisha State Bureau of Textbook Preparation and Production, Pustak Bhavan, Bhubaneswar, Odisha, India.

First Edition : 2016 / 40,000 copies

Publication No. : 186

ISBN : 978-81-8005-363-4



© Reserved by The Odisha State Bureau of Textbook Preparation and Production, Bhubaneswar. No part of this publication may be reproduced in any form without the prior written permission of the publisher.



Type setting : Orissa Printing Works, Cuttack

Printed at : M/s. Ruby Offset, Cuttack

Price : 72.00/- (Rupees Seventy Two Only)

# ପ୍ରସ୍ତାବନା

ସାହିତ୍ୟ ଦୀପ୍ତି (୧ମ ଭାଗ) ପୁସ୍ତକଟି +୨ କଳାସ୍ରୋତ ପ୍ରଥମ ବର୍ଷ ଇଚ୍ଛାଧୀନ ଓଡ଼ିଆ ପାଠ୍ୟକ୍ରମ ନିମନ୍ତେ ସର୍ବଭାରତୀୟ ଶିକ୍ଷାସ୍ରୋତ ଅନୁଯାୟୀ ସଂକଳିତ ହୋଇଛି । ସହିତତା ସ୍ଥାପନ କରିବା ସାହିତ୍ୟର ପ୍ରଧାନ ଧର୍ମ । ସମାଜ ଓ ସଂସ୍କୃତି, କୂଳ ଓ କାଳ, ଭୂମି ଓ ଭୂମା ସର୍ବୋପରି ନୀତି ଓ ନୈତିକତା ସହିତ ମଣିଷକୁ ସମ୍ବନ୍ଧାନ୍ୱିତ କରାଇବାରେ ସାହିତ୍ୟର ଆଦର କାଳେ କାଳେ ଅନୁଭୂତ ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ଓଡ଼ିଆ ଭାଷାର ପ୍ରତିନିଧି ସ୍ଥାନୀୟ ଦୁଇଟି କାବ୍ୟ, ଗୋଟିଏ ଉପନ୍ୟାସ ଓ ଗୋଟିଏ ନାଟକ ଏବଂ ବ୍ୟାକରଣ ଏହି ପୁସ୍ତକରେ ସଂକଳିତ ହୋଇଛି ।

ପାଠ୍ୟ ବିଷୟକୁ ପୁଙ୍ଖାନୁପୁଙ୍ଖ ଭାବେ ହୃଦୟଙ୍ଗମ କରି ଛାତ୍ରଛାତ୍ରୀମାନେ କିଭଳି ପରୀକ୍ଷାରେ ଅଧିକ ନମ୍ବର ରଖି ପାରିବେ, ସେଥିପାଇଁ ବିଶେଷ ଧ୍ୟାନ ଦିଆଯାଇଛି । ପୁସ୍ତକର ପ୍ରତି ଏକକ ବା ୟୁନିଟ୍ ଶେଷରେ ସମ୍ଭାବ୍ୟ ପ୍ରଶ୍ନମାଳା ସଂଯୋଜିତ ହୋଇଛି ।

ନିର୍ବାଚିତ କବି ଓ ଲେଖକମାନେ ଆମର ପ୍ରଣମ୍ୟ । ଉଚ୍ଚଶିକ୍ଷା ବିଭାଗ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏ ସଂକଳନ ପ୍ରସ୍ତୁତିର ଗୁରୁଦାୟିତ୍ୱ ଆମମାନଙ୍କ ଉପରେ ନ୍ୟସ୍ତ କରିଥିବାରୁ ଆମେ କ ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଉଅଛୁ । ପୁସ୍ତକ ପ୍ରକାଶନ ପାଇଁ ସମୟୋଚିତ ପଦକ୍ଷେପ ନେଇଥିବାରୁ ଓଡ଼ିଶାରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶିକା ତଥା ଅନ୍ୟାନ୍ୟ ଅଧିକାରୀଙ୍କୁ ଏଇ ଅବସରରେ ଆମେ ଧନ୍ୟବାଦ ଜଣାଉଅଛୁ ।

**ସମ୍ପାଦକ ମଣ୍ଡଳୀ**

# ପ୍ରାକ୍‌କଥନ

ଚଳିତ ଶିକ୍ଷାବର୍ଷଠାରୁ ଜାତୀୟ ଶିକ୍ଷାସ୍ରୋତ ଧାରାରେ ପାଠ୍ୟଖସଡ଼ା ପ୍ରଚଳନ କରିବା ପାଇଁ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନିଷ୍ପ ି ନେଇଛନ୍ତି । ସେଥିପାଇଁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ (ସି.ବି.ଏସ୍.ଇ) ଶୈଳୀରେ ନୂତନ ପାଠ୍ୟ ଖସଡ଼ା ପ୍ରସ୍ତୁତ ହୋଇଛି । ଏହାକୁ ଦୃଷ୍ଟିରେ ରଖି +୨ କଳାସ୍ରୋତ ପ୍ରଥମ ବର୍ଷ ଇଚ୍ଛାଧୀନ ଓଡ଼ିଆ ବିଷୟ ପାଇଁ **ସାହିତ୍ୟ ଦୀପ୍ତି** (୧ମ ଭାଗ) ସଂକଳନଟି ପ୍ରସ୍ତୁତ କରାଯାଇଛି । ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଆମ ମାତୃଭାଷା ଓଡ଼ିଆର ମହାନ ସାହିତ୍ୟିକ ପରମ୍ପରାର କି ୍ତ ପରିଚୟ କିଭଳି ଛାତ୍ରଛାତ୍ରୀମାନେ ପାଇପାରିବେ, ସେଥିପାଇଁ ସମ୍ପାଦକମାନେ ଯତ୍ନ କରିଛନ୍ତି । ଏହି ଅବସରରେ ସେମାନଙ୍କୁ ଧନ୍ୟବାଦ ଜଣାଉଛି । **ସାହିତ୍ୟ ଦୀପ୍ତି** ପ୍ରକାଶନ ସହିତ ସମ୍ପୃକ୍ତ ଆମର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଧନ୍ୟବାଦାର୍ହ ।

ମୋର ବିଶ୍ୱାସ, ପ୍ରଥମ ଭାଗ ପୁସ୍ତକଟି ଛାତ୍ରଛାତ୍ରୀମାନଙ୍କ ପାଇଁ ବେଶ୍ ଉପାଦେୟ ହେବ । ଦ୍ୱିତୀୟ ବର୍ଷ ପାଇଁ ଅଭିପ୍ରେତ ଦ୍ୱିତୀୟ ଭାଗ ପୁସ୍ତକ ପରବ ୀ ସମୟରେ ପ୍ରକାଶ ପାଇବ ।

ଗୀତିକା ପଟ୍ଟନାୟକ

**(ଡକ୍ଟର ଗୀତିକା ପଟ୍ଟନାୟକ)**
ନିର୍ଦ୍ଦେଶକ
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ
ଓ ପ୍ରକାଶନ ସଂସ୍ଥା
ପୁସ୍ତକ ଭବନ, ଭୁବନେଶ୍ୱର

# ସୂଚୀ


## ପ୍ରଥମ ଏକକ

| | | | |
|---|---|---|---|
| ୧. | ମଥୁରାମଙ୍ଗଳ | ଭକ୍ତକବି ଭକ୍ତଚରଣ ଦାସ | ୧-୬୦ |

## ଦ୍ୱିତୀୟ ଏକକ

| | | | |
|---|---|---|---|
| ୨. | ନନ୍ଦିକେଶ୍ୱରୀ | କବିବର ରାଧାନାଥ ରାୟ | ୬୧-୧୬୦ |

## ତୃତୀୟ ଏକକ

| | | | |
|---|---|---|---|
| ୩. | ମଲାଜହ୍ନ | ଉପେନ୍ଦ୍ର କିଶୋର ଦାସ | ୧୬୧-୩୨୦ |

## ଚତୁର୍ଥ ଏକକ

| | | | |
|---|---|---|---|
| ୪. | ରାଜହଂସ | ରତ୍ନାକର ଚଇନି | ୩୨୧-୪୩୬ |

## ପ ମ ଏକକ

| | | | |
|---|---|---|---|
| ୫. | ବ୍ୟାକରଣ (ବାକ୍ୟ ଓ ଛନ୍ଦ) | | ୪୩୭-୪୬୪ |


❑❑❑

# ପ୍ରଥମ ଏକକ
# (ମଥୁରାମଙ୍ଗଳ)

# ମଥୁରାମଙ୍ଗଳ

ଭକ୍ତକବି ଭକ୍ତଚରଣ ଦାସ

●

## ।। ପ୍ରଥମ ଛାନ୍ଦ ।।

### (ରାଗ – ଚକ୍ରକେଳି)

ଜୟ ଗୋବିନ୍ଦ ଗୋକୁଳ - ସୁନ୍ଦର । ଜୟ ରାମ-ଅନୁଜ ଦାମୋଦର ।୧।
ଜୟ କଂସାରି ଜଗତ-ତାରଣ । ଜୟ ମାଧବ ନନ୍ଦକ-ଧାରଣ ।୨।
ଜୟ ରମାରମଣ ଦଇତାରି । ଜୟ ଅନନ୍ତ ଅଖିଳବିହାରୀ ।୩।
ଜୟ ଗରୁଡ଼ାସନ ପୀତବାସ । ଜୟ ବକାରି ନରକବିନାଶ ।୪।
ଜୟ ଭଗତବତ୍ସଳ ମୁରାରି । ଜୟ କାରଣସଲିଳବିହାରୀ ।୫।
ଜୟ ଜଗତଜୀବନ ମୋହନ । ଜୟ ନୃସିଂହ ହିରଣ୍ୟଧ୍ୱଂସନ ।୬।
ଜୟ ଯାଦବ-ବରଜଚନ୍ଦ୍ରମା । ଜୟ ସର୍ବ କାରଣ ବିଶ୍ୱକର୍ମା ।୭।
ନାନା ରୂପ, ଅରୂପ ତୁହି ହଉ । ପ୍ରାଣିମାନଙ୍କ ହିତେ ଦେହ ବହୁ ।୮।
ଗୋରୁ ବ୍ରାହ୍ମଣ ରକ୍ଷଣେ ତୋ ଜାତ । କେହି ନ ଜାଣେ ଆଦି ମଧ୍ୟ ଅନ୍ତ ।୯।
ସର୍ବ ଆତ୍ମାରେ ତୁହି ଆତ୍ମ ରାମ । ତୋର ବିହୁନେ ନାହିଁ କର୍ମାକର୍ମ ।୧୦।
ସେ ଆଦି ଅନାଦି ନିରାକାର । ଶ୍ରୁତି ସ୍ମୃତିକ ନାହିଁ ଗୋଚର ।୧୧।
ତୋର ଆଜ୍ଞା ଶିରେ ଧରି ବିର । ଚତୁର୍ଦ୍ଦଶ ଭୁବନ ଅଛି ର ।୧୨।
ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ ଆଦି ଦେବତା । ତୋର ସର୍ଜିଲାରୁ ଏହି ବକତା ।୧୩।

ତୋହୋ ନ କଲା ଆଉ ନାହ କେହ । ତୁ ସେ ସବକରତା ଭାବଗ୍ରାହୀ ।୧୪।
ଏଣୁ ମନରେ କରଇ ବିଚାର । ତୋହ ବ୍ୟତ୍ରକେ ଗତି ନାହିଁ ମୋର ।୧୫।
ଯେବେ ସୁଦୟା କରିବ ମୋହରେ । ମନ ରଖାଇ ପଙ୍କଜ ପୟରେ ।୧୬।
ଆଉ ସମ୍ପଦେ ନାହିଁ ପ୍ରୟୋଜନ । ଭକ୍ତି ଦିନେ ମୋ ଦରିଦ୍ର ଜୀବନ ।୧୭।
ସୁଜ୍ଞ ଜନଙ୍କ ମୁଖରୁ ଶୁଣିଲି । କୃଷ୍ଣ ଭଜିଲେ ତରନ୍ତି ଜାଣିଲି ।୧୮।
ଜ୍ଞାନ ସ୍ମରଣ ପଠନ ଶ୍ରବଣେ । ପୂର୍ବେ ତରିଅଛନ୍ତି ମୁନିଗଣେ ।୧୯।
ସେହୁ ପୁରାଣେ ହୋଇଛି ଲେଖନ । ମିଥ୍ୟା ନୁହଇ ପ୍ରମାଣ ବଚନ ।୨୦।
ନିଶି ଦିବସେ ଯେ ହରି ଭଜନ୍ତି । ଭବ କଲୁଷ ସନ୍ତାପ ତେଜନ୍ତି ।୨୧।
ଏଣୁ ବିଚାର କରଇ ମନରେ । କିପା ମରୁଛି ଏ ଭବବନରେ ।୨୨।
ଧନ ଜନ ଜୀବନ ଚିର ନୋହେ । ପାପ-ଅନଳ ପିଣ୍ଡ-କାଷ୍ଠ ଦହେ ।୨୩।
ଲୋଭ ସକଳ ଦ୍ରବ୍ୟେ ପ୍ରବ ାଇ । କାମ କାମିନୀ ମଦରେ ମତାଇ ।୨୪।
ମୋହ ମୋହିତ କଲା ଦିବାନିଶି । ମର୍ମେ ଘୋଟି ରହିଲା ପାପରାଶି ।୨୫।
ଚଳି ନୁହଇ ଯାତନାରେ ପଡ଼ି । ଦିନୁ ଦିନୁ ଆୟୁଷ ଗଲା ଛିଡ଼ି ।୨୬।
ଏଣୁ ବିଚାର କଲି ମୋର ଚିତେ । ବୁଦ୍ଧି ନ ଦିଶେ ତରିବି କେମନ୍ତେ ।୨୭।
କୃଷ୍ଣ ଚରିତ ଅମୃତ ବାରାଧି । କଳି-କଲୁଷ-ରୋଗକୁ ଔଷଧି ।୨୮।
ତହୁଁ କିଛି ପ୍ରସଙ୍ଗରେ କହିବି । ଦୁଷ୍ଟ ପାତକଭାରାକୁ ଦହିବି ।୨୯।
ଗୀତ କରି ରଚିବି ହରିଲୀଳା । ଦୟା କର ହେ ସ୍ୱାମୀ ନନ୍ଦବଳା ।୩୦।
ଯେଉଁ ରୂପେ କଂସ କେଶୀ ବଧିଲ । ଏଥି ପରେ ନାନା ଦୁଷ୍ଟ ସାଧିଲ ।୩୧।
ତାହା କହିବାକୁ ମୋର ବିଚାର । ରାଗବନ୍ଧରେ କରିବି ପ୍ରଚାର ।୩୨।
ମୋର ହୃଦରେ ବସି ଦିଅ କହି । ଭକ୍ତଚରଣ ଏତକ ମାଗଇ ।୩୩।

ଏଥୁ ଅନନ୍ତରେ ଶୁଣ ସୁଜନ । ଶୁକ କହନ୍ତି ରାଜନ ଆଗେଣ ।୩୪।
ପରୀକ୍ଷିତ ଶୁଣି ହୋଏ ଉଷତ । କୃଷ୍ଣଚରିତ ନାମ ଭାଗବତ ।୩୫।
ଦଶମସ୍କନ୍ଧ ଚରିତ ବର୍ଣ୍ଣନ । ଯେଉଁ ମତେ କଂସ ଜନ୍ମ ମରଣ ।୩୬।
ମହାପ୍ରତାପ ଦୁର୍ମିଳା ନନ୍ଦନ । ଇନ୍ଦୁମତୀ ଗର୍ଭେ ହେଲା ଜନମ ।୩୭।
ବାହୁବଳେ ପୃଥିବୀ ଆକ୍ରୋଶିଲା । ନୃପବରମାନଙ୍କୁ ବିନାଶିଲା ।୩୮।
ଗୋରୁ ବ୍ରାହ୍ମଣଙ୍କୁ ଦେଲା କଷଣ । ଡରେ ଦେବତା ପଶିଲେ ଶରଣ ।୩୯।
ଧର୍ମ ନାଶି ଅଧର୍ମ କର୍ମ କଲା । ଦିନୁ ଦିନୁ ଜୀବଙ୍କୁ ଦୁଖ ଦେଲା ।୪୦।
ଦେଖି ସହି ନ ପାରିଲେ ଅମର । ସର୍ବେ ମେଳି ହୋଇ କଲେ ବିଚାର।୪୧।
କିସ କରିବା ବୋଲେ ସୁନାସୀର । ବେଳୁ ବେଳ ଦୁଃଖ ଦେଲା ଅସୁର ।୪୨।
କାହା ଆଗେ କହିବା ଗଲା ମହୀ । ଇନ୍ଦ୍ର ବଚନେ ପିତାମହ କହ ।୪୩।
କ୍ଷୀରସାଗରେ ଶୟନ ଅନନ୍ତ । ଯାଇ ଗୁହାରି କରିବା ଦେବନ୍ତ ।୪୪।
ଆମ୍ଭ ଅର୍ଥେ ହୋଇବେ ଅବତାର । ତେବେ ଦୁଷ୍ଟ ରାକ୍ଷସ ଯିବ ମାର ।୪୫।
ଏଥି ବାହାରେ ଅନ୍ୟ ଗତି ନାହିଁ । ବେଦବର ଉଠିଲେ ଏତେ କହି ।୪୬।
ସର୍ବ ଦେବତା ସଙ୍ଗରେ ଘେନାଇଁ । କ୍ଷୀରସାଗରତଟେ ହେଲେ ଯାଇଁ ।୪୭।
ଅତି ଆରତେ ଡାକନ୍ତି ଅମର । ଦେବ ରକ୍ଷାକର ମହୀ ତୋହର ।୪୮।
ଯେବେ ନ ରଖିବ ନାଶ ଗଲୁଟି । ଦୈତ୍ୟ ସ୍ୱର୍ଗଭୁବନ କଲା ଲୁଟି ।୪୯।
ଗୋରୁ ବ୍ରାହ୍ମଣ ସୁଜନ ନାଶିଲା । ମହା ଅଧର୍ମେ ମହୀକି ଗ୍ରାସିଲା ।୫୦।
ସୁରଗଣ ବିକଳ କର୍ଣ୍ଣେ ଶୁଣି । ଦୟାସାଗର ପ୍ରଭୁ ଚକ୍ରପାଣି ।୫୧।
ଆଜ୍ଞା କଲେ ସକଳ ସୁରେ ଯାଅ । ଦୈତ୍ୟ ମାରିବି ଅଳ୍ପଦିନ ରହ ।୫୨।
ବାସୁଦେବ ଘରେ ହେବି ଜନମ । ବଢ଼ି କଂସକୁ ନାଶିବି ବହନ ।୫୩।

ଶୁଣି ଆନନ୍ଦେ ବାହୁଡ଼ି ଦେବତା । ଯହୁଁ ଆଜ୍ଞା ଦେଲେ ସୃଷ୍ଟି କରତା ।୫୪।
କେତେ ଦିନ ଅନ୍ତରେ ଭଗବାନ । ପୃଥ୍ୱୀ ହିତେ ତେଜି ନାଗଶୟନ ।୫୫।
ଦେବକୀର ଉଦରେ କଲେ ବାସ । ଜନ୍ମ ଲଭିଲେ ରହି ଦଶ ମାସ ।୫୬।
ବସୁଦେବ ଗୋପେ ଛାଡ଼ି ଅଇଲା । ତହୁଁ ଯେତେ ଯେତେ ଲୀଳା ହୋଇଲା।୫୭।
ଦିନୁ ଦିନୁ ବଢ଼ିଲେ ନନ୍ଦଘରେ । ଚନ୍ଦ୍ର ଯେସନେ ଚନ୍ଦ୍ରମା ପକ୍ଷରେ ।୫୮।
ସାତ ଦିନରେ ମାଇଲେ ପୁତନା । ଯାର ନାମ ଅଟଇ ବକ୍ରସେହ୍ନା ।୫୯।
ତୃଣ ଶକଟା ବକା ଅଘାସୁର । ମାରି ତାରିଲେ କୁବେର କୁମର ।୬୦।
କାଳୀ କାଳିନ୍ଦୀ ହ୍ରଦରେ ଦଳିଲେ । ବନ ଅନଳ କି ୍ରତେ ଗିଳିଲେ ।୬୧।
ବଚ୍ଛା ବାଳକ ହରିଲା ବିଧାତ । ନିଜ ଅଙ୍ଗରୁ ସର୍ବ କଲେ ଜାତ ।୬୨।
ନନ୍ଦ ରାଜାଙ୍କୁ ହରିଲା ବରୁଣ । ତାଙ୍କୁ ଆଣିଦେଲେ ରମାରମଣ ।୬୩।
ଇନ୍ଦ୍ର ବିବାଦେ ଟୋଳି ଗୋବର୍ଦ୍ଧନ । ଗୋପ ରଖିଲେ ଜଗତ-ଜୀବନ ।୬୪।
ବୃନ୍ଦାବନରେ କରନ୍ତି ବିଳାସ । ସଙ୍ଗେ ଘେନି ଅନେକ ବାଳଶିଷ ।୬୫।
ବସ୍ତ୍ର-ଚୋରି ଆଦି ଯେତେ ଚରିତ । କେହୁ କହିବ କରି ଆଦିଅନ୍ତ ।୬୬।
ରାସେ ରସିଲେ ଗୋପୀଙ୍କ ସଙ୍ଗତେ । ଏହି ମତି ବେଭାର ଯେତେ ଯେତେ ।୬୭।
କେଶୀ ପିଣ୍ଡ ମନ୍ଥିଲେ ବାହୁବଳେ । ପ୍ରାଣେ ମାଇଲେ ଯେତେ ଦୈତ୍ୟଗଳେ।୬୮।
ତାହା ଶୁଣି ଡରିଲା କଂସାପୁର । ଭୟେ କମ୍ପଇ ହୋଇ ଥରହର ।୬୯।
ମନ୍ତ୍ରୀ ଅକ୍ରୂରଙ୍କୁ ଘେନି ଭାଳଇ । କ୍ରୋଧେ ନୟନୁ ଲୋତକ ଗଳଇ।୭୦।
କହେ କାତର ଡରେ ହୋଇ ଛନ୍ନ । ମନ୍ତ୍ରୀ ଶୁଣିବା ମୋହର ବଚନ ।୭୧।
ମୁନିବର ନାରଦ ଗଲେ କହି । ତେଣୁ କରି ଅସ୍ଥିର ମୋର ଦେହୀ ।୭୨।
ନନ୍ଦନନ୍ଦନ ମୋହର ବଇରୀ । ତାଙ୍କୁ କେମନ୍ତେ ପକାଇବି ମାରି ।୭୩।

ଯେତେ ଗଲେ ସଂହାରିବା ନିମନ୍ତେ । ତାଙ୍କୁ ମାଇଲା ଗୋବିନ୍ଦ କି ୍ତେ ।୭୪।
କେତେ ଉପାୟ କଲି ତାଙ୍କ ପାଇଁ । ତହିଁ କିଛି ନୋହିଲେ ବେନିଭାଇ ।୭୫।
ବିଷ ସ୍ତନେ ଭରି ଗଲା ପୂତନା । ତାକୁ ଜାଣି ମାଇଲା ନନ୍ଦକହ୍ନା ।୭୬।
ପୁଣ ତୃଣା ଶକଟା ବେନି ଗଲେ । ସେହି ନାଶିଲେ, ବାହୁଡ଼ି ନଇଲେ ।୭୭।
ବକା ଅଘା ବ୍ୟୋମ ବଛାସୁରକୁ । କେଶୀ କଦମ୍ବା ଧେନୁକା ବୀରକୁ ।୭୮।
ମାରି ନିଶ୍ଚିନ୍ତେ ଛନ୍ତି ବେନି ଭାଇ । କିସ କରିବି ଶୁଣ ମନ୍ତ୍ରୀସାଇଁ ।୭୯।
ମୋର ବିଶ୍ୱାସ ତୁ, ଏଣୁ କହୁଛି । ଆଣି ଦେବୁ ନନ୍ଦର ବେନି ବଛି ।୮୦।
କାଲି ପ୍ରଭାତେ କରିବୁ ଗମନ । ରାମକୃଷ୍ଣ ଆଦି ନନ୍ଦ ରାଜନ ।୮୧।
ବରଷକର ବ ର୍ନ ବସାଣ । ଏହା ଘେନାଇ ଆପଣା ସଙ୍ଗେଣ ।୮୨।
ମୋହ ଛାମୁରେ କରାଇବ ଭେଟ । ବଳେ ଧରି ମାରିବି ନନ୍ଦଚାଟ ।୮୩।
ତେବେ ସୁଖେ ଭୁଞ୍ଜିବି ନାନା ଭୋଗ । ଯେତେ କାଳ ପର୍ଯ୍ୟନ୍ତେ ଥିବ ଯୋଗ ।୮୪।
ବ୍ୟାଧି ଅଳପ ହୋଇ ସ ରଇ । ହେଳା ମାତ୍ରକେ ପରାଣେ ମାରଇ ।୮୫।
ଶୂନ୍ୟ ମଣ୍ଡଳେ ମେଘ ପ୍ରକାଶଇ । ଛିଦ୍ର ହୋଇ ବହୁତ ବରଷଇ ।୮୬।
ଭସ୍ମ କୁଢ଼ରେ ଅଗ୍ନିକଣା ଥାଇ । ମନ୍ଦ ପବନେ ବଳିଷ୍ଠ ହୁଅଇ ।୮୭।
କାଳେ ସଂସାର କରଇ ଦହିଜ । ସେହି ପ୍ରକାରେ ନନ୍ଦର ତନୁଜ ।୮୮।
ତାଙ୍କୁ ବେଳହୁଁ ଉପାଏ ମାରିବା । ନ ମାଇଲେ କାଳେ ଆପେ ମରିବା ।୮୯।
ତେଣୁ କରି କହିଲି ମନ୍ତ୍ରୀବର । ମୋହ ଅର୍ଥେ ଉପାଏ ତୁମେ କର ।୯୦।
ଏତେ ବୋଲି ବେନିକର ଧଇଲା । ଶୋକେ ଆଲିଙ୍ଗନ କରି କହିଲା ।୯୧।
କରେ ବହୁତ ପ୍ରକାରେ ବିନତି । କହୁ କହୁ ପ୍ରବେଶ ହେଲା ରାତି ।୯୨।
ନିଜ କରେ ଲେଖନପତ୍ର ଧରି । ଆଜ୍ଞାପତ୍ରିକା ଲେଖି ଦଣ୍ଡଧାରୀ ।୯୩।

ମୁଦି ଅକ୍ରୁର କରେ ସମର୍ପିଲା । ଯାଅ ବୋଲି ହରଷେ ଆଜ୍ଞା ଦେଲା ।୯୪।
ମନ୍ତ୍ରୀ ଗଳାରେ ଲମ୍ଭାଇ ବାହାର । ଚି   ଆନନ୍ଦେ ହୋଇଲା ମନ୍ଦିର ।୯୫।
କଂସ ରାଜାହିଁ ନିଶ୍ଚିନ୍ତେ ରହିଲା । କାଳଚକ୍ରେ ପଡ଼ି ମୋହ ହୋଇଲା ।୯୬।
ସ୍ନାନ ମାର୍ଜନ ଭୋଜନ ଶୟନ । କିଛି ନ ରୁଚଇ ବିଷ ସମାନ ।୯୭।
ଯେଉଁ ଦିଗକୁ ଦିଅଇ ଅନାଇଁ । ସେହୁ ଦିଗେ ଦିଶେ ନନ୍ଦକହ୍ନାଇ ।୯୮।
ଶୋଇ ସପନେ ଚମକି ପଡ଼ଇ । କହି ବଚନ କ୍ଷଣକେ ହୁଡ଼ଇ ।୯୯।
ଝାଇଁ ମାରଇ ନିଶ୍ୱାସ ପ୍ରଖର । ସପନରେ ଦେଖଇ ନିଜ ଶିର ।୧୦୦।
ଶଙ୍ଖ ଶବଦ ନିଶ୍ୱାସ ପବନ । କରେ ଦକ୍ଷିଣ ଦିଗକୁ ଗମନ ।୧୦୧।
କଣ୍ଠେ ମନ୍ଦାରମାଳ ବିଭୂଷଣ । କରି ମଇଁଷିଯାନ ଆରୋହଣ ।୧୦୨।
ଚର୍ମ ଦେଶରେ ପଡ଼ିଛି କବରୀ । ଫିଟି ପବନେ ଉଡ଼େ କେରି କେରି ।୧୦୩।
ଚାରିଦିଗେ ଶୃଗାଳ ଶ୍ୱାନ ପେଚ । ଗୃଧ୍ର ଅହି ମଞ୍ଜାରୀ ଧ୍ୱନି ଉଚ୍ଚ ।୧୦୪।
ପ୍ରାଣ ନ ରହଇ ଯେଉଁ ସ୍ୱପନେ । କଂସ ଦେଖିଲା ତା ବେନି ନୟନେ ।୧୦୫।
ଚେତି ଉଠି ମନରେ ବିଚାରଇ । ସ୍ୱପ୍ନ ସତ୍ୟ ନୋହେ ବେଦ ଭାଷଇ ।୧୦୬।
ମନେ ଏମନ୍ତ ବିଚାରି ଶୋଇଲା । ନିଶି ପାହିଣ ପ୍ରଭାତ ହୋଇଲା ।୧୦୭।
ଜାଣି ଅକ୍ରୁର ଉଠିଲା ଆସନୁ । ପୂର୍ବ ଦିଗେ ଦେଖିଲା ଉଦେ ଭାନୁ ।୧୦୮।
ନିତ୍ୟକର୍ମ ସାରି ହେଲା ବାହାର । ଭକ୍ତ ଦାସ ସାଜେ ରଥ ତାହାର ।୧୦୯।

## ।। ଦ୍ୱିତୀୟ ଛାନ୍ଦ ।।

(ରାଗ – କାଳୀ)

କୃଷ୍ଣଦର୍ଶନ ଆଶେ ଉଚ୍ଛନ୍ନ ହୋଇ ସଫଳାସୁତ ।
ସାଜିଲା ରଥ ଯୋଚିଲା ଅଶ୍ୱ ହେଜିଲା ଯିବା ପଥ ।୧ ।
ବାଗ ଦଉଡ଼ି ଧରିଣ ଚଢ଼ି ଯା ବୋଲି ଦେଲା ଚାଳି ।
ଚକ୍ଷୁ ମଟକେ ଅତିଛଟକେ ମଥୁରାସୀମା ବଳି ।୨ ।
କରେ ଗମନ ଅତି ଶୋଭନ ଦିଶଇ ରହୁବର ।
ଯହିଁରେ ବିଜେ ଦେବଙ୍କ ରାଜେ କରିବେ ମଧୁପୁର ।୩ ।
କଂସଡ଼ଗର କରେ ବିଚାର ଧନ୍ୟ ହୋଇଲା ଆଜ ।
ଧନ୍ୟ ମୋ ତାତ ଧନ୍ୟ ମୋ ମାତ ଦେଖିବି ଦେବରାଜ । ୪ ।
ଧନ୍ୟରେ ନେତ୍ର ହେବ ପବିତ୍ର ଚାହିଁ ଜଳଦତନୁ ।
ଗୋପାଳ ମେଳେ ନନ୍ଦର କୋଳେ ବସି ଯେ ଥିବେ କାହ୍ନୁ । ୫ ।
ଦୂରୁ ଅନାଇ ଡାକିବେ ଦୁଇ-ଭାଇ ଅକ୍ରୁର ଆସ ।
ସେ ବାଣୀ ଶୁଣି ଶ୍ରବଣ ବେନି ତେଜିବେ ସର୍ବ ଦୋଷ । ୬ ।
ଶରୀର ଗନ୍ଧ ପାଇ ଆନନ୍ଦ ହୋଇବ ନାସାଦ୍ୱାର ।
କରନ୍ତେ କୋଳ ଅଙ୍ଗ ନିର୍ମଳ ହୋଇବ ଆଜ ମୋର । ୭ ।
ବିଶ୍ୱାସମାନ ପଚାରି ରାମ କୃଷ୍ଣ କରିବେ ପୂଜା ।
ସଦୟ ଚିତେ ପେଷିଲା ମୋତେ ଧନ୍ୟ ସେ କଂସରାଜା । ୮ ।
ପାଇବି ଗତି ଦେଖି ଶ୍ରୀପତି ଛେଦିବି ଭବବନ୍ଧ ।
ସ୍ନେହରେ କରି ବ୍ରଜବିହାରୀ କର ଦେବେ ମୋ କନ୍ଧ । ୯ ।

ଏମନ୍ତ ଭାଳି ଆସନ୍ତେ ଚଳି ଦେଖିଲା ବାଲିକୁଦ ।
ଧ୍ୱଜ ଅଙ୍କୁଶ ଚକ୍ରାଦି ଚିହ୍ନ ସହିତେ ପଦ୍ମପାଦ ।୧୦।
ଆନନ୍ଦ ହୋଇ ରଥରୁ ଡେଇଁ ଶିରେ ନିଉଡ଼େ ବାଲି ।
ହା କୃଷ୍ଣ ବୋଲି ନ ପାରେ ଚାଲି, ନୟନୁ, ଅଶ୍ରୁ ଗଳି ।୧୧।
କହି ହୁଡ଼ଇ, ଉଠି ପଡ଼ଇ, ଗଡ଼ଇ ପାଦ ପରେ ।
ଶୂନ୍ୟକୁ କୋଳ କରି ଆକୁଳ, କମ୍ପଇ ପ୍ରେମଭରେ ।୧୨।
ଚକ୍ଷୁ ବୁଜଇ ମନେ ହେଜଇ, ଗୋବିନ୍ଦ ଲୀଳାମାନ ।
ଉଚ୍ଚେ ଗର୍ଜଇ ବାତୁଳ ହୋଇ କ୍ଷଣକେ ଅଚେତନ ।୧୩।
ଅଳପ ଚାହିଁ ନୟନ ଦୁଇ ପୁଣି ବୁଜଇ ଭାବେ ।
ଗୋପୀମୋହନ ହେ ଶ୍ୟାମଘନ ବୋଲି ଆରତେ ଭାବେ ।୧୪।
ମୁଁ ହୀନ ମୁଢ଼ ପାପିଷ୍ଠ ରାଢ଼ ନାହିଁ ମୋହର ଭାଗ୍ୟ ।
ସତେ କି ଥରେ ନେତ୍ରପଥରେ ଦେଖିବି ଗୋପମାର୍ଗ ।୧୫।
ନମିବି ପାଦେ ଅତି ଆନନ୍ଦେ ଟୋକି ଧରିବେ ହରି ।
ରାମ ସହିତେ ଦର୍ହାସେ ମୋତେ ପ୍ରେମାଲିଙ୍ଗନ କରି ।୧୬।
କହି ଏସନ ବସିଲା ଯାନ ବାହଇ ଧୀରେ ଧୀରେ ।
ତୁରିତେ ଯାଇ ପ୍ରବେଶ ହେଲା ଗୋପର ସୀମାନ୍ତରେ ।୧୭।
ଦେଖିଲା ଗୋଷ୍ଠେ ଗୋପାଳ ମେ ଗାବ ଦୁହନ୍ତି ହରି ।
ନୀଳଜୀମୂତ-ବରନ ପୀତ-ବସନ ବିଦ୍ୟୁପରି ।୧୮।
ଶିରେ ତ୍ରିମୁଣ୍ଡୀ କି ଅବା ମଣ୍ଡି ଥୋଇଛି ଇନ୍ଦ୍ରଧନୁ ।
ଭ୍ରମରଶ୍ରେଣୀ ଚୁମ୍ବନ୍ତି ଜାଣି ସୁଗନ୍ଧ ଗନ୍ଧ ଯେଣୁ ।୧୯।
ଅଳକାପନ୍ତି ଝଳି ଦିଶନ୍ତି ଭ୍ରୂଲତା ପୁଷ୍ପଚାପ ।
ନୟନ ବାଣ ଅଞ୍ଜନ ଗୁଣ କର୍ଣ୍ଣ ପର୍ଯ୍ୟନ୍ତେ ଧାପ ।୨୦।

ତିଳକୁସୁମ ନାସା ସୁଷମ ଅଧର ପାରିଜାତ ।
କର୍ଣ୍ଣକୁଣ୍ଡଳ ରବିମଣ୍ଡଳ ନିନ୍ଦଇ ଶତପତ୍ର ।୨୧।
ଡାଳିମ୍ବ ବୀଜ ରଦନ ତେଜ ରୁଚି ନିନ୍ଦଇ ଇନ୍ଦୁ ।
ଦ୍ରହାସ କାଳେ ଚାହିଁଲେ ଡୋଳେ ଭୁଲିବେ କୁଳବଧୂ ।୨୨।
କଣ୍ଠରେ ଦାମ ଗଞ୍ଜାଇ କାମ ନାନା ରତନମାନ ।
ବାହେ ଭୂଷଣ ମଣିକଙ୍କଣ ଦୋହନ କାଳେ ସ୍ୱନ ।୨୩।
ପରିଧାପନ ପୀତବସନ ଘନେ ଅଙ୍ଗିର ପରା ।
ପାଦେ ନୂପୁର-ନାଦ ମଧୁର ଶୁଣି କେ ହେବ ଧୀରା ।୨୪।
ପୁଣି ଚାହିଁଲା ରୋହିଣୀବଳା ଶିରେ ସପତ ଫେଣୀ ।
ମଣିମୁକୁଟ ଲଲାଟପଟ ଅଳକା ଭୃଙ୍ଗଶ୍ରେଣୀ ।୨୫।
ଗୋକ୍ଷୀର ବର୍ଣ୍ଣ, ନୟନ ଘୂମ ଅଳସ ପ୍ରାୟେ ଚାହେଁ ।
କର୍ଣ୍ଣେ କୁଣ୍ଡଳ କି ମାରତଣ୍ଡ ଚନ୍ଦ୍ରମା ପାଶେ ରହେ ।୨୬।
ଅଧର ରଙ୍ଗ ଦିଶଇ, ସଙ୍ଗ ହେଲା କି କଞ୍ଜ ଜବା ।
ନାସାରେ ହେମ ବସଣୀ ସମ ଲକ୍ଷ୍ୟ କାହାକୁ ଦେବା ।୨୭।
ବାହେ ବାହୁଟୀ ଦିବ୍ୟ ଭୂଷଣ, କଟୀରେ ନୀଳପଟ ।
ଚରଣେ ନାନା କମ ମଞ୍ଜୀର ଶବଦ ପରକଟ ।୨୮।
ଦୁହନ୍ତି ଗାଇ ସୋଦର ଦୁଇ ସଙ୍ଗେ ବହୁତ ବାଳ ।
ବାଛୁରୀମାନେ ଅଙ୍ଗ ଲିହନ୍ତେ ଲାଗି ରହିଛି ଲାଳ ।୨୯।
ଦୁହନ୍ତି ଚାଣ୍ଡେ, ଭରନ୍ତି ଭାଣ୍ଡେ, ହୁଅନ୍ତି ଡକାଡକି ।
ଗୋପନନ୍ଦନେ ବାଦବଚନେ ଏକ ଆରେକ ବକି ।୩୦।
ସମ ବସନ ସମ ଗମନ ସମ ଚାହିଁବା ଠାଣି ।
ଚିହ୍ନି ନ ପାରି କେ ରାମହରି ଭ୍ରମଇ ମନ୍ତ୍ରୀମଣି ।୩୧।

ନନ୍ଦନନ୍ଦନ ଜାଣି ତା ମନ ସଦୟ ଚିତ୍ତେ ଭାଳି ।
ଏ ସେ ଅକ୍ରୁର କଂସ ଡଗର ମୋହର ପ୍ରାଣସରି । ୩୨ ।
ମୋର ଭଗତ ସଫଳାସୁତ ଦ୍ୱିତୀୟେ ତାତଭ୍ରାତ ।
ଏହାକୁ ମାୟା କଲେ ନ ପୁଣ ଡରଇ ହୋଇ ତ୍ରସ୍ତ । ୩୩ ।
ଏତେ ବିଚାରି ମାୟା ସଂହରି, ଅକ୍ରୁର ଦେଲା ଚାହିଁ ।
କାତରତରେ କମ୍ପେ ଅଥିରେ, ପାଦେ ପଡ଼ିଲା ଶୋଇ । ୩୪ ।
ବାହୁ ପ୍ରସାରି ତୋଳିଲେ ହରି ଝାଡ଼ି ଅଙ୍ଗରୁ ଧୂଳି ।
ରାମ ସହିତେ ଆନନ୍ଦଚିତ୍ତେ ଅକ୍ରୁରେ କୋଳାକୋଳି । ୩୫ ।
ନୟନୁ ଧାର ବହିଣ ଉର ତିନ୍ତିଲା ଚାହୁଁ ଚାହୁଁ ।
ଜଳେ ଲବଣ ପ୍ରାୟେ ପ୍ରେମେଣ ମଜ୍ଜିଲା କହୁଁ କହୁଁ । ୩୬ ।
ଦାସ-ଜୀବନ ଜାଣି ତା ମନ ପୁଣି ଭିଡ଼ନ୍ତି ଭାବେ ।
କନ୍ଧରେ କର ପକାଇ ଧୀର ଗମନ୍ତି ତ୍ରିଯାଦବେ । ୩୭ ।
ମନ୍ଦିରେ ନେଇ ଆସନ ଦେଇ ଜଳେ ଧୋଇଲେ ପାଦ ।
ବିବିଧପୁର-ପିଷ୍ଟକ ସର ଲବଣୀ ଆଦି ଖାଦ୍ୟ । ୩୮ ।
ସୁଖେ ଭୁଞ୍ଜାଇ ପାନ ଭଙ୍ଗାଇ କର୍ପୂର ସଙ୍ଗେ ଦେଇ ।
ବାସଚନ୍ଦନ ଅଙ୍ଗେ ଲେପନ କରନ୍ତି ବେନି ଭାଇ । ୩୯ ।
ଆସିବାବେଳେ ହୃଦମଣ୍ଡଳେ ବିଚାରିଥିଲା ଯାହା ।
ଦାସବତ୍ସଳ ଯଶୋଦାବାଳ ଜାଣି କରନ୍ତି ତାହା । ୪୦ ।
ରତ୍ନପଲଙ୍କେ ଝୀନବସନ ଶେଯାଇ ପୁଷ୍ପ ବି ୍ର ।
ଶିରକୁ ସୀମ—ସ୍ଥାନ ଯୋଗାଇ କର୍ପୂରଧୂଳି ସି ୍ର । ୪୧ ।
ଅକ୍ରୁରବୀର ତହିଁ ଉପର ଶୋଇଲା ଶାନ୍ତ ହୋଇ ।
ରାମ ଗୋବିନ୍ଦ ବେନି ସୋଦର ଚାପେ ଚରଣ ଦୁଇ । ୪୨ ।

ମଥୁରା କଥା ପଚାରି ବାରି ନୟନୁ ଝର ଝର ।
ମାତା ପିତାଙ୍କ କୁଶଳଟିକି କହ ହେ ମନ୍ତ୍ରୀବର ।୪୩।
କଂସ ଅସୁର ମାଇଲା ମୋର ଯେତେ ସୋଦର ଜାତ ।
ସେ କଥା ଜାଣି ଜନକ ଆଣି ମୋତେ ଥୋଇଲା ଏଥ ।୪୪।
ଦୁସ୍ତର ଦୁଃଖ ଦିଅଇ, ସୁଖ ତିଳ-ପ୍ରମାଣେ ନାହିଁ ।
ଯାଦବକୁଳ କାଳଅନଳ ହୋଇଲା ଭୋଜସାଇଁ ।୪୫।
ଦୁମିଳାଚାଟ ଅଜ୍ଞାନ ନଷ୍ଟ ସେ ଥିବ ଯେତେ ଦିନ ।
କାହାର ଧନ ଜୀବନ ଚିର ନୋହି ହୋଇବ ହୀନ ।୪୬।
ଭୋ ତାତ ! ସତ କହ, କି କାର୍ଯ୍ୟେ ଅଇଲ ଗୋପଦେଶ ।
ଶୁଣି ଅକ୍ରୁର ବୋଲଇ, ତୁ କି ନ ଜାଣୁ ପୀତବାସ ।୪୭।
ପାରିଲେ ରଖ, ହେଲି ନିରେଖ କଂସର ଦର୍ପ ହରି ।
ଏହି ବିଷୟେ ଆସିଛି ମୁହିଁ, ପଚାରୁ ଭଙ୍ଗୀ କରି ।୪୮।
ପେଷିଛି ନୃପ ତୋଠାରେ କୋପ କରି ବହୁତ ବାଗେ ।
ଧରାଇ ନେଇ ମାରିବାପାଇଁ ପତ୍ର ଲେଖିଛି ରାଗେ ।୪୯।
ଏ ବାଣୀ ଶୁଣି ଶାରଙ୍ଗପାଣି ବୋଲନ୍ତି ଦରହାସେ ।
ଲେଖିଛି କିସ ନୃପତି କଂସ ଦିଅ ପିତାଙ୍କ ପାଶେ ।୫୦।
କିସ ବୋଲନ୍ତି ବରଜପତି ତାହା ଶୁଣିମା ଦେଖି ।
ସେ ଯେବେ 'ଯାଅ' ବୋଲିବେ ତେବେ ଯାଦବେ ହେବେ ସୁଖୀ ।୫୧।
ନ ଯିବେ ସୁତ ବୋଇଲେ ତାତ କେମନ୍ତେ ଯିବୁ ଆଉ ।
ଏ ବାଣୀ ଶୁଣି ସେ ମନ୍ତ୍ରୀମଣି ହୃଦେ ପଶିଲା ଦାଉ ।୫୨।
କଂସର ଚାର କରେ ବିଚାର କିସ କରିବି ମୁହିଁ ।
କୃଷ୍ଣ ନ ନେଲେ ମୋତେ କି ଭଲେ ରଖିବ ଭୋଜସାଇଁ ।୫୩।

ବ୍ରହ୍ମାଣ୍ଡମାଳେ ଯା ରୋମମୂଳେ ନିବାସ କରିଛନ୍ତି ।
ପାଦ ପାତାଳ, ଶିର ଅମ୍ବର, ଯାକୁ ନ ଜାଣେ ଶ୍ରୁତି ।୫୪।
ରୂପ ଅରୂପ କ୍ଷଣ କ୍ଷଣକେ ହୁଅଇ ଇଚ୍ଛା ସୁଖେ ।
ଏହା ନ ଗଲେ କେ ନେଇପାରେ, ବୋଲି ଭାଳଇ ଦୁଖେ ।୫୫।
ଅକ୍ରୁର ମନ ଜାଣିଲେ ଶ୍ୟାମ; ବୋଲନ୍ତି ଶୁଣ ମନ୍ତ୍ରୀ ।
ମଥୁରା ଯିବି, କଂସ ମାରିବି, ମନେ ନ କର ଭ୍ରାନ୍ତି ।୫୬।
ଚିଟାଉ ତାର ନନ୍ଦ ଆଗର ଦିଅ ସଫଳାସୁତ ।
ଶୁଣି ଅକ୍ରୁର ନନ୍ଦ ଆଗର କହଇ କୋପଚିତ ।୫୭।
ନିଦ୍ରାରେ ମୋହ ହୋଇଣ ଥିଲା, ଉଠିଲା ଚେତ ପାଇ ।
କଂସର ପାତ୍ର ବୋଲିଣ ଗାତ୍ର କମ୍ପାଇ ଉଭା ହୋଇ ।୫୮।
ବୋଲେ ଅକ୍ରୁର ହେ ଗୋପବୀର ରାଜାର ଆଜ୍ଞା ଘେନ ।
ଉଚ୍ଛୁର ହେଲେ ନ ବ ୁ ଭଲେ, ଲେଖିଛି ଯେଉଁମାନ ।୫୯।
ଶୁଣି କାତର ହୋଇ ପତର ଶିରେ ଲଗାଇ ପଢ଼େ ।
କହେ ଭଗତ ଚରଣ ଦାସ ଅକ୍ରୁର କୋପ ଗାଢ଼େ ।୬୦।

●

## ।। ତୃତୀୟ ଛାନ୍ଦ ।।

(ରାଗ – ବଙ୍ଗଳାଶ୍ରୀ)

ଲେଖିଅଛି କଂସ ହୋଇ ମହାରୋଷ, ଆହେ ଗୋପପତି ନନ୍ଦ ।
ଆଜ୍ଞାପ୍ରମାଣେ ତତକାଳେ ଆସିବୁ, ନୋହିଲେ ଛେଦିବି କନ୍ଧ ।୧।
ଜାଣୁ ତ ମୋର ବଳ ବୀର୍ଯ୍ୟ ଯେତେକ, ଅଇରିକୁଳକୁ କେତୁ ।
ପ୍ରତିଜ୍ଞାରେ ରଣ ତେଜି ରଣରାଜ-ପୁତ୍ରେହେଁ ଲଭନ୍ତି ମୃତ୍ୟୁ ।୨।
କୋପ କଲେ ମହୀ ଦୋହଲି ଉଠଇ, ମେରୁ ହୋଏ ଥରହର ।
ରାଣ ଦେଲେ ଜନ୍ତୁ-ପତି ଭୟ କରେ; ଆଉମାନେ କେତେ ଛାର ।୩।
ବିଧାଘାତେ ଚିତ୍ର-କୂଟ କୁଧରକୁ କରି ପାରଇ ମୁଁ ଚୂନା ।
ଅଇରି ଉରସଲ-ବାନା ବହଇ, ଶରଣକୁ ବଜ୍ରସେହ୍ନା ।୪।
ଦାନୀପଣକୁ ସୁନାସୀର ପରାଏ, ଗଭୀର ପଣେ ଜଳଧି ।
ପଣ୍ଡିତପଣେ ଦେବଗୁରୁ ହାରଇ, ବେଦବେଦାନ୍ତରେ ବିଧି ।୫।
ଧାର୍ମିକ ପଣେ କେହି ସମ ନୁହନ୍ତି, ପରଜା ପାଳନେ ତାତ ।
ମୋର ଦେଶରେ ଭୟକରି ପ୍ରଚଣ୍ଡ ହୋଇ ନ ବହଇ ବାତ ।୬।
ଅଗ୍ନି ଦେବତା ଶିଖାମାନ ନିଉନ ଦେଖି ମୋର ତେଜ ବଳ ।
ସୁଜନ ରଖି ଦୁର୍ଜନକୁ ମାରଇ, ଏକଥା ମୋହର ମୂଳ ।୭।
ଗଡ଼ ଦେଖି ବଡ଼ କ୍ଷତ୍ରୀମାନେ ଆଡ଼ ହୁଅନ୍ତି ବହୁତ ଦୂରୁ ।
କଟକାଇ କଲେ ଅମରେ ପଳାଇ ଯାଆନ୍ତି ଅମର ପୁରୁ ।୮।
ଯାଦବକୁଳ କୁମୁଦବନ ପ୍ରାଏ, ମୁଁ ତହିଁକି ନିଶାମଣି ।
ସୁନ୍ଦରପଣେ କାମ ସରି ନୁହଇ, ସହିବା-ପଣେ ଧରଣୀ ।୯।

ଯୁଦ୍ଧ ନ କର ଯୋଦ୍ଧାମାନ ଜଣଲ, ବ୍ରହ୍ମାଣ୍ଡ ହୋଇଲା ମୋର ।
ଏହିଠାରେ ଥାଇ ଦର୍ଶନେ ନ ଆସୁ, ଏଡ଼େ ଗାରିମା ତୋହର । ୧୦ ।
ରଡ଼ିଗୋଟାକେ ସର୍ବଜନ୍ତୁ ମରିବେ ତିନିପୁରେ ଥିବେ ଯେତେ ।
ଦୟା କରି ତାଙ୍କୁ ଶରଣ ରଖିଲି ଯେଣୁ ଆଶ୍ରେ କଲେ ମୋତେ । ୧୧ ।
ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ ସଙ୍ଗେ ଅଷ୍ଟଭୁଜ ସମସ୍ତେ ମୋହର ବଶ ।
ମହାଦୁଷ୍ଟମାନେ ଛାଡ଼ି ପଳାଇଲେ ଶୁଣି ମୋର ବୀରଘୋଷ । ୧୨ ।
ଛାର ଗଉଡ଼ ଅଟୁ ତୁ ଏଡ଼େ ମୂଢ଼ ନ ଦେଉ ମୋହର କର ।
ଦେବି ଯେବେ ଧାପ ରଖିବ କେ ବାପ ! ଅନଳେ ଦହବି ପୁର । ୧୩ ।
ଶଶୁର ଯାର ଜରାସନ୍ଧ ଦଇତ, ସଖା ଯାର ବୀର କେଶୀ ।
ଏକ ନିମେଷକେ ଚରାଚର ମହୀ ପକାଇ ପାରଇ ଧ୍ୱଂସି । ୧୪ ।
ଶୂର ନାରକା, ବ୍ୟୋମା, ଅଘା, ପ୍ରଳମ୍ଭା, କଦମ୍ଭା, ଦ୍ୱିବିଦ ବୀର ।
ଚାଣୁର, ମୁଷ୍ଟିକ, ଶଲ୍ୟ ଆଦିମାନେ ଅଛନ୍ତି ମୋ ହନ୍ତକାର । ୧୫ ।
କେବଳ ଶିରୀଷ—କୁସୁମକୁ ମହା—ପ୍ରଳୟ ବରଷା ଲୋଡ଼ି ।
ସେହି ପ୍ରାୟେ ମୁହିଁ, ସେହି ପ୍ରାଏ ତୁହି, ଶିଶିରେ ଯେ ଯିବୁ ସଢ଼ି । ୧୬ ।
ଏବେ ମୋର ଧନୁଉଚ୍ଛବ ହୋଇଛି, ସମ୍ଭାର ଘେନାଇ ଆସ ।
ସମସ୍ତ ଦୋଷ ତୋର କ୍ଷମା ହୋଇଲା ମନେ ନ କରିବୁ ତ୍ରାସ । ୧୭ ।
ସମ୍ଭାର ଦଧି ଶତେ ଭାର ଘେନାଇ ଗୋଟିକା ଅଧାମ ଆଦି ।
ସଙ୍ଗେ ଗୋପ ଦଶ ପ ।ଶ ଆଣିବୁ, କରିବେ ସେ ଯାତ୍ରାବିଧି । ୧୮ ।
ରାମ କୃଷ୍ଣ ବେନି ଭାଇଙ୍କି ଅକ୍ରୁର ସଙ୍ଗେ ସଙ୍ଗ କରି ଦେବୁ ।
କେଡ଼େ ହେଲେଣି ତୋର ବେନିନନ୍ଦନ ତାହାଙ୍କୁ ଆମ୍ଭେ ଦେଖିବୁ । ୧୯ ।

ସେହ ଦେଖବେ ମହାଧନୁ ଉଚ୍ଛବ; ଶୁଭକଥା ସନା ତୋତେ ।
ବଡ଼ଲୋକ ସଙ୍ଗେ ସଙ୍ଗ ହୋଇ ଯିବେ, ଭୟ ନ ରହିବ ଚିତେ ।୨୦।
ବୃଦ୍ଧଶରୀର, କେତେ ଦିନ ବ ୍ଚୁ, ମିଥ୍ୟା ମାଟି କଳେବର ।
ତୋହ ଥାଉଁ ଥାଉଁ କୁମରବେନିଙ୍କି ଆମ୍ଭରେ ପରଚେ କର ।୨୧।
ଶାଢ଼ୀ ବନ୍ଧାଇ ରାଜନପଣ ଦେଇ ସୁଖେ ଗୃହେ ବସିଥାଅ ।
ଆମ୍ଭର ଯେତେ ହାନିଲାଭ ହୋଇବ କରିବେ ତୋହର ପୁଅ ।୨୨।
ନିଶି ପାହିଲେ ଧନୁପୂଜା ହୋଇବ; ଅଳସ ନକରି ଆସ ।
ଏମନ୍ତ ବୋଲି ଚିଟାଉ ଲେଖିଅଛି, ପଢ଼ି ନନ୍ଦ ହେଲେ ତୋଷ ।୨୩।
ବିସ୍ମୟ ଚି ରେ ହୃଦୟ ଭିତରେ କଲା ମହାଘୋର ଭୀତି ।
ଯହୁଁ ଶୁଣିଲା ମଥୁରା ଯିବେ ଦୂତ ସଙ୍ଗେ ରାମ ଶିରୀପତି ।୨୪।
ପରିଜନ ରାଇ ବୋଲେ ଗୋପସାଇଁ ଗୋପରେ ଘୋଷଣା ଦିଅ ।
ନିଶି ପାହିଲେ ମଥୁରାପୁର ଯିବେ, ସମ୍ଭାର, ସଜାଡ଼ି ଥାଅ ।୨୫।
ଏତେକ ଭାଷି ଅକ୍ରୁରକୁ ଚରଚା କରଇ ବରଜ ରାଜା ।
ବୋଲେ ବଇରାଗୀ ଭଗତଚରଣ ଗୋପରେ ବାଜଇ ବାଜା ।୨୬।

●

## ॥ ଚତୁର୍ଥ ଛାନ୍ଦ ॥

(ରାଗ – ବିଳାସମଞ୍ଜରୀ୧)

ଦାଣ୍ଡରେ ଶୁଭିଲା ରାମ କୃଷ୍ଣ ବେନି ଭାଇ ।
ଅକ୍ରୂର ଆସିଛି ତାଙ୍କୁ ଧରିନେବା ପାଇଁ ।
ରାଜା ପରଜା ସହିତେ
ସଜ ହୋଇଥାଅ, କାଲି ଚଳିବା ପ୍ରଭାତେ ।୧।
କରିଛି ସାୟକପୂଜା କଂସ ବୀରମଣି ।
ଆସିଛନ୍ତି ଅନେକ ଦେଶରୁ ନୃପମଣି ।
ତାହା ଦେଖିବାର ପାଇଁ ।
ଏଣୁକରି କଂସ ଦୂତ ଅଛି ପଠିଆଇ ।୨।
ଶୁଣି ଗୋପପୁରଜନେ ହୋଇଲେ ଆରତ ।
ବଜ୍ର ବାଜି ଥାବର ହୁଅଇ ଯେହ୍ନେ ପାତ ।
ସେହି ମତି ହେଲେ ଗୋଈ ।
ଏକକୁ ଆରେକ ବୋଲେ, କି କରିବା ସହି ।୩।
ପା ସାତ ମେଳି ହୋଇ କରନ୍ତି ବିଚାର ।
କୃଷ୍ଣ ବିନୁ ପରାଣ ଧରିବ କାହା ଛାର ।
ନିଶ୍ଚେଁ ହୋଇବ ମରଣ ।
ଯେତେବେଳେ ଗୋପ ତେଜି ଯିବେ ନାରାୟଣ ।୪।
କେ ବୋଲଇ, ମରଣ ଆମ୍ଭଙ୍କୁ ପଛେ ହେଉ ।
ମଥୁରା ନ ଯାଇ କୃଷ୍ଣ ଗୋପପୁରେ ଥାଉ ।
କଥା ରହନ୍ତା ସଂସାରେ ।
ପ୍ରାଣ ଦେଇଛନ୍ତି ଗୋପୀ ଶ୍ରୀକୃଷ୍ଣ ଆଶାରେ ।୫।

କେଉଁ ଏଣୀଦୃଶା ଭାଷି କରଇ ରୋଦନ ।
କାଲିଠାରୁ ଫୁଟିଯିବ ଏ ବେନି ନୟନ ।
ଅନ୍ଧହୋଇ ବସିଥିବା ।
ଅକ୍ରୁର ହସ୍ତରେ ଯେଣୁ ବେନି ଚକ୍ଷୁ ଦେବା ।୬।
କେ ବୋଲଇ, କାଲିଠାରୁ କୁମୁଦ ମରିବେ ।
କୁମୁଦ-ରମଣ ଯେଣୁ କୁମୁଦକୁ ଯିବେ ।
ଅନ୍ଧକାରକୁ ବାଡ଼ିବ ।
ସତେ କି ଚନ୍ଦ୍ରମା ଚନ୍ଦ୍ରମଣିକି ଛାଡ଼ିବ ।୭।
କେଉଁ କରୀନ୍ଦ୍ରଗମନା ନୟନୁ ଲୋତକ ।
ଭୂମିକି ଅନାଇ କ୍ରୋଧେ କହଇ ଅନେକ ।
ଆମ୍ଭ ସଙ୍ଗ ତୁହି ହେବୁ ।
ଭୂଷଣବିହୁନେ ଅଙ୍ଗ ଅଶୋଭା ଦିଶିବୁ ।୮।
କେ ବୋଲେ, ଯମୁନାଗଣ୍ଡେ ଜୀବନ ହରିବା ।
ଦାରୁଣ କଂସନୃପତି ନାମରେ ମରିବା ।
ସ୍ତିରୀହତ୍ୟା ଦୋଷ ପାଉ ।
ସୁଖ ଶିରୀ ଛାଡ଼ି ନିଜ ଜୀବନ ହରାଉ ।୯।
କେ ବୋଲଇ, ଭୋଜପତି ଆମ୍ଭ ଆୟୁ ନେଉ
ଆମ୍ଭେ ମରୁଁ ଆମ୍ଭ କୃଷ୍ଣ ଗୋପପୁରେ ଥାଉ ।
ଏହା କରୁ ଗୋ ଦଇବ ।
କେ ବୋଲେ, ଏମନ୍ତ ସଖି କେବେହେଁ ନୋହିବ ।୧୦।

କେଉଁ ପ୍ରେମଶୀଳା ଲୀଳା ବାହୁନି କାନ୍ଦଇ
କେହୁ କାହା ଗଳେ ବାହୁ ଆରତେ ଛନ୍ଦଇ ।
କେହୁ ଧରଣୀରେ ପଡ଼େ ।
କେହୁ ନିଜ ଭୁଜ ନେଇ ହୃଦୟରେ କୋଡ଼େ ।୧୧।
ନିଶ୍ୱାସ ପକାଇ କେହୁ ହୁଅଇ ସ୍ତୁକିତ ।
ହା ଗୋବିନ୍ଦ ! ବୋଲି କେହୁ ହୋଏ ମୁରୁଛିତ ।
କେହୁ ବୋଲେ, ନନ୍ଦ ବାଇ
କେ ବୋଲେ, ଯଶୋଦା କିମ୍ପା ନ କହେ ଭଙ୍ଗାଇ ।୧୨।
ଏହା ଶୁଣି ସାରଣୀ କହଇ ପ୍ରତିବାଣୀ ।
ଏଥିର ବିଚାର ସଖି ଅଛଇ ମୁଁ ଜାଣି ।
ମଧୁପୁର ନାରୀମାନେ ।
ଜାଣନ୍ତି ଭେଳିକି ମନ୍ତ୍ର, ଭୁଲାନ୍ତି କୁଜ୍ଞାନେ ।୧୩।
ଅକ୍ରୁର ହସ୍ତରେ ଅଉଷଧି ଦେଇଛନ୍ତି ।
ତେଣୁ ନନ୍ଦ ଯଶୋଦା ବଚନ ନ କହନ୍ତି ।
ସତ୍ୟ ଏ ମୋର ବଚନ ।
ଏହା ଶୁଣି ହେମମାଳା କରଇ ରୋଦନ ।୧୪।
ଏମନ୍ତ ହୋଇଲେ ସଖି ବୁଡ଼ିଲା ମୋ ଭେଳା
ଗଲେ କି ଆସିବେ ଆଉ ଯଶୋଦାଙ୍କ ବଳା ।
ଧାତା ଛାଡ଼ିଲା ନିୟତ ।
କେମନ୍ତେ ବ ୍ଵେ ତାଙ୍କ ବୃଦ୍ଧ ତାତ ମାତ ।୧୫।

ଏତେ କହି ବ୍ରଜଗୋଈ ନନ୍ଦପୁରେ ମିଳି ।
ଦେଖିଲେ ଅକ୍ରୂର ନନ୍ଦ ରାମ ବନମାଳୀ ।
ବସି କରନ୍ତି ବିଚାର ।
ସଜାଡ଼ନ୍ତି ପରିଜନେ ଯିବାର ସମ୍ଭାର ।୧୬।
କୃଷ୍ଣଙ୍କୁ ଅନାଇଁ ଗୋପୀ ବୋଲନ୍ତି ବଚନ ।
ଅକ୍ରୂର କାହିଁକି ଗୋପେ କରିଛି ଗମନ ?
କିମ୍ପା ବାଜଇ ବାଜଣା ?
ଗୋରସରେ କାହା ପାଇଁ ପୂରିଛି ଅଗଣା ? ।୧୭।
ବରଜ ବୋଲନ୍ତି ଶୁଣ ବରଜ-ଚତୁରୀ ।
ଅକ୍ରୂରକୁ ବରଗିଛି କଂସ ଦଣ୍ଡଧାରୀ ।
ରାମ ସଙ୍ଗେ ମୋତେ ନେବ ।
ଭଲ ମନ୍ଦ କି ହୋଇବ ଜାଣଇ ଦଇବ ।୧୮।
ପିତା ମାତା ଆଦି କରି ନେବ ମଥୁରାକୁ ।
କାଲି ଯିବୁ ରଥେ ବସି ରାଜା ଭେଟିବାକୁ ।
ଧନୁ-ଉତ୍ସବ ଦେଖିବୁ ।
ଦିନା ଦୁଇ ଚାରି ରହି ଲେଉଟି ଆସିବୁଁ ।୧୯।
ଶୁଣିଲେ ଗୋପରମଣୀ ରମଣ ବଚନ ।
ଚିନ୍ତା- ରତ୍ନାକରେ ବୁଡ଼ିଗଲା ମନମୀନ ।
କହେ ଭଗତ ଚରଣ ।
କୃଷ୍ଣଗୁଣ ଗୁଣି ଗୋପୀ କରନ୍ତି କାରୁଣ ।୨୦।

●

## କବି ପରିଚୟ :–

'ମଥୁରା ମଙ୍ଗଳ' କାବ୍ୟର ରଚୟିତା ହେଉଛନ୍ତି କବି ଭକ୍ତଚରଣ ଦାସ । ସେ ପ୍ରାୟ ୧୭୨୯ ସାଲରେ ଜନ୍ମଗ୍ରହଣ କରି ୧୮୧୩ ସାଲରେ ଦେହତ୍ୟାଗ କରିଥିଲେ । ଖୋରଧା ନିକଟବ ୍ତୀ ସୁନାଖଳା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ଏହାଙ୍କର ପ୍ରକୃତ ନାମ ବୈରାଗୀ ଚରଣ ପଟ୍ଟନାୟକ । ପରବ ୍ତୀ କାଳରେ ବୈଷ୍ଣବ ଦୀକ୍ଷା ଗ୍ରହଣ କରିବାପରେ ସେ ଭକ୍ତଚରଣ ଦାସ ନାମରେ ପରିଚୟ ଲାଭ କରିଥିଲେ । ପ୍ରଥମେ ସେ ବିବାହ କରି ଗାର୍ହସ୍ଥ୍ୟ-ଜୀବନ ଅତିବାହିତ କରିଥିଲେ । ପରେ ସ୍ତ୍ରୀଙ୍କ ମୃତ୍ୟୁ ବା ଅନ୍ୟ କୌଣସି କାରଣରୁ ଗୌଡ଼ୀୟ ବୈଷ୍ଣବ ଧର୍ମର ଦୀକ୍ଷା ନେଇ ଖଣ୍ଡପଡ଼ାରେ ମଠ ସ୍ଥାପନ କରି ବୃନ୍ଦାବନଚନ୍ଦ୍ରଙ୍କ ମୂ ର୍ତ୍ତି ପୂଜା କରୁଥିଲେ । ଖଣ୍ଡପଡ଼ା ରାଜାଙ୍କ ସହିତ ଅପଢ଼ ହେବାରୁ ସେହି ସ୍ଥାନ ତ୍ୟାଗ କରି କବି ରଣପୁରର ସୁନାଖଳା ଗ୍ରାମରେ ଆସି ମଠ ସ୍ଥାପନ କରି ଶେଷ ଜୀବନ ସେହିଠାରେ କଟାଇଥିଲେ ।

ଭକ୍ତଚରଣଙ୍କ ପ୍ରଧାନ କାବ୍ୟ 'ମଥୁରାମଙ୍ଗଳ'ରେ ଶ୍ରୀକୃଷ୍ଣଙ୍କ ମଥୁରାଗମନ, ଅତ୍ୟାଚାରୀ କଂସର ମୃତ୍ୟୁ ଓ ମଥୁରାବାସୀଙ୍କର ତଜ୍ଜନିତ ଆନନ୍ଦ ଛାନ୍ଦ-ସାହିତ୍ୟ-ରୀତିରେ ବର୍ଣ୍ଣିତ ହୋଇ ପ୍ରେମଭକ୍ତି ମାର୍ଗର ବିଶ୍ଳେଷଣ କରାଯାଇଛି । କବିଙ୍କ ଅନ୍ୟାନ୍ୟ ରଚନା ମଧ୍ୟରେ 'କଳାକଳେବର ଚଉତିଶା' ଓ 'ମନବୋଧ ଚଉତିଶା' ଉତ୍କଳୀୟ ଜନମାନସରେ ଗଭୀର ପ୍ରଭାବଶାଳୀ ହୋଇପାରିଛି । ପ୍ରଥମଟିରେ ଶ୍ରୀକୃଷ୍ଣଙ୍କ ମଥୁରାଦାଣ୍ଡରେ ଯିବାବେଳର ବର୍ଣ୍ଣନା ଓ ଦ୍ୱିତୀୟଟିରେ ସଂସାରର ଅନିତ୍ୟତା ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି ।

'ମଥୁରା ମଙ୍ଗଳ' ଗ୍ରନ୍ଥର ସୁଲଳିତ ଛାନ୍ଦରାଜି ଓଡ଼ିଆ ଓଡ଼ିଆଣୀଙ୍କର ଅମୂଲ୍ୟ କଣ୍ଠହାର । କବିତାର ଲାଳିତ୍ୟ, ଆବେଗମୟ ପରିପ୍ରକାଶ ଓ ସୁବୋଧ୍ୟତା ଦୃଷ୍ଟିରୁ ଭକ୍ତଚରଣଙ୍କ ସ୍ଥାନ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ସ୍ୱତନ୍ତ୍ର । ପରିମିତ ସୃଷ୍ଟି ମାଧ୍ୟମରେ ସେ ଅପରିମିତ କାବ୍ୟିକ ସିଦ୍ଧି ଅର୍ଜନ କରିପାରିଛନ୍ତି ।

**ବିଷୟ ବସ୍ତୁ :–**

ଦ୍ୱାରକା, ମଥୁରା ଓ ଗୋକୁଳ ଏହି ତିନି ଧାମ ମଧ୍ୟରେ ଶ୍ରୀକୃଷ୍ଣଙ୍କ ମାଧୁରୀଲୀଳା ଗୋକୁଳରେ ସବୁଠାରୁ ଅଧିକ । ସେଥିରେ ପୁଣି ଗୋକୁଳଧାମ ସମସ୍ତଙ୍କ ମଧ୍ୟରେ ଶ୍ରେଷ୍ଠ । କଳିରୂପୀ କଂସ ଓ ତାହାର ଅନୁଚର ମାନଙ୍କ ଦ୍ୱାରା ମଥୁରାର ପବିତ୍ର ଭୂମି ପ୍ରପୀଡ଼ିତ ହେବାରୁ ଭଗବାନ କୃଷ୍ଣଚନ୍ଦ୍ର ସେମାନଙ୍କୁ ନାଶକରି ସେଠାରେ ଧର୍ମ ତଥା ମଙ୍ଗଳ ସ୍ଥାପନ କରିଥିଲେ । ମଙ୍ଗଳ ବିଧାତାଙ୍କ ଦ୍ୱାରା ମଥୁରାର ମଙ୍ଗଳ ବିହିତ ହୋଇଥିବାରୁ କବି ତାହା ବର୍ଣ୍ଣନା କରି କାବ୍ୟର ନାମ 'ମଥୁରାମଙ୍ଗଳ' ଦେଇଅଛନ୍ତି । ମଥୁରାମଙ୍ଗଳ ଶ୍ରୀକୃଷ୍ଣଚନ୍ଦ୍ରଙ୍କର ଲୀଳାତ୍ମକ କାବ୍ୟ । ଏଥିରେ ପ୍ରଧାନ ଭାବରେ କୃଷ୍ଣଚନ୍ଦ୍ରଙ୍କ ଶେଷ କୈଶୋର ଅବସ୍ଥା ବର୍ଣ୍ଣିତ ହୋଇଅଛି । ବାଲ୍ୟ, ପୌଗଣ୍ଡ ଓ କୈଶୋରର ଆଦ୍ୟ ଦୁଇ ଅବସ୍ଥାର କ୍ରିୟାକଳାପମାନ ସୂଚିତ ହୋଇଅଛି ମାତ୍ର । ୩୦ ଛାନ୍ଦ ବିଶିଷ୍ଟ ଏହି କାବ୍ୟରେ କୃଷ୍ଣଚନ୍ଦ୍ରଙ୍କର ଯେଉଁ ଲୀଳା ବର୍ଣ୍ଣିତ ହୋଇଅଛି ସେଥିରେ ଶୃଙ୍ଗାର, ବୀର ଓ କରୁଣରସ ସଂପୂର୍ଣ୍ଣ ପରିସ୍ଫୁଟିତ ହୋଇଅଛି । କାବ୍ୟ ପାଠକଲେ ଜଣାଯାଏ ଯେ କାବ୍ୟଟି କରୁଣ ରସାଶ୍ରିତ । ମାତ୍ର ଏହି କରୁଣ ରସର ଆଧାର ହୋଇଛନ୍ତି ବାତ୍ସଲ୍ୟରସ ଏବଂ ଶୃଙ୍ଗାରରସ । ଭକ୍ତଚରଣ ବିରହୀ ବୃନ୍ଦାବନଚନ୍ଦ୍ରଙ୍କୁ ଉପାସନା କରୁଥିଲେ । "ଗୋପୀଙ୍କ ଭଜିଲା ଭକ୍ତି ପ୍ରେମଭକ୍ତି ପାଇଁ । ଏହି ଗୋପୀଭକ୍ତିର ରସ ଆସ୍ୱାଦନ କରିବା ଅର୍ଥରେ କବି ନିଜେ ଗୋପୀ ଭାବରେ ଅନୁପ୍ରାଣିତ ହୋଇ ସେହି ବିରହୀ ବୃନ୍ଦାବନଚନ୍ଦ୍ରଙ୍କର ଗୋପୀମାନଙ୍କ ପ୍ରତି ନିଷ୍ଠୁର ଭାବ ଦର୍ଶାଇବା ବିଷୟମାନ ବର୍ଣ୍ଣନା କରି ସ୍ୱଭକ୍ତିର ପରାକାଷ୍ଠା ଦର୍ଶାଇଅଛନ୍ତି ।

**୧ମ ଛାନ୍ଦ :–**

ମଧ୍ୟଯୁଗୀୟ କାବ୍ୟ ରଚନାର ବିଧି ଅନୁଯାୟୀ କବି ତାଙ୍କର 'ମଥୁରାମଙ୍ଗଳ' କାବ୍ୟର ନିର୍ବିଘ୍ନ ପରିସମାପ୍ତି ପାଇଁ ଭବକଳୁଷହର ହରିନାମ

କୀ ˊନପୂର୍ବକ ଶ୍ରୀକୃଷ୍ଣ ସ୍ତୁତି କରିଛନ୍ତି । ତତ୍‌ପରେ ଦୁର୍ମିଳାନନ୍ଦନ କଂସର ଉତ୍ପୀଡ଼ନରେ ସୁରନରଙ୍କର ଆତଙ୍କ ଓ ଭକ୍ତଙ୍କ ଦୁଃଖ ନିବାରଣାର୍ଥ ସୁରମାନଙ୍କ ସହିତ ବ୍ରହ୍ମାଙ୍କର କ୍ଷୀର ସାଗରଶାୟୀ ବିଷ୍ଣୁଙ୍କୁ ପ୍ରାର୍ଥନା; ଦୟାନିଧି ଭଗବାନଙ୍କର କଂସଦମନ ନିମି   ନରକଳେବରଧାରଣ ପୂର୍ବକ ବସୁଦେବ ଗୃହରେ ଜନ୍ମନେବା ନେଇ ଦେବଙ୍କୁ ଅଭୟବାଣୀ; ଦେବତାମାନଙ୍କର ସାନନ୍ଦ ପ୍ରତ୍ୟାବ ˊନ, କୃଷ୍ଣଚନ୍ଦ୍ରଙ୍କ ଦେବକୀଉଦରରେ ଜନ୍ମ ଏବଂ କଂସ ଭୟରେ ବସୁଦେବଙ୍କର କୃଷ୍ଣଙ୍କୁ ଗୋପରେ ସ୍ଥାପନ; ବାଳକ କୃଷ୍ଣଙ୍କ ଦ୍ୱାରା ପୂତନା, ତୃଣା, ଶକଟା, ଅଘାଦି ଅସୁରଙ୍କ ବିନାଶ ସାଧନ; କାଳୀୟଦମନ, ବରୁଣଠାରୁ ନନ୍ଦଙ୍କୁ ମୋଚନ, ଇନ୍ଦ୍ରବିବାଦରେ ଗୋବର୍ଦ୍ଧନ ଉ  ।ଳନ; ଗୋପୀବସ୍ତ୍ର ହରଣ; କେଶୀମନ୍ଥନ ପ୍ରଭୃତି ବିସ୍ମୟକର କ୍ରିୟାକଳାପ ଶ୍ରବଣରେ କଂସର ଭୟସ  ।ର ଓ କପଟରେ କୃଷ୍ଣବିନାଶ ସାଧନ ଇଚ୍ଛାରେ କୃଷ୍ଣଙ୍କୁ ମଥୁରା ଆଣିବା ନିମନ୍ତେ ଅକ୍ରୂରଙ୍କୁ ସାନୁନୟ ଅନୁରୋଧ, ଆଜ୍ଞା ପତ୍ରିକା ସହଅକ୍ରୂରଙ୍କ ଗୋପଗମନ ଉଦ୍‌ଯୋଗ; ଜାଗରଣରେ କଂସର ଭୟରେ ସର୍ବତ୍ର କୃଷ୍ଣରୂପ ଓ ସ୍ୱପ୍ନରେ ଅଶୁଭଶକୁନ ଦର୍ଶନ ପ୍ରଭୃତି ପ୍ରଥମ ଛାନ୍ଦରେ ବର୍ଣ୍ଣିତ ହୋଇଅଛି ।

**୨ୟ ଛାନ୍ଦ :–**

କୃଷ୍ଣଦର୍ଶନୋତ୍ସୁକ ଅକ୍ରୂରଙ୍କର ଗୋପକୁ ଦ୍ରୁତ ଗମନ ଏବଂ କୃଷ୍ଣଙ୍କ ଅଙ୍ଗ-ସଙ୍ଗ ଲାଭ ଆଶାରେ ଆନନ୍ଦ ପ୍ରକାଶ, ମାର୍ଗରେ ଥିବା ବାଲିକୁଦରେ ଶ୍ରୀକୃଷ୍ଣଙ୍କ ଧ୍ୱଜ-ଅଙ୍କୁଶ-ଚକ୍ର ପ୍ରଭୃତି ଯୁକ୍ତ ଥିବା ପାଦପଦ୍ମ ଦର୍ଶନରେ ଭାବାବିଷ୍ଟ ହୋଇ ଅକ୍ରୂରଙ୍କ ଅଶ୍ରୁମୋଚନ ଓ ମୋହ; ଗୋପ ପ୍ରବେଶାନ୍ତେ ଗୋଦୋହନରତ ରାମହରିଙ୍କ ଦର୍ଶନ; ଆପାଦ ମସ୍ତକ ଶ୍ରୀକୃଷ୍ଣଙ୍କ ରୂପ ଓ ବେଶଭୂଷାଦି ବର୍ଣ୍ଣନା; କୃଷ୍ଣଚନ୍ଦ୍ରଙ୍କ ଯଥାର୍ଥ ପରିଚୟ ନପାଇ ଅକ୍ରୂରଙ୍କ ଭ୍ରମ, କୃଷ୍ଣଙ୍କର ଅକ୍ରୂରଙ୍କୁ ସସ୍ନେହ ଆଲିଙ୍ଗନ ଏବଂ ଅକ୍ରୂରଙ୍କ ସହ ଗୃହଗମନ; ବନ୍ଧୁଜନୋଚିତ ମମତାରେ କୃଷ୍ଣଙ୍କର

## ଶବ୍ଦାର୍ଥ-ପ୍ରସଙ୍ଗ

**୧ମ ଛାନ୍ଦ :–**

ମଥୁରାମଙ୍ଗଳ - ମଥୁରାର ଅପରନାମ ମଧୁପୁରୀ । କଂସ ଓ ତାହାର ଅନୁଚର ପ୍ରଭୃତିଙ୍କ ତାପରେ ଏହି ରାଜ୍ୟ ବିଶେଷ କଷ୍ଟ ପାଇଥିଲା । କୃଷ୍ଣଚନ୍ଦ୍ର କଂସ ଓ ତାହାର ଅନୁଚର ମାନଙ୍କୁ ନାଶକରି ମଥୁରାର ମଙ୍ଗଳ କରିଥିଲେ; ଏହି ହେତୁ କାବ୍ୟର ନାମ ମଥୁରାମଙ୍ଗଳ । "ମଥୁରା ଭଗବାନ ଯତ୍ର ନିତ୍ୟଂ ସନ୍ନିହିତୋ ହରିଃ ।"

୧. ଜୟ-ଉତ୍କର୍ଷଖ୍ୟାପକ ଶବ୍ଦ-ତେଣୁ ନମସ୍କାର ବୁଝାଉଅଛି ।

ଗୋବିନ୍ଦ - ଗୋରକ୍ଷକ ବା ପୃଥିବୀ, ସ୍ୱର୍ଗ ଓ ବେଦର ପାଳକ ଶ୍ରୀକୃଷ୍ଣ ।

ଭାଗବତ ମତରେ ଗୋବିନ୍ଦ ଶବ୍ଦ 'ଗୋପେନ୍ଦ୍ର'ର ଅପଭ୍ରଂଶ ।

ଗୋକୁଳ ସୁନ୍ଦର- ଗୋପପୁରର ଶୋଭାବର୍ଦ୍ଧକ ।

ରାମଅନୁଜ-ବଳରାମଙ୍କ ସାନଭାଇ

ଦାମୋଦର-ଦାମ (ଜ୍ୟୋତିରେଖା) ଉଦରରେ ଥିବାରୁ ତାହାଙ୍କର ନାମ ଦାମୋଦର ।

୨. କଂସାରି - କଂସର ଶତ୍ରୁ । ମାଧବ - ଲକ୍ଷ୍ମୀଙ୍କର ପତି, ନନ୍ଦକ - ଶ୍ରୀକୃଷ୍ଣଙ୍କ ଖଡ୍‌ଗର ନାମ ।

୩. ରମାରମଣ - (ରମା-ଲକ୍ଷ୍ମୀ; ରମଣ-ପତି) ଲକ୍ଷ୍ମୀପତି । ଦଇତାରି - ଦୈତାରି-ଦୈତ୍ୟମାନଙ୍କର ଶତ୍ରୁ । ଅନନ୍ତ- ଯାହାଙ୍କର ଅନ୍ତ ଅଥବା ସୀମା ନାହିଁ । ଅଖିଳବିହାରୀ-ଯେ ବ୍ରହ୍ମାଣ୍ଡରେ ସର୍ବତ୍ର ବ୍ୟାପି ଅଛନ୍ତି, ଅନ୍ତର୍ଯ୍ୟାମୀ ।

ଅକ୍ରୂରଙ୍କ ପ୍ରତି ଅତିଥିଚର୍ଚ୍ଚା; ମଥୁରାର କୁଶଳପ୍ରଶ୍ନ ଓ ତାଙ୍କର ଗୋପକୁ ଆସିବାର କାରଣ ଜିଜ୍ଞାସା; ବିନାଶ ନିମି   କୃଷ୍ଣଙ୍କୁ କପଟରେ ମଥୁରା ନେବାରେ କଂସର ଦୌତ୍ୟ ସ୍ୱୀକାର ଭଳି ଅକ୍ରୂରଙ୍କ ପ୍ରତ୍ୟୁ   ର; କୃଷ୍ଣଙ୍କ ଆଦେଶରେ ନନ୍ଦଙ୍କୁ କଂସର ଆଜ୍ଞା ପତ୍ରିକା ଦାନ ଓ ତାଙ୍କଠାରେ ସକ୍ରୋଧ ପ୍ରଭୁତ୍ୱବିସ୍ତାର ଆଦି ପ୍ରସଙ୍ଗ ୨ୟ ଛାନ୍ଦରେ ବର୍ଣ୍ଣିତ ହୋଇଛି ।

**୩ୟ ଛାନ୍ଦ :–**

କଂସର ପତ୍ର । ଇନ୍ଦ୍ର ଚନ୍ଦ୍ରାଦି ଦେବତାମାନେ କଂସର ବଶ୍ୟତା ସ୍ୱୀକାର କରିବା ଭଳି ସ୍ୱକୀୟ ପ୍ରଭୂତ ବଳବୀର୍ଯ୍ୟର ଘୋଷଣା; ନନ୍ଦର ଅବଜ୍ଞା; ପ୍ରତିଶୋଧ ନିମି   କଂସର ତର୍ଜନ; ସବାନ୍ଧବ ସମ୍ଭାର ସହିତ ଯାଇ ରାଜକୃପାଭିକ୍ଷାକରିବା ନିମି   ନନ୍ଦଙ୍କ ପ୍ରତି ଆଦେଶବାଣୀ; ବନ୍ଧୁଜନୋଚିତ ଆଦର ଗୌରବରେ ଆଗାମୀ ଧନୁଉତ୍ସବରେ ରାମହରିଙ୍କ ଉପସ୍ଥିତି ନିମି   ଆଜ୍ଞା; କାତର ହୃଦୟରେ ନନ୍ଦଙ୍କର ମଥୁରାଗମନବା ର୍ । ରାଜ୍ୟରେ ଘୋଷଣା ଓ ବହୁଆଦରରେ ଅକ୍ରୂରଙ୍କ ସତ୍‌କାର ଏହି ଛାନ୍ଦରେ ବର୍ଣ୍ଣିତ ହୋଇଛି ।

**୪ର୍ଥ ଛାନ୍ଦ :–**

ଧନୁଉତ୍ସବ ଦର୍ଶନ ନିମି   କୃଷ୍ଣଙ୍କର ମଥୁରାଗମନ ବା ର୍ । ଶ୍ରବଣରେ ଗୋପୀଙ୍କ ଆତଙ୍କ ଓ ଉତ୍କଣ୍ଠା ବର୍ଦ୍ଧନ । ସମ୍ଭାର ସନ୍ଧ୍ୟାକାଳରେ ଗୋପୀଙ୍କର ନନ୍ଦଙ୍କ ଗୃହକୁ ଗମନ ଓ କୃଷ୍ଣଙ୍କ ଆୟୋଜନର କାରଣ ଜିଜ୍ଞାସା, କୃଷ୍ଣଙ୍କର ମଥୁରାଗମନର ନିଶ୍ଚିତତା ପ୍ରତିପାଦନ ଏବଂ ଗୋପୀମାନଙ୍କର ଚିନ୍ତାସାଗରରେ ମଜ୍ଜନ ।

●

୪. ଗରୁଡ଼ାସନ - ଗରୁଡ଼ ଯାହାଙ୍କର ବାହନ । ପୀତବାସ - ହଳଦିଆ ଲୁଗା ଯାହାଙ୍କର । ବକାରି - ବକ ଅସୁରର ଶତ୍ରୁ, କଂସ ଅନୁଚର ବକକୁ ଶ୍ରୀକୃଷ୍ଣ ମଧୁବନରେ ନାଶ କରିଥିଲେ । ନରକ- ପ୍ରାଗ ଜ୍ୟୋତିଷ ପୁରର ଅଧିପତି ଅସୁର । ସେ ଇନ୍ଦ୍ରମାତା ଅଦିତିଙ୍କର କୁଣ୍ଡଳ ଦ୍ୱୟ ଓ ଇନ୍ଦ୍ରଙ୍କ ଛତ୍ର ହରଣ କରିଥିଲା ଓ ଇନ୍ଦ୍ରଙ୍କୁ ମଧ ମେରୁ ପର୍ବତରୁ ସ୍ଥାନଚ୍ୟୁତ କରିଥିଲା । ଇନ୍ଦ୍ର ଶ୍ରୀକୃଷ୍ଣଙ୍କୁ ନରକର ଅତ୍ୟାଚାର ବିଷୟ ଜଣାଇଥିଲେ । କୃଷ୍ଣଚନ୍ଦ୍ର ନରକକୁ ମାରି ଅଦିତିଙ୍କ କୁଣ୍ଡଳ ଓ ଇନ୍ଦ୍ରଙ୍କର ଛତ୍ର ଉଦ୍ଧାର କରିଥିଲେ ଓ ନରକର ଅନ୍ତଃପୁରରେ ଥିବା ଷୋଳ ସହସ୍ରରୁ ଅଧିକ ଦେବ-ଗନ୍ଧର୍ବ-ମାନବ କନ୍ୟା ଓ ଅପସରାମାନଙ୍କୁ ନିଜ ଅନ୍ତଃପୁରରେ ରଖିଥିଲେ ।

୫. ମୁରାରି - ମୁର ଅସୁରର ଶତ୍ରୁ, ସେ ଅସୁର ନାରକାସୁରର ପ୍ରଧାନ ସେନାପତି ଥିଲା । କାରଣ- ସଲିଳ-ବିହାରୀ– ସଙ୍କର୍ଷଣ ରୂପରେ କାରଣାର୍ଣ୍ଣବରେ ଶୟନ କରନ୍ତି ।

୬. ଜଗତଜୀବନ - ସଂସାରର ପ୍ରାଣରୂପୀ । ମୋହନ - ଲୀଳାରେ ଯେ ସମସ୍ତଙ୍କୁ ମୁଗ୍ଧକରି ରଖିଅଛନ୍ତି । ନୃସିଂହହରିଣ୍ୟଧ୍ୱଂସନ - ହିରଣ୍ୟ ଅସୁର କଶ୍ୟପ ଓ ଦିତିଙ୍କର ପୁତ୍ର । ସେ ବ୍ରହ୍ମାଙ୍କ ବରରେ ଅତିପ୍ରତାପୀ ହୋଇ ଇନ୍ଦ୍ରଙ୍କ ଇନ୍ଦ୍ରତ୍ୱ ହରଣ କରି ତ୍ରିଲୋକକୁ ପୀଡ଼ା ଦେବାକୁ ଲାଗିଲା । ତାର ପୁତ୍ର ପ୍ରହ୍ଲାଦ ବିଷ୍ଣୁଙ୍କର ଉପାସକ ହୋଇଥିବାରୁ ସେ ରାଗିଯାଇ ପୁତ୍ରକୁ ବହୁତ ଶାସ୍ତି ଦେଲା ଏବଂ ବିଷ୍ଣୁଙ୍କୁ ନିନ୍ଦାକଲା । ପୁତ୍ର ପ୍ରହ୍ଲାଦର କାତର ଆହ୍ୱାନରେ ବିଷ୍ଣୁ ସ୍ତମ୍ଭରୁ ନୃସିଂହରୂପେ ବାହାରି ହରିଣ୍ୟକୁ ନାଶ କରିଥିଲେ ।

୭. ଯାଦବ - ଯଦୁ ବଂଶରେ ଜାତ । ବରଜ ଚନ୍ଦ୍ରମା - ବରଜ (ବ୍ରଜ) ଗୋକୁଳର ଚନ୍ଦ୍ରମା - ତାହାର ଆହ୍ଲାଦ ଦାୟକ । କାରଣ - କାର୍ଯ୍ୟ, ବିଶ୍ୱକର୍ମା - ଦେବଶିଳ୍ପୀ ।

୧୦. ଆତ୍ମାରାମ - ସର୍ବ ଆତ୍ମାରୂପ ନିଜ ଆତ୍ମାରେ ଯେ ବିଳାସ କରନ୍ତି ।

୧୧. ଶ୍ରୁତି - ବେଦ ଉପନିଷଦାଦି । ସ୍ମୃତି - ମନୁ ଯାଜ୍ଞବଲ୍କ୍ୟ ପ୍ରଭୃତି ଧର୍ମଶାସ୍ତ୍ର ।

୧୨. ବିର ୍ - ବ୍ରହ୍ମା । ଚତୁର୍ଦ୍ଦଶ ଭୁବନ - ଅତଳ, ବିତଳ, ସୁତଳ, ରସାତଳ, ତଳାତଳ ମହାତଳ, ପାତାଳ, ଭୂଃ, ଭୁବଃ, ସ୍ୱଃ, ମହଃ, ଜନଃ, ତପଃ, ସତ୍ୟମ୍ ।

୧୩. ବକତା - ବ୍ୟକ୍ତ

୧୪. ବ୍ୟତ୍ରକେ - ବ୍ୟତିରେକେ, ବିନା ।

୧୬. ପଙ୍କଜ ପୟରେ - ପଦ୍ମପାଦରେ

୧୭. ଦରିଦ୍ରଜୀବନ - ଦରିଦ୍ରତାମୟ ଜୀବନ

୧୯. ଜ୍ଞାନ... ମୁନିଗଣେ - ମୁନିମାନେ ଜ୍ଞାନଯୋଗରେ ଓ ଭକ୍ତିଯୋଗରେ ମୁକ୍ତି ପାଇଅଛନ୍ତି । ଜ୍ଞାନ - ଜ୍ଞାନ ଯୋଗ । ସ୍ମରଣ, ପଠନ, ଶ୍ରବଣେ - ଭକ୍ତିଯୋଗ; ନବଧାଭକ୍ତିର ଅଙ୍ଗବିଶେଷ । ନବଧାଭକ୍ତି ଯଥା - ଶ୍ରବଣ, କୀ ର୍ନ, ସ୍ମରଣ ଭଜନ, ପୂଜନ, ଅଭିବନ୍ଦନ, ଦାସ୍ୟ, ସଖ୍ୟ, ଆତ୍ମନିବେଦନ ।

୨୧. ଭବକଳୁଷସନ୍ତାପ - ସଂସାରର ପାପତାପ ।

୨୨. ଭବଭବନରେ - ସଂସାରଜଳରେ (ଭବସାଗରରେ) ବା ସଂସାର ରୂପ ଅରଣ୍ୟରେ ।

୨୩. ପାପଅନଳ - ପାପରୂପ ଅଗ୍ନି । ପିଣ୍ଡକାଷ୍ଠ - ଶରୀର ହେଲା କାଠ ।

୨୮. ବାରିଧି - ସମୁଦ୍ର ।

୩୧. କେଶୀ - କଂସର ଅନୁଚର । କୃଷ୍ଣ ଭାଣ୍ଡୀର ବନରେ କେଶୀ ଦୈତ୍ୟକୁ ହତ୍ୟାକରିଥିଲେ । ସାଧିଲ - ନାଶକଲ । ରାଗବନ୍ଧରେ - ଛାନ୍ଦ ବନ୍ଧରେ ଅର୍ଥାତ୍ କାବ୍ୟାକାରରେ ।

୩୫. ଉଷତ - ଆନନ୍ଦିତ (ହୃଷ୍ଟ ବା ଉଲ୍ଲସିତ ଶବ୍ଦରୁ ଅପଭ୍ରଷ୍ଟ)

୩୬. ଦୁର୍ମିଳା ବା ଦ୍ରୁମିଳା - ଜନୈକ ବିଦ୍ୟାଧର ଭୃତ୍ୟ ରୂପରେ ଇନ୍ଦ୍ରଙ୍କୁ ସେବା କରୁଥିଲା । ତାଙ୍କଠାରେ ଅପରାଧୀ ହେବାରୁ ଅଭିଶପ୍ତ ହୋଇ ମ ୍ୟରେ ଦାନବରୂପ ଧରି ଦୁର୍ମିଳା ନାମରେ ଅଭିହିତ ହେଲା । ସେ ସୌଭ ଦେଶର ରାଜା ହୋଇ ଗୋମତୀ ତୀରରେ ବାସ କରୁଥିଲା । ଏକଦା ମଥୁରା ରାଜା ଉଗ୍ରସେନଙ୍କର ପାଟମହିଷୀ ଇନ୍ଦୁମତୀ ପୁଷ୍ପବତୀ ହୋଇ ଶୁଦ୍ଧସ୍ନାନ କରିବା ନିମନ୍ତେ ଯମୁନାକୁ ଯାଇଥିଲେ । ତାଙ୍କର ପ୍ରତ୍ୟାବ ର୍ନ କାଳରେ ଦୁର୍ମିଳା ଇନ୍ଦୁମତୀଙ୍କ ରୂପରେ ମୁଗ୍ଧ ହୋଇ କପଟରେ ଉଗ୍ରସେନଙ୍କ ରୂପ ଧାରଣ କରି ଇନ୍ଦୁମତୀଙ୍କ ସହ ରମଣ କଲା । ତହୁଁ ଇନ୍ଦୁମତୀଙ୍କ ଗର୍ଭରେ କଂସଜାତ ହୋଇଥିଲେ ।

୪୨. ସୁନାସୀର - ଇନ୍ଦ୍ର । ୪୩. ପିତାମହ - ବ୍ରହ୍ମା ୪୪. ଅନନ୍ତ -ମହାବିଷ୍ଣୁ, ଦେବନ୍ତ - ଦେବତାମାନେ ।

୪୫. ଯିବମାର - ମୃତ୍ୟୁ ଲଭିବ ୪୬. ବେଦବର - ବ୍ରହ୍ମା

୫୫. ନାଗଶୟନ - ଅନନ୍ତ ଶଯ୍ୟା ।

୫୯. ପୂତନା - ଅଘା ଓ ବକର ଭଉଣୀ । ସେ ସ୍ତନରେ ବିଷ ପୂରାଇ କୃଷ୍ଣଚନ୍ଦ୍ରଙ୍କୁ ମାରିବାକୁ ଯାଇଥିଲା । କୃଷ୍ଣଚନ୍ଦ୍ର ତାହାର ସ୍ତନ୍ୟପାନକରି

ଜୀବନ ଶୋଷଣ କରିଥିଲେ । ସେହ୍ନା - କବଚ । ବଜ୍ରସେହ୍ନା - ଏଠାରେ ବଜ୍ରପରି ଶରୀର ଯାହାଙ୍କର ।

୬୦. ତୃଣା, ଶକଟା, ବକା, ଅଘା - କଂସର ଅନୁଚର ଅସୁରମାନେ । ଏମାନଙ୍କୁ ଶ୍ରୀକୃଷ୍ଣ ବଧ କରିଥିଲେ । କୁବେରକୁମର - କୁବେରଙ୍କର ଦୁଇପୁତ୍ର ନଳକୁବର ଓ ମଣିଗ୍ରୀବ ସୁରାପାନକରି ଗନ୍ଧର୍ବ ସ୍ତ୍ରୀଙ୍କ ସହ ଜଳକ୍ରୀଡ଼ାରେ ମ ଥାଇ ନାରଦଙ୍କୁ ସମ୍ମାନ ପ୍ରଦର୍ଶନ ନକରିବାରୁ ତାଙ୍କର ଅଭିଶାପରେ ସେମାନେ ଏକଶତ ବର୍ଷ ପର୍ଯ୍ୟନ୍ତ ଯାମଳାର୍ଜ୍ଜୁନ ବୃକ୍ଷରୂପରେ କୃଷ୍ଣଙ୍କ ସାନ୍ନିଧ ପାଇଁ ଗୋପନରେ ରହିଥିଲେ । କୃଷ୍ଣଚନ୍ଦ୍ରଙ୍କୁ ଯଶୋଦା ଯାମଳାର୍ଜ୍ଜୁନ ବୃକ୍ଷରେ ବନ୍ଧନ କରିଥିଲେ । ଏହି ଅବସରରେ ଶ୍ରୀକୃଷ୍ଣ ଯମଳାର୍ଜ୍ଜୁନ ଭାଙ୍ଗି ସେମାନଙ୍କୁ ଉଦ୍ଧାର କରିଥିଲେ ।

୬୧. କାଳୀ......... ଦଳିଲେ - ଏଠାରେ କବି କାଳୀୟଦଳନକୁ ଲକ୍ଷ୍ୟ କରିଅଛନ୍ତି । ବନ ଅନଳ ....ଗିଳିଲେ - ଏରଣ୍ଡବନରେ ଅଗ୍ନିଉଥିତ ହୋଇ ବ୍ରଜବାସୀଙ୍କୁ ଚାରିଆଡୁ ଘେରି ଦଗ୍ଧ କରିବାକୁ ଆରମ୍ଭ କଲା । ସେମାନେ ସେହି ଅବସ୍ଥାରେ କୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ; ତେଣୁ ସେ ସେହି ଅଗ୍ନି ପାନ କରିଥିଲେ । (ଭାଗବତ-୧୦ମ ସ୍କନ୍ଧ ୭ମ ଅଧ୍ୟାୟ) ।

୬୨. ବଛା......ଜାତ । ଏହି ପ୍ରସଙ୍ଗଟି ଭାଗବତର ୧୦ମ ସ୍କନ୍ଧରେ ବର୍ଣ୍ଣିତ ହୋଇଛି । ଏକଦା ଶ୍ରୀକୃଷ୍ଣ ଗୋପାଳ ବାଳକ ମାନଙ୍କ ସହିତ ଯମୁନାତୀରବ ୀ ବନରେ ବଣଭୋଜିରେ ବ୍ୟସ୍ତଥିବାବେଳେ ବ୍ରହ୍ମା ଶ୍ରୀକୃଷ୍ଣଙ୍କ କାର୍ଯ୍ୟ କଳାପରେ ସନ୍ଦିହାନ ହୋଇପଡ଼ିଲେ । ପରୀକ୍ଷା ପାଇଁ ସେ ନିକଟ ଅରଣ୍ୟରେ ଚରୁଥିବା ବାଛୁରୀମାନଙ୍କୁ ନିଜ କମଣ୍ଡଳୁରେ ହରଣ କରିନେଲେ । ଶ୍ରୀକୃଷ୍ଣ ଅରଣ୍ୟ ମଧ୍ୟକୁ ଯାଇ ବାଛୁରୀମାନଙ୍କୁ ଖୋଜିବାବେଳେ ବ୍ରହ୍ମା ଏଣେ ଗୋପାଳ ବାଳକ ମାନଙ୍କୁ ମଧ୍ୟ ହରଣ

କରିନେଲେ । କୃଷ୍ଣ ବାଛୁରୀ ଓ ଗୋପବାଳକମାନଙ୍କୁ ନପାଇ ଏହା ବ୍ରହ୍ମାଙ୍କର କାର୍ଯ୍ୟ ବୋଲି ପରେ ଜାଣି ପାରି ବ୍ରହ୍ମାଙ୍କୁ ଶାସ୍ତି ଦେବା ଉଦ୍ଦେଶ୍ୟରେ ନିଜେ ସମସ୍ତ ବାଛୁରୀ ଓ ଗୋପ ବାଳକ ରୂପ ହୋଇ ଗୋପକୁ ପ୍ରତ୍ୟାବ ର୍ନ କଲେ । ଏହିପରି ଏକବର୍ଷ ଅତିବାହିତ ହେବାପରେ ବ୍ରହ୍ମାପୁଣି ଆସି ଦେଖନ୍ତି ଯେ ବୃନ୍ଦାବନରେ ପୂର୍ବବତ୍ ବାଛୁରୀ ଓ ଗୋପବାଳକମାନେ ଗୋଚାରଣରେ ବ୍ୟସ୍ତ ଅଛନ୍ତି । ବ୍ରହ୍ମା ନିଜ ପୁରକୁ ଯାଇ ଦେଖନ୍ତି ଯେ ସେଠାରେ ମଧ୍ୟ ବାଛୁରୀ ଓ ଗୋପବାଳକ ମାନେ ଅଛନ୍ତି । ଦୁଇଟି ସ୍ଥାନରେ ଏକ ସମୟରେ ବତ୍ସା ଓ ବାଳକ ମାନଙ୍କ ସ୍ଥିତିରେ ବ୍ରହ୍ମା ନିଜର ଅଜ୍ଞତା ବୁଝିପାରି ଶ୍ରୀକୃଷ୍ଣଙ୍କ ଚରଣ ବନ୍ଦନା କଲେ ।

୬୩. ନନ୍ଦରାଜାଙ୍କୁ......ରମାରମଣ – ନନ୍ଦ ଦ୍ୱାଦଶୀ ଦିନ ଆସୁରୀବେଳା ଅଗ୍ରାହ୍ୟକରି ରାତ୍ରିରେ କାଳିନ୍ଦୀର ଜଳରେ ସ୍ନାନ କରୁଥିଲେ । ଏଥି ହେତୁ ବରୁଣର ଜଣେ ଭୃତ୍ୟ ତାହାଙ୍କୁ ଧରି ବରୁଣଙ୍କ ନିକଟକୁ ନେଇ ଯାଇଥିଲା । କୃଷ୍ଣଚନ୍ଦ୍ର ବରୁଣାଳୟକୁ ଯାଇ ନନ୍ଦଙ୍କୁ ମୋଚନ କରିଥିଲେ ।

୬୪. ଇନ୍ଦ୍ରବିବାଦେ.......ଜଗତଜୀବନ, ଏକଦା ଗୋପପୁରରେ ନନ୍ଦ ରାଜା ଗୋପାଳମାନଙ୍କ ସହିତ ମିଶି ଇନ୍ଦ୍ରପୂଜା କରିବାପାଇଁ ଆୟୋଜନ କରିବା ସମୟରେ ଶ୍ରୀକୃଷ୍ଣ ସେମାନଙ୍କୁ ଇନ୍ଦ୍ରର ପୂଜା ନକରି ଗିରି ଗୋବର୍ଦ୍ଧନକୁ ପୂଜା କରିବା ପାଇଁ ପରାମର୍ଶ ଦେଲେ । ଶ୍ରୀକୃଷ୍ଣଙ୍କ କଥା ଅନୁସାରେ ଇନ୍ଦ୍ରଙ୍କ ପୂଜା ପରିବର୍ତେ ଗୋବର୍ଦ୍ଧନ ପୂଜା ହେବାରୁ ଏଥିରେ ଇନ୍ଦ୍ର ଦେବତା କ୍ରୁଧ ହୋଇ ସାତଦିନ ନିରନ୍ତର ଘଡ଼ଘଡ଼ି ଓ ବିଜୁଳି ଇତ୍ୟାଦି ସମେତ ବର୍ଷା କରାଇଲେ । ଗୋପାଳ ମାନେ କାତର ହୋଇପଡ଼ିଲେ । ଏହି ବିପଦରୁ ସେମାନଙ୍କୁ ରକ୍ଷା କରିବା ପାଇଁ ଶ୍ରୀକୃଷ୍ଣ ବାମକରରେ ଗିରି ଉତ୍ପାଟନ କରି ଛତ୍ର ଆକାରରେ ତାକୁ ଧାରଣ କରି ତା'ତଳେ

ସମସ୍ତ ଗୋରୁ ଓ ଗୋପାଳଙ୍କୁ ସୁରକ୍ଷା ଦେଇଥିଲେ । ଶ୍ରୀକୃଷ୍ଣଙ୍କ ଏହି ମହିମା ଦେଖି ଇନ୍ଦ୍ର ପରାଭୂତ ହୋଇଥିଲେ ।

୬୭. କେଶୀ–କୃଷ୍ଣ ଭାଣ୍ଡୀରବନରେ କଂସର ଅଶ୍ୱରୂପୀ ଅନୁଚର କେଶୀକୁ ହତ୍ୟା କରିଥିଲେ ।

୬୮. ବ୍ୟୋମା– ଥରେ ଗୋପାଳମାନେ ପଶୁପାଳକ ଓ ମେଷରୂପ ଧରି ଚୋରିଖେଳ ଆରମ୍ଭ କଲେ । ବ୍ୟୋମାସୁର ଏହି ଅବସରରେ ପଶୁପାଳକ ରୂପଧରି ଗୋପବାଳକମାନଙ୍କୁ ଚୋରିକରି ଗିରିଗହ୍ୱରରେ ରୁଦ୍ଧକଲା । କୃଷ୍ଣଚନ୍ଦ୍ର ତାହା ଜାଣି ତାକୁ ନାଶ କଲେ ଓ ଗୋପଳମାନଙ୍କୁ ଉଦ୍ଧାର କଲେ । ବଛାସୁର - ଏକଧା ଯମୁନା ତୀରବ 1 ବୃନ୍ଦାବନ ସ୍ଥିତ ଗୋବର୍ଦ୍ଧନ ପର୍ବତର ପାଦ ଦେଶରେ କୃଷ୍ଣ ବଳରାମ ଅନ୍ୟାନ୍ୟ ଗୋପାଳ ବାଳକମାନଙ୍କ ସହିତ ବାଛୁରୀ ଚରାଉଥିବାବେଳେ କଂସର ଆଜ୍ଞାରେ କୃଷ୍ଣଙ୍କୁ ମାରିବା ପାଇଁ ତାର ଅନୁଚର ବଛାସୁର ମାୟାରେ ବାଛୁରୀରୂପ ଧରି ଅନ୍ୟାନ୍ୟ ବାଛୁରୀଙ୍କ ମେଳରେ ପଶିଗଲା । କୃଷ୍ଣଚନ୍ଦ୍ର ଏହା ଜାଣିପାରି ବଛାସୁରର ଦୁଇଗୋଡ଼ ଧରି ତାକୁ ନିକଟସ୍ଥ କଇଥ ଗଛରେ ପିଟି ମାରିଦେଇଥିଲେ ।

କଦମ୍ବା– ମନସିଜନାମା ସ୍ୱର୍ଗର ଜନୈକ ଗନ୍ଧର୍ବ । ସେ ମେନକାଙ୍କ ସହିତ ରମଣ କରିବାପାଇଁ ଇଚ୍ଛା ପ୍ରକାଶ କରିବାରୁ ଇନ୍ଦ୍ରଙ୍କ ଦ୍ୱାରା ଅଭିଶପ୍ତ ହୋଇଥିଲା ଓ ମ ୍ୟରେ ଦାନବରୂପ ଧାରଣ କରି ଗୋମତୀ ନଦୀତୀରରେ ବାସ କରୁଥିଲା । ତାକୁ ବଳରାମ ବଧ କରିଥିଲେ । ଧେନୁକା - କଂସ ଅନୁଚର ଗର୍ଦ୍ଦଭରୂପୀ ଅସୁର । ଧେନୁକାକୁ ବଳରାମ ତାଳବନରେ ବିନାଶ କରିଥିଲେ ।

୮୨. ବରଷକର ବ ନ ବସାଣ - ବସାଣ - ବସିଥିବା ଅଥବା ଧାର୍ଯ୍ୟ ହୋଇଥିବା ବ ନ - ରାଜ୍ୟବୃ ି ବା ରାଜଦେୟ ଜମା, ବରଷକର - ଏକବର୍ଷର ।

୮୬. ଶୂନ୍ୟମଣ୍ଡଳେ - ଆକାଶରେ ୮୭. କୁଢ଼ - ରାଶି

୮୮. ଦହିଜ - ଦହ୍ୟ, ଦଗ୍ଧ ।

୯୩. ଦଣ୍ଡଧାରୀ - ରାଜା, କଂସ ।

୯୫. ମନ୍ତ୍ରୀଗଳାରେ ...ମନ୍ଦିର । ମନ୍ତ୍ରୀ ଗଳାରେ ପତ୍ରିକା ଲମ୍ଵାଇ ଆନନ୍ଦିତ ମନରେ ମନ୍ଦିରରୁ ବାହାର ହେଲା

୧୦୦. ଝାଇଁ - ତତଲା, ତପ୍ତ ।

୧୦୧. ଶଙ୍ଖ ଶବଦ..... ଗମନ । ନିଃଶ୍ଵାସ ଶଙ୍ଖ ଶବ୍ଦ ପରି ଶୁଣାଯାଉଛି ।

୧୦୩. କବରୀ - ଜୁଡ଼ା । ଚର୍ମ - ଚରମ - ପୃଷ୍ଠଭାଗ

୧୦୪. ଶୃଗାଳ - ବିଲୁଆ । ଶ୍ଵାନ - କୁକ୍କୁର । ପେଚ - ପେଚା । ଗୃଧ - ଶାଗୁଣା । ଅହି - ସାପ । ମଞ୍ଜାରି - ବିରାଡ଼ି

୧୦୮. ଭାନୁ - ସୂର୍ଯ୍ୟ ।

**୨ୟ ଛାନ୍ଦ :—**

୧. ସଫଳାସୁତ - ଅଙ୍କୁର ।

୨. ବାଗ ଦଉଡ଼ି - ଲଗାମ । ମଟକ- ପଲକ ଛଟକ - ଶୋଭା; ଏଠାରେ ଚ ଲତା ଓ ଶୋଭା ଉଭୟ ଅର୍ଥ ବୁଝାଉଛି ।

୩. ରହୁବର - ରଥ ଶ୍ରେଷ୍ଠ । ଦେବଙ୍କ ରାଜେ - କୃଷ୍ଣଚନ୍ଦ୍ର । ବିଜେ କରିବେ - ଯାତ୍ରା କରିବେ ।

୪. ଡଗର - ଦୂତ । ତାତ - ପିତା

୫. ଜଳଦତନୁ - ମେଘପରି ଦେହ ଯାହାଙ୍କର ।

୮. ବିଶ୍ୱାସମାନ - ବିଶ୍ୱାସକଥାସବୁ ।

୯. ଶ୍ରୀପତି - ଶ୍ରୀ (ଲକ୍ଷ୍ମୀ)ଙ୍କର ପତି - ଶ୍ରୀକୃଷ୍ଣ । ଭବବନ୍ଧ - ସଂସାର ବନ୍ଧନ, ମାୟା

୧୦. ଏମନ୍ତ ଭାଳି... ପଦ୍ମପାଦ - ଶ୍ରୀକୃଷ୍ଣଚନ୍ଦ୍ରଙ୍କର ପାଦରେ ଅଷ୍ଟାଦଶ ଚିହ୍ନ ଅଛି । ସେଥି ମଧ୍ୟରୁ କପି, ଧ୍ୱଜ (ପତାକା), ଅଙ୍କୁଶ (ଆଙ୍କୁଡ଼ି) ଓ ଚନ୍ଦ୍ର ଏ ତିନୋଟି ମାତ୍ର ନିର୍ଦ୍ଦେଶ କରିଅଛନ୍ତି ।

୧୧. ଶିରେ ମୁଣ୍ଡରେ । ନିଉଡ଼େ - ବୋଳେ ବା ଢାଳେ

୧୨/୧୩. କହି ହୁଡ଼ଇ ........ ଅଚେତନ - କହି ହୁଡ଼ଇ - କହିବାରେ ହୁଡୁଛି ଅର୍ଥାତ୍ ସ୍ପଷ୍ଟ କହିପାରୁନାହିଁ - ସ୍ୱରଭଙ୍ଗ, ଉଠି ପଡ଼ଇ - ଉନ୍ମାଦ । ଶୂନ୍ୟକୁ କୋଳ କରି ଆକୁଳ କମ୍ପଇ ପ୍ରେମଭରେ - ବେପଥୁ; ଚକ୍ଷୁବୁଜଇ...ଲୀଳାମାନ - ତନ୍ମୟତା ଓ ଧ୍ୟାନ; ଉଚ୍ଚେ ଗର୍ଜଇ - ପ୍ରଳାପ, ବାତୁଳ ହୋଇ - ଉନ୍ମାଦ; ଅଚେତନ - ମୂର୍ଚ୍ଛା

୧୪. ଅଳପ ଚାହିଁ ... ଭାବେ - ତନ୍ମୟ ଭାବ ।

୧୫. ରାଢ଼ - କୃପଣ, ନିର୍ଦ୍ଦୟ । ଗୋପମାର୍ଗ - ବ୍ରଜ ଦାଣ୍ଡ ।

୧୬. ଦ୍ରହାସେ - ଦରହସରେ ଅଥବା ଅଳ୍ପ ହାସରେ ।

୧୭. ସୀମାନ୍ତରେ - ପ୍ରାନ୍ତରେ, ଶେଷ ଭାଗରେ ।

୧୮. ମେଳେ - ମେଳରେ, ଜୀମୂତ - ମେଘ । ବିଦ୍ୟୁ - ବିଜୁଳି ।

୧୯. ତ୍ରିମୁଣ୍ଡୀ - ଏକପ୍ରକାର ଜୁଡ଼ା । ସେଥିରେ ଫୁଲର ଗଭାଥାଏ ।

୨୦. ଅଳକା - ଚୂର୍ଣ୍ଣକୁନ୍ତଳ, ଚୁନଚୁନିଆ ବାଳ, ଝଳି-ଶୋଭା । ପୁଷ୍ପଚାପ - ଫୁଲଧନୁ । ଧାପ - ଦଉଡ଼ । ନୟନ ହେଲା ବାଣ; ଅଞ୍ଜନ ଅର୍ଥାତ୍ କଜ୍ଜ୍ୱଳ ଲାଞ୍ଜି ହେଲା ଗୁଣ ବା ଦଉଡ଼ି ।

୨୧. ତିଳ କୁସୁମ - ଖସାଫୁଲ । ଅଧର - ଓଷ୍ଠ । ପାରିଜାତ - ସ୍ୱର୍ଗମନ୍ଦାର । ଶତପତ୍ର - ପଦ୍ମ । ରବି (ସୂର୍ଯ୍ୟ) ମଣ୍ଡଳ ରୂପ କର୍ଣ୍ଣକୁଣ୍ଡଳ ପଦ୍ମକୁ ନିନ୍ଦାକରେ ।

୨୨. ଡାଳିମ୍ବ ବୀଜ - ଡାଳିମ୍ବମଞ୍ଜି । ରଦନ ତେଜ - ଦନ୍ତର କାନ୍ତି । ରୁଚି - ଶୋଭାକାନ୍ତି । ଡାଳିମ୍ବବୀଜ.... ଇନ୍ଦୁ । ଡାଳିମ୍ବ ମଞ୍ଜି ସଦୃଶ ତାଙ୍କର ଦାନ୍ତ ଗୁଡ଼ିକ ଶୋଭାରେ ଇନ୍ଦୁ (ଚନ୍ଦ୍ର)କୁ ନିନ୍ଦା କରୁଛି ।

୨୩. ଦାମମାଳା - ଏଠାରେ ବନମାଳା । ଦୋହନକାଳେ - ଗାଈଦୁହାଁ ବେଳେ । କଙ୍କଣ ଶବ୍ଦ କରେ - “କଙ୍କଣ ଝଙ୍କ ବାଜେ”

୨୪. ପରିଧାପନ - ପରିଧାନ । ଅଙ୍ଗିର - ଅଗ୍ନି, ବିଜୁଳି ଅର୍ଥରେ ମଧ୍ୟ ବେଦରେ ବ୍ୟବହୃତ ହୋଇଛି ।

୨୫. ରୋହିଣୀ ବଳା - ରୋହିଣୀ ପୁଅ (ବଳରାମ) ।

୨୬. ନୟନଘୂମ - ନିଦୁଆ ଆଖି, ଢୁଳୁ ଢୁଳୁ ଆଖି । ଗୋକ୍ଷୀର - ଦୁଗ୍ଧ । ମାରତଣ୍ଡ - ସୂର୍ଯ୍ୟ ବଳରାମଙ୍କ କାନର ବର୍ଣ୍ଣ ଚନ୍ଦ୍ରମା ସଦୃଶ ଓ ତହିଁରେ ଥିବା କୁଣ୍ଡଳ ସୂର୍ଯ୍ୟ ସଦୃଶ ।

୨୭. କଞ୍ଜ - ପଦ୍ମ । ଜବା - ମନ୍ଦାର

୨୮. ନୀଳପଟ - ନୀଳବସ୍ତ୍ର । ମଞ୍ଜୀର - ନୂପୁର

୨୯. ସୋଦର - ଭାଇ । ଲିହନ୍ତେ - ଚାଟନ୍ତେ

୩୦. ଚାଣ୍ଡେ - ଶୀଘ୍ର, ଚ ଳ

୩୧. ମନ୍ତ୍ରୀମଣି - ଅକ୍ରୁର

୩୩. ତାତଭ୍ରାତ - ଖୁଡ଼ୁତା

୩୪. ମାୟା ସଂହରି - କୃଷ୍ଣଚନ୍ଦ୍ର ମାୟାଦୂର କରିବାରୁ ।

୩୬. ଉର - ଛାତି

୩୭. ତ୍ରିଯାଦବେ - ରାମ, କୃଷ୍ଣ ଓ ଅକ୍ରୁର

୩୮. ପୁରପିଷ୍ଟକ - ପୁରପିଠା

୪୦. ବତ୍ସଳ - ପ୍ରିୟ ।

୪୧. ଝୀନବସନ - ସରୁଲୁଗା; ସୀମାସ୍ଥାନ - ମାଣ୍ଡି, ତକିଆ । ସୀମା ସ୍ଥାନ ଅର୍ଥ ମଧ୍ୟ ଶିର ।

୪୪. ଏଥ - ଏଠାରେ

୪୫. ଭୋଜ ସାଇଁ - କଂସ

୪୬. ଦୃମିଳାଚାଟ - ଦୁର୍ମିଳା ପୁଅ କଂସ । ଅଜ୍ଞାନ - ଜ୍ଞାନହୀନ, ନଷ୍ଟ, ପତିତ, ଧର୍ମହୀନ

୪୮. ନିରେଖ - ନିରକ୍ଷ, ଅସହାୟ । ଭଙ୍ଗି - ଛଳ ।

୪୯. ବାଗେ - ପ୍ରକାରେ, କୌଶଳରେ ।

୫୦. ଶାରଙ୍ଗ - ଧନୁ । ଶାରଙ୍ଗପାଣି - ଧନୁହସ୍ତରେ ଯାହାଙ୍କର (କୃଷ୍ଣଚନ୍ଦ୍ର)

୫୨. ଦାଉ - ସନ୍ତାପ, ଦୁଃଖ,

୫୪. ବ୍ରହ୍ମାଣ୍ଡମାନେ - ଅସଂଖ୍ୟ ବ୍ରହ୍ମାଣ୍ଡ । ଅମ୍ବର - ଆକାଶ । ଶ୍ରୁତି - ବେଦ । ଭଗବାନଙ୍କର ବିରାଟମୂର୍ତ୍ତି ବର୍ଣ୍ଣିତ ।

୫୬. ଭ୍ରାନ୍ତି - ଭ୍ରମ

୫୭. କୋପଚି - କ୍ରୋଧରେ କହୁଛି ।

୫୮. କଂସର ପାତ୍ର - କଂସର ଲୋକ

୫୯. ଯେଉଁମାନ - ଯେଉଁ ବିଷୟ ଗୁଡ଼ିକ

୬୦. ଗାଢ଼ - ଅତିଶୟ, ଅତିରିକ୍ତ ।

**୩ୟ ଛାନ୍ଦ :—**

୨. ଅଇରିକୁଳକୁ କେତୁ—ଶତ୍ରୁକୁଳକୁ ଧୂମକେତୁ । ରଣରାଜପୁତ୍ରେ — ରଣପ୍ରିୟ ରାଜପୁତ୍ରମାନେ ମୋର ପ୍ରତିଜ୍ଞାରେ ରଣତେଜି ମୃତ୍ୟୁ ଲଭନ୍ତି । ଜନ୍ତୁପତି - ଯମ ।

୪. କୁଧର — ପର୍ବତ । ଅଇରି - ଶତ୍ରୁ । ଉର - ଛାତି, ଶଲ - କୁନ୍ତ । ବ୍ରଜସେହ୍ନା - ଦୁର୍ଭେଦ୍ୟ ସାଞ୍ଜୁ ବିଶେଷ ।

୫. ସୁନାସୀର - ଇନ୍ଦ୍ର । ଜଳଧି - ସମୁଦ୍ର । ଦେବଗୁରୁ - ବୃହସ୍ପତି । ବିଧି - ବ୍ରହ୍ମା

୬. ତାତ - ବ୍ରହ୍ମା ୭. ମୂଳ - ପ୍ରଧାନ କଥା

୮. କଟକାଇ - ଯୁଦ୍ଧ ଆୟୋଜକ କଲେ ବା ସୈନ୍ୟ ସହିତ ଗଡ଼ ଆକ୍ରମଣ କଲେ

୯. ଯାଦବକୂଳ - ଯଦୁବଂଶ । କୁମୁଦବନ - କଇଁସମୂହ । ନିଶାମଣି - ଚନ୍ଦ୍ର ଚନ୍ଦ୍ର କଇଁମାନଙ୍କୁ ପ୍ରଫୁଲ୍ଲିତ କଲାପରି ମୁଁ ଯଦୁବଂଶର ଆନନ୍ଦଦାତା ଅଟେ । ସହିବା ପଣେ - ସହିଷ୍ଣୁତାରେ ।

୧୨. ଅଷ୍ଟଭୂଜ - ବ୍ରହ୍ମା, ୧୩. ଧାପ - ରଣଯାତ୍ରା

୧୪. ଜରାସନ୍ଧ - ମଗଧର ରାଜା । ଭୀମସେନ ହସ୍ତରେ ଶ୍ରୀକୃଷ୍ଣ ତାଙ୍କୁ ମରାଇଥିଲେ ।

୧୫. ହନ୍ତକାର - ଘାତକ

୧୬. ମହାପ୍ରଳୟ ବରଷା - ସଂବ ର୍ମେଘ ।

୧୭. ସମ୍ଭାର - ଦ୍ରବ୍ୟୋପହାର

୧୮. ଗୋଟିକା, ଅଧାମ - ମିଷ୍ଟାନ୍ନ ବିଶେଷ ।

୨୧. ପରଚେ - ଚିହ୍ନା, ପରିଚୟ

୨୨. ଶିରୀପତି - କୃଷ୍ଣ, ୨୫. ପରିଜନ - ଭୃତ୍ୟ । ଭାଇ - ଡାକି ଗୋପସାଇଁ - ଗୋପରାଜା, ନନ୍ଦ ।

**୪ର୍ଥ ଛାନ୍ଦ :–**

୨. ସାୟକ ଶବ୍ଦର ଅର୍ଥ ଶର । କିନ୍ତୁ ଏଠାରେ ସାୟକ ପୂଜା- ଧନୁପୂଜା, ୩. ଥାବର - ସ୍ଥାବର, ପର୍ବତବୃକ୍ଷାଦି । ପାତ- ବିନାଶ, କ୍ଷୟ । ଗୋଈ - ଗୋପୀ ।

୬. ଏଣୀଦୃଶା - ମୃଗନୟନା । ବେନିଚକ୍ଷୁ - ଏଠାରେ କୃଷ୍ଣଚନ୍ଦ୍ର ଓ ବଳରାମ

୭. କୁମୁଦ ମରିବେ - କଇଁସବୁ ମରିବେ । କୁମୁଦରମଣ - ଚନ୍ଦ୍ର

କୁମୁଦ - ନୈର୍ଋତ କୋଣ (ନୈର୍ଋତ କୋଣର ଦିଗ୍‌ଗଜର ନାମ କୁମୁଦ । ସେଥିପାଇଁ ସେହି ଦିଗ୍‌କୋଣ କୁମୁଦ ନାମରେ କବିଙ୍କ ଦ୍ୱାରା କଥିତ ହୋଇଅଛି) ଅନ୍ଧକାରକୁ ବାଢ଼ିବ - ଅନ୍ଧାରକୁ ବଢ଼ାଇଦେବେ ଅର୍ଥାତ୍ ଆଗେଇ ଦେବେ । ଚନ୍ଦ୍ରମା ଚନ୍ଦ୍ରମଣିକୁ ଛାଡ଼େ ନାହିଁ । ଏଠାରେ ସତେ ଛାଡ଼ିବେ କି ?

କୃଷ୍ଣଙ୍କ ପକ୍ଷରେ - କାଲିଠାରୁ କୁମୁଦ ମରିବେ ଅର୍ଥାତ୍ କୁକୁମଦରୂପୀ ଗୋପୀମାନେ ମରିବେ ।

କୁମୁଦରମଣ - କୃଷ୍ଣଚନ୍ଦ୍ର । କୁମୁଦକୁ - ଗୋପପୁରରୁ ମଥୁରାକୁ ଅର୍ଥାତ୍ ଦକ୍ଷିଣ-ପଶ୍ଚିମ କୋଣକୁ ଯିବେ । ମଥୁରା ନଗରୀ ଗୋପପୁରର ଦକ୍ଷିଣ-ପଶ୍ଚିମ (ନୈଋତ) କୋଣରେ ଅବସ୍ଥିତ ।) ଅନ୍ଧକାରକୁ ବାଢ଼ିବ ଅର୍ଥାତ୍ କୃଷ୍ଣଙ୍କ ଅଭାବରେ ଗୋପପୁରରେ ଦୁଃଖ- ଅନ୍ଧକାର ଘୋଟିବ । ସତେକି...... ଛାଡ଼ିବ - କୃଷ୍ଣ ଗୋପୀମାନଙ୍କୁ ଅର୍ଥାତ୍ ଆମ୍ଭମାନଙ୍କୁ ସତେ ଛାଡ଼ିଯିବେ କି ?

୮. କରୀନ୍ଦ୍ର ଗମନା - ଗଜରାଜ ଗତି - ଗୋପୀ ।

ଭୂମିକି ଅନାଇଁ ...... ଅଶୋଭା ଦିଶିବୁ - ଭୂଇଁକି ଅନାଇ ଗୋପୀ କହୁଅଛି - "ରେ ଭୂଇଁ, ତୋହର ଭୂଷଣ ରୂପ ଯେ କୃଷ୍ଣଚନ୍ଦ୍ର ସେ ମଥୁରାକୁ ଯାଉଛନ୍ତି । ତୋହର ଦେହ ଆମ୍ଭମାନଙ୍କ ପରି ତାହାଙ୍କ ଅଭାବରେ ଶିରୀଛଡ଼ା ହେବ ।"

୧୦. ଭୋଜପତି - କଂସ । ଆୟୁନେଉ - ଆମ୍ଭଙ୍କୁ ମାରୁ ।

୧୧. ଲୀଳା - କୃଷ୍ଣଙ୍କ ଖେଳ କଉତୁକ । ବାହୁନି - ଉଚ୍ଚସ୍ୱରରେ ବର୍ଣ୍ଣନା କରି କୋଡ଼େ - ମାରେ ।

୧୨. ସ୍ଥକିତ - ଥିର (ସ୍ତମ୍ଭ, ସା୍ତ୍ୱିକ ଭାବ) । ଭଙ୍ଗାଇ - ନିଷେଧ କରି, ଭାଙ୍ଗୁଣିଆ କରି ।

୧୩. ସାରଣୀ - ଜଣେ ଗୋପୀ । ପ୍ରତିବାଣୀ - ପ୍ରତ୍ୟୁ ର । ମଧୁପୁର - ମଥୁରା । ଭେଳିକି - କୁହୁକ, ଭୋଜବିଦ୍ୟା ।

୧୪. ହେମମାଳା - ଜଣେ ଗୋପୀ.

୧୫. ଭେଳା - ଆଶ୍ରା ବା ଆଶ୍ରୟ । ଧାତା ଛାଡ଼ିଲା - ଦଇବ ଛାଡ଼ିଲା, ବିହି ବାମ ହେଲା । ନିୟତ - ନିଶ୍ଚୟ ।

୧୭. ଅକ୍ରୂର.... ଗମନ – ଅକ୍ରୂର କାହିଁକି ଗୋପକୁ ଆସିଛି ?

ଗୋରସରେ - ଦୁଧରେ ।

୧୮. ବରଜ - କୃଷ୍ଣଚନ୍ଦ୍ର (ବରଜ ସୁନ୍ଦର ବା ବରଜ ରାଜ ଶବ୍ଦର ଏକ ଦେଶ ଗ୍ରହଣ) ବରଜ ଚତୁରୀ - ଗୋପୀ । ବରଗିଛି - ପଠାଇଛି ।

୨୦. ରମଣ - କାନ୍ତ, ଗୋପୀରମଣ ଅର୍ଥରେ । ଚିନ୍ତାରତ୍ନାକରେ – ଚିନ୍ତାରୂପ ସମୁଦ୍ରରେ । ମନମୀନ - ମନରୂପ ମାଛ ବୁଡ଼ିଗଲା । କାରୁଣ - କାରୁଣ୍ୟ, ରୋଦନ ।

# ନମୁନା ପ୍ରଶ୍ନାବଳୀ

## (କ) ୧ ନମ୍ବର ବିଶିଷ୍ଟ ସମ୍ଭାବ୍ୟ ଉ  ର ମୂଳକ ପ୍ରଶ୍ନାବଳୀ ।

୧. ଶ୍ରୀକୃଷ୍ଣଙ୍କ ଖଡ୍‌ଗର ନାମ କ'ଣ ?

(କ) ସୁଦର୍ଶନ (ଖ) ନନ୍ଦକ

(ଗ) ମାଧବ (ଘ) ବକାରି

୨. ଦୁର୍ମିଳା ନନ୍ଦନ କାହାକୁ କୁହାଯାଇଛି ।

(କ) ନନ୍ଦ (ଖ) ବସୁଦେବ

(ଗ) କୃଷ୍ଣ (ଘ) କଂସ

୩. କଂସର ମାତାଙ୍କ ନାମ କ'ଣ ?

(କ) ଯଶୋଦା (ଖ) ଇନ୍ଦୁମତୀ

(ଗ) ଦେବକୀ (ଘ) ପୂତନା

୪. ଉଗ୍ରସେନ କେଉଁ ରାଜ୍ୟର ରାଜା ଥିଲେ ?

(କ) ମଥୁରା (ଖ) ଗୋପ

(ଗ) ସୌଭ (ଘ) ଦ୍ୱାରକା

୫. କାରଣ-ସଲିଳ-ବିହାରୀ ବୋଲି କାହାକୁ କୁହାଯାଇଛି ?

(କ) ଶ୍ରୀକୃଷ୍ଣଙ୍କୁ (ଖ) କଂସଙ୍କୁ

(ଗ) ନନ୍ଦଙ୍କୁ (ଘ) ଅକ୍ରୁରଙ୍କୁ

୬. ବିଂଶ୍ୱକମା କିଂଏ ?

(କ) ବିଶ୍ୱନିୟନ୍ତା (ଖ) ଦେବଶିଳ୍ପୀ

(ଗ) ବିଶ୍ୱକ ୍ା (ଘ) ଦାନବ ଶିଳ୍ପୀ

୭. ବିର ୍କିଏ ?

(କ) ବିଷ୍ଣୁ (ଖ) ବ୍ରହ୍ମା

(ଗ) ମହେଶ୍ୱର (ଘ) ବିଶ୍ୱକର୍ମା

୮. କବିଙ୍କର ଦରିଦ୍ରଜୀବନ କାହିଁକି ହୋଇଛି ?

(କ) ଧନବିନେ (ଖ) ଭକ୍ତିବିନେ

(ଗ) ପ୍ରାଚୁର୍ଯ୍ୟବିନେ (ଘ) ଐଶ୍ୱର୍ଯ୍ୟବିନେ

୯. ପାପଅନଳ କ'ଣ ଦହନ କରେ ?

(କ) ଘରଦ୍ୱାର (ଖ) ବଣପାହାଡ

(ଗ) ପିଣ୍ଡ-କାଷ୍ଠ (ଘ) ଗାଁଗଣ୍ଡା

୧୦. ଶୁକମୁନି କେଉଁ ରାଜାଙ୍କୁ କୃଷ୍ଣଚରିତ ଭାଗବତ ଶୁଣାଇଥିଲେ ।

(କ) କଂସ (ଖ) ନନ୍ଦ

(ଗ) ପରୀକ୍ଷିତ (ଘ) ଉଗ୍ରସେନ

୧୧. ମହୀକୁ ରକ୍ଷା କରିବା ପାଇଁ ବ୍ରହ୍ମାଙ୍କ ସମେତ ସର୍ବଦେବତା କେଉଁଠାରେ ଭଗବାନଙ୍କୁ ଗୁହାରି ଜଣାଇଥିଲେ ।

(କ) କ୍ଷୀର ସାଗର ତଟେ (ଖ) ହିମାଳୟ ପାଦ ତଳେ

(ଗ) ବୈକୁଣ୍ଠ ପୁରରେ (ଘ) ଇନ୍ଦ୍ରଭୁବନରେ

୧୨. ଶ୍ରୀକୃଷ୍ଣ ଜନ୍ମ ହୋଇ କେତେ ଦିନ ପରେ ପୂତନାକୁ ମାରିଥିଲେ ?

(କ) ବାର ଦିନରେ (ଖ) ସାତ ଦିନରେ

(ଗ) ନଅ ଦିନରେ (ଘ) ଏକୋଇଶି ଦିନରେ

୧୩. ନନ୍ଦରାଜାଙ୍କୁ କିଏ ହରଣ କରିନେଇଥିଲେ ?

(କ) ଇନ୍ଦ୍ର (ଖ) ବରୁଣ

(ଗ) ଯମ (ଘ) ସୂର୍ଯ୍ୟ

୧୪. ଇନ୍ଦ୍ର ସହିତ ବିବାଦ ବେଳେ ଶ୍ରୀକୃଷ୍ଣ କେଉଁ ପର୍ବତ ଟେକି ଧରିଥିଲେ ?

(କ) ଗନ୍ଧମାର୍ଦ୍ଦନ (ଖ) ହିମାଳୟ

(ଗ) ଗୋବର୍ଦ୍ଧନ (ଘ) ମୈନାକ

୧୫. କଂସର ମନ୍ତ୍ରୀ କିଏ ?

(କ) ଉଗ୍ରସେନ (ଖ) ଅକ୍ରୂର

(ଗ) ଉଦ୍ଧବ (ଘ) ଉପନନ୍ଦ

୧୬. କଂସର ବଇରୀ ନନ୍ଦନନ୍ଦନ ବୋଲି କିଏ କହିଯାଇଥିଲେ ?

(କ) ମୁନିବର ନାରଦ (ଖ) ବଶିଷ୍ଠ

(ଗ) ବିଶ୍ୱାମିତ୍ର (ଘ) ବ୍ରହ୍ମା

୧୭. କେଉଁଠାରେ ଥିବା ଅଗ୍ନିକଣା ମନ୍ଦ ପବନରେ ବଳିଷ୍ଠ ହୋଇଉଠେ ?

(କ) ଘର ଭିତରେ (ଖ) ଚୁଲି ଭିତରେ

(ଗ) ଭସ୍ମକୁଡ଼ରେ (ଘ) ଅରଣ୍ୟ ଭିତରେ

୧୮. ସ୍ୱପ୍ନ ସତ୍ୟ ନୋହେ ବୋଲି କଂସ କେଉଁପରି ଜାଣିଲା ?

(କ) ଏହା ବେଦ ଭାଷଇ (ଖ) ଏହା ଋଷିଆଜ୍ଞା

(ଗ) ଏହା ରାଜାଙ୍କ ଆଦେଶ (ଘ) ଈଶ୍ୱରଙ୍କ ଇଚ୍ଛା

୧୯. ସଫଳାସୁତ କିଏ ?

(କ) ଶ୍ରୀକୃଷ୍ଣ (ଖ) ବଳରାମ

(ଗ) ଅକ୍ରୁର (ଘ) ଉଦ୍ଧବ

୨୦. ଜଳଦତନୁ କାହାକୁ କୁହାଯାଇଛି ?

(କ) ମେଘ ପରି ଦେହ ଯାହାଙ୍କର (ଖ) ଜଳ ପରି ଶରୀର ଯାହାର

(ଗ) ଆକାଶପରି ଦେହ ଯାହାର (ଘ) ନଦୀପରି ଶରୀର ଯାହାର

୨୧. ରାମ କୃଷ୍ଣ ଗୋପପୁରରେ ଅକ୍ରୁରଙ୍କୁ ଦେଖି କ'ଣ ପଚାରିବେ ?

(କ) ବିଶ୍ୱାସକଥା (ଖ) କଂସଙ୍କ ଖବର

(ଗ) ମଥୁରା ଖବର (ଘ) ଧନୁଯାତ୍ରା କଥା

୨୨. ଶ୍ରୀପତିଙ୍କୁ ଦେଖିଲେ ଅକ୍ରୁରଙ୍କର କ'ଣ ଛିନ୍ନ ହେବ ?

(କ) ଭବବନ୍ଧ (ଖ) ମଥୁରାର ମାୟା

(ଗ) ଗୋପର ଆସକ୍ତି (ଘ) ବୈକୁଣ୍ଠ ଲାଭର ଆଶା

୨୩. ଆକୁଳ ହୋଇ ଶୂନ୍ୟକୁ କିଏ କୋଳ କରୁଥିଲେ ?

(କ) କଂସ (ଖ) ଅକ୍ରୁର

(ଗ) ଉଦ୍ଧବ (ଘ) ବସୁଦେବ

୨୪. ଅକ୍ରୁର ଗୋପସୀମାନ୍ତରେ ଶ୍ରୀକୃଷ୍ଣ କ'ଣ କରୁଥିବାର ଦେଖିଲେ ?

(କ) ଗାବ ଦୋହନ (ଖ) ଗୋପାଳ ମେଳେ କ୍ରୀଡ଼ା

(ଗ) ଗୋପୀମାନଙ୍କ ସହିତ କଥାବା ା (ଘ) ଗୋ ଚାରଣ

୨୫. ରୋହିଣୀବଳା କିଏ ?

(କ) ଶ୍ରୀକୃଷ୍ଣ (ଖ) ବଳରାମ

(ଗ) ଅକ୍ରୁର (ଘ) ନନ୍ଦ

୨୬. କଂସ ଲେଖିଥିବା ପତ୍ରକୁ ମନ୍ତ୍ରୀ କେଉଁଠି ଧାରଣ କଲେ ?

(କ) ଗଳାରେ ଲମ୍ବାଇଲେ (ଖ) ଅ ାରେ ଖୋସିଲେ

(ଗ) କାଖରେ ଜାକିଲେ (ଘ) ମୁଣ୍ଡରେ ବାନ୍ଧିଲେ

୨୭. କଂସ କେଉଁ ଅବସ୍ଥାରେ ପତ୍ର ଲେଖିଥିଲା ?

(କ) ମହାରୋଷ ହୋଇ (ଖ) ଖୁସୀ ହୋଇ

(ଗ) ଦୁଃଖରେ ପଡ଼ି (ଘ) ନିଦ୍ରାରେ ଥାଇ

୨୮. କଂସର ଆଦେଶରେ ନନ୍ଦରାଜା ମଥୁରାକୁ କେବେ ଆସିବେ ?

(କ) ତତକାଳେ (ଖ) ଦିନେ ପରେ

(ଗ) ଦୁଇଦିନପରେ (ଘ) ସୁବିଧା ହେଲେ

୨୯. ବିଧାଘାତରେ କଂସ କ'ଣ ଚୂନା କରିପାରେ ?

(କ) ଚତ୍ରକୂଟ କୁଧର (ଖ) ମେରୁପର୍ବତ

(ଗ) ହିମାଳୟ ପର୍ବତ (ଘ) ନନ୍ଦର ମେରୁଦଣ୍ଡ

୩୦. କଂସର ଦାନୀପଣ ସହିତ କିଏ ସମକକ୍ଷ ?

(କ) ସୁନାସୀର (ଖ) କର୍ଣ୍ଣ

(ଗ) ହରିଶ୍ଚନ୍ଦ୍ର (ଘ) ବଳି

୩୧. କଂସର ଧାର୍ମିକପଣ ସହିତ କିଏ ସମାନ ?

(କ) ଯୁଧିଷ୍ଠିର (ଖ) କେହି ନୁହେଁ

(ଗ) ବସୁଦେବ (ଘ) ଶ୍ରୀକୃଷ୍ଣ

୩୨. କଂସର ଶଶୁରଙ୍କ ନାମ କ'ଣ ?

(କ) ଉଗ୍ରସେନ (ଖ) ଜରାସନ୍ଧ

(ଗ) ଦକ୍ଷ (ଘ) ବ୍ରହ୍ମା

୩୩. କିଏ କଂସର ସଖା ଥିଲା ?

(କ) ବୀରକେଶୀ (ଖ) ଅଘା

(ଗ) ବକା (ଘ) ଧେନୁକା

୩୪. ନନ୍ଦ ଯଦି ଶିରୀଷ କୁସୁମ ହୁଏ ତେବେ କଂସର ଭୂମିକା କ'ଣ ହେବ ?

(କ) ମହାପ୍ରଳୟ ବରଷା (ଖ) ଶାଗୁଣା ପକ୍ଷୀ

(ଗ) ମହୁମାଛି (ଘ) ମାଳି

୩୫. ଅକ୍ରୁର କାହାକୁ ନେବାପାଇଁ ଗୋପପୁର ଆସିଥିଲେ ?

(କ) ରାମକୃଷ୍ଣ (ଖ) ନନ୍ଦ ଯାଶୋଦା

(ଗ) ଦେବକୀ ବସୁଦେବ (ଘ) ନନ୍ଦ ବସୁଦେବ

୩୬. ସାୟକ ପୂଜା କିଏ କରିଥିଲା ?

(କ) ନନ୍ଦ (ଖ) ଅକ୍ରୁର

(ଗ) କଂସ (ଘ) ଗୋପୀମାନେ

୩୭. କଂସ କାହାକୁ ଚିଟାଉ ଲେଖିଥିଲା ?

(କ) ଶ୍ରୀକୃଷ୍ଣ (ଖ) ବଳରାମ

(ଗ) ନନ୍ଦ (ଘ) ବସୁଦେବ

୩୮. କଂସର ଆଜ୍ଞା ପ୍ରମାଣେ ନନ୍ଦ ନଆସିଲେ କଂସ କ'ଣ କରିବ ?

(କ) ନନ୍ଦକୁ କାରାଗାରରେ ରଖିବ (ଖ) ଦେଶାନ୍ତର କରିବ

(ଗ) କାନ୍ଧ ଛେଦନ କରିବ (ଘ) ଅପମାନିତ କରିବ

୩୯. କଂସର ବଳବୀର୍ଯ୍ୟ ଅଇରି କୁଳକୁ କିଭଳି ଥିଲା ?

(କ) କେତୁ (ଖ) ରାହୁ

(ଗ) ସୁନାସୀର (ଘ) କୁବେର

୪୦. କଂସର କୋପରେ ମହୀର ଅବସ୍ଥା କ'ଣ ହୁଏ ?

(କ) ଦୋହଲି ଉଠଇ (ଖ) ଭାଙ୍ଗି ପଡ଼େ

(ଗ) ଖଣ୍ଡ ଖଣ୍ଡ ହୋଇଯାଏ (ଘ) ବିବର୍ଣ୍ଣ ହୋଇଯାଏ

୪୧. କଂସର କୋପରେ କିଏ ଥରହର ହୁଏ ?

(କ) ମେରୁ (ଖ) ଗନ୍ଧମାର୍ଦ୍ଦନ

(ଗ) ଗୋବର୍ଦ୍ଧନ (ଘ) ବିନ୍ଧ୍ୟପର୍ବତ

୪୨. ଅଇରି ଉରସଲ-ବାନା କିଏ ବହନ କରୁଥିଲା ?

(କ) ନନ୍ଦ (ଖ) ବସୁଦେବ

(ଗ) ଶ୍ରୀକୃଷ୍ଣ (ଘ) କଂସ

୪୩. କଂସର ପାଣ୍ଡିତ୍ୟରେ କିଏ ହାରିଯାଏ ?

(କ) ନାରଦ (ଖ) ଶ୍ରୀକୃଷ୍ଣ

(ଗ) ଦେବଗୁରୁ (ଘ) ମହେଶ୍ୱର

୪୪. କଂସର 'ରଡ଼ିଗୋଟାକେ'ର ପରିଣତି କ'ଣ ?

(କ) ତିନିପୁରର ସର୍ବଜନ୍ତୁ ମରିବେ (ଖ) ମହୀଦୋହଲି ଉଠିବ

(ଗ) ମଥୁର ପୁରା ଧ୍ୱଂସ ହେବ (ଘ) ବୈକୁଣ୍ଠପୁର ଭାଂଗିଯିବ

୪୫. ଶ୍ରୀକୃଷ୍ଣଙ୍କ ମଥୁରା ଯିବା କଥା ଶୁଣି ଗୋପୀମାନେ କେତେ ସଂଖ୍ୟାରେ ମେଳି ହୋଇ ବିଚାର କରୁଥିଲେ ?

(କ) ପା ସାତ (ଖ) ଛଅ ନଅ

(ଗ) ଦଶ ବାର (ଘ) ବାର ପନ୍ଦର

୪୬. ଏଣୀଦୃଶା କହିଲେ କ'ଣ ବୁଝାଏ ?

(କ) ମୀନ ନୟନୀ (ଖ) ହରିଣ ନୟନା

(ଗ) ମୟୂର ଆଖି (ଘ) ପଦ୍ମଲୋଚନା

୪୭. ଶ୍ରୀକୃଷ୍ଣ ମଥୁରା ଚାଲିଗଲେ ଗୋପୀମାନେ ସ୍ତିରୀହତ୍ୟା ଦୋଷ କାହାକୁ ଦେବେ ?

(କ) ଶ୍ରୀକଷ୍ଣଙ୍କୁ (ଖ) ବଳରାମଙ୍କୁ

(ଗ) ଅକ୍ରୂରଙ୍କୁ (ଘ) କଂସକୁ

୪୮. ଭୋଜପତି କିଏ ?

(କ) ନନ୍ଦ (ଖ) ବସୁଦେବ

(ଗ) ଅକ୍ରୂର (ଘ) କଂସ

୪୯. ଶ୍ରୀକୃଷ୍ଣ ମଥୁରା ଚାଲିଗଲେ ଭୂମିର ଅବସ୍ଥା କ'ଣ ହେବ ?

(କ) ଅଂଗ ଅଶୋଭା ଦିଶିବ (ଖ) ବନ୍ଧ୍ୟା ପାଲଟି ଯିବ

(ଗ) ଦୁଇଫାଳ ହୋଇଯିବ (ଘ) ଶୂନ୍ୟରେ ମିଳାଇ ଯିବ

୫୦. ମଥୁରାରେ ଧନୁଉତ୍ସବ ଦେଖି କେତେଦିନ ପରେ ଶ୍ରୀକୃଷ୍ଣ ଲେଉଟି ଆସିବେ ବୋଲି ଗୋପୀମାନଙ୍କୁ କହିଲେ ?

(କ) ପା ସାତ ଦିନ (ଖ) ଦୁଇ ଚାରି ଦିନ

(ଗ) ଦିନେ ଦୁଇଦିନ (ଘ) ଦଶବାର ଦିନ

୫୧. ପ୍ରଭୁ ଚକ୍ରପାଣି କାହାଘରେ ଜନ୍ମ ହେବେ ବୋଲି ଦେବତାମାନଙ୍କୁ କହିଥିଲେ ?

(କ) ନନ୍ଦ ଘରେ (ଖ) ବସୁଦେବ ଘରେ

(ଗ) କଂସ ଘରେ (ଘ) ଉଗ୍ରସେନ ଘରେ

୫୨. ପୃଥ୍ୱୀ ହିତରେ ଭଗବାନ କେଉଁ ଶୟନ ତେଜି ଥିଲେ ?

(କ) ନାଗଶୟନ (ଖ) ବୈକୁଣ୍ଠ ଶୟନ

(ଗ) ପଦ୍ମ ଶୟନ (ଘ) ଲକ୍ଷ୍ମୀଙ୍କ ଅଙ୍କ ଶୟନ

୫୩. କଳି-କଳୁଷ-ରୋଗକୁ କ'ଣ ଔଷଧି ବୋଲି କୁହାଯାଇଛି ?

(କ) କୃଷ୍ଣ ଚରିତ (ଖ) କଂସ ଚରିତ

(ଗ) ବସୁଦେବ ଚରିତ (ଘ) ଉଦ୍ଧବ ଚରିତ

୫୪. କୃଷ୍ଣ ଚରିତ ଭାଗବତ ଶୁଣି କିଏ ଉଷତ ହୋଇଥିଲେ ?

(କ) କଂସରାଜା (ଖ) ପରୀକ୍ଷିତ ରାଜା

(ଗ) ଯୁଧିଷ୍ଠିର ରାଜା (ଘ) ଧୃତରାଷ୍ଟ୍ର ରାଜା

୫୫. ଗୋରୁ ବ୍ରାହ୍ମଣଙ୍କୁ କିଏ କଷଣ ଦେଇଥିଲା ?

(କ) କୃଷ୍ଣ (ଖ) ବଳରାମ

(ଗ) କଂସ (ଘ) ବସୁଦେବ

୫୬. ପିତାମହ କିଏ ?

(କ) ବ୍ରହ୍ମା (ଖ) ଉଗ୍ରସେନ

(ଗ) ନନ୍ଦ (ଘ) କଂସ

୫୭. କେଉଁ ସାଗରରେ ଭଗବାନ ଅନନ୍ତଶୟନ କରିଥିଲେ ?

(କ) କ୍ଷୀର ସାଗରରେ (ଖ) ମହୁ ସାଗରରେ

(ଗ) ଘୃତ ସାଗରରେ (ଘ) ଅମୃତ ସାଗରରେ

୫୮. ବେଦବର କିଏ ?

(କ) ବ୍ରହ୍ମା (ଖ) ବିଷ୍ଣୁ

(ଗ) ଉଦ୍ଧବ (ଘ) ନାରଦ

୫୯. କୁବେର କୁମାରଙ୍କୁ କିଏ ତାରଣ କରିଥିଲେ ?

(କ) ବସୁଦେବ (ଖ) ଯଶୋଦା

(ଗ) ବଳରାମ (ଘ) ଶ୍ରୀକୃଷ୍ଣ

୬୦. ନନ୍ଦରାଜାଙ୍କୁ କିଏ ହରଣ କରିନେଇଥିଲା ?

(କ) ଯମ (ଖ) ଇନ୍ଦ୍ର

(ଗ) ବରୁଣ (ଘ) ଗନ୍ଧର୍ବ

୬୧. ଇନ୍ଦ୍ର ବିବାଦରେ ଶ୍ରୀକୃଷ୍ଣ କେଉଁ ପର୍ବତକୁ ଟୋକି ଧରିଥିଲେ ?

(କ) ଗନ୍ଧମାର୍ଦ୍ଦନ (ଖ) ଗୋବର୍ଦ୍ଧନ

(ଗ) କୈଳାସ (ଘ) ହିମାଳୟ

୬୨. ଗୋରୁ ବ୍ରାହ୍ମଣ ରକ୍ଷଣେ କିଏ ଜାତ ହୁଅନ୍ତି ?

(କ) କଂସ (ଖ) ଭଗବାନ ଶ୍ରୀକୃଷ୍ଣ

(ଗ) ବ୍ରହ୍ମା (ଘ) ମହେଶ୍ୱର

୬୩. ଶ୍ରୁତି ସ୍ମୃତିକୁ କିଏ ଗୋଚର ନୁହନ୍ତି ?

(କ) ମଣିଷ (ଖ) ପୃଥିବୀ

(ଗ) ଭଗବାନ (ଘ) ପର୍ବତ

୬୪. 'କୃଷ୍ଣଙ୍କୁ ଭଜିଲେ ତରିବା' କଥା କବି କେଉଁଠାରୁ ଶୁଣିଲେ ?

(କ) ସୁଜ୍ଞଜନଙ୍କ ମୁଖରୁ (ଖ) ପାଲାକାରଙ୍କ ଠାରୁ

(ଗ) ପୌରାଣିକ ମାନଙ୍କଠାରୁ (ଘ) ଗାଁ ଗହଳରୁ

୬୫. କଂସ ଜନ୍ମ, ମରଣ ଭାଗବତର କେଉଁ ସ୍କନ୍ଧରେ ବର୍ଣ୍ଣିତ ହୋଇଛି ?

(କ) ୧ମ (ଖ) ୨ୟ

(ଗ) ୫ମ (ଘ) ୧୦ମ

୬୬. କାଳୀୟ ନାଗକୁ ଶ୍ରୀକୃଷ୍ଣ କେଉଁଠାରେ ଦଳନ କରିଥିଲେ ?

(କ) କାଳିନ୍ଦୀ ହ୍ରଦରେ (ଖ) ଚିଲିକା ହ୍ରଦରେ

(ଗ) ମାନସରୋବରରେ (ଘ) ଯମୁନା ଜଳରେ

୬୭. କଂସର ମନ୍ତ୍ରୀ କିଏ ଥିଲା ?

(କ) ଅକ୍ରୂର (ଖ) ଉଦ୍ଧବ

(ଗ) ଉଗ୍ରସେନ (ଘ) ନାରଦ

୬୮. କୃଷ୍ଣଙ୍କୁ ମାରିବା ପାଇଁ ପୂତନା କେଉଁଠାରେ ବିଷ ଭରିଥିଲା ?

(କ) ସ୍ତନରେ (ଖ) ଓଠରେ

(ଗ) ଜିହ୍ୱାରେ (ଘ) ହସ୍ତରେ

୬୯. ବ୍ୟାଧିକୁ ହେଳା କଲେ କ'ଣ ହୁଏ ?

(କ) ପରାଣେ ମାରଇ (ଖ) ମୋକ୍ଷଦିଏ

(ଗ) ମୁକ୍ତିଦିଏ (ଘ) ଭଲ ହୋଇଯାଏ

୭୦. ଭସ୍ମକୁଢ଼ରେ କ'ଣ ଥାଇ ମନ୍ଦ ପବନରେ ବଳିଷ୍ଠ ହୋଇଥାଏ ?

(କ) ପାଉଁଶ (ଖ) ଅଗ୍ନିକଣା

(ଗ) ଅଙ୍ଗାର (ଘ) ଜଳନ୍ତା ନିଆଁ

୭୧. କଂସରାଜା କେଉଁଥିରେ ପଡ଼ି ମୋହ ହୋଇଲା ?

(କ) ସଂସାର ଚକ୍ରରେ (ଖ) କାଳ ଚକ୍ରରେ

(ଗ) ବିଷୟ ଚକ୍ରରେ (ଘ) ଘଟଣା ଚକ୍ରରେ

୭୨. କଂସରାଜାକୁ କ'ଣ ସବୁ ବିଷ ସମାନ ଲାଗୁଥିଲା ?

(କ) ଶାସନ କାର୍ଯ୍ୟ (ଖ) ରାଜଭୋଗ

(ଗ) ସ୍ନାନ ମାର୍ଜନ ଶୟନ ଭୋଜନ (ଘ) ଧନୁଯାତ୍ରା ପ୍ରସଙ୍ଗ

୭୩. କଂସ ଡଗର ବୋଲି କାହାକୁ କୁହାଯାଇଛି ?

(କ) ଉଦ୍ଧବ (ଖ) ଅକ୍ରୁର

(ଗ) ନାରଦ (ଘ) ବସୁଦେବ

୭୪. 'ଜଳଦତନୁ' ବୋଲି କାହାକୁ କୁହାଯାଇଛି ?

(କ) ଶ୍ରୀକୃଷ୍ଣଙ୍କୁ (ଖ) ଉଦ୍ଧବକୁ

(ଗ) ଅକ୍ରୁରକୁ (ଘ) କଂସକୁ

୭୫. ଶତପତ୍ର କହିଲେ କ'ଣ ବୁଝାଏ ?

(କ) ମନ୍ଦାର (ଖ) ପଦ୍ମ

(ଗ) ନାରିକେଳ (ଘ) ଛଣ

୭୬. ଶ୍ରୀକୃଷ୍ଣଙ୍କର ପରିଧାପନ କ'ଣ ଥିଲା ?

(କ) ନୀଳବସନ (ଖ) ପୀତବସନ

(ଗ) କୃଷ୍ଣବସନ (ଘ) ଲାଲବସନ

୭୭. ଶ୍ରୀକୃଷ୍ଣଙ୍କ ନାସାର ସୁଷମା କାହା ସହିତ ତୁଳନୀୟ ?

(କ) ତିଳ କୁସୁମ (ଖ) ଚମ୍ପାଫୁଲ

(ଗ) ମନ୍ଦାର ଫୁଲ (ଘ) ଅଶୋକ ଫୁଲ

୭୮. ଶ୍ରୀକୃଷ୍ଣଙ୍କ ଅଧର ରଙ୍ଗର ତୁଳନା କିଏ ?

(କ) ପଦ୍ମଫୁଲ (ଖ) ପାରିଜାତ

(ଗ) କଇଁଫୁଲ (ଘ) ଗୋଲାପ ଫୁଲ

୭୯. ଶ୍ରୀକୃଷ୍ଣଙ୍କ ଦନ୍ତଶ୍ରେଣୀର ଉପମା କିଏ ?

(କ) ଡାଳିମ୍ବବୀଜ (ଖ) କାଇଁଚ

(ଗ) ଗଙ୍ଗଶିଉଳି (ଘ) ମଲ୍ଲୀଫୁଲ

୮୦. 'ଘନେ ଅଙ୍ଗିର' କହିଲେ କ'ଣ ବୁଝାଯାଏ ?

(କ) ମେଘରେ ବିଜୁଳି (ଖ) ମେଘ ଭିତରେ ତାରା

(ଗ) ମେଘ ଭିତରେ ସୂର୍ଯ୍ୟ (ଘ) ମେଘ ଭିତରେ ଚନ୍ଦ୍ର

୮୧. ଅକ୍ରୂରଙ୍କ ବିଚାରରେ ଶ୍ରୀକୃଷ୍ଣଙ୍କ ରୋମମୂଳରେ କ'ଣ ସବୁ ନିବାସ କରିଛନ୍ତି ?

(କ) ବ୍ରହ୍ମାଣ୍ଡମାଳ (ଖ) ଫୁଲମାଳ

(ଗ) ରତ୍ନମାଳ (ଘ) ମଣିମାନେ

୮୨. ନନ୍ଦରାଜା ପାଖକୁ କିଏ ଚିଟାଉ ଲେଖିଥିଲା ?

(କ) ବସୁଦେବ (ଖ) କଂସ

(ଗ) ଶ୍ରୀକୃଷ୍ଣ (ଘ) ବଳରାମ

୮୩. କଂସ ରାଣ ଦେଲେ କିଏ ଭୟ କରେ ?

(କ) ପଶୁପତି (ଖ) ଜନ୍ତୁପତି

(ଗ) ଖଗପତି (ଘ) ମୃଗପତି

୮୪. ପଣ୍ଡିତ ପଣେ ଦେବଗୁରୁ କାହାଠାରୁ ହାରିଯାଏ ବୋଲି ଚିଟାଉରେ ଲେଖାଥିଲା ?

(କ) କଂସ (ଖ) ଚାଣୁର

(ଗ) ମୁଷ୍ଟିକ (ଘ) ଅଘା

୮୫. ପ୍ରଜାପାଳନରେ କଂସର ଭୂମିକା କିଭଳି ଥିଲା ବୋଲି ଚିଟାଉରେ ଉଲ୍ଲେଖ ଥିଲା ?

(କ) ତାତ (ଖ) ମାତ

(ଗ) ଭ୍ରାତ (ଘ) ଖୁଡୁତା

୮୬. ଅଷ୍ଟଭୂଜ କିଏ ?

(କ) ବିଷ୍ଣୁ (ଖ) ବ୍ରହ୍ମା

(ଗ) ମହେଶ୍ୱର (ଘ) କଂସ

୮୭. କିଏ କଂସର ହନ୍ତକାର ନୁହେଁ ?

(କ) ଚାଣୁର (ଖ) ମୁଷ୍ଟିକ

(ଗ) ଅଘା (ଘ) ଉଗ୍ରସେନ

୮୮. ଅକ୍ରୂର କେଉଁଭଳି କୃଷ୍ଣପ୍ରେମରେ ମଜ୍ଜି ଯାଇଥିଲା ?

(କ) ଜଳେ ଲବଣ (ଖ) କ୍ଷୀରେ ପାଣି

(ଗ) ପାଣିରେ ଚିନି (ଘ) କ୍ଷୀରରେ ଚିନି

୮୯. 'ତ୍ରିଯାଦବେ' ବୋଲି କାହାକୁ କୁହାଯାଇଛି ?

(କ) କଂସ, ନନ୍ଦ, ବସୁଦେବ (ଖ) ଉଦ୍ଧବ, ଅକ୍ରୂର, କୃଷ୍ଣ

(ଗ) ବଳରାମ, କୃଷ୍ଣ, ଅକ୍ରୂର (ଘ) କୃଷ୍ଣ, ବଳରାମ, କଂସ

୯୦. ଅକ୍ରୂରଙ୍କ ଭାବନାରେ ଯାଦବକୁଳ କାଳଅନଳ କିଏ ?

(କ) ଶ୍ରୀକୃଷ୍ଣ (ଖ) ବଳରାମ

(ଗ) କଂସ (ଘ) ଅକ୍ରୂର

୯୧. 'ଶାରଙ୍ଗପାଣି' ବୋଲି କାହାକୁ କୁହାଯାଇଛି ?

(କ) ବଳରାମ (ଖ) ଶ୍ରୀକୃଷ୍ଣ

(ଗ) କଂସ (ଘ) ଇନ୍ଦ୍ର

୯୨. 'ସାୟକ ପୂଜା'ର ଅର୍ଥ କ'ଣ ?

(କ) ଧନୁଯାତ୍ରା (ଖ) ତୀର ପରୀକ୍ଷା

(ଗ) ଖଡ୍‌ଗ ପୂଜା (ଘ) ବୀର ପୂଜା

୯୩. 'ଏଣୀଦୃଶା' କହିଲେ କାହାକୁ ବୁଝାଯାଏ ?

(କ) ପୂତନା (ଖ) ମୃଗୁଣୀ

(ଗ) ହରିଣୀ (ଘ) ଗୋପୀ

୯୪. 'ଅକ୍ରୂର ହସ୍ତରେ ଯେଣୁ ବେନି ଚକ୍ଷୁ ଦେବା' । ଏଠାରେ ବେନି ଚକ୍ଷୁର ତାତ୍ପର୍ଯ୍ୟ କ'ଣ ?

(କ) ନନ୍ଦ, ବସୁଦେବ (ଖ) କୃଷ୍ଣ, ବଳରାମ

(ଗ) ଉଦ୍ଧବ, ଅକ୍ରୂର (ଘ) ଉଗ୍ରସେନ, କଂସ

୯୫. 'ମଧୁପୁର' କେଉଁଟି ?

(କ) ଗୋପପୁର (ଖ) ମଥୁରାପୁର

(ଗ) ଅଳକାପୁର (ଘ) ବୈକୁଣ୍ଠପୁର

୯୬. ଶ୍ରୀକୃଷ୍ଣ ମଥୁରାପୁର ଯିବା କଥା ଶୁଣି ଗୋପୀଙ୍କର ମନ ମୀନ କେଉଁଠାରେ ବୁଡ଼ିଗଲା ?

(କ) ଚିନ୍ତା-ରତ୍ନାକରରେ (ଖ) ଆନନ୍ଦ ସାଗରରେ

(ଗ) କ୍ଷୀର ସମୁଦ୍ରରେ (ଘ) କାଳିନ୍ଦୀ ହ୍ରଦରେ

୯୭. ଶ୍ରୀକୃଷ୍ଣ ମଥୁରା ଚାଲିଗଲେ ଗୋପୀମାନେ କେଉଁଠାରେ ଜୀବନ ହାରିବେ ବୋଲି କହିଛନ୍ତି ?

(କ) ଯମୁନା ଗଣ୍ଡେ (ଖ) ହିମାଳୟରେ

(ଗ) କାଳିନ୍ଦୀ ହ୍ରଦରେ (ଘ) ମହୋଦଧିରେ

୯୮. କରୀନ୍ଦ୍ର ଗମନା କାହାକୁ କହାଯାଇଛି ?

(କ) ଶ୍ରୀକୃଷ୍ଣ (ଖ) ବଳରାମ

(ଗ) ଗୋପୀ (ଘ) ଅକ୍ରୂର

୯୯. କଂସ ନାମରେ ଗୋପୀମାନେ ଯଦି ପ୍ରାଣ ହରାଇବେ ତେବେ କଂସ କେଉଁ ଦୋଷ ପାଇବ ?

(କ) ନରହତ୍ୟା (ଖ) ବ୍ରହ୍ମହତ୍ୟା

(ଗ) ସ୍ତିରୀହତ୍ୟା (ଘ) ଶିଶୁହତ୍ୟା

୧୦୦. କେଉଁଟି ଭକ୍ତଚରଣ ଦାସଙ୍କ ରଚନା ?

(କ) ମନବୋଧ ଚଉତିଶା (ଖ) ମଧୁପ ଚଉତିଶା

(ଗ) ମୃଗୁଣୀ ସ୍ତୁତି (ଘ) ବଟଅବକାଶ

## (ଖ) ୧ ନମ୍ବର ବିଶିଷ୍ଟ ଏକ ବାକ୍ୟରେ ଉ ର ମୂଳକ ପ୍ରଶ୍ନାବଳୀ

୧. 'ମିଥ୍ୟା ନୁହଇ ପ୍ରମାଣ ବଚନ' ବୋଲି କେଉଁଠି ଲେଖାଯାଇଛି ?

୨. ନରକ ଅସୁରକୁ କିଏ ବିନାଶ କରିଥିଲେ ?

୩. ଶ୍ରୁତି ସ୍ମୃତିକୁ କିଏ ଗୋଚର ନୁହନ୍ତି ?

୪. ଶ୍ରୀକୃଷ୍ଣ ଭଗବାନଙ୍କ ଆଜ୍ଞାରେ ବ୍ରହ୍ମା କେତେଗୋଟି ଭୁବନ ରଚନା କରିଛନ୍ତି ?

୫. କ'ଣ ବିନା କବିଙ୍କର ଦରିଦ୍ର ଜୀବନ ହୋଇଛି ?

୬. ନିଶିଦିବସେ ଯେ ହରି ଭଜନ୍ତି ତାଙ୍କର କ'ଣ ହୁଏ ?

୭. କଳି-କଲୁଷ-ରୋଗକୁ ଔଷଧି ବୋଲି କାହାକୁ କୁହାଯାଇଛି ?

୮. ବଛା ବାଳକ ମାନଙ୍କୁ ବିଧାତା ହରିନେଲା ପରେ ଶ୍ରୀକୃଷ୍ଣ କ'ଣ କଲେ ?

୯. କୃଷ୍ଣଙ୍କୁ ମାରିବା ପାଇଁ ପୂତନା କେଉଁ ଉପାୟ କରିଥିଲା ?

୧୦. ବ୍ୟାଧିକୁ ହେଳା କଲେ କ'ଣ ହୁଏ ?

୧୧. ଭସ୍ମକୁଡ଼ରେ ଥିବା ଅଗ୍ନିକଣା କିପରି ବଳିଷ୍ଠ ହୁଏ ?

୧୨. ଅକ୍ରୁରଙ୍କର ନାସା ଦ୍ୱାର କିପରି ଆନନ୍ଦ ଲାଭ କରିବେ ?

୧୩. କଂସ ଯଦି କୋପ କରେ ତେବେ କ'ଣ ହୁଏ ?

**(ଗ) ୨ ନମ୍ବର ବିଶିଷ୍ଟ ଦୁଇଟି ବାକ୍ୟରେ ଉ ର ମୂଳକ ପ୍ରଶ୍ନାବଳୀ । ଲେଖା ଓ ଲେଖକଙ୍କ ପାଇଁ ୧ ନମ୍ବର ଓ ଉ ର ପାଇଁ ୧ ନମ୍ବର ।**

୧. କଂସ କିପରି ବ୍ରହ୍ମାଣ୍ଡକୁ ମୋର କରିପାରିଥିଲା ?

୨. କଂସର ହନ୍ତକାର ମାନଙ୍କ ନାମ କ'ଣ ?

୩. ଶିରୀଷ-କୁସୁମ-ପ୍ରସଙ୍ଗରେ କ'ଣ କୁହାଯାଇଛି ?

୪. କଂସର ଆଜ୍ଞା ପ୍ରମାଣେ ନନ୍ଦ ନ ଆସିଲେ କଂସ କ'ଣ କରିବ ?

୫. କଂସର ବଳବୀର୍ଯ୍ୟ କିପରି ବର୍ଣ୍ଣିତ ହୋଇଛି ?

୬. କଂସ କୋପକଲେ ମହୀର ଅବସ୍ଥା କିପରି ହୁଏ ?

୭. ମେରୁ କେତେବେଳେ ଥରହର ହୁଏ ?

୮. ବିଧାଘାତରେ କଂସ କ'ଣ କରିପାରେ ?

୯. କଂସ ବିଧାଘାତର ଭୟାବହତା କିଭଳି ?

୧୦. ଅଇରି ଭରସଲ-ବାନାର ପ୍ରାସଙ୍ଗିକତା କ'ଣ ?

୧୧. କଂସ ତା ଚିଟାଉରେ ନିଜ ପଣ୍ଡିତ ପଣ ସଂପର୍କରେ କ'ଣ ଲେଖିଥିଲା ?

୧୨. କଂସର ରଡ଼ି ଗୋଟାକେ କେଉଁ ଅବସ୍ଥା ସୃଷ୍ଟି ହେବ ?

**(ଘ) ୩ ନମ୍ବର ବିଶିଷ୍ଟ ଉ ର ମୂଳକ ପ୍ରଶ୍ନାବଳୀ (୩୦ଟି ଶବ୍ଦ ମଧ୍ୟରେ) । ଲେଖା ଓ ଲେଖକଙ୍କ ପାଇଁ ୧ ନମ୍ବର ଓ ଉ ର ପାଇଁ ୨ ନମ୍ବର ।**

୧. କଂସକୁ କ'ଣ ଓ କାହିଁକି ବିଷ ସମାନ ଲାଗୁଥିଲା ?

୨. ସ୍ୱପ୍ନ ସତ୍ୟ ନୁହେଁ ବୋଲି କଂସ କେତେବେଳେ ଓ କାହିଁକି ମନେକଲା ?

୩. ଶ୍ରୀକୃଷ୍ଣଙ୍କୁ ମାରିବା ପାଇଁ କଂସ କେଉଁ ମାନଙ୍କୁ ପଠାଇଥିଲା ?

୪. କୃଷ୍ଣଙ୍କୁ ମାରିବା ପାଇଁ ଅକ୍ରୁର ପାଖରେ କଂସ କେଉଁ ଉପାୟ ବାଢ଼ିଥିଲା ?

୫. କଂସ ସ୍ୱପ୍ନରେ କ'ଣ ଦେଖିଲା ?

୬. ଅକ୍ରୁର ଗୋପକୁ ଯିବା ପାଇଁ କିପରି ପ୍ରସ୍ତୁତ ହେଲା ?

୭. କଂସଡଗର ନିଜ ପିତାମାତାଙ୍କୁ କାହିଁକି ଧନ୍ୟ ଧନ୍ୟ ବୋଲି କହିଲା ?

୮. ଅକ୍ରୁରଙ୍କର ବେନିଶ୍ରବଣ କିପରି ସର୍ବ ଦୋଷ ତେଜିବେ ?

୯. ଅକ୍ରୁରଙ୍କର ଅଙ୍ଗ କିପରି ନିର୍ମଳ ହେବ ବୋଲି ସେ ମନେ କରିଛନ୍ତି ?

୧୦. ଅକ୍ରୂର କଂସରାଜାଙ୍କୁ କାହିଁକି ଧନ୍ୟବାଦ ଦେଉଥିଲେ ?

୧୧. ଅକ୍ରୂର ଗୋପଯିବା ବାଟରେ ଥିବା ବାଲିକୁଦରେ କ'ଣ ସବୁ ଦେଖିଲା ?

୧୨. କିଏ କାହାକୁ ଓ କାହିଁକି 'ମୁଁହୀନ ମୂଢ଼ ପାପିଷ୍ଠ ରାଢ଼' ବୋଲି କହିଛି ?

୧୩. ବେନି ଭାଇ ଅକ୍ରୂରଙ୍କ ଅଙ୍ଗରେ କ'ଣ ଲେପନ କରୁଥିଲେ ?

୧୪. କଂସ କାହାପ୍ରତି ନିଶାମଣି ବୋଲି ଚିଟାଉରେ ଲେଖିଥିଲା ?

୧୫. କଂସ କିପରି ଯୋଦ୍ଧାମାନ ଜିଣିଥିଲା ବୋଲି କହିଛି ?

୧୬. କଂସର ରଡ଼ିଗୋଟାକେ କି ଅବସ୍ଥା ହେବ ?

୧୭. ରାମକୃଷ୍ଣଙ୍କୁ ଅକ୍ରୂର ସହିତ ପଠାଇଦେବା ପାଇଁ କଂସ କାହିଁକି ଲେଖିଥିଲା ?

୧୮. ଯେତେବେଳେ ଗୋପ ତେଜି ଯିବେ ନାରାୟଣ, ସେତେବେଳେ କ'ଣ ହେବ ?

୧୯. କାଲିଠାରୁ ଅନ୍ଧହୋଇଯିବା ବୋଲି ଗୋପୀ ଜଣକ କାହିଁକି କହିଛି ?

୨୦. କାଲିଠାରୁ କୁମୁଦ ମରିବେ ବୋଲି କହିବାର ତାତ୍ପର୍ଯ୍ୟ କ'ଣ ?

## (ଙ) ୫ ନମ୍ବର ବିଶିଷ୍ଟ ଦୀର୍ଘ ଉ  ର ମୂଳକ ପ୍ରଶ୍ନାବଳୀ (୧୫୦ ଶବ୍ଦ ମଧ୍ୟରେ ଉ  ର)

୧. ମଥୁରାମଙ୍ଗଳ କାବ୍ୟର ନାମକରଣର ଯଥାର୍ଥତା ଦର୍ଶାଅ ।

୨. ଅକ୍ରୂରଙ୍କ ଗୋପଯାତ୍ରା କାଳୀନ ଦୃଶ୍ୟ ବର୍ଣ୍ଣନା କର ।

୩. କଂସ ଲେଖିଥିବା ଚିଟାଉର ଭାବଧାରା ବିଶ୍ଳେଷଣ କର ।

୪. କଂସ ଚିଟାଉରୁ ତାର ଅହଂକାରର ସ୍ୱରୂପ ନିର୍ଣ୍ଣୟ କର ।

୫. ମଥୁରା ମଙ୍ଗଳ କାବ୍ୟ ଅବଲମ୍ବନରେ ଭକ୍ତ ଚରଣଙ୍କ ଭକ୍ତିମତା ନିରୂପଣ କର ।

୬. ଏକ କୃଷ୍ଣରସାଶ୍ରିତ କାବ୍ୟ ଭାବରେ 'ମଥୁରା ମଙ୍ଗଳ'ର ସାର୍ଥକତା ନିରୂପଣ କର ।

୭. 'ମଥୁରାମଙ୍ଗଳ'ର ପ୍ରଥମ ଛାନ୍ଦ ଅବଲମ୍ବନରେ ଶ୍ରୀକୃଷ୍ଣଙ୍କ ମହିମା ବର୍ଣ୍ଣନା କର ।

୮. ଶ୍ରୀକୃଷ୍ଣଙ୍କ ମଥୁରା ଯାତ୍ରାକାଳୀନ ଦୃଶ୍ୟ ବର୍ଣ୍ଣନା କର ।

୯. ରାମକୃଷ୍ଣଙ୍କ ମଥୁରା ଯାତ୍ରା ସମୟରେ ଗୋପୀମାନଙ୍କ ଅବସ୍ଥା ବର୍ଣ୍ଣନା କର ।

୧୦. 'ମଥୁରାମଙ୍ଗଳ' କାବ୍ୟଟି ଭକ୍ତି ଓ ସଂଗୀତର ସମନ୍ୱିତ ଆଧାର – ଆଲୋଚନା କର ।

❑❑❑

# ଦ୍ୱିତୀୟ ଏକକ
# (ନନ୍ଦିକେଶ୍ୱରୀ)

# ନନ୍ଦିକେଶ୍ୱରୀ

କବିବର ରାଧାନାଥ ରାୟ

●

## ।। ପ୍ରଥମ ସର୍ଗ ।।

( ନଟବାଣୀ ବୃ )

କାଠଯୋଡ଼ି-ତୀରେ ଶୋଭଇ ଶିବିର,
କୋଳାହଳପୂର୍ଣ୍ଣ କାଠଯୋଡ଼ି-ତୀର ।
ଧାଡ଼ି ଧାଡ଼ି ହୋଇ ମହାନଦୀ ଯାଏ,
ଶୁଭ୍ର ତମ୍ବୁ ଶୋଭେ ଖଡ଼ିଶୈଳ ପ୍ରାୟେ ।
ଉଡ଼ଇ କେତନ (୧) ମନ୍ଦ ସମୀରଣେ (୨),
ଝକଝକେ ଅସ୍ତ୍ର ପ୍ରଦୋଷ-କିରଣେ ।
ବାଦିତ୍ର (୩) ଶବଦେ କମ୍ପଇ ଅବନୀ,
ନଦୀଗର୍ଭୁ ଉଠେ ଶତ ପ୍ରତିଧ୍ୱନି ।
ଲାଖ ବିନ୍ଧୁଛନ୍ତି କାହିଁ ଯୋଧଦଳ,
କ୍ଷଣେ କ୍ଷଣେ ଉଠେ ହର୍ଷ-କୋଳାହଳ ।

---

୧ । ଦାସେରକ –ଉଷ୍ଟ୍ର, ଓଟ ।

୨ । ବିପଣି –ହାଟ, ବଜାର ।

କାହିଁ ତଲବାର ଖେଳ-ବାଡ଼-କରେ
ବିଜୁଳି ପରାୟେ ଝଳେ ସୌରକରେ ।
ମଲ୍ଲଯୁଦ୍ଧେ କାହିଁ କମ୍ପେ ରଙ୍ଗସ୍ଥଳୀ,
ତାଳି ଦେଉଛନ୍ତି ଦର୍ଶକମଣ୍ଡଳୀ ।
କାହିଁ ଅଶ୍ୱାରୋହୀ ଘେନି ଅଶ୍ୱବର
କଦମେ ବୁଲାଇ ଦିଅଇ ଚକ୍କର ।
କାହିଁ ବସି ଅସ୍ତ୍ର ମାଜୁଛନ୍ତି ଲୋକେ,
କାହିଁ ଅବା ଗଳ୍ପ କରୁଛନ୍ତି ଥୋକେ ।
ଅବଗାହୁଛନ୍ତି କରୀ ଦଳେ ଦଳେ
ବିଷମ ପରାଏ ଦିଶି ସ୍ରୋତ-ଜଳେ,
ଦାସେରକ (୧) ଆଶ୍ରାକରି ତରୁତଳ
ଚୋବାଉଛି ଗ୍ରୀବା ଟେକି ନିମ୍ବଦଳ ।
ଭାରବାହୀ ଯେତେ ଗର୍ଦ୍ଦଭାଦି କରି,
ଭ୍ରମୁଛନ୍ତି ଦୂରେ ଦଳେ ଦଳେ ଚରି ।
ବିପଣି (୨) ବସିଛି କାଠଯୋଡ଼ି-ବନ୍ଧେ,
ବିକା-କିଣା ଲାଗିଅଛି ନାନା ଛନ୍ଦେ ।
ନଦୀଶଯ୍ୟା ନଦୀବନ୍ଧ ନଦୀକୂଳ,
ସବୁଠାରେ ଲୋକେ ହୋଇଛନ୍ତି ଠୁଳ ।

---

୧ । କେତନ – ପତାକା ।

୨ । ସମୀରଣ –ପବନ ।

୩ । ବାଦିତ୍ର–ବାଦ୍ୟ, ବାଜା

କୁଶଭଦ୍ରା-ଦୟା-ପ୍ରସୂତି ଭାର୍ଗବୀ
କାଠଯୋଡ଼ିଠାରୁ ଯହିଁ ଜନ୍ମ ଲଭି ।
ବହୁଛି ଦକ୍ଷିଣେ, ବିପରୀତେ ତା'ର
ଚୋରଗଙ୍ଗଙ୍କର ଶୋଭେ ସ୍କନ୍ଧାବାର (୧) ।
ଶୂନ୍ୟ ଥିଲା ଆଜି ପ୍ରଭାତେ ଶିବିର,
ଏବେ ବେଢ଼ିଅଛି ମନୁଷ୍ୟ-ପ୍ରାଚୀର ।
ବହୁବର୍ଷ ବ୍ୟାପି ଲାଗିଛି ସଂଗ୍ରାମ,
ବହୁଅଛି ରକ୍ତ-ସ୍ରୋତ ଅବିଶ୍ରାମ ।
ସମଗ୍ର ଉତ୍କଳୁଁ କେତେ ମହାବୀର,
ରଣାଙ୍ଗନେ ଆସି ଦେଲେ ନିଜ ଶିର ।
ତାଳୀବନ-ଶ୍ୟାମ (୨) କନିକା କୁଜଙ୍ଗ,
ମରିଚ-ହରିଶପୁର ଅନ୍ତରଙ୍ଗ,
ବରାହ-ପାଳିତ (୩) ବାଲିପୂର୍ଣ୍ଣ ଆଳି,
କ୍ଷତ୍ରବୃନ୍ଦ ଯାର ମହାବୀର୍ଯ୍ୟଶାଳୀ ।
ପବିତ୍ର ତୁଳସୀକ୍ଷେତ୍ର (୪) ବହି ମୁଦ
ବିରାଜନ୍ତି ଯହିଁ ପ୍ରଭୁ ହଳାୟୁଧ,

---

୧ । ସ୍କନ୍ଧାବାର—ତମ୍ବୁ, ଶିବିର ।

୨ । ତାଳୀବନ—ହେନ୍ତାଳ ବନ ।

୩ । ବରାହ ଆଳିର ସର୍ବପ୍ରଧାନ ଦେବତା ।

୪ । ତୁଳସୀକ୍ଷେତ୍ର —କନ୍ଦରପଡ଼ା, ଲଳିତଗିରିବାସୀ କନ୍ଦରାସୁରକୁ ସଂହାରକରି ବଳରାମ ତାହାର କନ୍ୟା ତୁଳସୀକୁ ବିବାହ କରିଥିବାର ସ୍ଥାନୀୟ କିମ୍ବଦନ୍ତୀ ଅଛି । ଏହି ହେତୁରୁ କନ୍ଦରପଡ଼ାର ଅନ୍ୟତମ ନାମ ତୁଳସୀକ୍ଷେତ୍ର । ବଳଦେବ କେନ୍ଦ୍ରାପଡ଼ାର ପ୍ରଧାନ ଦେବତା ।

ଅସୁର-ଈଶ୍ୱର ଯହିଁ ରକ୍ତପାନ
ନିତ୍ୟ କରେ ଚଣ୍ଡୀ (୧) ତୃଷା ́ କୃପାଣ ।
ଶାଳିପୁର (୨) ଯହିଁ ଚିତ୍ରୋତ୍ପଳା-ନୀର
ପୂତ (୩) ଅଭିଷେକେ ଶ୍ରୀଭଗବତୀର,
ବହୁଦ୍ୱାରଶୋଭୀ ପୁର ଚଉଦ୍ୱାର,
ଉ ରକୋଶଳା (୪) ମୌଳି-ଅଳଙ୍କାର,
ସ୍ନେହ ବଢ଼ାଇଲେ ବଳାରାତି-ପ୍ରିୟା (୫)
ଯା କଟକ-ଟେକ ଟଙ୍କିଳ (୬) ଛତିଆ,
ବିନାୟକଶୈଳ ଦର୍ପ ଦର୍ପଣୀର,
ଉପବୀତ ଯାର ଶୁଭ୍ର ଝର-ନୀର ।

---

୧ । ଚଣ୍ଡୀ—ଅସୁରେଶ୍ୱରର ପ୍ରଧାନ ଦେବତା ହରଚଣ୍ଡୀ । ଏଠାରେ ପ୍ରାୟ ପ୍ରତ୍ୟହ ବଳିଦାନ ହୁଏ । ଏପରି ବଳିଦାନ ଓଡ଼ିଶାରେ ଅନ୍ୟତ୍ର ଦେଖାଯାଏ ନାହିଁ ।

୨ । ଶାଳିପୁର (ଆଧୁନିକ ନାମ ସାଲେପୁର)ରେ ପ୍ରବାହିତ ମହାନଦୀର ଶାଖା ଚିତ୍ରୋତ୍ପଳା ତୀରରେ ଭଗବତୀଙ୍କ ମନ୍ଦିର ପ୍ରତିଷ୍ଠିତ ।

୩ । ପୂତ—ପବିତ୍ର ।

୪ । ପ୍ରାଚୀନ କାଳରେ ମହାନଦୀର ଉ ରାଂଶ ଉ ର କୋଶଳା ନାମରେ ଅଭିହିତ ହେଉଥିଲା ।

୫ । ବଳାରାତିପ୍ରିୟା—ଶଚୀ ଛତିଆର ଅଧିଷ୍ଠାତ୍ରୀ ଦେବୀ ଥିଲେ ।

୬ । ଟଙ୍କିଳ - ଟାଙ୍ଗରା / ପାହାଡ଼ିଆ

ସୁଗଭୀରା ପ୍ରାଚୀ-ତୀରେ ଅଭିରାମ
ମାଧବ-ସନାଥ ମାଧବାଖ୍ୟ ଗ୍ରାମ (୧) ।
ନିଆଳୀ ଯା କୁଞ୍ଜେ ପାଟଳି-ପ୍ରସୂନ
କାମୀଙ୍କି ତରଜେ (୨) ଯେହ୍ନେ କାମ-ତୂଣ ।
କୋଠଦେଶ ମଞ୍ଜୁ ପୁନ୍ନାଗ-କେଶରେ,
ମଠେ ଗତି ଯହିଁ କୁଶଭଦ୍ରା କରେ ।
କୋଠରାଙ୍ଗ ଯହିଁ ବଦନ ବିଜନେ
ଧଉଳି ଦେଖଇ ଦୟା-ଦରପଣେ (୩) ।
ରାହାଙ୍ଗ ରଚନ୍ତି ଯହିଁ କେଳି-କଳା
ଇଞ୍ଚଳ-ନିକୁଞ୍ଜେ କଜ୍ଜଳ-କୁନ୍ତଳା ।
ଅନ୍ଧାରି ସିକତା-କୁଦେ ତରଙ୍ଗିତ
ସୁନ୍ଦର ରଙ୍ଗଣେ (୪) ସଦା ସିନ୍ଦୂରିତ ।
ପାରିକୁଦ ଅରି-ଗରବ-ଚର୍ବକ
ନୀଳଦ୍ୟୁତି-ହ୍ରଦହୃଦୟ-ପଦକ ।
ଦାଣ୍ଡିମାଳ ଯାର ଶଇଳ ବକ୍ଷରେ
ଐର-ଯଶ ଲେଖା ଅକ୍ଷୟ ଅକ୍ଷରେ (୫) ।

---

୧ । ପ୍ରାଚୀ ତୀରବ 1 ମାଧବ ଗ୍ରାମରେ ମାଧବଙ୍କର ମନ୍ଦିର ପ୍ରତିଷ୍ଠିତ ।

୨ । ତରଜେ-ଭୟ ଦେଖାଏ ।

୩ । ଐତିହାସିକ ଧଉଳୀ ପର୍ବତ ଦୟାନଦୀ ତୀରରେ ଅବସ୍ଥିତ ।

୪ । ରଙ୍ଗଣ—କାଠରଙ୍ଗଣୀ ପୁଷ୍ପ ।

୫ । ଖଣ୍ଡଗିରିର ଗୁମ୍ଫାମାନ ଐରରାଜା ଖାରବେଳଙ୍କ ପ୍ରଧାନ କୀ ।

ଚନ୍ଦନ-ନିକୁ -ମଞ୍ଜୁଳା ଅଳତୀ (୧)
ସ୍ୱରୂପା ବିରୂପା ଯହିଁ କରେ ଗତି ।
ବିରଜାମଣ୍ଡଳେ ଯେତେ ବୀର-ପଲ୍ଲୀ,
ପୂଗମାଳେ ଯହିଁ ଜଡ଼େ ନାଗବଲ୍ଲୀ ।
ପରସ୍ପରେ ଭୁଜ ଛନ୍ଦିବାରେ ସଦା
ଚମ୍ପାଚୂତ ଯହିଁ ବଳାନ୍ତି ଶରଧା ।
ଭଦ୍ରକ ଯା' ପାଦେ ବେଢ଼ିଅଛି ଛନ୍ଦି
ଉତ୍କଳେ କାଳିନ୍ଦୀରୂପିଣୀ ସାଳନ୍ଦୀ ।
ଯୋର ଗର୍ବ ଯାର କରଇ ପ୍ରସାର
ପଶ୍ଚିମେ ପର୍ବତ ପୂର୍ବେ ପାରାବାର ।
ନୀଳଗିରି ଯହିଁ ମର୍କତମହୁଡ଼,
ଟେକିଛି ଅମ୍ବରେ (୨) ଶୈଳ ସ୍ୱର୍ଣ୍ଣଚୂଡ଼ (୩) ।
ପୁନଙ୍ଗ ବିରହେ ଯହିଁ ବରାଙ୍ଗନା
ସ୍ମର-ଛୁରି ପରି ମଣେ ଛୁରୀଅନା (୪) ।
ଗ୍ରାମ୍ୟ-ସୀମନ୍ତିନୀ-ନିଶା-ଅଭିସାର
ଅନୁକୂଳ ବାଲି-ସ୍ତୂପାବଳୀ ଯାର ।

୧ । ଅଳତୀରେ ଅଦ୍ୟାପି ଚନ୍ଦନ ବୃକ୍ଷ ଦେଖାଯାଏ ।

୨ । ଅମ୍ବରେ – ଆକାଶରେ ।

୩ । ସ୍ୱର୍ଣ୍ଣଚୂଡ଼ – ପ୍ରଚଳିତ ନାମ ସୁନହଟ୍ ।

୪ । ପୁନଙ୍ଗରେ ଅନେକ ଛୁରୀଅନା ବୃକ୍ଷ ଦେଖାଯାଏ ।

ଗାଲମୋଚାଧାରୀ ତାଳଚେର-ଶୂର,
ଭଲ୍ଲାସ୍ତ୍ରେ ଦଳନ୍ତି ଦର୍ପ ଯେ ରିପୁର,
ସ୍ୱାହା-ସହଚରୀ ହିଙ୍ଗୁଳାଙ୍କ (୧) ବରେ
ଦାବାନଳରୂପୀ ରିପୁ-କାନନରେ ।
କପିଳାସ-ଖୋଲ-ନିବାସୀ ଶବର
ରଣରଙ୍କ ଢେଙ୍କା (୨) ଯା ବଂଶ-ଶେଖର ।
ପରନାଶେ ପଟୁ ଯାହାଙ୍କ ପରଶୁ,
କେତେ ହେଲେ ଆସି ରଣ-ଯଜ୍ଞ-ପଶୁ ।
ଯୁଦ୍ଧ-ଅଶ୍ୱ କେତେ ଯୁଦ୍ଧେ ହୋଇ ହଣା
ଗୃଧ୍ରଙ୍କର ହେଲେ ରୁଧିର-ପାରଣା ।
ସପ୍ତକ୍ରୋଶୀ (୩) ଗଣ୍ଡ ରାଜେ ଶୈଳ-କୁଞ୍ଜେ
ସୁଶୀତଳ ତୁଙ୍ଗ ଶୈଳଚ୍ଛାୟାପୁଞ୍ଜେ ।
ନିର୍ଜନେ ଦିଅନ୍ତି ବନଦ୍ରୁମାବଳୀ
ଜଳ-ଦେବତାଙ୍କୁ ଯହିଁ ପୁଷ୍ପାଞ୍ଜଳି ।
ତହିଁ ମହାନଦୀ-ପ୍ରବାହେ ନିଦାଘେ
ପ୍ରିୟା-ସଙ୍ଗେ ଖେଳୁଥିଲା ଅନୁରାଗେ

---

୧ । ହିଙ୍ଗୁଳାଦେବୀ ତାଳଚେରରେ ପ୍ରଧାନ ଦେବତା ।

୨ । ଢେଙ୍କାନାମକ ଶବର ରାଜାଙ୍କ ନାମରୁ ଢେଙ୍କାନାଳ ନାମ ହୋଇଛି ।

୩ । ସାତକୋଶିଆ ଗଣ୍ଡ—ଦଶପଲ୍ଲା ଓ ବଉଦର ଅନ୍ତର୍ଗତ । ବଡ଼ମୂଳ ଘାଟୀ ଏହି ଗଣ୍ଡର ପୂର୍ବ ସୀମା । ଏହି ଗଣ୍ଡ ଗୋଟିଏ ପ୍ରଧାନ ଦୃଶ୍ୟସ୍ଥଳ ।

ଖଲ୍ଲିକୋଟ ଯହିଁ ରୋଟ ମଲ୍ଲମାନେ
ନିର୍ମଳା ନିର୍ଝର ନୀରାମୃତ-ପାନେ (୧)
ସ୍ୱର୍ଗୁ ଖଣ୍ଡେ ପଡ଼ିଥିଲା ପ୍ରାୟେ ଛିଡ଼ି,
ଶୈଳେ, ସ୍ରୋତେ, ସରେ ସୁରମ୍ୟ ଖିମିଡ଼ି ।
ଜଗଜ୍ଜନ ମନୋରଞ୍ଜନୀ ମଞ୍ଜୁଷା,
ଗିରୀନ୍ଦ୍ର ମହେନ୍ଦ୍ର ଯାର ମହାଭୂଷା (୨)
ଏହି ଦେଶ ଅନ୍ୟ ଦେଶବାସୀ ଶୂର
କାଠଯୋଡ଼ି-ତୀରେ ଗଲେ ପ୍ରେତପୁର ।
ଚଣ୍ଡାୟୁଧ ଗଣ୍ଡ-ଯୁଦ୍ଧେ ହୋଇ ରୁଣ୍ଡ
ଶତ୍ରୁ-ଖଣ୍ଡାଘାତେ ଗଡ଼ାଇଲେ ମୁଣ୍ଡ ।
ମାଲ୍ୟଗିରି (୩) ବାସୀ ଦୁର୍ଦ୍ଧର୍ଷ ଜୁଆଙ୍ଗ,
କେତେ ହେଲେ ରଣଭୂମେ ବିକଳାଙ୍ଗ ।
କ୍ରୌ ପକ୍ଷଚୂଡ଼ା ବାଦ୍ୟ ତାଳେ ତାଳେ
ନାଚଇ ଯାହାଙ୍କ ବୀରନୃତ୍ୟ-କାଳେ ।
ହରିଦ୍ରା-ହରିତ-ଅଧିତ୍ୟକାଚାରୀ, (୪)
କନ୍ଧଯୋଧବୃନ୍ଦ ମହାଧନୁର୍ଦ୍ଧାରୀ ।

---

୧ । ନିର୍ମଳା ନିର୍ଝର ଖଲ୍ଲୀକୋଟ ରାଜଧାନୀର ଅଦୂରବ ୀ । ଏହାର ଜଳ ସ୍ୱାସ୍ଥ୍ୟକର ବୋଲି ପ୍ରସିଦ୍ଧ ।

୨ । ମହେନ୍ଦ୍ର ଓଡ଼ିଶାର ସର୍ବୋଚ୍ଚ ପର୍ବତ । କୁଳାଚଳ ମଧ୍ୟରେ ଏହା ପରିଗଣିତ ।

୩ । ମାଲ୍ୟଗିରି—ଉତ୍କଳର ସର୍ବୋଚ୍ଚ ପର୍ବତ, ଲହଡ଼ାରେ ଅବସ୍ଥିତ ।

୪ । କନ୍ଧମାଳରେ ପାର୍ବତୀୟ କ୍ଷେତ୍ରମାନଙ୍କରୁ ହରିଦ୍ରା ଯଥେଷ୍ଟ ପରିମାଣରେ ଉତ୍ପନ୍ନ ହୁଏ ।

ସ୍ୱପନେ ଚଣ୍ଡିକା ଭୂପତି-ଅଗ୍ରତେ
ଉଭାହୋଇ ଆଜ୍ଞାଦେଲେ ଏହିମତେ,
"ଶତ୍ରୁ ତୋର ଦେବବଳେ ବଳୀଆର
ସମ୍ମୁଖ ସଂଗ୍ରାମେ ଅଟେ ଦୁର୍ନିବାର (୧)
ଦୁର୍ନିବାର ଦାବବହ୍ନି (୨) ଯଥା ବନେ,
ଶୈଳ ସ୍ରୋତସ୍ୱତୀ ଅଥବା ପ୍ଲାବନେ ।
ଦେବୀ ଚନ୍ଦ୍ରଚୂଡ଼-ମୌଳି-ନିବାସିନୀ
ସହାୟ ତାହାର ସୁରତରଙ୍ଗିଣୀ ।
ଗଙ୍ଗାବାକ୍ୟେ ତାକୁ ଦେବ ଚନ୍ଦ୍ରଚୂଡ଼ (୩)
ବାଞ୍ଛନ୍ତି ଦେବାକୁ ଉତ୍କଳେ ମହୁଡ଼ ।
ମନାସନ୍ତି ମହାରୁଦ୍ର ଯାହା ମନେ,
ନିୟତିରୂପେ ତା ଫଳେ ତ୍ରିଭୁବନେ ।
ଶକ୍ତି ନାହିଁ ବତ୍ସ, କାହାରି ଜଗତେ
ନିୟତିକି ନେବ ନିଜ ଇଚ୍ଛାପଥେ ।
ସମ୍ମୁଖ ସଂଗ୍ରାମେ ଶତ୍ରୁ ଜିଣିବାର
ଆଶାଛାଡ଼ି ରୁଦ୍ଧ କର ଗଡ଼ଦ୍ୱାର ।
ଶତ୍ରୁ-ଦର୍ପହାରୀ ଏହି ଜୈତ୍ରମଣି
ଶିରୋମଣିରୂପେ ପିନ୍ଧିବୁ ନୃମଣି ।

---

୧ । ଦୁର୍ନିବାର – ଯାହାକୁ ବାଧା ଦେବା ଦୁଃସାଧ୍ୟ

୨ । ଦାବବହ୍ନି – ବନାଗ୍ନି ।

୩ । ଚନ୍ଦ୍ରଚୂଡ଼ – ଶିବ

ମ ଦନ୍ତାବଳ, ଏବେ ରଣସ୍ଥଳ
କରିଅଛି ନିଜ ଅସ୍ଥିରେ ଧବଳ ।
ଭଗ୍ନାୟୁଧ, ଭିନ୍ନ ବର୍ମ, ଛିନ୍ନ ଢାଲ
ସଙ୍ଗେ ପଡ଼ିଅଛି ଅସଂଖ୍ୟ କଙ୍କାଳ ।
ଏକାଳେ ତୁଳସୀପୁର ସ୍ଥିତ ଯହିଁ,
ପିଉଥିଲେ ତହିଁ ରଣରକ୍ତ ମହୀ ।
ବିକଟେ ଓଟାରି ତହିଁ ଶବ-ସ୍ନାୟୁ
ଯୁଝୁଥିଲେ ଗୃଧ୍ର ସଙ୍ଗତେ ଗୋମାୟୁ (୧)
ତହିଁ ବେନିପକ୍ଷେ ରଣଦେବୀଙ୍କର
ସ୍ୱଶିର-କମଳେ ପୂଜିଲେ ପୟର ।
ଜୀବନେ ହେଲେହେଁ ପରସ୍ପରେ ବାଦୀ,
ମରଣେ ଲଭିଲେ ଏକତ୍ରେ ସମାଧି ।
ବିଡ଼ାନାସିଗଡ଼େ ସୁବର୍ଣ୍ଣକେଶରୀ
ରୁଦ୍ଧ, ରୁଦ୍ଧ ଯଥା ପିଞ୍ଜରେ କେଶରୀ (୨)
ଯୁଦ୍ଧ ପରେ ଯୁଦ୍ଧ ହାରି ଅବଶେଷେ
ରୁଦ୍ଧ ଦୁର୍ଗଦ୍ୱାର ନୃପତି-ଆଦେଶେ ।
ଅନଶନେ ରାୟେ ଚଣ୍ଡିକା-ଦେଉଳେ
ଅଧା ପଡ଼ିଥିଲେ ହୃଦୟ ଆକୁଳେ ।

---

୧ । ଗୋମାୟୁ—ଶୃଗାଳ, ବିଲୁଆ ।

୨ । କେଶରୀ – ସିଂହ

ହେଲେହେଁ ଆପଣେ ଅନ୍ତରେ ଚିନ୍ତିତ,
ଦେଖାଇଲେ କାର୍ଯ୍ୟେ ତହିଁ ବିପରୀତ,
" କାଲି ରାତ୍ରିଯାଏ ରହ ଧୈର୍ଯ୍ୟ ଧରି,
ଏହିପରି ଯେବେ ପାହିଲା ଶର୍ବରୀ,
ଛାଡ଼ି ଏ ନଗର ଯିବ ନିଜ-ସ୍ଥାନ,
ଏ ବାଣୀକି ମୋର ଧ୍ରୁବ କରି ଜାଣ ।''
ଏହା କହି ତାଙ୍କୁ ଚୋର ବୀରବର
ରାତ୍ରୁଁ ହୋଇଥିଲେ ଶିବିରୁ ଅନ୍ତର ।
ଆସିଲେଣି ବୀର ଶିବିରେ ବାହୁଡ଼ି
ମୁହୂର୍ତ୍ତେ ଚୌଦିକେ ପଡ଼ିଗଲା ହୁଡ଼ି ।
ଆସିଲେ ସାମନ୍ତେ ପାତ୍ରମିତ୍ର ଆଦି,
ଆସିଲେ ସୈନିକେ ମନେ ଆଶା ବାନ୍ଧି ।
ମନ୍ତ୍ରୀ ବାସୁଦେବ (୧) ମିଳିଲେ ଅଗ୍ରତେ,
ସମ୍ଭାଷି ସାମନ୍ତଦଳେ ବିଧିମତେ ।
ଜଳଦ-ଗମ୍ଭୀର ସ୍ୱନେ ସେନାପତି
ଆଶା-ଉଦ୍ଦୀପନୀ ଭାଷିଲେ ଭାରତୀ,
" କାଠଯୋଡ଼ି-ଶୁଭ୍ର-ସିକତା (୨)-ଶୟନ
ଭେଦି କୁଆଁତାରା ମଣ୍ଡିଲେ ଗଗନ ।

---

୧ । ବାସୁଦେବ ନାମକ ଜଣେ ଉତ୍କଳୀୟ ବ୍ରାହ୍ମଣ ଚୋରଗଙ୍ଗଙ୍କର ମନ୍ତ୍ରୀତ୍ୱ ସ୍ୱୀକାର କରିଥିଲେ । ପ୍ରଥମେ ସୁବର୍ଣ୍ଣ କେଶରୀଙ୍କ ମନ୍ତ୍ରୀ ଥାଇ ତାହାଙ୍କ ସହିତ ବିବାଦ ହେବାରୁ ତାଙ୍କୁ ଛାଡ଼ି ପଳାଇ ଆସିଲେ ଏବଂ ଚୋରଗଙ୍ଗଙ୍କୁ ଉତ୍କଳୀୟ ସିଂହାସନରେ ବସାଇବାର ତାଙ୍କର ଲକ୍ଷ୍ୟ ଥିଲା ।

୨ । ସିକତା - ବାଲୁକା

ଯାବତ ଏ ମଣି ଥିବ ତୋର ଶିରେ,
ଭେଦି ନ ପାରିବେ ଦୁର୍ଗ ଶତ୍ରୁ-ବୀରେ ।
ରଖି ନ ପାରିଲେ ଏହା ଯତ୍ନ କରି
ରାଜଦଣ୍ଡ ଯିବ କରୁଁ ଅପସରି ।"
ଏହା କହି ଦେବୀ ହେଲେ ଅଦର୍ଶନ,
ଏଣେ ଭୂପତିଙ୍କ ଭାଙ୍ଗିଲା ସ୍ୱପନ ।
ପାତ୍ରଙ୍କୁ ଛାମୁରେ ଡକାଇ ସେକ୍ଷଣି
ଦେବୀ-ଆଜ୍ଞା ଜଣାଇଲେ ନୃପମଣି ।
ସେହିଦିନୁ ରୁଦ୍ଧ ବିଡ଼ାନାସି ଦ୍ୱାର,
ବ୍ୟାଧ-କରୁଁ ମୁକ୍ତ ହୋଇଛି ଶିକାର ।
ଶିବିରେ ପ୍ରତୀକ୍ଷା କରି ବହୁଦିନ
ଶତ୍ରୁ-ଯୋଧେ ହୋଇଛନ୍ତି ଧୈର୍ଯ୍ୟହୀନ ।
ସ୍ୱଦେଶ ବାହୁଡ଼ି ଯିବାକୁ ବାସନା–
–ବଶୁଁ କରୁଛନ୍ତି ବିଜନେ ମନ୍ତ୍ରଣା ।
ଜୟ-ଆଶା ହେଲା ହୃଦୟୁଁ ଅନ୍ତର,
ସେନାପତି-ଭାଗ୍ୟେ ତୁଟିଲା ନିର୍ଭର ।
ସେନାପତି-ବାକ୍ୟେ ଆସ୍ଥା ଗଲା ଚାଲି,
ଅସନ୍ତୋଷ ହେଲା ହୃଦର ଶଙ୍ଖାଳି ।
ଇଙ୍ଗିତେ ଚତୁର ଚୋର-ସେନାପତି
ହେଲେ କଳିନେଲେ ତାଙ୍କ ମତିଗତି ।

କଜ୍ଜଳପତ୍ରୀର ପବିତ୍ର ନିଃସ୍ୱନ
ଜଗତେ ସୂଚିଲା ଉଷା-ଆଗମନ ।
କ୍ରମେ କ୍ରମେ ହେଲେ ଚନ୍ଦ୍ରମା ନିଷ୍ପ୍ରଭ,
ଉଷାରାଗେ ରକ୍ତ ହେଲା ପ୍ରାଚୀନଭ ।
ମାତାଙ୍କ ପ୍ରବାହ ଯଥା ସିନ୍ଧୁଜଳେ,
ଉଚ୍ଛୁଳିଲା ପ୍ରଭା ନୀଳ-ନଭସ୍ତଳେ ।
ନୀଳକାନ୍ତି-ବ୍ୟୋମ-ଅନ୍ତରାଳେ ଝଳି
ବିରାଜିଲା ବିଭା ଯେହ୍ନେ ଅରାବଳୀ (୧) ।
କୁଆଁତାରା ତହିଁ ମଧ୍ୟେ ବିରାଜିତା,
ପ୍ରାଚୀ କରିଛି କି ରାମାନନ୍ଦୀ ଚିତା ।
କୁମ୍ଭାଟୁଆ ଖଗ ପ୍ରଭାତ-ଡଗରା
ରଙ୍ଗେ ବଜାଇଲା କାନନ ନାଗରା ।
ବିହିଲେ କାନ୍ତାରେ କୁକ୍କୁଟ, କୌଶିକ (୨)
ଚଷାପୁଏ (୩) ମିଳି ଉଷା ତ୍ରୌର୍ଯ୍ୟତ୍ରିକ (୪) ।
ସେ ଘୋର ନିର୍ଜନେ ବସି ଏକାସନେ
ମାତାଙ୍କୁ ଧ୍ୟାୟିଲି ଏକତାନ-ମନେ ।
ଅର୍ଦ୍ଧଯାମ କାଳ ଗଲା ଏହି ମତେ,
ସହସା ପଶିଲା ମୋ ଶ୍ରବଣ-ପଥେ,

---

୧ । ଅରାବଳୀ - ଆର୍ଦ୍ରାବଳୀ; କାଳପୁରୁଷ ନକ୍ଷତ୍ରପୁଞ୍ଜ

୨ । କୌଶିକ—ପେଚା ।

୩ । ଚଷାପୁଅ —ପକ୍ଷୀବିଶେଷ ।

୪ । ତ୍ରୌର୍ଯ୍ୟତ୍ରିକ—ନୃତ୍ୟ-ଗୀତ-ବାଦ୍ୟର ସମନ୍ୱୟ ।

ଅବଗାହି କାଠଯୋଡ଼ି-ପୂତ-ଜଳେ,
ତନୁଚ୍ଛଦେ ତନୁ ଆବରି ଚ ଳେ ।
ମାତୃ-ପାଦପଦ୍ମ (୧) ଉଦ୍ଦେଶେ ଜୁହାରି,
ଅସିହସ୍ତେ (୨) ମୁହିଁ ହେଲି ନଦୀ ପାରି ।
ଏହି ଯେ ଦିଶଇ ନୀଳଗିରିରେଖା,
ଏହି ମୁଖେ ବନେ ବନେ ଗଲି ଏକା ।
ଧ୍ୟାନମଗ୍ନ ପ୍ରାୟେ ସ୍ତବ୍ଧ ବନସ୍ଥଳୀ,
ବନସ୍ପତି (୩) ପତ୍ରୁଁ ଜ୍ୟୋତ୍ସ୍ନା ପଡ଼େ ଝଳି ।
ମାତୃପଦ ଧ୍ୟାୟି ଗଲି ମୁଁ ନିଃଶଙ୍କେ,
ବନାନ୍ତେ ପଶିଲି ଯାଇ ଗିରିଟଙ୍କେ ।
ଟଙ୍କେ ଟଙ୍କେ ଯାଇ ପଶ୍ଚିମ ମାର୍ଗରେ
ପଶିଲି ବିଜନ ପର୍ବତ-କନ୍ଦରେ ।
ପର୍ବତ-ମେଖଳେ (୪) ବସି ତରୁତଳେ,
ମାତୃପାଦପଦ୍ମ ଧ୍ୟାଇଲି ନିଶ୍ଚଳେ ।

---

୧ । ମାତୃପାଦପଦ୍ମ—ଗଙ୍ଗାଦେବୀ ଚୋରଗଙ୍ଗଙ୍କର ଜନନୀ, ଏହି କିମ୍ବଦନ୍ତୀ ଉତ୍କଳ ଇତିହାସରେ ପ୍ରସିଦ୍ଧ ।

୨ । ଅସିହସ୍ତେ – ଖଣ୍ଡା ହାତରେ ଧରି

୩ । ବନସ୍ପତି – ବଡ଼ ବଡ଼ ବୃକ୍ଷ

୪ । ପର୍ବତ – ମେଖଳେ – ପର୍ବତର ମଧ୍ୟଭାଗରେ

ସ୍ୱର୍ଗୀୟ ସୌରଭେ ପୂରିଲା ଅଟବୀ,
ଜଳରାଶି ଭେଦି ଶୋଭିଲେ ଜାହ୍ନବୀ ।
ଶଙ୍ଖ ସିଂହାସନେ, ସଙ୍ଗେ ସହଚରୀ
ଉତ୍କଳୀୟ ବେଶେ ଅପୂର୍ବ ସୁନ୍ଦରୀ ।
ଇନ୍ଦ୍ରଧନୁପ୍ରଭା ମଣ୍ଡଳେ ମଣ୍ଡିତ,
ଶତଦଳେ ନୀଳକବରୀ ଭୂଷିତ ।
ମନ୍ଦାନିଳେ ଝୁଲୁଅଛି ସିଂହାସନ,
ବର୍ହ ତୋଳି ବର୍ହୀ (୧) ତାଣ୍ଡବେ ଯେସନ ।
ହେଲେ ଯହୁଁ ଦେବୀ ଜଳେ ସମାସୀନା,
ବାଜିଣ ଉଠିଲା ବନଦେବୀ ବୀଣା ।
ତା ସଙ୍ଗେ ମିଶିଲା ଭ୍ରମର ସଙ୍ଗୀତ
ବନ-ବିହଙ୍ଗର (୨) କାକଳି (୩) ଲଳିତ ।
ଦରୀ-କୋଳେ ଶୋଇଥିଲେ ପ୍ରତିଧ୍ୱନି,
ଜାଗି ଉଠିଲେ ସେ ଗୀତେ ସେହିକ୍ଷଣି ।
ହଂସ ଚକ୍ରବାକ ଜଳେ ଅବତରି,
ବେଢ଼ିଣ ଦେବୀଙ୍କି ବୁଲିଲେ ପହଁରି ।
ମୃଗ ମୃଗୀ ତୀରେ ତୃଣାହାର ଛାଡ଼ି
ଉଦ୍‌ଗ୍ରୀବେ ଚାହିଁଲେ ହୋଇ ଧାଡ଼ି ଧାଡ଼ି ।

---

୧ । ବର୍ହୀ – ମୟୂର ।
୨ । ବିହଙ୍ଗ – ପକ୍ଷୀ ।
୩ । କାକଳି – ପକ୍ଷୀ କୂଜନ ।

ଆଶା-ମୃଦୁଭାଷା ନିରାଶେ ଯେସନ,
ପରିଚିତ ସେହି ଜଳଦଳ-ସ୍ୱନ,
ନୟନ ଫେଡ଼ି ମୁଁ ଦେଖିଲି କନ୍ଦରେ
ଭେଦି ପୂଜାବେଦି କୃପାଝର ଝରେ ।
କାଚଧାର-ପ୍ରାୟେ ସ୍ୱଚ୍ଛ ଜଳଧାର,
ଦେବମନ-ପ୍ରାୟେ ଦିଶଇ ଉଦାର ।
ଚାହୁଁ ଚାହୁଁ ହେଲା ଛାୟାବାଜିବତ, (୧)
ଗଭୀର କନ୍ଦରା ହ୍ରଦେ ପରିଣତ ।
ବନଦେବୀଙ୍କର ବିଳାସଦର୍ପଣ,
କିମ୍ବା ବରୁଣର ସ୍ଫଟିକ-ଭବନ,
ଅବା ଜଗତର ସ ୍ୱଗୁଣରାଶି
ଗୁପତରେ ତହିଁ ଗୁଣ୍ଡ ହେଲା ଆସି ।
ମଧ୍ୟେ ସୁଗଭୀର ଜଳ ନୀଳାକାର,
କିବା ସେ ଅତଳ ପାତାଳର ଦ୍ୱାର !
ହ୍ରଦ-ଆସ୍ତରଣ-ଶୋଭନ-ଅ ଳ-
ରୂପେ ବିକଶିଲେ ଜଳ-ପୁଷ୍ପ-ଦଳ,
ରମ୍ୟ ତାମରସ (୨) ସରସୀ-ସମ୍ପଦ,
କୁମୁଦ କହ୍ଲାର (୩) ରକ୍ତ-କୋକନଦ;

---

୧ । ଛାୟାବାଜି–କୁହୁକ
୨ । ତାମରସ–ପଦ୍ମ ।
୩ । କହ୍ଲାର–ଧଳାକଇଁ, ପାଣିଶିଉଳୀ ।

ବୀର ଦେବବ୍ରତ (୧) ଦ୍ୱାପରେ ଯେମତେ
ସ୍ଥାପିଲେ ବୈଷ୍ଣବ-ଧର୍ମ ଭୂଭାରତେ ।
କ୍ରୁର ଶାକ୍ତମତ, ଶାକ୍ତ ଅନାଚାର
ଉଠାଇ ବୈଷ୍ଣବ-ଭକତି ପ୍ରଚାର
କରିବାକୁ ଏକା ତୁହି ସେ ଭାଜନ,
ଅଛି ଶକ୍ତି ତୋର, ଅଛି ପୁଣି ମନ ।
ରଣେ ଦେଖାଇଲୁ ସାହସ ବିଷମ,
ନ ଡରିଲୁ ଅଗ୍ରେ ଉଭା ଦେଖି ଯମ ।
ଯୁଦ୍ଧବୀରଙ୍କର ଯେତେ ଗୁଣମାନ
ତୋଠାରେ ସକଳ ହୋଇଛି ପ୍ରମାଣ ।
ମାତ୍ର ଯୁଦ୍ଧବୀର ନୁହେଁ ଧର୍ମବୀର,
କରକା (୨) ନୁହଇ କେବେ ମଣିହାର ।
ଧର୍ମବୀର ବିନା ଧର୍ମ ସଂସ୍ଥାପନ
କରିବାକୁ ଅନ୍ୟେ ନୁହନ୍ତି ଭାଜନ ।
ଧର୍ମ-ଅସ୍ତ୍ରେ ଯେହୁ କରନ୍ତି ବିଜୟ,
ଯୁଦ୍ଧ-କ୍ଷେତ୍ର ତାଙ୍କ ମନୁଷ୍ୟ ହୃଦୟ ।
ଉପୁଜାଏ ବାହୁବଳ ଶତ୍ରୁ-ଭୀତି,
ଧର୍ମବଳ ଆଣିଦିଏ ଶତ୍ରୁ-ପ୍ରୀତି ।

---

୧ । ଦେବବ୍ରତ – ଭୀଷ୍ମ ।

୨ । କରକା – କୁଆପଥର ।

ସେ ସ୍ୱର୍ଗୀୟ ଦୃଶ୍ୟ ପିଇଲେ ନୟନେ,
ସେ ସ୍ୱର୍ଗୀୟ ଗୀତ ପିଇଲେ ଶ୍ରବଣେ ।
ମାତାଙ୍କ ଶ୍ରୀମୂର୍ତ୍ତି ଦେଖି ଜଳପରେ
ତୀରୁଁ ନମ୍ରଶିରେ ନମିଲି ପୟରେ ।
ଗୋଦାବରୀ-ହ୍ରଦେ କମଳ-କାନନେ
ଦେଖିଥିଲି ଯେଉଁ ମୂରତି ବିଜନେ,
ସେହିରୂପେ ଦେବୀ ଦେଖାଦେଲେ ଆଜ,
ଲାଞ୍ଛିତ ଯେରୂପେ କୋଟି ଦ୍ୱିଜରାଜ (୧)
କୁନ୍ଦ-ପ୍ରଭା-ନିନ୍ଦି-ଶ୍ରୀମୁଖ-ମୟୂଖ– (୨)
ଦର୍ଶନେ ଖଣ୍ଡିଲା ହୃଦୁଁ ସର୍ବ ଦୁଃଖ ।
ସ୍ଥାବର ଜଙ୍ଗମ ଆଦିକରି ଯେତେ,
ସ୍ତବ୍ଧ ହେଲେ ସର୍ବେ ଦେବୀଙ୍କ ସଙ୍କେତେ ।
ଚିତ୍ରାର୍ପିତ ପ୍ରାୟେ ହେଲେ ସବୁ ପ୍ରାଣୀ,
ଶ୍ରୀମୁଖ-ପଙ୍କଜୁଁ ନିଃସରିଲା ବାଣୀ–
"ସପତ୍ନୀର (୩) ପୂଜା ଉଠାଇବା ଆଶେ
ଆଣିଲି, ବାଳୁତ; ତୋତେ ଏ ପ୍ରବାସେ ।

---

୧। ଦ୍ୱିଜରାଜ – ଚନ୍ଦ୍ର ।

୨। ମୟୂଖ – ଜ୍ୟୋତି / କିରଣ

୩। ପାର୍ବତୀ (ଶକ୍ତି) ଗଙ୍ଗାଙ୍କର ସପତ୍ନୀ ।

ତୁଷ୍ଟହୋଇ ମୁହିଁ ସୁକାନ୍ତିଙ୍କ (୧) ସ୍ତବେ
ପେଷିଲଇଁ ଏହି ସଖୀଙ୍କି ପୂରବେ ।
ଲୋକେ ଏହାଙ୍କର ମହିମା ଅଦ୍ଭୁତ,
ନୀର ଏହାଙ୍କର ମ ୍ୟରେ ଅମୃତ ।
ଯା ତୀରନିବାସ ମଣି ମହୋତ୍ସବ
ବସନ୍ତି ଶଇଳେ ଶ୍ରୀନୀଳମାଧବ, (୨)
ବସନ୍ତି ଉ ର ତଟେ ଭଟ୍ଟାରିକା, (୩)
ଦକ୍ଷିଣେ ନାବିକ-ଅର୍ଚ୍ଚିତା ଚର୍ଚ୍ଚିକା, (୪) ।
ସ୍ରୋତେ ଶୈଳଶୃଙ୍ଗେ ଶଶାଙ୍କ ଶେଖର
ସିଂହନାଥ ପୁଣି ଧବଳଈଶ୍ୱର, (୫)
ଗମନ୍ତି ଯେକାଳେ ସିଂହୁ ତ୍ୱିଷାମ୍ପତି (୬)
ଜ୍ୟୋତିର୍ମୟ ବର୍ତ୍ମେ (୭) କୁମାରୀ-ବସତି ।

---

୧ । ସୁକାନ୍ତି – ମୁନି ବିଶେଷ
୨ । ଖଣ୍ଡପଡ଼ା ଅନ୍ତର୍ଗତ ମହାନଦୀ-ତୀରବ ୀ ସୁପ୍ରସିଦ୍ଧ କ ିଲୋ - ପାଟଣାର ଗୋଟିଏ ପର୍ବତ-ଶିଖରରେ ନୀଳମାଧବ-ମନ୍ଦିର ପ୍ରତିଷ୍ଠିତ ।
୩ । ଭଟ୍ଟାରିକା – ବଡ଼ାମ୍ବା ରାଜ୍ୟରେ ପ୍ରତିଷ୍ଠିତ; ଏହାଙ୍କର ଅପର ନାମ ବୃହଦମ୍ବା ।
୪ । ଚର୍ଚ୍ଚିକା –ବାଙ୍କିର ପ୍ରଧାନ ଦେବୀ ।
୫ । ମହାନଦୀର ସ୍ରୋତ ମଧରେ ପର୍ବତ ଶୃଙ୍ଗରେ ସିଂହନାଥ ଏବଂ ଧବଳେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠିତ ।
୬ । ତ୍ୱିଷାମ୍ପତି – ସୂର୍ଯ୍ୟ
୭ । ବର୍ତ୍ମ – ରାସ୍ତା

ଧର୍ମଯୁଦ୍ଧେ ସେହି ପ୍ରୀତି ଲଭିବାର
ନିୟତି ଫିଟାଇ ଦେବ ତୋତେ ଦ୍ୱାର ।
ଯୁଝିବାକୁ ହେବ ଏକା ଏ ସମରେ,
ପଡ଼ିବୁ ସହାୟ ଥିଲେ ହର-ବରେ ।
ଭାଗ୍ୟର ମୀମାଂସା ହେବ ତାର ଆଜ,
ଲଭିବୁ ତୁ ଚିର ଯଶ ଅବା ଲାଜ ।
ଏ ରଣ ଜିଣିଲେ ହେବୁ ତୁହି ଧନ୍ୟ,
ଏହି ଦେବୀ ହେବେ ସଦା ସୁପ୍ରସନ୍ନ ।
ଭବେ ଏହାଙ୍କର ନାମ ମହାନଦୀ,
ଉତ୍କଳ-ଭୁବନେ ଏହି ବିଷ୍ଣୁପଦୀ (୧) ।
ନୀଳସାଗରର ଫେନିଳ ତରଙ୍ଗ
ଏହି ଶୈଳପଦେ ହେଉଥିଲା ଭଙ୍ଗ ।
ମହାନଦୀ-ଲୀଳା ନିମନ୍ତେ ତୀର୍ଥେଶ (୨)
ଛାଡ଼ି ଦେଇଛନ୍ତି ଏହି ପୂର୍ବ ଦେଶ ।
ଏହି ମହାନଦୀ-ପ୍ରସାଦେ କେବଳ
ଜନ୍ମିଅଛି ଶସ୍ୟ-ଶ୍ୟାମଳ ଉତ୍କଳ ।
ମହେନ୍ଦ୍ରକୁ (୩) ଭେଦି ମହୋଦଧି-ପଦେ
ମିଳିଲେ ଆସି ଏ ସଲିଳ-ସଂପଦେ ।

---

୧ ।   ବିଷ୍ଣୁପଦୀ – ଗଙ୍ଗା

୨ ।   ତୀର୍ଥେଶ – ସମୁଦ୍ର

୩ ।   ଓଡ଼ିଶାର ପର୍ବତମାଳା ମହେନ୍ଦ୍ରଗିରିର ଅଂଶୀଭୂତ ।

ବସନ୍ତି ଯା'ତୀରେ ବିରଜାସୁନ୍ଦରୀ,
ମୋର ସ୍ରୋତ-ରୋଧେ ଯଥା ବିନ୍ଧ୍ୟେଶ୍ୱରୀ ।
ଗୋନାସିକା ଗିରି (୧) ପୂତ ଝରୁ ଜାତ
ଯାର ସ୍ରୋତ, ମହାବରାହ (୨) ଆଖ୍ୟାତ ।
ମହାବିଷ୍ଣୁ ସ୍ନାନେ ପୁଣ୍ୟ ଯାର ନୀର,
ପରିଖା ଉତ୍କଳେ ଆଦ୍ୟ ନଗରୀର ।
ସେହି ବୈତରଣୀ ଅଗ୍ରତେ ତୁମ୍ଭର,
ବନ୍ଦ, ବନ୍ଧ, ଭାବେ ଦେବୀଙ୍କ ପୟର ।
ମେଘାସନ ଶୈଳ (୩) ମେଘର ଆବାସ,
ସଦଳେ ଝଟିକା (୪) ଯହିଁ କରେ ବାସ ।
ତହିଁ ଜନ୍ମି ସ୍ରୋତ ପ୍ରାଚୀମୁଖେ ଧାଏଁ,
ସିନ୍ଧୁ-ଅଙ୍ଗେ ନିଜ ତରଙ୍ଗ ମିଶାଏ ।
ସେହି ସ୍ରୋତସ୍ୱତୀ ସ୍ରୋତ-ଅଧିଶ୍ୱରୀ
ବଳାଙ୍ଗୀ ଏ, ମହାନଦୀ-ସହଚରୀ ।

---

୧ । କେନ୍ଦୁଝର ଅନ୍ତର୍ଗତ ଭୂୟାଁପୀଢ଼ରେ ଗୋନାସିକା ପର୍ବତ ଅବସ୍ଥିତ । ଏହି ପର୍ବତରୁ ବୈତରଣୀ ନଦୀ ଜାତ ହୋଇଛି ।

୨ । ମହାବରାହନାଥ ଯାଜପୁରର ପ୍ରସିଦ୍ଧ ଦେବତା ।

୩ । ମେଘାସନ ଗିରି ଓଡ଼ିଶାର ଦ୍ୱିତୀୟ ଉଚ୍ଚ ପର୍ବତ, ମୟୁରଭଞ୍ଜରେ ଅବସ୍ଥିତ । ଏହା ଶିମୂଳିପାଳ ପର୍ବତର ପ୍ରଧାନ ଶିଖର । ଶିମୂଳିପାଳ ପର୍ବତରୁ ବଳାଙ୍ଗୀ ଜାତ ।

୪ । ଝଟିକା – ଝଡ଼ ।

ଗୈରିକ-ଅରୁଣ ସ୍ରୋତଜଳେ ଭାସି
ଯାଆନ୍ତି ସୁନ୍ଦରୀ ଭେଟିବାକୁ ପାଶୀ (୧) ।
ସେକାଳେ ହୁଅଇ ଇନ୍ଦ୍ରଧନୁମାଳ,
ତୀର ଅଦ୍ରିସ୍ତମ୍ଭେ ତୋରଣ ବିଶାଳ ।
ମାଳା ପ୍ରାୟେ ତଳେ ଖେଳେ ସୌଦାମିନୀ (୨)
ବ୍ୟୋମେ ବନ୍ଦୁଥାନ୍ତି ବିମାନଚାରିଣୀ ।
ଦେବୀଙ୍କି ସେବନ୍ତି ପବନ ଆଦରେ
ବିକଶିତ କାଶକୁସୁମ-ଚାମରେ ।
କାଶଦ୍ୱୀପେ ଜଳଦେବୀ-ଗୀତିରୋଳ
ସଙ୍ଗେ ମିଶେ ଜଳ-ତରଙ୍ଗ-କଲ୍ଲୋଳ ।
ଚକ୍ରବାଳେ ଶୋଭେ ଜଳ-ଆସ୍ତରଣ
ଯେହ୍ନେ ବିଶ୍ୱଲକ୍ଷ୍ମୀ ବିଶାଳ-ଦର୍ପଣ ।
ନିରତେ କରିବୁ ଦେବୀଙ୍କର ଧ୍ୟାନ,
ମୋଠାରୁ ଦେବୀଙ୍କି ନଜାଣିବୁ ଆନ ।
ବ୍ରାହ୍ମୀ, ବୈତରଣୀ, ସୁବର୍ଣ୍ଣତଟିନୀ,
ବଳାଙ୍ଗୀ ଏ ଚାରି ଦେବୀଙ୍କ ଭଗିନୀ ।
ନିନ୍ଦିତ ଯାରୂପେ ପୂର୍ଣ୍ଣଇନ୍ଦୁ-ପ୍ରଭା,
ମହାଦେବୀ ଦେବ-ଯଜନ-ସମ୍ଭବା (୩)

---

୧ । ପାଶୀ – ବରୁଣ

୨ । ସୌଦାମିନୀ – ବିଜୁଳି

୩ । ବିରଜା ଦେବୀ ଯଜ୍ଞରୁ ସମ୍ଭୂତା ବୋଲି କିମ୍ବଦନ୍ତୀ ଅଛି ।

ନିରନ୍ତର ରତ୍ନ-ସୀମନ୍ତ ପରାୟେ
ଇନ୍ଦ୍ରଧନୁ ଯାର ଶିରେ ଶୋଭାପାଏ ।
ଯହିଁ କେଳିଲୋଳ-ଜଳଦେବୀ-କେଳି
ଉପୁଜାଏ ଶତ ସଲିଳ-ହାବେଳି ।
ରଚିବେ ଯା ତୀରେ ରୁଚିର ନବର
ଦୂର ଭବିଷ୍ୟତେ ତୋର ବଂଶଧର (୧) ।
ସେହି ପ୍ରପାତରେ ପୂତ ତୋୟରାଶି
ମିଶୁଅଛି ଏହି ବ୍ରାହ୍ମୀଅଙ୍ଗେ ଆସି ।
ଚାରି ସଖୀ ସଙ୍ଗେ ସୁକାନ୍ତି-ତନୁଜା (୨)
ଅଖିଳ ଉତ୍କଳେ ପାଉଛନ୍ତି ପୂଜା ।
ଅଖିଳ-ଉତ୍କଳ-ଦେଶବାସୀଚୟ
ବଢ଼ିଛନ୍ତି ପିଇ ଏହାଙ୍କର ପୟ ।
ନବତୀର୍ଥ ଆଜ ମୋର ଆବିର୍ଭାବେ,
ଉପୁଜିଲା, ବତ୍ସ, ଏ ବିଜନ ଠାବେ ।
ଏହି ତୀର୍ଥେ ଆସି ଏ ପୁଣ୍ୟ ତିଥିରେ
ପ୍ରତିବର୍ଷ ସ୍ନାନ କରିବୁ ଏ ନୀରେ ।

---

୧ । ବାମଣ୍ଡାର ରାଜଧାନୀ ଦେବଗଡ଼ । ଏହି ଭବିଷ୍ୟଦ୍‌ବାଣୀର ଲକ୍ଷ୍ୟ ଅଟେ; ଚୂଡ଼ଙ୍ଗଦେବ ବାମଣ୍ଡା ରାଜବଂଶର ଆଦିପୁରୁଷ ଅଟନ୍ତି ।

୨ । ସୁକାନ୍ତି-ତନୁଜା—ମହାନଦୀ ।

ଉତ୍କଳର ହେମ-ସୀମନ୍ତରୂପିଣୀ,
ଦେଖ, ବତ୍ସ, ଏହି ସୁବର୍ଣ୍ଣତଟିନୀ ।
ସୁବର୍ଣ୍ଣ-ପରାଗ ଯହୁଁ ଅହରହ
ଶବର-ଯୁବତୀ କରନ୍ତି ସଂଗ୍ରହ ।
ଯାର ତୀର-କୁଞ୍ଜ-ବିହାର ବାସନା
ଛାଡ଼ି ନ ପାରନ୍ତି ରମ୍ଭା (୧) ସୁଲୋଚନା ।
ନନ୍ଦନେ ମନ୍ଦାର-ନିକୁଞ୍ଜେ ବିହାର–
ସୁଖକୁ ତା'ଲାଗି ଦିଅନ୍ତି ଧିକ୍‌କାର ।
ଏହି ସେହି ବ୍ରାହ୍ମୀ ବ୍ରହ୍ମାଣ୍ଡପାବନୀ,
ଯାର କୃପାଯୋଗୁଁ ଉତ୍କଳେ ଅବନୀ ।
ପ୍ରସବୁଛି ନାନା ଶସ୍ୟ ଅବିରତ,
ବୈତରଣୀ-ସଙ୍ଗେ ହୋଇଣ ସଙ୍ଗତ ।
ଯାର ଜଳରାଶି ଅନୂପ ଉତ୍କଳେ
ମହାସିନ୍ଧୁ-ସଙ୍ଗେ ଖେଳେ କୁତୂହଳେ ।
ପ୍ରଧାନ-ପାଟର ପ୍ରପାତ (୨) ଭୀଷଣ
ନିର୍ଜନ ଗହନେ ଗର୍ଜେ ଅନୁକ୍ଷଣ ।
ନୀର-ଆସ୍ତରଣ ଭୃଗୁ-ପ୍ରସ୍ତେ (୩) ଯାର
ହୀରକକୁ ଦିଏ ସହସ୍ର ଧିକ୍‌କାର ।

---

୧ । ବାମଣ୍ଡା ରାଜ୍ୟ ଅନ୍ତର୍ଗତ ବ୍ରାହ୍ମଣୀ ତୀରବର୍ତ୍ତୀ 'ବାରକୂଟ' ଗ୍ରାମରେ ରମ୍ଭାଙ୍କ ମନ୍ଦିର ଅଛି ।

୨ । ପ୍ରଧାନପାଟର ପ୍ରପାତ ବାମଣ୍ଡା ରାଜଧାନୀ ଦେବଗଡ଼ ନିକଟବର୍ତ୍ତୀ

୩ । ଭୃଗୁ – ପର୍ବତର ଢାଲୁ ପ୍ରଦେଶ

ତାପେ କ୍ଳାନ୍ତ ତରୁରାଜି ସରକୂଳେ
ଅର୍ଚ୍ଚିଲେ ସରକୁ ବୃନ୍ତଚ୍ୟୁତ ଫୁଲେ ।
କପୋତେ ରାବିଲେ ତରୁଷଣ୍ଡେ ଲୁଚି
ପତ୍ର ଅନ୍ତରାଳେ ରାବିଲେ ଗୁଣ୍ଡୁଚି ।
ଅଚଳେ ( ୧ ) କୋଚିଲାଖାଇଙ୍କର ରାବ
ପ୍ରଚାରିଲା ବନେ ମଧ୍ୟାହ୍ନ-ପ୍ରଭାବ ।
ନଦୀକୁଳୁଁ ଶୁଣି ସ୍ୱଜାତିର ସ୍ୱର
ନଦୀକୂଳବନ୍ଧୁ ( ୨ ) ଦେଲା ପ୍ରତ୍ୟୁ ର ।
ବିଶ୍ରାମେ ମିଟାଉ ଶ୍ରମ ତରୁତଳେ
ଶିବିରକୁ ଫେରି ଅଇଲି ଚ ଳେ ।''
ଏହି କଥା କହି ଚୋର ସେନାପତି
ପ୍ରଦୋଷ (୩) କୃତ୍ୟରେ ବଳାଇଲେ ମତି ।
ସାମନ୍ତେ ସୈନିକେ ଗଲେ ନିଜସ୍ଥାନ
ମନେ ଗୁଣି ସେନାପତି କଥାମାନ ।
କି ଭାଗ୍ୟ ଫଳିବ ରଜନୀ ଗରଭେ,
ଏହି ପ୍ରତୀକ୍ଷାରେ ରହିଲେ ସରବେ ।

●

---

୧ । ପାହାଡ଼ ଉପରେ କୋଚିଲାଖାଇ ଚଢ଼େଇଙ୍କ ଧ୍ୱନି ।
୨ । ନଦୀକୂଳ ବନ୍ଧୁ – ଯାମଘୋଷୀ ପକ୍ଷୀ ।
୩ । ପ୍ରଦୋଷ–ସନ୍ଧ୍ୟା

ବୋଲାଇବ ଏହା ଉତ୍କଳେ ସନ୍ତତେ
'ଚୋରଗଙ୍ଗ ଦହ' (୧) ତୋର ନାମ ମତେ'' ।
ଏହା କହି ଦେବୀ ହେଲେ ଅନ୍ତର୍ହିତ,
ଜଳଦେ ଯେସନେ ମିଶଇ ତଡ଼ିତ, (୨)
ଜଳେ ମିଶିଗଲା ସେ ଛବି ପଲକେ,
ଅବଶେ ଆଖି ମୁଁ ବୁଜିଲି ଛନକେ ।
ପୂର୍ବପରି ସ୍ତବ୍ଧ ହେଲା ସେ କାନ୍ତାର
ପୂର୍ବପରି ଶୁଭି ଝିଙ୍କାରି-ଝଙ୍କାର ।
କୌମୁଦୀ-ବିହୁନେ ଶଶାଙ୍କ ଯେସନ
ମ୍ଳାନଭାବ ଏବେ ଭଜିଲା କାନନ,
ପ୍ରଭାବିଭୁ ନଭେ ହେଲେ ଖରତର,
ତୋଳିନେଇ ସରୁଁ ମୃଣାଳ ପୁଷ୍କର
ଦେବୀଙ୍କି ନୈବେଦ୍ୟ ଦେଇ ମନେ ମନେ
କ୍ଷୁଧା ନିବାରିଲି ପ୍ରସାଦ-ସେବନେ ।
ଅମ୍ବରେ ଉଜ୍ଜଳେ ଜଳିଲେ ତରଣି, (୩)
କିବା ଦିବାଦେବୀ କା 1-ମଧ୍ୟମଣି ।

---

୧ । ଚୂଡ଼ଙ୍ଗ ଦହ—ଏହି ହ୍ରଦ କଟକରୁ ୪ କ୍ରୋଶ ଦୂରବ 1 ସାରଙ୍ଗଗଡ଼ ନିକଟସ୍ଥ ଅରଣ୍ୟ ମଧ୍ୟରେ ଅବସ୍ଥିତ । ଏହା ଅତ୍ୟନ୍ତ ଗଭୀର ଏବଂ ଏହାର ଜଳ ନିର୍ମଳ । କେହି କେହି କହନ୍ତି ଯେ, ଏହା ମଧ୍ୟରେ ଗଙ୍ଗାଦେବୀଙ୍କର ମନ୍ଦିର ଅଛି ଏବଂ ବିଗତ ନଅଙ୍କରେ କି ୍ତ୍ ଜଳ ଶୁଷ୍କ ହୋଇଯିବାରୁ ଉକ୍ତ ମନ୍ଦିରର ଚୂଡ଼ା ଦୃଷ୍ଟିଗୋଚର ହୋଇଥିଲା ।

୨ । ତଡ଼ିତ – ବିଜୁଳି

୩ । ଅମ୍ବରେ—ଆକାଶରେ । ତରଣି – ସୂର୍ଯ୍ୟ

ଦୂରେ ବାଲିରାଶି ମିଶିଛି ଗଗନେ
ବିଭାସିତ ସନ୍ଧ୍ୟା-କନକ-କିରଣେ ।
ସାରଙ୍ଗ ଗଡ଼ରୁ ଆଠଗଡ଼ ଯାଏ
ଶୋଭେ ଶୈଳ ନୀଳ-ପ୍ରାଚୀର-ପରାୟେ ।
ଠାବେ ଠାବେ ତୁଙ୍ଗ ନୀଳଶୃଙ୍ଗମାଳା
ଶୋଭେ ଯେହ୍ନେ ଇନ୍ଦ୍ରନୀଳ-ଚନ୍ଦ୍ରଶାଳା ।
ଉଚ୍ଚତାରେ ଦେଇ ସର୍ବ ଶୈଳେ ଲଜ୍ଜା
ଟେକିଛି ଶିଖର ଗିରି ସପ୍ତଶଯ୍ୟା (୧) ।
ମଣ୍ଡିଛନ୍ତି ସ୍ୱର୍ଣ୍ଣ-କରେ ଗ୍ରହରାଜ (୨)
ବୌଦ୍ଧକୀର୍ତ୍ତି ରାଜିମଣ୍ଡିତ ନରାଜ (୩) ।
ଉ ରେ ବିରାଜେ ଶୈଳ ସର୍ପେଶ୍ୱର (୪),
ସର୍ପେଶ୍ୱରୀ ଯାର ଧୂଅଇ ପୟର ।

---

୧ । ସପ୍ତଶଯ୍ୟା ପର୍ବତ ଢେଙ୍କାନାଳ ଅନ୍ତର୍ଗତ । କଟକର ପଶ୍ଚିମରେ ଯେଉଁ ପର୍ବତମାନ ଦୃଷ୍ଟ ହୁଅନ୍ତି, ସେମାନଙ୍କ ମଧ୍ୟରେ ସପ୍ତଶଯ୍ୟା ପର୍ବତ ସର୍ବୋଚ୍ଚ ।

୨ । ଗ୍ରହରାଜ—ସୂର୍ଯ୍ୟ ।

୩ । ନରାଜର ବୌଦ୍ଧକୀର୍ତ୍ତି ଇତିହାସ-ପ୍ରସିଦ୍ଧ ।

୪ । ସର୍ପେଶ୍ୱର ପର୍ବତ ଆଠଗଡ଼ର ଅନ୍ତର୍ଗତ । ନରାଜର ବିପରୀତ ପାର୍ଶ୍ୱରେ ଅବସ୍ଥିତ ଆଠଗଡ଼ର ପ୍ରଧାନତମ ନଦୀ ସର୍ପେଶ୍ୱରୀ (ସାପୁଆ) ଏହି ପର୍ବତ ତଳେ ମହାନଦୀରେ ମିଳିଅଛି ।

## ॥ ଦ୍ୱିତୀୟ ସର୍ଗ ॥

(ନଟବାଣୀ ବୃ  )

ଡୁବନ୍ତି ଦିନାନ୍ତେ ତପ୍ତ ହେମଛବି
ଧୀରେ ଦେବୀଦ୍ୱାର (୧) ଗିରିଶୃଙ୍ଗେ ରବି ।
ପୀତ କରଜାଳେ ଝଲୁଛି ଭୁବନ,
ସୁଖସ୍ୱପ୍ନ ପ୍ରାୟେ ହରେ ଜନମନ ।
ବାରୁଣୀ (୨)–ଗଗନ ପ୍ଲାବିତ - ପ୍ରଭାରେ
ଗନ୍ଧର୍ବ-ନଗରୀ-ଶୋଭାକୁ ଧିକ୍‌କାରେ ।
ବାରୁଣୀ-ରାଣୀ କି ପିନ୍ଧି ସ୍ୱର୍ଣ୍ଣଚେଳ (୩)
ସଖୀସଙ୍ଗେ ଖେଳୁଛନ୍ତି ଫଗୁଖେଳ ।
ସୁବର୍ଣ୍ଣବିମାନ, ସ୍ୱର୍ଣ୍ଣରଥ-ଦୋଳା
ନଭସ୍ଥଳେ କେତେ ହୋଇଛନ୍ତି ତୋଳା ।
ସୁବର୍ଣ୍ଣର ନଦେ ବହେ ସ୍ୱର୍ଣ୍ଣସ୍ରୋତ,
ସୁବର୍ଣ୍ଣ ଅଖାଳେ ଚଳେ ସ୍ୱର୍ଣ୍ଣପୋତ ।
ସୁବର୍ଣ୍ଣ ମ  ରେ ସୁବର୍ଣ୍ଣ ଆସନ,
ତହିଁକି ବସିଛି ଦେବ-ବେହରଣ ।

---

୧ । ଡମପଡ଼ା ଅନ୍ତର୍ଗତ ପ୍ରସିଦ୍ଧ ପର୍ବତମାଳା ।ଏହା କଟକର ଦକ୍ଷିଣ-ପଶ୍ଚିମ ପଟରେ ଅବସ୍ଥିତ ।

୨ । ବାରୁଣୀ – ପଶ୍ଚିମ ।

୩ । ସ୍ୱର୍ଣ୍ଣଚେଳ – ସୁନାର ବସ୍ତ୍ର ।

ରକ୍ତ, ପୀତ, ନୀଳେ ଚିତ୍ରକରି ନଭ
ଭିଆଇଛି ନାନାବର୍ଣ୍ଣେ ବର୍ଣ୍ଣୋତ୍ସବ ।
ତାରାଟିଏ ଫୁଟି ଗୋଧୂଳି-କୁନ୍ତଳେ
ଦେଖୁଅଛି ମୁଖ କାଠଯୋଡ଼ି–ଜଳେ ।
ପର୍ବତ କନ୍ଦରୁ ବାହାରି ଅନ୍ଧାର
କ୍ରମେ ସବୁ କରୁଅଛି ଏକାକାର ।
ଚଉଦିଗେ ଘୋଟି ତିମିର-କାଳିମା
ଲିଭିଗଲା ଜଳ ସ୍ଥଳ ବ୍ୟୋମ ସୀମା ।
ମାତ୍ର ବିଡ଼ାନାସି ଗଡ଼େ ତିମିରର (୧)
ପ୍ରବେଶର ଆଜି ନାହିଁ ଅବସର ।
ଯହିଁ ଦେଖ ତହିଁ ଚନ୍ଦ୍ରୋଦୟା (୨) ଜଳେ,
ଯହିଁ ଦେଖ ତହିଁ ସଙ୍ଗୀତ ଉଥଳେ,
ଉଲ୍ଲାସେ ଗଡ଼ନ୍ତି ଗଡ଼ବାସୀ ଜନେ
ନାନା ମନୋରାଜ୍ୟ-ଜାଗ୍ରତ ସ୍ୱପନେ,
" ବିଡ଼ାନାସି ଛାଡ଼ି ଆଜ ନିଶା ଶେଷେ
ବାହୁଡ଼ିବ ଶତ୍ରୁ ସଦଳେ ସ୍ୱଦେଶେ ।
ରିପୁ-ରାହୁ-ମୁକ୍ତ ହେବେ ନୃପ-ଶଶୀ,
ଉତ୍କଳ-କୈରବ (୩) ହସିବ ବିକଶି ।"

---

୧ । ତିମିର – ଅନ୍ଧକାର ।

୨ । ଚନ୍ଦ୍ରୋଦୟା – ଚନ୍ଦ୍ରଦୀପ

୩ । କୈରବ – କୁମୁଦ

ବକ୍ରଗାମୀ ସ୍ରୋତେ, ବିସ୍ତୃତ ସୈକତେ
ସନ୍ଧ୍ୟାରାଗ ଖେଳୁଅଛି ନାନାମତେ ।
ସ୍ୱଚ୍ଛ ସ୍ରୋତଜଳେ ପୀତ ରବି-ରୁଚି
ପଡ଼ି, ବୀଚିମାଳା ହଲୁଚି ଝଲୁଚି ।
ଧୂମାକାରେ ଦୂରେ ପର୍ବତର ଛାଇ,
ମାଡ଼ି ଆସୁଅଛି ଜଳସ୍ଥଳ ଛାଇ ।
ରଥାଙ୍ଗୀ (୧) ଭାସଇ କାଠଯୋଡ଼ି-ନୀରେ
ଥରେ କାନ୍ତେ; ଥରେ ଅନାଇ ମିହିରେ (୨) ।
ପଟିଆଦହରୁ (୩) ପକ୍ଷୀ ଦଳେ ଦଳେ
ଉଡ଼ିଆସୁଛନ୍ତି ନଭେ କୋଳାହଳେ ।
ଗଉଡ଼େ ମଧୁରେ ମୁରଲୀ ବଜାଇ
ପଠାରୁ ଗୋଠକୁ ଆଣୁଛନ୍ତି ଗାଇ ।
ଚାହୁଁ ଚାହୁଁ ରବି ହେଲେ ଅସ୍ତମିତ,
ପଶ୍ଚିମାଶା ହେଲା କୁଙ୍କୁମେ ଛୁରିତ, (୪)
କେତେ ରୂପ ଧରୁଅଛି ଚକ୍ରବାଳ,
ଦେଖାଉଛି ନବ ନବ ଇନ୍ଦ୍ରଜାଳ ।

---

୧ । ରଥାଙ୍ଗୀ – ଚକ୍ରବାକୀ ।

୨ । ମିହିର–ସୂର୍ଯ୍ୟ ।

୩ । ପଟିଆ–ଏହି ରାଜ୍ୟ କଟକରୁ ୩ କୋଶ ଦକ୍ଷିଣରେ ଅବସ୍ଥିତ । ଏହାର ପର୍ବତ ଏବଂ କାନନ ବେଷ୍ଟିତ ଦହମାନ ଅତି ରମଣୀୟ । ଏହି ଦହମାନଙ୍କର ପଦ୍ମପତ୍ର ପଦ୍ମପୁଷ୍ପ ଏବଂ ଶିଙ୍ଗଡ଼ା ପ୍ରଭୃତି କଟକକୁ ଯଥେଷ୍ଟ ପରିମାଣରେ ଆମଦାନୀ ହୁଏ ।

୪ । ଛୁରିତ – ଲିପ୍ତ । ପଶ୍ଚିମ ଆକାଶ କୁଙ୍କୁମ ବର୍ଣ୍ଣ ଧାରଣ କଲା ।

ଧାଡ଼ି ଧାଡ଼ି ହୋଇ ଜଳେ ଦୀପାବଳୀ,
ମନ୍ତ୍ର ଉଚ୍ଚାରନ୍ତି ପୁରୋଧା-ମଣ୍ଡଳୀ ।
ସ୍ଥାନେ ସ୍ଥାନେ କୁଞ୍ଜ ହୋଇଛି ରଚନା,
ସରଣୀରେ ( ୧ ) ଶୋହେ ପଲ୍ଲବତୋରଣା ।
ଉଡ଼େ ନାନାବର୍ଣ୍ଣେ ତରୁଚୂଡ଼େ ଧ୍ୱଜ,
ତରୁପର୍ଣ୍ଣେ ଦୀପ ନିନ୍ଦେ ତାରାବ୍ରଜ ।
ଉନ୍ନତ ଆନନ୍ଦେ ଯେତେ ଦୁର୍ଗବାସୀ
ରୁଣ୍ଡ କଲେ ଆଣି ଭୋଗ ରାଶି ରାଶି ।
କୁସୁମ ଚାଙ୍ଗଡ଼ା ପଦ୍ମହସ୍ତେ ଧରି,
ଠାବେ ଠାବେ ଠୁଳ ପ୍ରାଙ୍ଗଣେ ନାଗରୀ ।
ଉଭାହୋଇ ଭକ୍ତିଭାବେ ନରବର
ଦେବୀଙ୍କ ଛାମୁରେ ଢାଳନ୍ତି ଚାମର ।
ଅର୍ଘ୍ୟସ୍ଥାଳୀ ହସ୍ତେ ମହିଷୀ-ସକଳ ( ୨ )
ଉପନୀତ, ସଙ୍ଗେ ସହଚରୀଦଳ ।
ସର୍ବେ ହୋଇଛନ୍ତି ଏ ଉତ୍ସବେ ଭାଗୀ ।
ମାତ୍ର ଜେମା-ମୁଖ ମଳିନ କି ଲାଗି ?
ସନ୍ତତି ମଧ୍ୟରେ ଏକମାତ୍ର କନ୍ୟା,
ରୂପେ ଗୁଣେ ଲୋକେ ହୋଇଅଛି ଧନ୍ୟା ।

---

୧ । ସରଣୀ – ରାସ୍ତା; ପଥ ।

୨ । ମହିଷୀ – ରାଣୀ ।

ଦେବାଳୟେ, ପଥେ, ଘାଟେ, ଘରେ, ଦ୍ୱାରେ
ଏହି ଗୀତ ଆଶା ଗାଏ ସବୁଠାରେ ।
ଉତ୍କଣ୍ଠା ହୃଦୟ କଲେ ଅଧିକାର,
ଆଶା ଧରେ ଇଷ୍ଟସିଦ୍ଧିର ଆକାର ।
ଗହନେ ଗମନକାଳେ ଚୋରବୀର
କହିଯାଇଥିଲେ ଶିବିରେ ଯେ ଗିର (୧) ।
ସେହି କଥା ଆଣି ରାତ୍ରେ ଗୂଢ଼ଚାର (୨)
କରିଥିଲା ଜନସମାଜେ ପ୍ରଚାର ।
ସେହି-ଆଶା-ସ୍ରୋତେ ମନୋରଥ-ତରୀ
ଛାଡ଼ି ଦେଇଛନ୍ତି ନାଗର-ନାଗରୀ ।
ଚାଲିଛି ତରଣୀ ଉଲ୍ଲାସ-ପବନେ,
ବିପଦ-ଭଉଁରୀ-ଭୀତି ନାହିଁ ମନେ ।
ଦୁର୍ଗ ମଧ୍ୟେ ଆଜ ଆନନ୍ଦ-ଚହଳ,
ଚଣ୍ଡିକା ଦେଉଳେ ଲାଗିଛି ଗହଳ ।
ପଟହ-କାହାଳୀ-ତୂରୀ-ଭେରୀ-ରବେ
କମ୍ପୁଛି ଚଣ୍ଡିକା-ଗୃହ ମହୋତ୍ସବେ ।
ସପଲ୍ଲବପୁଷ୍ପେ ଶୋଭିତ ତୋରଣ,
ଧୂପ-ହୋମ ଗନ୍ଧ ବହେ ସମୀରଣ ।

---

୧ । ଗିର – କଥା ।

୨ । ଗୁଢ଼ଚାର – ଗୁପ୍ତଚର

ପାତ୍ର ମିତ୍ର ସଙ୍ଗେ କେଶରିପ୍ରବୀର (୧)
ବାହୁଡ଼ିଲେ ଆଦ୍ୟ ଯାମେ ଯାମିନୀର, (୨)
ଦିବାଶ୍ରମେ ଶ୍ରାନ୍ତ ଯେତେ ନରନାରୀ
ବାସେ ବାହୁଡ଼ିଲେ ମହୋତ୍ସବ ସାରି ।
ଯାମିନୀ ହୁଅନ୍ତେ ସାର୍ଦ୍ଧ ଏକ ଯାମ
ଆହାରାନ୍ତେ ସର୍ବେ ଲଭିଲେ ବିଶ୍ରାମ ।
କି ରାଜା, କି ପ୍ରଜା, କି ଧନୀ, ନିର୍ଦ୍ଧନ
ସ୍ୱପ୍ନରାଜ୍ୟେ ସୁଖେ କଲେ ବିଚରଣ ।
କ୍ରମେ ଘରେ ଘରେ ପ୍ରଦୀପ ଲିଭିଲା,
ଗାଢ଼ ତମଃ ସର୍ବ ସ୍ଥଳ ଆବରିଲା ।
ଗାଢ଼ୁଁ ଗାଢ଼ତର ହେଲାଣି ରଜନୀ,
ନିବିଡ଼ ତମସେ ଆବୃତ ଅବନୀ ।
ମଗ୍ନ ବିଡ଼ାନାସି ନିବିଡ଼ ତମସେ,
ଜଡ଼ ପ୍ରାୟେ ଗଡ଼ବାସୀ ନିଦ୍ରାବଶେ ।
ଲିଭିଲାଣି ଦୀପଶିଖା ଠାବେ ଠାବେ,
ଜଳୁଥିଲା ଯାହା ନଦୀବକ୍ଷେ ନାବେ ।
ପଥ ବେନିପାର୍ଶ୍ୱେ ଘନ ବନସ୍ପତି, (୩)
କିବା ସେ ବହଳ ତମିସ୍ର (୪)-ସଂହତି ।

---

୧ । କେଶରିପ୍ରବୀର – ସୁବର୍ଣ୍ଣକେଶରୀ ଶ୍ରେଷ୍ଠ ରାଜା ।
୨ । ଯାମିନୀ – ରାତ୍ରି
୩ । ବନସ୍ପତି – ବଡ଼ ବଡ଼ ବୃକ୍ଷ ।
୪ । ତମିସ୍ର – ଗାଢ଼ ଅନ୍ଧକାର

ଶତ ମହିଷୀର ଉତ୍ସଙ୍ଗେ ଲାଳିତା,
ଶଶିକଳା ପ୍ରାୟେ ବଢ଼ିଲା ଲଳିତା ।
ଭ୍ରମିଲା ସୋହାଗେ ଶୈଶବେ ନବୀନା
କୋଳୁଁ କୋଳେ ଯେହ୍ନେ କଳନାଦୀ ବୀଣା ।
କ୍ରମେ ଦେହେ ହେଲା ଯୌବନ-ପ୍ରକାଶ,
ବସନ୍ତେ ଆସଇ ଯଥା ମଧୁମାସ ।
କିମ୍ବା ମଧୁମାସେ ନବକିଶଳୟ (୧)
କିଶଳୟେ ଅବା କୁସୁମନିଚୟ ।
ଶୁଦ୍ଧାନ୍ତ-ଉଦ୍ୟାନେ ଏକହିଁ ମୁକୁଳ (୨)
ନନ୍ଦିକା ଏବେ ସେ ପ୍ରସ୍ଫୁଟିତ ଫୁଲ ।
କେଉଁ କୀଟ ଆହା ପଶିଲା ଏ ଫୁଲେ
କି ଭାବନା ବାଳା ଭାବୁଛି ବ୍ୟାକୁଳେ ?
ଉଦାସୀନ ବାଣୀ, ଅଟଳ ଚାହାଣି
ହତ ହୃଦୟର କହଇ କାହାଣୀ ।
ବୃଥା ସେ କୃତ୍ରିମ ଉଲ୍ଲାସେ ପ୍ରୟାସ,
ଫୁଟି ବାହାରୁଛି ରୁଦ୍ଧ ଦୀର୍ଘଶ୍ୱାସ,
ଭାବ ଦେଖି ଅଙ୍ଗ-ଗ୍ଲାନି ଅନୁମାନି,
ସଖୀଏ ଛାଡ଼ିଲେ ଅନ୍ତଃପୁରେ ଆଣି ।

---

୧ । ନବକିଶଳୟ – ନୂଆ କଅଁଳ ପତ୍ର ।

୨ । ମୁକୁଳ – କଢ଼ି ।

ବିକଶିତ ନବ ଲାବଣ୍ୟ-କଳିକା
ଚନ୍ଦ୍ରଶାଳା ଗୃହେ ବସିଛି ନନ୍ଦିକା ।
ଏ ଗୃହେ ନିଭୃତେ ବସି କୁତୂହଳେ,
ପୂର୍ବେ ଦେଖୁଥିଲା ରଣ ଗଡ଼ତଳେ ।
ଚୋରବୀରଙ୍କର ଲଳିତ ମୂରତି,
ଦେଖି ହେଉଥିଲା ହୃଦୟ କରତି
ଦେଖିଲା ଯେଦିନ ଚୋରକୁ ରୂପସୀ
ଗଲା ମନ ତା'ର ନିଜ-ବଶୁଁ ଖସି ।
ବସି ଅନ୍ଦୋଦରୀ ସଙ୍କଳ୍ପ-ଦୋଳାରେ
ସୁକୁମାରୀ ଘାରି ହେଉଥିଲା ମାରେ, (୧)
ଅଙ୍ଗେ ବର୍ମ, ଶିରେ ସ୍ୱର୍ଣ୍ଣ-ଶିରସ୍ତ୍ରାଣ,
ବରଭୁଜେ ଧରି ଝଲକ କୃପାଣ ।
ବାଜିପୃଷ୍ଠେ (୨) ଚୋର ଯୁଝୁଥିଲେ ରଣେ,
ନିନ୍ଦୁଥିଲା ବାମା ଶିଖଣ୍ଡି ବାହନେ, (୩)
ବିନ୍ଧୁଥିଲେ ଚାପ ଚକ୍ରାକାରେ ଟାଣି,
ମଣୁଥିଲା ତାଙ୍କୁ ପୁଷ୍ପଧନୁପାଣି, (୪)

---

୧ । ମାରେ – କନ୍ଦର୍ପରେ; କାମପୀଡ଼ାରେ ।

୨ । ବାଜି–ଅଶ୍ୱ ।

୩ । ଶିଖଣ୍ଡି ବାହନ – କା ର୍ତ୍ତିକେୟ; ମୟୂର ବାହନ ।

୪ । ପୁଷ୍ପଧନୁଷ୍ପାଣି – କାମଦେବ ।

ଗାଢ଼ତର ହୋଇ ଅନ୍ଧାର ବଢୁଛି,
ଥାଉ ଆନ ତହିଁ ନ ଗଳିବ ସୂଚୀ ।
ମହାନଦୀ-ପଠାବାସୀ-ମହିଷାଳ–
ମହାନଦୀ-ସ୍ରୋତବାହୀ-ପୋତପାଳ (୧)
ଭୟହାରୀ ଶଶୀ ହେବାକୁ ଉଦିତ
ଅଛି କାଳ ଅର୍ଦ୍ଧ-ଯାମ ପରିମିତ ।
ସାଇଁ ସାଇଁ ଡାକୁଅଛି ବସୁନ୍ଧରା,
ମୌନବତୀ ଯେହ୍ନେ ସମାଧି-ତତ୍ପରା ।
ତିମିର-ପ୍ରଭାବ ଏହି କାଳେ ଅତି,
ସୁଖ ଆଗେ ଯଥା ଦୁଃଖ-ପରିଣତି ।
ମହାଶୂନ୍ୟେ ରହି ତାରକାର ମେଳା,
ଭୁଭଙ୍ଗେ ଦେଖନ୍ତି ଏ ଭବର ଖେଳା ।
ମଗ୍ନ ବିଡ଼ାନାସି ତମଃ-ସିନ୍ଧୁ-ନୀରେ,
ଆଲୋକ ଝଲକେ କିପାଁ ହର୍ମ୍ୟ-ଶିରେ (୨) ?
ତମୋଭାଲେ ତାରା-ପ୍ରାୟେ ନଭେ ସ୍ଫୁରେ,
ନୁହଇ କି ଦୀପ ଢେମା ହଂସପୁରେ ?

---

୧ । ପୋତପାଳ – ନାବିକ ।

୨ । ହର୍ମ୍ୟ – ଉଚ୍ଚତମ ପ୍ରାସାଦ ।

କିଏ ଦେଖିଅଛି ଫେଡ଼ି ଭବିତବ୍ୟ,
ହେବେ କାଳେ ଶତ୍ରୁ-ଶରର ଶରବ୍ୟ !
କେ କହିବ, ଆହା, ବିଧାତା କିପାଇଁ
ମୃଣାଳକୁ ଦେଲେ କ  କେ ଜଡ଼ାଇ ?
କି ଲାଗି ଚନ୍ଦନ ପନ୍ନଗ (୧) ନିବାସ
ବୁଝିବାର ସିନା ବିଫଳ ପ୍ରୟାସ ।
ଦୈତ୍ୟ-ଅସ୍ତ୍ରାଘାତ ସହିବାକୁ ରଣେ
ସୃଜିଲେ ଯେ ବିଧି ଶିଖଣ୍ଡି-ବାହନେ ।
ସେହି ତ ସୃଜିଲେ ଏ ରୂପନିଧାନ,
ବିଧି ସେ ବୁଝନ୍ତି ତାଙ୍କରି ବିଧାନ ।
ଶୁଣିଛି ଚୋରର ଜନନୀ ଜାହ୍ନବୀ (୨)
ହୃଦ କି ତାଙ୍କର ବଳିଗଲା ପବି (୩) ?
କୁମରକୁ ପେଷି ଏ ଘୋର ସମରେ
ଧୈର୍ଯ୍ୟଧରି ରହିଛନ୍ତି ଦେଶାନ୍ତରେ ।
ଦେବବ୍ରତକୁ ଯେ ଦେବୀ ପୂର୍ବଯୁଗେ
ରଣେ ଶୁଆଇଲେ ସୁତୀକ୍ଷ୍ଣ ଆଶୁଗେ (୪) ।

---

୧ । ପନ୍ନଗ – ସର୍ପ ।

୨ । ଚୋରଗଙ୍ଗ – ଗଙ୍ଗାଙ୍କର ପୁତ୍ର ବୋଲି ଇତିହାସ ଅସମର୍ଥିତ ଏକ କିମ୍ବଦନ୍ତୀ ଅଛି ।

୩ । ପବି – ବଜ୍ର ।

୪ । ଭୀଷ୍ମଙ୍କ ଶରଶଯ୍ୟା ଉପାଖ୍ୟାନ ମହାଭାରତରେ ବର୍ଣ୍ଣିତ । ଆଶୁଗ–ଶର

ଯୁଝୁଥିଲେ ବୀର ଅରାତିଗହଳେ,
ପୋଛୁଥାଇ ବାଳା ଅଶ୍ରୁ ଚେଳା  ଳେ ।
ତ୍ରାସେ ହେଉଥାଇ ଚି  ବୃ ି ଲୋଳ, (୧)
ଭଜୁଥାଇ ପାଣ୍ଡୁ-ଭାବକୁ କପୋଳ ।
ଆରତେ କରତି ହେଉଥାଇ ମନ,
ଭାବୁଥାଇ ବାଳା ସ୍ୱଗତେ ଏସନ,
"ଆହା କି ଲଳିତ ଲାବଣ୍ୟ-ପ୍ରତିମା !
ଜଗତେ ସୁଷମା–ଉପମାର ସୀମା ।
ଏ ନିଧିକି ବିଧି, ଆହା, କି ବିଚାରେ
ଯୋଚିଲେ ଦାରୁଣ ରଣ-ବ୍ୟବସାରେ ?
ପୁଷ୍ପଉପବନ-ଯୋଗ୍ୟ ଯୁବାଜନେ
ପକାଇଲେ ନେଇ ଅସି-ଲତାବନେ ।
କୁସୁମ-ପରାଗ-ଯୋଗ୍ୟ କଳେବର
ହୋଇଅଛି, ଆହା ଧୂଳିରେ ଧୂସର !
ଶ୍ରମବାରି ଝରି ଝଲୁଛି ବଦନ,
କଳଧୌତେ (୨) ମୋତି ଜଡ଼ିତ ଯେସନ ।
ଦୁଃସାହସ ଦେଖି ମନେ ତ୍ରାସ (୩) ମାଡ଼େ,
ସଦା ଯୁଝେ ବୀର ବିପଦର ଦାଢ଼େ,

---

୧ । ଲୋଳ – ଆନ୍ଦୋଳିତ
୨ । କଳଧୌତେ – ସୁନାରେ ।
୩ । ତ୍ରାସ – ଭୟ

ଅଶ୍ରୁହୀନ ହେବ ପଦ୍ମିନୀ-ନୟନ,
ମୋର ବେନି ନେତ୍ର ଅଶ୍ରୁ- ପ୍ରସ୍ରବଣ ।
ମୋହ ପକ୍ଷେ ହେଲା ଏ ରଣ ପ୍ରମାଦ,
ଭିଆଇଲା ଚିତେ ହରଷେ ବିଷାଦ ।
କି ବୁଦ୍ଧି କରିବି ସହଜେ ଅବଳା,
ଜନ୍ମିଛି ହୃଦୟେ ଦେବାକୁ ଅର୍ଗଳା, (୧)
ଅରି (୨) ହୋଇ ଚୋର କରେ ମନ ଚୋରି,
ଅଲକ୍ଷ୍ୟେ ଫିଙ୍ଗଇ ଦୂରୁଁ ପ୍ରେମଡୋରି ।
ଦୂରୁଁ ଆସି ଏହି ଶୂରଚୂଡ଼ାମଣି
ହଠେ ଲୁଟିକଲା ହୃଦୟ-ବିପଣି ।
ନ ପଶୁଣୁଦୁର୍ଗେ ପଶିଲା ଅନ୍ତରେ
ଛାୟା ଯଥା ସ୍ୱଚ୍ଛ ଦର୍ପଣ-ଭିତରେ ।
ଚୋରହାତେ ଦେଲି ପ୍ରଣୟପସରା,
ନ ଧରି ପଡ଼ିଲି ଚୋର ହାତେ ଧରା ।
ନାରୀମନଚୋର ଚୋର ମହାବୀର,
ଚୋର ନାମ ତେଣୁ ବହିଛି ମହୀର ।
ଗଲା ହୃଦୟ ନ ଆସିବ ବାହୁଡ଼ି,
ପକ୍ଷ ଥିଲେ ଦେହ ଯାଇଥାନ୍ତା ଉଡ଼ି ।

---

୧ । ଅର୍ଗଳା –ମାଳା, ବରଣମାଳା ।

୨ । ଅରି – ଶତ୍ରୁ ।

ସେହି ଦେବୀଙ୍କର ଯେଣୁ ଏ କୁମାର,
ଏ ଭାଗ୍ୟ ଭଜିବା ନୋହେ ଚମତ୍କାର ।
ଦେବକୂଟ ସିନା ଦେବତାଙ୍କୁ ଜଣା,
ମନୁଷ୍ୟ ତ ତହିଁ ସବୁବେଳେ ବଣା ।"
ଆଜ ଜଗତୀରେ ଜଗତମୋହିନୀ
କି ଭାବନା ଭାବୁଅଛି ଏକାକିନୀ ?
ମନେ ଉଠୁଅଛି ଶତ ମନୋରଥ,
ଲୋକ-ଲଜ୍ଜା ପୁଣି ରୋଧୁଅଛି ପଥ ।
ଆ ଭ୍ରମୁଅଛି ଏଣେ ତେଣେ ମନ,
ମଶାରି ଭିତରେ ମଶକ ଯେସନ ।
ଅବା ତରୁଶାଖା ପ୍ରଭଞ୍ଜନ–ବଳେ (୧)
ଅଥବା ତରଙ୍ଗ ମହୋଦଧିଜଳେ ।
ଭାବ-ଉର୍ମି କୋଳେ ଦୋଳୁଅଛି ବାଳା
ଅରାତି (୨) ଶିବିରେ ଆଲୋକର ମାଳା,
ଦେଖିଣ ହୃଦୟ ହେଉଛି ଉଚ୍ଛନ୍ନ,
ଗଣ୍ଡେ କର ଥୋଇ ଭାଳଇ ଏସନ,
"ଆଜ ନିଶାଶେଷେ ଉଇଁଲେ ତପନ
ମୋ ପ୍ରାଣ ତପନ ହେବେ ଅଦର୍ଶନ ।

---

୧ । ପ୍ରଭଞ୍ଜନ – ପବନ ।

୨ । ଅରାତି – ଶତ୍ରୁ ।

ତାତ ହେଲେ ସିନା ଅନର୍ଥର ହେତୁ,
ଶୁଭଗ୍ରହ କର୍ମେ ହେଲେ ଧୂମକେତୁ,
ଯାହା ଇଚ୍ଛା ତାହା ପରଭାଗ୍ୟେ ଘଟୁ,
ନିଜ ଚି  ବୃ ି ଚିହ୍ନିବାକୁ ପଟୁ ।
ଚିହ୍ନିବାକୁ ଶିଖି ନାହିଁ ପରମନ,
ସେ କି କେବେ ପ୍ରଭୁପଣକୁ ଭାଜନ ?
ସୁତାରେ (୧) ପିତାଙ୍କ ପୂର୍ଣ୍ଣ ଅଧିକାର
ଭଣେ ଯେଉଁ ଶାସ୍ତ୍ର ତାକୁ ନମସ୍କାର !
ବୃଥା ଭାବି ଭାବି ହେଉଛି ଉଚ୍ଛନ୍ନ,
ବୃଥା କରୁଅଛି ଅଶ୍ରୁ ବିସର୍ଜନ,
ତୁଚ୍ଛା ଅଶ୍ରୁ, ତୁଚ୍ଛା ଚିନ୍ତା ଆଶ୍ରାକରି
ଦୁଃଖସ୍ରୋତେ କେବେ କେ ପାରେ ସନ୍ତରି ?
ତୁଚ୍ଛା ଚିନ୍ତା କେବେ ଫେଡ଼ିଲା କଷଣ ?
ଭାଗ୍ୟଦେବୀ କେବେ ଚିନ୍ତାରେ ପ୍ରସନ୍ନ ?
ଭାଳି ଭାଳି ହେଲି ଅସ୍ଥିଚର୍ମସାର,
ଭାଳୁଣିରେ ଦୁଃଖ ଗଲାଣି କାହାର ?
ଭାଗ୍ୟଦେବୀ ଅନୁକୂଳ ଉଦ୍‌ଯୋଗୀର (୨)
ଅଳସ-କଥାକୁ ସଦା ସେ ବଧିର,

---

୧ । ସୁତା–କନ୍ୟା ।

୨ । ଉଦ୍‌ଯୋଗୀ – ଉଦ୍ୟମଶୀଳ

କରମକୁ ମୋର ପିତା ହେଲେ ବାମ,
ପୂର୍ଣ୍ଣ ହେଲା ଏବେ ତାଙ୍କ ମନସ୍କାମ ।
ମୋର ହେତୁ ରାଜ୍ୟ-ହେତୁ ଯତ୍ନକରି
ମନ୍ତ୍ରୀ ବାସୁଦେବ ହେଲେ ଦେଶାନ୍ତରୀ ।
ସ୍ୱପନେ ଚଣ୍ଡିକା ଦେଲେ ମଥାମଣି,
ମୋ ଭାଗ୍ୟେ ହେଲା ସେ ଦାରୁଣ ଅଶନି (୧)
ବାସୁଦେବ କଥା ରଖିଥିଲେ ତାତ
ହୋଇଥାଆନ୍ତା କି ଏତେ ରକ୍ତପାତ ?
ଆହା କେତେ ବୀର ହେଲେ ଧରାଶାୟୀ !
କେତେ ପରିବାର ଭିକ୍ଷା ବ୍ୟବସାୟୀ (୨)
ଯେତେ ରକ୍ତ, ତା'ର ଅଶ୍ରୁ ଚାରିଗୁଣ
କଲା କଟକର ବକ୍ଷକୁ ଅରୁଣ ।
ହୋଇଛନ୍ତି ରାୟେ ବିଶେଷେ ସ୍ଥବିର,
ପୁଣି ସୁହୃଦଙ୍କ ବାକ୍ୟରେ ବଧିର ।
ବାସୁଦେବଙ୍କର ମନ୍ତ୍ରଣା ଗ୍ରହଣ
କରି, କରିଥିଲେ ମୋତେ ସମର୍ପଣ,
ପୁତ୍ରାଭାବେ ପୁତ୍ର ହୋଇଥାନ୍ତେ ତୋର,
ନ ହୁଅନ୍ତା, ଏହି କଳିଗୋଳ ଘୋର ।

---

୧ । ଅଶନି—ବଜ୍ର ।
୨ । ଭିକ୍ଷା ବ୍ୟବସାୟୀ—ଭିକାରି ।

ସେହି ପ୍ରେମ ବହି ମୁହିଁ ହେଲି ଜଡ଼;
ତୁଟି ନ ପାରିଲି ଲଜ୍ଜାର ନିଗଡ଼ (୧) ।
ପ୍ରେମେ ବଶ ହୋଇ କେତେ ରସବତୀ;
ଅକାତରେ ଜଳେ ଅନଳେ ପଶନ୍ତି ।
ପଶିଲେ ହୁଅନ୍ତେ ଯେବେ ଚୋର ବର (୨)
ଜଳ ଅନଳକୁ ନ ଥିଲା ମୋ ଡର ।
ଜଳେ କି ଅନଳେ କିବା ପ୍ରୟୋଜନ ?
ଏକା ଲୋଡ଼ା ସେହି ଦେବୀଦ ଧନ ।
ହସ୍ତଗତ ହେଲେ ସେହି ରତ୍ନବର;
ପ୍ରାଣେଶ୍ୱର ହେବେ ଉତ୍କଳଈଶ୍ୱର ।
ପ୍ରେମବଳେ ତାଙ୍କୁ କରି ଛତ୍ରପତି
ପ୍ରେମିକାକୁଳେ ମୁଁ ଟେକାଇବି ଛତି ।''
ଏହା କହି ପାଦୁଁ କଳନାଦୀ ଭୂଷା
ଉ ।ରିଲା ଖେଳା-ଖଞ୍ଜରୀଟଦୃଶା (୩)
ଅତି ମୃଦୁପଦେ ରାଜସଦ୍ମେ (୪) ଯାଇ
ନେଲା ମଣି ନୃପ-ମସ୍ତକୁ ଚୋରାଇ ।

---

୧ । ନିଗଡ଼—ବନ୍ଧନ ।

୨ । ଚୋରବର—ଚୋରଗଙ୍ଗ ବର ହୁଅନ୍ତେ ।

୩ । ଖଞ୍ଜରୀଟ – ଖଞ୍ଜନ ପକ୍ଷୀ ବା କଜଳପାତି ପକ୍ଷୀ

୪ । ରାଜସଦ୍ମେ—ରାଜପୁରେ ।

ନିଜ ପଥେ ବାଧା ବିଘ୍ନ ଅତିକ୍ରମ
କରିବାର ସିନା ପ୍ରେମର ଧରମ ।
ଏହି ପ୍ରେମ ଘେନି ଅନ୍ୟ ସୀମନ୍ତିନୀ (୧)
ହେଲେ ପାରିଥାନ୍ତା ସବୁ ବାଧା ଜିଣି ।
କୁଳ ମାନ ଦେଇ ପ୍ରେମପୀଠେ ବଳି,
ପ୍ରେମପ୍ରବାହରେ ପଡ଼ିଥାନ୍ତା ଢଳି,
ପ୍ରେମେ ଢଳ ଢଳ ଏହି ମହାନଦୀ
ଶତ ଶୈଳ ଲଙ୍ଘି ଧାଉଁଛି ଜଳଧି ।
ମହାବଳୀ ପ୍ରେମ ଅଟଇ ମହୀର,
ପ୍ରେମ ସିନା କରେ ଅବଳାକୁ ବୀର,
ପ୍ରେମ ଦିଏ ବୁଦ୍ଧି ଉଦ୍‌ଯୋଗ ସାହସ,
ପ୍ରେମ କରିପାରେ ଅବଶକୁ ବଶ ।
ଭୀରୁ ନାମ ଯେହୁ ବହନ୍ତି ସ୍ୱଭାବେ,
ବୀର ହୁଅନ୍ତି ସେ ପ୍ରେମର ପ୍ରଭାବେ ।
ସୁଭଦ୍ରାର କଥା ଜଗତେ ବିଦିତ,
ପ୍ରେମବଳେ ସିନା ଲଭିଲା ଦୟିତ (୨)
ଛାର ମନେ ମଣି ରାଜସିଂହାସନ,
ବିନିମୟ କଲା ବୀର-ସଙ୍ଗେ ମନ ।
ଅୟୁତ ଯାଦବ-ଯୋଧ ପଛେ ଧାଇଁ
ନ ପାରିଲେ ବାଳା-ମନକୁ ଫେରାଇ ।

---

୧ । ସୀମାନ୍ତିନୀ – ନାରୀ ।

୨ । ଦୟିତ–ପତି ।

ନିଜ ଛାୟା ଦେଖି କମ୍ପଇ ସାଧ୍ୱସେ, (୧)
ଆଜି ସେ ଧାଉଁଛି ନିବିଡ଼ ତମସେ ।
ନିର୍ଭୟେ ନିଭୃତେ ଚାଲଇ ସୁତନୁ,
ଚାପେ ଶର ଖଞ୍ଜି ସଙ୍ଗେ ଫୁଲଧନୁ, (୨)
କାଠଯୋଡ଼ି-ତୀରେ ପୂର୍ବପୁରୁଷର (୩)
କୀ ିରାଜି-ଶିରେ ନିବେଶି ପୟର ।
ଚାଲିଛି ନିବିଡ଼ ତିମିରେ ନନ୍ଦିକା,
ସିନ୍ଧୁନୀରେ କିବା ବାଡ଼ବାଗ୍ନି-ଶିଖା ।
ପ୍ରାଚୀନଭେ ଏବେ ରାଜହଂସବନ (୪)
ଭେଦି ଉଛୁଳଇ ପ୍ରଭା-ପ୍ରସ୍ରବଣ ।
ରସାତଳୁ କିବା ଭେଦିଣ ଅବନୀ
ଊର୍ଦ୍ଧ୍ୱେ ଉଠେ ଫଣିପତି-ଫଣା-ମଣି ।
ଦୂରେ ସହକାର-କୁଞ୍ଜରନ୍ଧ୍ରଜାଳେ
ଚନ୍ଦ୍ରମା-ମୂରତି ଶୋଭେ ପ୍ରାଚୀଭାଲେ ।

---

୧ । ସାଧ୍ୱସ—ଭୟ, ସମ୍ଭ୍ରମ ।

୨ । ଫୁଲଧନୁ—କନ୍ଦର୍ପ ।

୩ । କାଠଯୋଡ଼ିର ପଥରବନ୍ଧ ମରକତ କେଶରୀଙ୍କର ସର୍ବପ୍ରଧାନ କୀ ି ।

୪ । ରାଜହଂସବନ କଟକର ପୂର୍ବବ ୀ । ପୂର୍ବକାଳରେ ଏହା ଗୋଟିଏ ବୃହତ୍ ବନ ଥିଲା ।

ଥିଲେ ନରନାଥ ଗାଢ଼ ନିଦ୍ରାବଶ;
ଥିଲେ ହେ ଜାଗ୍ରତ ଏ ପାପ ସାହସ
ଅସମ୍ଭବ ମଣି ଥାଆନ୍ତେ ଏକାନ୍ତ,
ନିଜ ଚକ୍ଷୁ ସାକ୍ଷ୍ୟ ମଣିଥାନ୍ତେ ଭ୍ରାନ୍ତ ।
ଦକ୍ଷିଣକୁ ଥିଲା ସୁଡ଼ଙ୍ଗ-ଦୁଆର,
ଯୁଦ୍ଧଦିନୁ ରୁଦ୍ଧ ଯାର ବ୍ୟବହାର ।
ଯେବଣ ଦୁଆରେ ପୂର୍ବେ ରାଣୀମାନେ
ଅନ୍ତଃପୁରୁଁ ଯାଉଥିଲେ ନଦୀସ୍ନାନେ ।
ଯେଉଁ ଦ୍ୱାର-କ ୍ ନନ୍ଦିକାସୁନ୍ଦରୀ
ନ୍ୟାସ (୧) ପ୍ରାୟେ ରଖିଥିଲା ଯତ୍ନକରି ।
ସେହି କ ୍ ସେହି ରତନ ସହିତେ
ସୁଡ଼ଙ୍ଗକୁ ବାଳା ଗଲା ଅଲକ୍ଷିତେ ।
ନିଶବଦେ ଫେଡ଼ି ସୁଡ଼ଙ୍ଗ-ଦୁଆର,
ହେଲା ବିଡ଼ାନାସି-ଗଡ଼ରୁ ବାହାର ।
ଚଳିଲା ବିହ୍ୱଳହୋଇ ଆଶା-ସୁଖେ
ପର୍ବ-ଶର୍ବରୀଶ-ମୁଖୀ (୨) ପୂର୍ବମୁଖେ ।
କୁସୁମ-ପରଶ ଯେ ନ ପାରେ ସହି,
ଆଜ ସେ ଭ୍ରମଇ କ  କିତ ମହୀ ।

---

୧ । ନ୍ୟାସ– ଫେରାଇ ନେବାର ସ ରେ ଦିଆଯାଇଥିବା ।

୨ । ପର୍ବ-ଶର୍ବରୀଶ-ମୁଖୀ–ପୂର୍ଣ୍ଣଚନ୍ଦ୍ରମୁଖୀ ।

ଜ୍ୟୋତ୍ସ୍ନା-ବୋଳା ହୋଇ ଝଲୁଛି ସୈକତ, (୧)
ଚିତ୍ର ପ୍ରାୟ ଦୂରେ ଦିଶୁଛି ପର୍ବତ ।
ତରୁଶିରେ ବସି ଚକୋର ଚକୋରୀ (୨)
ନଭେ ଢାଳୁଛନ୍ତି ସଙ୍ଗୀତ-ଲହରୀ ।
ଜ୍ୟୋତ୍ସ୍ନାମୃତ ସଙ୍ଗେ ପ୍ରେମାମୃତ-ପାନ
କରି କ୍ଷଣେ କ୍ଷଣେ ଧରୁଛନ୍ତି ତାନ ।
ଦିଗୁଁ ଦିଗନ୍ତରେ ହୋଇ ଝଙ୍କାରିତ
ଚନ୍ଦ୍ରାଲୋକେ ମିଶି ଯାଉଛି ସେ ଗୀତ ।
ଶିବିର-ସମ୍ମୁଖେ ଚୋର ସେନାପତି
ରଣବେଶେ ବସି ଚିନ୍ତାକୁଳ ମତି ।
ଗଙ୍ଗାଙ୍କ ବଚନ ଗୁଣି ମନେ ମନେ
ଉପୁଜଇ ନାନା ଭାବ କ୍ଷଣେ କ୍ଷଣେ ।
ସ୍ତବ୍ଧ ବିଭାବରୀ, (୩) ନୀରବ ସଂସାର,
ଗାଢ଼ ନିଦ୍ରାବଶେ ସ୍ତବ୍ଧ ସ୍କନ୍ଧାବାର ।
ଦିଗଦିଗନ୍ତରେ ଶୁଭେ ଝିଲ୍ଲୀ ସ୍ୱନ,
କିବା ସେ ଯାମିନୀ-ନୂପୁର-ନିକ୍ୱଣ ।
କ୍ଷଣେ କ୍ଷଣେ କ୍ଷୁବ୍ଧ କରୁଅଛି ଜଳ;
ଶାନ୍ତସ୍ରୋତେ ଚଳ-ରୋହିତ-ଚହଳ ।

---

୧ । ସୈକତ—ବାଲୁକା ।

୨ । ଚକୋର—ପାପିଆ ପକ୍ଷୀର ସଂସ୍କୃତ ନାମ ଚକୋର ।

୩ । ବିଭାବରୀ—ରାତି ।

ଅନ୍ଧକାରେ ଇନ୍ଦୁ-କିରଣ ପଡ଼ିଲା,
ଅତଣ୍ଡି (୧) କି ଶ୍ୟାମ ତମାଳେ ଜଡ଼ିଲା
ଧବଳ କୁସୁମେ ଭୂଷିଲା କବରୀ
ଭାବେ ଅବା ଶୋଭାମୟୀ ବିଭାବରୀ ।
ତେଜିଲା ତିମିର ନିଜ ରାଜ୍ୟ ପାଟ
ନବୋଦିତ ଦେଖି ଶର୍ବରୀସମ୍ରାଟ ।
ପାପୀହୃଦେ ପୁଣି ପର୍ବତ-କନ୍ଦରେ
ଆଶ୍ରୟ ଭଜିଲା ଯାଇ ତରତରେ ।
ଧୂର୍ଜଟିଜଟାରୁ (୨) ଯେହ୍ନେ ଗଙ୍ଗାଜଳ
ଜ୍ୟୋତ୍ସ୍ନାପୂର ପୂରିଅଛି ଧରାତଳ ।
ବିଭାସଇ ଜ୍ୟୋତ୍ସ୍ନାହାସିନୀ ଯାମିନୀ,
ଶ୍ୱେତଦ୍ୱୀପ ପ୍ରାୟେ ଦିଶଇ ମେଦିନୀ ।
ଝଳେ କାଠଯୋଡ଼ି-ନୀଳ ଜଳରାଶି,
କୌତୁକେ ଚନ୍ଦ୍ରିକା ତହିଁ ବୁଲେ ଭାସି ।
କଉସ୍ତୁଭ (୩) ସମ କରେ ଝକମକ
ପ୍ରତି ବୀଚି ବକ୍ଷେ ଚନ୍ଦ୍ରମା-ପଦକ ।

---

୧ । ଅତଣ୍ଡି – ଶୁଭ୍ର-ପତ୍ରବିଶିଷ୍ଟ ବନଲତା ବିଶେଷ ।

୨ । ଧୂର୍ଜଟି–ମହାଦେବ ।

୩ । କଉସ୍ତୁଭ–ବିଷ୍ଣୁଙ୍କର ବକ୍ଷରେ ଶୋଭାପାଉଥିବା ମଣି ।

ଧର୍ମର ସହାୟ ବ୍ରହ୍ମାଣ୍ଡର ସାଇଁ;
ଚକ୍ରାୟୁଧ ଚକ୍ରେ ରଖିବେ ଘୋଡ଼ାଇ ।
ନୀଳାଚଳପଦେ ଲୋଟେ ଅମ୍ବୁରାଶି; (୧)
ଦଣ୍ଡକେ ବ୍ରହ୍ମାଣ୍ଡ ଯେ ପାରଇ ଗ୍ରାସି ।
ପାରେ ନାହିଁ ଯେଉଁ ପ୍ରଭୁଙ୍କ ଆଜ୍ଞାରେ
ବେଳାଭୂମି-ସୀମା ଲଙ୍ଘିବାକୁ ଗାରେ ।
କୃପା କରି ସେହି କୃପା-ଅକୂପାର (୨)
ଦୂରୁଁ ମୋ ଦୁରିତ କରିବେ ସଂହାର ।''
ଭାବୁଛନ୍ତି ଚମୂପତି (୩) ଏହିମତେ,
ଆବିର୍ଭୂତ ହେଲା ସହସା ଅଗ୍ରତେ,
ସୁଷମାରେ ନିନ୍ଦି ଶାରଦୀୟ ଉଷା,
ରାଜଜେମା, ସର୍ବବାମାଶିରୋଭୂଷା ।
ଅତ୍ୟଳ୍ପ ଭୂଷଣେ ଶୋଭେ ମ କାଶୀ (୪)
ଅଳ୍ପ ତାରା ସିନା ଲୋଡ଼େ ପୂର୍ଣ୍ଣମାସୀ ।
ସରଳ ଶରୀର ଶାଳଲତା ଭଳି
ସର୍ବାଙ୍ଗେ ଜଳୁଛି ଯୌବନର ଝଳି ।

---

୧ । ଅମ୍ବୁରାଶି—ସମୁଦ୍ର ।

୨ । ଅକୂପାର—ସାଗର ।

୩ । ଚମୂପତି—ସେନାପତି ।

୪ । ମ କାଶୀ—ଉ ମା ରମଣୀ ।

ଦେଖୁଛନ୍ତି ବୀର ଅନାଇଁ ନିଶ୍ଚଳେ
ଶଶିକର କ୍ରୀଡ଼ା କାଠଯୋଡ଼ି-ଜଳେ ।
କରବାଳ-ମୁନେ କେବେ ଶୂନ୍ୟମନେ
ଲେଖୁଛନ୍ତି ରେଖା ବସି ଧରାସନେ ।
ବହୁ ବେଳଯାଏ ଶତ୍ରୁପଥ ଚାହିଁ
ଭାଳନ୍ତି ଚରମ ଯାମେ ସେନାସାଇଁ,
"ଉଷା-ବନ୍ଦାପନା-ଆଶେ ଧୀରେ ଧୀରେ
ସପ୍ତର୍ଷି ଗଲେ କି ମାନସର ତୀରେ ?
ବିଳମ୍ବ ତ ନାହିଁ ପାହିବାକୁ ରାତି,
ଏବେ ସୁଦ୍ଧା ଦେଖା ନ ଦେଲା ଅରାତି,
ମାତାଙ୍କର ମାୟା ଦେବେ ଅଗୋଚର;
ଭୀମ (୧) ଭାଗ୍ୟ-ଚକ୍ର ଯାର ବଚସ୍କର । (୨)
ସହସ୍ର ଘଟଣା କ୍ଷଣେ ଉପସ୍ଥିତ
କରିପାରେ ଦେବଶକ୍ତି ଅପ୍ରମିତ ।
ଦେବତା ଭିଆଣେ ଶୁଭାଶୁଭ ଘଟେ;
କେ ଜାଣେ କି ଅଛି ମୋହୋ ଭାଗ୍ୟପଟେ ?
ରାଜ୍ୟ ହେତୁ ରାଜ୍ୟେ ନାହିଁ ମୋ ଲାଳସା;
ଧର୍ମ ସ୍ଥାପିବାକୁ ଏକାନ୍ତ ଭରସା ।

---

୧ । ଭୀମ—ଭୟଙ୍କର, ନିଷ୍ଠୁର ।

୨ । ବଚସ୍କର—କଥା ବା ଆଦେଶର ପୂର୍ଣ୍ଣ ଅଧୀନ

କରଯୁଗେ ଚାରୁ ମରକତ-ଚୂଡ଼ି,
ଚମ୍ପାଙ୍କାନେ ଅଳି ଜଡ଼ିଛି କି ହୁଡ଼ି ?
ସାକ୍ଷାତ-ଅନଙ୍ଗ-ପ୍ରାୟେ ସୂକ୍ଷ୍ମ କଟି,
ଛକି ଅନଙ୍ଗ କି ନାଚଇ ଧୂର୍ଜଟି ?
ରତ୍ନ-ଛଳେ ଆହା, ରସିକର ଚି
ନିତମ୍ବେ ରସନାଗୁଣେ କି ଗ୍ରଥିତ !
ଦମ୍ଭହରା ଚାରୁ-ରମ୍ଭା-ଉରୁମାନ (୧)
ଉନ୍ମଦ-ମଦନ-ଦ୍ୱିରଦ-ଆଲାନ (୨) ।
ଲଳିତାଙ୍ଗୀ-ପାଦେ ଅଳତା ମଣ୍ଡନ
ବାଳାତପ ସ୍ଥଳ-କମଳେ ଯେସନ ।
ହେମରେଖା ପୃଷ୍ଠେ ନିକଷ (୩) ସଂକାଶ
ଚରମେ ଦୋଳଇ ନୀଳ କେଶପାଶ ।
ପିଇବାକୁ ଶଶି ଦେହୁଁ ସୁଧାରାଶି
ପଛେ ଧାଇଁ ରାହୁ ଧରିଛି କି ଆସି ?
ଦେଖିଲେ ମନକୁ ଆସଇ ଏସନ–
ବେଦାଭ୍ୟାସଜଡ଼ ବିର ୍ (୪) ସର୍ଜନ

---

୧ । ରମ୍ଭା–ଉରୁ–କଦଳୀ ବୃକ୍ଷ ସଦୃଶ ଜାନୁ ।
୨ । ଆଲାନ–ଗଜ ବନ୍ଧନ ସ୍ତମ୍ଭ, ଦ୍ୱିରଦ–ହସ୍ତୀ ।
୩ । ନିକଷ–କଷଟି ପଥର ।
୪ । ବିର ୍–ବ୍ରହ୍ମା ।

ଜ୍ୟୋତ୍ସ୍ନା ଉପାଦାନେ ଅମର-ବିନ୍ଧାଣୀ ?
ସୁକୁମାର ଅଙ୍ଗ ଥିଲେ କି ନିର୍ମାଣି ?
ଶରଦିନ୍ଦୁ (୧)-ଜିଣା ବଦନମଣ୍ଡଳ
ଲାବଣ୍ୟ-ସରେ କି ସୁବର୍ଣ୍ଣ କମଳ ?
ଶୋଭେ ଗ୍ରୀବା ସ୍ତୋକ (୨) ବଙ୍କିମ ଠାଣିରେ,
ଶତଦଳ ଢଳି ପଡ଼ିଛି କି ନୀରେ ?
ବିଳାସର ଖଣି ସେ ବଙ୍କିମ ଠାଣି,
ମିଶିଛି ତା ସଙ୍ଗେ ତରଙ୍ଗ-ଚାହାଣି ।
ଚାରୁ ଭୂରୁଲତା ତା ସଙ୍ଗେ ଖେଳଇ,
ମାର ଗାରୁଡ଼ିଆ ଖେଳାଏ କି ଅହି ? (୩)
ଦର୍ପକ-ଦର୍ପଣ କପୋଳ-ଫଳକ
ସୁଧାକର-କରେ କରେ ଝକମକ,
ସ୍ରବୁଅଛି ଶ୍ରମବାରି ବଦନରୁ,
ସୁଧାଧାରା ଯେହ୍ନେ ସୁଧାକିରଣରୁ ।
ବେନି ଶ୍ରୁତି-ମୂଳେ ହୀରାକର୍ଣ୍ଣ ଫୁଲ,
ଗୁରୁ ଶୁକ୍ର କିବା ଶଶୀ-ସଙ୍ଗେ ତୁଳ ?
କମଳ କଳିକା-ପରାୟେ ଲଳିତ
ଉରସିଜେ (୪) ଚାରୁ ଉର ବନ୍ଧୁରିତ ।

---

୧ । ଶରଦିନ୍ଦୁ—ଶରତ ଋତୁର ଜହ୍ନ ।
୨ । ସ୍ତୋକ—ଅଳ୍ପ / ଈଷତ୍
୩ । ମାର—କନ୍ଦର୍ପ । ଗାରୁଡ଼ିଆ—କେଳା, ଗାରିଡ଼ି ମନ୍ତ୍ରଜାଣିଥିବା ବ୍ୟକ୍ତି । ଅହି—ସାପ ।
୪ । ଉରସିଜ—ସ୍ତନ ।

ଏକେ ନବଯୁବା, ଦୁଜେ ସେ କୁମାର,
ସମ୍ମୁଖେ କିଶୋରୀ ବିଶ୍ୱଶୋଭାସାର ।
ନିଜନେ ବେନିଙ୍କ ଭେଟ ହେଲା ପୁଣି,
କାହିଁଛି କୁସୁମ-ଶର (୧) ହୋଇ ତୁନି ?
ଚୋର ପାଶେ ଆଣି କନକ-ଗୋରୀକି
ସ୍ୱକାର୍ଯ୍ୟ ମନୋଜ (୨) ଗଲା ପାସୋରି କି ?
ନାହିଁ ଦେଖ ଚାହିଁଛିକି ସେ ଗୋପନେ
ବାଲା-ନେତ୍ରେ ବାଣ ଶାଣେ ନେତ୍ରାଞ୍ଜନେ,
ମାତ୍ର ଚୋର ପାଶେ ପ୍ରୟାସ ବିଫଳ;
ଅନିଳେ (୩) କଦାପି ଟଳେ କି ଅଚଳ ?
ତୁଚ୍ଛ ସୁଖଲାଗି ଚିର ଲକ୍ଷ୍ୟଚ୍ୟୁତ
ହେବେ କି ସହଜେ ଶୂର ଗଙ୍ଗାସୁତ ?
ସୌମ୍ୟମୂର୍ତ୍ତି ଦେଖି ସେନାପତିଙ୍କର
ପ୍ରଗଲ୍‌ଭେ ନଦେଇ ପ୍ରଶ୍ନ ଅବସର
ଅଦ୍ଭୁତ ସାହସେ କହଇ ନନ୍ଦିକା—
"ପ୍ରେମେ ଶ୍ରୀପୟରେ ହେଲି ମୁହିଁ ବିକା,
ନନ୍ଦିକା ଉତ୍କଳ-ନରେନ୍ଦ୍ର ନନ୍ଦିନୀ
ତୁମ୍ଭ ପଦେ ଆଜ ପ୍ରେମ-ଭିଖାରିଣୀ ।

---

୧ । କୁସୁମ ଶର—କନ୍ଦର୍ପ ।
୨ । ମନୋଜ—କନ୍ଦର୍ପ, କାମଦେବ ।
୩ । ଅନିଳେ—ପବନରେ ।

ନୁହଇ ମୋହିନୀ, କାନ୍ତିଦାତା ଶଶୀ
ଏକାନ୍ତେ ଏ ରୂପ ବିରଚିଲେ ବସି ।
ଅବା ଶୋଭା ପକ୍ଷପାତୀ ପୁଷ୍ପଶର,
ଅଥବା ଗଢ଼ିଲେ ଋତୁ ପୁଷ୍ପାକର (୧) ।
ଚହଟି ଆସୁଛି ଦେହୁ ସଉରଭ
ଶରତ ନିଶିରେ ସୁଗନ୍ଧ-ବିଭବ ।
ଗଙ୍ଗଶିଉଳୀର ଅଙ୍ଗୁଁ ଚୋରି କରି
ବହେ ଯଥା ଧୀର ସମୀର ଲହରି ।
ଚାହିଁ ସେନାପତି ବିସ୍ମୟେ ଆପ୍ଳୁତ,
କ୍ଷଣକେ ରହିଲେ ହୋଇ ସ୍ତମ୍ଭୀଭୂତ ।
ଅରି ପରିବର୍ଗେ ଉଭା ଦିବ୍ୟନାରୀ
ଯୁବମନୋରାଜ୍ୟ ଜିଣି ମନୋହାରୀ ।
ପୂର୍ବସୁକୃତ କି ଏହି ଶୋଭାରାଶି
ନାରୀରୂପେ ଅଗ୍ରେ ଉଭା ହେଲା ଆସି ?
ଶୁଭ୍ରଜ୍ୟୋତ୍ସ୍ନାପୁରେ ଶୋଭେ ବିନୋଦିନୀ;
କ୍ଷୀରୋଦେ ଯେସନ କ୍ଷୀରୋଦ-ନନ୍ଦିନୀ (୨) ।
ଦେବୀ କି ମାନବୀ ହେଲା ଏ ସଂଶୟ,
ଛାୟାରୁ ଜାଣିଲେ ମାନବୀ ନିଶ୍ଚୟ ।

---

୧ । ପୁଷ୍ପାକର—ବସନ୍ତ ।

୨ । କ୍ଷୀରୋଦ ନନ୍ଦିନୀ – ଲକ୍ଷ୍ମୀ ।

କ୍ଷୋଭ ଅନ୍ତେ ଲଭି ବାକ୍ୟ ଅବସର
ରମଣୀକି ଚାହିଁ ବିହିଲେ ଉ ର,
"ଯାର କୀ ରାଜି–ଅମର-ସାକ୍ଷିଣୀ
ନାଭିଗୟା (୧) ପଦେ ବହେ ତରଙ୍ଗିଣୀ,
ଏକାମ୍ରେ (୨) ଯାହାର ଅସଂଖ୍ୟ ଦେଉଳ
ଦିଶେ ଯଶୋରାଶି ହେଲା ପରି ଠୁଳ ।
ଯାର କୀ ମାଳା ଏହି ପୂତଜଳା–
କାଠଯୋଡ଼ି-ରୋଧ-ନିତମ୍ବେ ମେଖଳା (୩)
ଯଯାତି ଲଲାଟ ମରକତ ଭୂପ
ଅଟନ୍ତି ଯେ କୁଳ-କେତନସ୍ୱରୂପ ।
ସେହି କୁଳେ ଜାତ ତୁହି କି ଦୁଃଶୀଳା ?
କେ କହିବ ମୋତେ, କେମନ୍ତେ ମିଶିଳା ।
ଦେବବାଣୀ ସଙ୍ଗେ ଆସି ଅପଭାଷା,
ପୂତ ଭାଗୀରଥୀ-ସ୍ରୋତେ କର୍ମନାଶା (୪) ?

---

୧ । ନାଭିଗୟା–ବୈତରଣୀ ନଦୀ ତୀରସ୍ଥିତ 'ଯାଜପୁର' ନଗର ଯଯାତି କେଶରୀ କ ୍କ ସଂସ୍ଥାପିତ । ଏହାର ପୌରାଣିକ ନାମ ନାଭିଗୟା ।

୨ । ଏକାମ୍ରେ–ଭୁବନେଶ୍ୱରରେ ।

୩ । ମରକତ କେଶରୀଙ୍କ ପ୍ରଧାନ କୀ କଟକ ନଗରକୁ ବେଢ଼ିଥିବା ମହାନଦୀ ଓ କାଠଯୋଡ଼ିର ପଥର ବନ୍ଧ ।

୪ । କର୍ମନାଶା–ସୁକର୍ମକୁ ନାଶ କରୁଥିବା ଏକ ଅପବିତ୍ର ନଦୀ ।

ବୀର ପକ୍ଷପାତୀ ସଦା ନାରୀକୁଳ,
ନାରୀ-ପ୍ରେମେ ସଦା ବୀର୍ଯ୍ୟ ଅନୁକୂଳ ।
ଏହି କୈତ୍ରମଣି ଅର୍ପୁଛି ଶ୍ରୀକରେ,
ବିରାଜୁଥିଲା ଯା ରାଜମସ୍ତକରେ ।
ମଣି ନୁହଇ ଏ ପିତାଙ୍କ ଜୀବନ,
ତୁମ୍ଭେ ଯେଣୁ ବିଶ୍ୱ-ବିଶ୍ୱାସଭାଜନ,
ନିଃଶଙ୍କେ ସମର୍ପି ଦେଲି ମୁଁ ସକଳ,
ପ୍ରତିଦାନେ ପ୍ରେମ ମାଗୁଛି କେବଳ ।
ତୁମ୍ଭରି ସନ୍ତୋଷ ସର୍ବୋପରି ଗଣି
ପିତାଙ୍କ ଅଜ୍ଞାତେ ଆଣିଲି ଏ ମଣି ।
ତୁମ୍ଭ ପଦେ ବିକି ଦେଇଛି ପରାଣ,
ଏକମାତ୍ର ତୁମ୍ଭ ପ୍ରେମ ମୋର ଧ୍ୟାନ ।"
ଏହା କହି ମଣି ଚୋରଙ୍କ ଛାମୁରେ
ଥୋଇ ଉଭାହେଲା ରମଣୀ ଅଦୂରେ ।
ଅଦ୍ଭୁତ ସୌନ୍ଦର୍ଯ୍ୟେ ଅଦ୍ଭୁତ ଆଶୟ, (୧)
ଶୁଣି ସେନାପତି ମଣିଲେ ବିସ୍ମୟ,
ସ୍ୱପନ କି ଅବା ସ୍ୱରୂପ ଘଟନା,
ସଂଶୟ-ଅନ୍ଧାରେ ପଡ଼ି ହେଲେ ବଣା ।
କୋପ, ଘୃଣା, ଦୁଃଖ, ବିସ୍ମୟ ମିଳିତ,
ହୋଇ ହୃଦ-ସର କଲେ ଆଲୋଡ଼ିତ,

୧ । ଆଶୟ – ଅଭିପ୍ରାୟ

ଅନୁତାପ-ଫଣୀ (୧) ଉଗାରି ଅନଳ
ଦଂଶିଲା ସହସ୍ର ମୁଖେ ମର୍ମସ୍ଥଳ ।
ସୁମତି-ପ୍ରଦୀପେ ଦେଖିଲା ଯୁବତୀ,
ଆତ୍ମକୃତ ପାପ ବିକଟ ମୁରତି ।
ମୋହ ଆବରଣେ ଥିଲା ଯା ଆବୃତ,
ଉଲଗ୍ନେ ଦିଶିଲା ଭୀଷଣ ବିକୃତ ।
ଫୁଟିଥିଲା ଯାହା ବାଲ୍ୟରୁ ବଉଳି
ରୂପ-ପୁଷ୍ପ ଗଲା ନିମିଷେ ମଉଳି ।
ମଉଳଇ ନବମାଳିକା ଯେମନ୍ତ,
ମୂଳ କାଟିଦେଲେ ବଲ୍ମୀକ (୨) ଦୂରନ୍ତ,
ନତମୁଖୀ ହୋଇ ମହୀକି ନୀରବେ
ମାଗୁଥିଲା କି ସେ ଆଶ୍ରୟ ଗରଭେ ?
ସ୍ମୃତିତ କଦାପି ନୁହେଁ ଫିଙ୍ଗିବାର,
ପାରିଲେ ଫିଙ୍ଗି ସେ ଲଭନ୍ତାନିସ୍ତାର ।
ଯାମ ମାତ୍ର ଆଗେ ଯେଉଁ ଦଶା ଥିଲା,
କି ବିକଳେ ବାଳା ସେ ଦଶା ଲୋଡ଼ିଲା !
ମାତ୍ର ଭାଜନ କି ଭବେ କେହି ପ୍ରାଣୀ
ଭାସିବାକୁ କାଳ-ପ୍ରବାହେ ଉଜାଣି (୩)

---

୧। ଫଣୀ—ସର୍ପ ।

୨। ବଲ୍ମୀକ—ଉଇ ।

୩। ଉଜାଣି – ସ୍ରୋତର ପ୍ରତିକୂଳରେ

ମହୀ କି ସହିଲେ ଏ ଘୋର ପାତକ ?
ସର୍ବଂସହା ନାମ କଲେ କି ସାର୍ଥକ ?
ପବିତ୍ର କେଶରୀବଂଶେ ଜାତ ହୋଇ
ଦେଶଦ୍ରୋହୀ, ରାଜଦ୍ରୋହୀ, ପିତୃଦ୍ରୋହୀ,
ତିନି ମହାପାପ ଏକ କରଣିରେ, (୧)
ଅଦ୍ଭୁତ ସାଧନା ତୋର ଧରଣୀରେ,
କି ସାହସେ ତୋର ଚି ବୃ ି ଗଲା
ଏ ଦାରୁଣ କାର୍ଯ୍ୟେ, ତୁ ପୁଣି ଅବଳା ।"
ଉ ରଳ (୨) ଭାବ ବହ୍ନି ତାପେ ବହି
ତୈଳକ୍ଷେପେ ଯେହ୍ନେ ପୟଃ (୩) ପଡ଼େ ନଇଁ,
ତୁଟିଲା ଉତ୍କଳ-ହୃଦୟ-ଉଚ୍ଛ୍ୱାସ,
ବିବେକ ଛେଦିଲା ଲବେ ମୋହପାଶ ।
କଲା ଯେଉଁ ନିଶା ମନକୁ ବିହ୍ୱଳ,
ପ୍ରଭଞ୍ଜନ-ସମ ଯାର ଭୀମବଳ ।
ଚରିତ୍ର-ତରୀକି ଦୁଷ୍କୃତ-ଶଇଳେ
କଚାଡ଼ିଣ ଚୂନା କଲା ତିଳେ ତିଳେ ।
ତୁଟିଗଲା ଏବେ ସେ ନିଶା-ଝଟିକା,
ଦିଶିଲା ଆଲୋକେ ଶତ ବିଭୀଷିକା ।

---

୧ । କରଣିରେ—ଗୋଟିଏ କାର୍ଯ୍ୟରେ ।

୨ । ଉ ରଳ—ଉତୁରିବା ।

୩ । ପୟଃ—ଜଳ । ଫୁଟୁଥିବା ଜଳରେ ତୈଳ ପକାଇଲେ ତାହାର ସ୍ଫୀତାବସ୍ଥା କମିଯାଏ ।

ଚିତେ ଉପୁଜିଲା ବିସ୍ମୟ ବିଷାଦ ।
"କ୍ଷେମାକୁ ସତ୍ୱରେ ଶିବିକାରୁ ଆଣ"
ସଖୀଙ୍କି ଆଦେଶ ଦେଲେ ନରରାଣ ।
ଆଳୀଏ (୧) ଶିବିକା ଦ୍ୱାରଦେଶେ ଯାଇ
ଡାକିଲେ ବାଳୀକି ପ୍ରତି-ବାକ୍ୟ ନାହିଁ ।
ତହୁଁ ଶିବିକାର ଆବରଣ ଫେଡ଼ି
କ୍ଷେମାକୁ ଦେଖିଲେ ନିଦ୍ରାଗତ ଚେଡ଼ୀ, (୨)
ଚେତେଇବାପାଇଁ ଦେଲେ ଦୋହଲାଇ,
କ୍ଷେମା ଦେହ ଏଡ଼େ ଶୀତଳ କିପାଇଁ ?
ପୁଣି ଦୋହଲାଇ ଡାକିଲେ ଅବଳା,
ପାଦଠାରୁ ଶିରଯାଏ ହଲିଗଲା ।
ଅଲକ୍ଷଣେ ସଖୀ କାନ୍ଦିଲେ ତରାସେ, (୩)
ବିଜେ ହେଲେ ନୃପ ନିଜେ ଯାନ ପାଶେ,
ଦେଖିଲେ ତନୁଜା ଦେହେ ପ୍ରାଣ ନାହିଁ
ଅବଶେ ସ୍ତମ୍ଭିତ ହେଲେ ନରସାଇଁ,
ଉ ।ନେ (୧) ଶୋଇଛି ଦୁଃଖିନୀ ନନ୍ଦିକା

---

୧ । ଆଳୀଏ—ସଖୀମାନେ ।
୨ । ଚେଡୀ—ଦାସୀ
୩ । ତରାସେ—ଭୟରେ ।

କାଳ-ସ୍ରୋତେ ଭାଗ୍ୟ-ବାୟୁ ବହେ ପୁଣ,
ଛାର ନର ତହିଁ ପ୍ରପାତର ତୃଣ;
କହିବାକୁ କିଛି ଇଚ୍ଛିଲା ସୁନ୍ଦରୀ;
ବାଷ୍ପପୂର (୧) ଦେଲା କଣ୍ଠରୋଧ କରି ।
ମନ୍ତ୍ରୀକି ଡକାଇ ଚୋର ବୀରମଣି;
ସୁନ୍ଦର ଶିବିକା ଅଣାଇ ସେକ୍ଷଣି;
ମଣି ସଙ୍ଗେ ସେହି ରମଣୀରତନ;
ପେଷିଲେ କେଶରୀ-ରାଜନିକେତନ ।
ଦୂତ, ରକ୍ଷି ଦଳ ଚାଲିଲେ ସଙ୍ଗତେ;
ପ୍ରବେଶିଲେ ଯାଇ ତୋରଣ ଅଗ୍ରତେ ।
ବାଜି ଉଠିବାରୁ ରାଜଦୂତ-ଭେରୀ;
ପ୍ରତିଶବ୍ଦ ଦେଲା ଦୁର୍ଗର ପାଚେରୀ;
ଚେତି ଉଭାହେଲେ ସୈନ୍ୟେ ଭୀତି ଲଭି;
ଜଗୁଥିଲେ ଯେହୁ ତୋରଣବଡ଼ଭି; (୨)
କେଶରୀ-ଛାମୁରେ ଜଣାଇଲେ ଯାଇ;
ମୁକ୍ତ କଲେ ଦ୍ୱାର ରାଜା ଆଜ୍ଞା ପାଇ ।
ଦୂତ ସଙ୍ଗେ ଘେନି ଶିବିକା ସତ୍ୱରେ
ପ୍ରବେଶିଲେ ଯାଇ ନବର-ଚତ୍ୱରେ (୩) ।
ଚକିତେ ନୃମଣି ଶୁଣିଲେ ସଂବାଦ,

---

୧ । ବାଷ୍ପପୂର—କୋହ
୨ । ବଡ଼ଭି — ରାଜାପ୍ରାସାଦ ।
୩ । ଚତ୍ୱରେ—ଚଉତରା; ପ୍ରାଙ୍ଗଣ ।

ତହିଁ, ଯହିଁ ଚିର-ମୁକ୍ତ କୃପାଦ୍ୱାର ।
କୁଳପାଂଶୁଳାକୁ (୧) ବହୁଦିନ ବହି
ପାପଭାରୁଁ ଏବେ ମୁକ୍ତ ହେବେ ମହୀ ।
ଦୁଃସ୍ୱପ୍ନ ପରାଏ ପାଶୋରି ଅଚିରେ
ମୋ ସ୍ମୃତି ନିହିବ ମୋର ସମାଧିରେ ।
କହିବ ମାତାଙ୍କୁ ସୁତାକୁ ନ ଶୋଚି (୨)
ସ୍ମୃତିପଟୁ ତାକୁ ପକାଇବେ ପୋଛି,
ବରିଥିଲି ଯାଙ୍କୁ ପ୍ରାଣପତି କରି,
ବାତ୍ସଲ୍ୟେ ଜାଣିବ ନିଜପୁତ୍ର ପରି ।
ଅଭାଜନ ହେଲି ମୁହିଁ ସିନା; ପିତଃ
ନୋହିବେ ତୁମ୍ଭର ଧର୍ମ ବିଚଳିତ ।
ବିରଳ ଯେ ଠାବେ ମାନବସ ।ର, (୩)
କରାଇବ ମୋର ପିଣ୍ଡର ସତ୍କାର ।
ଦୁଃଖିନୀକି, ହା ହା, ବିଧି ହେଲେ ବାମ,
ଏ ଜୀବର ହେଲା ଏହି ପରିଣାମ ।
ଛାର ପ୍ରାଣ ଯିବା ପଥରେ ହେଲାଣି,
ଶ୍ରୀପଦ-ପଙ୍କଜୁଁ ନେଉଛି ମେଲାଣି ।"
ଲେଖ ପଢ଼ି ରାଏ ରହି ଏକଧ୍ୟାନେ,

---

୧ । କୁଳପାଂଶୁଳା – କୁଳ କଳଙ୍କିନୀ

୨ । ଶୋଚି–ଭାବି; ଚିନ୍ତାକରି ।

୩ । ସ ।ର–ଗତାଗତ, ଯା-ଆସ ।

ପର୍ଯ୍ୟୁଷିତ (୨) ପଦ୍ମପ୍ରାୟେ ତନୁ ଫିକା
ଥିଲା ଯେ ଶରୀର ଶୋଭାର ଉଦ୍ୟାନ,
ଏବେ ତାହା ଆହା ଶୋଭାର ଶ୍ମଶାନ,
ଫୁଲେଶ୍ୱରୀ ଥିଲା ରୂପ-ଉପବନେ
ଯେଉଁ ଫୁଲ, ଶୁଷ୍କ କାଳ-ହୁତାଶନେ, (୩)
ବିଲୁଳିତ ଭାବ ବହିଛି ଲଳିତା,
ଶିଖା ଲିଭିଅଛି, ପଡ଼ିଛି ବଳିତା ।
ଖେଳାଖଞ୍ଜରୀଟ ଯହିଁ ପରାଜିତ,
ଚାରୁନେତ୍ର ଚିର-ନିଦ୍ରାରେ ମୁଦ୍ରିତ ।
ପଣନ୍ତର କୋଣେ ବନ୍ଧା ଥିଲା ମଣି,
ହେଲା ଯାହା ଏଡ଼େ ଅନର୍ଥର ଖଣି,
ମଣି ସଙ୍ଗେ ସଖୀ ଦେଖିଲେ ଜଡ଼ିତ
ଲେଖ, କଜ୍ଜଳାକ୍ତ ଲୋତକେ ଅଙ୍କିତ,
ଫେଇ (୪) ଆଣିଦେଲେ କେଶରୀଙ୍କ କରେ,
ପଢ଼ିଲେ ଏକଥା ତହିଁ ନରବରେ
'ତାତ; ଜୀବଲୀଳା ସରୁଛି ମୋହର,
ଅନ୍ତିମେ ବନ୍ଦିଲି ତୁମ୍ଭ ଶ୍ରୀପୟର ।
ଶିରେ ଘେନି ଯାଉଅଛି ପାପଭାର

---

୧ । ଉ ାନ-ଚିତ୍ ହୋଇ ଶୋଇବା

୨ । ପର୍ଯ୍ୟୁଷିତ-ବାସି ।

୩ । କାଳ-ହୁତାଶନ-କାଳଅଗ୍ନି ।

୪ । ଫେଇ-ଖୋଲି ।

ଚୋରଗଙ୍ଗ କରେ କରି ସମର୍ପଣ;
ସୁବର୍ଣ୍ଣକେଶରୀ ବିଷାଦେ ଉଦାସୀ
ମହାନଦୀ-ତୀରେ ହେଲେ ବନବାସୀ ।
ଅଂଶୁପା ଦହର ସନ୍ନିହିତ ବନେ;
ଖେଳୁଥିଲେ ଯହିଁ ପାରିଧି ଯୌବନେ,
ଯହିଁ କରି ସ୍ନାନ ତଟିନୀ-ତରଙ୍ଗେ
ମଳୟ ଖେଳଇ ପୁଷ୍ପାଙ୍ଗନା-ସଙ୍ଗେ ।
ଅଦ୍ୟାପି ସେ ସ୍ଥାନ ଏ ଘଟନା ଫଳେ
ବୋଲାଏ 'ସୁବର୍ଣ୍ଣ ପୁର' (୧) ସେ ଅ ଳେ ।
ସମଗ୍ର ଉତ୍କଳୁ ଆସି ନୃପମାନେ
ଚୋରଙ୍କୁ ପୂଜିଲେ ଭକ୍ତି-ଉପାଦାନେ ।
ଚୋରଗଙ୍ଗ ସେହି ଦେବଦ ମଣି
ନୀଳାଚଳେ (୨) ଦେଲେ ପଠାଇ ସେକ୍ଷଣି ।
ବହୁକାଳ ତାହା ବିଚିତ୍ର ରୁଚିରେ
ବିରାଜିଲା ନୀଳଗିରିସାଇଁ ଶିରେ ।
ସୌଧକିରୀଟିନୀ; ଶୂରଙ୍କ ଜନନୀ,

---

୧ । ଅଂଶୁପା ହ୍ରଦର ନିକଟରେ 'ସୁବର୍ଣ୍ଣପୁର' ଅବସ୍ଥିତ । ଏହା ସୁବର୍ଣ୍ଣକେଶରୀଙ୍କ ନାମାନୁସାରେ କଥିତ ହୋଇ ଆସୁଅଛି ବୋଲି ବିଶ୍ୱାସ ।

୨ । ନୀଳାଚଳେ—ଶ୍ରୀକ୍ଷେତ୍ର ପୁରୀକୁ ।

କି ଭାବିଲେ, ତାହା ତାଙ୍କ ମନ ଜାଣେ ।
ନ ହେଲା ନୟନୁ ଅଶ୍ରୁ ବିଗଳିତ,
ଏ ଯାତନା ସିନା ଅଶ୍ରୁର ଅତୀତ ।
ଚଉଦିଗେ ପଡ଼ିଗଲା ହାହାକାର;
ଭାସିଲେ ଲୋତକେ ରାଜପରିବାର ।
କାନ୍ଦିଲେ ସଖୀଏ ମହାଶୋକାତୁରେ,
କାନ୍ଦିଲେ ରାଣୀଏ ଉଚ୍ଚେ ଅନ୍ତଃପୁରେ ।
ନିଶାମୁଖେ (୧) ଯହିଁ ହାସ୍ୟର କଲ୍ଲୋଳ,
ନିଶାଶେଷେ ତହିଁ ରୋଦନର ରୋଳ ।
ରାଜ-ଆଜ୍ଞାମତେ ରାଜପରିଜନ,
ବିହିଲେ ଜେମାର ଅନ୍ତିମ ମଣ୍ଡନ ।
ବିଜନ ପଠାକୁ ନେଇ ଜଳଯାନେ,
ଅନ୍ତ୍ୟେଷ୍ଟି ସାଧିଲେ ବିହିତ ବିଧାନେ,
ସମାଧି ରଚିଲେ ଶିଳ୍ପୀକୁଳ ଆସି,
ଅବଶେଷ ଏବେ ଯାର ଶିଳାରାଶି ।
ଛାଡ଼ିଦେଲେ ତହିଁ ପାଳିତ ଜେମାର
ମୟୂର, ମୟୂରୀ, ମୃଗୀ, କୃଷ୍ଣସାର ।
ଚଣ୍ଡୀ-ଗୃହ ତହିଁ ହେବାରୁ ଗଠିତ,
ବେନି ନାମେ ପଠା ଅଦ୍ୟାପି କଥିତ, (୨)
ସେହି ମଣି ସଙ୍ଗେ ନିଜ ସିଂହାସନ

---

୧ । ନିଶାମୁଖେ—ସନ୍ଧ୍ୟାରେ ।

୨ । ନନ୍ଦିକେଶ୍ୱରୀ ପଠା କଟକର ଉ  ରରେ ମହାନଦୀ ମଧ୍ୟରେ ଅବସ୍ଥିତ ।

ମହାନଦୀ ମୁକ୍ତ-ବେଣୀ (୧)-ମଥାମଣି ।
କାଳସ୍ରୋତେ ଲୀନ ଏବେ ବିଡ଼ାନାସୀ
ନାମ ସେହି ସ୍ରୋତେ ଆସିଅଛି ଭାସି ॥

●

**କବି ପରିଚୟ**

---

୧ । ବିଡ଼ାନାସିଠାରେ ମହାନଦୀ ବେଣୀମୁକ୍ତ ହୋଇ ଦୁଇଭାଗରେ ବିଭକ୍ତ ହୋଇ କାଠଯୋଡ଼ି ଓ ମହାନଦୀରେ ବିଭକ୍ତ ।

## ରାଧାନାଥ ରାୟ (୧୮୪୮–୧୯୦୮)

କବିବର ରାଧାନାଥ ରାୟ ୧୮୪୮ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ୨୮ ତାରିଖରେ ବାଲେଶ୍ୱର ଜିଲ୍ଲାର କେଦାରପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ସୁନ୍ଦର ନାରାୟଣ ରାୟ ଓ ମାତାଙ୍କ ନାମ ଶ୍ରୀମତୀ ତାରିଣୀ ଦାସୀ । ବାଲ୍ୟ ଅବସ୍ଥାରୁ ମାତ୍ର ପା  ବର୍ଷ ବୟସରେ ସେ ମାତୃହୀନ ହୋଇଥିଲେ ଓ ବିମାତା ଶ୍ରୀମତୀ ରୂପଦାସୀଙ୍କ ଆଦର ଯତ୍ନରେ ପ୍ରତିପାଳିତ ହୋଇଥିଲେ । ରାଧାନାଥ ଜଣେ ମେଧାବୀ ଓ ପ୍ରତିଭାବାନ ଛାତ୍ର ଥିଲେ । ୧୮୬୩ ମସିହାରେ ସେ କୃତିତ୍ୱର ସହ ଏ ୍ରାନ୍ସ ପାସ୍ କରି କଲିକତାର ପ୍ରେସିଡେନ୍ସି କଲେଜରେ ଏଫ.ଏ ଶ୍ରେଣୀରେ ନାମ ଲେଖାଇଥିଲେ । ମାତ୍ର ଅତ୍ୟଧିକ ସ୍ୱାସ୍ଥ୍ୟହାନି ଯୋଗୁଁ ସେ ଉଚ୍ଚଶିକ୍ଷା ଲାଭ ଆଶା ତ୍ୟାଗ ପୂର୍ବକ ବାଲେଶ୍ୱର ପ୍ରତ୍ୟାବ ର୍ନ କରିଥିଲେ । ଏହାପରେ ସେ ସ୍କୁଲ ଶିକ୍ଷକ ଭାବରେ କର୍ମମୟ ଜୀବନ ଆରମ୍ଭ କରି ନିଜର କ ର୍ବ୍ୟନିଷ୍ଠା ବଳରେ ସ୍କୁଲ ବିଭାଗର ସର୍ବମୟ କ ର୍। ସ୍ତରରେ ପହ ୍ଅବସର ଗ୍ରହଣ କରିଥିଲେ ।

ରାଧାନାଥ ପ୍ରଥମେ ବଙ୍ଗଳାରେ କବିତା ରଚନା କରୁଥିଲେ । ମାତ୍ର ପରେ ଭୂଦେବ ମୁଖୋପାଧ୍ୟାୟଙ୍କ ପରାମର୍ଶରେ ସେ ଓଡ଼ିଆରେ ରଚନା କରିବାରେ ମନୋନିବେଶ କରିଥିଲେ । ରାଧାନାଥ ଥିଲେ ଏକାଧାରରେ ପ୍ରକୃତି କବି ପ୍ରଣୟର କବି, ଜୀବନବାଦୀ କବି ଓ ଜାତୀୟ ଚେତନାର କବି । ଜଣେ କବି ଭାବରେ ରାଧାନାଥ ପ୍ରସିଦ୍ଧି ଲାଭ କରିଥିଲେ ହେଁ, ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ଅସାଧାରଣ ଦକ୍ଷତାର ପରିଚୟ ପ୍ରଦାନ କରିଛନ୍ତି । ତାଙ୍କ କବି ପ୍ରତିଭାର ଅଜସ୍ର ସ୍ୱୀକୃତି 'କେଦାରଗୌରୀ', 'ଚନ୍ଦ୍ରଭାଗା', 'ନନ୍ଦିକେଶ୍ୱରୀ', 'ଉଷା', 'ପାର୍ବତୀ', 'ଚିଲିକା' 'ମହାଯାତ୍ରା', 'ଦରବାର', 'ଯଯାତି କେଶରୀ' ଇତ୍ୟାଦି ରଚନାରୁ ମିଳିଥାଏ । ଗଦ୍ୟ ରଚନାରେ 'ଇତାଲୀୟ

ଯୁବା' ଉପନ୍ୟାସ ଓ 'ବିବେକୀ' ପ୍ରବନ୍ଧ ତାଙ୍କର ଉଲ୍ଲେଖଯୋଗ୍ୟ ସୃଷ୍ଟି ।

ରାଧାନାଥ ତାଙ୍କ ସାହିତ୍ୟର ଶ୍ରୀବୃଦ୍ଧି ପାଇଁ ପାଶ୍ଚାତ୍ୟ ସାହିତ୍ୟରୁ ଆହରଣ କରି ଉତ୍କଳୀୟ ପରିପ୍ରେକ୍ଷୀରେ ତା'ର ସୁନ୍ଦର ସମୀକରଣ କରିଛନ୍ତି । ସେ ହୋଇଛନ୍ତି ଆଧୁନିକତା ଓ ପ୍ରାଚୀନତାର ସଂଯୋଗ ସେତୁ । ପ୍ରାଚୀନ ପ୍ରବାହ ଧାରାରୁ ସଂପୂର୍ଣ୍ଣ ଅଲଗା ନହୋଇ ସେ ନୂତନ ଯୁଗର ମୂଳଦୁଆ ପକାଇଛନ୍ତି । ପାଶ୍ଚାତ୍ୟ କଥାବସ୍ତୁକୁ ଓଡ଼ିଆ କାବ୍ୟରେ ପରୀକ୍ଷା କରିବାରେ ସେ ହେଉଛନ୍ତି ପ୍ରଥମ ସ୍ରଷ୍ଟା । ଅମିତ୍ରାକ୍ଷର ଛନ୍ଦ ଓ ଉପଧାମିଳନ ତାଙ୍କର ଅଭିନବ ସୃଷ୍ଟି । ତାଙ୍କର ସମସ୍ତ କାବ୍ୟ ଉତ୍କଳୀୟ ପ୍ରକୃତିର ପ୍ରତିକୃତି କହିଲେ ଚଳେ । ଏତଦ୍‌ବ୍ୟତୀତ ମାନବ ଜୀବନର ହାସ୍ୟ ଅଶ୍ରୁ, ଅନୁରାଗ, ବିରାଗ, ବ୍ରୀଡ଼ା ବୈକଲ୍ୟ, ଆମୋଦ ପ୍ରମୋଦ ବିରହ ମିଳନର ଚିତ୍ର ତାଙ୍କ କାବ୍ୟ କବିତାରେ ମଧ୍ୟ ଅଙ୍କିତ ।

**ଆଲୋଚ୍ୟ କାବ୍ୟ ନନ୍ଦିକେଶ୍ୱରୀର କଥାବସ୍ତୁ :–**

ରାଧାନାଥଙ୍କର ଅନନ୍ୟ କାବ୍ୟ ସଂଗ୍ରହ ମଧ୍ୟରେ ୧୮୮୭ ମସିହାରେ ପ୍ରକାଶିତ 'ନନ୍ଦିକେଶ୍ୱରୀ' ବେଶ୍ ବିଶେଷତ୍ୱ ବହନ କରିଥାଏ । ବିଷୟବସ୍ତୁର ନୂତନତା ସହିତ ଅଭୂତପୂର୍ବ କାବ୍ୟନିର୍ମାଣ କୌଶଳର ନୈପୁଣ୍ୟ ବହନ କରି ପାଶ୍ଚାତ୍ୟ ଆହରଣ ସହିତ ପ୍ରାଚ୍ୟ ଦୃଷ୍ଟିର ସମନ୍ୱୟ ମଧ୍ୟରେ ଏହା ଏକ ଉଚ୍ଚାଙ୍ଗ କାବ୍ୟ ଭାବେ ପରିଚିତ ହୋଇପାରିଛି । ଓଭିଡ୍‌ଙ୍କର ମେଟାମରଫୋସିସ୍ କାବ୍ୟର ଅଷ୍ଟମ କବିତା 'ଦି କିଙ୍ଗ୍ ମିନସ୍ ଏଣ୍ଡ ସିଲା'ର କାହାଣୀ ଓ ବାଇରନ୍‌ଙ୍କ 'ଦି ସିଜ୍ ଅଫ୍ କୋରିନ୍ଥ' ଗ୍ରନ୍ଥରୁ କଥାବସ୍ତୁ ସଂଗ୍ରହ କରି କବି ନନ୍ଦିକେଶ୍ୱରୀର ପରିକଳ୍ପନା ସହିତ ଉତ୍କଳୀୟ ଇତିହାସ ଓ କିମ୍ବଦନ୍ତୀକୁ ସୁସଂଯୋଜିତ କରି ଏକ ବୃହ ର ଐତିହାସିକ ଚିତ୍ର ନିର୍ମାଣରେ ସମର୍ଥ ହୋଇପାରିଛନ୍ତି ।

ଦୁଇଟି ସର୍ଗରେ ବିଭକ୍ତ ନନ୍ଦିକେଶ୍ୱରୀ କାବ୍ୟ 'ନଟବାଣୀ' ବୃ ରେ

ରଚିତ । ପ୍ରଥମ ସର୍ଗରେ କବି ରାଧାନାଥ କାଠଯୋଡ଼ି ତୀରରେ ଚୋଡ଼ଗଙ୍ଗ ଦେବଙ୍କ ସମର ସଜ୍ଜାର ବିସ୍ତୃତଚିତ୍ର ସହିତ ଉତ୍କଳର ନୈସର୍ଗିକ ପ୍ରାକୃତିକ ଶୋଭା ସମ୍ଭାରର ବର୍ଣ୍ଣନା ପ୍ରଦାନ କରିଛନ୍ତି । ଉତ୍କଳର ତତ୍କାଳୀନ ନରପତି ଥିଲେ ସୁବର୍ଣ୍ଣକେଶରୀ । ପରାକ୍ରମୀ ରାଜା ଚୋଡ଼ଗଙ୍ଗଦେବ ଦେବୀ ଗଙ୍ଗାଙ୍କଠାରୁ ବରପ୍ରାପ୍ତ ହୋଇ ଶାକ୍ତଧର୍ମର ବିଲୋପ କରି ବୈଷ୍ଣବ ଧର୍ମର ପ୍ରତିଷ୍ଠା ପାଇଁ ଉତ୍କଳ ଆକ୍ରମଣ କରିଥିଲେ । ରାଜା ଚୋଡ଼ଗଙ୍ଗଦେବଙ୍କ ପରାକ୍ରମର ସମ୍ମୁଖୀନ ହୋଇନପାରି ଯୁଦ୍ଧ ପରେ ଯୁଦ୍ଧ କରି ଶେଷରେ ରାଜା ସୁବର୍ଣ୍ଣକେଶରୀ ଗଡ଼ଚଣ୍ଡୀଙ୍କଠାରେ ଶରଣାପନ୍ନ ହେଲେ । ଦେବୀ ଗଡ଼ଚଣ୍ଡୀ ରାଜାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ– "ଚୋଡ଼ଗଙ୍ଗଦେବ ଦେବୀ ଗଙ୍ଗାଙ୍କ ଆଶୀର୍ବାଦ ଲାଭକରି ବଳୀୟାର ହୋଇଛନ୍ତି ଏଣୁ ତାଙ୍କୁ ସମ୍ମୁଖ ଯୁଦ୍ଧରେ କେହି ପରାସ୍ତ କରିପାରିବେନାହିଁ । ଏପରିକି ଦେବୀ ଗଙ୍ଗାଙ୍କ ବାକ୍ୟାନୁସାରେ ମହାକୋପୀ ଶିବ ମଧ୍ୟ ଚୋଡ଼ଗଙ୍ଗଙ୍କୁ ଉତ୍କଳର ସିଂହାସନ ପ୍ରଦାନ କରିବାପାଇଁ ଇଚ୍ଛାପ୍ରକାଶ କରିଛନ୍ତି" । ତେଣୁ ସମ୍ମୁଖ ସମରରେ ବିଜୟୀ ହେବା ଆଶା ତ୍ୟାଗ କରି ବିଡ଼ାନାସୀ ଗଡ଼ ମଧ୍ୟରେ ଅବସ୍ଥାନ କରିବାକୁ ନିର୍ଦ୍ଦେଶ ଦେଲେ । ରାଜାଙ୍କୁ ଏକ ଜୈତ୍ରମଣି ପ୍ରଦାନ କରି ମଣିଟିକୁ ସର୍ବଦା ଧାରଣ କରିବାକୁ ପରାମର୍ଶ ଦେଇ ଦେବୀ ଅନ୍ତର୍ଦ୍ଧାନ ହେଲେ । ଦେବୀଙ୍କ ଆଜ୍ଞାନୁସାରେ ସୁବର୍ଣ୍ଣକେଶରୀ ସେହିଦିନଠାରୁ ଯୁଦ୍ଧ ଜୟ ଆଶା ତ୍ୟାଗ କରି ଜୈତ୍ରମଣି ଧାରଣ ପୂର୍ବକ ଗଡ଼ ମଧରେ ନିରାପଦରେ ଅବସ୍ଥାନ କଲେ । ଅପର ପକ୍ଷରେ ଦୀର୍ଘଦିନର ସଂଗ୍ରାମ ପରେ ବି ଚୋଡ଼ଗଙ୍ଗଦେବ ଗଡ଼ଭେଦ କରି ପାରିଲେ ନାହିଁ । ଫଳରେ ତାଙ୍କ ସୈନ୍ୟବାହିନୀର ଧୈର୍ଯ୍ୟଚ୍ୟୁତି ଘଟିଲା ଓ ସେମାନେ ସ୍ୱଦେଶ ପ୍ରତ୍ୟାବ ´ନ ପାଇଁ ରାଜାଙ୍କୁ ପ୍ରସ୍ତାବ ଦେଲେ । ସେନାପତିଙ୍କର ମାନସିକ ଅବସ୍ଥା ଲକ୍ଷ୍ୟକରି ଚୋରଗଙ୍ଗ ଶେଷକୁ କହିଛନ୍ତି– "କାଲି ରାତି ଯାଏ ଧୈର୍ଯ୍ୟଧରି ରୁହ । କାଲି

ରାତି ପାହିଲେ ଏ ନଗର ପରିତ୍ୟାଗ କରି ନିଜ ରାଜ୍ୟକୁ ବାହୁଡ଼ି ଯିବ” ।

ଏହା କହି ଚୋଡ଼ଗଙ୍ଗ ଏକାନ୍ତରେ ଚିନ୍ତା କରିବାକୁ ଲାଗିଲେ । ସେ ଗଙ୍ଗାମାତାଙ୍କ ନିର୍ଦ୍ଦେଶରେ ଉତ୍କଳ ଭୂମିକୁ ଆସିଥିଲେ । ଗଙ୍ଗା କହିଥିଲେ, ଉତ୍କଳ ଭୂମିରୁ ଶାକ୍ତଧର୍ମମତ ଓ ଶାକ୍ତ ଅନାଚାରକୁ ଦୂରକରି ବୈଷ୍ଣବ ଧର୍ମର ଭକ୍ତିଧାରା ପ୍ରସାରିତ କରିବାକୁ । ଏହାପରେ ଚୋଡ଼ଗଙ୍ଗଦେବ ଘନ ଅରଣ୍ୟରେ ଗଙ୍ଗାଙ୍କ ଠାରୁ ପ୍ରାପ୍ତ ଏହି ଅଭୟ ଆଶିଷ ବିଷୟରେ ସେନାପତିଙ୍କ ଆଗରେ ବୟାନ କଲେ । ପାଖରେ ତାଙ୍କର ଉପସ୍ଥିତ ଥିଲେ ମନ୍ତ୍ରୀ ବାସୁଦେବ । ସେମାନେ ଏଭଳି ଆଲୋଚନା ରତ ଥିବା ସମୟରେ ସଂଧ୍ୟା ନଇଁ ଆସିଲା । ସମସ୍ତେ ଯେ ଯାହା କର୍ମରେ ଲାଗି ଦେବୀ ବାକ୍ୟର ଫଳାଫଳକୁ ଅପେକ୍ଷା କଲେ ।

ଦ୍ୱିତୀୟ ସର୍ଗର ପ୍ରାରମ୍ଭରେ ବିଡ଼ାନାସୀଗଡ଼ରେ ଆନନ୍ଦ ଉତ୍ସବର ଚିତ୍ର ବର୍ଣ୍ଣିତ ହୋଇଛି । କାରଣ ରାତ୍ରିର ଅବସାନ ପରେ ପ୍ରଭାତର ଆଗମନ ସହିତ ଶତ୍ରୁସୈନ୍ୟମାନେ ଗଡ଼–ତ୍ୟାଗ କରି ସ୍ୱରାଜ୍ୟକୁ ପ୍ରତ୍ୟାବ ର୍ତ୍ତନ କରିବେ ବୋଲି ଗୁପ୍ତଚର ସନ୍ଦେଶ ଆଣିଛି । ଏଣୁ ଗଡ଼ ମଧ୍ୟରେ ଆନନ୍ଦ ଉଲ୍ଲାସ ସହିତ ଗଡ଼ଚଣ୍ଡୀଙ୍କର ଆରାଧନା ପାଇଁ ସମସ୍ତ ଆୟୋଜନ ଚାଲିଛି । ଏତେ ସବୁ ଆନନ୍ଦର ବାତାବରଣ ସତ୍ତ୍ୱେ ରାଜନନ୍ଦିନୀ ନନ୍ଦିକା ମନରେ କିନ୍ତୁ ବିଷାଦର ଚିହ୍ନ । ସୁବର୍ଣ୍ଣକେଶରୀଙ୍କର ଏକମାତ୍ର ଅପରୂପା କନ୍ୟା ନନ୍ଦିକା । ବହୁ ଅଲିଅଳରେ ବଢ଼ିଛନ୍ତି, ତେବେ ତାଙ୍କ ମନ ରାଜ୍ୟରେ କେଉଁ କୀଟ ପଶି ତାଙ୍କୁ ବିଷାଦିତ କରିଛି ତାହା ସଭିଙ୍କୁ ଅଗୋଚର । ଉତ୍ସବ ଶେଷରେ ଜେମା ଅନ୍ତଃପୁରକୁ ବାହୁଡ଼ିଛନ୍ତି । ଭୋଜନାନ୍ତେ ସମସ୍ତେ ବିଶ୍ରାମ କରିଛନ୍ତି । ବିଡ଼ାନାସୀ ଗଡ଼ ମୃତକଳ୍ପ ମନେହୋଇଛି । ସକଳ ପ୍ରାଣୀ ନିଦ୍ରା ଯାଇଛନ୍ତି କେବଳ ମାତ୍ର ଉନ୍ନିଦ୍ର ଅଛନ୍ତି ରାଜଜେମା ନନ୍ଦିକା । ତାଙ୍କର ମନ ରାଜ୍ୟରେ ଝଡ଼ ସୃଷ୍ଟିକରିଛନ୍ତି ଚୋଡ଼ଗଙ୍ଗଦେବ । ଚୋଡ଼ଗଙ୍ଗଙ୍କର ଅଙ୍ଗ ସୌଷ୍ଠବ ଓ ବୀରତ୍ୱ ସନ୍ଦର୍ଶନରେ

ପ୍ରଣୟାସକ୍ତା ତଦ୍‌ଗତପ୍ରାଣା ନନ୍ଦିକା, ପ୍ରିୟଙ୍କର ସ୍ୱଦେଶ ପ୍ରତ୍ୟାଗମନ ସନ୍ଦେଶରେ ଅତିଶୟ ବ୍ୟଥିତା ହୋଇପଡ଼ିଛନ୍ତି । ଏପରିକି ପିତା ସୁବର୍ଣ୍ଣକେଶରୀଙ୍କୁ ମଧ୍ୟ ମନେ ମନେ ତିରସ୍କାର କରିଛନ୍ତି । ମନ୍ତ୍ରୀ ବାସୁଦେବଙ୍କର ପରାମର୍ଶ ଅନୁସାରେ ତାଙ୍କର ପିତା ଚୋଡ଼ଗଙ୍ଗଙ୍କ ହସ୍ତରେ ତାଙ୍କୁ ସାଗ୍ରହରେ ଅର୍ପଣ କରିଥିଲେ ଏପରି ଯୁଦ୍ଧ ସଂଘଟିତ ହୋଇନଥାନ୍ତା । ତାଙ୍କର ମନୋବାଞ୍ଛା ମଧ୍ୟ ପୂରଣ ହୋଇଥାନ୍ତା । ଏହିସବୁ ଚିନ୍ତାରେ ନନ୍ଦିକା ବେଶୀ ବେଶୀ ଉଦ୍‌ବେଳିତ ହୋଇ ମାନସିକ ଭାରସାମ୍ୟ ହରେଇ ବସିଛନ୍ତି । ତାଙ୍କ ଆଖି ଆଗରେ ନାଚିଯାଇଛି ସୁଭଦ୍ରାଙ୍କର ପ୍ରତିଛବି । ନିଜ ବଂଶ ମର୍ଯ୍ୟାଦା, ଭାଇ ଦୁହିଁଙ୍କର ସଂଭ୍ରାନ୍ତିକୁ ଭୁଲି ସିଏ ତାଙ୍କର ପ୍ରାଣର ପ୍ରିୟତମ ଅର୍ଜୁନଙ୍କ ସାଙ୍ଗରେ ଚାଲି ଯାଇଥିଲେ ପ୍ରେମର ଜଗତକୁ । ଅୟୁତ ଯାଦବ ଯୋଦ୍ଧା ତାଙ୍କୁ ପ୍ରତିରୋଧ କରିଥିଲେ ସୁଦ୍ଧା ତାଙ୍କ ଯାତ୍ରାପଥରେ ବାଧା ସୃଷ୍ଟି କରିପାରିନଥିଲେ । ନନ୍ଦିକା ମନେ ମନେ ସ୍ଥିର କରିଛନ୍ତି ସେ ମଧ୍ୟ ପ୍ରେମ ଜଗତରେ ଏକ ନୂତନ ଆଦର୍ଶ ଥୋଇଯିବେ । ପିତାଙ୍କର ଅମୋଘ ଅସ୍ତ୍ର ସେହି ଜୈତ୍ରମଣିକୁ ହସ୍ତଗତ କରି ସେ ତାଙ୍କ ପ୍ରିୟତମ ଚୋଡ଼ଗଙ୍ଗଙ୍କୁ ଦେଲେ ତା'ରି ବଳରେ ସେ ହୋଇଯିବେ ଉତ୍କଳ-ଈଶ୍ୱର । ନିଜ ପ୍ରେମ ବଳରେ ତାଙ୍କୁ ଛତ୍ରପତି କରି ପ୍ରେମିକାମାନଙ୍କ ମଧ୍ୟରେ ବିଜୟ ପତାକା ଉଡ଼ାଇବେ । ଏହିଭଳି ଚିନ୍ତାକରି ଶେଷରେ ନନ୍ଦିକା ତାଙ୍କର ଅଦମ୍ୟ ଭାବାବେଗରେ ତାଡ଼ିତ ହୋଇ ସମସ୍ତ ଅପବାଦକୁ ଉପେକ୍ଷା କରି ଧୀର ପଦରେ ଯାଇ ସୁପ୍ତ ସୁବର୍ଣ୍ଣକେଶରୀଙ୍କ ମଥାରୁ ମଣି ଚୋରାଇ ଆଣି ଅନ୍ତପୁରରୁ ରାଣୀମାନେ ଗୁପ୍ତ ସୁଡ଼ଙ୍ଗ ଦେଇ ନଦୀ ସ୍ନାନକୁ ଯାଉଥିବା ପଥରେ ବିଡ଼ାନାସୀ ଗଡ଼ରୁ ବାହାରିଯାଇଛନ୍ତି ।

ତେଣେ ଚୋଡ଼ଗଙ୍ଗଦେବ ଶିବିରରେ ନିଃସଙ୍ଗ ଭାବରେ ଚିନ୍ତାଶୀଳ ହୋଇ ବସି ରହିଛନ୍ତି । ସମ୍ଭବତଃ ସେ ଅପେକ୍ଷା କରିଛନ୍ତି ଆଗାମୀ ଉଷାକାଳକୁ । ସହସା ତାଙ୍କ ଆଗରେ ଉଭା ହୋଇଛନ୍ତି ଅନିନ୍ଦ୍ୟ ସୁନ୍ଦରୀ ଉତ୍କଳର ରାଜଜେମା

ନନ୍ଦିକା । ଲାବଣ୍ୟ ସରୋବରରେ ସୁବର୍ଣ୍ଣ କମଳ ପରି ଅପରୂପା ନନ୍ଦିକାଙ୍କୁ ଦେଖି ଚୋଡ଼ଗଙ୍ଗ ହତଭମ୍ଭ ହେଲେ ମଧ୍ୟ ଅବିଚଳିତ ରହିଛନ୍ତି । ନିଜର ପରିଚୟ ଦେଇ ନନ୍ଦିକା ଜୈତ୍ର ମଣିଟିକୁ ଚୋଡ଼ଗଙ୍ଗଙ୍କର ପାଦତଳେ ଥୋଇ ସ୍ୱପ୍ରେମର ନିବିଡ଼ତା ଦର୍ଶାଇ ନିଜକୁ ସମର୍ପଣ ପୂର୍ବକ ପ୍ରତିଦାନରେ କେବଳ ପ୍ରେମ ଯାଚଞ୍ଚା କରି ତାଙ୍କୁ ଗ୍ରହଣ କରିବାକୁ ନିବେଦନ କରିଛନ୍ତି ।

ସବୁକଥା ଶୁଣି ସାରିବାପରେ ଏହା ଚୋଡ଼ଗଙ୍ଗଙ୍କୁ ସ୍ୱପ୍ନଭଳି ପ୍ରତୀୟମାନ ହୋଇଛି । ଏଭଳି ଆଚରଣରେ ସେ ଅତିଶୟ କ୍ରୋଧ ଘୃଣା, ଦୁଃଖ ଓ ବିସ୍ମୟ ବିଜଡ଼ିତ ହୋଇପଡ଼ିଛନ୍ତି । ଯଶସ୍ୱୀ କେଶରୀ ବଂଶର ଦାୟାଦ ନନ୍ଦିକାର ଅପ୍ରତ୍ୟାଶିତ ଏପରି ଘୃଣ୍ୟ ଆଚରଣରେ ସ୍ତମ୍ଭୀଭୂତ ହୋଇ ଚୋଡ଼ଗଙ୍ଗ ତାଙ୍କୁ ଦେଶ ଦ୍ରୋହୀ, ରାଜ ଦ୍ରୋହୀ ଓ ପିତୃଦ୍ରୋହୀ ଭଳି ତିନି ମହାପାପର ଭାଗିନୀ ବୋଲି କହି ଶତ ଧିକ୍କାର କରିଛନ୍ତି । ଚୋଡ଼ଗଙ୍ଗଙ୍କର ଏତାଦୃଶ ପ୍ରତ୍ୟାଖ୍ୟାନରେ ମର୍ମାହତ ହୋଇଛନ୍ତି ନନ୍ଦିକା । ଆତ୍ମକୃତ ପାପର ଶତ ଦଂଶନର ଜ୍ୱାଳାରେ ଦଗ୍ଧୀଭୂତ ତାଙ୍କ ମୋହାବିଷ୍ଟ ମାନସ ବାସ୍ତବିକତାର ସମ୍ମୁଖୀନ ହେବାକୁ ସାହସ ଜୁଟାଇ ପାରିନାହିଁ । ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ତାଙ୍କୁ ଅନ୍ଧକାରମୟ ମନେ ହୋଇଛି । ଏଣେ ଚୋଡ଼ଗଙ୍ଗ ମନ୍ତ୍ରୀଙ୍କ ଦ୍ୱାରା ଏକ ସୁନ୍ଦର ଶିବିକାରେ ଜୈତ୍ରମଣି ସହ ନନ୍ଦିକାଙ୍କୁ ବିଡ଼ାନାସୀ ଗଡ଼କୁ ପଠାଇ ଦେଇଛନ୍ତି । ଫଳରେ ଆତ୍ମଦହନରେ ଦଗ୍ଧୀଭୂତା ନନ୍ଦିକା ଶିବିକାରେ ପ୍ରତ୍ୟାବ ର୍ନ ସମୟରେ ପିତାଙ୍କ ଉଦ୍ଦେଶ୍ୟରେ ଏକ ହୃଦୟବିଦାରକ ପତ୍ର ଲେଖି ଆତ୍ମହତ୍ୟା କରିଛନ୍ତି । ସେହି ପତ୍ରରେ ଚୋଡ଼ଗଙ୍ଗଙ୍କୁ ନିଜ ପୁତ୍ର ଭାବରେ ଗ୍ରହଣ କରିବାକୁ ଏବଂ ତାଙ୍କୁ ଏକ ବିଜନ ସ୍ଥାନରେ ସମାଧି ଦେଇ ସେହି ସ୍ଥାନରେ ଏକ ସ୍ମୃତି ମନ୍ଦିର ନିର୍ମାଣ କରିବାକୁ ପିତା ସୁବର୍ଣ୍ଣକେଶରୀଙ୍କୁ ସେ ଅନୁରୋଧ କରିଛନ୍ତି ।

କନ୍ୟାର ଦୁଃଖଦ ମୃତ୍ୟୁରେ ମର୍ମାହତ ପିତା ସୁବର୍ଣ୍ଣ କେଶରୀ ନନ୍ଦିକାର

ଅନୁରୋଧ କ୍ରମେ ବିଜନ ପଠାରେ ଅନ୍ତ୍ୟେଷ୍ଟି ସମାପନ କରି ସମାଧି ମନ୍ଦିରଟିଏ ନିର୍ମାଣ କରାଇଛନ୍ତି । ତପରେ ମଣି ସହ ଚୋଡ଼ଗଙ୍ଗଙ୍କୁ ସାମ୍ରାଜ୍ୟ ପ୍ରଦାନ କରି ମହାନଦୀ ତୀରରେ ସନ୍ନ୍ୟାସୀ ଜୀବନ ଅତିବାହିତ କରିଛନ୍ତି । ଅଧୁନା ସେ ସ୍ଥାନ ସୁବର୍ଣ୍ଣପୁର ନାମରେ ବିଦିତ ଓ ନନ୍ଦିକାର ସମାଧିସ୍ଥଳ ନନ୍ଦିକେଶ୍ୱରୀ ପଠା ଭାବରେ ଲୋକ ଲୋଚନରେ ପରିଚିତ । ପରବ ୀ ସମୟରେ ଚୋଡ଼ଗଙ୍ଗ ଉତ୍କଳ ସିଂହାସନ ଆରୋହଣ କରି ସେହି ମଣିକୁ ଜଗନ୍ନାଥଙ୍କ ନିକଟକୁ ପ୍ରେରଣ କରିଥିଲେ । ଏହାହିଁ ଏହି କାବ୍ୟର ବିଷୟବସ୍ତୁ । ଏଥି ସହିତ ବର୍ଣ୍ଣନା ପ୍ରସଙ୍ଗରେ ରାଧାନାଥ ଉତ୍କଳର ନଦନଦୀ, ବଣପାହାଡ଼ ଓ ଦେବଦେବୀଙ୍କର ମଧ୍ୟ ବିସ୍ତୃତ ବର୍ଣ୍ଣନା ପ୍ରଦାନ କରିଛନ୍ତି, ଯାହା କବିଙ୍କର ଅତିଶୟ ଉତ୍କଳୀୟ ପ୍ରୀତି ଓ ପ୍ରକୃତି ପ୍ରାଣତାର ପରିଚୟ ପ୍ରଦାନ କରେ । ସେହିପରି ପ୍ରସଙ୍ଗ କ୍ରମେ କବି ଜହ୍ନରାତି, ଘନକୃଷ୍ଣ ରଜନୀ ଓ ପ୍ରଭାତ କାଳର ଦୃଶ୍ୟ ସହିତ ନନ୍ଦିକାର ରୂପ ଲାବଣ୍ୟ ଓ ଚୋଡ଼ଗଙ୍ଗଙ୍କର ବୀରତ୍ୱ ବ୍ୟଞ୍ଜକ ସୌମ୍ୟକାନ୍ତିର ଯେଉଁ ବଳିଷ୍ଠ ଚିତ୍ର ପ୍ରଦାନ କରିଛନ୍ତି, ତାହା ତାଙ୍କର ସୌନ୍ଦର୍ଯ୍ୟଦୃଷ୍ଟି ଓ ଅସାଧାରଣ କବିତ୍ୱର ପରିଚୟ ବହନ କରେ ।

●

## ନମୁନା ପ୍ରଶ୍ନାବଳୀ

### (କ) ୧ ନମ୍ବର ବିଶିଷ୍ଟ ସମ୍ଭାବ୍ୟ ଉ ରମୂଳକ ପ୍ରଶ୍ନାବଳୀ ।

୧. ଧାଡ଼ି ଧାଡ଼ି ଶିବିର କେଉଁଠି ଶୋଭା ପାଉଥିଲା ?

(କ) ମହାନଦୀ ତୀରରେ (ଖ) ଦୟାନଦୀ ତୀରରେ

(ଗ) କୁଶଭଦ୍ରା ତୀରରେ (ଘ) କାଠଯୋଡ଼ି ତୀରରେ

୨. ଶୁଭ୍ର ତମ୍ବୁଗୁଡ଼ିକ କିପରି ଶୋଭା ପାଉଥିଲା ?

(କ) ଖଡ଼ି ଶୈଳ ପରି (ଖ) ହିମ ଶୈଳ ପରି

(ଗ) ତୁଷାର ଶୈଳ ପରି (ଘ) ବରଫ ଶୈଳ ପରି

୩. ବାଦିତ୍ର ଶବ୍ଦରେ କ'ଣ ପ୍ରକମ୍ପିତ ହେଉଥିଲା ?

(କ) ଆକାଶ (ଖ) ପାତାଳ

(ଗ) ଅବନୀ (ଘ) ସାଗର

୪. ଦାସେରକ ଶବ୍ଦର ଅର୍ଥ କ'ଣ ?

(କ) ବାର୍‌ହା (ଖ) ଭାଲୁ

(ଗ) ଓଟ (ଘ) ଜିରାଫ୍

୫. କେଉଁଠାରେ ବିପଣି ବସିଥିଲା ?

(କ) ମହାନଦୀ ବନ୍ଧରେ (ଖ) କାଠଯୋଡ଼ି ବନ୍ଧରେ

(ଗ) କୁଆଖାଇ ବନ୍ଧରେ (ଘ) ବ୍ରାହ୍ମଣୀ ବନ୍ଧରେ

୬. ସ୍କନ୍ଧାବାର କାହାକୁ କହନ୍ତି ?

(କ) ଶିବିର (ଖ) ଛାଉଣୀ

(ଗ) ଖାଦ୍ୟ ଭଣ୍ଡାର (ଘ) ଘୋଡ଼ାଶାଳ

୭. କେଉଁ ସ୍ଥାନଟି ତୁଳସୀ କ୍ଷେତ୍ର ଭାବରେ ପ୍ରସିଦ୍ଧ ?

(କ) ଯାଜପୁର (ଖ) ଭଦ୍ରକ

(ଗ) ବାଲେଶ୍ୱର (ଘ) କେନ୍ଦ୍ରାପଡ଼ା

୮. ହଳାୟୁଧ କିଏ ?

(କ) ଇନ୍ଦ୍ର (ଖ) ବରୁଣ

(ଗ) ଜନକ (ଘ) ବଳରାମ

୯. ଅସୁରେଶ୍ୱରର ପ୍ରଧାନ ଦେବୀ କିଏ ?

(କ) ବିମଳା (ଖ) କମଳା

(ଗ) ରାମଚଣ୍ଡୀ (ଘ) ହରଚଣ୍ଡୀ

୧୦. ଶାଳିପୁରର ଅଧୁନିକ ନାମ କ'ଣ ?

(କ) ଶାନ୍ତିପୁର (ଖ) ସିଂହପୁର

(ଗ) ସାଲେପୁର (ଘ) ସୁଜନପୁର

୧୧. ବହୁଦ୍ୱାରଶୋଭୀ ପୁର କାହାକୁ କୁହାଯାଇଛି ?

(କ) କଟକ (ଖ) ଭୁବନେଶ୍ୱର

(ଗ) ବିଡ଼ାନାସୀ (ଘ) ଚଉଦ୍ୱାର

୧୨. କେଉଁ ଶୈଳକୁ ଦର୍ପଣୀର ଦର୍ପ କୁହାଯାଇଛି ?

(କ) କପିଳାସ ଶୈଳ (ଖ) ବିନାୟକ ଶୈଳ

(ଗ) ସପ୍ତଶଯ୍ୟା ଶୈଳ (ଘ) ସ୍ୱର୍ଣ୍ଣଚୂଡ଼ ଶୈଳ

୧୩. କେଉଁ ସ୍ଥାନରେ ଅଧିକ ଚନ୍ଦନ ବୃକ୍ଷ ଦେଖାଯାଏ ?

(କ) ଚଣ୍ଡିଖୋଲ (ଖ) ଆନନ୍ଦପୁର

(ଗ) ଅଳତୀ (ଘ) ଯାଜପୁର

୧୪. ଐରରାଜାଙ୍କ ପ୍ରସିଦ୍ଧ କୀର୍ତ୍ତିରାଜି କେଉଁଠାରେ ଦେଖାଯାଏ ?

(କ) ଖଣ୍ଡଗିରି (ଖ) ଧଉଳିଗିରି

(ଗ) ଲଳିତଗିରି (ଘ) ପୁଷ୍ପଗିରି

୧୫. ନିର୍ମଳା ନିର୍ଝର କେଉଁଠାରେ ପ୍ରବାହିତ ?

(କ) ଗଜପତି (ଖ) ଖଲ୍ଲିକୋଟ

(ଗ) ବ୍ରହ୍ମପୁର (ଘ) କନ୍ଧମାଳ

୧୬. ମଞ୍ଜୁଷାର ମହାଭୂଷା ବୋଲି କେଉଁ ଗିରିକୁ କୁହାଯାଇଛି ?

(କ) ମାଲ୍ୟଗିରି (ଖ) ନୀଳଗିରି

(ଗ) ମହେନ୍ଦ୍ରଗିରି (ଘ) ମେଘାସନ ଗିରି

୧୭. ସ୍ୱାହାଙ୍କ ସହଚରୀ ବୋଲି କେଉଁ ଦେବୀଙ୍କୁ କୁହାଯାଇଛି ?

(କ) ବିମଳା (ଖ) କମଳା

(ଗ) ହିଙ୍ଗୁଳା (ଘ) ତାରା

୧୮. କିଏ ରଣସ୍ଥଳକୁ ନିଜ ଅସ୍ଥିରେ ଧବଳ କରିଛି ?

(କ) ଅଶ୍ୱବଳ (ଖ) ଦନ୍ତାବଳ

(ଗ) ସୈନ୍ୟବଳ (ଘ) ପ୍ରଜାବଳ

୧୯. ଗୋମାୟୁ କାହାକୁ କହନ୍ତି ?

(କ) ହାତୀ (ଖ) ଶାଗୁଣା

(ଗ) ବରାହ (ଘ) ଶୃଗାଳ

୨୦. ସୁବର୍ଣ୍ଣକେଶରୀଙ୍କର ଦୁର୍ଗର ନାମ କ'ଣ ?

(କ) ଚଉଦ୍ୱାର ଗଡ଼ (ଖ) ବିଡ଼ାନାସୀ ଗଡ଼

(ଗ) ଶିଶୁପାଳ ଗଡ଼ (ଘ) କୁଜଙ୍ଗ ଗଡ଼

୨୧. ରାଜା ଅନଶନ କରି କାହା ଦେଉଳରେ ଅଧ୍ୟା ପଡ଼ିଥିଲେ ?

(କ) ଶିବ (ଖ) ବିଷ୍ଣୁ

(ଗ) ଚଣ୍ଡିକା (ଘ) ଲକ୍ଷ୍ମୀ

୨୨. ନିୟତି ରୂପେ କାହାର ଇଚ୍ଛା ତ୍ରିଭୂବନରେ ପ୍ରତିଫଳିତ ହୁଏ ?

(କ) ମହାଶକ୍ତି (ଖ) ମହାରୁଦ୍ର

(ଗ) ମହାବ୍ରହ୍ମ (ଘ) ମହାଲକ୍ଷ୍ମୀ

୨୩. ଶତ୍ରୁ-ଦର୍ପହାରୀ ଜୈତ୍ରମଣିକୁ କେଉଁଠି ପିନ୍ଧିବାକୁ ଚଣ୍ଡିକା ରାଜାଙ୍କୁ କହିଥିଲେ ?

(କ) କଣ୍ଠମଣି ରୂପେ (ଖ) ଶିରୋମଣି ରୂପେ

(ଗ) ହସ୍ତମଣି ରୂପେ (ଘ) ହୃଦମଣି ରୂପେ

୨୪. କେଉଁ ରାଜା ଜୈତ୍ରମଣି ଧାରଣ କରିଥିଲେ ?

(କ) ମର୍କତ କେଶରୀ (ଖ) ଯଯାତି କେଶରୀ

(ଗ) ସୁବର୍ଣ୍ଣ କେଶରୀ (ଘ) ନୃପକେଶରୀ

୨୫. ବାସୁଦେବ ଚୋରଗଙ୍ଗଙ୍କ ମନ୍ତ୍ରୀ ହେବା ଆଗରୁ କାହାର ମନ୍ତ୍ରୀ ଥିଲେ ?

(କ) ଯଯାତି କେଶରୀ (ଖ) ମର୍କତ କେଶରୀ

(ଗ) ବୀର କେଶରୀ (ଘ) ସୁବର୍ଣ୍ଣ କେଶରୀ

୨୬. ଚୋରଗଙ୍ଗ ଯେଉଁ ମାତୃ-ପାଦପଦ୍ମକୁ ଜୁହାର କରିଛନ୍ତି ସେ କିଏ ?

(କ) ଲକ୍ଷ୍ମୀ (ଖ) ସରସ୍ୱତୀ

(ଗ) ଜାହ୍ନବୀ (ଘ) ବିମଳା

୨୭. ପ୍ରଭାତ-ଡଗରା କିଏ ବୋଲି କବି କହିଛନ୍ତି ?

(କ) କଜ୍ଜଳପାତି (ଖ) କୁମ୍ଭାଟୁଆ

(ଗ) କପୋତ (ଘ) କାକ

୨୮. ଛାୟାବାଜି ଭଳି ଗଭୀର କନ୍ଦରା କେଉଁଥିରେ ପରିଣତ ହେଲା ?

(କ) ଝରଣା (ଖ) ନଦୀ

(ଗ) ପୁଷ୍କରିଣୀ (ଘ) ହ୍ରଦ

୨୯. ଗଙ୍ଗାଦେବୀ ଜଳରେ ସମାସୀନା ହେଲାବେଳେ ବନଦେବୀଙ୍କର କେଉଁ ବାଦ୍ୟ ବାଜି ଉଠିଥିଲା ?

(କ) ବଂଶୀ (ଖ) ତାନ୍‌ପୁରା

(ଗ) ବୀଣା (ଘ) ଢୋଲ

୩୦. ଦ୍ୱାପରର ବୀର ଦେବବ୍ରତ କିଏ ?

(କ) ଅର୍ଜୁନ (ଖ) କର୍ଣ୍ଣ

(ଗ) କୃଷ୍ଣ (ଘ) ଭୀଷ୍ମ

୩୧. ଧର୍ମ ସଂସ୍ଥାପନ କରିବାକୁ କିଏ ଭାଜନ ଅଟେ ?

(କ) କର୍ମବୀର (ଖ) ଧର୍ମବୀର

(ଗ) ଭକ୍ତିବୀର (ଘ) ଯୁଦ୍ଧବୀର

୩୨. ଶତ୍ରୁପ୍ରତି ପ୍ରୀତିଭାବ କେଉଁ ବଳ ଆଣି ଦିଏ ?

(କ) ଧର୍ମବଳ (ଖ) କର୍ମବଳ

(ଗ) ବାହୁବଳ (ଘ) ପୁଣ୍ୟବଳ

୩୩. ଉତ୍କଳ ଭୂବନର ବିଷ୍ଣୁପଦୀ ବୋଲି କେଉଁ ନଦୀକୁ କୁହାଯାଇଛି ?

(କ) ବୈତରଣୀ (ଖ) ଭାର୍ଗବୀ

(ଗ) ଦୟା (ଘ) ମହାନଦୀ

୩୪. ମହାନଦୀ-ଲୀଳା ନିମନ୍ତେ ତୀର୍ଥେଶ କେଉଁଦେଶ ଛାଡ଼ି ଦେଇଛନ୍ତି ?

(କ) ପୂର୍ବ ଦେଶ (ଖ) ପଶ୍ଚିମ ଦେଶ

(ଗ) ଉ ର ଦେଶ (ଘ) ଦକ୍ଷିଣ ଦେଶ

୩୫. ସୁକାନ୍ତି-ତନୁଜା କିଏ ?

(କ) ଗଙ୍ଗା (ଖ) ଗୋଦାବରୀ

(ଗ) ମହାନଦୀ (ଘ) କାବେରୀ

୩୬. ଦକ୍ଷିଣରେ ନାବିକମାନଙ୍କ ଦ୍ୱାରା କିଏ ଅର୍ଚ୍ଚିତା ହୁଅନ୍ତି ?

(କ) ତାରାତାରିଣୀ (ଖ) ଭଗବତୀ

(ଗ) ଚର୍ଚ୍ଚିକା (ଘ) ଉଗ୍ରତାରା

୩୭. ତ୍ୱିଷାମ୍ପତି କାହାକୁ କୁହାଯାଏ ?

(କ) ସୂର୍ଯ୍ୟ (ଖ) ଚନ୍ଦ୍ର

(ଗ) ସାଗର (ଘ) ପୃଥିବୀ

୩୮. ପାଶୀର ଅର୍ଥ କ'ଣ ?

(କ) ଯମ (ଖ) କୁବେର

(ଗ) ବରୁଣ (ଘ) ଗନ୍ଧର୍ବ

୩୯. କେଉଁ ଦେବୀ ଯଜ୍ଞରୁ ସମ୍ଭୂତା ବୋଲି କିମ୍ବଦନ୍ତୀ ଅଛି ?

(କ) ଚଣ୍ଡିକା (ଖ) ବିମଳା

(ଗ) ଲକ୍ଷ୍ମୀ (ଘ) ବିରଜା

୪୦. ଗୋନାସିକା ଗିରିରୁ କେଉଁନଦୀ ଜାତ ହୋଇଛି ?

(କ) ବ୍ରାହ୍ମଣୀ (ଖ) ବୈତରଣୀ

(ଗ) ସୁବର୍ଣ୍ଣରେଖା (ଘ) ବିରୂପା

୪୧. ମେଘାସନ ଶୈଳରେ କିଏ ବାସ କରେ ବୋଲି କବି କହିଛନ୍ତି ?

(କ) ବାଦଲ (ଖ) ଝଟିକା

(ଗ) ପବନ (ଘ) ବିଜୁଳି

୪୨. ମହାନଦୀର ସହଚରୀ ବୋଲି କବି କାହାକୁ କହିଛନ୍ତି ?

(କ) ବୈତରଣୀ (ଖ) କୁଶଭଦ୍ରା

(ଗ) ବଳାଙ୍ଗୀ (ଘ) ଚିତ୍ରୋତ୍ପଳା

୪୩. କେଉଁମାନେ ସୁବର୍ଣ୍ଣପରାଗ ସୁବର୍ଣ୍ଣତଟିନୀରୁ ସଂଗ୍ରହ କରୁଥିଲେ ?

(କ) ଆଦିବାସୀ (ଖ) ଗ୍ରାମବାସୀ

(ଗ) ଶବର ଯୁବତୀ (ଘ) ଜୁଆଙ୍ଗଯୁବତୀ

୪୪. ବ୍ରହ୍ମାଣ୍ଡ ପାବନୀ ବୋଲି କବି କେଉଁ ନଦୀକୁ କହିଛନ୍ତି ?

(କ) ବ୍ରାହ୍ମୀ (ଖ) ବୈତରଣୀ

(ଗ) କାଠଯୋଡ଼ି (ଘ) ମହାନଦୀ

୪୫. ପାହାଡ଼ ଉପରେ କୋଚିଲାଖାଇଙ୍କର ରାବ ବନ ମଧ୍ୟରେ କାହାର ପ୍ରଭାବ ପ୍ରଚାର କରିଥିଲା ?

(କ) ପ୍ରଭାତ (ଖ) ମଧ୍ୟାହ୍ନ

(ଗ) ସାୟାହ୍ନ (ଘ) ରାତ୍ରି

୪୬. ଉଚ୍ଚତାରେ ସର୍ବଶୈଳକୁ ଲଜ୍ଜା ଦେଇ କିଏ ଶିଖର ଟେକିଛି ?

(କ) ସର୍ପେଶ୍ୱର (ଖ) କପିଳାସ

(ଗ) ବରୁଣେଇ (ଘ) ସପ୍ତଶଯ୍ୟା

୪୭. କେଉଁସ୍ଥାନ ବୌଦ୍ଧ କୀ ିରାଜି ମଣ୍ଡିତ ବୋଲି କୁହାଯାଇଛି ?

(କ) ଆଠଗଡ଼ (ଖ) ସାରଙ୍ଗଗଡ଼

(ଗ) ପଟିଆ (ଘ) ନରାଜ

୪୮. ଥରେ କାନ୍ତକୁ ଥରେ ମିହିରକୁ ଅନାଇ କାଠଯୋଡ଼ି ନୀରରେ କିଏ ଭାସୁଛି ?

(କ) ମାଛରଙ୍କା (ଖ) ହଂସ

(ଗ) ରଥାଙ୍ଗୀ (ଘ) ବତକ

୪୯. ନବ ନବ ଇନ୍ଦ୍ରଜାଲ ଦେଖାଇ କିଏ କେତେ ପ୍ରକାର ରୂପ ଧାରଣ କରୁଛି ?

(କ) ଆକାଶ (ଖ) ପୃଥିବୀ

(ଗ) ଚକ୍ରବାଳ (ଘ) ସାଗର

୫୦. ଚଉଦିଗରେ କ'ଣ ଘୋଟିଲେ ଜଳ ସ୍ଥଳ ଓ ବ୍ୟୋମର ସୀମା ଲିଭିଯାଏ ?

(କ) ସୂର୍ଯ୍ୟ କିରଣ (ଖ) ଚନ୍ଦ୍ର କିରଣ

(ଗ) ଘନ ବାଦଲ (ଘ) ତିମିର-କାଳିମା

୫୧. ପଟହ-କାହାଳୀ-ତୂରୀ-ଭେରୀ ଶବ୍ଦରେ କାହାର ଗୃହ କମ୍ପି ଉଠୁଛି ?

(କ) ମହାଦେବଙ୍କର (ଖ) ଚଣ୍ଡିକାଙ୍କର

(ଗ) ବିଷ୍ଣୁଙ୍କର (ଘ) ମଙ୍ଗଳାଙ୍କର

୫୨. ତରୁପର୍ଣ୍ଣରେ ଦୀପ କାହାକୁ ନିନ୍ଦା କରୁଛି ?

(କ) ସୂର୍ଯ୍ୟ (ଖ) ଚନ୍ଦ୍ର

(ଗ) ଗ୍ରହାଣୁପୁଞ୍ଜ (ଘ) ତାରାବ୍ରଜ

୫୩. ସମସ୍ତେ ଉତ୍ସବରେ ଭାଗୀ ହୋଇଥିଲାବେଳେ କାହାର ମୁଖ ମଳିନ ଥିଲା ?

(କ) ରାଜା (ଖ) ରାଣୀ

(ଗ) କ୍ଷେମା (ଘ) ପ୍ରଜା

୫୪. ପୋତପାଳ ଶବ୍ଦର ଅର୍ଥ କ'ଣ ?

(କ) ନୌକା (ଖ) ନାବିକ

(ଗ) ଭେଳା (ଘ) ବୋଇତ

୫୫. ନନ୍ଦିକା କେଉଁ ଗୃହରେ ନିଭୃତରେ ବସି ଯୁଦ୍ଧର ଦୃଶ୍ୟ ଦେଖୁଥିଲା ?

(କ) ରଙ୍ଗଶାଳା (ଖ) ପାକଶାଳା

(ଗ) ଚନ୍ଦ୍ରଶାଳା (ଘ) ଶୟନଶାଳା

୫୬. ଶିଖଣ୍ଡୀ-ବାହାନ କାହାକୁ କୁହାଯାଇଛି ?

(କ) ଶିବ (ଖ) ବିଷ୍ଣୁ

(ଗ) କନ୍ଦର୍ପ (ଘ) କାର୍ତ୍ତିକେୟ

୫୭. ବୀର ସବୁବେଳେ କିପରି ଯୁଝୁଥାଏ ?

(କ) ଖଣ୍ଡାର ଦାଢ଼ରେ (ଖ) ଭାଗ୍ୟର ଦାଢ଼ରେ

(ଗ) ବିପଦର ଦାଢ଼ରେ (ଘ) କର୍ମର ଦାଢ଼ରେ

୫୮. ଚନ୍ଦନ ଗଛରେ କିଏ ବାସ କରେ ?

(କ) ଶୁକ (ଖ) କୋଇଲି

(ଗ) ପନ୍ନଗ (ଘ) ଗୁଣ୍ଡୁଚି

୫୯. ଚୋରଗଙ୍ଗଙ୍କ ଜନନୀ କିଏ ବୋଲି ନନ୍ଦିକା ଶୁଣିଥିଲେ ?

(କ) ଲକ୍ଷ୍ମୀ (ଖ) ବିମଳା

(ଗ) ଜାହ୍ନବୀ (ଘ) ବିରଜା

୬୦. ମଶାରି ଭିତରେ ମଶକ ପରି ନନ୍ଦିକାଙ୍କ ମନ କିପରି ଭ୍ରମୁଥିଲା ?

(କ) ଆଶଙ୍କାରେ (ଖ) ଉତ୍କଣ୍ଠାରେ

(ଗ) ବ୍ୟାକୁଳତାରେ (ଘ) ଆର୍ତ୍ତିରେ

୬୧. ରାଜାବାଳା ନନ୍ଦିକା କାହା କୋଳରେ ଦୋଳି ଖେଳୁଥିଲେ ?

(କ) ଭାବ-ସମୁଦ୍ର (ଖ) ଭାବ-ସରିତ

(ଗ) ଭାବ-ଊର୍ମି (ଘ) ଭାବ-ଉଚ୍ଛ୍ୱାସ

୬୨. ନନ୍ଦିକାଙ୍କ ପିତା କାହା କଥା ରଖିଥିଲେ ଏତେ ରକ୍ତପାତ ହୋଇନଥାନ୍ତା ବୋଲି ନନ୍ଦିକା ଭାବୁଥିଲେ ?

(କ) ଚୋରଗଙ୍ଗଙ୍କର (ଖ) ରାଣୀଙ୍କର

(ଗ) ମନ୍ତ୍ରୀ ବାସୁଦେବଙ୍କର (ଘ) ପ୍ରଜାମାନଙ୍କର

୬୩. ଶାସ୍ତ୍ରମତରେ କାହା ଉପରେ ପିତାଙ୍କର ପୂର୍ଣ୍ଣ ଅଧିକାର ଅଛି ?

(କ) ପତ୍ନୀ (ଖ) ପୁତ୍ର

(ଗ) ସୁତା (ଘ) ଭ୍ରାତା

୬୪. ଭାଗ୍ୟଦେବୀ ସବୁବେଳେ କାହାର ଅନୁକୂଳ ହୋଇଥାନ୍ତି ?

(କ) ଧାର୍ମିକର (ଖ) ଧନୀକର

(ଗ) ଭକ୍ତର (ଘ) ଉଦ୍‌ଯୋଗୀର

୬୫. ମହୀରେ ମହାବଳୀ କିଏ ବୋଲି କବି କହିଛନ୍ତି ?

(କ) ଧର୍ମ (ଖ) କର୍ମ

(ଗ) ପୁଣ୍ୟ (ଘ) ପ୍ରେମ

୬୬. ପ୍ରେମ ବଳରେ ସୁଭଦ୍ରା କ'ଣ ଲାଭ କରିଥିଲେ ?

(କ) ଧନ (ଖ) ଯଶ

(ଗ) ଦୟିତ (ଘ) ରାଜ୍ୟ

୬୭. ଦେବୀଦ ମଣିଟି ହସ୍ତଗତ ହେଲେ ନନ୍ଦିକାର ପ୍ରାଣେଶ୍ୱର କ'ଣ ହେବେ ବୋଲି ନନ୍ଦିକା ଚିନ୍ତା କରିଛନ୍ତି ?

(କ) ଦିଗ୍‌ବିଜୟୀ ବୀର (ଖ) ମଗଧ ଈଶ୍ୱର

(ଗ) ଉତ୍କଳ ଈଶ୍ୱର (ଘ) ରାଜ ଚକ୍ରବ ୀ

୬୮. ଖେଳା-ଖଞ୍ଜରୀଟ ଦୃଶା ବୋଲି କବି କାହାକୁ ଉପମା ଦେଇଛନ୍ତି ?

(କ) ଗଙ୍ଗା (ଖ) ସୁଭଦ୍ରା

(ଗ) ଲକ୍ଷ୍ମୀ (ଘ) ନନ୍ଦିକା

୬୯. ବିଡ଼ାନାସୀଗଡ଼ ସୁଡ଼ଙ୍ଗ ଦୁଆର କେଉଁ ଦିଗକୁ ଥଲା ?

(କ) ପୂର୍ବ (ଖ) ପଶ୍ଚିମ

(ଗ) ଉ  ର (ଘ) ଦକ୍ଷିଣ

୭୦. ଶର୍ବରୀଶ ଶବ୍ଦର ଅର୍ଥ କ'ଣ ?

(କ) ସୂର୍ଯ୍ୟ (ଖ) ଚନ୍ଦ୍ର

(ଗ) ତାରା (ଘ) କୁମୁଦ

୭୧. ପ୍ରତି ବୀଚି ବକ୍ଷରେ ଚନ୍ଦ୍ରମା-ପଦକ କାହା ସମ ଝକଝକ କରୁଥିଲା ?

(କ) ହୀରକ (ଖ) ସୁବର୍ଣ୍ଣ

(ଗ) କଉସ୍ତୁଭ (ଘ) ସ୍ଫଟିକ

୭୨. ତରୁଶିରରେ ବସି କିଏ ଜ୍ୟୋତ୍ସ୍ନାମୃତ ସଙ୍ଗେ ପ୍ରେମାମୃତ ପାନ କରୁଥିଲା ?

(କ) ହଂସ ହଂସୀ (ଖ) କପୋତ କପୋତୀ

(ଗ) ଶୁକ ଶାରୀ (ଘ) ଚକୋର ଚକୋରୀ

୭୩. ଦିଗ ଦିଗନ୍ତରେ କାହାର ସ୍ୱନ ଯାମିନୀର ନୂପୁର-ନିକ୍ୱଣ ଭଳି ଶୁଭୁଥିଲା ?

(କ) କପୋତ (ଖ) ଝିଲ୍ଲୀ

(ଗ) ଚକୋର (ଘ) ପିକ

୭୪. ଚୋରଗଙ୍ଗଙ୍କର ଲାଳସା କେଉଁଥିପାଇଁ ଥିଲା ?

(କ) ରାଜ୍ୟ ଲାଭ ପାଇଁ (ଖ) ଶତ୍ରୁ ବିଜୟ ପାଇଁ

(ଗ) ଦିଗ୍ ବିଜୟ ପାଇଁ (ଘ) ଧର୍ମ ସ୍ଥାପନା ପାଇଁ

୭୫. ଧର୍ମର ସହାୟ କିଏ ?

(କ) ଧାର୍ମିକ (ଖ) ସନ୍ନ୍ୟାସୀ

(ଗ) ରାଜା (ଘ) ବ୍ରହ୍ମାଣ୍ଡ ସାଇଁ

୭୬. ଚମୁପତିର ଅର୍ଥ କ'ଣ ?

(କ) ରାଜା (ଖ) ମନ୍ତ୍ରୀ

(ଗ) ସେନାପତି (ଘ) କଟୁଆଳ

୭୭. ସୁଷମାରେ ରାଜଜେମା କାହାକୁ ନିନ୍ଦା କରୁଥିଲେ ?

(କ) ବିକଶିତ ପଦ୍ମକୁ (ଖ) ଚନ୍ଦ୍ର କିରଣକୁ

(ଗ) ସୁନ୍ଦରୀ ଅପ୍ସରାଙ୍କୁ (ଘ) ଶାରଦୀୟ ଉଷାକୁ

୭୮. ଅତ୍ୟନ୍ତ ଭୂଷଣେ ଶୋଭେ ମ  କାଶୀ – ଏଠାରେ ମ  କାଶୀର ଅର୍ଥ କ'ଣ ?

(କ) ମ  ହସ୍ତୀ (ଖ) ଉ  ମା ନାରୀ

(ଗ) ନ ର୍କୀ (ଘ) ଗଣବଧୂ

୭୯. ରାଜଜେମାଙ୍କର ବଦନମଣ୍ଡଳ କାହାକୁ ଜିଣୁଥିଲା ?

(କ) ସକାଳର ପଦ୍ମକୁ (ଖ) ସଂଧ୍ୟାର କୁମୁଦକୁ

(ଗ) ନବୋଦିତ ତପନଙ୍କୁ (ଘ) ଶରଦର ଇନ୍ଦୁଙ୍କୁ

୮୦. ଅଥବା ଗଢ଼ିଲେ ରତୁ ପୁଷ୍ପାକର – ଏଠାରେ ପୁଷ୍ପାକର କାହାକୁ କୁହାଯାଇଛି ?

(କ) ଫୁଲ ବଗିଚା (ଖ) ପୁଷ୍ପ ଚାଙ୍ଗୁଡ଼ା

(ଗ) ବସନ୍ତଋତୁ (ଘ) କନ୍ଦର୍ପ

୮୧. ଅପରୂପା ନନ୍ଦିକାଙ୍କୁ ଦେଖି ସେ ଦେବୀ କି ମାନବୀ ବୋଲି ଚୋରଗଙ୍ଗଙ୍କର ସଂଶୟ କିଭଳି ଦୂର ହେଲା ?

(କ) ସ୍ୱରରୁ (ଖ) ଚାଲିରୁ

(ଗ) ପଲକ ପାତରୁ (ଘ) ଛାୟାରୁ

୮୨. ନାରୀକୁଳ ସର୍ବଦା କାହାର ପକ୍ଷପାତୀ ବୋଲି ନନ୍ଦିକା କହିଥିଲା ?

(କ) ଧନବାନଙ୍କର (ଖ) ରୂପବାନଙ୍କର

(ଗ) ବୀରଙ୍କର (ଘ) ରାଜଚକ୍ରବ ୀଙ୍କର

୮୩. ଜୈତ୍ରମଣି ବିନିମୟରେ ନନ୍ଦିକା କ'ଣ ଯାଚଞ୍ଚା କରିଥିଲା ?

(କ) ଧନ (ଖ) ମାନ

(ଗ) ପ୍ରେମ (ଘ) ରାଣୀପଦ

୮୪. 'ନାଭିଗୟା'ର ବ ମାନର ନାମ କ'ଣ ?

(କ) କଟକ (ଖ) ବିଡ଼ାନାସୀ

(ଗ) ଭୁବନେଶ୍ୱର (ଘ) ଯାଜପୁର

୮୫. ନନ୍ଦିକାର ମୋହପାଶକୁ କିଏ ଛେଦନ କଲା ?

(କ) ମନ (ଖ) ପ୍ରାଣ

(ଗ) ହୃଦୟ (ଘ) ବିବେକ

୮୬. ଅନୁତାପ ଫଣୀ କ'ଣ ଉଗାରି ନନ୍ଦିକାଙ୍କର ମର୍ମସ୍ଥଳକୁ ଦଂଶନ କଲା ?

(କ) ବିଷ (ଖ) ଅନଳ

(ଗ) ଜଳ (ଘ) ବାୟୁ

୮୭. ମୂଳ କାଟିଦେଲେ ବଲ୍ମୀକ ଦୂରନ୍ତ— ଏଠାରେ ବଲ୍ମୀକ କିଏ ?

(କ) ମୂଷା (ଖ) ପିମ୍ପୁଡ଼ି

(ଗ) ଉଇ (ଘ) ଯୋକ

୮୮. ସ୍ମୃତିକୁ ଫିଙ୍ଗିପାରିଲେ ମଣିଷ କ'ଣ ଲଭନ୍ତା ?

(କ) ସୁଖ (ଖ) ଶାନ୍ତି

(ଗ) ମୁକ୍ତି (ଘ) ନିସ୍ତାର

୮୯. ନତ ମୁଖୀ ନନ୍ଦିକା କାହାର ଆଶ୍ରୟ ଚାହୁଁଥିଲା ?

(କ) ଆକାଶର (ଖ) ମହୀର

(ଗ) ପାତାଳର (ଘ) ସାଗରର

୯୦. କାହାର ପ୍ରବାହରେ ଉଜାଣି ଭାସିବା ପାଇଁ ପ୍ରାଣୀଜଗତ ଭାଜନ ନୁହଁନ୍ତି ।

(କ) ବାୟୁ ପ୍ରବାହ (ଖ) ମେଘ ପ୍ରବାହ

(ଗ) କାଳ ପ୍ରବାହ (ଘ) ଜଳ ପ୍ରବାହ

୯୧. ପ୍ରାଣହୀନ ଦୁଃଖିନୀ ନନ୍ଦିକାର ଶରୀର କିପରି ଦେଖାଯାଉଥିଲା ?

(କ) ବିପର୍ଯ୍ୟସ୍ତ ପୁଷ୍ପ ପରି (ଖ) ପର୍ଯ୍ୟୁଷିତ ପଦ୍ମ ପରି

(ଗ) ବୃନ୍ତଚ୍ୟୁତ ଫୁଲ ପରି (ଘ) ମଥିତ ପୁଷ୍ପ ପରି

୯୨. ମୃତ୍ୟୁ ପୂର୍ବରୁ ନନ୍ଦିକା ଜୈତ୍ର ମଣିଟିକୁ କେଉଁଠି ରଖିଥିଲା ?

(କ) ହସ୍ତମୁଠାରେ (ଖ) ଫରୁଆ ଭିତରେ

(ଗ) ପଣନ୍ତର କୋଣରେ (ଘ) ଶିବିକା ଭିତରେ

୯୩. ଶିରରେ କ'ଣ ଘେନି ଯାଉଛି ବୋଲି ନନ୍ଦିକା ତା'ର ପିତାଙ୍କୁ ଲେଖିଥିଲା ?

(କ) ଅନୁତାପ ଭାର (ଖ) ଗ୍ଲାନି ଭାର

(ଗ) ଲଜ୍ଜା ଭାର (ଘ) ପାପ ଭାର

୯୪. ନିଜ ପିଣ୍ଡର ସତ୍କାର କେଉଁଠି କରାଇବାକୁ ନନ୍ଦିକା ପିତାଙ୍କୁ ଅନୁରୋଧ କରିଥିଲା ?

(କ) ଶ୍ମଶାନରେ (ଖ) ସ୍ୱର୍ଗଦ୍ୱାରରେ

(ଗ) ଦୁର୍ଗ ଭିତରେ (ଘ) ମାନବ ସଂଚାର ଶୂନ୍ୟ ଅ ଳରେ

୯୫. ସୁବର୍ଣ୍ଣକେଶରୀ ବିଷାଦରେ ଉଦାସୀ ହୋଇ କେଉଁଠି ବନବାସୀ ହେଲେ ?

(କ) ମହାନଦୀ ତୀରରେ (ଖ) ବ୍ରାହ୍ମଣୀ ତୀରରେ

(ଗ) ବିରୂପା ତୀରରେ (ଘ) ଚିତ୍ରୋପ୍ତଳା ତୀରରେ

୯୬. ସୁବର୍ଣ୍ଣପୁର କେଉଁଠି ଅବସ୍ଥିତ ?

(କ) ଅଂଶୁପା ହ୍ରଦ ନିକଟରେ (ଖ) କାଠଯୋଡ଼ି ତୀରରେ

(ଗ) କୁଶଭଦ୍ରା କୂଳରେ (ଘ) ବୈତରଣୀ କୂଳରେ

୯୭. ଚୋରଗଙ୍ଗ ସେହି ଦେବଦ ମଣିକୁ କେଉଁଠାକୁ ପଠାଇଥିଲେ ?

(କ) ନିଜ ରାଜ୍ୟକୁ (ଖ) ବିରଜା କ୍ଷେତ୍ରକୁ

(ଗ) ଏକାମ୍ର କ୍ଷେତ୍ରକୁ (ଘ) ନୀଳାଚଳ ଧାମକୁ

୯୮. ମହାନଦୀ କେଉଁଠାରେ ବେଣୀମୁକ୍ତ ହୋଇଥିଲା ?

(କ) କଟକ ଠାରେ (ଖ) ବିଡ଼ାନାସୀଠାରେ

(ଗ) ଚଉଦ୍ୱାର ଠାରେ (ଘ) ସୁବର୍ଣ୍ଣପୁରଠାରେ

## (ଖ) ୧ ନମ୍ବର ବିଶିଷ୍ଟ ଏକ ବାକ୍ୟରେ ଉ ରମୂଳକ ପ୍ରଶ୍ନାବଳୀ ।

୧. ଧାଡ଼ି ଧାଡ଼ି ହୋଇ ଶୁଭ୍ର ତମ୍ବୁଗୁଡ଼ିକ କିପରି ଶୋଭା ପାଉଥିଲା ?

୨. ମଲ୍ଲଯୁଦ୍ଧରେ ପ୍ରକମ୍ପିତ ରଙ୍ଗସ୍ଥଳୀକୁ ଦର୍ଶକମାନେ କିପରି ଉପଭୋଗ କରୁଥିଲେ ?

୩. ଦାସେରକ ଗ୍ରୀବାତୋଳି କ'ଣ ଭକ୍ଷଣ କରୁଛି ?

୪. କେଉଁଠାରେ ବିପଣି ବସିଥିଲା ?

୫. କାଠଯୋଡ଼ିରୁ କେଉଁ କେଉଁ ନଦୀ ଜନ୍ମିଛନ୍ତି ?

୬. ଚୋରଗଙ୍ଗଙ୍କର ସ୍କନ୍ଧାବାର କେଉଁଠାରେ ଶୋଭା ପାଉଥିଲା ?

୭. ତୁଳସୀକ୍ଷେତ୍ରର ପ୍ରଧାନଦେବତା କିଏ ?

୮. ପ୍ରାଚୀନ କାଳରେ ଉ ର-କୋଶଳାର ଅବସ୍ଥିତି କେଉଁଠି ଥିଲା ?

୯. ଛତିଆର ଅଧିଷ୍ଠାତ୍ରୀ ଦେବୀ କିଏ ଥିଲେ ?

୧୦. କେଉଁ ଦେବୀଙ୍କ ଠାରେ ନିତ୍ୟ ବଳିଦାନ କରାଯାଏ ?

୧୧. ଚିତ୍ରୋତ୍ପଳା କେଉଁନଦୀର ଶାଖାନଦୀ ?

୧୨. ଚିତ୍ରୋତ୍ପଳା ତୀରରେ କେଉଁ ଦେବୀ ପୂଜା ପାଆନ୍ତି ?

୧୩. ଉତ୍କଳର କାଳିନ୍ଦୀ ବୋଲି କବି କାହାକୁ କହିଛନ୍ତି ?

୧୪. ସୋରର ପୂର୍ବରେ ଓ ପଶ୍ଚିମରେ କ'ଣ ଶୋଭା ପାଉଛି ?

୧୫. ମାଧବଙ୍କର ମନ୍ଦିର କେଉଁଠାରେ ପ୍ରତିଷ୍ଠିତ ?

୧୬. ଧଉଳିର ଦର୍ପଣ ବୋଲି କବି କାହାକୁ କହିଛନ୍ତି ?

୧୭. କେଉଁମାନେ ମହାଧନୁର୍ଦ୍ଧାରୀ ?

୧୮. କେଉଁଠାରେ ଯଥେଷ୍ଟ ପରିମାଣରେ ହରିଦ୍ରା ଉତ୍ପନ୍ନ ହୁଏ ?

୧୯. ରିପୁ କାନନରେ କେଉଁମାନେ ଦାବାନଳ ପରି ?

୨୦. ତାଳଚେରର ଆରାଧ୍ୟାଦେବୀ କିଏ ?

୨୧. ଢେଙ୍କାନାଳର ନାମକରଣ କିପରି ହୋଇଛି ?

୨୨. ଗୃଧ୍ରଙ୍କର ରୁଧିର ପାରଣା କେଉଁମାନେ ହେଲେ ?

୨୩. ଚୋରଗଙ୍ଗଙ୍କର କିଏ ସହାୟ ହୋଇଥିଲେ ?

୨୪. ଗଙ୍ଗାଙ୍କ ବାକ୍ୟରେ ଦେବ ଚନ୍ଦ୍ରଚୂଡ଼ ଚୋରଗଙ୍ଗଙ୍କୁ କ'ଣ ପ୍ରଦାନ କରିବାକୁ ଇଚ୍ଛା କରିଥିଲେ ?

୨୫. ଗଡ଼ଦ୍ୱାର ରୁଦ୍ଧକରିବାକୁ ରାଜା ସୁବର୍ଣ୍ଣକେଶରୀକୁ କିଏ ଆଜ୍ଞା ଦେଇଥିଲେ ?

୨୬. ସୁବର୍ଣ୍ଣକେଶରୀଙ୍କୁ କିଏ ଜୈତ୍ରମଣି ପ୍ରଦାନ କରିଥିଲେ ?

୨୭. ଚୋରଗଙ୍ଗଦେବ ବିଜନରେ କ'ଣ ମନ୍ତ୍ରଣା କରୁଥିଲେ ?

୨୮. 'କାଲିରାତ୍ରି ଯାଏ ରହ ଧୈର୍ଯ୍ୟଧରି'—ଏକଥା କିଏ କହିଛନ୍ତି ?

୨୯. କୁକ୍‌କୁଟ, କୌଶିକ ଓ ଚଷାପୁଏ ମିଳି କ'ଣ କଲେ ?

୩୦. ଜାହ୍ନବୀଙ୍କର ସହଚରୀମାନେ କେଉଁ ବେଶ ଧାରଣ କରିଥିଲେ ?

୩୧. ଦେବୀ ଜାହ୍ନବୀଙ୍କର କବରୀ କେଉଁଥିରେ ଭୂଷିତ ହୋଇଥିଲା ?

୩୨. ଜାହ୍ନବୀ ଜଳରେ ସମାସୀନା ହେବାପରେ କାହାର ବୀଣା ବାଜି ଉଠିଲା ?

୩୩. ଜାହ୍ନବୀଙ୍କୁ ଜଳରେ କେଉଁମାନେ ବେଢ଼ି ରହିଥିଲେ ?

୩୪. ତୃଣାହାର ଛାଡ଼ି କେଉଁମାନେ ଉଦ୍‌ଗ୍ରୀବ ହୋଇ ଚାହିଁ ରହିଥିଲେ ?

୩୫. ଦେବୀଙ୍କ ରୂପ କାହାକୁ ଲାଞ୍ଛିତ କରୁଥିଲା ?

୩୬. ଭୂ-ଭାରତରେ ଦ୍ୱାପର ଯୁଗରେ କିଏ ବୈଷ୍ଣବଧର୍ମ ସ୍ଥାପନ କରିଥିଲେ ?

୩୭. ପ୍ରଧାନପାଟ ପର୍ବତ କେଉଁଠାରେ ପରିଦୃଶ୍ୟ ହୁଏ ?

୩୮. ଦେବତାଙ୍କୁ କ'ଣ ଜଣା ?

୩୯. ଶତ୍ରୁ ହୋଇବି କିଏ କାହାର ମନଚୋରୀ କଲା ?

୪୦. ପ୍ରଭୁପଣକୁ କିଏ ଭାଜନ ନୁହେଁ ?

୪୧. ମହାବିଷ୍ଣୁଙ୍କ ସ୍ନାନ ଯୋଗୁଁ କିଏ ପୁଣ୍ୟତୋୟା ?

୪୨. ଶବର ଯୁବତୀମାନେ କେଉଁଠାରୁ ସୁବର୍ଣ୍ଣପରାଗ ସଂଗ୍ରହ କରନ୍ତି ?

୪୩. ରମ୍ଭାଙ୍କ ମନ୍ଦିର କେଉଁ କେଉଁ ନଦୀ ତୀରରେ ଅବସ୍ଥିତ ?

୪୪. ପ୍ରଧାନପାଟ ପ୍ରପାତର ଜଳରାଶି କେଉଁନଦୀ ସହିତ ମିଶିଛି ?

୪୫. କେଉଁ ସ୍ଥାନ ବୌଦ୍ଧ କି ୀରାଜି ମଣ୍ଡିତ ଅଟେ ?

୪୬. ସର୍ପେଶ୍ୱର ପର୍ବତର ପୟର କିଏ ଧୌତ କରୁଛି ?

୪୭. ଥରେ କାନ୍ତକୁ ଥରେ ମିହିରକୁ ଅନାଇ କିଏ ଭାବୁଛି ?

୪୮. ଉନ୍ନତ ଆନନ୍ଦରେ ଦୁର୍ଗବାସୀ କ'ଣ ରୁଣ୍ଡ କଲେ ?

୪୯. ଦେବୀଙ୍କ ଛାମୁରେ ଭକ୍ତି ଭାବରେ ରାଜା କ'ଣ କରୁଥିଲେ ?

୫୦. ଦେବତାଙ୍କୁ କ'ଣ ଜଣା ଯାହା ମନୁଷ୍ୟକୁ ବଣା କରେ ?

୫୧. ଅରି ହୋଇ ବି କିଏ କାହାର ମନ ଚୋରି କରିଛି ।

୫୨. ପ୍ରଭୁପଣକୁ କିଏ ଭାଜନ ନୁହେଁ ?

୫୩. ଶାସ୍ତ୍ର ମତରେ କାହା ଉପରେ ପିତାର ପୂର୍ଣ୍ଣ ଅଧିକାର ଅଛି ?

୫୪. ମହୀରେ ମହାବଳୀ କିଏ ?

୫୫. ଯୁଦ୍ଧ ଦିନରୁ ରୁଦ୍ଧ ହୋଇଥିବା ସୁଡ଼ଙ୍ଗର ଦ୍ୱାର କେଉଁ ଦିଗକୁ ଥିଲା ?

୫୬. ଜ୍ୟୋସ୍ନାବାହିନୀ ଯାମିନୀ ଯୋଗୁଁ ଅବନୀ କିଭଳି ଦେଖାଯାଉଛି ?

୫୭. ସୁଷମାରେ ରାଜଜେମା କାହାକୁ ନିନ୍ଦା କରୁଛି ?

୫୮. ପୂର୍ଣ୍ଣମାସୀ କାହାକୁ ଲୋଡ଼ନ୍ତି ?

୫୯. ନାରୀକୁଳ ସର୍ବଦା କାହାର ପକ୍ଷପାତୀ ?

୬୦. ନତମୁଖୀ ନନ୍ଦିକା କାହାର ଆଶ୍ରୟ ଚାହୁଁଥିଲା ?

**(ଗ) ୨ ନମ୍ବର ବିଶିଷ୍ଟ ଦୁଇଟି ବାକ୍ୟରେ ଉ ରମୂଳକ ପ୍ରଶ୍ନାବଳୀ ।**
**ଲେଖା ଓ ଲେଖକଙ୍କ ପାଇଁ – ୧ ନମ୍ବର ଓ ଉ ର ପାଇଁ - ୧**

**ନମ୍ବର ।**

୧. ନନ୍ଦିକେଶ୍ୱରୀ କାବ୍ୟଟି କେଉଁ କେଉଁ ବିଦେଶୀ ଗ୍ରନ୍ଥର ଛାୟାରେ ଲିଖିତ ?

୨. କାଠଯୋଡ଼ି କୂଳରେ କ'ଣ ବସିଛି ଓ ଲୋକମାନେ କେଉଁଠି ଠୁଳ ହୋଇଛନ୍ତି ?

୩. ଆଳି କାହିଁକି ପ୍ରସିଦ୍ଧ ?

୪. ଶାଳିପୁର କେଉଁ ନଦୀ କୂଳରେ ଅବସ୍ଥିତ ? ଏଠାରେ କେଉଁ ଦେବୀଙ୍କ ମନ୍ଦିର ଅଛି ?

୫. ଉ ର-କୋଶଳା କେଉଁ ଅ ଳକୁ କୁହାଯାଉଥିଲା ?

୬. କବି ଭଦ୍ରକର ବର୍ଣ୍ଣନା କିପରି କରିଛନ୍ତି ?

୭. ସୋରର ଚିତ୍ର କିପରି ଦିଆଯାଇଛି ?

୮. ଉତ୍କଳ ସାମ୍ରାଜ୍ୟ କାହାକୁ ପ୍ରଦାନ କରିବାକୁ କିଏ ଇଚ୍ଛା କରିଥିଲେ ?

୯. ସୁବର୍ଣ୍ଣକେଶରୀ କାହିଁକି ଗଡ଼ଦ୍ୱାର ରୁଦ୍ଧ କରିଥିଲେ ?

୧୦. ଚଣ୍ଡିକା ସୁବର୍ଣ୍ଣକେଶରୀଙ୍କୁ ସ୍ୱପ୍ନରେ କ'ଣ ଆଜ୍ଞା ଦେଲେ ?

୧୧. ସୁବର୍ଣ୍ଣକେଶରୀଙ୍କୁ ଜୈତ୍ରମଣି ପ୍ରଦାନ କରି ଚଣ୍ଡିକା କ'ଣ କହିଥିଲେ ?

୧୨. ବାସୁଦେବ କିଏ ? ସେ କାହିଁକି ଚୋଳଗଙ୍ଗଙ୍କର ମନ୍ତ୍ରୀତ୍ୱ ସ୍ୱୀକାର କରିଥିଲେ ?

୧୩. କୁଆଁତାରା କିପରି ଶୋଭା ପାଉଛି ?

୧୪. କୁମ୍ଭାଟୁଆର ବର୍ଣ୍ଣନା କିପରି ଦିଆଯାଇଛି ?

୧୫. କେଉଁମାନେ ମିଶି ତ୍ରୌର୍ଯ୍ୟତ୍ରିକ ସଂପାଦନ କଲେ ?

୧୬. ନିର୍ଜନ କନ୍ଦରରୁ ପ୍ରବାହିତ ଜଳଧାରାକୁ କବି କିପରି ବର୍ଣ୍ଣନା କରିଛନ୍ତି ?

୧୭. ହ୍ରଦ ମଧ୍ୟରେ କ'ଣ ଶୋଭାପାଉଥିଲା ?

୧୮. କବି ମହାନଦୀକୁ କିପରି ବର୍ଣ୍ଣନା କରିଛନ୍ତି ?

୧୯. ବିରଜାଦେବୀଙ୍କର କିପରି ବର୍ଣ୍ଣନା ହୋଇଛି ?

୨୦. ବୈତରଣୀର ବର୍ଣ୍ଣନା କିପରି ପ୍ରଦାନ କରାଯାଇଛି ?

୨୧. ବ୍ରାହ୍ମଣୀ ନଦୀର କି ବର୍ଣ୍ଣନା ଦିଆଯାଇଛି ?

୨୨. ରଚିବେ ଯା' ତୀରେ ରୁଚିର ନବର

ଦୂର ଭବିଷ୍ୟତେ ତୋର ବଂଶଧର—ଏହାର ଭାବାର୍ଥ ଲେଖ ।

୨୩. କେଉଁ ନଦୀ ଉତ୍କଳରେ ପୂଜା ପାଉଛନ୍ତି ?

୨୪. ଦେବୀଙ୍କ ଆବିର୍ଭାବରେ କେଉଁ ନବତୀର୍ଥ କାହା ନାମାନୁସାରେ ପ୍ରତିଷ୍ଠିତ ହେଲା ?

୨୫. ନଦୀକୂଳ ବନ୍ଧୁ କିଏ ଓ ସେ କାହିଁକି ପ୍ରତ୍ୟୁ ର ଦେଲା ?

୨୬. କିଏ ଫଗୁଖେଳ ଖେଳୁଛି ଓ କିପରି ?

୨୭. ନୀଳ ପ୍ରାଚୀର ପରି କ'ଣ ଶୋଭାପାଉଛି ?

୨୮. ସପ୍ତଶଯ୍ୟାର ବର୍ଣ୍ଣନା କିପରି ହୋଇଛି ?

୨୯. ନରାଜ କାହିଁକି ପ୍ରସିଦ୍ଧ ?

୩୦. ସର୍ପେଶ୍ୱର ପର୍ବତ କେଉଁଠି ଅଛି ? ସେଠାରେ କେଉଁନଦୀ ପ୍ରବାହିତ ?

୩୧. ରଥାଙ୍ଗୀ ବିଷୟରେ କ'ଣ କୁହାଯାଇଛି ?

୩୨. ଗଡ଼ବାସୀ ଜନେ କାହିଁକି ଉଲ୍ଲାସରେ ଗଡୁଛନ୍ତି ?

୩୩. ଚଣ୍ଡିକାଙ୍କ ଗୃହରେ କିପରି ମହୋତ୍ସବ ଲାଗି ରହିଥିଲା ଓ କାହିଁକି ?

୩୪. କିଏ କାହିଁକି ମୁଖ ମଳିନ କରିଛି ?

୩୫. ବୃଥା ସେ କୃତ୍ରିମ ଉଲ୍ଲାସେ ପ୍ରୟାସ

ଫୁଟି ବାହାରୁଛି ରୁଦ୍ଧ ଦୀର୍ଘଶ୍ୱାସ–କାହା ବିଷୟରେ କାହିଁକି କୁହାଯାଇଛି ?

୩୬. ସମାଧି-ତତ୍ପରା ବୋଲି କାହାକୁ କୁହାଯାଇଛି ଓ କାହିଁକି ?

୩୭. ଶିଖଣ୍ଡି ବାହନ କିଏ ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?

୩୮. ଅସି-ଲତାବନରେ କିଏ କାହାକୁ ନେଇ ପକାଇଛି ?

୩୯. କିଏ ଦେଖିଅଛି ଫେଡ଼ି ଭବିତବ୍ୟ ?

ହେବ କାଳେ ଶତ୍ରୁ-ଶରର ଶରବ୍ୟ !–ଏକଥା କିଏ କାହା ଉଦ୍ଦେଶ୍ୟରେ କହିଛି ?

୪୦. ଜାହ୍ନବୀଙ୍କର ହୃଦୟ ବଜ୍ର ପରି ବୋଲି କାହିଁକି କୁହାଯାଇଛି ?

୪୧. ଦେବକୂଟ ସିନା ଦେବତାଙ୍କୁ ଜଣା

ମନୁଷ୍ୟତ ତହିଁ ସବୁବେଳେ ବଣା'–ଏକଥା କେଉଁ ପ୍ରସଙ୍ଗରେ କୁହାଯାଇଛି ?

୪୨. ନନ୍ଦିକାର ମନ କିପରି ବିଚଳିତ ହୋଇଛି ?

୪୩. କାହାର ହୃଦୟ ବିପଣିକୁ କିଏ ଲୁଣ୍ଠନ କଲା ଓ କିପରି ?

୪୪. ଗଲା ହୃଦୟ ନ ଆସିବ ବାହୁଡ଼ି

ପକ୍ଷ ଥିଲେ ଦେହ ଯାଇଥାନ୍ତା ଉଡ଼ି–କିଏ କେଉଁ ପ୍ରସଙ୍ଗରେ କହିଛି ?

୪୫. ବାସୁଦେବ କାହିଁକି ଦେଶାନ୍ତରୀ ହେଲେ ?

୪୬. କିଏ କାହାର ପୁତ୍ରାଭାବ ପୂରଣ କରିଥାନ୍ତା ବୋଲି ନନ୍ଦିକା ଭାବିଛି ?

୪୭. ସୁଭଦ୍ରା ପ୍ରସଙ୍ଗରେ କ'ଣ କୁହାଯାଇଛି ?

୪୮. କ'ଣ କରି ପ୍ରେମିକା କୁଳର ଶ୍ରେଷ୍ଠ ହେବ ବୋଲି ନନ୍ଦିକା ଭାବିଛି ?

୪୯. ନନ୍ଦିକା କିପରି ସୁଡ଼ଙ୍ଗ ଦ୍ୱାର ଉନ୍ମୋଚନ କଲା ?

୫୦. ଜହ୍ନରାତିରେ ଚକୋର-ଚକୋରୀଙ୍କ ବର୍ଣ୍ଣନା କବି କିପରି କରିଛନ୍ତି ?

୫୧. ଭାଗ୍ୟ-ଚକ୍ର କାହାର ବଚସ୍କର ଓ କିପରି ?

୫୨. ସର୍ବବାମା ଶିରୋଭୂଷା କିଏ ଓ ତା'ର ଶୋଭା କାହାକୁ ନିନ୍ଦା କରୁଛି ?

୫୩. ନନ୍ଦିକାର ଭ୍ରୂ-ସଂଚାଳନକୁ କିପରି ବର୍ଣ୍ଣନା କରାଯାଇଛି ?

୫୪. ନନ୍ଦିକାର କଟିଶୋଭାକୁ କିପରି ବର୍ଣ୍ଣନା କରାଯାଇଛି ?

୫୫. ନନ୍ଦିକାର ନୀଳ କେଶପାଶର ଶୋଭା କିପରି ବର୍ଣ୍ଣନା କରାଯାଇଛି ?

୫୬. ଦିବ୍ୟନାରୀଟି ଦେବୀ କି ମାନବୀ, ଚୋଡ଼ଗଙ୍ଗଦେବ କିପରି ଜାଣିଲେ ?

୫୭. ଅନିଳେ କଦାପି ଟଳେ କି ଅଚଳ ?–ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?

୫୮. ଚୋରଗଙ୍ଗଙ୍କର ହୃଦସର କାହିଁକି ଆଲୋଡ଼ିତ ହେଲା ?

୫୯. ଯଯାତିଙ୍କ ଯଶୋରାଶି କେଉଁଠି ଠୁଳ ହୋଇଛି ଓ କିପରି ?

୬୦. ଯଯାତିଙ୍କ କୁଳରେ ନନ୍ଦିକାର ଜନ୍ମକୁ ଚୋଡ଼ଗଙ୍ଗ କିପରି ତୁଳନା

କରିଛନ୍ତି ?

୬୧. ନନ୍ଦିକା କେଉଁ ତିନି ମହାପାପ କରିଥିଲେ ?

୬୨. ନନ୍ଦିକାକୁ ତା'ର ଆତ୍ମକୃତ ପାପ କିପରି ପ୍ରତ୍ୟୟ ହେଲା ?

୬୩. ନନ୍ଦିକା କାହାକୁ ଆଶ୍ରୟ ମାଗୁଥିଲା ?

୬୪. ନନ୍ଦିକା ତାଙ୍କ ପିତାଙ୍କୁ ଚିଠିରେ କ'ଣ ଲେଖିଥିଲା ?

୬୫. ସୁବର୍ଣ୍ଣ କେଶରୀ ଚୋରଗଙ୍ଗଙ୍କୁ କ'ଣ ସମର୍ପଣ କରି କେଉଁଠିକୁ ଗଲେ ?

**(ଘ) ୩ ନମ୍ବର ବିଶିଷ୍ଟ ସଂକ୍ଷିପ୍ତ ଉ  ରମୂଳକ ପ୍ରଶ୍ନାବଳୀ (୩୦ଟି ଶବ୍ଦ ମଧ୍ୟରେ) ଲେଖା ଓ ଲେଖକଙ୍କ ପାଇଁ – ୧ ନମ୍ବର ଓ ଉ  ର ପାଇଁ – ୨ ନମ୍ବର ।**

୧. କାଠଯୋଡ଼ି ତୀରରେ ଚୋରଗଙ୍ଗ ଦେବଙ୍କ ସମରସଜ୍ଜାର ଚିତ୍ର ପ୍ରଦାନ କର ।

୨. 'ନନ୍ଦିକେଶ୍ୱରୀ' କାବ୍ୟରେ ଉଷା ବର୍ଣ୍ଣନାର ଚିତ୍ର ବର୍ଣ୍ଣନା କର ।

୩. ଗଙ୍ଗାଦେବୀ ଚୋରଗଙ୍ଗଦେବଙ୍କୁ କେଉଁ ଭକ୍ତି ପ୍ରଚାର କରିବାକୁ କହିଛନ୍ତି ଓ କାହିଁକି ?

୪. ଧର୍ମବୀରର ମହ  ସଂପର୍କରେ କବି କ'ଣ କହିଛନ୍ତି ?

୫. ମହାନଦୀର ବର୍ଣ୍ଣନା କବି ଲେଖନୀରେ କିଭଳି ରୂପ ପାଇଛି ?

୬. ପ୍ରଧାନପାଟର ଚିତ୍ର କିପରି ବର୍ଣ୍ଣନା କରାଯାଇଛି ?

୭. ସୁକାନ୍ତି-ତନୁଜାଙ୍କର ଚାରି ସଖୀଙ୍କର ପରିଚୟ ଦିଅ ।

୮. ବିଡ଼ାନାସୀଗଡ଼ରେ କିପରି ଉତ୍ସବ ପାଳିତ ହୋଇଥିଲା ?

୯. କାବ୍ୟରେ ବର୍ଣ୍ଣିତ ତମିସ୍ରା ରଜନୀର ଚିତ୍ର ପ୍ରଦାନ କର ।

୧୦. ଚୋରଗଙ୍ଗଙ୍କର ସୌନ୍ଦର୍ଯ୍ୟ କବି କିପରି ବର୍ଣ୍ଣନା କରିଛନ୍ତି ?

୧୧. ମନ୍ତ୍ରୀ ବାସୁଦେବ ରାଜା ସୁବର୍ଣ୍ଣକେଶରୀଙ୍କୁ କି ମନ୍ତ୍ରଣା ଦେଇଥିଲେ ?

୧୨. କିଏ ପ୍ରଭୁପଣକୁ ଭାଜନ ନୁହେଁ ?

୧୩. ପ୍ରେମର ଶକ୍ତି ସଂପର୍କରେ କ'ଣ କୁହାଯାଇଛି ?

୧୪. ନନ୍ଦିକାର ଅଭିସାରକାଳୀନ ଜହ୍ନରାତିର ଶୋଭା ବର୍ଣ୍ଣନା କର ।

୧୫. 'ବୀର ପକ୍ଷପାତୀ ସଦା ନାରୀକୁଳ'–ଏହାର ଭାବ ପ୍ରକାଶ କର ।

୧୬. ଦୈବୀଶକ୍ତି ଓ ନିୟତିର ନିର୍ଦ୍ଦେଶ ସଂପର୍କରେ କବିଙ୍କର ସମର୍ଥନକୁ ପ୍ରକାଶ କର ।

୧୭. ତିରସ୍କୃତା ନନ୍ଦିକାର ହତାଶା ଭାବର ଚିତ୍ର ପ୍ରଦାନ କର ।

୧୮. ରାଜନନ୍ଦିନୀ ନନ୍ଦିକାର ପ୍ରାଣହୀନ ଶରୀରର ନିଷ୍ପ୍ରଭ କାନ୍ତିର ଚିତ୍ର ପ୍ରଦାନ କର ।

୧୯. ରାଜନନ୍ଦିନୀ ନନ୍ଦିକା ଶିବିକାରେ ଥାଇ ପିତାଙ୍କୁ କ'ଣ ଲେଖିଥିଲେ ?

୨୦. ନନ୍ଦିକାର ମୃତ୍ୟୁରେ ବର୍ଣ୍ଣିତ କାରୁଣ୍ୟର ଚିତ୍ର ଅଙ୍କନ କର ।

## (ଙ) ୫ ନମ୍ବର ବିଶିଷ୍ଟ ଦୀର୍ଘ ଉ ରମୂଳକ ପ୍ରଶ୍ନାବଳୀ (୧୫୦ ଶବ୍ଦ ମଧ୍ୟରେ ଉ ର) ।

୧. ରାଧାନାଥଙ୍କର ସଫଳ କବିକର୍ମର ନିଦର୍ଶନ 'ନନ୍ଦିକେଶ୍ୱରୀ' – ଆଲୋଚନା କର ।

୨. ରାଧାନାଥଙ୍କର ଏକ ବୈଚିତ୍ର୍ୟପୂର୍ଣ୍ଣ ସୃଷ୍ଟି 'ନନ୍ଦିକେଶ୍ୱରୀ' – ଆଲୋଚନା

କର ।

୩. ପ୍ରେମ ଅନ୍ଧ ଅଟେ – 'ନନ୍ଦିକେଶ୍ୱରୀ' କାବ୍ୟରୁ ଏହି ଉକ୍ତିର ଯଥାର୍ଥତା ଦର୍ଶାଅ ।

୪. 'ନନ୍ଦିକେଶ୍ୱରୀ' କାବ୍ୟରୁ ପ୍ରଣୟ ସ୍ନିଗ୍ଧ ଭାବଚେତନାର ଚିତ୍ର ଉପସ୍ଥାପନ କର ।

୫. 'ନନ୍ଦିକେଶ୍ୱରୀ' କାବ୍ୟରୁ ରାଧାନାଥଙ୍କର ନୈସର୍ଗିକ ଚେତନାର ଚିତ୍ର ଅଙ୍କନ କର ।

୬. 'ନନ୍ଦିକେଶ୍ୱରୀ' କାବ୍ୟର ବର୍ଣ୍ଣନା ବିଳାସର ପରିଚୟ ଦିଅ ।

୭. 'ନନ୍ଦିକେଶ୍ୱରୀ' କାବ୍ୟରେ ବର୍ଣ୍ଣିତ ମନୋରମ ସାଂଧ୍ୟ ପ୍ରକୃତିର ଚିତ୍ର ପ୍ରଦାନ କର ।

୮. 'ନନ୍ଦିକେଶ୍ୱରୀ' କାବ୍ୟରୁ କବିଙ୍କର ଜାତୀୟତା ଭାବର ପରିଚୟ ଦିଅ ।

୯. ଐତିହାସିକ ସତ୍ୟତା ନୁହେଁ, କଳାତ୍ମକ ଆଭିମୁଖ୍ୟ ହିଁ ନନ୍ଦିକେଶ୍ୱରୀ କାବ୍ୟର ମୂଳାଧାର –ପ୍ରତିପାଦନ କର ।

୧୦. 'ନନ୍ଦିକେଶ୍ୱରୀ' କାବ୍ୟରୁ କବିଙ୍କ ଭୌଗୋଳିକ ଦୃଷ୍ଟିର ପରିଚୟ ଦିଅ ।

୧୧. କବି କଳ୍ପନାର ଏକ ଅଭ୍ରାନ୍ତ ନିଦର୍ଶନ 'ନନ୍ଦିକେଶ୍ୱରୀ' – ଆଲୋଚନା କର ।

୧୨. ଏକ ରୋମା ିକ କାବ୍ୟ ଭାବରେ ନନ୍ଦିକେଶ୍ୱରୀର ମୂଲ୍ୟାୟନ କର ।

୧୩. ରାଧାନାଥଙ୍କର କିଏ ବୈଚିତ୍ର୍ୟପୂର୍ଣ୍ଣ ସୃଷ୍ଟି 'ନନ୍ଦିକେଶ୍ୱରୀ' – ଆଲୋଚନା କର ।

୧୪. 'ନନ୍ଦିକେଶ୍ୱରୀ' କାବ୍ୟରୁ ଉତ୍କଳର ବିଭିନ୍ନ ସ୍ଥାନର ପରିଚୟ ଦିଅ ।

୧୫. ପ୍ରଣୟ ଦଗ୍ଧ ଏକ ନାରୀମନର ଅବିକଳ ଚିତ୍ର ରାଧାନାଥୀ ଲେଖନୀରେ କିପରି ପ୍ରତିଭାତ ହୋଇଛି, 'ନନ୍ଦିକେଶ୍ୱରୀ' ଅବଲମ୍ବନରେ ଆଲୋଚନା କର ।

୧୬. ଚୋରଗଙ୍ଗଙ୍କର ଚରିତ୍ର ଚିତ୍ରଣ କର ।

୧୭. 'ନନ୍ଦିକେଶ୍ୱରୀ' କାବ୍ୟରୁ କବି ପ୍ରତିଭାର ପରିଚୟ ପ୍ରଦାନ କର ।

❑❑❑

# ତୃତୀୟ ଏକକ
# (ମଲାଜହ୍ନ)

# ମଲାଜହ୍ନ

ଉପେନ୍ଦ୍ର କିଶୋର ଦାସ

●

ବୈଶାଖର ଖଇଫୁଟା ଖରାଝାଞ୍ଜି ଭିତରେ ଅଦିନ ବଉଦର କୁହୁକ ପରଶ ଚହଟିଗଲା ପରି ନିହାତି ହୀନିମାନିଆ ଜୀବନରେ ବି ଏମିତି ଗୋଟାଏ ଗୋଟାଏ ଅମୃତ-ଘଡ଼ି ଆସି ଭେଟିଯାଏ, ଯାହା ଲାଗି ଜୀବନଟା ସାରା କୋଉ ଅଜଣା ଆଲୋକିତ ପଥରେ ଯାଇ ପଡ଼େ ! ଅମୃତ-ଘଡ଼ି ବା କହିବି କାହିଁକି ? ସୁଖ ସୁଆଦଟିକ ଦଣ୍ଡକ ଭିତରେ ପ୍ରାଣଉଜଡ଼ା କରି ଥରେ ଚଖାଇଦେଇ ପଛକୁ ଯେ ଏମିତି ତୁଚ୍ଛା ନିଉଛଣା ହୋଇଯାଏ ସାରାଜୀବନଟା ଲାଗି, ତାକୁ ଆଉ ଯେ ଯାହା କହୁ ପଛେ, ଅମୃତ ବୋଲି ମୁଁ ତ କହିବି ନାହିଁ କେବେ । ସଂସାର ଭିତରେ ନିହାତି ହୀନିମାନିଆ ଜୀବନଟାରେ ମୋର ସେହି ଦଣ୍ଡକର ସୁଖସୌଭାଗ୍ୟର ଲୋଭ ଏଡ଼ାଇ ପାରିଥାନ୍ତି ଯଦି, ଆଉ ମଝିନଈରେ ମତେ ଏମିତି ବୁଡ଼ି ମରିବାକୁ ହୋଇ ନଥାନ୍ତା ପରା !

ଜୀବନରେ ଏଡ଼େ ବଡ଼ ଭୁଲ ପୁଣି ଲୋକେ କରନ୍ତି ଦଣ୍ଡକରେ, ରାଗ ଅଭିମାନରେ, ମୋ ଜୀବନରେ ସେ କଥାଟା ମୁଁ ହାଡ଼େ ହାଡ଼େ ଅଙ୍ଗେ ନିଭେଇଛି । ସେଥିଲାଗି ପା ପଚିଶଙ୍କ ଆଗରେ ମୋ'ରି ନିଉଛଣା ଜୀବନର ନିରାଟ ସତ କଥାଗୁଡ଼ିକ ଗାଇଯିବାକୁ ମତେ ଟିକିଏ ଡର ଲାଗୁ ନାହିଁ । ଆଉ ଡରିବି ବା କାହାକୁ ? ଯେତେବେଳେ ଡରିବା କଥା, ସେତେବେଳେ ତ ଇନ୍ଦ୍ର ଚନ୍ଦ୍ର ଦିଶି ନାହାନ୍ତି ମୋ ଆଖିକି, ଆଉ ଏଇକ୍ଷିଣି, ସବୁ ସରିଲା ପରେ ଡରି ଫଳ କ'ଣ ?

ଜନ୍ମ ହେଲାବେଳେ ବାପା ବଡ଼ ଶରଧାରେ ମୋ ନାଁ ଦେଇଥିଲେ ସତ୍ୟଭାମା; କିନ୍ତୁ କୋଉ ଗୁଣ ଦେଖି ସେ ଏଇ ନାଁ ଦେଇଥିଲେ କେଜାଣି, ବାହାର ଭିତର କୋଉଟା ତ ଟିକେ ମିଳୁ ନଥିଲା ମୋର ଏଇ ନାଁ ସାଙ୍ଗେ । ଦୁଷ୍ଟ ଅମାନିଆପଣରେ ତ ମୁଁ ସରିଥିଲି, ତାହା ସାଙ୍ଗେ ଗୋଟିଏ ଝିଅ ବୋଲି ବାପମା'ଙ୍କର ସ୍ନେହ ଶରଧାର ଉହାଡ଼ରେ ରହି ମୋର ରାଗ ଅଭିମାନଟା ପୁଣି ଏତେ ବଢ଼ିଯାଇଥିଲା ଯେ ବେଳେ ବେଳେ ଘର ଛାଡ଼ି ପା ଘରେ ମୋର ନାଁ ପଡ଼ିବାର କମି ନ ଥିଲା; କିନ୍ତୁ ଏତେ ଦୁଷ୍ଟପଣର ଗୋଟିଏ ଝିଅ ବୋଲି ବାପା ମା ସେ ଆଡ଼କୁ ଏକାବେଳକେ ଆଖିବୁଜି ଦେଇଥିଲେ, ଆଉ ସେଇ ତ ମୋରି କାଳ ହେଲା ! କେମିତି ହେଲା, ସେକଥା କହୁଛି ଶୁଣ-

ସରଗର ମେଘମଣ୍ଡଳା ଆକାଶ ପଟରୁ ଦି'ପହର ଖରାତେଜ ହଜାଇଦେଇ ସେଦିନ ମାଡ଼ି ଆସିଥାଏ ପହିଲୁ ଆଷାଢ଼ ପରି ବହଳ ଚିକଣ ବଉଦମାଳା । ଗାଁ ଗହୀର ଆଡ଼େ, ଆମ ବାରିପଟ ଘନ ଆମ୍ବତୋଟାରେ ପବନ ଭାରି ଜୋରରେ ଗର୍ଜୁଥାଏ । ବେଗି ବେଗି ଖିଆପିଆ କାମ ବଢ଼ାଇଦେଇ ବୋଉ ସେଦିନ ଶୋଇବାକୁ ଗଲା । ବର୍ଷା ପବନ ଦେଖି ମୋର କାହିଁକି ସେଦିନ ଭାରି ମନ ହେଲା, ସାଇ ଆଡ଼େ ଟିକେ ବୁଲିଆସିବାକୁ । ବୋଉ ଅଜାଣତରେ ପାନପେଡ଼ିରୁ ବେଶିକରି ଦି'ଖଣ୍ଡ ପାନ ଭାଙ୍ଗିନେଇ ବାହାରିପଡ଼ିଲି । ଦାଣ୍ଡ ପାହାଚ ଉପରେ ଗୋଡ଼ ଦେଲାବେଳେ ପଛରୁ କିଏ ଡାକିଲା- ସତୀ !

ଚମକିପଡ଼ି ପଛକୁ ଚାହିଁଲି- ଦାଣ୍ଡଘରେ ବସି ବାପା ପୋଥି ଲେଖୁଛନ୍ତି । ମୁଁ କାଠପିତୁଳି ପରି ସେଇଠି ଠିଆହୋଇ ରହିଲି- ଛାତି ଦୁଲୁ ଦୁଲୁ ପଡୁଥାଏ ଡରରେ । ମୋତେ ଠିଆହେବା ଦେଖି ସେ ପଚାରିଲେ- କୁଆଡ଼େ ଯା- ଆ ହଉଥିଲା ଏତେବେଳେ ? ଗାଁ ଗସ୍ତରେ ପରା ! ମଲା ଯା, ଏତେ କଥା ଏ କୁଆଡୁ ଜାଣିଲେ ? ମୁଁ କିଛି ନ କହିଲାରୁ ସେ କହିଲେ- ତୋ ବୋଉକୁ ଡାକିଲୁ !

ମୁଁ ଯାଇ ଉଠେଇଦେଲି ବୋଉକୁ । ସେ ଆଖି ମଳି ମଳି ବାହାରକୁ ଆସିଲା । କବାଟକଣରେ ଠିଆହୋଇ ଶୁଣିଲି, ବାପା ପଚାରୁଛନ୍ତି- ସତୀକି ବାହାରକୁ ଯିବାକୁ ତମେ କହିଥିଲ ?

ବୋଉ ଆଶ୍ଚର୍ଯ୍ୟ ହୋଇ କହିଲା- ନାହିଁ ତ, କାହିଁକି ? ବାପା କହିଲେ- ସେ ସବୁବେଳେ ଯାଇ ବାହାରେ ବୁଲୁଚି, ଏଟା ତମ ଆଖିକି ସୁନ୍ଦର ଦିଶିଲେ ଗାଁ ଲୋକଙ୍କୁ ତ ତା ଦିଶୁନାହିଁ । ତାକୁ ବୋଧହୁଏ ଏଗାର ବର୍ଷ ହେଲାଣି ! କାଲି ଛାଡ଼ି ପଅରଦିନ ବାହା ହବ ସେ । ତାକୁ ଏ ସମୟରେ ଏତେ ବାହାରକୁ କାହିଁକି ଛାଡ଼, ଶୁଣେ ?

ବୋଉ କାହାକୁ ଖୋଜିଲା ପରି ଚାରିଆଡ଼କୁ ଥରେ ଚାହିଁଗଲା । ଉଦ୍ଦେଶ୍ୟଟା ମତେ ପାଇଲେ ତାର ଅକ୍ଷମତାର କ୍ରୋଧଟିକକ ପୂର୍ଣ୍ଣ ମାତ୍ରାରେ ମୋ ଉପରେ ସାରିଦିଅନ୍ତା । କିନ୍ତୁ କାହାକୁ ନ ଦେଖି କହିଲା- ଦୋଷଯାକ ସବୁ କ'ଣ ମୋରି ? ଏଇୟା ତମ ବୁଝାମଣା ପରା ! ପଚାରିଲ ସେ ଟୋକୀକି, ଏଇ ବାହାରକୁ ଯିବା କଥା ନେଇ କେତେ ଥର ମୁଁ ତାକୁ ଗାଳି ଦେଲିଣି ? ସେ କ'ଣ ଜମା ମାନୁଚି ମୋ କଥା ।!

ବାପା କହିଲେ- ଘର ଝିଅ, ପର ତ ଆଉ ଆସିବେ ନାହିଁ ଆକଟିବାକୁ ! ସେ କଥା କହିଲେ କିଏ ଶୁଣିବ ? ମୁଁ ଇଆଡ଼େ ବରଘର ଖୋଜା ଲଗେଇଥାଏ, ଝିଅ ସିଆଡ଼େ ଘୋଡ଼ା ପରି ଦାଣ୍ଡହାଟରେ ବୁଲୁଥାଆନ୍ତୁ ।

ମୋର ଆଉ ଅଧିକା ଶୁଣିବା ଦରକାର ହେଲା ନାହିଁ । କବାଟ କ'ଣରୁ ଗୋଡ଼ ଚିପି ଚିପି ମୁଁ ତଳଘରକୁ ଚାଲିଗଲି । ମୋର ଖାଲି ମନେ ପଡୁଥାଏ ବାପାଙ୍କ କଥା- ଇଆଡ଼େ ମୁଁ ବରଘର ଖୋଜା ଲଗେଇଥାଏ...

ଏ ବରଘର ଖୋଜା କାହା ପାଇଁ ମୁଁ ଜାଣେ । ଏଇଥିପେଇଁ ତେବେ ବାହାରକୁ ବାହାରିଗଲେ ବୋଉ ଏତେ ଚିଡ଼େ ! ମୁଁ କହେ, କାହିଁକି, ବାହାହେବା ତ କେତେ

ଲୋକଙ୍କୁ ମୁଁ ଦେଖିଚି । ଆମରି ସାଇରେ କମଳୀନାନୀ ତ ସେଦିନ ବାହାହୋଇଚି । ଗୋବର୍ଦ୍ଧନ କାନଗୋଇ ଝିଅ ହୀରା ତ ବାହାହୋଇଚି ଯେ ଆଜିଯାଏ ସହିତେ ଫେରି ନାହିଁ ଶାଶୂଘରୁ । ମୁଁ ତେବେ ଏମିତି ବାହାହେବି- ନାଁ ଆଉ କେମିତି ? ମୁଁ ତ ଜାଣେ ନାଇଁ, ଏଥିରେ ଆଉ କ'ଣ ଅଛି ? ତଥାପି ବାହାହେବା କଥାଟା ସବୁଦିନେ ମତେ ଭାରି ଅପୂର୍ବ ଲାଗେ- ସବୁ ଝିଅଙ୍କୁ ବୋଧହୁଏ ଲାଗୁଥିବ ଏମିତି, ଯେମିତି ଗୋଟାଏ ଅମୁହାଁ ଦେଉଳ, ଆଖି ଉଢ଼ାଳରେ ସତେ କି କେତେ ଅପୂର୍ବ ଦରବ ଠୁଳ ହୋଇଛି ତା' ଭିତରେ ।

ସେ ଦିନଯାକ ମୋର ଖାଲି ମନେହେଲା ଏଇ ବାହାଘର କଥା, ଓଢ଼ଣା ପକାଇ କନିଆଁ ହବା, ସମସ୍ତିଙ୍କ ଆଗରେ ଲଇଁ ଲଇଁ ଚାଲିବା କଥା । ଭାରି କୌତୁକ ସତେ ଏକା । ଏଇ ବାହାହବା ଭିତରେ ପୁଣି କେତେ ପରିବ ର୍ନ, କେତେ ପ୍ରଳୟ, କେତେ ସୃଷ୍ଟି ଯେ ଖଞ୍ଜାହୋଇଛି ଆମ ମାଇକିନା ଜାତିଟା ଲାଗି, ଏକଥା ମୋ ମନକୁ ସେତେବେଳେ ଜମା ଆସି ନାହିଁ । ଆସିଥିଲେ ଜୀବନଟା ମୋର ଏକାଥରେ ଭିନେ ବାଟରେ ଯାଇ ପଡ଼ିଥାନ୍ତା । ଆଜି ତମରିମାନଙ୍କ ଆଗେ କଲମ ଧରି ନିଉଛଣା ଜୀବନର ନିଲଜ କାହାଣୀଗୁଡ଼ାକ କାଗଜ ଉପରେ ଏମିତି ଢାଳିଦେବାକୁ ମତେ ପଡ଼ି ନ ଥାନ୍ତା ପରା ।

ଆମ ହିନ୍ଦୁଘରେ, ବିଶେଷରେ ବାମୁଣ ଘରେ, ବାହାହେବା ଆଗରୁ ଏକଥା ବୋଧହୁଏ କାହାରି ମନକୁ ଆସେ ନାହିଁ, ଆସୁଥିଲେ ବି କ'ଣ ବେଶି ଲାଭଟା ହଉଥାନ୍ତା କେଜାଣି ? ପା ବର୍ଷ ବେଳୁ, ଭଲକରି ଜ୍ଞାନହେବା ଆଗରୁ, ସମସ୍ତେ ତ ଆମ କୁଳରେ ପୁଣି ବାହା ହୁଅନ୍ତି ଏମିତି, ମୋରି ପରି ସ୍ୱାମୀ କ'ଣ ଭଲକରି ବୁଝିବା ଆଗରୁ । ସମସ୍ତେ ତ ପୁଣି ବଡ଼ ହୋଇ ଗୋଟିଏ ଅଜଣା ଅଚିହ୍ନା ଲୋକର ଘର କରିବାକୁ ଯାଆନ୍ତି । କାହିଁ ଦିନେ ତ ସେଥିପାଇଁ କାହାରି ପୃଥିବୀ ପ୍ରଳୟ ହୋଇଯାଏ ନାହିଁ ? କାହାରିକୁ ବିଷ ଖାଇବାକୁ ହୁଏ ନାହିଁ, ସେଇ ଦୁଃଖରେ ?

କିନ୍ତୁ ମୋ କଥା- ମୋ କଥା ଯେ ସମସ୍ତିଙ୍କଠଉଁ ଟିକେ ଅଲଗା । ତା' ନୋହିଥିଲେ ଆଜି ଆଉ...କିନ୍ତୁ ଛାଡ଼ ସେ କଥା ।

ସେଦିନଠଉଁ ମୁଁ ଜାଣିଲି, ମୋର ବାହାଘର ଖୁବ୍ ନିକଟରେ । ବାପା ଆଜି ମୋ ମୁହଁକୁ ଚାହିଁ ସେଇଥିଲାଗି ଏତେ ହସୁଥିଲେ । ଏଡ଼େ ଓଲି ମୁଁ, ଏ ସହଜ କଥାଟା ସେତେବେଳେ ଯାହା ବୁଝିପାରି ନ ଥିଲି... ।

ଶରତ୍ ଗଲା ନଈପଠାରେ ତଣ୍ଡିଫୁଟା ମଉଛବ ବଢ଼ାଇ ଦେଇ । ବିଲପଡ଼ିଆରେ ଶୁଖିଲା ନୁଖୁରା ଭୂଇଁ ଉପରେ ପାହାନ୍ତା ପହରର ଗଙ୍ଗଶିଉଳି ଶେଯ ପରା କ୍ରମେ ସରିଆସିଲା । ଫୁଲଫୁଟା ବାତାପିଗଛରେ ସକାଳୁ ସଞ୍ଜଯାଏ ମହୁମାଛିଙ୍କ ଭିଡ଼ାଭିଡ଼ି- ଦୂର ପାଟ ଆଡ଼େ ସତେକି କିଏ ସେ ଘ ିଘାଗୁଡ଼ି ବାନ୍ଧି ଧାଇଁଛି । ପତ୍ର ପାଚି ଆସୁଥିଲା ଟିକେ ଟିକେ ବିଲପଡ଼ିଆରେ; କିନ୍ତୁ ଆଗଠଉଁ ଆହୁରି ଶାଗୁଆ ରଙ୍ଗ କିଏ ବୋଳି ଦେଇଥିଲା ଗଛପତରରୁ ଚିପୁଡ଼ି । ମେଘ ଏକଥରେ ଛାଡ଼ିଯାଇ ନାହିଁ । କିନ୍ତୁ ଦଶହରାକୁ ଧାନ ବାହାରିଥିଲା ଦଶ ଜାତି ଦଶହଜାର କିଆରୀରେ । ଗହୀର ବିଲରେ ଶୁଆପଖିଆ ନବାବ ଉପରେ ସତେକି କିଏସେ ପଶାପାଲି ବୁଣିଦେଇଚି । ଗାଁର ଉ  ର ପଟେ ଯୋଉ ଯୋରଟା ଆମ ବାଡ଼ିଯାଏ ଲମ୍ଵି ଆସିଚି, ଦିନେ ଖରାବେଳେ ଲୁଚି ଲୁଚି ଯାଇ ତା'ରି କୂଳରେ ଠିଆ ହେଲି । କ'ଣ ଗୋଟାଏ ପୂଜା ଥିଲା ବୋଲି ସେଦିନ ବାପା ଘରେ ନ ଥିଲେ- ମତେ ଭଲ ଯୋଗ ମିଳିଗଲା ପଦାକୁ ବାହାରିବାକୁ । ଅଶିଣ ଶେଷରେ କଇଁଫୁଲଫୁଟା ଦିନ, ଗରମ ବି ହଉଥାଏ ଭାରି । କଇଁଫୁଲ ତୋଳିବାକୁ ପାଣିରେ ପଶିଲି । ଫୁଲ ଆଣୁ ଆଣୁ ଲୁଗା ତିନ୍ତିଗଲା ବେକଯାଏ । ମୋର ସେ ଆଡ଼କୁ ଜମା ନିଘା ନାହିଁ । ହଠାତ୍ ବନ୍ଧ ଉପରେ କାହାର ପାଟି ଶୁଣି ଚାହିଁଲି- ନାଥନନା !

ମତେ ଦେଖି କହିଲେ- ଦେଖୁଚ ଏ ଦୁଷ୍ଟକୁ, କେମିତି ଦି' ପହରଟାରେ ଗାଧୋଉଚି ?

ନାଥନନାଙ୍କୁ ଦେଖି ମୋର କିନ୍ତୁ ଭାରି ରାଗ ହେଲା ମନେ ମନେ । ଏତେଦିନ ଯାଏ କୁଆଡ଼େ ଥିଲେ ଯେ ଦେଖା ଟିକେ ମିଳୁ ନ ଥିଲା । ଆଜି ପୁଣି ଭଲ ମଣିଷ ହୋଇ ଆକଟିବସିଲେ ଆଗ । ମୋ'ର ଗରଜ ପଡ଼ିଚି ଯାଙ୍କ କଥା ମାନିବାକୁ !

ନାଥନନା କହିଲେ- କିଏ ଫୁଲ ତୋଳିଦେଇ ନ ଥାନ୍ତା କହିଥିଲେ ? ତୁ କାହିଁକି ପାଣିରେ ପଶିବାକୁ ଗଲୁ, ଶୁଣେ ?

ସେଇଠି ସେମିତି ପାଣି ଭିତରେ ଠିଆହୋଇ ରହିଲି ଫୁଲ ଧରି । ତାଙ୍କୁ ପାଟି ଫିଟେଇଲି ନାହିଁ ।

ସେ ହସିଲେ; କହିଲେ- ଓ, ଅଭିମାନ ହୋଇଚି ପରା ମୋ ଉପରେ ? ହଉ, ଆମେ ଜାଣୁ ଯେ କାହିଁକି ଏତେ ରାଗ; ସତୀ, ସୁନା ଭଉଣୀଟା ପରା ଆ ଉପରକୁ ଉଠି; ଗୋଟାଏ ଭାରି ଦରକାରୀ କଥା କହିବି, ଶୁଣିଯା ।

ଜବାବ ଦେଲିନାହିଁ ତାଙ୍କ କଥାରେ । ବନ୍ଧ ଉପରୁ ଓହ୍ଲାଇ ଆସି ସେ କହିଲେ- ତୁ ଆସିବୁ ନା, ଫେର୍ ମୁଁ ଯିବି ତୋ ପାଖକୁ ?

କାହିଁକି କେଜାଣି, ତାଙ୍କର ଏ ପ୍ରସ୍ତାବଟା ମୋତେ ଭାରି ଅଦ୍ଭୁଆ ଲାଗିଲା, ଯେମିତି କେଡ଼େ ବଡ଼ ଲାଜ କଥାଟାଏ । ତରବରରେ ଉପରକୁ ଉଠିଆସିଲାବେଳେ ଦେଖିଲି, ଓଦାଲୁଗାଟାଏ ଦିହରେ ମୋର ଜଡ଼ିଯାଇଛି, ଆଉ ନାଥନନା କେମିତି ଭାବରେ ଗୋଟାଏ ସେଆଡ଼କୁ ଚାହିଁଛନ୍ତି । ଲାଜରେ ମୁଁ ଏକଥାରେ ମରିଗଲି । ମନେହେଲା, ଏଇଠି ମୁଁ ନ ମଲି କାହିଁକି ? ଏଇକ୍ଷିଣା ଭାବେ, ସେତେବେଳେ ସତରେ ଯଦି ମରିଥାଆନ୍ତି, ତେବେ ତ ପାଠ ଛିଡ଼ିଯାଇଥାଆନ୍ତା, ଜୀବନଭରି ଏ ଦହଗଞ୍ଜ ହିନସ୍ତା ଆଉ କାହା କପାଳରେ ଘଟିଥାଆନ୍ତା !

ଲୁଗାପଟା ଯଥାସାଧ୍ୟ ସଜାଡ଼ିନେଇ, ମୁହଁ ତଳକୁ ପୋତି କୌଣସିମତେ ଉପରକୁ ଉଠିଆସିଲି; କିନ୍ତୁ ତାଙ୍କ ମୁହଁକୁ ଚାହିଁବାକୁ ମତେ ସତେ କି ହାଣକୁ

ନେଲା ପରି ଲାଗିଲା । କୂଳ ପାଖରେ ଆଉ ଦଣ୍ଡେ ଅପେକ୍ଷା ନ କରି ଘର ଆଡ଼କୁ ଆସିଲି । ନାଥ'ନା ମୋ ସାଙ୍ଗ ସାଙ୍ଗେ ଆସିଲେ । ଛଅମାସ ହେଲା ସେ ଗାଁରେ ନ ଥିଲେ, କଟକରେ କୁଆଡ଼େ ପାଠ ପଢ଼ିବାକୁ ଯାଇଥିଲେ- ଦଶହରା ଛୁଟି ହୋଇଛି, ସେ ଘରକୁ ଆସିଛନ୍ତି । ଏଇକ୍ଷିଣା ଅନେକ ଦିନ ରହିବେ, ଆମ ଘରକୁ ନିତି ଆସିବେ । ଏମିତି କେତେ କଥା ସେ ମତେ ବାଟଯାକ କହିଲେ । ମୁଁ କିନ୍ତୁ ପାଟି ଫିଟେଇଲି ନାହିଁ, ଯଦିଚ ଅଭିମାନଟା ମୋର ସେତେବେଳେ ତାଙ୍କ ଉପରେ ଆଉ ନ ଥିଲା । ଖାଲି ଭାରି ଲାଜ ମାଡୁଥାଏ ତାଙ୍କୁ ମୁହଁ ଟେକି ଚାହିଁବାକୁ ।

ତାଙ୍କ ଘର ହେଲାରୁ ସେ ଚାଲିଗଲେ । ମୁଁ ଗଣ୍ଡିମୁଣ୍ଡ କିଛି ତାଙ୍କ କଥାରୁ ବୁଝିପାରିଲି ନାଇଁ । ଖାଲି ଏତିକି ମନେହେଲା, ନାଥନନା ଭାରି ଖରାପ ।

ଭିତରଘର ପିଣ୍ଡାରେ ଲୁଗା ଶୁଖାଉଛି, ବୋଉ କେତେବେଳେ ଆସି ମୋ ପାଖରେ ହେଲାଣି, ମୁଁ ଜାଣେନାଁ । ଭାରି ଚିଡ଼ିଲା ପରି ସେ ମତେ ଡାକିଲା- ସତୀ !

ଚାହିଁ ଦେଖିଲି, ରାଗରେ ତା' ମୁହଁ ନାଲି ପଡ଼ିଯାଇଚି । ଆଖି କଟମଟ କରି ସେ ମୋ ଆଡ଼କୁ ଚାହିଁ ପଚାରିଲା- ହଇଲୋ, କୁଆଡ଼େ ଯାଇଥିଲୁ ?

ଭୟରେ ପାଟିରୁ ମୋର କଥା ବାହାରିଲା ନାହିଁ । ଖାଲି କହିଲି- ଫୁଲ ଆଣିବାକୁ । ବଡ଼ ପାଟିକରି ସେ କହିଲା, ଫୁଲ ଆଣୁଥିଲୁ ! ମଲୁ ନାଇଁ ବୁଡ଼ି ସିଆଡ଼େ, ଅଲକ୍ଷଣୀ ଟୋକି ! କେତେ ଥର ମନା କଲିଣି ତତେ ବାହାରକୁ ଯିବାକୁ, ଆଁ ଲୋ ?

ସ୍ତ୍ରୀଲୋକଙ୍କର ପୁଣି ଆଖିରେ ଏତେ ତେଜ । ମୁଁ କାନ୍ଦୁଚି ବୋଲି ସେତେ ଦୂରରୁ ସେ କିମିତି ଜାଣିପାରିଲା । ତା' ରାଗଯାକ ଦଣ୍ଡକେ କୁଆଡ଼େ ଉଭେଇଗଲା । ପାଖକୁ ଆସି ମୋ ମୁଣ୍ଡରେ ହାତ ରଖି ସେ ମୋତେ ବହୁତ ବୁଝେଇଲା । ମତେ କୁଆଡ଼େ ବାର ବର୍ଷ ହେଲାଣି, କାଲି ଛାଡ଼ି ପ'ରଦିନ ମୁଁ ବାହାହେବି । ଏ ସମୟରେ

ଏମିତି ଦାଣ୍ଡରେ ବୁଲିଲେ ଲୋକେ ମତେ କ'ଣ କହିବେ...ଏମିତି କେତେ କଥା । ମୁଁ ସବୁ ବୁଝିପାରିଲି ନାହିଁ; ଖାଲି ଏତିକି ବୁଝିଲି, ଏଇଥିପେଇଁ ବୋଧହୁଏ ନାଥ'ନା ମୋ ଆଡ଼କୁ ଚାହିଁଥିଲେ ବୋଲି ମୋତେ ଏତେ ଲାଜ ମାଡ଼ିଲା ସେତେବେଳେ ।

× × ×

ଆଜିକାଲି ନାଥ'ନା ନି'ତି ଆମ ଘରକୁ ଆସନ୍ତି । ଆସିଲେ ପୁଣି ତାଙ୍କର ଆଗ ମତେ ଖୋଜାପଡ଼େ; ସତେ କି ମତେ ନ ଦେଖିଲେ ତାଙ୍କର ଦଣ୍ଡେ ଚଳୁ ନାହିଁ । ମୁଁ କିନ୍ତୁ ତାଙ୍କ ଆସିବା ଶବ୍ଦ ପାଇଲେ କୋଉଆଡ଼େ ଯାଇ ଲୁଚେ । ସେଇ ଫୁଲତୋଳା ଦିନୁ ମତେ କାହିଁକି ଭାରି ଲାଜମାଡ଼େ ତାଙ୍କ ଆଗେ ହବାକୁ; ଦିନେ ଦିନେ ଖରାବେଳେ ବୋଉ ପାଖରେ ବସି ରାମାୟଣ ପଢୁଥାଏ, ନାଥ'ନା କୁଆଡୁ ଆସି ପହ ୍ଯାଆନ୍ତି ସେତିକିବେଳେ । ବୋଉ ଥାଏ ବୋଲି ମୁଁ ଆଉ ପଳେଇପାରେ ନାହିଁ ସେଦିନ; କିନ୍ତୁ ଭିତରେ ଲାଜରେ ଗୋଟିପଣେ ଝାଳରେ ବୁଡ଼ିଯାଏ ।

ଦିନେ; ଭାରି ବର୍ଷା ସେଦିନ । ମାଟି ଦୁଆରେ ଆମର ଆଣ୍ଠୁଏ ପାଣି ଜମି ଯାଇଥାଏ । ମୁଁ ଆଉ ବଉଳ ମିଶି କାଗଜରେ ଡଙ୍ଗା ତିଆରି କରୁଚୁ, ନାଥ'ନା କେତେବେଳେ ଆସି ମୋ ପଛରେ ଠିଆ ହୋଇଛନ୍ତି, ମତେ ଜଣା ନାହିଁ । ଗୋଟାଏ ଡଙ୍ଗା ତିଆରି କରିସାରି ମୁଁ ଦେଖୁଚି, ସେ କହିଲେ- ସେମିତି ଡଙ୍ଗା ହୁଏନା ଜମା ।

ତାଙ୍କ ପାଟିଶୁଣି ଚମକି ପଡ଼ିଲି । ଡଙ୍ଗାଫଙ୍ଗା ଛାଡ଼ିଦେଇ ଠିଆହେଲି ଯିବାକୁ କିନ୍ତୁ ବଉଳ କାନି ଧରି ଏକାଜିଦ୍ କଲା, ତା'ର ଡଙ୍ଗା ଭସାଇଦବାକୁ । ଲାଜ ମାଡୁଥାଏ; ପିଣ୍ଡାତଳକୁ ନଇଁପଡ଼ି ଡଙ୍ଗାଟା ଭସାଇଦବାକୁ ଯାଉଚି, ନାଥନନା କହିଲେ- ସେଟା କ'ଣ ଭାସିବ ଯେ ! ଯା କହି ମୋ ପିଠି ଉପରେ ଏକ ରକମ ଆଉଜିପଡ଼ି ଡଙ୍ଗାଟା ପାଣିରୁ ଉଠାଇନେଲେ ।

ମୋ ହାଡ଼ ଜଳିଗଲା ତାଙ୍କ ବ୍ୟବହାର ଦେଖି । ମନହେଲା ଏ ଅନ୍ୟାୟ, ନିହାତି ଅନ୍ୟାୟ ତାଙ୍କ ପକ୍ଷରେ- ଏତେ ହେଳମେଳ ହବା ମୋ ସାଙ୍ଗରେ । ଜୋରକରି ତାଙ୍କ ହାତଟା ପିଠି ଉପରୁ ଫୋପାଡ଼ିଦେଇ ଟିକେ ଦୂରକୁ ଘୁ୍ଞିଗଲି ।

ସେ ଟିକେ ଅପ୍ରସ୍ତୁତ ହୋଇ କହିଲେ- ଆଜିକାଲି ତୁ ଏମିତି କ'ଣ ଗୋଟାଏ ହୋଇଗଲୁଣି ସତୀ ?

ମୁହଁ ମୋର ଲାଲ ପଡ଼ିଗଲା ରାଗରେ । ନିଜକୁ ସମ୍ଭାଳି ନପାରି କହି ପକାଇଲି- ମୁଁ ହୋଇଗଲିଣି, ନା ତମେ ? ସବୁବେଳେ ତୁମେ ମୋ ସାଙ୍ଗେ ଏମିତି କାହିଁକି ଲଗାଇଚ କି ନାଥନନା ? ମତେ-

କ'ଣ ମତେ ? ସେ ପଚାରିଲେ ।

କହିଲି, ମତେ ସେଗୁଡ଼ା ଭଲ ଲାଗେ ନାଇଁ ଆଦୌ ।

ମୁଁ ଚାହିଁଚି, ସାଙ୍ଗେ ସାଙ୍ଗେ ତାଙ୍କ ମୁହଁ କାଗଜ ପରି ଶେତା ପଡ଼ିଗଲା । ଆଉ କିଛି ନ କହି, ତଳକୁ ମୁହଁ ପୋତି, ସେ ଆସ୍ତେ ଆସ୍ତେ ସେଠୁ ଚାଲିଗଲେ । ତାଙ୍କ କଷ୍ଟ ଦେଖି ମତେ ଭାରି ଅଡୁଆ ଲାଗିଲା । ମନକୁ କିନ୍ତୁ ପ୍ରବୋଧ ଦେଲି ଏଇଥିରେ ଯେ ଆଜି ମୁଁ ଯାହା କରିଚି, ସେଟା ଦରକାର ଥିଲା କରିବା ।

× × ×

ସେଇଦିନୁ ନାଥ'ନା ଆମ ଘରକୁ ଆଉ ଆସନ୍ତି ନାହିଁ । ଆସିଲେ କେବେ ବାପାଙ୍କ ପାଖରେ ଦଣ୍ଡେ ବସି ସେଇ ବାହାରୁ ବାହାରୁ ଚାଲିଯାଆନ୍ତି । କେବେ କେମିତି, ବୋଉ ଡକେଇ ପଠେଇଲେ ଘର ଭିତରକୁ ଆସି ବୋଉ ସାଙ୍ଗେ ଖାଲି ଦି' ପଦ କଥାବା ା ହୋଇ ଘରକୁ ବାହୁଡ଼ନ୍ତି । ମୁଁ ଯେ ଜଣେ ଲୋକ ଏ ଘରେ ଅଛି, ସେଦିନୁ ସତେ କି ସେ ପାଶୋରି ଦେଇଛନ୍ତି ସେ କଥା । ଭାରି ମନ ଖରାପ ହୁଏ ମୋର, ତାଙ୍କୁ କାହିଁକି ଏମିତି ଟାଣ ଟାଣ କଥା କହି ପକେଇଲି । ଆଜି କିନ୍ତୁ

ଭାବେ, ସେଇ ଅଭିମାନଟା ତାଙ୍କର ଯେବେ ମୋ ଉପରେ ସେମିତି ଚିରକାଳ ରହିଯାଇଥାଆନ୍ତା, ତାହାହେଲେ ଭଲ ହୋଇଥାଆନ୍ତା ପରା । ଜୀବନଟା ଆଉ ଏମିତି ଦୁଃଖ ଜଞ୍ଜାଳ ଭିତରେ ଛନ୍ଦି ହୋଇପଡ଼ି ନ ଥାନ୍ତା ମୋର, ସବୁଦିନ ପାଇଁ ।

ଆଉ କିଛିଦିନ ପରେ; ଖରାବେଳେ ଦିନେ ବଉଳ ଆମ ଘରକୁ ଆସିଲା । ବୋଉ ସେତେବେଳକୁ ଖାଇସାରି ଶୋଇ ପଡ଼ିଥିଲା । ଦାଣ୍ଡପିଣ୍ଡାରେ ବାପା ପୋଥି ଲେଖୁଥିଲେ । ଘର ଭିତରେ ଆମେ ଦୁଇ ଜଣ, ଆଉ କେହି ନ ଥିଲେ । ବଉଳକୁ ପଚାରିଲି- ତମ ଭାଇ ଘରେ ନାହାନ୍ତି କି ବଉଳ !

ଆଶ୍ଚର୍ଯ୍ୟ ହୋଇ ସେ ମୋ ମୁହଁ ଆଡ଼କୁ ଚାହିଁଲା, କହିଲା- ନାହିଁ, ଯାଇଚନ୍ତି ଗୋଟା ଠା'କୁ ।

କୋଉଠିକି ? ପଚାରିଲି ।

ବଉଳ ମୋ ମୁହଁକୁ ଚାହିଁ କାହିଁକି ଭାରି ହସିଲା, କହିଲା- ସେଇଠିକି ।

କୋଉଠିକି ? ତୋ ଶାଶୁଘରକୁ ?

ନାଇଁ ଲୋ, ମୋ ଶାଶୁଘରକୁ ନୁହେଁ-ତୋର । ଯା କହି ବଉଳ ହସି ହସି ଗଡ଼ିଗଲା ।

ନାଥ'ନାଙ୍କ କଥା କୁଆଡ଼େ ଗଲା । ଦିହେଁଯାକ ବସି ଆଲୋଚନା କଲୁ ମୋ ବରଟିର ରୂପ ଗୁଣ କଥା ।

ବଉଳ କହିଲା- ବୋଉ କହୁଥିଲା, ତୋ ବରଘର କୁଆଡ଼େ ଭାରି ବଡ଼ଲୋକ, ମସ୍ତ କୋଠାବାଡ଼ି । ତୁ ଯାଇ ରାଣୀ ପରି ରହିବୁ ସେଠି ।

ବରଘର ସମ୍ପତ୍ତି କଥା ଶୁଣି ମୋ ଛାତି କୁଣ୍ଢେମୋଟ ହୋଇଗଲା । ହବାର ତ କଥା । ବାହାହେବା କଥାରେ ଧନ ସମ୍ପତ୍ତିଠୁଁ ଆଉ ବେଶି ଅର୍ଥ କ'ଣ, ମୁଁ

କ'ଣ ହବ ? ମୁଁ ତ ଜୀବନଥାଉଁ ସତୀକି ସେ ବୁଢ଼ାଟା ସାଙ୍ଗେ ବାହା ଦେଇପାରିବି ନାଇଁ ?

ଏଥର ବୁଝିଲି, ବୋଉ କାହିଁକି ସବୁବେଳେ ଏତେ ମନ ବେସ୍ତ କରୁଚି । ମୋ'ରି ଲାଗି ! ମୋ ଲାଗି ତ କଅଣ ସମସ୍ତିଙ୍କି ଭାବନା ପଡ଼ିଚି, ଆଉ ମୁଁ ତ ବେଶ ନିଶ୍ଚିନ୍ତରେ ଅଛି !

ସଞ୍ଜ ଲାଗି ଆସୁଥାଏ ଅଳ୍ପ ଅଳ୍ପ । ଦୂର ସରଗଲଗା ଘନଗୁନ୍ଥା ତାଳବଣ ମଥାନ ଉପରେ ଦିଗବୁଢ଼ା କଳାବଉଦ ଦିହରେ ଜରିଧଡ଼ି ବୁଣିଦେଇ ସୂର୍ଯ୍ୟ ବୁଡ଼ି ଯାଉଥାଆନ୍ତି । ଚଉରା ପାଖରେ ଗୋଟିଏ ଘିଅବଳିତା ଜାଳିଦେଇ ପିଣ୍ଡା ଅନ୍ଧାରରେ ଯାଇ ତୁନିହୋଇ ବସିଲି । ଖଞ୍ଜା ଗୋଟିକର ବହଳ ଅନ୍ଧାର ଯେମିତି ଏ ବଳିତାର ଛୋଟ ଆଲୁଅଟି ଦୂର କରିପାରୁ ନଥିଲା, ଜୀବନରେ ମୋର ସୀମାବଦ୍ଧ ଜ୍ଞାନ ସେମିତି ଏ ସୀମାହୀନ ଘଟଣା ଭିତରେ ପଡ଼ି କୁଆଡ଼େ ବୁଡ଼ି ହଜିଯାଇଥିଲା । କ'ଣ ଏ ବାହାହେବା, ସ୍ୱାମୀ ସାଙ୍ଗରେ ବା ସ୍ତ୍ରୀର ସମ୍ବନ୍ଧ କ'ଣ, କିଛି ମୁଁ ଜାଣେନା । ଖାଲି ସମସ୍ତଙ୍କ ବେସ୍ତହବା ଦେଖି ମନଟା କାହିଁକି ଭାରି ଦବିଗଲା । ଘର ଗୋଟାକ ଶୂନଶାନ, ଯେମିତି ସମସ୍ତଙ୍କୁ ଭାରି ଗୋଟାଏ ଭାବନା ହୋଇଯାଇଚି । ଚଉରା ପାଖେ ଏଇଲାଗେ ଯୋଉ ସଞ୍ଜଦେଇ ଆସିଥିଲି, ମିଞ୍ଜି ମିଞ୍ଜି ହୋଇ ଜଳି ସେଟା ଧପ୍‌କରି ଲିଭିଗଲା । ବାହାର ଭିତର ଦି'ଆଡ଼େ ଏଇକ୍ଷିଣି ଅନ୍ଧ ପରି ମୁଁ, ମତେ କିଏ କହିଦେବ ବୋଉ ହେରିକା କାହିଁକି ମୋ ପାଇଁ ଏପରି ବେସ୍ତ ହଉଛନ୍ତି ?

ବର ବୁଢ଼ା ହେଲେ କ'ଣ ଏମିତି ଖରାପ !

× × ×

ନାଥନନା କ'ଣ ଛାଡ଼ିବା ଲୋକ ? ତହିଁ ଆରଦିନ ସେ ବାପାଙ୍କୁ ଏ ସମ୍ବନ୍ଧ ଭାଙ୍ଗି ଦେବାକୁ ବହୁତ କହିଲେ । କହିଲେ- ବରଟା ବୁଢ଼ା, ସେଥିରେ ପୁଣି ଦୋଭେଇ । ହେଲା, ଏବେ ସେ ଏ ଗାଁ ଜମିଦାର, ବଡ଼ଲୋକ, କିନ୍ତୁ ସତୀ

ସେତେବେଳେ ବୁଝିଥିଲି କି ? ଭାବିଲି, ନାଥନନା ସତେ କେଡ଼େ ଭଲଲୋକ । ମତେ ଏଡ଼େ ବଡ଼ଲୋକ ଘରେ ବାହା କରିବାକୁ ଲାଗି ପଡ଼ିଛନ୍ତି; କିନ୍ତୁ ମୁଁ ଯଦି ଜାଣିଥାନ୍ତି, ଏଇଦିନଠଉଁ ଜୀବନଗୋଟିକ ଲାଗି ମୋର ଏଆଡ଼େ ଲୁହାଣିକୁଳି ଗଡ଼ାହଉଚି...

ବରଘର କଥା ଶୁଣି ସେତେବେଳେ କିନ୍ତୁ ସତରେ ମୋ ମନ ଖୁସି ହୋଇଗଲା । ଥଟ୍ଟାକରି ବଉଳକୁ କହିଲି- ଆମର ଦରକାର ନାଇଁ ଧନ ଦଉଲତରେ, ମନ ହଉଚି ଯଦି, ତୁ ବାହା ହ' ତାକୁ ।

× × ×

ବୋଉର ଆଜିକାଲି କ'ଣ ହେଇଚି କେଜାଣି, ସବୁବେଳେ ଖାଲି ସେ ମୁହଁ ଶୁଖେଇ ଗୋଟାଏ ଠା'ରେ ବସୁଚି । କ'ଣ ଭାବି ଆପଣା ମନକୁ ବେଳେ ବେଳେ ଗୁଡ଼ାଏ କାନ୍ଦୁଚି । ଖାଲି ନାଥନନା ଆସିଲେ ତାଙ୍କ ସାଙ୍ଗେ ଯାହା ଦଣ୍ଡେ ଅଧେ କଥାବା ର୍ତ୍ତା ହଉଚି, ନଇଲେ ନାହିଁ । ଦିନେ, ଏମିତି ସେଦିନ ଦିହେଁଯାକ କଥାବା ର୍ତ୍ତା ହଉଥିଲେ; ମୁଁ ଯାଇ ଶୁଣିଲି ଲୁଚିକରି ।

ବୋଉ କହୁଚି- ମୋ କଥା ତ ସେ ଶୁଣିଲେ ନାଇଁ ଯେତେ କହିଲି; ତୁ ଟିକେ ତାଙ୍କୁ ବୁଝେଇ କହ ହେଲେ ।

ନାଥନନା ଭାରି ମାମଲତକାରଙ୍କ ପରି କହିଲେ- କାହିଁକି ଶୁଣିବେ ନାଇଁ ? ଆମେ କ'ଣ ଅପସନ୍ଦ କଥା କହୁଚୁ ?

ବୋଉ ନିରାଶ ହେଲା ପରି କହିଲା- ତାଙ୍କ ଜିଦ୍ କ'ଣ ଜାଣିନୁ ତୁ ? ଯାହା ବୁଝିଥିବେ, ଇନ୍ଦ୍ର ଚନ୍ଦ୍ର ହେଲେ ବି ତାଙ୍କୁ ସେଥିରୁ ଟଳେଇପାରିବେ ନାଇଁ । ସେଥିରେ ଫେରେ କହୁଛନ୍ତି କଣନା, ଟିପଣା କୁଆଡ଼େ ଭାରି ଭଲ ସୁଝିଚି । ସତୀର ସେଇଠି ବାହାଘର ହବ । ସେ ଯଦି ସତରେ ସେଇଆ କରନ୍ତି, ତେବେ

ପାହାନ୍ତାରୁ ଭଲକରି ଅନ୍ଧାର ନ ଛାଡୁଣୁ ବଉଦ-ରାଇଜର ନୂଆବୋହୂ ଆସି ସରଗ-ଅଗଣାରୁ ବାସି ତରାଟଫୁଲତକ ଓଳାଇ ନେଇ ଉଷାର ଗୋଲାପି ଛୁ କିନା ବୁଲାଇ ଦେଇଗଲା ଚାରିଆଡ଼େ । ଗଛଡାଳରେ କିନ୍ତୁ ପାହାନ୍ତି ପବନର ଦିନ ସେତେବେଳକୁ ଭାଙ୍ଗି ନ ଥିଲା । ବଡ଼ମା ମତେ ଉଠେଇନେଇ ଗାଧୋଇ ଆଣିଲା । ରାତିର ଘଟଣାଯାକ ମତେ ଖାଲି ସପନ ପରି ଲାଗୁଥାଏ । ସେମିତି ଓଦାଲୁଗା ପିନ୍ଧି ମୁଁ ଘରକୁ ଆସିଲି । ଘର ଭିତର ରାତି ପରି ଅନ୍ଧାର ଜଳାକବାଟି ପାଖେ ଲୁଗା ପାଲଟିଲାବେଳେ ଦେଖିଲି, ଆରପାଖ ପିଣ୍ଡାରେ କିଏସବୁ ବସିଛନ୍ତି । ଏମାନେ ସବୁ ବରଯାତ୍ରୀ ହେବେ ପରା । ଭାରି କୌତୁକ ଲାଗିଲା, ସେଥିଭିତରୁ ଜାଣିବାକୁ ବର କୋଉ ଜଣକ ? ମୁଁ ଚାହିଁଚି, ବଉଳ କୁଆଡୁ ଦଉଡ଼ିଆସି ହସି ହସି କହିଲା- ବଉଳ ! ବର ।

ଭାରି ଲାଜ ମାଡୁଥାଏ; କିନ୍ତୁ ପାଟିରୁ ମୋର ବଳେବଳେ ବାହାରିଗଲା- କିଏ ?

ପିଣ୍ଡାରେ ଯେସବୁ ବସିଥିଲେ, ତାଙ୍କରି ଭିତରୁ ଜଣକୁ ଦେଖାଇଦେଇ ବଉଳ ପୁଣି ହସି ହସି ସେଘରୁ ଦଉଡ଼ି ପଳେଇଲା ।

ଯାହାକୁ ସେ ଚିହ୍ନାଇଦେଲା, ସେ ଦରବୁଢ଼ା, ତ୍ରିପଣ୍ଡ କଳା, ଖୁବ୍ ମୋଟା । ସେଥିରେ ପୁଣି ସୁନାହାର ଆଉ ଖଡୁ ନାଇ ଅପୂର୍ବ ସୁନ୍ଦର ଦିଶୁଚି । ଏଇ ମୋର ବର । ମୋତେ ଭାରି ଚିଡ଼ି ମାଡ଼ିଲା ସେ ଲୋକଟାକୁ ଚାହିଁ । ସେ ପୁଣି ମୋର ବର ! ଏ- କଥାଭାବି ମତେ ଅଧିକ ଖରାପ ଲାଗିଲା । ଆଉ ଚାହିଁବାକୁ ମନ ହେଲାନାହିଁ । ଝିଡ଼ିକିଟା ଧଡ଼୍କରି ବନ୍ଦ କରିଦେଇ ସେଠୁ ଚାଲିଆସିଲି ।

× × ×

ତହିଁଆରଦିନ ସେମାନେ ସବୁ ବିଦା ହୋଇଗଲେ । ମୁଁ ଟିକେ ନିଶ୍ଚିନ୍ତ ହେଲି । ଏ କେତେଟା ଦିନ ମୁଁ ଯେ କିମିତି ଭାବରେ କଟେଇଚି, ତା ମୋ ମନ ଜାଣେ ।

ଗୋଡ଼ ଆଙ୍ଗୁଳିକି ଯୋଗ୍ୟ ନୁହେଁ ସେ । ଏପରି ଅନେକ କଥା । ବାପା ଏମିତି ଏକଜିଦିଆ ଲୋକ, ସେ ଏ ସମ୍ବନ୍ଧ ଭାଙ୍ଗିବାକୁ ରାଜି ହେଲେ ନାଇଁ । ଅଧିକ ନାଥନନାଙ୍କ ଉପରେ ଭାରି ଚିଡ଼ିଗଲେ । ନାଥନନା କ'ଣ ଭଣାଟିଏ କି ? ତାଙ୍କୁ କଥା ନ କହିଲାରୁ ସେ ବି ଭାରି ରାଗିଯାଇ ସେଠୁ ଚାଲିଗଲେ । ପ୍ରତିଜ୍ଞା କଲେ, ବ ୍ଥିବାଯାଏ ପୁଣି ଏ ଘର ମାଡ଼ିବେ ନାହିଁ କେବେ ।

ବୋଉ ବିଚାରି ଆଉ କ'ଣ କରିବ ? ଦୁହିଁଙ୍କ ଜିଦ୍ ଦେଖି ସେ ତୁନିହୋଇ ରହିଲା । କିନ୍ତୁ ସବୁବେଳେ ଖାଲି କାନ୍ଦିବାକୁ ଲାଗିଲା ।

× × ×

ଏମିତି ଗୋଟାଏ ଅଶାନ୍ତି ମନଦୁଃଖ ଭିତରେ ବାହାଘର ମୋର ପାଖହୋଇ ଆସିଲା । ମଝିରେ ଜମା ଆଉ ଦୁଇଟା ଦିନ ବାକି । ଆମ ଅବସ୍ଥାକୁ ଚାହିଁ ଯାହା ଆୟୋଜନ ହବା କଥା, ବାପା ପ୍ରାୟ ସବୁ କରିଥିଲେ । ଖାଲି ଲୋକ ନଥିଲେ କାମ ତୁଲେଇବାକୁ । ବାହାଘର କଥା ଠିକ୍ ହେଲାଦିନୁ ବୋଉ ତ ବିଛଣା ଛାଡ଼ି ଟିକେ ଉଠୁନାହିଁ ସହିତେ । ସେ ଆଉ ପୁଣି କାମ କରିବ ? ଖାଲି ନାଥନନାଙ୍କ ବୋଉ, ବଡ଼ମା ଥିଲେ ବୋଲି କିଛି ଅସୁବିଧା ହେଲା ନାଇଁ କାମରେ । ନଇଲେ ବୋଧହୁଏ କିଛି ହୋଇ ନ ଥାନ୍ତା ।

× × ×

ବାହାଘର ହୋଇଗଲା । ଯେମିତି ଗୋଟାଏ ବଡ଼ ସ୍ୱପ୍ନ ଦେଖି ଉଠିଲା ପରି ମତେ ସବୁ ଜଣା ଯାଉଥାଏ । ସେଦିନ ସକାଳଠଉଁ ମୁଁ ପ୍ରାୟ ଶୋଇଥିଲି ଖାଲି । ରାତି ସେତେବେଳକୁ ଦି'ପହର ହବ, ହଠାତ୍ ଭାରି ଗୋଳମାଳ ଆଉ ବାଜା ବାଣ ଶବ୍ଦରେ ଚାଉଁକିନା ନିଦ ଭାଙ୍ଗିଗଲା । ଖଞ୍ଜା ଅଗଣାରେ ଆମର ଅନେକ ଲୋକଙ୍କ ପାଟି ଶୁଭୁଥାଏ । ମୁଁ ତାରି ଭିତରେ ପୁଣି ଶୋଇପଡ଼ିଲି । ତା'ପରେ ମତେ କେତେବଳେ ଉଠେଇ ବେଦୀକି ନେଲେ, ମୋର ସେ କଥା ଭଲରୂପେ ମନ ନାଇଁ ।

ତାର କୋଉ ଅଜଣା ସାଥିଟି ପାଇଁ ଗୋଟିଏ ନିଦମଡ଼ା ବାହୁନାଗୀତ ଗାଉଥିଲା ଆପଣା ମନକୁ । ବାରିପଟ ପିଣ୍ଡାରେ ଥକ୍କାହୋଇ ସେ ଗୀତ ଶୁଣୁ ଶୁଣୁ ମୋର ମନେହେଲା, ନାଥନନା ସବୁଦିନ ପାଇଁ ମୋତେ ଛାଡ଼ି ଚାଲିଗଲେ । ଆଉ ଆସିବେ ନାହିଁ ପରା ।

× × ×

ସେଦିନଠୁଁ ଦି' ବର୍ଷ ହୋଇଗଲାଣି । ସେ ଗୋଟାଏ ଦିନ, ଆଉ ଆଜି । କେତେ ପ୍ରଭେଦ ଯା ଭିତରେ । ସେତେ କି ଗୋଟାଏ ଯୁଗ ବିତିଗଲାଣି ! ମୋର ଏତେ ବଦଳିଯାଇଛି, ବାହାର ଭିତର ।

ସେଥର ପୁନେଇ ଥାଇ ଆଗରୁ ଏତେ ଚହଳ ପଡ଼ିଯାଇଥିଲା ବିଲ ପଡ଼ିଆରେ ମୁଁ ଜାଣେ । ଜହ୍ନିଫୁଲଫୁଟା ମାସ ଏଟା ନା ? ଓଳିତଳ ଖଞ୍ଜାରେ ଜହ୍ନିଗଛ ମାଡ଼ିଚି ଅସୁମାରି । ସଞ୍ଜ ନୋହୁଣୁ ତା ଦିହରେ ପୁଣି ଅନ୍ଧାର ଯେମିତି ଲୁଚି ବସି ହଜାର ଜହ୍ନିଫୁଲ ଆଖି ମେଲି ଦେଖୁଥିଲା, କିଏ ଆଉ ଆସିଲା କି ? ତାକୁ କିନ୍ତୁ ଦେଖୁଥିଲା ସଞ୍ଜ ପବନ । ବଗୁଲିଆ ଟୋକାଙ୍କ ପରି ସେଥିପାଇଁ ଥରେ ଥରେ ଦୌଡ଼ିଆସି ରଞ୍ଜାକୁ ଟେକିଦେଇ ପଳାଇ ଯାଇଥିଲା ଦୂରକୁ । ଦିନ ତ ଆଉ ନାହିଁ, ପୁନେଇ ଆଉ କେଇଟା ଦିନ ରହିଲା କି ? ଚଉରା ପାଖରେ ଜହ୍ନିଫୁଲ କୋଠି କଟାହବାକୁ ନାହିଁ । ଘର ବାହାର ଲିପାପୋଛା ହବାକୁ ନାହିଁ । ବୋଉ କ'ଣ ବିଚାରିଛି, ଏବର୍ଷ କୁଆଁର ପୁନେଇ ହବ ନାହିଁକି ? ବାରିପଟ ପିଣ୍ଡାରେ ବସି ଏକଧ୍ୟାନରେ ଚାହିଁଥିଲି ଜହ୍ନକୁ । ସେଇ ଗହଳିଆ ଆମ୍ବତୋଟା ଉହାଡ଼ରେ ବଡ଼ ଯୋରଟା । ଗଛଫାଙ୍କ ଦେଇ ଚାନ୍ଦିନୀ ତାହା ଉପରେ ଝରି ଝରି ଆସି ଠୁଳ ହଉଥିଲା । ଜହ୍ନକୁ ଦେଖି ପୁନେଇ କଥା ମୋର ମନେ ପଡ଼ିଗଲା । ଖଞ୍ଜା ଗୋଟିକ ଅନ୍ଧାର । ଭିତର ଘରୁ ଦୀପ ଆଲୁଅ ଯୋଉଠି ଅଗଣା ଯାଏ ଲମ୍ବି ପଡ଼ିଥିଲା, ବୋଉ ମତେ ତା ଭିତରେ ଦେଖିପାରି ପଚାରିଲା- ସତୀ କ'ଣ କିଲୋ ?

ବୋଉକୁ ଜମାରୁ ଦେଖି ନାଇଁ । ଖାଲି ବାପାଙ୍କୁ ଏ ପିଣ୍ଡାରୁ ସେ ପିଣ୍ଡାକୁ ଗଲାବେଳେ ଯାହା ଟିକେ ଦେଖେ; କିନ୍ତୁ ସେ ବି ମୋ ପାଖକୁ ଜମା ଆସିନାହାନ୍ତି, ଏ କେତେଦିନ ଭିତରେ । ଖାଲି ବଉଳ କେତେବେଳେ କେମିତି ମତେ ଚିଡ଼େଇବାକୁ ସେ ଘରକୁ ଆସେ । ସେ ବି ବେଶି ସମୟ ସେ ଅମୁହାଁଅନ୍ଧାର ଘରଟାରେ ରହିପାରେନା । ଦଣ୍ଡେ ରହି ପଳେଇଯାଏ । କିନ୍ତୁ ସବୁଠୁ ଆଶ୍ଚର୍ଯ୍ୟ; ଯାହାଙ୍କର ଏ ବାହାଘରରେ ବେଶି ଆସିବା କଥା, ସେ ମୋଟେ ଆମ ଘରମାଡ଼ି ନାହାନ୍ତି ବାହାଘର ଦିନୁ । ଏ ସେଇ ନାଥନନା, ସବୁ କଥାରେ ଯେ ଆପେ ଆପେ ଆସି ଆବୁଡ଼ା ପଡ଼ନ୍ତି, ସେ କ'ଣ ସତେ ବାପାଙ୍କ କଥାରେ ରାଗିକରି ଆସୁନାହାନ୍ତି କି ?

କିଛିଦିନ ପରେ ବଡ଼ମା ଦିନେ ଆମ ଘରକୁ ବୁଲିଆସିଲେ । ବୋଉ ସଙ୍ଗେ କଥାବା ା ହେଲାବେଳେ କହିଲେ- ନାଥ ତ କଟକ ଯାଇଚି ଚାକିରି କରିବାକୁ ।

ବୋଉ ଆଶ୍ଚର୍ଯ୍ୟ ହୋଇଗଲା । ସେ ପୁଣି ଚାକିରି କରିବାକୁ ଯାଇଚି ? ପଚାରିଲା ।

ବଡ଼ମା କହିଲେ- ହଁ ଲୋ ଭଉଣୀ, କେତେ ଦିନ ହେଲା ତ ମୋଟେ ତା ମନରେ ସୁଖ ନ ଥିଲା । ଏଇ ଚାକିରି କରିବ ବୋଲି କି କ'ଣ ? ମୁଁ ସିନା ଜୋର୍ କରି ତାକୁ ଅଟକାଇଥିଲି, ସେଦିନ ଏକା ଜିଦିକରି ଚାଲିଗଲା ପରା । ସତୀ ବାହାଘର ଦି'ଦିନ ଆଗରୁ । ପଚାରିଲାରୁ କହିଲା, ସତୀ ବାପାଙ୍କ ସଙ୍ଗେ କ'ଣ କଜିଆ ଲାଗିଚି ତା'ର ।

କିନ୍ତୁ ଏ ମନବେସ୍ତ କାହିଁକି ନାଥନନାଙ୍କର, ମୁଁ ବୁଝିପାରିଲି । ବାପାଙ୍କ ସଙ୍ଗେ ହଜାର ଥର କଜିଆ ହୋଇଥିଲେ ଘର ଛାଡ଼ି ଯିବା ଲୋକ ସେ ନୁହନ୍ତି । ଖାଲି ଯାଇଛନ୍ତି ମୋ ପାଇଁ, ସେଦିନ ମୁଁ ତାଙ୍କୁ ଗାଳି ଦେଇଥିଲି ବୋଲି ମୋ ଉପରେ ଅଭିମାନ କରି । ଶୀତଦିନର କଅଁଳ ଖରା ନଇଁଆସିଥିଲା ଟିକେ ଟିକେ । ବାଉଁଶ ବୁଦାର କ ା ଅରମା ଭିତରେ ପଶି ଗୋଟାଏ କାପ୍ତା ସପନରାଇଜଛଡ଼ା

ବୋଉ ମୁଣ୍ଡରେ ଲୁଗା ଦେଇ ଉଠି ବସିଲା । କହିଲା- ସତୀ ! ସପଟା ଆଣିଲୁ ଘରୁ ।

ନାଥନନା ବୋଉକୁ ଦଣ୍ଡବତ ହୋଇ ସେହି ଧୂଳିଟାରେ ସେମିତି ବସିପଡ଼ି କହିଲେ- ଥାଉ ମାଉସୀ, ମୁଁ ବସିଲିଣି ।

ବୋଉ ପଚାରିଲା- କଟକରୁ କୋଉଦିନ ଆସିଲୁ କି ?

ଆଜି ।

ତମର କ'ଣ ଛୁଟି ହେଲା ?

ଛୁଟି ହେଲାଣି ଅନେକ ଦିନୁ, କାମ ଥିଲା କଟକରେ, ଆସି ପାରି ନ ଥିଲି । ଯେମିତି ଏକୁଟିଆ ଲାଗିଲା, ଚାଲିଆସିଲି ।

ଶେଷ ଆଡ଼କୁ ତାଙ୍କ କଥାଗୁଡ଼ାକ କେମିତି ବ୍ୟଥାରେ ନରମ ହୋଇଆସିଲା । ଜାଣିଲି କଟକରେ ଯାଙ୍କର ଦିନ ସୁଖରେ ଯାଇ ନାହିଁ ।

ଆଉ ତୋ ଦିହମୁଣ୍ଡ ଆଚ୍ଛା ଅଛି ତ ବାପ ? ଘରୁ ଆସିଲୁ, ବୋଉ ତମର କ'ଣ କରୁଥିଲେ ? ବୋଉ ପଚାରିଲା ।

ସେ ତ ଏଠିକି ଆସିବାକୁ ବସିଥିଲା । ମୁଁ ଆସିଲି, ସେ ଆଉ ଆସିବ ନାହିଁ ପରା-ନାଥନନା କହିଲେ ।

ମୁଁ କେତେବେଳେ ଏକଧ୍ୟାନରେ ତାଙ୍କ ମୁହଁ ଆଡ଼କୁ ଚାହିଁଚି, ମୋର ସେ କଥା ମନେ ନାହିଁ । ବୋଉ ଯେତେବେଳେ ମତେ ଠେଲି ଦେଇ କହିଲା- ଗଲୁ ପାନ ଭାଙ୍ଗି ଆଣିବୁ; ମୋର ଯାଇ ସେତେବେଳେ ଚେତା ହେଲା । ମୁଣ୍ଡରେ ଲୁଗା ଦେଇ ଘର ଭିତରକୁ ଉଠିଗଲି । ଦୁହିଙ୍କ କଥାବା ି। ଅଳ୍ପ ଅଳ୍ପ କାନକୁ ଆସୁଥାଏ ଘର ଭିତରେ । ବିଶେଷରେ ନାଥନନାଙ୍କ କଥା । ପିଲାଦିନୁ ଅଭ୍ୟାସ ହୋଇଯାଇଥିଲା ଏ ସ୍ୱର ଶୁଣି ଶୁଣି । ଦି'ବର୍ଷ ହେଲା ସିନା କଟକ ଗଲେ; ନଇଲେ

ବୋଉ ପାଖରେ ଯାଇ ବସିଲି । କେତେବେଳକେ ସେ ମତେ ପଚାରିଲା- କୋଉଠି ଥିଲୁ କି ଏତେବେଳଯାଏ ? ବାପା ଆସି ନାହାନ୍ତି ?

କହିଲି- ମୁଁ ଜାଣି ନାହିଁ ।

ସେ ଆଉ କିଛି ପଚାରିଲା ନାହିଁ, ଅନେକ ବେଳଯାଏ ତୁନିହୋଇ ରହିଲା । ଅଗଣା ଭିତରେ ଯୋଉ ଜହ୍ନ ଆଲୁଅଟିକକ ଅଣହୁସିଆରିରେ ଚାଳମଥାନ ଉପରୁ ଗଡ଼ିପଡ଼ି ପିଣ୍ଡା ଦାଢ଼ରେ ଅଚେତ ହୋଇ ହୋଇଥିଲା, ବୋଉ ମୁହଁ ସେ ଆଲୁଅରେ ବାରି ହଉଥିଲା ଅଳ୍ପ ଅଳ୍ପ । ମନେକଲି, ସବୁଦିନ ପରି ସେ ଠାକୁରଙ୍କ ନାମ ନଉଚି ପରା ମନେ ମନେ । କିନ୍ତୁ ମୋ କଥାଟା ତ ନ କହିଲେ ନୁହେଁ । ସାହସ କରି ଡାକିଲି- ବୋଉ ?

କିଛି କହିଲା ନାହିଁ ।

ଆଉ ଥରେ ଡାକିଲି ବଡ଼ ପାଟିକରି- ବୋଉ, ବୋଉ ମ !

ଏଥର ସେ ଜବାବ ଦେଲା- କ'ଣ କହୁ ନାଉଁ ?

ପୁନେଇ ତ ଆଉ ଅଳ୍ପଦିନ ରହିଲା । ଆଜିଯାଏ ଚଉରା ପାଖରେ ଲିପାପୋଛା ହେଲା ନାଇଁ, ଆଉ କୋଉଦିନ ହବ ?

ଆଝୋଉଁ କ'ଣ ଲୋ ଓଲି ? ପୁନେଇ ଦିନ ଯାଇନାଁ । ବୋଉ ହସିଲା । ହଁ, ତୋର ସବୁ କଥାରେ ଏମିତି ।

ସତୀ ବିଚାରୀକି ଆଉ ଭୋକ ଶୋଷ ନାହିଁ ପରା କୁଆଁର ପୁନେଇ ବୋଲି ? କିଏ ଜଣେ ଦାଣ୍ଡଆଡୁ କହି ହସିଉଠିଲା ।

ଦଣ୍ଡକେ ସେଆଡ଼କୁ ଚାହିଁଦେଲି । ଅଗଣା ପାରିହୋଇ ସେ ଆମରି ଆଡ଼କୁ ଆସୁଛି । ଅନ୍ଧାର ଭିତରେ ତା'ର ଗୋରା ଦିହରେ ଯେପରି ନିଆଁ ଜଳୁଚି । ଆଶ୍ଚର୍ଯ୍ୟ ହୋଇ କହିଲି- ନାଥନନା !

ଉଁ, ତ ି ଯାଏ ବାନ୍ଧି ହୋଇଥାଏ ଲାଜରେ । ବହୁ କଷ୍ଟରେ ଏତିକି କହିଲି ।

ଏ ପାନ କାହାକୁ ଦେଲୁ, ମତେ ? ସେ ପଚାରିଲେ । କିନ୍ତୁ କହିଲି ନାଇଁ, ଥାଳିଆଟା ଖାଲି ଟିକେ ତାଙ୍କ ଆଡ଼କୁ ଘୁ ାଇଦେଲି । ଏଥର ସେ ବଡ଼ ପାଟିକରି ହସିଉଠିଲେ । କହିଲେ- ତା' ତ ବେଶ୍ ବୁଝାଯାଉଚି; କିନ୍ତୁ ମୁଁ ତ ଆଉ କୁକୁର, ବିଲେଇ ନୁହେଁ ଯେ ଥୋଇଦେଲେ ଖାଇବି ? ପାନ ହାତରେ ଦବାକୁ ହୁଏ ।

ସ୍ତ୍ରୀ ଜାତିର ବୋଧହୁଏ ଗୋଟିଏ ପ୍ରବୃ ି, ଯୋଉଠି ଲାଜ କରିବା କଥା ନୁହେଁ, ଲାଜ କଥା ଟିକେ ଅନୁକୂଳ ହେଲେ, ସଂସାର ଯାକର ଲାଜ ଆସି ସେଠି ଓଜାଡ଼ି ହୋଇ ପଡ଼େ । ଅନ୍ୟ ସମୟ ହୋଇଥିଲେ, ମୁଁ ହସି ହସି ତାଙ୍କ ହାତକୁ ପାନ ବଢ଼େଇ ଦେଇଥାଆନ୍ତି; କିନ୍ତୁ ଆଜି, କେଜାଣି କାହିଁକି, ମତେ ଲାଜ ମାଡ଼ିଲା ଯେ ମୁଁ ତାଙ୍କ ହାତକୁ ପାନ ଦେଇପାରିଲି ନାହିଁ । ନାଥନନା ମୋ ପାଖକୁ ଆହୁରି ଘୁ ଆସି ନେହୁରା କଲା ପରି କେତେ କହିଲେ; କିନ୍ତୁ ମୁଁ ସେମିତି ଓଢ଼ଣା ପକାଇ କାଠ ପରି ବସିରହିଲି ।

ବାହାର ପଟରୁ ଆସି ବୋଉ ଭିତର ଘରକୁ ଗଲା । ନାଥନନା ଉଠି ଠିଆହେଲେ । କହିଲେ- ଦେଲୁ ନାହିଁ ତା' ହେଲେ ପାନ ? ସେଇଠୁ କ'ଣ ବିଚାରି ଥାଳିଆରୁ ପାନତକ ଉଠାଇନେଇ ଦୁଆରକୁ ଫିଙ୍ଗି ଦେଇ ସେଠୁ ଚାଲିଗଲେ ।

ଜହ୍ନ ଆଲୁଅ ମିଞ୍ଜି ମିଞ୍ଜି ହୋଇ ଆସିଥିଲା ଖଣ୍ଡେ ଧଳା ବଉଦ ଭିତରେ ଛନ୍ଦିହୋଇ । ସେଇଠି ସେମିତି ପଥର ପରି ଠିଆହୋଇ ମୁଁ ମନେକଲି ପିଲାଦିନ କଥା । ସେଇଦିନୁ ଏମିତି ଏକଜିଦିଆ ଏ ନାଥନନା । ବଡ଼ ହେଲେଣି, ଟିକେ କଥାରେ ଆଗ ପରି ସେମିତି ରାଗ-ସେମିତି ଅଭିମାନ ।

ଘର ଭିତରୁ ବୋଉ ଡାକିଲା- ସତୀ ! ଇଆଡ଼େ ଆସିଲୁ ।

ଧଡ଼ପଡ଼ ହୋଇ ଉଠିଗଲି ।

ସେ ତ ରୋଜ ଆମ ଘରକୁ ଆସନ୍ତି; ମୋତେ ଏମିତି ପାଖରେ ବସେଇ କେତେ କଥା କୁହନ୍ତି ।

ଥାଳିଆରେ ପାନ ସଜାଡ଼ି ପଦାକୁ ଆସିଲି । ନାଥନନା ଯୋଉଠି ବସିଥିଲେ, ତାର ଅତି ନିକଟରେ ନଇଁପଡ଼ି ଥାଳିଆ ରଖିଦେଲାବେଳେ ଦେଖିଲି, କାହିଁକି କେଜାଣି ସେ ମୋ ମୁହଁକୁ ଚାହିଁଥିଲେ ଏକଧ୍ୟାନରେ । ତଳକୁ ମୁହଁକରି ଖୁ ଉଡ଼ାଳରେ ଆସି ଠିଆହେଲି । ଭାରି କାହିଁକି ଲାଜମାଡ଼ିଲା ତାଙ୍କ ଆଗରେ ପୁଣି ଯାଇ ବସିବାକୁ ।

ବାରିପଟ ଆମ୍ବତୋଟାରେ ବାଧା ନ ମାନି ସେତେବେଳକୁ ଦୁଆର ଗୋଟିକ ପୂରିଉଠିଥିଲା ଜହ୍ନ ଆଲୁଅରେ । ଖୁ  ଉଡ଼ାଳରେ ଠିଆହୋଇ ମୁଁ ଖାଲି ଦେଖୁଥାଏ ନାଥନନାଙ୍କୁ । ଏଇ ଯୋଉ ଜହ୍ନ ଆଲୁଅ, ତାଙ୍କ ନିଖୁଣ ଦିହଟିରେ ଜରି ଚାଦର ପରି ଜଡ଼ି ଯାଇଥିଲା ଯେମିତି । ଯେମିତି ରୂପେଲି ବଉଦ ଖଣ୍ଡେ ରୂପ ପାଇଚି । ଦି'ବର୍ଷ ଆଗେ ଯାଙ୍କୁ ଯାହା ଦେଖିଥିଲି, ସେଇଦିନୁ ସେ ତ ଯାଇଁ କଟକରେ । ଯା ଭିତରେ ଏତେ ସୁନ୍ଦର ସେ କେମିତି ହୋଇଗଲେ ?

ଦାଣ୍ଡରେ ବାପାଙ୍କର ପାଟି ଶୁଭିଲା । ବୋଉ ତରତର ହୋଇ ଉଠିଗଲା, ସେ ଆଡ଼କୁ । ନାଥନନା ବି ଉଠି ଯାଉଥିଲେ, କ'ଣ ବିଚାରି ପୁଣି ବସିଲେ । କହିଲେ- କିଲୋ ସତୀ, ସେଠି ଠିଆ ହୋଇଚୁ ଯେ ? ଆସୁ ନାଇଁ ଏଠିକି ? ଲାଜରେ ଜବାବ ଦେଲି ନାଇଁ ।

ଦି'ବର୍ଷ ତଳ କଥା ମନେ ଅଛି କି ଆଜିଯାଏ, ରାଗ ଯାଇ ନାଇଁ ? ସେ କହିଲେ । ବାଧ୍ୟ ହୋଇ ପାଖରେ ଆସି ବସିଲି । ମନ ହେଉଥାଏ କାହିବାକୁ, ତମେ କୋଉ ଏବେ କମି କି ?

ଗଳା ଯେତେଦୂର ନରମ ହୋଇପାରେ, ବୋଧହୁଏ ସେତେ ଦୂର କରି ସେ ପୁଣି ଡାକିଲେ-ସତୀ !

ବଉଳ ଚିତାଲେଖା ବନ୍ଦ କରି ମୋ ମୁହଁକୁ ଚାହିଁଲା, ତା' ପରେ ପୁଣି ଲେଖା ଆରମ୍ଭ କରି ମୁହଁ ନ ଟେକି କହିଲା- ଆଜି ତ ଆସିବାକୁ କହୁଥିଲେ, ଆସିଲେ ନାହିଁ କାହିଁକି କେଜାଣି ?

ଆସିବାକୁ କହୁଥିଲେ ? ମୋ ଉପରେ ରାଗି ନାହାନ୍ତି ତା' ହେଲେ ? ମନେ ମନେ କହିଲି । କିଛି କାମ ଥିବ ଘରେ, ଆସିପାରି ନ ଥିବେ । ମୁଁ ମିଛରେ ଏଆଡ଼େ ଭାବି ଭାବି ମରୁଚି ।

ଭିତର ଘରୁ ବୋଉ ଡାକିଲା- ସତୀ, ମୁଁ କ'ଣ ଏମିତି ଅନେଇ ବସିଥିବି ? ବଉଳ ମୋ ହାତରୁ ଆଣକାଠିଟା ଛଡ଼େଇନେଇ କହିଲା-ଯା ନା, ଖାଇଆ, ମାଉସୀ ସିଆଡ଼େ ଚିଡୁଛନ୍ତି ।

ହାତ ଧୋଇ ଯାଇ ଖାଇବସିଲି । ଦରଖିଆ ହୋଇ ମନେ ପଡ଼ିଲା, ମଲା ଯା, ମୁଁ ପରା କୁଆଡ଼େ ରାଗ କରିଥିଲି ଖାଇବି ନାହିଁ ବୋଲି ? ଏ ନାଥନନା ଯୋଉଠି ଥିବେ, ତାଙ୍କରି ଯୋଗେ ମୋର ସବୁ ଗୋଳମାଳ ହୋଇଗଲା ।

ପୁନେଇ ଦିନ ସଞ୍ଜଘ । ବାଜିବା ପହଡ଼କ ଆଗରୁ ତୋଟା ଉହାଡ଼ରେ ମହତାପ ମାରି ରୂପା ପରାତ ପରି କୁଆଁର ପୁନେଇ ଜହ୍ନ ଉଇଁଆସିଲା । ଅନ୍ଧାରର ଅମୁହାଁ ଦେଉଳ ଭିତରେ ଯେମିତି କିଏ ଜାଳି ଥୋଇଦେଲା ଅଖଣ୍ଡ ଅଗୁରୁବତୀ । ନଡ଼ିଆଗଛ ମଥାନ ଉପରେ ରୂପେଲି ଫନ୍ଦିଟି ତାର ଭଲକରି ନ ଦିଶୁଣୁ ଗାଁ ଯାକ ହୁଳହୁଳିରେ ଉଛୁଳିଉଠିଲା । ଏଇ କୁଆଁର ପୁନେଇ ଜହ୍ନ, ଯାହାକୁ ଦେଖିବ ବୋଲି ଜହ୍ନିଫୁଲ ଏତେଦିନଯାକେ ମଉଳି ନଥାଏ ।

ଜହ୍ନରାଇଜର ରାଣୀ ଏ ଜହ୍ନିଫୁଲ, ଚାନ୍ଦର ଭାରିଯା । ହଳଦିଆ ପାଖୁଡ଼ାରେ ସେଥିପାଇଁ ତା'ର ଜହ୍ନ ଆଲୁଅ ଦିଶୁଥିଲା ସବୁଠଉଁ ତୋରା, ସବୁଠଉଁ ସୁନ୍ଦର । ବାରିପଟ ଖଳାରେ ବଉଳ ହେରିକାଙ୍କ ସାଙ୍ଗେ ଖେଳୁଚି, ବୋଉ ଆସି କେତେବେଳୁ ମୋ ପାଖରେ ଠିଆ ହୋଇଚି କେଜାଣି ? ମତେ ଚାହିଁବାର ଦେଖି କହିଲା-

× × ×

ପୁନେଇଁ ଆଗଦିନ ରାତିଘଡ଼ିକ ବେଳୁ ମୁଁ ଆଉ ବଉଳ ଦିହେଁ ମିଶି ଘର ଦୁଆର ସବୁ ଲିପାପୋଛା କଲୁ; ଚଉରାମୂଳେ ଫୁଲକୋଠି ଲେଖିଲୁ ତ ଯେତକ । ବୋଉ ଆସି ଗାଳିଦେଲା- ଝିଅଦି'ଟା ସେଇ ପହରୁ ଏଇଆ କରୁଚ ? ଭୋକ ଶୋଷ ଆଉ ନାହିଁ ତତେ ନା ? ଆଲୋ ମା ! ତୁ ଖାଇବୁଆ, ସେ କ'ଣ କରୁଚି କରୁଥାଉ ।

ବଉଳକୁ ଟାଣି ଟାଣି ନେଇ ବୋଉ ଚାଲିଗଲା । ମତେ ବି ଭୋକ କରୁଥିଲା ଭାରି । ଗଲି ନାଇଁ ଖାଲି ରାଗରେ । ଗୋଟାଏ ହାତରେ ସେମିତି ଦୀପଟା ଧରି ଚିତା ଲେଖବାରେ ଲାଗିଲି । ଆଜି ମୋର ଏ ଅଭିମାନରୁ ମନେପଡ଼ିଲା ଆଉ ଜଣକ କଥା । ସେଦିନ ସେ ବି ମୋ ଉପରେ ଅଭିମାନ କରି ଚାଲି ଯାଇଥିଲେ, ପାନ ଖଣ୍ଡେ ହାତକୁ ନ ଦେଲି ବୋଲି । ସେଦିନୁ ଆଜିଯାଏ- ଚାରି ପା ଦିନ ହୋଇଗଲାଣି । ସେ ତ ଜମା ଆମ ଘର ଛାଇ ମାଡ଼ି ନାହାନ୍ତି, ଆଗେ ନିତି ଆମ ଘରକୁ ନ ଆସିଲେ ଯାହାକୁ ଭାତ ରୁଚୁ ନ ଥିଲା । କ'ଣ ଏତେ ରାଗିଛନ୍ତି ମୋ ଉପରେ ?

ଖାଇସାରି ବଉଳ ଆସିଲା । ତାକୁ ପଚାରିଲି- ତମ ନନା ଆଜିକାଲି ଘରେ ଅଛନ୍ତି ନାଁ ?

ହଁ, କାହିଁକି ? ଆଶ୍ଚର୍ଯ୍ୟ ହୋଇ ସେ ମୋ ମୁହଁକୁ ଚାହିଁଲା ।

ମୁଁ ମନେକଲି ଅବା କଟକ ଗଲେଣି ।

କାହିଁକି କହନି ?

ଲାଜ ଲାଜ ହଉଥାଏ ମୁହଁ ଫିଟାଇ ପଚାରିବାକୁ । ଶେଷରେ କହି ପକାଇଲି- ନା, ଆମ ଘରକୁ ଆଉ ଆସୁ ନାହାନ୍ତି ଯେ, ସେଇଥିପେଇଁ ।

ଧନ୍ୟରେ ଝିଅ, କାନରେ ପଥର ପକେଇ ଖେଲୁ ନାଁ କ'ଣ ଲୋ ? ସେଇ ପହରୁ ଡାକି ଡାକି ମୋର ପରା ତ ି ଫାଟିଗଲାଣି । ଦେ, ଆ ଇଆଡ଼େ ।

ବୋଉ ପଛେ ପଛେ ଭିତର ଘରକୁ ଗଲି । ଥାଳିରେ କାହା ପାଇଁ ଭୋଗ ବାଢ଼ି ସେ କହିଲା- ଗଲୁ, ପାନ ଦି'ଖଣ୍ଡ ଭାଙ୍ଗିଦବୁ, ନାଥନନା ପାଇଁ ତୋ'ର । ମୁଁ ଭୋଗ ଦେଇଆସେ ।

ନାଥନନା କେତେବେଳେ ଆସିଲେ ମୁଁ ତ ଜମା ଜାଣିପାରି ନାଇଁ ? ମୋତେ ଆଉ ଦେଖି ନ ଥିବେ ତ ଏମିତି ଫାଙ୍ଗୁଳାହୋଇ ଖେଳିବାର, ଯେବେ ବାରିପଟକୁ କାହିଁକି ଯାଇଥିବେ ? ଛି, ଛି, କି ଲାଜ କଥା !

ପାନ ନେଇ ବାହାରକୁ ଆସିଲି । ଖାଇସାରି ନାଥନନା ହାତ ଧୋଉଥିଲେ । ମୋତେ ଦେଖି ପାଖକୁ ଆସିଲେ । ଜୋର୍ କରି ସବୁ ଲାଜ ପଛକୁ ପକାଇ ଚାରି ଖଣ୍ଡ ପାନ ତାଙ୍କ ହାତକୁ ବଢ଼ାଇ ଦେଲି । ଏଡ଼େ ଦୁଷ୍ଟ ପୁଣି ସେ, ସବୁ ଦେଖି ନ ଦେଖିଲା ପରି ରହିଲେ । ପୁଣି ମୁରୁକି ମୁରୁକି ହସୁଥାନ୍ତି ନା ଆହୁରି ! ବହୁ ଚେଷ୍ଟାରେ ମୁହଁ ଫିଟାଇ କହିଲି, ପାନ ନିଅ ।

ମୋ ହାତ ଥରୁଥାଏ । ସେ ହାତ ବଢ଼େଇ ପାନ ନେଲେ, ଆଉ ହାତଟାକୁ ମୋର ଜୋରରେ ଟିକେ ଚିପିଦେଇ ପଚାରିଲେ- ମୋତେ ଖୋଜୁଥିଲୁ କି କାଲି ? ନିଶି କହୁଥିଲା ।

ଏଡ଼େ ଦୁଷ୍ଟ, ଏଡ଼େ ଡବଡବିଟା ନାଁ ଏ ବଉଳ ! ଯାଇ ମୋ ନାଁରେ ଯାଙ୍କ ଆଗରେ କ'ଣ ସତେ କହିଚିଟି ! ଛି ଛି, ଲାଜରେ ପାଟିରୁ ମୋର କଥା ବାହାରିଲା ନାହିଁ କହିବାକୁ ଯେ ଏକଥା ସବୁ ମିଛ । ବଉଳ ମିଛରେ ଯାଇ ମୋ ନାଁରେ ଲଗେଇ କହିଚି ।

ମୋତେ ଚୁପ୍ ହୋଇ ରହିବା ଦେଖି ସେ କହିଲେ- ଯାହା ପାଇଁ ମୋର ଏଠିକି ଆସିବା, ସେ ତ ଏମିତି ଲାଜ କରେ, ମୋତେ କଥା କୁହେ ନାହିଁ, ଆଉ ଆସିବି କାହା ପାଇଁ ?

ବଉଳ ଆସି କେତେବେଳେ ମୋ ପାଖରେ ଠିଆ ହୋଇଚି, ମୁଁ ଜାଣେନା । ନାଥନନା ତାକୁ ପଚାରିଲେ- କିଲୋ ନିଶି, ଯିବୁ, ନା ମୋ ସଙ୍ଗେ ? ଆଉ ତା' ପରେ ଖଣ୍ଡେଦୂର ଆଗକୁ ଯାଇ ଫେରିଲେ- ହଉ, ଥା ତେବେ ତୋ ବଉଳ ପାଖରେ ଆଜିକ, ସକାଳେ ଯିବୁ ।

ସେ ଚାଲିଗଲେ । ଖୁ ଉଢ଼ାଳରେ ତାଙ୍କର ଜରିଚାଦର କାନି ଯୋଉଠି ଲୁଚି ଯାଇଥିଲା, ସେଇ ଆଡ଼କୁ ଚାହିଁ ମୋର ଖାଲି ତାଙ୍କରି କଥା ପଦକ ମନେ ପଡୁଥାଏ । ମୋରି ପାଇଁ ସେ ଖାଲି ଏଠିକି ଆସନ୍ତି, କ'ଣ ସତେ ? ଛାତି ଭିତରେ ମୋର ସୁଖର ଜୁଆର ଉତୁରି ଉଠିଲା ଯେମିତି । ମୋରି ପାଇଁ, ମତେ ଦେଖିବା ଲୋଭରେ ଏ ଆମ ଘରକୁ ଆସନ୍ତି, ଆଉ କୋଉଥିପାଇଁ ନୁହେଁ । ଏଇ କଥା ପଦକ ଶହେ ଥର ମୁହଁରେ ଆବୃ ି କରି, ହଜାର ଭଳି ମନରେ ଅନୁଭବ କରି ଯେମିତି ମୋର ତୃପ୍ତ ହେଲା ନାଇଁ । ଦଣ୍ଡକ ଆଗରୁ ବଉଳ ଉପରେ ସବୁ ଅଭିମାନଯାକ କୁଆଡ଼େ ଲିଭି ଶୀତଳ ହୋଇଗଲା ।

× × ×

ଫୁଲରେ ମୋର ସବୁଦିନେ ଶରଧା । ବାରିପଟେ ଛୋଟ କିଆରୀଟିରେ ସେଥିପାଇଁ କେତେ ଫୁଲଗଛ ଯେ ଆଣି ଲଗାଇଥାଏ, ତାର ସୀମା ନାହିଁ । ଦିନେ ସଞ୍ଜବେଳେ କାହିଁକି ମନେହେଲା, ରଙ୍ଗଣୀ ଫୁଲ ତ ଫୁଟୁଥିବ ଆଜିକାଲି ଆମ ବାରିଆଡ଼େ, ସେ ଗଛଟାରେ । ବାରିଆଡ଼କୁ ଯାଇ ଚାହିଁଲି- ବଉଳ କେତେବେଳେ ଆସି ସେଥିରୁ ଅ ିଏ ଫୁଲ ତୋଳି ସାରିଲାଣି । ମତେ ଦେଖି ଡାକିଲା-ଆ, ତୋଳିବା !

କହିଲି- ସେତିକି ହୋଇଥାଉ ମ, କ'ଣ ହେବ ସେଗୁଡ଼ା ଏତେ ?

କ'ଣ ହେବ ଏତେ ? ବଉଳ ମୋ ଆଡ଼କୁ ହସି ଚାହିଁଲା । କହିଲା- ତା ଯଦି ଜାଣିଥାଆନ୍ତୁ, ଘରେ ଆଉ ତୁନି ହୋଇ ବସନ୍ତୁ ପରା ସଞ୍ଜହେଲେ ! ତୋର ତ ସବୁ କଥାରେ ଥଟ୍ଟା । ଦେ-ଆ-ଆ ।

ଦୁହେଁଯାକ ଆସି ପିଣ୍ଡାରେ ବସିଲୁ । ବଉଳଟା ଏଡ଼େ ଦୁଷ୍ଟ । ଫୁଲଗୁଡ଼ାକ ମୋ ମୁଣ୍ଡ ଉପରେ ଅଜାଡ଼ିଦେଇ ଖିଁ ଖିଁ ହୋଇ ହସିଉଠିଲା । କଅଁଳ ଫୁଲପାଖୁଡ଼ା ଲାଗି ଦିହ ଗୋଟାକ ମୋର କେମିତି ଶୀତେଇଉଠିଲା । କହିଲି- ଏ କ'ଣ ହେଲା ?

ମଧୁଶଯ୍ୟା ପରା- କହି ବଉଳ ହସି ହସି ଗଡ଼ିଗଲା ।

କାହା ସାଙ୍ଗରେ ?

କାହା ସାଙ୍ଗରେ ତ, ରହିଥା; ମୋର ତ ମନେ ପଡୁନାଇଁ । ତୋ ବର ନାଁ କ'ଣଟି ?

ବହୁତ ଦିନର ଗୋଟିଏ ପାଶୋରିଗଲା ପରାସ ଉପରେ ଚୋଟ ଲାଗିଲା ପରି ଜଣାଗଲା ମତେ ସେ କଥା । ସେ କଥା ମନେପଡ଼ି ଛାତିରୁ ସତେ କି କ'ଣ ଗୋଟାଏ ଖସିପଡ଼ିଲା, କିନ୍ତୁ ମୁହଁରେ କହିଲି- ଯାଃ, ତୋର ଖାଲି ସବୁଥିରେ ଥଟ୍ଟା ।

ବଉଳ କହିଲା- ନାଁ, ସତରେ ତ ! ଥଟ୍ଟା କାହିଁକି ହବ ? ତୋ ବରଘର କ ପଠେଇଲେଣି କୁଆଡ଼େ ତତେ ନେବାକୁ । ମାଉସୀ କହୁଥିଲେ ... ... ଇଏ କ'ଣ ? ତୋ ମୁହଁ କାହିଁକି ସେମିତି ହୋଇଗଲା ବଉଳ ? କହୁ କହୁଁ ସେ ଦି'ହାତରେ ମୋ'ଗଳାକୁ ବେଢ଼ାଇ ଧରିଲା ।

ବୁଡ଼ିଗଲା ଲୋକ ହାତରୁ ଉଦ୍ଧାରର ଶେଷ ଉପାୟଟିକକ ଖସିଗଲେ ତାକୁ ଯେମିତି ଜଣାଯାଏ, ଠିକ୍ ବୁଝିପାରିଲି ନାହିଁ ସେହି ଦଣ୍ଡକ ଭିତରେ ମୋର କ'ଣ ହୋଇଗଲା ।

ବଉଳ ମ- ବଉଳ ଡାକିଲା ।

ଚାହିଁ ଦେଖିଲି, ସେ ମଥାକୁ ମୋର ତା' ଛାତି ଉପରେ ଆଉଜାଇ ବସିଛି । ମତେ ପଚାରିଲା- ସେମିତି କାହିଁକି ହେଲୁକି ବଉଳ ? ମୋ ରାଣଟି, କହ ।

କହିଲି- ନାଁ, ମୁଣ୍ଡଟା କାହିଁକି ବୁଲାଇଦେଲା ।

କ'ଣ ତୋର ବର କଥା ଶୁଣି ?

ମନେଅଛି, ସେତେବେଳେ ସୁଦ୍ଧା ମତେ ହସ ମାଡ଼ିଥିଲା ତା କଥା ଶୁଣି । କହିଲି- ଆଉ କ'ଣ, ଯାଃ !

ସେ କଥା ସେଇଠି ବନ୍ଦ ହୋଇଗଲା । ବିଲ ପଡ଼ିଆର ଏଇ ଯୋଉ ଅସରନ୍ତି ଶାଗୁଆ ନଈ ସଞ୍ଜ- ଅନ୍ଧାରରେ ଦିଗବୁଡ଼ା ମେଘ ମଉଳିକି ଲାଗିଗଲା ପରି ଦିଶୁଥିଲା, ଦି'ପହରେ କେତେବେଳେ କେଜାଣି ଖରାର ରଙ୍ଗ-ଗାଲିଚା ପାରି ବିଲପବନ ନିଛାଟି ହୋଇ ଶୋଇ ପଡ଼ିଥିଲା ତା'ଉପରେ । ସଞ୍ଜ ବୁଡ଼ିଗଲାରୁ ଉଠି ଦେଖିଲା, ଗାଲିଚାଟି ତା'ର କିଏସେ ଚୋରାଇ ନେଲାଣି । ଧାନଗଛ ଗହଳି ଭିତରେ ସେଥିପାଇଁ ତା'ର ଖୋଜାଖୋଜି ପଡ଼ିଯାଇଥିଲା । ପାଗଳଙ୍କ ପରି ଦିହେଁଯାକ ଆମେ ସେଇ ଆଡ଼କୁ ଚାହିଁ ତୁନିହୋଇ ବସିରହିଲୁ । କେତେବେଳେ ବଉଳ ଯିବାକୁ ଉଠିଲା । କହିଲା-ସଞ୍ଜ ହୋଇଗଲାଣି, ଆଜି ଯାଉଛି ବଉଳ ।

ଅନ୍ୟମନସ୍କ ହୋଇ କହିଲି- ହଉ ।

ସେ ଚାଲିଗଲା । ମୁଁ ଏକୁଟିଆ ସେଇଠି ପଥର ପରି ବସିରହିଲି ଭାବନାରେ ଅତଳପାଣିକି ଗୋଡ଼ ଖସାଇ । ଶୀତ ଦିନର ଭାରୀ ପବନ ସେତେବେଳେ ଗୁହାଳଘର ମଥାନ ଉପରୁ ଧୂଆଁଯାକ ବୋହିନେଇ ଗୋଟାଏ କନିଆର ଗଛ ଆଗ ଡାଳରେ ଧଳାକନାର ଲମ୍ବା ପଗଡ଼ି ବାନ୍ଧି ଦେଉଥିଲା; ଆଉ ଘାସ ଭିତରେ କେଉଁଠି ଗୋଟାଏ ଝିଙ୍କାରୀ ସଞ୍ଜବେଳର ନିଶବ୍ଦତାକୁ କରତରେ କାଟୁଥିଲା- କର୍, କର୍, କର୍ ।

କେତେ ରାତିରେ କେଜାଣି ବୋଉ ଆସି ମୋତେ ଡାକିଲା । ଚୁପ୍‌ହୋଇ ଯାଇ ଘରଭିତରେ ଶୋଇପଡ଼ିଲି; କିନ୍ତୁ ନିଦ ଯେବେ ଏ ନିଆଁଲଗା ଆଖି ଦି'ଟାକୁ ଥାଆନ୍ତା, ତେବେ ଦୁଃଖ ଆଉ କ'ଣ ଥିଲା କି ? ସେଇ ଅନ୍ଧାର ଭିତରେ ଚାରିଆଡ଼ର ସବୁଚିନ୍ତାଯାକ ମତେ ଏକାଠି ଘେରିବସିଲେ । ବଉଳ ଆଜି ଯେଉଁ କଥା କହିଲା, ବୋଧହୁଏ ସତ । ନଇଲେ ବାପା ସେଦିନ ବୋଉକୁ ମୁକୁନ୍ଦପୁର କଥା କହନ୍ତେ କାହିଁକି ? ଆଜିକି ଅନେକଦିନ ହୋଇଗଲାଣି, ସେଇ ବାହାଘର ଦିନ ମୋ ସ୍ୱାମୀଙ୍କି ଥରେ ଦେଖିଥିଲି ଯାହା, ସେତିକି । ସେଇ ଥରକ ଦେଖାରୁ ତାଙ୍କର ଯେ ସ୍ମୃତିଟିକିଏ ମନ ଭିତରେ ରହିଯାଇଚି, ଆଜି ଏ ଅନ୍ଧାର ଭିତରେ ସେ ରୂପ ମନେ ପକାଇ ସତରେ ଚାରିଆଡ଼ ମତେ ଅନ୍ଧାର ଦିଶିଲା । ତାଙ୍କରି ସାଙ୍ଗରେ ମତେ ପୁଣି ସବୁଦିନେ ଘର କରିବାକୁ ହବ ତ ? ସଂସାରର ଆଉସବୁ ସ୍ନେହମାୟା କଟେଇବାକୁ ହେବ, ସେଇ ମୁହଁକୁ ଚାହିଁ ? କିନ୍ତୁ ଏସବୁ ଅନର୍ଥ ପାଇଁ କିଏ ଦାୟୀ ? ସେହି ନାଥନନା । ମୋ ବାହାଘର ସମୟରୁ କଟକରେ ଯେବେ ଏତେ ଦିନ ରହିଲେ ସେ, ଆଉ ଗୋଟାଏ ବର୍ଷ କ'ଣ ରହିପାରିଲେ ନାହିଁ ସିଆଡ଼େ ? ଏତେ ଦିନ ନ ଦେଖି ମୁଁ ତ ତାଙ୍କୁ ଏକରକମ ଭୁଲି ବସିଥିଲି ମନେ ମନେ । ପୁଣି କାହିଁକି ସେ ଦେବତାବାଞ୍ଛିତ ରୂପପସରା ଘେନି ଅପୂଜା ଦେଉଳ ଦୁଆରେ ମୋର ଦେଖାଦେବାକୁ ଆସିଲେ କି ? ତାଙ୍କ ରୂପ, ତାଙ୍କ ଅଶ୍ରୁ, ସ୍ନେହସୁହାଗ ତାଙ୍କର ମତେ ଯେ ସବୁ ଭୁଲାଇଦେଲା, ମୁଁ କ'ଣ କରନ୍ତି ? ମୋର ଆଉ କି ଉପାୟ ଥିଲା ତାଙ୍କ ପାଖେ ଶରଣ ନ ପଶି ?

ବୋଉ ଆସି ଡାକିଲା- ସତୀ, ଆ ଖାଇବୁ ।

କହିଲି- ମୁଁ ଖାଇବି ନାଇଁ ବୋଉ, ଭୋକ ନାହିଁ ।

ଆ, ଦିଟାନାକୁ ଖାଇବୁ, ମା'ଟା ପରା ।

ବ୍ୟଥା ଆଉ ଆଘାତ ଶୂନ୍ୟତା ଭିତରେ ଏଇ ପଦକ କଅଁଳ କଥାରେ ଦି' ଆଖିରୁ ଝରଝର ହୋଇ ଲୁହ ଝରିପଡ଼ିଲା । ଏଡ଼େ ଅନ୍ଧାର, ଅଥଚ ବୋଉ କେମିତି

ଜାଣିପାରିଲା କେଜାଣି ମୁଁ କାନ୍ଦୁଚି । ପାଖକୁ ଆସି, ପିଠି ଆଉଁସିଦେଇ ପଚାରିଲା- ଦିହ କ'ଣ ହଉଚି କି ମା ?

କହିଲା- ମୁଣ୍ଡ ବଥଉଚି ଭାରି ।

ଭାତଖିଆ ପଡ଼ିରହିଲା ସେମିତି, ପାଖକୁ ଆସି ସେ ମୋତେ ବି ବସିଲା । ତା ଭିତରେ କେତେବେଳେ ମତେ ନିଦ ହୋଇଗଲା, ମନେ ନାହିଁ ।

ତହିଁଆରଦିନ, ଘରେ ବସି ଗୁଆ ଭାଙ୍ଗୁଚି, ବଉଳବୋଉ ବଡ଼ମା ଆସିଲେ ଆମ ଘରକୁ ବୁଲି । ଅନେକ ଦିନ ରୋଗ ଭୋଗି ବୋଉ ସେଦିନ ଟିକେ ପିଣ୍ଡାରେ ଆସି ବସିଥିଲା । ବଡ଼ମା ପଚାରିଲେ- କିଲୋ, କ'ଣ ସବୁ ହଉଚି ?

ହବ ଆଉ କ'ଣ ? ଆସ । ବୋଉ କହିଲା ? ଆଜି ଅପୂର୍ବ କୁଆଡ଼େ ?

ବଡ଼ମା କହିଲେ- କାହିଁକି, ମୁଁ କ'ଣ ଆସେ ନାଇଁ ଏଠିକି ?

ମୁଁ କ'ଣ ମନାକରୁଚି ଆସ ନାଇଁ ବୋଲି ? ତେବେ, ସବୁ ଦିନେ ନୁହେଁ । ଗରିବଙ୍କ କଥା କୋଉଦିନ କେମିତି ମନେ ପଡ଼ିଯାଏ ସିନା ।

କ'ଣ କରିବି ଲୋ ଭଉଣୀ, ତୁ ତ ଘରଟିଏ କରୁଛୁ, ଜାଣୁନା କ'ଣ କେତେ ଅଡୁଆ ଜଞ୍ଜାଳ । ମରିବାକୁ ଦଣ୍ଡେ ତର ହୁଏ ନାଇଁ ଏଇ ଜାଳାରେ । ସେଇଥିପାଇଁ କେତେଥର ବିଚାରିଲିଣି ପୁରୀ ପଳେଇଯିବାକୁ ସବୁ ଛାଡ଼ିଛୁଡ଼ି ଦେଇ ।

ବୋଉ କହିଲା- ତା ତ ତମର ଏଣିକି ଖୋଜା । ତେବେ ଘର ଥୟ କରିଦେଇ ତ ଫେର କୁଆଡ଼େ ଗୋଡ଼ କାଢ଼ିବ ? ନିଶିକି ବାହାକରିବ, ବୋହୂଟିଏ ପୁଣି ଘରକୁ ଆଣିବ ।

ବଡ଼ମା କହିଲେ- ହଁ, ତମମାନଙ୍କ କଲ୍ୟାଣ ଥିଲେ...

କେତେବେଳଯାଏ ଆଉ କିଛି ପାଟି ଶୁଭିଲା ନାହିଁ । ତାପରେ ବଡ଼ମା ଆଗେ ପଚାରିଲେ- ହଁ ଗୋ, ତମ ସତୀ ପୁଆଣି ହୋଇ ଯିବା କଥା କ'ଣ ହେଲା କି ?

ଘର ଭିତରେ ପାନ ଭାଙ୍ଗୁଥିଲି, ହାତ ମୋର ଏକାଥରକେ ବନ୍ଦ ହୋଇଗଲା । ଏ କଥା ଶୁଣି । ବୋଉ କହିଲା- କହୁଥିଲେ ତ ଏ ମାଘମାସକୁ ପଠେଇବେ ବୋଲି । କ'ଣ ହଉଚି କେଜାଣି ?

ବଡ଼ମା କହିଲେ-ହଁ, ପଠେଇଦିଅ ଚ ଳ, ବୁଝିଲ ସତୀବୋଉ । ଦିନେ ତ ପୁଣି ପଠେଇବାକୁ ହବ, ଆଗ ହଉ; ପଛ ହଉ । ଯେଡ଼େ ବେଗି ଏ ଜଞ୍ଜାଳରୁ ଖଲାସ ହବ, ସେତେ ଭଲ ।

ମନ ହଉଥାଏ ଘରୁ ବାହାରିଆସି ପଚାରିବାକୁ ବଡ଼ମାଙ୍କୁ, ତମ ଝିଅଟି ତମକୁ ଯେବେ ଏମିତି ଜଞ୍ଜାଳ ହୋଇଚି, ଆଜିଯାଏ ତାକୁ ବାହା କରି ନାହଁ କାହିଁକି, ଶୁଣେ ? ନିଜ ପେଟରୁ, ପୁଣି ଆପଣା ରକ୍ତମାଂସରୁ ଜନ୍ମହୋଇ ଝିଅ ହେଲେ ବୋଲିକ'ଣ ଏତେ ଅଡୁଆ ସେ ହୋଇପଡ଼ନ୍ତି ମାଆମାନଙ୍କୁ ? ବୁଢ଼ା ହଉ, ଅସୁନ୍ଦର ଅଗୁଣର ହଉ ପଛକେ, ଘରର ଚଳନ୍ତି ଜିନିଷ ପରି ଏ ଝିଅଗୁଡ଼ାଙ୍କୁ ଗୋଟାଏ କାହା ବେକରେ ଛନ୍ଦିଦେଲେ ଏ ମା'ମାନଙ୍କର କ ର୍ବ୍ୟ ସରେ ପରା ! ଖାଲି ଝିଅ ଖାଇପିଇ ସୁଖରେ ରହିଲେ ହେଲା; କିନ୍ତୁ ଯାହା ପାଇଁ ଏ ସୁଖ ଲୋଡ଼ା, ତାକୁ କ'ଣ ଭୁଲରେ ବି କିଏ ପଚାରେ ଏ ବିଷୟରେ କିଛି ?

ଆଉ କିଛି ସମୟ କଥାବା ର୍ା ହୋଇ ବଡ଼ମା ଉଠିଲେ । ଦୁଆର ମୁହଁଯାଏ ଯାଇ ପୁଣି ଫେରି କହିଲେ- ମଲା ଯୋଉଥିଲାଗି ଆସିଥିଲି, ନିଆଁଲଗା ମୋର ମନେ ନାହିଁ କହିବାକୁ ।

ବୋଉ ପଚାରିଲା- କ'ଣ କି ?

ଆମ ନାଥର ଆଜି ଜନ୍ମଦିନ । ବାଇଶି ବର୍ଷରେ ତାର ଗୋଟାଏ ଘାଟୀ ଥିଲା । ସେଇଥିପାଇଁ ଠାକୁରଙ୍କ ପାଖେ ମାନସିକ କରିଥିଲି । ତମେ ଆଉ ସତୀ ସଞ୍ଜବେଳକୁ ଯିବ ନାହିଁ ଟିକେ ଆମ ଘରକୁ ଭୋଗ ପାଇବାକୁ ?

ବୋଉ କହିଲା- ସେ ତ ଘରେ ନାହାନ୍ତି, ମୁଁ ଆଉ କେମିତି ଯିବି କୁହ ?

ହଉ ସେ ଯିବ ପଛକେ ।

... ... ... ... ...

ସଞ୍ଜବେଳେ ଖୁବ୍ ତୋଫାନକରି ମେଘ ଉଠିଲା । ଅନ୍ଧାର ଦେଖି ବୋଉ କହିଲା- ମେଘ ତ ଏମିତି ଉଠେଇଲାଣି ସତୀ, ତୁ କେମିତି ଆଉ ଯିବୁ ତୋ ମାଉସୀଙ୍କ ଘରକୁ ?

ଘରେ ଯାଇ ଶୋଇଲି । ପବନରେ କବାଟ ଝରକା ଧଡ଼ ଧଡ଼ ହୋଇ ବାଡ଼େଇ ହଉଥାଏ, ଆଉ ସେ ଶବ୍ଦରେ ଘର ଭିତରେ ମୁଁ ଚମକି ପଡୁଥାଏ, ତାଙ୍କ ଘରୁ ମତେ ଆଉ କିଏସେ ଡାକିବାକୁ ଆସିଲା କି ? କେତେବେଳକେ କେଜାଣି, ଟିକିଏ ଛାଇନିଦ ମାଡ଼ିଆସିଲାଣି ମତେ, କିଏ ଝୁଲାଇଦେଲା ଖୁବ୍ ଜୋରରେ । ନିଦ ଭାଙ୍ଗିଗଲା । ଧଡ଼ପଡ଼ ହୋଇ ଉଠିବସି ଦେଖିଲି, ବଉଳ ମୋ ହାତକୁ ଟାଣି କହୁଚି- ମଲା ଶୋଇପଡ଼ିଲୁଣି କି ବେଳ ବୁଡୁବୁଡୁ ?

କହିଲି- ବଉଳ, ତୁ କେତେବେଳେ ଆସିଲୁ ମ ?

ଘଡ଼ିଏ ହେଲା ପରା ଏଠି ବସି ତତେ ଉଠଉଚି ? ଆ, ଯିବା ପରା ! ମୁହଁ ପୋଛି ପଦାକୁ ଆସିଲି; କହିଲି- ଚାଲ୍ ଯିବା । ବୋଉକୁ କହିଚୁ ?

ହଁ ।

ପଡ଼ିଆ ପାରିର ଧାନଫୁଲ ମହକରେ ବର୍ଷାପବନକୁ ସେଦିନ ନିଶା ଲାଗିଥାଏ । ସରଗଆବୁରା ମେଘଗହଳି ଭିତରେ ପଶି ସେ ହୁରୁଳୁରୁ ଲଗାଇ ଦେଇଥାଏ ସେଥିଲାଗି । ତାର ଏ ଦୂରନ୍ତ ପଣକୁ ଟାହୁଲି କରି ମେଘଯାକ ଏଣେତେଣେ ପକାଇ ଯାଇଥାନ୍ତି ଯେମିତି । ନାଥନନାଙ୍କ ଘରେ ପହ ୍ଲାବେଳକୁ ବର୍ଷା ଆରମ୍ଭ ହୋଇଗଲାଣି । ଦାଣ୍ଡ ପରସ୍ତରେ ଗାଁର କେତେ ଜଣ ଲୋକ ବସି

କଥାବା ' । ହାଉଥାଆନ୍ତି । ତା' ଭିତରେ ନାଥନନା ଥାଆନ୍ତି ବୋଧହୁଏ । ବଉଳ ମତେ ଏକାଥରକେ ଘର ଭିତରକୁ ନେଇଗଲା । ଭିତର ଘରେ ବଡ଼ମା ବସି ରନ୍ଧାବଢ଼ା କରୁଥିଲେ; ମତେ ଦେଖି ପଚାରିଲେ- ବାପା ଆସିଲେଣି ଲୋ ତୋର ?

କହିଲି-ନାଁ ।

ବୋଉ କ'ଣ କରୁଥିଲା ?

ବସିଥିଲା ।

ଅନେକ ଗୁଡ଼ାଏ ଅଟା ଜନ୍ତାହୋଇ ଥୁଆ ହୋଇଥିଲା ସେଠି । ଆମେ ଦିହେଁ ଯାଇ ପିଠା ଗଢ଼ିବସିଲୁ । ବଉଳର କ'ଣ ଜମା ମନ ଥୟ ହଉଥାଏ କି ଗୋଟାଏ ଜାଗାରେ ବସି ? ଦଣ୍ଡେ ଛାଡ଼ି ଦାଣ୍ଡଆଡ଼େ ଘେରାଏ ବୁଲିଆସୁଥାଏ ଯାଇଁ । ମୋଠଉଁ ଚାରି ବର୍ଷର ସାନ ହବ ସିଏ; କିନ୍ତୁ ତା ବୟସରେ ଗାଁରେ ଏତେ ଲୋକଙ୍କ ସାଙ୍ଗରେ ମୋର ବି ଚିହ୍ନା ହୋଇ ନ ଥିବ । ପିଠାଗଢ଼ା ସରି ଆସିଥିଲା ପ୍ରାୟ । ବଡ଼ମା ସେ ଆଡ଼କୁ ଚାହିଁ ନେତବୋଉ ଖୁଡ଼ୀଙ୍କି କହିଲେ- ଦେଖିଲଣି ଗୋ, ଦଣ୍ଡକରେ କେତେ ପିଠା ଗଢ଼ି ଥୋଇଦେଲାଣି ଝିଅଟା । ୟା ନାଁ ସିନା କାମ । ଆମ ନିଶି, ହେଇ ପରା କୋଉଠି ଯାଇ ଘୋଡ଼ା ପରି ବୁଲୁଚି । ତା' ପରେ ମତେ ଚାହିଁ କହିଲେ, ସେତିକି ଥାଉ, ମା'ଟା ପରା ! ନିଆଁ ପାଖରେ ବସି ବସି କେତେ ଝାଳ ବୋହିଲାଣି, ଯା ଟିକେ ଅଣ୍ଡାରେ ବୁଲିଆ । ଯା, ମୋ ରାଣଟି ।

ବଡ଼ମାଙ୍କ ଘରେ ସେଦିନ ଖିଆପିଆ ସରିଲାବେଳକୁ ରାତି ଅନେକ ହୋଇଯାଇଥିଲା । ବଉଳ ଆସି କହିଲା, ବୋଉ କହିଲା- ବଉଳ, ରାତି ଏତେ ହେଲାଣି, ଏଇଠି ଶୋଇପଡ଼ ।

ଭାରି ଲୋଭ ହଉଥାଏ ରହିବାକୁ । ତା'ହେଲେ ନାଥନନାଙ୍କୁ ତ କାଲି ସକାଳୁ ଆଉ ଥରେ ଦେଖିପାରିବି । କିନ୍ତୁ ଜୋର କରି ସେ ଇଚ୍ଛା ଦମନ କରି କହିଲି- ନାହିଁ ବଉଳ, ବୋଉ ସିଆଡ଼େ ଚାହିଁ ବସିଥିବ ମତେ ।

ଘରେ ଆସି ପହ ୍ବା ଆଗରୁ ଭଲକରି ବର୍ଷା ଆରମ୍ଭ ହୋଇଗଲା । ଭିତର ଘର ପିଣ୍ଡାରେ ବୋଉ ମତେ ଦେଖିପାରି କହିଲା, ବର୍ଷାଟାରେ ତିନ୍ତିଲୁ ନା ଗୋଟିପଣେ ? ଲୁଗା ପାଲଟି ପକେଇ ଶୋ'ଯା ।

ବୋଉ ଚାଲିଗଲାରୁ ତୁନି ତୁନି ଯାଇ ଘରେ କବାଟ କିଳି ସେଇ ଓଦାଲୁଗାରେ ଶୋଇପଡ଼ିଲି । ନାଥନନାଙ୍କ ଦିହ ଲାଗି ବାସୁଥିଲା ସେ ଲୁଗା । ମନେହେଲା, ଆଜି ମୋର ମଧୁଶଯ୍ୟା ।

...ଆଉ ଦି'ଚାରି ଦିନ ପରେ ସତକୁ ସତ ମୋର ଶାଶୁଘରକୁ ଯିବା ଆୟୋଜନ ଯୋଉଠୁ ପ୍ରବଳ ଭାବରେ ଚାଲିଲା, ଭୟ ଆଉ ଭାବନାରେ ଦରମରା ହୋଇ ଦିନ ରାତି ଖାଲି ବିଛଣାରେ ପଡ଼ିରହିଲି । ମୋର କିଏ ଅଛି ଏତେବେଳେ, ମନ କଥା ବୁଝି ମତେ ସଙ୍କଟରୁ ରକ୍ଷା କରିବ ? ନିରୀହ ଛେଳିଛୁଆକୁ ବଳି ଦେବାକୁ ନେଲାବେଳେ ତା'ଆଖିର କରୁଣ ମିନତି କିଏ ଶୁଣେ କି ? ମଣିଷ ଜନ୍ମ ପାଇ ମୋ ଦଶା ଯେ ଆଜି ତାଠୁଁ ବଳେ ।

ଆଜି ମତେ ପିଲାଦିନର ପରିଚିତ ଥାନ ଛାଡ଼ି ସବୁଦିନ ପାଇଁ ଯିବାକୁ ହବ କୋଉ ଅଜଣା ଅଚିହ୍ନା ଲୋକଙ୍କ ମେଳକୁ । ମୋ ଯିବା କଥା ହେଲା ଦିନୁ ବୋଉ ତ ସବୁଦିନେ ଟିକେ ଟିକେ କାନ୍ଦୁଥିଲା । ସେଦିନ ତାର ଆଉ କାନ୍ଦଣା ବାଧା ମାନିଲା ନାଇଁ । ମତେ ଧରି ସକାଳୁ ସଞ୍ଜଯାଏ ଭାରି ବିକଳ ହୋଇ କାନ୍ଦିଲା । ମୁଁ ତା ସାଙ୍ଗେ କାନ୍ଦିଲି । କାନ୍ଦି କାନ୍ଦି କେତେବେଳେ ଅଚେତ ହୋଇପଡ଼ିଚି, ମୁଁ ଜାଣେନା । ଚେତା ହେଲା, ବଡ଼ମା ଯେତେବେଳେ ମତେ ନେଇ ସବାରୀରେ ବସାଇଦେଲେ । ସବାରୀ କବାଟଫାଙ୍କରେ ନାଥନନାଙ୍କ ଦିହ ଦିଶୁଥିଲା । ମୁଁ ତାଙ୍କ ଲୁଗାକାନି ଜୋରରେ ମୁଠେଇ ଧରି କାନ୍ଦିବାକୁ ଲାଗିଲି । ନାଥନନା ସେତେବେଳଯାଏ ଖୁବ୍ କାନ୍ଦ ସମ୍ଭାଳିଥିଲେ; ଆଉ ପାରିଲେ ନାହିଁ । ମତେ ବୁଝେଇ ବୁଝେଇ ଅନେକ ବାଟ ସବାରୀ ସାଙ୍ଗେ ସାଙ୍ଗେ ଗଲେ; ତାପରେ ଫେରିଆସିଲେ । ବାଟ ଦୁଇପଟେ ପିଲାଦିନ ଚିହ୍ନା ମୋର ଗଛ ପତରସବୁ, ଯାହା ଛାଇରେ ବସି କେତେ ନିଶୂନ

ଦିହରେ ମୋର ନାଥନନାଙ୍କ ସାଙ୍ଗେ କଟିଯାଇଚି, ଗୋଟି ଗୋଟି ହୋଇ ମୋଠଉଁ ବିଦା ହୋଇ ପଛକୁ ଚାଲିଗଲେ । ଗାଁ ମୁଣ୍ଡର ସେଇ ଗହଳିଆ ତାଳ ବଣ, ଯୋର କୂଳେ କୂଳେ ବାଉଁଶ ବଣର ନହକା ଛାଇ ତଳେ ଶିଉଳିଲଗା ସେଇ ବଡ଼ ପଥରଟି, ଗାଧୋଇଲାବେଳେ ନିତି ଯାହା ଉପରେ ଗୋଡ଼ ଘସେ; ସବାରୀର ଅଳ୍ପ ଫାଙ୍କ ବାଟେ ସମସ୍ତେ ମତେ ଥରେ ଥରେ ଚାହିଁଗଲେ । ଆଉ ତ ଏମାନଙ୍କୁ ଦେଖିବି ନାଇଁ । ଆଖି ମୋର ଲୁହରେ ପୂରିଗଲା । ତିକିଆରେ ମୁହଁମାଡ଼ି ମଲାଙ୍କ ପରି ପଡ଼ିରହିଲି ।

ଦୂର ଗାଁର କୋଉଠି ଗୋଟାଏ ନଡ଼ିଆଗଛର ପତର ପାଲିଙ୍କିରେ ଚଢ଼ି ସେତେବେଳେ ଅଷ୍ଟମୀ ଚାନ୍ଦ ଶାଶୂଘରକୁ ଯାଉଥିଲା; ଗଛଛାଇ-ଛଇଳା ଗାଁ ଦାଣ୍ଡରେ ତାର ଅନୁକୂଳ ଚିତା ପଡ଼ିଥିଲା କେତେ ଜାତିରେ ।

× × ×

ରାତି ଗୋଟିକ ବାଟରେ କଟିଗଲା । ତହିଁଆରଦିନ ସକାଳେ ମତେ କେତେ ଜଣ ମାଇପେ ଧରାଧରି କରି ନେଇ ଗୋଟିଏ ବେଦୀରେ ବସେଇଲେ । ଲୋକଗହଳି ଆଉ ଗରମରେ ମୋର ନିଃଶ୍ୱାସ ବନ୍ଦ ହୋଇଗଲା ପରି ଜଣାଯାଉଥିଲା । ସ୍ୱାମୀ ଠିକ୍ ମୋ ପାଖରେ ବସିଥାନ୍ତି, ଦିହକୁ ଦିହ ଲଗାଲଗି ହୋଇ ଗୋଟାଏ ମସିଣା ଉପରେ । ଏତେ କଷ୍ଟରେ ସୁଦ୍ଧା ଭାରି ମନ ହେଉଥାଏ ତାଙ୍କ ମୁହଁ ଟିକେ ଦେଖିବାକୁ । ଓଢ଼ଣା ଭିତରେ ବହୁ କଷ୍ଟରେ ମୁହଁକୁ ଟିକେ ଟେକି ତାଙ୍କୁ ଦେଖିଲି ।

ହାୟ ଭଗବାନ ! ନ ଦେଖିଲେ ବୋଧହୁଏ ଭଲ ହୋଇଥାଆନ୍ତା ସେ ରୂପ । ପୋଡ଼ା କାଠ ପରି ରଙ୍ଗ, ସେଥିରେ ମୁହଁଯାକ ବସନ୍ତର ଦାଗ ଯେମିତି ସିଇଁହୋଇ ଯାଇଚି । ଏଇ ମୁହଁ, ଲାବଣ୍ୟର ଲେଶ ଯାହାକୁ ଛୁଇଁ ନାଇଁ, ଏଇଆକୁ ଚାହିଁ ମତେ ଦୁନିଆର ସବୁ ସୌନ୍ଦର୍ଯ୍ୟ ପାଶୋରିବାକୁ ପଡ଼ିବ । ତରୁଣ ଜୀବନର ଶତ ମନପା

ଏଇଠି ସାର୍ଥକ ହବ ତ ? ଆଖି ଆଗରେ ମୋର ସବୁ ଅନ୍ଧାର ଦିଶିଲା । ତଳକୁ ମୁଣ୍ଡ ପୋତି କୌଣସିମତେ ବସିରହିଲି ଭଣ୍ଡାରୁଣୀ ହାତ ଉପରେ ଆଉଜି; ନଇଲେ ବୋଧହୁଏ ପଡ଼ି ଯାଇଥାନ୍ତି ।

କର୍ମ ସରିଲା ପରେ ଜଣେ କିଏ ବୋଧହୁଏ ଘରର ପୋଇଲୀ, ମତେ ଆଣି ଆଉ ଗୋଟାଏ ଘରେ ବସାଇ ଦେଇଗଲା । ତା' ପରେ ଗୋଟି ଗୋଟି କରି କେତେଗୁଡ଼ିଏ ମାଇପେ ସେ ଘରକୁ ଆସିଲେ ମତେ ଦେଖିବା ପାଇଁ । ଦଣ୍ଡକ ଭିତରେ ଲୋକଗହଳରେ ସେ ଘରେ ଆଉ ତିଳ ପକାଇବାକୁ ଜାଗା ରହିଲା ନାହିଁ ।

ମୁହଁଦେଖା ପର୍ବ ସରିଲା । ସମସ୍ତେ ମୋ ରୂପ ବିଷୟରେ ଯେଝା ମତ ପ୍ରକାଶ କରି ବାହାରକୁ ଚାଲିଗଲେ । ଶେଷକୁ ଦୁଇ ଚାରୋଟି ଟୋକୀ, ପ୍ରାୟ ମୋ'ରି ବୟସ ହେବ ସେମାନଙ୍କର, ସେ ଘରୁ ଆଉ ଗଲେ ନାଇଁ । ମତେ କଥା କୁହାଇବା ଲାଗି କୁକୁରମାଛି ପରି ଲାଗି ରହିଲେ ମୋ ସାଙ୍ଗେ । ଭାଗ୍ୟକୁ ଆଉ ଜଣେ ବୁଢ଼ୀ ସେ ଘରକୁ ଆସିଲେ । ତାଙ୍କୁ ସବୁ ଦେଖି ଗାଳିଦେଲେ । ପିଲାଟା କାଲିଠଉଁ କିଛି ନ ଖାଇ ହାଲିଆ ହୋଇ ପଡ଼ିଛି; ତମେ ସବୁ ତା ସାଙ୍ଗେ କାହିଁକି ସେମିତି ନଗେଇଚ କିଲୋ ? ଯା, ସେ ଟିକିଏ ଶୋଉ ।

ସେମାନେ ସବୁ ମୁହଁ ଚାହାଁଚାହିଁ ହୋଇ ହସିଲେ । ତା'ପରେ ଗୋଟି ଗୋଟି ହୋଇ ଉଠିଗଲେ ସେ ଘରୁ । ସେ ବୁଢ଼ୀଟି ମୋତେ ଶୋଇବାକୁ କହି ଘର କବାଟ ଆଉଜାଇ ଦେଇ ଚାଲିଗଲେ ।

ହାୟ, ମତେ ପୁଣି ନିଦ ମାଡ଼ିବ ! ଏକୁଟିଆ ହେଲାରୁ ମୋ ସାମୀଙ୍କ କଥା ପୁଣି ମନେପଡ଼ିଲା । ସେ ଆସିବା ସମୟ ହେଲା, ଆମ ଶାସ୍ତ୍ର ଅନୁସାରେ ଯାହାଙ୍କର ମୁଁ ସ୍ତ୍ରୀ ହୋଇସାରିଛି । ମୁଁ ପୁଣି ତାଙ୍କ ଦ୍ୱିତୀୟ ସ୍ତ୍ରୀ; ଆଗ ସ୍ତ୍ରୀ ମରିଥିଲେ ବର୍ଷକର ଗୋଟିଏ ପୁଅ ରଖି । ସେଇଦିନୁ ଆଜିଯାଏ ମୋ ପାଇଁ ଏ ଯେମିତି ବାଟ ଚାହିଁ

ବସିଥିଲେ । ବୟସରେ ସେ ମୋ ବାପାଙ୍କ ସାଙ୍ଗର ହେବେ । ଏଇଆଙ୍କ ସାଙ୍ଗରେ ପୁଣି ମତେ ସବୁଦିନେ ଘର କରିବାକୁ ପଡ଼ିବ ସରିସମ ହୋଇ । ଏହି ମୁହଁକୁ ଚାହିଁ ମତେ ପୁଣି ପିଲାଦିନର ସବୁ ସ୍ନେହ ମାୟା ଭୁଲିବାକୁ ହେବ ତ ? ସେତିକିବେଳେ ମନେ ପଡ଼ିଗଲା ମୋର, ଆଉ ଗୋଟିଏ ଲାବଣ୍ୟସିନ୍ଧୁ ପଖଳା ଚିରପରିଚିତ ମୁହଁ, ବିଧାତାଙ୍କର ସବୁ ସୁନ୍ଦର ସୃଷ୍ଟି ଯାହା ଦିହରେ ସାର୍ଥକ ହୋଇଯାଇଚି । ସେ ମୁହଁ ଆଉ ମୋ ସ୍ୱାମୀଙ୍କ ମୁହଁ ! କେତେ ପ୍ରଭେଦ, କେତେ ଫରକ ଯା ଭିତରେ । ତୁଳନା କରିବାକୁ ସୁଦ୍ଧା ଲାଜ ମାଡ଼େ । ସେ ପୁଣି ତ ମତେ ଅପ୍ରାପ୍ତ ହୋଇ ନ ଥିଲେ । କିନ୍ତୁ... । ଆଉ ଭାବିପାରିଲି ନାହିଁ । ମନେହେଲା, ଏମିତି ଭାବିଲେ ମୁଁ ପାଗଳ ହୋଇଯିବି । କିନ୍ତୁ ଏଇ ଚିନ୍ତାରେ ପାଗଳ ହୋଇଯିବା କେଡ଼େ ସୁଖକର ମନେ କଲି ।

ସୂର୍ଯ୍ୟ ବୁଡ଼ି ଯାଇଥିଲେ ଅନେକବେଳୁ । ଦିନ ଆଲୁଅ କ୍ରମେ ଲିଭିଆସିଲା । କୋଠାଘର; କିନ୍ତୁ ଜଳାକବାଟି ମୋଟେ ନ ଥିଲା, ମୁଁ ଯୋଉ ଘରେ ବସିଥିଲି । ଅନ୍ଧାର ଘର ଭିତରେ ଚୁପ୍ ହୋଇ ଅନେକ ବେଳଯାଏ ବସିରହିଲି । ବାହାରେ- କୋଉଠି କେତେ ଦୂରରେ- ସଞ୍ଜଘ  । ବାଜିଗଲା । ଘରେ ଘରେ ଦୀପ ଲାଗିଲା । କେତେବେଳ ପରେ ଦୁଇ ଚାରି ମାଇପେ ଆସି ମତେ ଆଉ ଗୋଟାଏ ଘରକୁ ନେଇଗଲେ । ସେ ଘରଟା ବି ଏମିତି ଅନ୍ଧାର; ଖାଲି ଘରକଣରେ ଗୋଟିଏ ଦୀପ ମିଞ୍ଜି ମିଞ୍ଜି ହୋଇ ଜଳୁଥିଲା । ସେଇ ଅଳ୍ପ ଆଲୁଅରେ ଦେଖିଲି, ଘରର ଗୋଟାଏ ପାଖରେ ବଡ଼ ପଲଙ୍କଟାଏ, ତା ଉପରେ ବିଛଣା ପଡ଼ିଛି । ଏମାନେ ମତେ ନେଇ ଘର କଣରେ ଖଣ୍ଡେ ସପ ଉପରେ ବସାଇଦେଇ ସେ ଘରୁ ଚାଲିଗଲେ । ବୁଝିପାରିଲି କାହିଁକି ମତେ ଏ ଘରକୁ ଅଣାହୋଇଛି । ବିଜୁଳି ମାରିଲା ପରେ ଘଡ଼ଘଡ଼ି ଗର୍ଜନକୁ ଯିମିତି ଲୋକେ ଭାବି ନିଅନ୍ତି, ଗୋଟାଏ ଅଜଣା ଭୟରେ ଦିହ ମୋର ଥରିଉଠିଲା, ଛାତି ଦାଉଁ ଦାଉଁ ପଡ଼ିଲା । ଭାବିଲି, କାହିଁକି ମୁଁ ଏତେ ଡରୁଚି ? ସେ ତ ବାଘ ସାପ ନୁହନ୍ତି, ମତେ ଖାଇଯିବେ ? ତୁଚ୍ଛାଟାକୁ ଏତେ ଡରିବି କାହିଁକି ?

ଘଡ଼ିଏ ଖଣ୍ଡେ ବିତିଗଲା, କେହି ଆସିଲେ ନାହିଁ ସେ ଘରକୁ । ମନରେ ଟିକିଏ ଦମ୍ଭ ଆସିଲା । ଭାବିଲି, ଯେଡ଼େ ଅସୁନ୍ଦର ସେ ହୁଅନ୍ତୁ, ମୁଁ ତ ତାଙ୍କରି ସ୍ତ୍ରୀ । ତାଙ୍କ ଛଡ଼ା ମୋର ଆଉ ଗତି କ'ଣ ଅଛି ? ମୋ ମନକୁ ନ ଆସିଲେ ସଂସାର ଲୋକେତ ମୋ ଦୁଃଖ ଶୁଣିବେ ନାହିଁ । ଅଧିକ ହସିବେ ସମସ୍ତେ । ମୁଁ କ'ଣ ଯାଙ୍କୁ ଭଲ ପାଇପାରିବି ନାହିଁ ? ଦେଖିବି ଚେଷ୍ଟାକରି, ପ୍ରାଣର ସବୁ ବଳ ଖରଚ କରି, ତାଙ୍କ ପ୍ରତି ମନର ସବୁ ବିମୁଖତାକୁ ସହିନେଲେ ତ ଯିବ । ନା-ନା, ମୁଁ ଥରେ ଦେଖିବି ଚେଷ୍ଟାକରି, ଯାଙ୍କୁ ଭଲ ପାଇବାକୁ, ନିଶ୍ଚୟ-ନିଶ୍ଚୟ । ସାରାଦିନର ଅନିୟମ ଓ ଅବସାଦରେ ଆଖି ଦି'ଟା ନିଦରେ ଭାରୀ ହୋଇ ଆସିଥିଲା । ଆଉ ସିଧାହୋଇ ବସି ପାରିଲି ନାହିଁ, ସେଇଠି ସେମିତି ଶୋଇପଡ଼ିଲି । କେତେବେଳେ ମତେ ନିଦ ହେଇଯାଇଚି ଜାଣେନା । ହଠାତ୍ କାହା ଥଣ୍ଡା ହାତ ଲାଗି ନିଦଟା ମୋର ଚାଉଁକିନା ଭାଙ୍ଗିଗଲା । ଧଡ଼ପଡ଼ ହୋଇ ଉଠିବସି ମୁଣ୍ଡରେ ଲୁଗା ଦେଇଦେଲି । ଛାତିଟା ଦୁମ୍‌ଦୁମ୍ ହୋଇ କମ୍ପିଗଲା । ସେଇ ଅଳ୍ପ ଆଲୁଅରେ ମୁଣ୍ଡରେ ଲୁଗାଦେବା ଭିତରେ ଚିହ୍ନିପାରିଲି, ସେ ମୋ ସ୍ୱାମୀ ।

ଦୀପଟା ଆହୁରି କମି କରିଦେଇ ସେ କହିଲେ, ଆ ବିଛଣାକୁ ।

କିଛି କହିଲି ନାଇଁ । ସେ ମୋ ପାଖକୁ ଆସିଲେ । ଦୁଇ ହାତରେ ମତେ ଏକରକମ ବିଛଣା ପାଖକୁ ଟେକିନେଇ କହିଲେ; ଉପରକୁ ଯା ।

ଖଟ ପାଖରେ ପୁଣି ଠିଆହେବା ଦେଖି ସେ ତଳକୁ ଓହ୍ଲାଇ ଆସିଲେ । ମୁଣ୍ଡରୁ ମୋର ଓଢ଼ଣା ଟେକିଦେଇ ହସି ହସି କହିଲେ ଏତେ ଲାଜ ଗୋଟାଏ କ'ଣ ? ମତେ ଭଲ ଲାଗେ ନାହିଁ ସେଗୁଡ଼ା ।

ଏଇ ପହିଲୁ ବୋଧହୁଏ ମୁଁ ତାଙ୍କୁ ହସିବାର ଦେଖିଲି । କିନ୍ତୁ ମନେହେଲା, ନ ଦେଖିଥିଲେ ବରଂ ଭଲ ହୋଇଥାନ୍ତା । ଭଗବାନ୍, ହସ ପୁଣି ମଣିଷଙ୍କର ଏମିତି ବିକୃତ !ମୋର ଏ ଧାରଣ ନ ଥିଲା ।

ମତେ ଚୁପ୍‌ହୋଇ ଠିଆହେବାର ଦେଖି ସେ ଆହୁରି ପାଖକୁ ଆସିଲେ । ଦୁଇ ହାତରେ ମୋ ହାତକୁ ଧରି ଖଟ ଉପରକୁ ଟାଣିନେଲେ । ମୁଁ ତାଙ୍କ ହାତକୁ ଟିକେ ଠେଲିଦେଇ ପଛକୁ ଘୁ ୍ଆସିଲି । ସେ ପୁଣି ମୋ ହାତକୁ ଧରି ରାଗରେ ଟାଣ୍ କରି କହିଲେ- ଇଏ କ'ଣ ? ମୁଁ ଖାଇଯାଉଚି ନା କ'ଣ ତତେ ?

କହୁ କହୁ ମତେ ପାଖକୁ ଭିଡ଼ିନେଲେ ଏତେ ଜୋରରେ ଯେ ମୁଁ ସମ୍ଭାଳି ନ ପାରି ଏକରକମ ତାଙ୍କ ଛାତି ଉପରେ ଆଉଜି ପଡ଼ିଗଲି । ପୁଣି ସିଧାହେବା ଆଗରୁ ସେ ମୋ ମୁହଁକୁ ଟେକିଧରି ଚୁମ୍ବନ କଲେ ।

× × ×

ବିଜୁଳି ପରି ତାଙ୍କୁ ଦୁଇ ହାତରେ ଠେଲି ଦେଇ ଖଟଉପରୁ ଓହ୍ଲାଇ ଆସିଲି । ଛି ଛି, ଏ ମଣିଷ ନାଁ କ'ଣ !

ଦିହ ଗୋଟାକ ଝିମିଝିମି ହୋଇଗଲା ଘୃଣା ଆଉ ରାଗରେ । କିନ୍ତୁ ମୋ ବ୍ୟବହାର ଦେଖି ସେ ବୋଧହୁଏ ସତରେ ରାଗିଗଲେ । ଦୁଇ ହାତରେ ମୋତେ ପିଲାଙ୍କ ପରି ଖଟ ଉପରକୁ ଟେକିନେଇ ଜୋରକରି କହିଲେ, ଶୋ ଏଠି ।

ସେଇ ବିଛଣାରେ ସେମିତି ପଥର ପରି ବସିରହିଲି ମୁଁ । ଏଡ଼େ ଅଭଦ୍ର, ଇତର ଏ ? ବାହା ହୋଇଛନ୍ତି ବୋଲି କ'ଣ ଏମିତି ବଳ ପ୍ରୟୋଗ କରି ଏ ମୋ ମନ ପାଇବେ ? ହାୟ ହାୟ ମୁଁ ପୁଣି ଏଇମାନଙ୍କୁ ଭଲ ପାଇବାକୁ ଚେଷ୍ଟା କରିବି ବୋଲି ଆଉ କେତେ ଦଣ୍ଡ ଆଗରୁ ପ୍ରତିଜ୍ଞା କରୁଥିଲି ?

ବିଛଣାରେ ଅନ୍ୟ ଆଡ଼କୁ ମୁହଁ କରି ସେ ଶୋଇଥିଲେ । ମନେକଲି, ବୋଧହୁଏ ଶୋଇ ପଡ଼ିଲେଣି । ସେ ବିଛଣାରେ ତାଙ୍କ ସାଙ୍ଗରେ ଏକାଠି ଶୋଇବାକୁ ମୋର ମନ ହେଲା ନାହିଁ । ତଳେ ଶୋଇବାକୁ ମନେକରି ଉଠିଆସୁଚି, ସେ ମୋ ଲୁଗାକାନି ଧରିପକାଇ ପଚାରିଲେ, କୁଆଡ଼େ ଯାଉଚୁ ? ମନ ହେଉଥାଏ ବଡ଼ ପାଟିକରି କହିବାକୁ, ଯମ ଘରକୁ । କଥାର ଜବାବ ନ ପାଇ ସେ ଭାରି ଚିଡ଼ିଗଲେ ।

କହିଲେ, ଏମିତି ହେଲେ ଏକା ଜାଣିଥା, ଭାରି ଖରାପ ହବ । ମୁଁ କହୁଚି, ମୋ କଥା ମାନ୍ । ପାଖକୁ ଆ ।

ପୁଣି ସେମିତି ଟଣା ଓଟରା । ସ୍ତ୍ରୀ ହୋଇ ମୋର କେତେ ବଳ ତାଙ୍କ ସାଙ୍ଗେ ଲଢ଼ିବାକୁ ! ମୁଁ ଆଉ ପାରିଲି ନାହିଁ । ଦୁଇ ହାତରେ ମତେ ଛାତି ଉପରେ ଭିଡ଼ିଧରି ସେ ମୋ ମୁହଁ ପାଖକୁ ମୁହଁ ଆଣିଲେ- ବୋଧହୁଏ ଆଉ ଥରେ ଚୁମ୍ବନ କରିବାକୁ...

ଭାବିଲି, ବାଧା ଦେବି ନାଇଁ ଏଥର ତାଙ୍କ କାମରେ । କ'ଣ କରୁଛନ୍ତି ସେ କରନ୍ତୁ, କିନ୍ତୁ ଘୃଣା ଆସି ମୋତେ ବାଟ କଢ଼େଇନେଲା । ଅଜାଣତରେ କେତେବେଳେ ମୁଁ ତାଙ୍କୁ ପଛକୁ ଠେଲିଦେଇ ଖଟ ଉପରୁ ଡେଇଁପଡ଼ିଲି । ସେ ବି ମୋ ପଛେ ପଛେ ମତେ ଧରିବାକୁ ଆସୁଛନ୍ତି ଦେଖି ଦୀପଟା ଲିଭାଇଦେଲି ।

ଅନ୍ଧାର ଭିତରେ ମୁଁ କୋଉଠି, ସେ ଦେଖିପାରିଲେ ନାହିଁ । ମୋତେ ଖୋଜୁ ଖୋଜୁ ସେଇ ଅନ୍ଧାରରେ ତାଙ୍କ ମୁଣ୍ଡ ଖଟ ଦିହରେ ଖୁବ୍ ଜୋରରେ ବାଡ଼େଇ ହୋଇଗଲା । ମୁଁ ଶୁଣିପାରିଲି, ଯନ୍ତ୍ରଣାରେ ଭାରି ରାଗିଯାଇ ସେ କହିଲେ- ହଉ ରଇଥା, କାଲି ସକାଳେ ଯାଇଁ ତୋର ମୋର ବୁଝାବୁଝି । ମତେ ଚିହ୍ନି ନାଇଁ ପରା ଆଜିଯାଏ ?

ବହୁ କଷ୍ଟରେ ଦରାଣ୍ଡି ଦରାଣ୍ଡି ସେ ବିଛଣାକୁ ଯାଇ ଶୋଇଲେ । ଅନ୍ଧାରରେ କିଛି ଦିଶୁ ନ ଥାଏ, ପଲଙ୍କ କଟ୍ କଟ୍ ହେଲାରୁ ଖାଲି ଅନୁମାନ କଲି ।

ଘଡ଼ିଏ ଗଲା । କିଛି ସୋର ଶବ୍ଦ ନାଇଁ ।

ଭୟରେ ଦରମରା ହୋଇ ଦୁଆରମୁହଁ ପାଖରେ ସେମିତି ସେତିକିବେଳୁ ଠିଆ ହୋଇଚି କାଠ ପରି । ହଲଚଲ ହେବାକୁ ବି ଡର ମାଡୁଥାଏ, କାଳେ ସେ

ପୁଣି ମତେ ଧରିବାକୁ ଆସିବେ ।

କେତେବେଳେ କେଜାଣି ଖଟ ଉପରୁ ତାଙ୍କ ଘୁଙ୍ଗୁଡ଼ି ଶବ୍ଦ ଶୁଭିଲା । ସାବଧାନରେ କବାଟ ଟିକେ ମେଲାକରି ଗୋଡ଼ ଚିପି ଚିପି ବାହାରକୁ ଚାଲି ଆସିଲି ।

ରାତି ପାହି ଆସୁଥାଏ ସେତେବେଳକୁ, ଦୂର ସାଗରଦିହରେ ଅନ୍ଧାରର ଯେମିତି ଛେନା ଛିଣ୍ଡି ଯାଇଛି । ଏଠି ସେଠି ଗଛପତ୍ର ସବୁ ପତଳା ଅନ୍ଧାର ଭିତରେ କଳା କଳା ହୋଇ ବାରି ହେଉଥାନ୍ତି । ଭଗବାନଙ୍କର ଏ ମୁକୁଳା ରାଜ୍ୟତଳେ ଠିଆହୋଇ ମନର ଗୋପନ ଗୁହାରିଟିକ ତାଙ୍କ ପାଖେ ପହ ।ଇବା ଲାଗି ରାତିସାରା ଯେମିତି ତରଳ ଆଖି ଦିଟା ବାଟେ ଝରିପଡ଼ିଲା । ମନେହେଲା, ଏଇ ସାମୀ ? ଯାଙ୍କୁ ମୁଁ ଭଲ ପାଇପାରିବି ତ ?

ସେଦିନ ସକାଳୁ ଜମିଦାରୀର କ'ଣ ଗୋଟାଏ କାମରେ ସାମୀ ଅନ୍ୟ ଗାଁକୁ ଯିବେ ବୋଲି ସଜ ହଉଥିଲେ । ସେଦିନ ଘରକୁ ଫେରିବେ ନାହିଁ ବୋଲି ଶୁଣିଲି । ମନେହେଲା, ଯାହା ହଉ ଆଜି ଦିନକ ତ ଛୁଟି ।

ପାହାନ୍ତା ପହରୁ ସେ ଯିବେ ବୋଲି ସେ ପୋଇଲୀଟା ଏପଟ ସେପଟ ହୋଇ ତାଙ୍କର ଜିନିଷ ସବୁ ସଜାଡୁଥାଏ । ଭାବିଲି, ଯାଙ୍କ ଘରେ ଆଉ କେହି ନାହାନ୍ତି ନା କ'ଣ ? ଶୁଣିଛି, ମୋର ଶାଶୁ ଅଛନ୍ତି- ସେ ବିଧବା, କିନ୍ତୁ ଏ ତ ଅଷ୍ଟଅଳଙ୍କାର ମଣ୍ଡିହୋଇଛି ଦିହଯାକ । ବୟସ ବି ଏମିତି ବେଶୀ କିଛି ହୋଇ ନାହିଁ । ତେବେ ଏ କିଏ ?

ଦୁଆରମୁହଁ ପାଖରେ ମତେ ଦେଖି ସେ ମୋ ପାଖକୁ ଆସିଲା । ନାଚ ପିଲାଙ୍କ ପରି ମୋ ମୁହଁ ପାଖରେ ହାତ ହଲାଇ କହିଲା- ହେ ବୋହୂ ! ମା ସିଆଡ଼େ କୋଉ ପହରୁ ଗାଧୋଇଆସି ଓଦାଲୁଗାରେ ଠିଆ ହୋଇଛନ୍ତି, ଆଖିରେ କ'ଣ ତୁମର ପୁଅ ନାହିଁ କି ?

ଭାରି ରାଗ ହେଲା ତା କଥା ଶୁଣି । ଯାଙ୍କ ଘରେ ଗୋଟିକଠଉ ସମସ୍ତେ ଏମିତି ଅଭଦ୍ର ନା କଅଣ ? କହିଲି, ମୁଁ ତ ଜାଣି ନାହିଁ ।

ଜାଣି ନା ? ଅଜଣା ହୋଇ ଆସିଛ ଏଠିକି ? ଗାଧୋଇ ସାରିଲେ ଶୁଖିଲା ଲୁଗା ଦବା କି ପୂଜା ପାଇଁ ଠା କରିଦେବା, ଏକଥା ପୁଣି କିଏ ଶିଖେଇଦବ ମ ! କ'ଣ ଛୁଆ ନା ପିଲା ? ଆସ ବାହାରି-

ସେ ଚାଲିଗଲା । ଦି'ଦିନ ହେଲା ମୁଁ ଏଠିକି ଆସିଚି, କିନ୍ତୁ କ'ଣ କରିବି ? ପଦାକୁ ଆସିଲି । ଖଣ୍ଡେ ପକ୍କା ଦୁଆର ଛାଡ଼ି ଆରପଟେ ଠାକୁରଘର । ଓଦାଲୁଗା ପିନ୍ଧି ସେଠି ଯିଏ ଠିଆ ହୋଇଥିଲେ, ସେ ବୁଢ଼ୀ, କିନ୍ତୁ ଏତେ ବୟସର କୌଣସି ଲକ୍ଷଣ ତାଙ୍କ ଦିହରେ ନ ଥିଲା । ପିଞ୍ଛି ପରି ଲମ୍ବା ପତଳା ଦିହ, ସୁନା ପରି ଦୂରରୁ ଝଟକୁଚି । ବୁଦ୍ଧି ଆଉ ଦୃଢ଼ତାରେ ମୁହଁଟି ସମୁଜ୍ଜ୍ୱଳ । ଏଇ ମୋ ଶାଶୁ ।

ଘର ଭିତରୁ ଶୁଖିଲା ଲୁଗା ଆଣି ଦେଲି ତାଙ୍କୁ । ସେ ପୋଇଲୀଟା ସେତେବେଳେ ଦୁଆର ମଝିରେ ଠିଆହୋଇ ଆପଣା ମନକୁ ସମସ୍ତଙ୍କୁ ଶୁଣାଇ ଶୁଣାଇ କହୁଥାଏ- ମୋର ଛୁଇଁବା କଥା ନୁହେଁ ବୋଲି ସିନା, ନଇଲେ ପରଙ୍କୁ ଏତେ ଖୋସାମତ କିଆଁ ପଡ଼ନ୍ତା ? ଦଣ୍ଡକେ ସବୁ ସଜ କରି ଥୋଇଦିଅନ୍ତି ପରା ।

ଶାଶୁ ଲୁଗା ପାଲଟିଲେ । ମତେ ତୁନି ତୁନି କହିଲେ, ଦେଖୁଚୁ ତ କେମିତି ଏକୁଟିଆ ଘର, ଏତେ ଲାଜ କଲେ ଚଳିବ କୋଉଠୁ, ଝିଅ ?

ସେ ଠାକୁରଘର ଭିତରକୁ ଯାଇ କବାଟ ଲଗାଇଦେଲେ । ଠାକୁରଘର ଦୁଆରମୁହଁ ପାଖରେ ଗୋଟିଏ ପିଲା କେତେବେଳୁ ଖୁ କୁ ଆଉଜି ଠିଆ ହୋଇଥିଲା । ମତେ ଦେଖି ପାଖକୁ ଆସିଲା, କାନିଧରି ହସି ହସି କହିଲା- ନୂଆ ମା ! କାଖ କରି ମୁଁ ତାକୁ ମୋରି ଘରକୁ ନେଇଆସିଲି । ଘର ଭିତରେ ଆଉ କେହି ନ ଥିଲେ ସେତେବେଳେ । ତୁନି ତୁନି ପଚାରିଲି- ତୋ ନାଁ କ'ଣ କି ?

ନଟ ପରା ! ସେ କହିଲା ।

ପଚାରିଲି- ହଇରେ ନଟ, ମତେ ତୁ ଚିହ୍ନିଲୁ କେମିତି ?

ବାଃରେ, ଆମ ଧାଇମା ପରା କହୁଥିଲା, କୋଉଦିନ କେଜାଣି, କେତେଦିନ ହୋଇଗଲାଣି, ତୋର ନୂଆ ମା ଆସିବ । ବାପା ଯିବେ କେତେ ବାଜା ବଜାଇ ତାକୁ ଆଣିବାକୁ ।

ଧାଇମା କିଏ ?

ମଲା ତୁ ଜାଣିନଉଁ ନା ? ସିଏ ସଉରଭୀ ପରା । ଏଇକ୍ଷଣି ଯେ ଦୁଆରେ ଠିଆ ହୋଇଥିଲା, ତୁ ଆସିଲାବେଳେ ।

ବୋଧହୁଏ ସେଇ ପୋଇଲିଟା ।

ପଚାରିଲି- ହଇରେ ଧାଈମା ଏଠି କି କାମ କରେ ?

ମତେ ଦୁଧ ପେଇଦିଏ, ଦାଣ୍ଡକୁ ବୁଲେଇନିଏ । ଆଗେ ତାରି ପାଖରେ ଶୋଉଥିଲି, ଏବେ ମା ପାଖରେ ଶୁଏ ଭଉତୁ ଦିନ ହେଲା ।

ପଚାରିଲି- ଧାଇମା ତତେ ମାରେ, ହଇରେ ?

ଖୁ-ଉ-ଉବ୍ । ଦୁଧ ନ ପିଇଲେ, ଅମାନିଆ ହେଲେ ଗୋଟାଏ ବାଡ଼ି ଧରି ଏମିତି ପିଟିପକାଏ ଖାଲି ।

ବାପା କିଛି କୁହନ୍ତି ନାଇଁ ତାକୁ ?

ନାଇଁ, ଖାଲି ହସିଦେଇ ଦାଣ୍ଡକୁ ଚାଲିଯାନ୍ତି । ତାପରେ ଦଣ୍ଡେ କ'ଣ ଭାବି କହିଲା- ବାପାଙ୍କୁ ସେ ଓଷଦ କରିଚି କୁଆଡ଼େ ।

ଆଉ, ମା ? ମୁଁ ପଚାରିଲି । ସେ କିଛି କୁହନ୍ତି ନାଇଁ ଧାଇମା ତତେ ମାରିଲେ ? ସେ କହିଲା, ସେ ତ ସବୁବେଳେ ଖାଲି ଠାକୁରଘରେ ପଶିଥାଏ । ଏ ଖଞ୍ଜାକୁ ଜମା ଆସେ କି ?

ଆଖି ଦି'ଟା ମୋର ଲୁହରେ ପୁରି ଉଠିଥିଲା ତା କଥା ଶୁଣି ଶୁଣି । ମା-ମଲା ଏଇ ଅରକ୍ଷ ଅଶରଣ ପିଲାଟି; କାହାରି ତ ଟିକେ ହେଲେ ନୋଭ ନାହିଁ ଯା ପ୍ରତି ! ଦୁଇ ହାତରେ ତାକୁ ଛାତି ଉପରେ ଭିଡ଼ିଧରି ମନେ ମନେ କହିଲି, କେହି ନ ଥିଲେ ତୋର ମୁଁ ତ ଅଛି ।

ଜମିଦାର ଘର । ବେଶୀ କେହି ଲୋକ ନ ଥିଲେ ବି ଅମଲା ଚାକରଙ୍କ ଗୋଳମାଳ ଭାଙ୍ଗୁ ଭାଙ୍ଗୁ ରାତି ଅନେକ ହୋଇଯାଏ । ଆଜି ପୁଣି ସହଜେ ସେ ଘରେ ନାହାନ୍ତି । ରାତି ଦି' ପହରଯାଏ ଖଞ୍ଜାରେ ଗହଳ ଚହଳ ଲାଗିଲା । ଅନେକ ରାତିରେ ଗୋଟି ଗୋଟି ହୋଇ ସମସ୍ତେ ଘରକୁ ଗଲେ । ଘର ଭିତରେ ଖଣ୍ଡେ ସପ ପକାଇ ଶୋଇବାକୁ ଯାଉଛି, ନଟ ଆସି ଡାକିଲା- ନୂଆ ମା, ଶୋଇଲୁଣି ? ମୁଁ ତୋ ପାଖରେ ଶୋଇବି ।

ପିଲାଟା, ଏତେବେଳଯାଏ ତାକୁ ନିଦ ନାହିଁ, ଖାଲି ମୋ'ରି ପାଖରେ ଶୋଇବ ବୋଲି । ଏଡ଼େ ସ୍ନେହରଙ୍କ ବିଚାରି । କୋଳକୁ ଟାଣିନେଇ କହିଲି- ଆ ଲୋ, ଶୋଇବୁ ମୋ ପାଖରେ । ମା ପାଖରେ ଶୋଇଲୁ ନାହିଁ କି ଆଜି ? ସେ କହିଲା, ମାଆକୁ କହିଲି ନୂଆ ମା ପାଖରେ ଶୋଇବି ଯାଉଚି । ସେ କ'ଣ କହିଲେ ? ପଚାରିଲି ।

କହିଲା, ହଉ ଯା ।

ସଉତୁଣୀ-ପୁଅ ସେ ମୋର; କିନ୍ତୁ ଏଡ଼େ ସ୍ନେହ ତାହା ପାଇଁ ଏ ପୋଡ଼ା ଛାତି ଭିତରେ କୋଉଠି ଥିଲା କେଜାଣି ?

ବାହାରେ ସଉରଭୀ ପାଟି ଶୁଭିଲା- ନଟ, ଆ ଶୋଇବୁ ।

ବିକଳରେ ମୋ ବେକକୁ ବେଢ଼ାଇଧରି ନଟ କହିଲା- ନୂଆ ମା । କହିଦେ ତାକୁ, ମୁଁ ଏଇଠି ଶୋଇବି; ତୋ ପାଖରେ ।

ସଉରଭୀ ପୁଣି ଆସି ଡାକିଲା- ନଟ, ଆ, ମା ଡାକୁଛନ୍ତି ।

ସେ କହିଲା- ମୁଁ ମାଆକୁ କହି ଆସିଚି, ଏଇଠି ଶୋଇବି ।

ଆ, ତେବେ ମୋ ପାଖରେ ଶୋଇବୁ ।

ଆଉ ମୁହଁ ବୁଜି ରହିପାରିଲି ନାହିଁ । କହିଲି- ପିଲାଟା କହୁଚି, ସେ ଏଇଠି ଶୋଉ ଆଜିକ ।

ମୋ ଆଡ଼କୁ ଆଖି ତରାଟି ଚାହିଁ ସେ କହିଲା- ଚାଖଣ୍ଡେ ବୋଲି ପିଲା, ତାର ପୁଣି ଗୋଟାଏ ଆଇନି । ଆ, ଶୋଇବୁ ମୋ ପାଖରେ କହୁଚି । ଡରରେ ପିଲାଟା କାଠ ପିତୁଳା ପରି ସେମିତି ପଡ଼ିଥାଏ । ତାକୁ ଜୋରରେ ମୋ ପାଖରୁ ଝିଙ୍କିନେଇ ସଉରଭୀ କହିଲା- ଚାଲ, ସଇତାନ ଟୋକା, ମାରି ମାରି ହାଡ଼ ଚୂନା କରିଦେବି ଯେ ।

ଲୁହ ଢଳଢଳ ଆଖିରେ ନଟ ଚାଲିଗଲା ତା' ସଙ୍ଗେ, ମୋ ଆଡ଼କୁ ଚାହିଁ ଚାହିଁ । ମନେ ହେଲା, ମୋ ଦିହରୁ ଖଣ୍ଡେଯେମିତି କିଏ କାଟିନେଲା । ସପଟା ସେଇ ଘରେ ଫୋପାଡ଼ିଦେଇ ବାହାର ପିଣ୍ଡାରେ ଆସି ବସିଲି ।

ତହିଁଆରଦିନ ସକାଳୁ ମୋ ସ୍ୱାମୀ ଘରକୁ ଫେରିଲେ । ଘରୁ ବାହାର ଯାଏ ଚାକର ପୋଇଲୀଙ୍କର ଧାଁ ଦଉଡ଼ ପଡ଼ିଗଲା । ଭାବିଲି, ମୋର ବି କାଳ ଆସିଲା ।

ଆଗ ରାତିର ଘଟନାଯାକ ମନେପଡ଼ି ଦିହଟା କେମିତି ଶୀତେଇ ଉଠିଲା । ମନରୁ ଜୋର୍‌କରି ସେ ଭାବ ତଡ଼ିଦେବାକୁ ଚେଷ୍ଟାକଲି । ଭାବିଲି, ଯେତେ ଖରାପ ହେଲେ ସେ ତ ପୁଣି ମଣିଷ । ସେ କ'ଣ ବୁଝିବେ ନାହିଁ ମୋ କଥା ?

ଭିତର ଖଞ୍ଜାରେ ତାଙ୍କ ପାଟି ଶୁଭିଲା । ମୋର ସାମନା ଘରେ ତାଙ୍କର ଲୁଗାପଟା ଥାଏ । ଖୋଲା କବାଟବାଟେ ଯାହା ଦେଖିଲି, ମନ ମୋର ଘୃଣାରେ ପୂରିଉଠିଲା । ଖଟ ଉପରେ ସ୍ୱାମୀ ବସିଛନ୍ତି, ସଉରଭୀ ପାଖରେ ଠିଆହୋଇ ତାଙ୍କ ଜାମାର ବୋତାମ ଫିଟଉଚି । ଦୁହେଁଯାକ ହସି ହସି କ'ଣ କଥାବା

ହଉଛନ୍ତି । ମୋତେ ଦେଖି କବାଟଟା ଆଉଜେଇଦେଲେ ।

ଭାବିଲି, ଅପମାନ ଷୋଳ ଅଣା ପୂର୍ଣ୍ଣ ହେବାକୁ ଆଉ କେତେ ବାକି ଅଛି ?

ଘର ଭିତରେ କାନ୍ଥକୁ ଆଉଜି ବସିଚି, ଗୋଟାଏ ପୋଇଲୀ ତାଟିଆଏ ଦୁଧ ମୋ ପାଖରେ ଥୋଇଦେଇ କହିଲା- ବୋହୂ ସାନ୍ତାଣୀ, ସଉରଭୀ ଧାଈମା କହିଲେ, ନଟବାବୁଙ୍କୁ ଦୁଧ ପେଇଦିଅ ।

ନ ଶୁଣିଲା ପରି କହିଲି, କିଏ କହିଲା ?

ସଉରଭୀ ଧାଈମା ।

ମନ ହଉଥାଏ ଗୋଇଠା ମାରି ତାଟିଆ ଫାଟିଆ ଫୋପାଡ଼ି ଦେବାକୁ । ରାଗ ଚପେଇ ରଖି କହିଲି-ମୁଁ ପାରିବି ନାଇଁ, ସେଇଆକୁ ଡାକିଦିଅ । ସେ ଚାଲିଗଲା । ଦଣ୍ଡକ ପରେ ଆର ଘରୁ ସ୍ୱାମୀଙ୍କର ପାଟି ଶୁଭିଲା, ନ ପାରିବ ଯଦି ଏଠିକି ଆସିଚ କ'ଣ ସାନ୍ତାଣୀ ହବାକୁ ? ନଟ, ଯା ସେ ଘରକୁ ।

ମୋ ଘର କବାଟଟା ଧଡ଼୍‌କରି ଫିଟାଇଦେଇ ସଉରଭୀ ନଟକୁ ଟାଣି ଟାଣି ଆଣି ସେ ଘରେ ଛାଡ଼ିଦେଲା । ମତେ ଚାହିଁ ମୁହଁ ବୁଲେଇ ଟିକେ ହସିଦେଇ ଚାଲିଗଲା । ନଟ ଆସି ମୋ କୋଳ ପାଖରେ ବସି ଡାକିଲା- ନୂଆମା, ଭୋକକଲାଣି ମ । ସବୁ ଅପମାନ, ସବୁ ବିରକ୍ତି କୁଆଡ଼େ ପାଣି ପରି ହୋଇଗଲା ସେ କଥା ପଦକରେ । ଦୁଧବାଟି ପାଖକୁ ଆଣି କହିଲି-ଆ, ପେଇଦିଏ ।

× × ×

ଦି'ପହରଟାଯାକ ଏକରକମ ବୈଚିତ୍ର୍ୟହୀନ ହୋଇ କଟିଗଲା ଖାଲି ଶୋଇ ଶୋଇ । ନିଦ ଜମା ମତେ ମାଡୁ ନଥାଏ, କିନ୍ତୁ ନ ଶୋଇଲେ କାଳେ ରାତିରେ ନିଦ ହୋଇଯିବ । ସେ ଯଦି ସେଦିନ ପରି ଅତ୍ୟାଚାର କରନ୍ତି ଶୋଇଥିଲାବେଳେ, ଏଇ ଭୟରେ ବିଛଣାରେ ଖାଲି ପଡ଼ିରହିଲି ଆଖିବୁଜି ।

ଉଠିଲାବେଳକୁ ସଞ୍ଜବତୀ ଲାଗିଯାଇଥିଲା । ଦିନ ଆଉ ନ ଥିଲେ ବି ଉଠିବାକୁ ମନ ହେଲା ନାହିଁ । ସେମିତି ସେଇ ଅନ୍ଧାର ଘର ଭିତରଟାରେ ପଡ଼ି ପଡ଼ି ଆଜି ରାତି ପାଇଁ ମନରେ ସାହସ ବାନ୍ଧିବାକୁ ଚେଷ୍ଟା କଲି ।

ମୋ ସ୍ୱାମୀ ଘରକୁ ଆସିଛନ୍ତି ବୋଲି ସେଦିନ ସମସ୍ତଙ୍କର ଖିଆପିଆ ସହଳ ସହଳ ବଢ଼ିଯାଇଥିଲା । ଖଞ୍ଜାରୁ ଲୋକଙ୍କ ଗହଳ କମିଆସିଲା । ଭାବିଲି- ହେ ଭଗବାନ୍, ନଟ କାଲି ପରି ଆଜି ମୋ ପାଖକୁ ଶୋଇବାକୁ ଆସନ୍ତା ଯଦି । କିନ୍ତୁ ନଟ ତ ଆସିଲା ନାଇଁ, ଆସିଲା ଜଣେ ପୋଇଲୀ, ଗୋଟାଏ ଦୀପ ଧରି । ଟିକିଏ ଗଳାଖଙ୍କାର ମାରି, ଟିକେ ହସି ତୁନି ତୁନି କରି କହିଲା- ବୋହୂ ସାନ୍ତାଣୀ, ଆସ ସେ ଘରକୁ, ସାଆନ୍ତ ଡାକୁଛନ୍ତି ।

ଖଟ ଉପରେ ଦୁଆରମୁହଁ ଆଡ଼କୁ ପଛକରି ସେ ଶୋଇଥିଲେ ବୋଧହୁଏ ଚାହିଁକରି । ପାଦଶବ୍ଦ ଶୁଣି ଫେରି ଚାହିଁଲେ । କହିଲେ- ଆ ଏଠିକି । ସବୁ କାମରେ ଏମିତି ପ୍ରତିବାଦ କରିବାକୁ ମୋର ଇଚ୍ଛା ବା ଆଗ୍ରହ ନ ଥିଲା । ଖଟ ପାଖରେ ଯାଇ ଠିଆହେଲି । ସେ ଉଠିଆସି ଖଟ ଉପରେ ମତେ ଶୁଆଇଦେଲେ । ତା ପରେ ନିଜେ ଆସି ମୋ ପାଖରେ ଶୋଇଲେ, ଏତେ ପାଖରେ ଯେ ତାଙ୍କ ନିଶ୍ୱାସତାତି ଆସି ମୋ ଦିହରେ ଲାଗୁଥାଏ । ମନେହେଲା କହିବାକୁ, ଏତେ ଲଗାଲଗି ହୋଇ ନ ଶୋଇଲେ ସାମୀ-ସ୍ତ୍ରୀ ବୋଲି କେହି କହିବେ ନାଇଁ ନା କ'ଣ ? ଭାବିଲି, ଆଜି ସବୁ ସହିଯିବି, ଯେତେ ସେ ବିରକ୍ତ କରନ୍ତୁ ।

ଦଣ୍ଡେ ଗଲା ।

ସେ କହିଲେ, ଓହୋ ସେହିପରି ମୋ ସାଙ୍ଗ ଆଜି ଆଉ ଯୁଦ୍ଧ ଲଗାନା ବାବୁ । ଟଣାଓଟରା, ଝିଙ୍କାଝିଙ୍କି । ମୁଁ ଏମିତି ବାଘ ନା ସାପ ଯେ ପାଖକୁ ଆସିଲେ ଗିଳିଦେବି ?

ସେ ଆସ୍ତେ ଆସ୍ତେ ମୋ ପିଠିରେ ହାତ ଦେଇ ପାଖକୁ ତାଙ୍କର ଭିଡ଼ିନେଲେ । କିଛି କହୁ ନ ଥାଏ । କହିଲେ, ଆଜି ଭଲ ପିଲାଟି ପରି ତୁନିହୋଇ ଶୋ । ସେମିତି

ଗୋଡ଼ହାତ ଛାଟି ମତେ ଆଉ ବିରକ୍ତ କରନା ।

ଏଥର ସେ ମତେ ଏତେ ପାଖକୁ ଭିଡ଼ିନେଲେ ଯେ ମୁଁ ଏକରକମ ତାଙ୍କ ଛାତି ଉପରେ ଆଉଜିପଡ଼ିଲି । ବିରକ୍ତିରେ ମୋର ଲାଜସରମ ସବୁ କୁଆଡ଼େ ପାଶୋରି ଗଲା । ଯୋରକରି ଉଠିବସି ଦୃଢ଼ ସ୍ୱରରେ କହିଲି- ଓଃ, ଇଏ କ'ଣ ହଉଚି ?

ଏତକ କହିଦେଇ ତାଙ୍କ ଆଡ଼ୁ ଗୋଟାଏ ଆସନ୍ନ ବଜ୍ରପାତର ଆଶଙ୍କାରେ ସ୍ତବ୍ଧ ହୋଇ ରହିଲି । କିନ୍ତୁ ସେ ଶାନ୍ତ କଣ୍ଠରେ କହିଲେ- ହଉ ହଉ, ମୁଁ ତତେ କିଛି କହୁନାଇଁ, ଏଇକ୍ଷଣି ତୁ ଶୋ । ପିଲାଲୋକ, ଏତେଦିନଯାକେ କିଛି ବୁଝିନଉଁ, ଜାଣିନଉଁ; ସେଥିଲାଗି ଏସବୁ ତତେ ବିଷ ପରି ଲାଗୁଚି । ମୁଁ ବି ସେଥିଲାଗି ତୋତେ ଜୋର କରୁ ନାଇଁ । ତେବେ, କେତେ ଦିନ ଆଉ ଏମିତି ନ ଜାଣିଲା ପରି ରହିବୁ ? ସ୍ୱାମୀ କି ଜିନିଷ ବୁଝିଥିଲେ ତୁ ଏମିତି ହୁଅନ୍ତୁ ନାହିଁ । ଆମ ହିନ୍ଦୁଘରେ ସ୍ୱାମୀ ହଉଛନ୍ତି ସ୍ତ୍ରୀର...

ବାଧା ଦେଇ କହିଲି, ମୁଁ ଜାଣେ ।

ସେ ହସିଲେ । କହିଲେ, ନା, ନା, କିଛି ଜାଣି ନାହୁ । ଶାସ୍ତ୍ରରେ ଅଛି, ଇହ ପରକାଳରେ ସ୍ୱାମୀ ଛଡ଼ା ସ୍ତ୍ରୀର ଅନ୍ୟ ଗତି ନାହିଁ ।

ମୁଁ ପାଟି ଫିଟାଇଲି ନାଇଁ ।

ସେ ସେମିତି କହିଯିବାକୁ ଲାଗିଲେ- ଯେତେହେଲେ ତୁ ପିଲା, ସେଥିପାଇଁ ମୁଁ ତତେ କିଛି କହୁନାଇଁ, ବୁଝିଲୁ ? ତା ବୋଲି ସବୁବେଳେ ଯଦି ଏମିତି ହଉ, ମୁଁ ସତରେ ଯଦି ଚିଡ଼ିଯାଏ ତୋ ଉପରେ, ତେବେ ଦଶାଟା କ'ଣ ହବ, ଜାଣିଚୁଟିକି ?

କହିଲି, କ'ଣ ?

ତତେ ଖାଇବାକୁ ଦେବି ନାହିଁ, ମୋ ପାଖରେ ଖଟ ଉପରେ ଏମିତି ଶୋଇବାକୁ ଦେବି ନାଇଁ । ଘରେ ସମସ୍ତେ ଖାଇସାରିଲା ପରେ ଅଇଁଠା ସଙ୍ଖୁଡ଼ି

ଗଣ୍ଡାଏ ଖାଇ ପୋଇଲୀଙ୍କ ପରି ପଡ଼ିରହିବୁ ଏଠି । କେହି ପଚାରିବେ ନାହିଁ ।

ସେ ମୋ ମୁହଁ ପାଖକୁ ମୁହଁ ଆଣି ମତେ ଟିକେ ଆଦର କରିବାକୁ ଚେଷ୍ଟା କଲେ ।

ମୁଁ ଅନ୍ୟ ଆଡ଼କୁ ମୁହଁ ଫେରାଇ ପଚାରିଲି- ଏତିକି ?

ସେ କହିଲେ- ମୋର ତୋ ଉପରେ ଯେତେବେଳେ ଷୋଳପଣ ଅଧିକାର, ମୁଁ ତତେ ଯାହା ଇଚ୍ଛା କରିପାରେ । ସେଥିରେ ମତେ କେହି ପାଟି ଫିଟାଇପାରିବେ ନାହିଁ, ତା ତ ଜାଣୁ ?

ଏଇ ଭାତ ଗଣ୍ଡାକ ଲୋଭରେ ମୁଁ ଏଠିକି ଆସିଚି ପରା । ବଡ଼ଲୋକଙ୍କ ପାଖରେ ଖାଲି ଟିକେ ଶୋଇବା ଲାଗି ? କଣ୍ଠ ରୁଦ୍ଧହୋଇ ଆସୁଥିଲା ମୋର ବେଦନାରେ ।

ସେ ପୁଣି କହିଲେ- ଖାଲି ସେତିକି ମନେକରିଛୁ ପରା । ଇଚ୍ଛାକଲେ ଆଜି ତତେ ଘରୁ ତଡ଼ିଦେଇ ଆଉ ଗୋଟାଏ ବାହା ହୋଇପାରେ । ତୁ ଯେମିତି ହଉଚୁ ମୁଁ ଯଦି ସତରେ ସେଇଆ କରିବି, ତେବେ ଦଶାଟା ତୋର କ'ଣ ହବ, ଥରେ ଭାବୁଚୁଟିକି ? ସଉତୁଣୀ ତୋର ରାଣୀ ହୋଇ ବସିବ ଖଟପଲଙ୍କ ଉପରେ, ଆଉ ତୁ ପୋଇଲୀଙ୍କ ପରି ପିଣ୍ଡାରେ ପଡ଼ିଥିବୁ ଉଠୁଣୁ ବସୁଣୁ ମାଡ଼ ଗାଳି ଖାଇ ।

କହିଲି- ଆମ ଘରକୁ ଚାଲିଯିବି ।

ସେ ହସିଲେ । କହିଲେ, ଚାଲିଗଲେ ସେଠିକି ଅଧିକ ବେଶୀ ଗଞ୍ଜଣା । ବାପଘରେ କେହି ତ ପଚାରିବେ ନାହିଁ । ଉଠୁଣୁ ବସୁଣୁ ସମସ୍ତେ ଦୂର୍ ଦୂର୍ ମାର୍ ମାର୍ କରିବେ । ସେଠୁ ତୋ ବାପ ଦିନେ ଜୋର୍‌କରି ତତେ ଆଣି ଏଠି ଛାଡ଼ି ଦେଇଯିବ ନିନ୍ଦା ଶୁଣି । ଦିହଯାକ ଯେମିତି ଛୁ୍ . ପୋଡ଼ିହୋଇ ଯାଉଥାଏ କଥା ଶୁଣି । କହିଲି- ମୁଁ କୁଆଡ଼େ ଚାଲିଯିବି ।

ଚାଲିଗଲେ ବି କୁଆଡ଼େ, କ'ଣ ରକ୍ଷା ପାଇବୁ ପରା ଭାବୁଚୁ ? ଆଉଥରେ ବାହାହୋଇ ପାରିବୁ ନାହିଁ ଯେ ସୁଖରେ ରହିବୁ । ତେବେ ରୂପ ଯୌବନ ଥିଲେ ଅବା ମୁଠାଏ କୋଉଠି ଖାଇବାକୁ ମିଳିପାରେ ।

କି ଅଭଦ୍ର ଇତର କଥା । ଏ କଥା ଏ ମୁହଁରେ ଧରିପାରିଲେ କେମିତି, ନିଜ ସ୍ତ୍ରୀ ବିଷୟରେ ପୁଣି ? ଘୃଣା ଆଉ ବିରକ୍ତିରେ ସ୍ତବ୍‌ଧହୋଇ ପଡ଼ିରହିଲି ସେମିତି । ସେ ପୁଣି ମୋ ହାତକୁ ଧରି କହିଲେ ଭଲ ପିଲା ପରି, ସେ ବୁଦ୍ଧି ଛାଡ଼ । କହୁ କହୁ ସେ ଦୁଇ ହାତରେ ମତେ ଜୋର୍‌ରେ କୁଣ୍ଢାଇ ଧରି ଚୁମ୍ବନ କଲେ... ମଣିଷର ସହିବାର ତ ଗୋଟାଏ ସୀମା ଅଛି । ଆଉ ଚୁପ୍‌ହୋଇ ରହିପାରିଲି ନାହିଁ । ପ୍ରାଣପଣେ ନିଜକୁ ମୁକ୍ତ କରିବାକୁ ଚେଷ୍ଟାକରି କହିଲି- ମତେ ଛାଡ଼, ନଇଲେ ପାଟି କରିବି ଏଇକ୍ଷଣି ।

ତାଙ୍କ ଛାତି ଉପରେ ମତେ ସେମିତି ଭିଡ଼ିଧରି କହିଲେ- କିଏ ଶୁଣିବ ଏଠି ହଜାରେ ପାଟି କଲେ ? ଓଲଟି ସକାଳେ ସମସ୍ତେ ଗାଳିଦେବେ, ଥଟ୍ଟା କରିବେ ।

ତାଙ୍କ ମୁହଁ କ୍ରମେ ମୋ ମୁହଁ ପାଖକୁ ଲାଗିଆସିଲା । ଆଉ ପାରିଲି ନାହିଁ । ଖୁବ୍ ଜୋର୍‌ରେ ତାଙ୍କ ହାତକୁ ଫୋପାଡ଼ିଦେଇ ବାହାରକୁ ପଳାଇ ଆସିଲି । ପିଣ୍ଡା ତଳେ ଗୋଟାଏ ପକ୍‌କା କୂଅ ଥିଲା । ତାଙ୍କୁ ମୋ ପଛରେ ଆସିବାର ଦେଖି ମୁଁ କୂଅ ଉପରେ ଠିଆହୋଇ କହିଲି- ମୋ ସାଙ୍ଗେ ପୁଣି ସେମିତି ଲଗାଇଲେ ମୁଁ କୂଅକୁ ଡେଇଁପଡ଼ିବି ଜାଣିଥା ।

ଭୟରେ ସେ ଆଉ ପିଣ୍ଡା ତଳକୁ ଓହ୍ଲାଇଲେ ନାହିଁ; କିନ୍ତୁ ସେଇଠୁ ରାଗରେ ଗର୍ଜିଉଠି କହିଲେ- ଆଚ୍ଛା ରହ, ତତେ ଦେଖୁଚି । ତା' ପରେ ଘର ଭିତରକୁ ଯାଇ ଦୁଲ୍ କରି କବାଟ ଲଗାଇଦେଲେ ।

ବାଡ଼ିପଟ ତୋଟାଗହଳ ଭିତରେ ଅନ୍ଧାର କାନପାରି ସବୁ ଶୁଣୁଥାଏ, ଆଉ ଭୟରେ ଦେହ ମୋର ଥରି ଉଠୁଥାଏ । ପତର ଫାଙ୍କରେ ସର ସର ହୋଇ ମୁଣ୍ଡ

ଉପରେ ଗୋଟାଏ ପେଚା ବିକଟ ଶବ୍ଦ କରି ଉଡ଼ିଗଲା । ସେଇଠି ସେମିତି କାଠପିତୁଳା ପରି ଠିଆହୋଇ ଭାବିଲି, ନା, ଏ ଜନ୍ମରେ ୟାଙ୍କ ସାଙ୍ଗରେ ମୋର ପଡ଼ିବାର ନୁହେଁ । ଚେଷ୍ଟା କରିବା ବୃଥା ।

ଶୀତ ଆସିଲା, ପାହାନ୍ତା ଆଲୁଅର ଧୂପଛାୟା ଉପରେ କୁହୁଡ଼ି କନ୍ଥା ଘୋଡ଼ିହୋଇ । ବିଲ ଅପନ୍ତରା ଭିତରେ କେତେଆଡ଼େ କେତେ ବାଟ ଫିଟି ଯାଇଥିଲା ତା'ର ଆସିବା ଲାଗି । ଧାନସବୁ ପାଚି ଆସିଥିଲା ଅନେକଠେଇଁ, ତା'ରି କଡ଼ା ବାସନା ଚାରିଆଡ଼େ ଘୋଟି ଯାଇଥିଲା ଯେମିତି । ଚାରି ପା ଦିନ ହୋଇଗଲାଣି ୟା ଭିତରେ ସେହିଦିନୁ ସ୍ୱାମୀ ମତେ ପାଟି ଫିଟାଇ ନାହାନ୍ତି । ସଉରଭୀକି ନେଇ ଆଜିକାଲି ତାଙ୍କର ବେଶୀ କଥାବା ।, ଇଚ୍ଛା କରି, ମତେ ଦେଖାଇ ଦେଖାଇ । ଏ ଘର ଭିତରେ ମୁଁ ଯେ ଅଛି, ଏ କଥା ସେ ଯେପରି ଭୁଲି ଯାଇଛନ୍ତି । ମୁଁ ମଧ ଖୁବ୍ ସାବଧାନରେ ରହିଚି । ରାତିରେ ନଟକୁ ନେଇ ମୁଁ ଆଉ ଗୋଟିଏ ଘରେ ଶୁଏ । ଖାଇସାରି ମତେ ବି ଆଉ କେହି ଡାକିବାକୁ ଆସନ୍ତି ନାଇଁ ସ୍ୱାମୀଙ୍କ ଘରକୁ ଯିବାକୁ । ତଥାପି ଭୟ ଥାଏ, କାଳେ ଆସିବେ ସେ ଏ ଘରକୁ । ପ୍ରତିଦିନ ସେଥିଲାଗି ଭିତରୁ କବାଟ କିଳି ଦେଇଥାଏ ଶୋଇବା ଆଗରୁ । ରାତିରେ ଦିନେ ଦିନେ ନିଦ ଭାଙ୍ଗିଗଲେ ଶୁଣେ, ସ୍ୱାମୀଙ୍କ ସଙ୍ଗେ ସେଇ ପୋଇଲୀଟାର କଣ୍ଠ ଶୁଭୁଚି । କଥାଗୁଡ଼ାକ ବାଟୁଳି ପରି କାନରେ ଆସି ବାଜେ । ଭାବେ, ସମସ୍ତଙ୍କୁ ଯାଇ ଉଠେଇଦିଏ, ଦେଖନ୍ତୁ । ପୁଣି ମନେକରେ, କରନ୍ତୁ ସେ ଯାହା ତାଙ୍କର ଖୁସି, ମୋର ସେଥିରେ କଅଣ ଅଛି ?

ସକାଳ ଓଳିଟା ମୋର ଶାଶୁଙ୍କ ସେବାରେ କଟିଯାଏ । ଦିନେ ପାହାନ୍ତାରୁ ଗାଧୋଇଆସି ଠାକୁରଙ୍କ ଘରେ ଚନ୍ଦନ ଘୋରୁଚି, ଶାଶୁ ଆସି କହିଲେ- ମା ! ଭଣ୍ଡାରଘର ଚାବିଟା ତୋ ପାଖରେ ରଖ, ଦବା ନବାକୁ ମତେ ଅଡୁଆ ହଉଚି ।

ଆସ୍ତେ ଆସ୍ତେ କହିଲି, ମୁଁ କ'ଣ ପାରିବି ?

ସେ ସବୁଦିନ ଅଳ୍ପ କଥା କହନ୍ତି । କହିଲେ, ନଇଲେ କିଏ ଆଉ କରିବ ? ଠାକୁରପୂଜାରେ ତ ମତେ ଦଣ୍ଡେ ଫୁରୁସତ୍ ନାହିଁ । ସେ ଚାବି ମୁଁ ଆଉ କାହାକୁ ଦେଇପାରିବି ନାହିଁ ତୋ ଛଡ଼ା ।

ମନ ହଉ ନ ଥାଏ; କଥା ଭାଙ୍ଗି ନ ପାରି ତାଙ୍କଠଉଁ ଚାବି ନେଲି । ସେଇଦିନୁ ମୋର ଆଉ ଗୋଟାଏ କାମ ବଢ଼ିଗଲା । ଭାବିଲି, ଯେତେ ଏମିତି କାମ ଭିତରେ ନିଜକୁ ଭୁଲାଇ ରଖିବି, ସେତେ ଭଲ । ଚ ଳ ଆଉ ସବୁ କାମ ବଢ଼େଇଦେଇ ଚାବି ନେଇ ଭଣ୍ଡାରଘର ଫିଟେଇଲି । ସଉରଭୀ ଦୁଆରେ ଠିଆ ହୋଇଥିଲା । ମତେ ଦେଖି ମନକୁ ବକର ବକର ହୋଇ ସେଠାରୁ ଚାଲିଗଲା ।

ଖୁବ୍ ବଡ଼ ଘରଟାଏ ସେଟା; କିନ୍ତୁ ତିଳ ପକାଇବାକୁ ଜାଗା ନାହିଁ, ଭିତରେ ଏତେ ଜିନିଷ । କୋଉଠି କ'ଣ ଥୁଆ ହୋଇଚି ଖାଲି ଚାହିଁଯିବାକୁ ମତେ ଘଡ଼ିଏ ଲାଗିଲା । ସବୁ ଜିନିଷ ତଳକୁ କାଢ଼ି ଆଉ ଥରେ ସଜାଡ଼ି ବସୁଚି, ଚମ୍ପାମା ପୋଇଲୀ ଆସି କହିଲା- ବୋହୂ ସାନ୍ତାଣୀ ! ଭିତରକୁ ଜିନିଷ ଦିଅ । ବାମ୍ଭୁଣ ଠିଆ ହୋଇଚି କେତେବେଳୁ ।

ଏଇ କେତେ ଦିନ ଦେଖିଶୁଣି ଯାହା ମନେ ଥିଲା ସବୁ, ବରଂ ବେଶୀ କରି, ଗୋଟାଏ ଡାଲାରେ ସଜକରି ଚମ୍ପାମା ହାତରେ ଭିତର ଘରକୁ ପଠାଇଦେଇ ପୁଣି ସଜାଡ଼ି ବସୁଚି, ମନେ ପଡ଼ିଲା ନଟ ତ ଏତେବେଳଯାଏ ଦୁଧ ପିଇ ନାହିଁ । ଘର ଚାବି ଲଗାଇ ବାହାରକୁ ଆସିଲି । ଗୋଟାଏ ଭଙ୍ଗା ମାଟି ଘୋଡ଼ା ଉପରେ ଚଢ଼ି ନଟ ଖେଳୁଥିଲା ମତେ ଦେଖି ପାଖକୁ ଆସି କହିଲା- ନୂଆ ମା ଗୋଟାଏ ଭଲ ଘୋଡ଼ା କିଣିଦେ ମତେ ।

କହିଲି, ହଉ ଦେବି କିଣି; ସୁନାଟା ପରା ଆ ଦୁଧ ପିଇବୁ ।

ଦବୁ କିଣି ? ସତ କହନି, ମୋ ରାଣ ପକାନି ?

କହିଲି, ଦେବି ଲୋ, ଆ ।

ମୋ ଘର ଭିତରେ ନଟକୁ ଦୁଧ ପେଇଦଉଚି, ଭିତର ଘରୁ ସଉରଭୀ ପାଟି ଶୁଭିଲା- ଇଏସବୁ କ'ଣ ପିଣ୍ଡ ବଢ଼ାହୋଇଚି ନା ସିଧା ମ ? ଚାଉଳ ଡାଲି କେଇଟା ଆଙ୍ଗୁଠି ଆଗରେ ଗଣିହବ । ଆଳୁ ନାଇଁ, ପିଆଜ ନାଇଁ । ଆମ ବାବୁ କ'ଣ ଏଇଆ ନଗେଇ ଭାତ ଖାଇବେ ? ଆସୁଛନ୍ତି ତ ବାର ଅରକ୍ଷିତ ଘରୁ, ସିଧା ସଜାଡ଼ି ନ ଆସେ ଯେବେ ଚାବିଟା ଅ ।ରେ ମାରି ବୁଲିବାର ଏତେ ସଉକ୍ କାହିଁକି ?

ଏତେଗୁଡ଼ାଏ ଅପମାନ, ଏତେ ଲୋକଙ୍କ ଆଗରେ ଗୋଟାଏ ଚାକିରିଆଣୀ ମୁହଁରୁ ! ମନ ହଉଥାଏ; ଏଇ ମୁହୂ ରେ ତାକୁ ଏ ଘରୁ ବାହାର କରିଦବାକୁ, କିନ୍ତୁ ଉପାୟ ନାହିଁ । ସେଠି ତୁନିହୋଇ ବସି ବସି ନିଜ ରାଗରେ ନିଜେ ଜଳିଗଲି ।

ନଟ ଡାକିଲା- ନୂଆ ମା । ଏ ସଉରଭୀଟା ଭାରି କଳିହୁରୀ, ନୁହେଁ ?

ଜୋର୍‌ରେ ନିଶ୍ୱାସ ପକାଇ କହିଲି- ହଁ, ଦେ ତୁ ପିଇଦେ ।

× × ×

ଶୀତଦିନେ କଅଁଳ ଖରା କୋଠା ଉହାଡ଼ରେ ବଙ୍କାହୋଇ ଦୁଆରଯାଏ ଲମ୍ବି ପଡ଼ିଥିଲା । ଦି'ପହର ଖିଆପିଆ ସାରି ସମସ୍ତେ କିଏ କୋଉଠି ଶୋଇ ପଡ଼ିଥିଲେ ସବୁ, ସେତେବେଳକୁ । ମୋ ଘରେ ଏକା ମୁଁ ଶୋଇ ନ ଥିଲି । ବାହାରେ କାହାର ପାଦଶବ୍ଦ ଶୁଭିଲା । ଦୁଆରବାଟେ ଚାହିଁଲି- ସ୍ୱାମୀ ।

ମୁଣ୍ଡରେ ଲୁଗା ଦେଇ ଧଡ଼ପଡ଼ ହୋଇ ଉଠି ବସିଲି । ଘର ଭିତରକୁ ଆସି ସେ କହିଲେ- ସେ ଚାବିଟା ଦେଲୁ ।

ପଚାରିଲି, କୋଉ ଚାବି ?

କହିଲେ, ଭଣ୍ଡାରଘର ଚାବି ।

କ'ଣ ହବ ?

ବିରକ୍ତ ହୋଇ ସେ କହିଲେ- କ'ଣ ହେବ କାହିଁକି, ତୋର ଏତେ ଜମା - ଖର୍ଚ୍ଚରେ ଦରକାର କ'ଣ, ଶୁଣେ ?

କହିଲି, ମା ମତେ କାହାକୁ ଦବାକୁ ମନା କରିଚନ୍ତି ଏ ଚାବି ।

ଆଚ୍ଛା, ସେ କଥା ପରେ ବୁଝାଯିବ, ଚାବି ଆଗ ଦେ ।

ରାଗରେ ଝଣ୍‌କରି ଚାବିଟା ଫୋପାଡ଼ିଦେଇ ବିଛଣାରେ ମୁହଁମାଡ଼ି ଶୋଇପଡ଼ିଲି । ଚାବିଟାକୁ ଉଠାଇନେଇ ସେ ସେଘରୁ ଚାଲିଗଲେ । ମନେହେଲା, ଏସବୁ ସେଇ ସଉରଭୀର ଫିସାଦି । ମୋ ପାଖରେ ଘରର ଏଡ଼େ ବଡ଼ ଦରକାରୀ ଜିନିଷଟାଏ ରହୁ, ଏଟା ବୋଧହୁଏ ତା'ର ଇଚ୍ଛା ନୁହେଁ । ଏ ଘରେ ମୋଠୁଁ ତାର ଯେ ବେଶୀ ଅଧିକାର, ଏ କଥା ମୁଁ ଆସିବା ଦିନୁ ଦେଖୁଚି । ସେ ପ୍ରତି କଥାରେ ମତେ ଦେଖାଇ ଦେବାକୁ ଚେଷ୍ଟା କରୁଛି । କିନ୍ତୁ କାହିଁକି ମୋ ଉପରେ ତାର ଏତେ ରାଗ ? କିଛି ତ ଅନିଷ୍ଟ ତା'ର ମୁଁ କରି ନାହିଁ କେବେ ? କାହିଁକି ତେବେ ସେ ଉଠୁଣୁ ବସୁଣୁ ମତେ ଏତେ ଅପମାନ କରୁଚି ? ମନେକଲି ଶାଶୁଙ୍କୁ ଏ କଥା ଜଣାଇଲେ କେମିତି ହୁଅନ୍ତା ? କିନ୍ତୁ, ନା ଥାଉ । ସେ ଯେମିତି ଉଦାସିଆ ଲୋକ, ଏ ଜଞ୍ଜାଳ ଭିତରକୁ ତାଙ୍କୁ ଟାଣିଆଣି ମିଛରେ କଷ୍ଟ ଦବା ଦରକାର ନାହିଁ । ନିଜେ ଯଦି ଜାଣିବେ ଜାଣନ୍ତୁ । ବାହାହବା ଦିନୁ ତ ଜାଣିଚି କପାଳ ମୋର ଫାଟିଚି, ଆଉ ଏଇ କଥା ଗୋଟାକରେ କ'ଣ ସେସବୁ ଆଜି ସୁଧୁରିଯିବ ?

ଚମ୍ପାମା' ଆସି ଡାକିଲା- ବୋହୂ ସାଆନ୍ତାଣୀ । ସଞ୍ଜ ଲାଗିଗଲାଣି ପରା, ଭଣ୍ଡାରଘର ଫିଟେଇବ ନାହିଁ କି ମ ?

କହିଲି- ମୋ ପାଖରେ ଚାବି ନାହିଁ, ଯା ।

ଆକାଶରୁ ପଡ଼ିଲା ପରି ଆଶ୍ଚର୍ଯ୍ୟ ହୋଇ ସେ ପଚାରିଲା- ତମ ପାଖରେ

ନାହିଁ, ଆଉ କାହା ପାଖରେ ଲୋ ମା ?

ମୁଁ ଜାଣେ ନାଇଁ, ଯା । ଚିଡ଼ିକରି କହିଲି ।

ବାହାରେ ସୌରଭୀ ପାଟି ଶୁଭିଲା- ଏ ଚମ୍ପାମା' ଇଆଡ଼େ ଆ ।

କଥାଟା କ'ଣ ଚମ୍ପାମା' ବିଚାରୀ କିଛି ବୁଝିପାରିଲା ନାହିଁ । ବକାଙ୍କ ପରି ମୋ ଆଡ଼କୁ ଦଣ୍ଡେ ଚାହିଁ ସେ ସେଘରୁ ଚାଲିଗଲା । ବାହାରେ, ଭଣ୍ଡାରଘର ଫିଟେଇବା ଝଣ୍ ଝଣ୍ ଶବ୍ଦ ମୋ କାନରେ ଆସି ବାଜିଲା ଗୋଟାଏ ଛୁ୍‌ମୁନ ପରି ।

× × ×

ସଞ୍ଜବେଳେ ନଟ ଦାଣ୍ଡରେ କୁଆଡ଼େ ବୁଲୁଥିଲା, ଦୌଡ଼ିଆସି ମତେ କହିଲା- ନୂଆ ମା, ବାପାକୁ ଭାରି ଜର ହେଲାଣି, ସେ ପିଣ୍ଡାରେ ବସି ଥରୁଚି ଖାଲି ।

ଆଜି ଦି'ପହରେ ତ କିଛି ନ ଥିଲା । ଘଡ଼ିକ ଭିତରେ ଏମିତି କ'ଣ ଜର ହେଲା ?

ପଚାରିଲି- ସତରେ, ହଇ ରେ ?

ହଁ, ସତରେ ତ । ତୁ ଆସୁନଉଁ ଦେଖିବୁ ।

ପଚାରିଲି; ମା କୋଉଠି ଅଛନ୍ତି ?

ସେ ତ ଆର ଖଞ୍ଜାରେ, ଠାକୁରଘରେ ।

ମୁହଁସଞ୍ଜ ଲାଗି ଆସୁଥିଲା । ଶୋଇବାଘର ପଛରେ ପିଣ୍ଡାରେ ଗୋଟାଏ ଚଉକି ପକାଇ ସେ ବସିଥିଲେ, ବୋଧହୁଏ ଆଖି ବୁଜି । ଗୋଡ଼ ଟିପି ଟିପି ପାଖରେ ଯାଇଁ ଠିଆହେଲି ।

ଆଖି ନ ଫିଟାଇ ସେ ପଚାରିଲେ, କିଏ ?

ଦିହରେ ହାତ ଦେଇ ଦେଖିଲି, ନିଆଁ ପରି ତାତିଚି । କହିଲି- ଆସ ଘରକୁ । ତାଙ୍କ ଶୋଇବାଘର ଖଟ ଉପରେ ବିଛଣା ପକେଇଦେଲି, ଆସି ଚୁପ୍‌ହୋଇ ଶୋଇଲେ । ଘର କବାଟଟା ଆଉଜାଇଦେଇ ବାହାରକୁ ଆସିଲି । ଚମ୍ପାମା'କୁ ଡାକିଲି, ଯା-ମା'ଙ୍କୁ ଡାକିଦବୁ ।

ଆର ଖଞ୍ଜାରୁ ଫେରିଆସି ଚମ୍ପାମା' କହିଲା- ସାନ୍ତାଣୀ ଠାକୁରଘର ଭିତରେ । ଭିତରୁ କବାଟ ଦିଆହୋଇଚି ।

ସଉରଭୀ ଧାଈ କାହିଁ ?

ସେ କହିଲା- କେଜାଣି ଲୋ ମା', ସକାଳ ପହରୁ କୁଆଡ଼େ ଯାଇଚି, କିଏ ଜାଣେ ?

ଜର ବାଉଳାରେ ଭାରି ବ୍ୟସ୍ତ ହେଉଥିଲେ ସେ । ବାହାରୁ ମତେ ସବୁ ଶୁଭୁଥିଲା । ପାଖରେ ଯାଇ ବସିଲି । ପଚାରିଲି, ମୁଣ୍ଡ ବଥଉଚି, ଚିପିଦେବି ?

କର ଲେଉଟାଇ କହିଲେ- ନାହିଁ, ଥାଉ ।

ଦଣ୍ଡେ ଗଲା ।

ପୁଣି ସେମିତି ବେସ୍ତହବା ଦେଖି ପଚାରିଲି- କ'ଣ ବେଶୀ ଖରାପ ଲାଗୁଛି ?

ଉଁ...ନା କିଛି ନୁହେଁ ।

ନିଦ ଅଳସରେ ହାତଟା ତାଙ୍କର ମୋ କୋଡ଼ ଉପରେ ଆସି ପଡ଼ିଲା । ଘୁ - ଗଲି ନାଇଁ । ଚୁପ୍‌ହୋଇ ବସିରହିଲି । ସେତେବେଳେ ବିଛଣା ଉପରୁ ଟିକେ ମୁଣ୍ଡ ଟେକି ସେ ଡାକିଲେ- ସତୀ, ଗଲୁଣି କି ?

ମୁହଁ ପାଖରେ ତାଙ୍କର ନଇଁପଡ଼ି ପଚାରିଲି, କ'ଣ ?

କବାଟ କିଳି ଶୋଇଲି । ଭାବିଲି; ଦୁହିଁଙ୍କ ରୁଚି ଭିତରେ ଯୋଉଠି ଏତେ ପ୍ରଭେଦ, ସେଠି କୋଉକାଳେ କ'ଣ ଯାଙ୍କର ମୋର ପଡ଼ିବ ? ପହିଲୁ ଦିନୁ ପ୍ରତି କାମରେ ଏ କଥା ଜାଣି ସୁଦ୍ଧା ଆଜି କାହିଁକି ଏମିତି ଯାଚିହୋଇ ଗଲି, ଏ ଅପମାନ ସହିବାକୁ ?

ଦୁଇ ଦିନ ତିନି ଦିନ ବେଳକୁ ତାଙ୍କୁ ଜର ବେଶୀ ହେଲା । ମୋ ଶାଶୁ ସବୁବେଳେ ବସି ତାଙ୍କୁ ସେବା କରୁଛନ୍ତି । ମନେକଲି, ଭଲ ହେଲା; ମତେ ବି ଗୋଟାଏ ବାହାନା ମିଳିଲା ସେ ଘରକୁ ନ ଯିବାର । କିନ୍ତୁ ଗଲେ ବି କ'ଣ ହୁଅନ୍ତା ? ସେ ତ ମତେ କଥା କୁହନ୍ତି ନାହିଁ ।

ସକାଳୁ ସେଦିନ ଗାଧୋଇଆସି ଠାକୁରଙ୍କ ଲାଗି ଫୁଲ ଗୁନ୍ଥୁଚି, ଚମ୍ପାମା'ଆସି କହିଲା, ବୋହୂ ସାନ୍ତାଣୀ, ବାପଘରୁ ତମର କିଏ ଆସିଚି ଯେ । ଫୁଲହାର ଥୋଇଦେଇ କହିଲି- ଯା, ଡାକିଦେ, ଏଠିକି ।

ହଠାତ୍ ମନେହେଲା, ନାଥନନା ଆଉ ଆସିଛନ୍ତି କି ? ଚମ୍ପାମା' ଚାଲି ଯାଉଥିଲା; ଡାକି କହିଲି, ଚାଲ ମୁଁ ଯାଉଚି । କୋଉଠି ସେ ?

ତମରି ଘର ପିଣ୍ଡାରେ ବସେଇଦେଇ ଆସିଚି, ସେ କହିଲା ।

ନାଥନନା ଆସିଥିବେ ? କେଜାଣି । ତାଙ୍କର କ'ଣ ସତେ ମନେଥିବ ମୋ କଥା ? ଠାକୁରଘର ବନ୍ଦକରି ପାଖକୁ ଆସିଲି । ଦିହଗୋଟାକ ଥରୁଥାଏ ଆଗ୍ରହର ଉତ୍ତେଜନାରେ । ଘରକୁ ଆସି ଦେଖିଲି, ନାଥନନା ନୁହେଁ, ଆମ ଘର ବୁଢ଼ା ଚାକର ।

ପାଖକୁ ଯାଇ ପଚାରିଲି- କିରେ, ତୁ କୁଆଡ଼େ ସଇତା ? ସେ କହିଲା, ବାପାସା'ନ୍ତେ ମତେ ପଠେଇଲେ ତତେ ଦେଖିଯିବାକୁ ।

ପଚାରିଲି- ଆମ ଘରେ ସମସ୍ତେ ଭଲ ଅଛନ୍ତି ନା ?

ସଉରଭୀ କାହିଁ ? ଟିକେ ଡାକିଦେଲୁ ।

ହଠାତ୍ ଟାଣହୋଇ କହିପକାଇଲି- ମୁଁ କ'ଣ ତାକୁ କାନିରେ ବାନ୍ଧି ବୁଲୁଚି ?

ସେ ତୁନିହୋଇ ରହିଲେ । କବାଟ ଆଉଜାଇଦେଇ ଦୁମ୍ ଦୁମ୍ ହୋଇ ସେ ଘରୁ ଚାଲିଆସିଲି ।

ରାତି ବେଶୀ ହୋଇଗଲା, ସୌରଭୀ ସେତେବେଳଯାଏ ବି ଫେରିଲା ନାହିଁ । ଭାବିଲି, ଦିହ ବେଶ୍ତ ତାଙ୍କର । ଏତେବେଳେ ରାଗକରି ରହିବି ଗୋଟାଏ କ'ଣ ? ଛି- ଛି ।

ମା' ସେତେବେଳଯାଏ ଠାକୁରଘରୁ ବାହାରି ନ ଥିଲେ । ପୁଣି ସ୍ୱାମୀଙ୍କ ଘରକୁ ଯାଇ ଗୋଡ଼ରେ ତାଙ୍କର ହାତ ବୁଲାଇଦେଲି ପାଖରେ ବସି । ଛାଇନିଦ ତାଙ୍କୁ ଲାଗି ଆସୁଥିଲା ବୋଧହୁଏ । କେତେବେଳେ ପଚାରିଲେ- କିଏ ସୌରଭୀ ?

କହିଲି-ନାଇଁ, ମୁଁ ।

ମୁହଁ ଟେକି ଥରେ ସେ ମୋ ଆଡ଼କୁ ଚାହିଁଲେ, ତା'ପରେ କଣ ବିଚାରି ଗୋଡ଼ଟା ମୋ ପାଖରୁ ଟାଣିନେଲେ ।

ଅପମାନର ଗୋଟାଏ ତୀବ୍ର ଅନୁଭୂତି ମୁଣ୍ଡ ଭିତର ମୋର ଓଲଟପାଲଟ କରିଦେଇ ଗଲା । ଭାବିଲି, ଲୁଚିଯିବି । କବାଟ ଫିଟାଇ ସଉରଭୀ ଭିତରକୁ ଆସିଲା । ଘର ଭିତରେ ଆଲୁଅ ଟିକେ କମି କରିଦେଇ ଭିତରୁ କବାଟ କିଳିଦେଲା । ତା'ପରେ ଖଟ ପାଖକୁ ଆସି ମତେ ଦେଖି ଯେମିତି ହଠାତ୍ ଚମକି ପଡ଼ିଲା । କିପରି ସେଘରୁ ଚାଲିଗଲା । ଗୋଡ଼ତଳେ ସାପ ଦେଖିଲେ ଲୋକେ ଯେପରି ସେ ଘରୁ ପଳାନ୍ତି, ଠିକ୍ ସେମିତି । ସ୍ୱାମୀ ନିଦରେ ଶୋଇ ନ ଥିଲେ । ବୋଧହୁଏ ସବୁ ଦେଖିଲେ, କିନ୍ତୁ ଶୋଇବା ବାହାନା କରି ପଡ଼ିରହିଲେ ଲାଜରେ ।

ମତେ ବି ଭାରି ଅଡୁଆ ଲାଗିଲା ସେଠି ବସି ରହିବାକୁ । ମୋ ଘରେ ଆସି

ତେବେ, ଆମ ସାଇଆଡ଼େ କିଛି ନାହିଁ ।

କିଛି ନାହିଁ ତ ଯାହାହେଉ । ଗୋଟାଏ ସ୍ୱସ୍ତିର ନିଃଶ୍ୱାସ ମୋ ଛାତିରୁ ବାହାରିଆସିଲା ।

କେତେ ସମୟ ପରେ କହିଲି- ଯା, ତୁ ଗାଧୁଆ ପାଧୁଆ କରି ଖିଆ ପିଆ କର । ପଛେ କଥାବା ର୍ତ୍ତା ହବା । ଚମ୍ପାମା'କୁ କହିଲି- ଯା ୟା ସାଙ୍ଗରେ ପୋଖରୀ ଦେଖାଇଦବୁ ।

× × ×

ସେଦିନ ସ୍ୱାମୀଙ୍କ ଦିହ ଟିକେ ଭଲ ଥିଲା । ସଞ୍ଜବେଳେ ଶାଶୂ ଠାକୁରଘରୁ ବାହାରିଲାବେଳେ କବାଟ ପାଖେ ମୁଁ ଠିଆ ହୋଇଥିଲି । ମତେ ଦେଖି ପଚାରିଲେ- କିଏ ବୋହୂ, କ'ଣ କି ?

ଆସ୍ତେ ଆସ୍ତେ କହିଲି, ଆମ ଗାଁରେ ଭାରି ହଇଜା ଲାଗିଚି ।

ସେ ପଚାରିଲେ, କ'ଣ ହେଲା ?

ଭାରି ଡର ମାଡୁଥାଏ । କୌଣସିମତେ କହିପକାଇଲି- ଦି'ଦିନ ପାଇଁ ଟିକେ ଘରକୁ ଯାଆନ୍ତି ?

ମନେହେଲା, ଭାରି ଚିଡ଼ିବେ ନିଶ୍ଚେ, ମୋ କଥା ଶୁଣି । କିନ୍ତୁ ସେ ଚିଡ଼ିଲେ ନାହିଁ । ଟିକେ ହସିଲେ ଖାଲି । କହିଲେ- ମୁଁ ନାହିଁ କରନ୍ତି ନାହିଁ ମା, ପଠେଇବାକୁ । ଖାଲି ଗୋଟାଏ କଥା ଲାଗି, ନଟର ଜାଆଁଳା ବାଳ ପଡ଼ିନାଇଁ ଆଜିଯାଏ । ଆର ବୁଧବାର ଅବଧାନ ଦିନ ଧରିଦେଇ ଯାଇଚି, କପିଳେଶ୍ୱରଙ୍କ ଠେଇଁକି ଯିବାକୁ ହବ ବାଳ ପକେଇବାକୁ । ତା' ପରେ ପୁଅର ଦିହ ପାଇଁ ମାନସିକ କରିଥିଲି ସେଇଠି । ମନେକରିଚି, ସମସ୍ତେ ତମେ ସେଠିକି ଯାଇ ଏକାପାନେ କାମ

ହଁ, ସବୁ ଭଲ ।

ବାପା କ'ଣ କରୁଥିଲେ ତୁ ଆସିଲାବେଳେ ?

ବସିଥିଲେ ଦାଣ୍ଡରେ ।

ଆଉ ବୋଉ କ'ଣ କହୁଥିଲା ?

ସଇତା ହସିଲା । କହିଲା, ତୁ ଆସିଲାଦିନୁ ବୁଢ଼ୀ, କାହା ମୁହଁରେ କ'ଣ ଟିକେ ହସ ଅଛି ? ମତେ ଏଠିକି ପଠେଇଲାବେଳେ ସାନ୍ତାଣୀ କେତେ କାନ୍ଦିଲେ । କହିଲେ- ସଇତା; ଯାଉଚୁ ଝିଅକୁ ମୋର ପଚାରିଆସିବୁ, ଶାଶୁ ଦେଖିପାରେ କି ନାଇଁ ? ଖାଇବା ପିଇବାରେ ଭଲ ହଉଚି କି ନାଇଁ ?

ଶାଶୂଘରେ ଝିଅଙ୍କର ଏଇ ନିହାତି ଅଦରକାରୀ କଥାପଦକରେ ଯେତେ ମୂଲ୍ୟ, ବୋଧହୁଏ ଆଉ କୋଉଥିରେ ସେତେ ନାହିଁ । ଶୁଣି ଅଜାଣତରେ କେତେବେଳେ ଆଖି ଦି'ଟା ମୋର ଲୁହରେ ପୂରି ଉଠିଥିଲା । ଅନ୍ୟ ଆଡ଼କୁ ମୁହଁ ଫେରାଇ ପଚାରିଲି- ହଇରେ, ମତେ ନବା କଥା କିଛି କହୁ ନ ଥିଲେ ବାପା ?

ସେ କହିଲା- ହଁ କହୁଥିଲେ ଦିନେ । କହୁଥିଲେ ଝାଡ଼ାବାନ୍ତିଟା ଯାଉ, ଝିଅକୁ ଘରକୁ ଆଣିବି ।

ଆଶ୍ଚର୍ଯ୍ୟ ହୋଇ ପଚାରିଲି- ସେଠି ଆମ ଗାଁରେ କ'ଣ ହଇଜା ଲାଗିଚି କିରେ ?

ଆଉ କହ ନା ବୁଢ଼ୀ ସେ କଥା, ପଣ୍ଡାସାଇରୁ ନିତି ଦି' ଦି'ଟା ମୁଣ୍ଡ ନଉଚି ।

ଆଜି ତ ମଧୁପଣ୍ଡା ଢୁକଉଥିଲା ସକାଳେ, ମୁଁ ଆସିଲାବେଳେ । କ'ଣ ହେଲା କେଜାଣି ? ତିଆଡ଼ିଘର ନାଥିଆ ଯାଇଚି, କଟକରୁ କ'ଣ ଡାକ୍ତର ଆଣିବାକୁ ।

ବଢ଼େଇଦେଇ ଆସିବ ।

ସେ ଚାଲି ଯାଉଥିଲେ । ପୁଣି ଫେରି କହିଲେ, ତୁ ବେସ୍ତ ହ'ନା ମା ! ସେଠୁ ଫେରିଲା ସାଙ୍ଗେ ସାଙ୍ଗେ ତତେ ପଠେଇ ଦେବି ତମ ଘରକୁ । ନୋଟାଟି ଧରି ସେ ସେଠୁ ଚାଲିଗଲେ । ଚାହିଁ ରହିଲି ତାଙ୍କୁ, ଯେତେବେଳଯାଏଁ, ଦେଖାଯାଉଥିଲେ । ପାଚୀରି ଉଢ଼ାଳରେ ସେ ଯେତେବେଳେ ଆଉ ଦିଶିଲେ ନାଇଁ, ଭାବିଲି, ଏମିତି ଶାଶୂ ପାଇ ସୁଦ୍ଧା ମୁଁ ଅସୁଖୀ ।

ପରଦିନ ସଇତା ବିଦାହୋଇ ଗଲା । ଯିବାବେଳେ ତାକୁ କହିଲି- ସବୁ ତ ଦେଖିଯାଉଚୁ, ବାପାଙ୍କୁ ଯାଇ କହିବୁ, କପିଳେଶ୍ୱରଙ୍କ ଠଉଁ ଫେରିଲେ ଲୋକ ପଠେଇ ମତେ ଯେମିତି ନେଇଯିବେ, ଆଉ ନାଥନନାଙ୍କୁ କହିବୁ, ଇଆଡ଼େ ଟିକେ ବୁଲିଆସିଲେ ନାଇଁ ଦିନେ ।

ସେ କହିଲା, ହଉ କହିବି ।

× × ×

ଠାକୁରଙ୍କ ପାଖକୁ ଯିବା ଦିନ କ୍ରମେ ନିକଟ ହୋଇଆସିଲା । ଆଉ ଦି'ଟା ଦିନ ଜମା ବାକି ମଝିରେ । ତାଙ୍କୁ ତିନିଦିନ ହବ ଜର ନ ଥିଲା । ଖାଲି ଦୁର୍ବଳ ଟିକେ ଥିଲେ ଯାହା । ଦି' ପହରେ ସେଦିନ, ଅନେକ ଦିନ ପରେ, ସେ ପିଣ୍ଡାରେ ଭାତଖାଇ ବସିଥିଲେ । ଶାଶୁ ପାଖରେ ବସି ବି ୍ ଦଉଥିଲେ । କହିଲେ- କିଛି ତ ବରାଦ କଲୁ ନାଇଁ ଆଜିଯାଏ, ପରଦିନ ପୁଣି କପିଳେଶ୍ୱର ଯିବା କଥା ପରା !

ସେ କହିଲେ- ବରାଦ ଆଉ କ'ଣ ? ଉଖୁଡ଼ା, କଦଳୀ ପ୍ରଭୃତି ଯାହା ଯିବାର, ତାକୁ ତ ସଦର ନାଏବକୁ ଆମର ବରାଦ ଦେଇଚି । ରୋଷେଇ ସରଞ୍ଜାମ ବି ସାଙ୍ଗରେ ନବାକୁ କହିଚି । ଦୁଧ ଦହି ହେରିକା ସେଠି ତ ସବୁ ମିଳିବ । ଆଉ କ'ଣ ?

ଗାଡ଼ି ସବାରୀ କେତେ ଖଣ୍ଡ ପେଇଁ କହିଲୁ ଫେର୍ ?

ତିନି ଖଣ୍ଡ ସବାରୀ, ଆଉ ଜିନିଷପତ୍ର ପେଇଁ ଗାଡ଼ି ଦି'ଖଣ୍ଡ ।

ଶାଶୁ ଆଶ୍ଚର୍ଯ୍ୟ ହୋଇ କହିଲେ- ତିନି ଖଣ୍ଡ ସବାରୀ କ'ଣ ହବରେ ?

ସେ କହିଲେ- କାହିଁକି, ତୁ କ'ଣ ଯିବୁ ନାହିଁ କି ?

ଘରେ ଆଉ କିଏ ରହିବ ହଇରେ, ମୁଁ ଗଲେ ? ମା କହିଲେ । ଘର ଠାକୁର କ'ଣ ଯାଡ଼େ ଉପାସ ରହିବେ ?

ସ୍ୱାମୀ କହିଲେ- ଦିନ ଗୋଟାଏ ତ ଜମା ।

ନାଇଁ ରେ ପୁଅ, ଦିନ ଗୋଟାଏ ହେଲେ କ'ଣ ହେଲା, ମୁଁ ଯାଇପାରିବି ନାଇଁ । ବୋହୂ ଭଲା ଘରେ ରହୁଥାନ୍ତା, ତେବେ ମୁଁ ତା ହାତରେ ଠାକୁରଙ୍କୁ ଦେଇ ଯାଆନ୍ତି । ଆଉ କେହି ସେ କାମ ଚଳାଇପାରିବେ ନାଇଁ, ମୁଁ ଜାଣେ ।

ଗୌରବ ଆଉ ଗର୍ବରେ ଛାତି ମୋର ପୂରିଉଠିଲା ତାଙ୍କ କଥା ଶୁଣି । ସ୍ୱାମୀ ଖାଇସାରି ଆସି ହାତ ଧୋଉଥିଲେ; କହିଲେ, ପିଲାଟା ଯାଉଚି, ମୁଁ ତ ଏମିତି ଦୁର୍ବଳ । କହୁଥିଲି ଆଉ ଜଣେ କିଏ ସାଙ୍ଗରେ ଯାଇଥିଲେ-

ଆଉ କିଏ ଯିବ ? ମା ପଚାରିଲେ ।

ଜଣେ ପୋଇଲୀ ଫୋଇଲୀ କିଏ ।

ଚମ୍ପା ପରା ଯାଉଛି ।

ସେ ବୁଢ଼ୀ ହେଲାଣି, ଏକା କ'ଣ ପାରିବ ? ଆଉ ଜଣେ...

ମା'ଙ୍କ ମୁହଁକୁ ଚାହିଁ ସ୍ୱାମୀ ହଠାତ୍ ତୁନି ହୋଇଗଲେ । ବିରକ୍ତିରେ ମା'ଙ୍କ ମୁହଁ ଗମ୍ଭୀର ହୋଇଉଠିଥିଲା ସେତେବେଳକୁ । ସେଠୁ ଚାଲି ଯାଉଁ ଯାଉଁ ଖାଲି

ଏତିକି କହିଲେ- ହଉ, ତତେ ଯେମିତି ଭଲ ଦିଶୁଚି, କର । ମୁଁ କିନ୍ତୁ ଆଜି ପୁରୀ ଯାଉଚି ।

ଭାବିଲି, ଛିଛି, ଲାଜ ସରମ ଏମିତି ଏକାଥରକେ ଲୋକଙ୍କୁ ଛାଡ଼ିଯାଏ ଫେର୍; ମା'ଙ୍କ ଆଗରେ ପୁଣି ! କିନ୍ତୁ ମା' କ'ଣ ସତରେ ଆଜି ପୁରୀ ଯିବେ ?

ସନ୍ଧ୍ୟାବେଳେ ସତକୁ ସତ ମା' ତାଙ୍କର ଠାକୁର ହେରିକା ସାଙ୍ଗରେ ନେଇ ଯୋଉଠୁ ପୁରୀ ବାହାରିଲେ, ମନେହେଲା, ୟାଙ୍କରି ଜ୍ୱାଳାରେ ଖାଲି ମା' ଆଜି ଏଠୁ ଗଲେ ।

ଗଲା ଆଗରୁ ମା' ମତେ ଡାକି କହିଲେ- ସବୁ କଥା ତ ଦେଖୁଛୁ ମା', ମୁଁ ଆଉ ତତେ ବେଶୀ କ'ଣ କହିବି ? ଟିକେ ଚାରିଆଡ଼କୁ ନିଘାକରି ଚଳୁଥିବୁ । ମାସ ଗୋଟାକରେ ମୁଁ ଫେରିଆସିବି ଯେ ।

ସବାରୀ ବେହେରାଙ୍କ ଡାକ ରାସ୍ତାବାଙ୍କ ପାଖେ ଯୋଉଠୁ ଅସ୍ପଷ୍ଟ ହୋଇଆସିଲା, ମୋ ଘରେ କାନ୍ଥକୁ ଆଉଜି ବସି ଭାବିଲି, ଆଜି ଶେଷ ଅବଲମ୍ୱନଟିକକ ଏ ଘରୁ ମୋର ଚାଲିଗଲା ଏମିତି, ଯାହା ଭରସାରେ ଏତେ ଦହଗଞ୍ଜରେ ବି ବୁକୁବାନ୍ଧି ପଡ଼ିଥିଲି । ଘରର ନିହାତି ଅଲୋଡ଼ା ପରି ମୁଁ । ନିଜର ଅସ୍ତିତ୍ୱରେ ନିଜେ ଲଜ୍ଜିତ । ଏଣିକି ନିତିଦିନର ପ୍ରୟୋଜନ ଭିତରେ ମତେ କାହାରି କିଛି ଦରକାର ହେବ ନାହିଁ- ଏଣିକି ମୋର ଛୁଟି ।

ହେମନ୍ତ ଶେଷରେ ଗୋଟାଏ ମ୍ଳାନ ଧୂସର ସନ୍ଧ୍ୟା ଭିତରେ ରାତି କ୍ରମେ ଗାଢ଼ ହୋଇ ଆସିଲା । ଘର ଭିତରେ, ଅନ୍ଧାରରେ ନିଜକୁ ନିଜେ ପାଶୋରିଦେଇ ଭାବିଲି, ଆଜି ମା' ଗଲେ; କାଲି ହୁଏତ ମତେ ଏମିତି ଯିବାକୁ ହବ ।

... ... ...

ଠାକୁରଙ୍କ ପାଖକୁ ଗଲା ଦିନ ସୌରଭୀ ସାଙ୍ଗରେ ଗଲା; କିନ୍ତୁ ମୋରି

ପରି ଆଉ ଖଣ୍ଡେ ସବାରୀରେ ବସି । ସାମୀ ସେତେବେଳେକୁ ବାହାରକୁ ଆସି ନଥିଲେ- ଚମ୍ପାମା’ ମତେ ଆଣି ଆଗ ବସାଇ ଦେଇଗଲା ସବାରୀରେ । ଆର ସବାରୀରେ ସୌରଭୀ ପାଖରେ ନଟ ବସିଥିଲା, ମତେ ଦେଖି କହିଲା- ନୂଆ ମା ପାଖକୁ ଯିବି ।

ସୌରଭୀ ତାକୁ ଧମକ ଦେଇ କହିଲା- ନା, ବ’ ଏଠି ।

ମୋ ପାଖକୁ ଆସିବାକୁ ଏକାଜିଦ୍ କରି ସେ କାନ୍ଦିଲା; କିନ୍ତୁ କେହି ଶୁଣିଲେ ନାହିଁ ।

ସବାରୀ ଉଠିଲା । ଗାଁବାଟ ଛାଡ଼ି ବିଲ ଗହୀରର ଅପନ୍ତରା ଭିତରେ ସବାରୀ ଧୀରେ ଧୀରେ ଚାଲିବାକୁ ଲାଗିଲା । ଧାନସବୁ ପାଚି ଆସୁଥାଏ, ନହକା ଗଛଯାକ ସକାଳର କାକରବତୁରା ହୋଇ ବାଟ ଛାଡ଼ି ନଇଁ ପଡ଼ିଥାଏ ଦୁଇ ପାଖକୁ, ଯେପରି ରୂପକଥାର ସପ୍ନପୁରୀର ସୁନା ପାହଚ ଲମ୍ବି ଯାଇଛି କୋଉ ଦିଗନ୍ତ ପାରିକି । ଅନେକ ବାଟ ଆସି ଗୋଟାଏ ନଈକୂଳରେ ସବାରୀ ରହିଲା । ଶୀତଦିନ; କିନ୍ତୁ ନଈରେ ଅନେକ ପାଣି ଥାଏ । ଆର ପାରିରେ ଗଛ-ପତ୍ର ମେଢ଼ ଭିତରେ ଦେଉଳର କମକଟା ଦହିନଉଡି ଧଳା ହୋଇ ଦିଶୁଥାଏ । ଏ ପାରିରୁ ପିମ୍ପୁଡ଼ିଧାର ପରି ଲୋକ ନଈ ପାରିହୋଇ ସେଆଡ଼େ ଯାଉଥାନ୍ତି । ମନେପଡ଼ିଲା, ଆଜି ପରା ମହାଦେବଙ୍କର ପୁଷ୍ୟା ଅଭିଷେକ, ସେଥିପାଇଁ ଏତେ ଯାତ୍ରୀ ।

ସାମୀଙ୍କ ସବାରୀ ସବା ପଛରେ ଆସି ପହ ୍ଲା । ସାଙ୍ଗେ ସାଙ୍ଗେ ହୁକୁମ ହେଲା, ଖରା ମାଡ଼ିଆସୁଚି, ଆଉ ଡେରି କରନା, ବେଗେ ଉଠି ଚାଲ । ଗୋଟାଏ ବଡ଼ ପଟତନ ଡଙ୍ଗା ଉପରେ ସବାରୀ ତିନି ଖଣ୍ଡ ପାଖ ପାଖ ହୋଇ ଥୁଆ ହେଲା । ଆମେ ସବୁ ଭିତରେ ସେମିତି ବସିଥାଉଁ । ନଈଟା ଖୁବ୍ ବଡ଼ ନୁହେଁ, କିନ୍ତୁ ପାରି ହଉ ହଉ ଅନେକ ବେଳ ହୋଇଗଲା । ଠାକୁରଙ୍କ ବେଢ଼ା ବାହାରେ ଗୋଟିଏ ଛୋଟ ତୋଟା ଭିତରେ ଗଉଡ଼ ସବାରୀ ରଖିଲେ । ଯାତ୍ରା ବୋଲି ସେଦିନ ଭାରି

ଭିଡ଼ ହୋଇଥାଏ । ବେଢ଼ା ବାହାରେ ଅନେକ ଗୁଡ଼ାଏ ଗୁଡ଼ିଆ ଆଉ ପାଟରା ଦୋକାନ । କେଉଁଠି ଆଉ ଲୋକଗହଳରେ ସୋରିଷ ପକାଇବାକୁ ସ୍ଥାନ ନାହିଁ । ନଟର ବାଳ ପକାଇଦେଇ ସ୍ୱାମୀ ତାକୁ ନେଇ ନଈରେ ଗାଧୋଇଦେଇ ଆସିଲେ । ଦି' ପହର ଗଡ଼ିଗଲାଣି ସେତେବେଳକୁ । ରୋଷେଇବାସ ସବୁ ପ୍ରସ୍ତୁତ । କଥା ହେଲା, ଓପରଓଳି ଲୋକଗହଳି ଟିକେ କମିଗଲେ ଠାକୁର ଦର୍ଶନକୁ ଯିବାକୁ ହେବ ।

ଉପରଓଳି ବୋଲି ତ ଆଉ ବେଳ ନ ଥାଏ । କଥା କହୁଁ କହୁଁ ଖରା ନଇଁଆସିଲା । କିନ୍ତୁ ଯାହା ମନେ କରିଥିଲୁ, ସକାଳଠଉଁ ଭିଡ଼ ନ କମି ଆହୁରି ବେଶୀ ବଢ଼ିଲା । ଚମ୍ପାମା' ଆସି କହିଲା- ବୋହୂ ସାଆନ୍ତାଣୀ, ବାବୁ କହିଲେ ବେଳ ତ ଗଲା, ଦର୍ଶନ କରିଆସିବା ଉଠ । ନଟକୁ ନୂଆ ପାଟ ପିନ୍ଧାଇଦେଇ ଚମ୍ପାମା' ପଛେ ପଛେ ମୁଁ ଆସି ପଛରେ ଠିଆହେଲି, ଯୋଉଠି ଆମର ସମସ୍ତେ ମତେ ଦେଉଳକୁ ଯିବାକୁ ଚାହିଁଥିଲେ । ବହୁତ କଷ୍ଟରେ ଭିଡ଼ ଠେଲି ଆଗେ ଆଗେ ଯାଉଥାଏ ସୌରଭୀ, ତା ପଛେ ମୋ ସ୍ୱାମୀ । ସବା ପଛରେ ଚମ୍ପାମା'କୁ ଆଗରେ ରଖି ମୁଁ । ଲୋକଗହଳ ଦେଖି ଚମ୍ପାମା' ମତେ କହିଲା- ବୋହୂ ସାଆନ୍ତାଣୀ, ମୋ କାନିଟାରେ ହାତ ପକେଇ ଆସୁଥା । ଦେଉଳ ଭିତରେ ଯୋଉଠି ଠାକୁର ଅଛନ୍ତି, ସେଠି ପୁଣି ବାଟ ଆହୁରି ଅଳ୍ପ, ଦି ଜଣ ଲୋକ ପାଖ ପାଖ ହୋଇ ଭିତରକୁ ଯିବା କଷ୍ଟ । ଲୋକଭିଡ଼ ପୁଣି ସବୁଠାରୁ ସେଇଠି ବେଶୀ । ଅନ୍ଧାର ଆଉ ଗରମରେ ନିଃଶ୍ୱାସ ବନ୍ଦ କରି କୌଣସିମତେ ଭିତରଯାଏ ଗଲି । ଠାକୁରଙ୍କ ଉଦ୍ଦେଶ୍ୟରେ ଗୋଟାଏ ଲୋକ ମୁଣ୍ଡରେ ଫୁଲ, ଅରୁଆ ଚାଉଳ କୌଣସିମତେ ପକାଇଦେଇ ଦେଖିଲି, ଲୋକଗହଳରେ ବାଟ କୋଉଠି ବାରି ହେଉ ନାହିଁ, ଆଉ ସେ ଠେଲାଠେଲି ଭିତରେ ଚମ୍ପାମା କାନିଟା କେତେବେଳେ ମୋ ହାତରୁ ଖସିଯାଇଚି ମତେ ଜଣା ନାହିଁ ।

ଦେଉଳ ଭିତରେ ଗୋଟାଏ ଅନ୍ଧାର ଖୁ  କୁ ଆଉଜି ଠିଆ ହେଲି । ମୁଣ୍ଡ ମୋର ସେତେବେଳେ ବୁଲାଇ ଦେଉଥାଏ ଭୟ ଆଉ ଉକ୍ରଣ୍ଠାରେ । ଅନେକ ସମୟ ପରେ ଭିଡ଼ ଟିକେ କମିଗଲା । ତାହାରି ଭିତରେ କୌଣସିମତେ ଚିପିଚାପି ହୋଇ ଏକପ୍ରକାର ଶୂନ୍ୟେ ଶୂନ୍ୟେ ବାହାରକୁ ଆସିଲି । ଯେଉଁଆଡ଼େ ଚାହିଁଲି ଖାଲି ଲୋକଗୁଡ଼ାକ, କିନ୍ତୁ ତା' ଭିତରେ ଆମ ଲୋକ କାହାରିକୁ ତ ଗୋଟାଏ ଦେଖିଲି ନାହିଁ । ସେମାନେ ତା' ହେଲେ କ'ଣ ମତେ ଛାଡ଼ି ଚାଲିଗଲେ କି ?

ବେଳ ଗଡ଼ି ଆସିଥାଏ ସେତେବେଳକୁ । ପଶ୍ଚିମ ଦିଗରେ କଳା ଢାଳିଦେଇ ଖଣ୍ଡିଆ ଭୂତ ପରି ଖଣ୍ଡେ କଳା ବଉଦ ଆସ୍ତେ ଆସ୍ତେ ଉପରକୁ ଉଠି ଆସୁଥାଏ । ବର୍ଷାପାଣି ଭୟରେ ଯାତ୍ରୀଙ୍କ ଭିତରେ ଗୋଟାଏ ଗହଳ ଚହଳ ପଡ଼ିଗଲାଣି । ସମସ୍ତେ ତର ତର ହୋଇ ଘାଟ ଆଡ଼କୁ ଧାଇଁଥାନ୍ତି । ବେଢ଼ା ବାହାରେ ନଈକୂଳେ ଲୋକଗହଳ ପୁଣି ଆହୁରି ବେଶୀ । ଖଣ୍ଡିଏ ବୋଲି ଡଙ୍ଗା, ମେଘ ଆସିବ ବୋଲି ସମସ୍ତେ ସେଥିରେ ଆଗ ଚଢ଼ିବାକୁ ଚେଷ୍ଟା କରୁଥାନ୍ତି, କିନ୍ତୁ ମୋ ପାଖରୁ ଦଶ ପନ୍ଦର ହାତ ଦୂରରେ ଡଙ୍ଗା । ଭିଡ଼ି ଭିତରେ ଟିକେ ଆଗକୁ ଯିବାର ବାଟ ନାହିଁ । କୌଣସିମତେ ଟିକେ ମୁଣ୍ଡଟେକି ଦେଖିଲି, ଡଙ୍ଗା ଉପରେ ଆମ ସବାରୀ ତିନି ଖଣ୍ଡଯାକ ଥୁଆ ହେଲାଣି । ଭୟରେ ଦିହ ମୋର ଝାମ ଗଲାପରି ଲାଗିଲା ।

ସେତିକିବେଳେ ମୋର ଠିକ୍ ଆଗ ଦେଇ ଜଣେ ଲୋକ ଦେଉଳ ଆଡ଼କୁ ଚାଲିଗଲା । ବିସ୍ମିତ ଆନନ୍ଦରେ ମୋ ମୁହଁରୁ ବଡ଼ ପାଟିରେ ବାହାରିଗଲା- ନାଥ ନନା ।

କାହାକୁ ଖୋଜିଲା ପରି ଚାରିଆଡ଼କୁ ଚାହିଁ ଚାହିଁ ଭିଡ଼ ଠେଲି ସେ ଆଗକୁ ଯାଉଛନ୍ତି । ବୁଡ଼ିଯାଉଥିବା ଲୋକର ଗୋଡ଼ ହଠାତ୍ ମାଟି ଛୁଇଁଲେ ଯେପରି ଲାଗେ, ମତେ ସେହିପରି ଜଣାଗଲା, ସେଠି ତାଙ୍କୁ ଦେଖି । ଭୟ ଆଉ ଉକ୍ରଣ୍ଠା ସବୁ ଦଣ୍ଡକେ କୁଆଡ଼େ ସପ୍ନ ପରି ହୋଇଗଲା, ଯେମିତି କୋଉ କୁହୁକ ପରଶ ଲାଗି ।

ଡଙ୍ଗା ପାଖରୁ ଲୋକଙ୍କର ଭିଡ଼ାଭିଡ଼ି ଟିକେ କମି ଆସିଥିଲା ସେତେବେଳେକୁ । କିନ୍ତୁ ମୁଁ ସେଇଠି ସେମିତି ପଥର ପରି ଠିଆ ହୋଇ ରହିଲି । ଚେଷ୍ଟା କରିଥିଲେ ସେତେବେଳେ ବି ଡଙ୍ଗାକୁ ଯାଇପାରିଥାନ୍ତି ପରା । କିନ୍ତୁ ଗଲି ନାହିଁ କୋଉ ଲୋଭରେ କେଜାଣି ?

ଗୋଟାଏ ବଡ଼ ପବନ ଗଛପତ୍ର ନହକାଇ ଦେଇ ସୁ ସୁ ହୋଇ ବୋହିଗଲା । ଡଙ୍ଗା ଭିତରୁ ନଟ ବଡ଼ ପାଟିକରି କାନ୍ଦି ଉଠିଲା- ମୋ ନୂଆମା' କାହିଁ ଲୋ, ମୋ ନୂଆମା' ।

ଆଉ ତୁନି ହୋଇ ରହିପାରିଲି ନାହିଁ । ଦି'ହାତରେ ଯେତେ ବଳ ଥିଲା, ଭିଡ଼ ଭିତରେ ବାଟକରି ଡଙ୍ଗା ପାଖକୁ ଆଗେଇଗଲି । ପାଣି ପାଖରେ ପହ ୍ଲାବେଳକୁ ଦେଖିଲି, ପଟା ଉଠାଇ ନାଆ କୂଳରୁ ଅନେକ ଛାଡ଼ିଯାଇଛି । ଆକାଶ ପୃଥିବୀ ଏକାଠି କରି କଳା ବଉଦ ମେଳରେ ସେତେବେଳକୁ ପ୍ରଳୟ ଉଜାଡ଼ ଆରମ୍ଭ ହୋଇଗଲାଣି । ଗଛ ଡାଳେ ଡାଳେ ଯମରାଇଜର ରାମତାଳି ବଜାଇ ପାଗଳା ପବନ ଭିତରେ ଝଡ଼ ଗର୍ଜିଗଲା । ସେଇଠି ସେମିତି ଥକ୍କା ହୋଇ ଠିଆହୋଇ ରହିଲି, ପବନରେ ଦିହ ମୁଣ୍ଡର ଲୁଗା ପତାକା ପରି ଉଡୁଥାଏ । ଘାଟରେ ହଜାରେ ଲୋକ ଯେ ମୋ' ଆଡ଼କୁ ଏକ ଧ୍ୟାନରେ ଚାହିଁଛନ୍ତି, ସେ ଆଡ଼େ ମୋର ଦୃଷ୍ଟି ନାହିଁ ।

ହଠାତ୍ ପଛରୁ କିଏ ଆସି ମୋ' ପିଠିରେ ହାତ ରଖିଲା ।

ଚମକି ଚାହିଁଲି, ନାଥନନା ।

ସେ ଡାକିଲେ, ସତୀ ।

କିଛି କହିଲି ନାହିଁ ।

ଆଗକୁ ଆସି ସେ ମୋ ହାତ ଧରି କହିଲେ, ଆ ।

× × ×

ଝଡ଼ ସେତେବେଳକୁ ଥମି ଆସିଲାଣି ଟିକେ ଟିକେ । ଦେଉଳ ପିଣ୍ଡାରେ ଗୋଟାଏ ଖୁ କୁ ଆଉଜି ଚୁପ୍‌ହୋଇ ଠିଆ ହୋଇଥିଲି । ମୋର ଖଣ୍ଡେ ଦୂରରେ ନାଥନନା । କାହାରି ମୁହଁରେ କଥା ନାହିଁ । ଦୁହେଁଯାକ ନିଜ ନିଜ ଚିନ୍ତାରେ ବୁଡ଼ି ଯାଇଥିଲୁ ଏମିତି ।

କେତେବେଳକେ ସେ ମଥା ଟେକି ଡାକିଲେ, ସତୀ ।

କହିଲି, ଉଁ ।

ସେ କହିଲେ, ପବନ ଟିକେ କମି ଆସିଲାଣି । ଏ ତ ଏମିତି ଅପନ୍ତରା ଜାଗା । ରାତିଗୋଟାକ କଟିବ କେମିତି ?

କିଛି କହିଲି ନାହିଁ ।

ସେ ପୁଣି କହିଲେ, ଏମିତି ଦୁର୍ଯୋଗ ହବ ବୋଲି କିଏ ଜାଣିଥିଲା ? ଅନ୍ଧାର ହବାକୁ ଆଉ ତ ବେଶୀ ଡେରି ନାହିଁ । ପାଖରେ କେଉଁଠି ଗାଁ ଗଣ୍ଡା ତ ଦେଖା ଯାଉ ନାହିଁ, ରାତିକ ପାଇଁ ଟିକେ ଆଶ୍ରୟ ନେବାକୁ ।

ପଚାରିଲି, ଯାଙ୍କ ଘର କେତେ ବାଟ କି ଏଠିକି ?

ସେ ହସିଲେ; କହିଲେ, ଅନେକ ବାଟ, ବୋଧହୁଏ ଚାରି ପା କୋଶ ହବ । ତା'ପରେ ଏ ନଈ । ଡଙ୍ଗାବାଲା ରାତିରେ ଆମକୁ ପାରି କଲେ ତ ? ତା'ପରେ କିଛି ସମୟ କ'ଣ ଭାବି ମତେ ପଚାରିଲେ- ତୁ ରହିପାରିବୁ ଏଠି ଏକା ? ପାଖରେ କୋଉଠି ବସାଘର ମିଳିପାରିବ କି ନା ଦେଖିଆସନ୍ତି । କହିଲି ନାଇଁ ମୁଁ ତମ ସାଙ୍ଗରେ ଯିବି ।

ପବନ ବେଗ ବରାବର କମିଯାଇଥିଲା; କିନ୍ତୁ ଆକାଶ ଗୋଟାକ କଳାମେଘରେ ଅନ୍ଧାର ଦିଶୁଥିଲା, ବର୍ଷା ହେଲା ପରି । ତୋଟା ଭିତରେ ଦେଇ

ଟଙ୍କା ଦେଖି ସାହୁ ଏକାଥରକେ ତରଳିଗଲା । ଟିକେ ହସିଦେଇ କହିଲା- ଦେଶର ଲୋକ ବିପଦରେ ପଡ଼ି ଆସିଲେଣି ଯେତେବେଳେ, କ'ଣ କରିବା; ଆଶ୍ରା ଟିକେ କୋଉଠି ହେଲେ ଦବାକୁ ତ ହବ । ଆସ ବାବୁ, ପିଣ୍ଡା ଉପରକୁ ଉଠିଆସ । ସାଙ୍ଗରେ ଆଉ କିଏ ? ଓ, ଘର ଲୋକ ପରା । ତା'ହେଲେ ତ ଗୋଟାଏ ବଖରା ଦରକାର ।

ମନ ଭିତରେ ଲାଜ ଆଉ ସୁଖର ଗୋଟାଏ ଦମ୍‌କା ପବନ ମାଡ଼ିଆସି ବୁଦ୍ଧି ଜ୍ଞାନ ଅନୁଭୂତିଯାକ ସବୁ ମୋର ଓଲଟ ପାଲଟ କରି ଦେଇ ଗଲା ଏଇ କଥା ପଦକ ଶୁଣି, କିନ୍ତୁ ଦଣ୍ଡକ ଲାଗି ।

ଖଟ ଉପରୁ ଡିବିଟା ଧରି ସାହୁ ଘର ଭିତରକୁ ଉଠିଗଲା । ଅନ୍ଧାରରେ ନାଥନନା ମୋ ପାଖକୁ ଆସି ମୋ କାନ୍ଧରେ ହାତ ରଖିଲେ । ହସି ହସି ପଚାରିଲେ- ତୁ ମୋ ସାଙ୍ଗେ ରହିପାରିବୁ ତ ଏଠି ଏକା ?

କହିଲି- ମୁଁ ସବୁଠେଇଁ ରହିପାରିବି ।

ଡର ମାଡ଼ିବ ନାହିଁ ?

କହିଲି- ମତେ ଡର ମାଡ଼େନା ।

ସେ ହସିଲେ, କହିଲେ, ଏତେ ସାହସ କୋଉ ଦିନଠଉଁ ?

କହିଲି- ଘରୁ ଆସିଲା ଦିନୁ ।

ସାହୁ ଘର ଭିତରୁ ଆସି କହିଲା- ଗୋଟାଏ ଘର ହେଲେ ହବ ତ ବାବୁ ? ଆର ଘରଟାରେ ମାଲପତ୍ର ଗୁଡ଼ାଏ ଜମା ହୋଇଚି । ଯାଅ, ଖଞ୍ଜା ଭିତରକୁ ଯାଅ । ଗୋଡ଼ ହାତ ଧୁଅ, ମୁଁ ବିଛଣା ପଠେଇ ଦଉଚି । ସାହୁ କାନ୍ଥ ଆଡ଼କୁ ମୁହଁକରି ଠିଆ ହେଲା, ଉଦ୍ଦେଶ୍ୟଟା ମୁଁ ଯିବି । ନାଥନନା ମୋ ଆଡ଼କୁ ଚାହିଁ ଟିକେ ହସିଲେ । ସେତେବେଳେ ଠିଆହୋଇ ଭାବିବାର ଅବସର ନ ଥିଲା । ମୁଁ ଭିତରକୁ ଗଲି,

ଦେଉଳ ପଛଆଡ଼କୁ ଯେଉଁ ବାଟ ପଡ଼ିଥିଲା, ନାଥନନା ସେହି ଆଡ଼କୁ ଗଲେ । ପଛରେ ମୁଁ । ତୋଟା ଛାଡ଼ି ପଦାକୁ ଆସିଲୁ । ଦେଉଳବେଢ଼ାକୁ ଲାଗି ଗୋଟାଏ ଘର, ବୋଧହୁଏ ଗୁଡ଼ିଆ ଦୋକାନ । ବାହାର ପିଣ୍ଡାରେ ଖଣ୍ଡେ ଦଦରା ଖଟ ଉପରେ ଜଣେ ଲୋକ ଗୋଟାଏ ଭଙ୍ଗା ଚଷମା-ଦଉଡ଼ି ଜୋର୍‌ରେ ନାକ ଆଗରେ କୌଣସିମତେ ଅଟକାଇ ରଖି ବଡ଼ପାଟି କରି ପୋଥି ପଢୁଥିଲା । ପାଖରେ ତା ଗୋଟାଏ ଡିବି । ତା' ଦିହରୁ ଆଲୁଅ ଯେତେ ହଉଥିଲା, ଧୂଆଁ ହଉଥିଲା ତା'ଠାରୁ ବେଶୀ । ପାଦଶବ୍ଦ ଶୁଣି ଚାହିଁଲା । ପଚାରିଲା- କିଏସେ ?

ନାଥନନା କହିଲେ- ଜଣେ ବାଟୋଇ ।

କ'ଣ ଦରକାର ?

ଅନ୍ଧାରରେ ଘରକୁ ଯାଇ ହେଲା ନାହିଁ, ରାତିକ ପାଇଁ ଟିକେ ଜାଗା ମିଳିବ ଏଠି ?

ବୁଢ଼ା ବିରକ୍ତ ହୋଇ କହିଲା- ନାଇଁ ନାଇଁ, ଏଠି ହୋଇପାରିବ ନାହିଁ, ଯାଅ । ଚୋର କି ଟସ୍କର କିଏ ଜାଣିଚି ବାବା । ଯାଅ ଅନ୍ୟ କୋଉଠି ଦେଖ ।

ନାଥନନା କହିଲେ- ପାଖରେ ତ ଗାଁ ଗଣ୍ଡା ନାହିଁ ସାହୁ । ଦୋକାନ ଘର ଆଉ କାହାର ଦିଶୁ ନାହିଁ ଏଠି । କୋଉଠି ଆଉ ଜାଗା ମିଳିବ ?

କୋଉଠି ନ ମିଳିବ ତ ଦେଉଳପିଣ୍ଡା ପଡ଼ିଚି, ଚାଲିଯାଅ । ଖୁବ୍ ଫରାକତ, ନିଶ୍ଚିନ୍ତରେ ଶୋଇବାକୁ ମିଳିବ ।

ବର୍ଷାହେଲେ ଦେଉଳପିଣ୍ଡାରେ ଯେ ମୁଣ୍ଡ ରଖିବାକୁ ଜାଗା ଟିକେ ନାହିଁ । ଚାଳଯାକ କଣା । ନାଥନନା ଟିକେ ଆଗକୁ ଯାଇ ଖଟ ଉପରେ ଯୋଡ଼ିଏ ଟଙ୍କା ରଖିଦେଇ ପୁଣି କହିଲେ- ଏଇଠି ଟିକେ ଆମକୁ କୋଉଠି ରାତିକ ପାଇଁ ସୁବିଧା କରି ନ ଦେଲେ ତ ହବ ନାହିଁ ସାହୁ ।

ଏମିତି ଦୁଷ୍ଟ ଏ, ଆଜିଯାକେ ବି ସେମିତି ଢଙ୍ଗ ଛାଡ଼ି ନାହାନ୍ତି । କହିଲି, ସତରେ ମତେ ଭୋକ ନାହିଁ ।

ମୁଁ କ'ଣ ଆଉ ମିଛରେ କହୁଚି ପରା ?

ହସ ମାଡୁଥାଏ କଥା ଶୁଣି । କହିଲି, ହଉ ଯା, ଖାଇବି । ବାହାରେ ଠିଆହୋଇ ସାହୁ ଡାକିଲା-ବାବୁ, ଜଳଖିଆ ନିଅନ୍ତୁ ।

ନାଥନନା ଉଠିଯାଇ ଗୋଟାଏ ବଡ଼ ପତ୍ରଠୋଲାରେ ଠୋଲାଏ ରସଗୋଲା ଆଉ ଥାଳି ଆଣି ମୋ ପାଖରେ ରଖିଦେଲେ । ଥାଳିରେ ସବୁ ଜଳଖିଆତକ ବାଢ଼ି ତାଙ୍କ ଆଗରେ ଥୋଇଦେଇ କହିଲି-ଦିଅ, ଆଗେ ଖାଇଲ ତମେ ।

ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ଆଉ ତୁ ।

କହିଲି, ତମେ ଖାଇସାର; ଖାଇବି ଯେ ।

ଢବାବ୍‌କରି ଶେଷରେ କଥା ନ ରଖିଲେ ମାଡ଼ ଖାଇବୁ ଜାଣିଥା, କହି ସେ ଖାଇବାକୁ ବସିଲେ । ଖାଇଲେ ତ ସେ ସବୁ ଯାକ । ମୋ ପାଇଁ ବାରପଣ ଛାଡ଼ି ଉଠିଗଲେ । ମନ ହଉ ନ ଥାଏ, ଖାଲି କଥା ରଖିବାକୁ ଅଳ୍ପ କିଛି ଖାଇ ଥାଳି ଖଣ୍ଡ ଧୋଇଆଣିଲି । ଘର ଭିତରେ ନାଥନନା ସେତେବେଳକୁ ବିଛଣାରେ ବସିଛନ୍ତି । କିନ୍ତୁ ଏ କ'ଣ ? ବିଛଣା ଯେ ଜମାଖଣ୍ଡିଏ ! ଛାତିଟା ମୋର ଥରିଗଲା ।

ମତେ ଦେଖି ସେ କହିଲେ- ଆ, ବସ୍ ।

ଖଣ୍ଡେ ଦୂର ଛାଡ଼ି ଖାଲି ଭୂଇଁରେ ଯାଇ ବସିଲି, ମୁଣ୍ଡ ତଳକୁ ପୋତି । ଆଲୁଅଟା ମିଞ୍ଜି ମିଞ୍ଜି ହୋଇ ଆସୁଥିଲା । ଟିକେ ତେଜିଦେଇ ସେ କହିଲେ- ଖୁବ୍ କାମରେ ଯା'ହଉ  ଆସିଲା, ଆଜି ଠାକୁରଙ୍କ ପାଖକୁ ମୋର ଆସିବା । ତୁ ଯେ କ'ଣ କରିଥାନ୍ତୁ ମୁଁ ନ ଆସିଥିଲେ; ସେଇକଥା ଖାଲି ଭାବୁଚି ।

ପଚାରିଲି- ତୁମେ କେମିତି ଜାଣିଲ କି ଆମେସବୁ ଆଜି ଆସିବୁ ବୋଲି ?

ନାଥନନା ମୋ ପଛରେ ।

ଭିତରେ ଗୋଟାଏ ଖଞ୍ଜା । ସାମନାରେ ଗୋଟାଏ ବଡ଼ ଦୋକାନଘର, ସାହୁ ଯୋଉଠି ବସିଥିଲା । ଖଣ୍ଡେ ଛୋଟ ମାଟି ଦୁଆର ପାରିହୋଇ ଆଉ ଦୁଇଟି ଘର । ଦୁଇପାଖ ମାଟି ପାଚୀରି ଘେରା । ଘର କବାଟ ଫିଟାଇ ନାଥନନା କହିଲେ- ଯା ଭିତରେ ବସ, ମୁଁ ଆଲୁଅ ଆଣେ ।

ସେ ଚାଲିଗଲେ । ଅନ୍ଧାରରେ ସେଇ ଥଣ୍ଡା ମାଟି ତଳଟାରେ ବସି ଭାବିଲି, ମନ୍ଦ ବ୍ୟବସ୍ଥା ନୁହେଁ । ଏଇ ଗୋଟାଏ ଘର; ବୋଧହୁଏ ଗୋଟାଏ ବିଛଣାରେ ଏକାଠି ରାତି କଟେଇବାକୁ ହବ । ଦିହଗୋଟାକ ଶୀତେଇଉଠିଲା ଭୟ ଆଉ ଲଜ୍ଜାରେ, କିନ୍ତୁ ସମସ୍ତଙ୍କ ଭିତରେ ଗୋଟାଏ ଆଲୋକିତ ସୁଖର ଆବେଗ ଛାତିଟା ଥରାଇ ଦେଇଗଲା ଥରେ । ଦିନେ ଏମିତି ଆଉ ଜଣଙ୍କ ସାଙ୍ଗରେ ବାଧ୍ୟ ହୋଇ ଏକାଠି ଦୁଇ ରାତି କଟେଇବାକୁ ହୋଇଥିଲା; କିନ୍ତୁ ସେଦିନ ଆଉ ଆଜି ! କେତେ ଅନ୍ତର, କେତେ ଅଭିନବତ୍ୱ ଯା ଭିତରେ ।

ପାଣି ପବନ ଏକାଠି କରି କଳା ବଉଦର ମୁକୁଳା ଛାତିରେ ସେତେବେଳକୁ ବରଷାର ଅଖଣ୍ଡ ବସନ୍ତାର ଫିଟି ଯାଇଥିଲା ରାତି-ଅନ୍ଧାରପାଶୋରା ଗଛଗହଳିର ମଥାନ ଉପରେ । ଭାବିଲି, ଯାହା କପାଳରେ ଥିବ, ମୋର କ'ଣ ଚାରି ଅଛି ଏଥିରେ ?

ବିଛଣା ଆଉ ଆଲୁଅ ନେଇ ନାଥନନା ଆସିଲେ । ପଚାରିଲେ, କ'ଣ ଖାଇବୁ ସତୀ ?

କହିଲି- ମୁଁ ଖାଇବି ନାହିଁ, ଭୋକ ନାହିଁ । ତମେ ଯା ଖାଇବ ।

ଘର ଭିତରେ ବିଛଣା ରଖିଦେଇ ସେ ବସିଲେ । ହସି ହସି କହିଲେ, ମତେ ବି ଭୋକ ନାହିଁ ତା'ହେଲେ ।

କାହିଁକି, ସଇତା ତ ମତେ କହିଲା । ପୁଣି ତୁ କୁଆଡ଼େ ତା ହାତରେ ଖବର ଦେଇଥିଲୁ ମୋ ପାଖକୁ । ନ ଆସିବାକୁ ମୋର ଆଉ ଚାରା ଥିଲାନା ?

ଭାରି ଲାଜ ମାଡ଼ିଲା କଥା ଶୁଣି । ଭାବିଲି, କାହିଁକି ସଇତାକୁ ଏ କଥା କହି ମଲି ।

ଦଣ୍ଡେ ଗଲା ।

ସେ କହିଲେ, ତୁ ବେସ୍ତ ହୋନା ସତୀ, ସାହୁକୁ କହିଚି । କାଲି ସେ ଖଣ୍ଡେ ସବାରୀ ଠିକ୍ କରି ଦବ । ତତେ ନେଇ ତମ ଶାଶୁଘରେ ଛାଡ଼ିଆସିବ, ବୁଝିଲୁ ? ମୋ ମୁହଁକୁ ଚାହିଁ ସେ ହସିଲେ ।

କି ଆଶ୍ଚର୍ଯ୍ୟ କଥା, ଶାଶୁଘରକୁ ଯିବା ଚିନ୍ତାରେ ମତେ ଭୋକ ଶୋଷ ନାହିଁ ନା କ'ଣ ! ନା ମତେ ଥଟ୍ଟା କରୁଛନ୍ତି ? ପଚାରିଲି- ତୁମେ ଯିବ ନାହିଁ ସାଙ୍ଗରେ ?

ମୁଁ ? କହିବୁ ଯଦି ଯିବି ।

ଏଇ ନାଥନନା, ମୋ କଥାପଦକୁ ଯେ କୋଟିନିଧି ମନେକରି ସବୁ ଦୁଃଖ କଷ୍ଟ ମୁଣ୍ଡାଇନେବାକୁ ରାଜି । ଇଏ ଆଉ ମୋ ସାମୀ ! ଭଗବାନ ମଣିଷଙ୍କ ଭିତରେ ପୁଣି ଏତେ ପ୍ରଭେଦ ଥାଏ ? ଗୋଟାଏ ଦମ୍କା ପବନରେ ଘରଭିତରେ ଆଲୁଅଟୋ ହଠାତ୍ ଲିଭିଗଲା । ଅନ୍ଧାର ଭିତରେ ଦୁହେଁଯାକ ଚୁପ୍‌ହୋଇ ବସିରହିଲୁ । କାହାରି ମୁହଁରେ କଥା ନାହିଁ । କେତେବେଳେକେ ଜୋରରେ ଗୋଟାଏ ଦୀର୍ଘ ନିଃଶ୍ୱାସ ପକାଇ ନାଥନନା ଡାକିଲେ- ସତୀ ।

କହିଲି, ଉଁ ।

ସତୀ, ଦି'ମାସ ତଳର କଥା ମନେପଡ଼େ ତୋର ? ଯେତେବେଳେ ବାହାରର ଏଇ ଝଡ଼ପବନ ପରି ତୁ ମୁକ୍ତ ସାଧୀନ ଥିଲୁ । କାହାରି ଭଲ ମନ୍ଦ ପାଇଁ

ଟିକେ ଚିନ୍ତାଦକ ତୋ ମନକୁ ଛୁଇଁଯାଇ ନ ଥିଲା । ଏମିତି ଦିନେ ବର୍ଷା ରାତିରେ ଆମ ନିଶି ମତେ ହସି ହସି ଆସି କହିଲା- ନନା, ବଉଳ ଆମ ଘରକୁ ଆସିବ ।

କେତେ ସପ୍ନବିଳାସ, କେତେ ସୁକଳ୍ପନା ମନକୁ ମୋର କୁହୁକ-ରାଜ୍ୟକୁ ଟାଣିନେଲା ସେଇ କଥାପଦକ ଶୁଣି । ଆଜି କିନ୍ତୁ ଏଇ କେଇଟା ଦିନରେ ତୋ'ମୋ' ଭିତରେ କେତେ ଛଡ଼ା କେତେ ଦୂର ହୋଇଗଲାଣି !

ମନେ ହେଉଥାଏ ବଡ଼ ପାଟିକରି କହିବାକୁ- ନାଇଁ, ମୁଁ ଆଗ ପରି ସେମିତି ମୁକ୍ତ ସାଧୀନ ଅଛି । ଆଜିଯାଏ ସୁଦ୍ଧା କାହାରି ଚିନ୍ତାଦକ ତିଳେହେଲେ ମୋତେ ଛୁଇଁ ଯାଇ ନାହିଁ, କେବଳ ତମ ଛଡ଼ା । କିନ୍ତୁ ଲାଜରେ କିଛି କହିପାରିଲି ନାହିଁ ।

ଅନେକ ବେଳ ଗଲା । ସେ କିଛି କହିଲେ ନାହିଁ । ବାହାରେ ଏ ବର୍ଷା ପବନ, ଘର ଅନ୍ଧାର ଭିତରେ ପାଖ ପାଖ ହୋଇ ସେ ଆଉ ମୁଁ । ଡର ମାଡ଼ିଲା; ଯଦି ପାଖରେ ସେ ମତେ ଶୋଇବାକୁ ଡାକିନ୍ତି । କ'ଣ କରିବି ମୁଁ ଏଠି ? ଆଉ ତ ଉପାୟ କିଛି ନାହିଁ । ଭୟରେ ଛାତି ଭିତରେ ମୋର କମ୍ପିଗଲା ।

ଅନେକ ବେଳ ପରେ ସେ କହିଲେ- ସତୀ । ଆ, ତୁ ଶୋ ଏଠି, ମୁଁ ଯାଉଚି ।

ନିଶ୍ଚିନ୍ତ ହୋଇ ପଚାରିଲି- ଆଉ ତମେ କୋଉଠି ଶୋଇବ, ଆର ଘରେ ?

ମୁଁ ? ମୁଁ ଏଇ ପିଣ୍ଡାପହଣ୍ଡରେ କୋଉଠି ଟିକେ ପଡ଼ିଯିବି ଆଉ କେଇଟା ଘ ।ପେଇଁ, ମୋର କ'ଣ ଅଛି ?

ଏଇ ବର୍ଷା ପବନ ଆଉ ଶୀତରେ ଏମିତି ମୁକୁଳା ପିଣ୍ଡାଟାରେ ! ଦଣ୍ଡକେ ଆଶଙ୍କା ଓ ଉତ୍କଣ୍ଠାରେ ସବୁ ଭୁଲିଯାଇ କହି ପକାଇଲି, ନାଇଁ ନାଇଁ, ତା ହବ ନାଇଁ । ଏ ବର୍ଷାରେ ପଦାଟାରେ ଯାଇ ଶୋଇବ, କ'ଣ ଜର ଡାକି ଆଣିବାକୁ ନା

କ'ଣ ? ତମେ ଏଇଠି ଶୁଅ ପଛକେ ।

ଆଉ ତୁ ? ବିଛଣା ଯେ ଜମା ଖଣ୍ଡିଏ । ଆଗ୍ରହରେ କଣ୍ଠ ତାଙ୍କର ଥରିଗଲା ।

କହିଲି, ମୁଁ ପଛେ ପିଣ୍ଡାକୁ ଯାଉଚି ।

ସେ ହସିଲେ । ହତାଶର ବେଦନାରେ ବତୁରି ଯାଇଥିଲା ଯେପରି ସେ ହସ । କହିଲେ- ନାଇଁ ଲୋ ଦୁଷ୍ଟ, ମୁଁ ପିଣ୍ଡାରେ ଶୋଇବି, ତୁ ଶୋ ଏଠି । ଘର କବାଟଟା ପଦାରୁ ଆଉଜାଇ ଦେଇ କହିଲେ- ଭିତରୁ କବାଟ ଦେଇ ଶୋ; ମୁଁ ଯାଉଚି ।

ଭାବିଲି, ମୁଁ ଶୋଇବି ଏଠି ଘର ଭିତରେ, ବିଛଣାରେ ନିଶ୍ଚିନ୍ତରେ, ଆଉ ସେ କୋଉ ଅପନ୍ତରା ପଦାଟାରେ ପାଣି ପବନରେ ଏମିତି ପଡ଼ିରହିବେ ସିନା ରାତିଯାକ ।

ବିଛଣାଟାକୁ ରାଗରେ ଗୋଡ଼ରେ ଫୋପାଡ଼ିଦେଇ ସେଇ ଓଦାଭୂଇଁରେ ଲଥିକିନି ଶୋଇପଡ଼ିଲି । ବାହାରେ ସେତେବେଳକୁ ମୋ ମନ- ପରାଶକୁ ଟାହୁଲି କରି ଝଡ଼ ଗର୍ଜୁଥିଲା ।

ସକାଳୁ ଉଠିବା ଆଗରୁ ନାଥନନା ମତେ ଆସି ଡାକିଲେ । ଧଡ଼୍‌ପଡ଼୍ ହୋଇ ଉଠି ବସିଲି ମୁଣ୍ଡରେ ଲୁଗା ଦେଇ । ପଚାରିଲେ, ରାତିଯାକ ଏମିତି କବାଟ ଖୋଲା ଥିଲା ପରା ? ତା'ପରେ ଭାରି ଆଶ୍ଚର୍ଯ୍ୟ ହୋଇ କହିଲେ, ବିଛଣା ଛାଡ଼ି ଏମିତି ଓଦାଭୂଇଁଟାରେ ରାତିଯାକ ଶୋଇଚୁ ନା ?

କହିଲି, ନିଜେ କୋଉ ଏବେ ଖଟ ପଲଙ୍କରେ ଶୋଇଥିଲ ଶୁଣେ ?

ସାର୍ଥକତାର ସୁଖରେ ତାଙ୍କ ମୁହଁ ଉଜ୍ଜ୍ୱଳ ହୋଇଉଠିଲା । ସେ କହିଲେ- ହଉ, ଦେ ଚ  ଳ ଦାନ୍ତ ଘଷିପକା । ସବାରୀ ଆସିଲାଣି କି ନା ମୁଁ ଦେଖେ ।

ସେ ପଦାକୁ ଚାଲିଗଲେ, କିଛି ସମୟ ପରେ ଫେରିଆସି କହିଲେ- ସତୀ,

ସବାରୀ ତ ମିଳିଲା ନାହିଁ କୋଉଠୁ ଖୋଜି ଖୋଜି । ଖଣ୍ଡେ ବଳଦଗାଡ଼ି ଆସିଚି । କ'ଣ କରିବି, ଯାଇପାରିବୁ ସେଥିରେ ?

କେତେ ଚିନ୍ତା ସତେ ୟାଙ୍କର ମୋ ପାଇଁ । କହିଲି- ହଁ; ସେହିଥିରେ ଯିବି ।

ନାଥନନାଙ୍କ ସଙ୍ଗେ ବାହାରକୁ ଆସିଲି । ନଈ ପାରିହୋଇ ଆରପାଖରେ ଯାଇ ବସିଲି ଗାଡ଼ିରେ । ମୋ ଆଗରେ ନାଥନନା ବସି ଗାଡ଼ିବାଲାକୁ କହିଲେ; ଅଡ଼ା ।

ଗାଡ଼ିବାଲା ପଚାରିଲା- କୋଉଠିକି ଯିବ ବାବୁ ?

ନରହରି ମିଶ୍ରଙ୍କ ଘରକୁ ।

ଖରା ପଡ଼ି ନ ଥିଲା ସେତେବେଳକୁ । ରାତି ବରଷାରେ ଠାଏ ଠାଏ ପାଣି ଜମି ଯାଇଥିଲା । ପୃଥିବୀ ଯେପରି ତା'ର ପାହାନ୍ତାଗାଧୁଆ ସାରି ଓଦାଲୁଗାରେ ଠିଆହୋଇ ଗଛ ପତରର ନୀଳାମ୍ବରୀ ଚିପୁଡ଼ି ପିନ୍ଧୁଥିଲା ଆଉ ଥରେ । ବାହାର ଆଡ଼କୁ ଚାହିଁ ନାଥନନା ବସିଛନ୍ତି ଗାଡ଼ି ଭିତରେ । ରାତି ପରି ମୁହଁରେ ଆଉ ହସ ନାହିଁ । ଏକଧ୍ୟାନରେ ତାଙ୍କ ଆଡ଼େ ଚାହିଁ ଚାହିଁ ଭାବିଲି, ଆଉ କେତେ ଦଣ୍ଡ ପରେ, ଏଇତକ ଦେଖା ବି ମୋର ସରିଯିବ, କେତେଦିନ ଲାଗି କିଏ ଜାଣିଚି । ଏତେ ଦୁଃଖ ଭିତରେ ଖାଲି କାଲି ରାତିର ସୁଖଟିକକ ମୋର ଗଣ୍ଠିଧନ । ମନ କଷ୍ଟ ହେଲେ ବୋଧଦବାକୁ ଖାଲି ଏଇତକ ଅମୂଲ୍ୟନିଧି ପରି ମନରେ ସ । ଥିବ ସବୁ ଦିନ ପାଇଁ ।

ଗାଡ଼ି ଚାଲିଲା ଅଜଣା ଅପନ୍ତରା ବାଟ ଦେଇ । ବିଲ ଗହୀର ଭିତରେ ବରଷାବତୁରା ହୋଇ ପାଚିଲା ଧାନକିଆରୀ ଯେପରି ହଳଦୀ ଲଗାଇଥିଲା ଶାଶୁଘରକୁ ଯିବ ବୋଲି ଆଉ ପାହାନ୍ତା ପବନ ତା'ର ଓଦା ମହକଟିକ ଭାର ନେଇ ଯାଉଥିଲା ବର ସଙ୍ଖୁଳିବାକୁ । ବାଟ ଘାଟରେ ଭଲହୋଇ ଖରା ପଡ଼ି ଯାଇଥିଲା ତାଙ୍କ ଘରେ ପହ ୍ଲାବେଳକୁ । ଦାଣ୍ଡପିଣ୍ଡାରେ ସ୍ୱାମୀ ବସିଥିଲେ; ଗାଡ଼ି ରହିବା

ଦେଖି ପଚାରିଲେ- କାହା ଗାଡ଼ି ?

ନାଥନନା ଗାଡ଼ିରୁ ଓହ୍ଲାଇ ମତେ କହିଲେ- ସତୀ, ତୁ ବସିଥା ଏଠି, ମୁଁ ଘର ଭିତରେ ଖବର ଦିଏ ।

ସେ ମୋ ସ୍ୱାମୀଙ୍କ ପାଖକୁ ଯାଇ ତୁନି ତୁନି କ'ଣ କହିଲେ । ବରଡ଼ା ତାଟି ଫାଙ୍କରେ ମୁଁ ଚାହିଁଥାଏ ସିଆଡ଼େ । ମୋ ସ୍ୱାମୀ ସେକଥା ଶୁଣି ରାଗରେ ପାଟି କରିଉଠି କହିଲେ- କ'ଣ କରି ପାଇଲା କି ଏଠି ? ଆସିଚି ବେହିଆ ମୁହଁ ଦେଖାଇବାକୁ ଫେର୍ ! ସହରରେ ଢେର ବେଶ୍ୟାପଡ଼ା ଅଛି; ନେଇଯା ସେଠିକି । ତା' ମୁହଁ ମୁଁ ଚାହିଁବି ନାହିଁ ।

ନାଥନନା ବିରକ୍ତ ହୋଇ କହିଲେ- କ'ଣ ଗୁଡ଼ାଏ ଛୋଟ ଲୋକଙ୍କ ପରି କହୁଛନ୍ତି ଆପଣ ? ଟିକେ ବୁଝି ସୁଝି କଥା କହନ୍ତୁ ।

ସେ ରାଗରେ ଗର୍ଜିଉଠି କହିଲେ- କ'ଣ ଛୋଟଲୋକ ? ମୁଁ ନା ସେ ? ଠାକୁରଙ୍କ ପାଖରେ କୃତ୍ରିମ କରି ପଛକୁ ରହିଯାଇଥିଲା କୋଉ ନାଗରଙ୍କ ପାଖରେ ରାତି କଟେଇବାକୁ ଶୁଣେ ? ସକାଳୁ ଆସିଛନ୍ତି ଭଲଲୋକ ହୋଇ । ନାଁ, ମୁଁ ଓଲୁ ନୁହେଁ, ସବୁ ବୁଝେ । ଭଲ ଗତି ଯେବେ ଅଛି, ଯାଉ ସେ ମୋ ଆଗରୁ ଏଇକ୍ଷିଣି । ନଇଲେ ପିଆଦା ଡକାଇ ତ ିଆ ମାରି ତଡ଼ି ଦେବି ଏଠୁ ।

ଆଉ ଶୁଣିପାରିଲି ନାହିଁ, ଗାଡ଼ି ଭିତରେ ମଲାଙ୍କ ପରି ଶୋଇପଡ଼ିଲି । ମନେହେଲା, ମା' କ'ଣ ଜାଣିପାରି ନାହାନ୍ତି ଏସବୁ କଥା ? କିନ୍ତୁ ସେ ଦମ୍ଭଟିକ ମୋର ଉଭେଇଗଲା । ସେ ଯେ କାଲିଠଉଁ ଏଠି ନାହାନ୍ତି ।

ଏଇ ମୋ ସ୍ୱାମୀ ! ଯାଙ୍କ ଲାଗି କାଲି ରାତିରେ ନିଜକୁ ଅନ୍ୟଠାରୁ ବ ାଇବାକୁ ଯାଇ ରାତିସାରା ମତେ ପୁଣି ଭଲକରି ନିଦ ହୋଇ ନ ଥିଲା । ନାଥନନା ଗାଡ଼ି ପାଖକୁ ଆସି ଗାଡ଼ିବାଲାକୁ ଦୃଢ଼କଣ୍ଠରେ କହିଲେ, ଚଲା ।

ତାଙ୍କ ରାଗ ଦେଖି ଗାଡ଼ିବାଲା ବିଚରା ବାଉଳା ହୋଇ ଯାଇଥିଲା । ଡରି ପଚାରିଲା, କୋଉଠିକି ବାବୁ ?

ରେଳ ଷ୍ଟେସନ ।

× × ×

ଚଳନ୍ତା ଗାଡ଼ି ଭିତରେ କେଉଁ ଅଜଣା ବାଟର ବାଟୋଇ ମୁଁ । କୁଆଡ଼େ ଯାଉଚି, କ'ଣ କରିବି, କିଛି ଜାଣେ ନାହିଁ । ଦି'ଦିନ ଆଗରୁ କ'ଣ ଥିଲି, ଆଜି କ'ଣ ହୋଇଚି ! ଯେପରି ଗୋଟାଏ ଯୁଗ, ଗୋଟାଏ ଜନ୍ମ ଏହା ଭିତରେ ବିତିଗଲାଣି । ଦଣ୍ଡକର ଟିକିଏ ମାତ୍ର ଭୁଲ୍ ପାଇଁ, ଯାହା ହୋଇପାରେ ବୋଲି ସ୍ୱପ୍ନରେ ସୁଦ୍ଧ କଳ୍ପନା କରି ନ ଥିଲି, ସେଇଆ ମୋ କପାଳରେ ଘଟିଗଲା, ଅଥଚ କିଏ ମତେ ସେଥିଲାଗି ତିଳେହେଲେ କ୍ଷମା କଲା କି ? ସମାଜରେ ସ୍ତ୍ରୀ ପ୍ରତି ସ୍ୱାମୀର ସବୁଠାରୁ ବଡ଼ ଦଣ୍ଡ ମୋ ପାଇଁ ବ୍ୟବସ୍ଥା ହୋଇଯିବାକୁ ଦଣ୍ଡେ ଅଟକିଲା ନାହିଁ । ଟିକେ ଆପତ୍ତି, ଟିକେ ନାଁ କରିବାକୁ କେହି ଆସିଲେ ନାହିଁ ମୋ ପାଇଁ । ଅଥଚ ଏଇ ପୁରୁଷ ଜାତିଟା, ସମାଜର ମଥା ହୋଇ ପୁଣି ଯା ଠାରୁ ହଜାର ଗୁଣରେ ବଡ଼ ଭୁଲ୍ ପ୍ରତିଦିନ ପଣ ପଣ କରି ଯାଉଛନ୍ତି, ଯାହା ଉପରେ ପାଟି ଫିଟାଇବାକୁ କାହାରି ଅଧିକାର ନାହିଁ । ଭାବିଲି, ସବୁଠୁଁ ନିଉଛଣା, ସବୁଠୁଁ ହତଭାଗ୍ୟ ଆମର ଏଇ ସ୍ତ୍ରୀ ଜାତିଟା । ଯୌବନର ଶିଉଳିପରା ବାଟରେ ଚାଲିଲାବେଳେ ଏଇ ଜାତିର ଟିକେ ଗୋଡ଼ ଅରିବାକୁ ଯେପରି ସମାଜ ଜଗି ବସିଥାଏ, ହଜାରେ ଆଖି ମେଲି ସବୁବେଳେ । ଦେଖା ପଡ଼ିଲେ ଆଉ ରକ୍ଷା ନାହିଁ । ସାଙ୍ଗେ ସାଙ୍ଗେ ତା'ପ୍ରତି ମୃତ୍ୟୁଦଣ୍ଡର ବ୍ୟବସ୍ଥା ହୋଇଯାଏ । କିନ୍ତୁ ପୁରୁଷ ! ଛାଡ଼ ସେ କଥା । ସେ ତ ଆଉ ଆମ ପରି ନୁହନ୍ତି ।

ଷ୍ଟେସନରେ ଗାଡ଼ି ପହଞ୍ଚିଲାବେଳକୁ ରେଳ ଆସିବା ବେଳ ହୋଇ ଯାଇଥିଲା । ନାଥନନା ମତେ ସାଙ୍ଗରେ ନେଇ ଭିତରକୁ ଗଲେ । ଦଣ୍ଡକ ପରେ

ଘଡ଼ଘଡ଼ି ଶବ୍ଦରେ ଭୂଇଁ କମ୍ପାଇ ଗୋଟାଏ କାଳିଆ ଗାଡ଼ି ପବନ ପରି ଜୋର୍‌ରେ ଧୂଆଁ ଧୂଳିର କୁହୁଡ଼ି ବୋଲି ହୋଇ ଆସି ଠିଆହେଲେ । ମନେହେଲା, ଯେପରି କୋଉ କାହାଣୀମାଳାର ଅସୁରରଜା ହଜିଥିବା ରଜାଝିଅକୁ ଖୋଜିବାକୁ ଧାଇଁଚି । ଲୋକଗହଳି ଆଉ ଘୋ ଘା ଭିତରେ ଆମେ ଯାଇଁ ଗୋଟାଏ କୋଠରୀରେ ବସିଲୁ । ଗାଡ଼ି ଚାଲିଲା । ମଫସଲ ଲୋକଙ୍କ ଅଜଣାରେ ବାହାରେ ପୁଣି ଏତେ ନୂଆ, ଏତେ ଅଦେଖା କଥା ଅଛି ! ମତେ ଖାଲି ସବୁ ସପ୍ନ ପରି ଲାଗୁଥାଏ ।

ବଗିଗାଡ଼ି ଆସି ଗୋଟିଏ ଛୋଟ କୋଠା ଆଗରେ ରହିଲା ।

ଆଶ୍ଚର୍ଯ୍ୟ ହୋଇ ପଚାରିଲି- ଏ କୋଉଠା ନାଥନନା ?

ସେ କହିଲେ, ଏ କଟକ ପରା ।

ଏଠିକି ଆସିବି ବୋଲି ମୁଁ ଆଉ ଜାଣିଚି ? ପଚାରିଲି, ଗାଁକୁ ଯିବା ପରା । ହଁ ଯିବା ଯେ, ଆଜି ନୁହେଁ, ସେ କହିଲେ ।

ଆମେ ଯୋଉ ବସାରେ ରହିଲୁ, ସେଇଥିରୁ ଗୋଟାଏ କୋଠରୀ ସଫା କରେଇ ନାଥନନା ମତେ କହିଲେ- ସତୀ ! ତୁ ଏଇ ଘରେ ଥା, ମୁଁ ବଜାରରୁ ଆସେ ।

କହିଲି, ମୁଁ ଏକା ରହିବି ଏଠି ?

ନାଇଁ ଲୋ ଓଲି । ଏ ବସାରେ ଆଉ ଜଣେ ଲୋକ ପିଲାପିଲି ନେଇ ବସାକରି ଅଛି । ଭୟ କ'ଣ ତୋର ? ମୁଁ ଏଇକ୍ଷଣି ଆସୁଚି ଯେ । ସେ ବାହାରକୁ ଚାଲିଗଲେ । ଘର ଭିତରେ ତୁନିହୋଇ ବସି ମୁଁ ଦୁନିଆଁ ବ୍ରହ୍ମାଣ୍ଡ କଥା ଭାବିବାକୁ ଲାଗିଲି । ଆଜି, ଏଇ କେତେ ଘ । ଆଗରୁ ମତେ ନେଇ ଯେ ଏତେ ବଡ଼ ଅସୁନ୍ଦର କଥାଟା ହୋଇଗଲା; ବାପା ବୋଉ ହେରିକା କେହି ଏ ଖବର ଏତେ ବେଳଯାଏ ଶୁଣି ନ ଥିବେ । ଗାଁରେ ବି କେହି ଜାଣି ନ ଥିବେ ପରା । କିନ୍ତୁ ଦିନେ

ତ ଜାଣିବେ ପୁଣି । ଜାଣିବେ ମୋ ସ୍ୱାମୀ ମୋତେ କେମିତି ଘରୁ ତଡ଼ିଦେଇଥିଲେ ସାମାନ୍ୟ ଦୋଷରେ । ମୁଁ ବି କୋଉ ଦମ୍ଭରେ ତାଙ୍କ ପାଖେ ଶରଣ ନ ପଶି ଚାଲିଆସିଲି ! ଆସିଲି ପୁଣି ନାଥନନାଙ୍କ ସାଙ୍ଗରେ; ମୋର ବାହାଘର କେତେ ମାସ ଆଗରୁ ଯାହାଙ୍କ ସଙ୍ଗେ ଠିକ୍‌ହୋଇ ଯାଇଥିଲା । ଛି ଛି, ବାପା ବୋଉଙ୍କୁ କେମିତି ଯାଇ ଫେର୍ ମୁହଁ ଦେଖାଇବି ? ସେଦିନ ସେଇ ଠାକୁରଙ୍କ ପାଖରେ ଭିଡ଼ ଭିତରେ ନ ମଲି କାହିଁକି ? ଗାଁ ଲୋକେ ବାପା ହେରିକାଙ୍କୁ ପଚାରିବେ, ତମ ଝିଅକୁ ତା'ର ଶାଶୁଘର କାହିଁକି ତଡ଼ିଦେଲେ କି ? ସେତେବେଳେ କ'ଣ ଉ ର ଦେବେ ସେ ? ମୋ'ରି ଲାଗି ସିନା ସେମାନଙ୍କର ମୁହଁ ତଳକୁ ହୋଇଯିବ । କିନ୍ତୁ ଏଇ ସବୁଥିଲାଗି କିଏ ଦାୟୀ- ଏଇ ନାଥନନା । ମୁଁ ତ ଆଉ ମୋ'ରି କଥା ନେଇ ସ୍ୱାମୀଙ୍କ ସାଙ୍ଗେ ଦାଣ୍ଡଦୁଆରେ କଳିକରି ନ ଥାନ୍ତି ! ସେ ତ ମୋ ପାଇଁ କହିବାକୁ ଥିଲେ । ସ୍ୱାମୀ ଯେତେବେଳେ ଚିଡ଼ିଉଠିଲେ, କାହିଁକି ଏ ସେତେବେଳେ ମଉନ ହୋଇ କଥା ନ କହିଲେ ତାଙ୍କ ପାଖରେ ? ମତେ ଘରକୁ ନବାକୁ ହାତ ଓଠ ନ ଧଇଲେ ତାଙ୍କର ? ତେଣିକି ସେ ଘରେ ମୁଁ କେମିତି ଚଳିଥାନ୍ତି, ସେ କଥା ମୁଁ ଜାଣେ । ଏତେ ଦିନ ତ ଏବେ ସ୍ୱାମୀଙ୍କର ବିଛଣା ନ ମାଡ଼ି କଟେଇ ଆସିଥିଲି, ଆଉ କେଇଟା ଦିନ ସେମିତି ଏବେ କଟିଯାଇଥାଆନ୍ତା । ମୋ କଷ୍ଟ ପାଇଁ ୟାଙ୍କର ଏତେ ମୁଣ୍ଡ ବଥାଉଥିଲା କାହିଁକି ? ଏଇ ଦମ୍ଭଟିକ ଦେଖାଇବାକୁ ଯାଇ ଯେ ଭୁଲଟି କରିବସିଲି, ଜୀବନ ଗଲେ ବି ତ ଆଉ ସୁଧୁରିବ ନାହିଁ ।

କବାଟ ଫିଟାଇବା ଶବ୍ଦରେ ଚାହିଁ ଦେଖିଲି, ନାଥନନା । ଗୋଟାଏ ବଡ଼ ଟୋକେଇରେ ବୋଝେ ଜିନିଷ ଆଣି ଜଣେ ଲୋକ ଘର ଭିତରେ ଥୋଇଦେଇ ଗଲା ।

ନାଥନନା ହସି ହସି ଡାକିଲେ- ସତୀ ।

କିଛି କହିଲି ନାହିଁ ରାଗରେ ।

ମତେ ଚୁପ୍‌ହୋଇ ରହିବା ଦେଖି ସେ ପୁଣି କହିଲେ- ସବୁ କିଣିଆଣିଲି ସତୀ, ଘରକରଣାର ଯେତେକ ଜିନିଷ । ଏ କ'ଣ, ତୁ କାନ୍ଦୁଚୁ ?–

ମୁହଁଟା ଦଣ୍ଡକେ ତାଙ୍କର ବେଦନାରେ ଝାଉଁଳି ପଡ଼ିଲା । ପାଖକୁ ଆସି ମୋ ପିଠିରେ ହାତରଖି ଡାକିଲେ- ସତୀ ।

ଉଁ ।

କାହିଁକି କାନ୍ଦୁଛୁ, କହିବୁ ନାହିଁ ମତେ ?

ମିଛରେ କହିଲି, ମୁଣ୍ଡ ବଥାଉଚି ଭାରି ।

ଦଣ୍ଡେ ଛିଡ଼ାହୋଇ ସେ କ'ଣ ଭାବିଲେ । ତା'ପରେ ଦଉଡ଼ି ବାହାରକୁ ଚାଲିଗଲେ ସେଇ ଖରାଟାରେ । ଗଲାବେଳେ ଟୋକେଇରେ ତାଙ୍କ ଗୋଡ଼ ବାଜି ହାଣ୍ଡିକୁଣ୍ଢେଇ ଆଉ କେତେଟା ବୋତଲ ଭାଙ୍ଗି ଚୁନା ହୋଇଗଲା, ସେ ଆଡ଼କୁ ଥରେ ଚାହିଁଲେ ବି ନାହିଁ । ମିନିଟିଏ ହୋଇଚି କି ନାହିଁ, ଗୋଟାଏ କି ଡବା ଧରି ଫେରିଆସି କହିଲେ, ଟିକେ ମୁଣ୍ଡରେ ଲଗାଇଦଏ ଏଥିରୁ, ଏଇକ୍ଷଣି ବନ୍ଦ ହୋଇଯିବ ।

ମିଛ ତ କହିଚି, ଓଷଦ ଲଗାଇବାକୁ ହେଲା । ତା'ପରେ ମତେ ଜୋର୍‌କରି ଶୁଆଇଦେଇ ସେ ବି ବସିଲେ । ତୁନିହୋଇ ବିଛଣାରେ ପଡ଼ିରହିଲି । ଆଖିଦି'ଟା ଅକାରଣରେ ଲୁହରେ ପୂରିଉଠିଲା ।

ଦଣ୍ଡକ ଆଗରୁ ମୁଁ ପୁଣି ଯାଙ୍କ ଉପରେ ରାଗୁଥିଲି ।

ମତେ ଉଠିବା ଦେଖି ସେ ପଚାରିଲେ, ଟିକେ ଭଲ ଲାଗୁଚି ?

କହିଲି, ହଁ; ରହିଗଲାଣି ।

ପୁଣି ଆଗ ପରି ହସି ହସି ସେ ମୋ ସାଙ୍ଗରେ ଘରକରଣା କଥା ଆରମ୍ଭ କରିଦେଲେ । କହିଲେ, ତରତରରେ ଗୋଡ଼ ବାଜି ହାଣ୍ଡିଗୁଡ଼ା ତ ସବୁ ଭାଙ୍ଗିଗଲା,

ଫେର୍ ଥରେ ବଜାରରୁ ଆଣିବାକୁ ହବ ଦେଖୁଚି ।

କହିଲି, କ'ଣ ହବ ହାଣ୍ଡି, ଏଇଥିରେ ଚଳିଯିବ ନାହିଁ କି ?

ଚଳିଯିବ ? ହଉ ତେବେ । ହଁ, ବଜାରରେ ଏତେବେଳେ ଠିକାରେ ସେମିତି ପୂଝାରୀ ତ ମିଳିବେ ନାହିଁ । ପୁଣି ଜଣେ ଠିକ୍ ହବାଯାଏ... ସେ କ'ଣ ଭାବି ତୁନି ହୋଇଗଲେ ।

କହିଲି, କ'ଣ ହବ ପୂଝାରୀ ? ମୁଁ ଆମ ଦୁଇ ଜଣଙ୍କ ପାଇଁ କ'ଣ ରୋଷେଇ କରିପାରିବି ନାହିଁ ଯେ...

ସେ ହସିଲେ । କହିଲେ, ତୋ ହାତରେ ଖାଇବା ଲୋଭରେ ତ ଅଧେ, ପୂଝାରୀ ଖୋଜିଲି ନାହିଁ ଆଜି । କିନ୍ତୁ ଏଇ ଓଳିକ, ତେଣିକି ଈଶ୍ୱର ଯେମିତି ମତେ ଏ ଦୁର୍ବୁଦ୍ଧି ଆଉ ନ ଦିଅନ୍ତି ।

ବିହେଁଯାକ ହସିଉଠିଲୁ ।

ସେଇ ଦି'ପହରୁ ଗଣ୍ଡାଏ ଖାଇଦେଇ ନାଥନନା ପୂଝାରୀ ଖୋଜିବାକୁ ବାହାରିଛନ୍ତି ଯେ ଏତେ ବେଳଯାଏ ଫେରି ନାହାନ୍ତି । ନୂଆ ଚାକିରିଆଣୀ ଆମର ଯେ ଆଜି ରହିଥିଲା, ତାକୁ ଦାଣ୍ଡକୁ ତିନି ଚାରି ଥର ପଠେଇଲି ଦେଖିବାକୁ; କିନ୍ତୁ ସେ ଫେରି ନାହାନ୍ତି । ଭାବିଲି, ଫେରିବାକୁ ତାଙ୍କର କେତେ ଡେରି ହବ କେଜାଣି ? ଗଣ୍ଡାଏ ସହଳ ସହଳ ବସାଇଦିଏଁ । ଚୁଲିରେ ଦି'ପହରର ନିଆଁ ଥିଲା । ସେଥିରେ ମୁଠାଏ କୁହୁଳା ପକାଇଦେଇ ସେଇ ଘରେ ପରିବା କାଟିବସିଚି, ଗୋଟିଏ କିଏ ସ୍ତ୍ରୀଲୋକ ଘର ଦୁଆରମୁହଁରେ, ଆସି ଠିଆହେଲା । ଚେହେରାରୁ ବେଶ୍ ଭଦ୍ରଘରର ବୋଲି ଜଣା ଯାଉଥିଲା । ବୟସ ମଧ୍ୟ ମୋ' ଠାରୁ ବେଶୀ ନୁହେଁ । କିଏ ଏ, ମୁଁ ଚିହ୍ନି ନାହିଁ । କିଛି କହିଲି ନାହିଁ ।

ଦଣ୍ଡେ ଗଲା ।

ଆଗେ ସେ କଥା ଆରମ୍ଭ କଲା । କହିଲା, ମୁଁ ଏଇ ଆର ଖଞ୍ଜାରେ ଥାଏ ।

ଆମର 'ସେ' କିଲଟରୀ କଚିରିରେ କାମ କରନ୍ତି । ଦି'ବର୍ଷ ହେଲା ଏଇଠି ବସାକରି ଅଛୁ ।

ୟାଙ୍କରି କଥା ନାଥନନା ସକାଳେ କହୁଥିଲେ ପରା । କହିଲି, ବସ ।

ସେ ବସିଲା । କହିଲା; ବସିବାକୁ ମତେ ବେଳ କାହିଁ ? ଆଜି ମାସଶେଷ ଶନିବାର ବୋଲି ତାଙ୍କର କଚିରିରୁ ଫେରିବାକୁ ଆହୁରି ଡେରି ଅଛି; ନଇଲେ ଏତେବେଳକୁ ନିଃଶ୍ୱାସ ମାରିବାକୁ ମତେ ଦଣ୍ଡେ ତର ନ ଥାଏ ।

ପଚାରିଲି, ତମେ କ'ଣ ଏକା ଏଠି ଥା ?

ସେ ଟିକେ ଆଶ୍ଚର୍ଯ୍ୟ ହୋଇ କହିଲା- ହଁ, ଆଉ କିଏ ଥାଆନ୍ତା ? ପା  ବର୍ଷରେ ଭଗବାନ କୋଡ଼ରେ ଧରିବାକୁ ଗୋଟିଏ ଦେଇଥିଲେ ଯେ ତାକୁ ନେଇଗଲେ । ସେଇ ଦିନୁ ସେ କଚିରିକି ଗଲାବେଳୁ ଘରେ ମୁଁ ବରାବର ଏକା ଥାଏ ।

ଦୁଃଖ ଆଉ ବେଦନାରେ ଶେଷ କଥାଗୁଡ଼ାକ ତାର ଭାରୀ ହୋଇଆସିଲା । ଦଣ୍ଡେଯାଏ ସେ ତୁନିହୋଇ ରହିଲା । ଭାବିଲି, ପୁଅ କଥା ମନେକରି କାନ୍ଦୁଚି ବୋଧହୁଏ ।

କିଛି ସମୟ ପରେ ସହଜ ଭାବରେ ସେ ପଚାରିଲା, ଏ ବସାକୁ ଆଜି ନୂଆ ଆସିଚ ପରା ।

କହିଲି, ହଁ ।

ଆଗରୁ କୋଉଠି ଥିଲ ସବୁ ?

ମଫସଲରେ ।

କିଛିକ୍ଷଣ ସେ କ'ଣ ଭାବିଲା, ତା'ପରେ ହଠାତ୍ ମୋତେ ପଚାରିଲା, ତମ ବାବୁ କଚିରିରେ କ'ଣ କାମ କରନ୍ତି ପରା ?

ଭାରି ଲାଜ ମାଡ଼ିଲା କଥା ଶୁଣି । ଟିକିଏ ହସି ତଳକୁ ମୁହଁ ପୋତିଲି ।

ସେ ହସିଲା । କହିଲା, କହୁ ନା ଗୋ, ଲାଜ ମାଡୁଚି ପରା । ମତେ ବି ଆଗ

ଏମିତି ଲାଜ ମାଡୁଥିଲା ତାଙ୍କ କଥା ପଡ଼ିଲେ । ତେବେ ମୁଁ, ପଡ଼ିଶା ଘରକୁ ଘର ଲାଗିଚି । ମୋ ଆଗରେ ଆଉ କହିବାକୁ ଗୋଟାଏ ଲାଜ କ'ଣ ?

ବାଧହୋଇ କହିଲି, ନାଁ ।

ଆଉ କ'ଣ ବେପାର ବଣିଜ କରନ୍ତି ?

ନା, କିଛି ନୁହେଁ ।

ସେ ଆଶ୍ଚର୍ଯ୍ୟ ହୋଇଗଲା ମୋ କଥା ଶୁଣି । ପଚାରିଲା, ତେବେ ଆଉ କ'ଣ କରନ୍ତି ସେ କଟକରେ ?

କହିଲି, ବୁଲି ଆସିଛନ୍ତି ।

ବୁଲି ଆସିଛନ୍ତି ? କାବାହୋଇ ଆଖି ଦି'ଟା ବଡ଼ ବଡ଼ କରି ସେ ପଚାରିଲା, ବୁଲିଆସିଛନ୍ତି ଖାଲି; ସ୍ତ୍ରୀ ପରିବାର ସାଙ୍ଗରେ ନେଇ ? ତାହାହେଲେ ମସ୍ତ ବଡ଼ଲୋକ ତମେ ? ଜମିଦାର ହେରିକା ହବ, ନୁହେଁ ?

ନାଥନନାଙ୍କୁ ନେଇ ଏ ଲଜ୍ଜାକର ପ୍ରସଙ୍ଗ ପକାଇବାକୁ ମତେ କେମିତି ଭାରି ଅଡୁଆ ଲାଗୁଥିଲା । ଖାଲି କଥାରୁ ରକ୍ଷା ପାଇବାକୁ କହିଲି, ହଁ ।

ତା'ପରେ ସେ ବୋଧହୁଏ ପଚାରିବାକୁ ବସିଥିଲା, କୋଉ ଗାଁ ଜମିଦାର, କେତେ ଜମିଦାର, ଇତ୍ୟାଦି । ସେତିକିବେଳେ ବାହାରେ ଜୋତା ଶବ୍ଦ ଶୁଭିଲା । ସେ ତର ତର ହୋଇ ଉଠି କହିଲା- ଆଜି ଯାଉଚି, ଆଉ ଦିନେ ଆସିବି ।

କହିଲି, ହଉ ।

ରୋଷେଇଘର ଦୁଆରମୁହଁରେ ନାଥନନା ଆସି ଠିଆହେଲେ । କହିଲେ, ଯାହା ଭାବିଥିଲି ବାଟରେ, ଠିକ୍ ସେଇୟା । ଅନ୍ନପୂର୍ଣ୍ଣା ଆମର ପଡ଼ି ଯୋଗାଡ଼ରେ ଲାଗିଯିବେଣି ଏତେବେଳକୁ । ତା'ପରେ ଘର ଦୁଆରବନ୍ଧ ଉପରେ ବସି କହିଲେ-

କ'ଣ କରିବି, ଏ ଓଳି ପୂଝାରୀ ଗୋଟାଏ ପାଇଲି ନାହିଁ, ସତୀ ।

କହିଲି, କାମ ତ ଚଳିଯାଉଚି ।

ଚଳିଯାଉଚି ସିନା, ଦରକାର ତ ଫେର୍ ଜଣେ ପୂଝାରୀ ? ତୋର ଏ ସବୁ କ'ଣ ଅଭ୍ୟାସ ଅଛି ?

ଘରେ ତ ପୁଣି ରୋଷେଇ କରୁଥିଲି ବରାବରି, ମୁଁ କହିଲି ।

ସେଦିନ ଆଉ ଆଜି ? ଏବେ ଟିକେ ଖରାରେ ଆସି ମୁଣ୍ଡ ବଥେଇଲା ଏମିତି । ଜମିଦାର ଘର ବୋହୂ ହୋଇଥିଲୁ, ଆଉ କିଛି ନୋହୁ, ହାତରେ ରାନ୍ଧି ଖାଇବାକୁ ତ ପଡ଼ି ନଥିବ ଶାଶୁଘରେ ।

କିଛି ଜବାବ ଦେଲି ନାହିଁ । ଏତେ ସୁଖ ଭିତରେ ପୁଣି ସେଇ ପୁରୁଣା କଥାଗୁଡ଼ାକ ମନରେ କିପରି ଗୋଟାଏ ସ୍ତବ୍ଧ ନିରାନନ୍ଦ ବେଦନା ଦେଇଗଲା । ଚୁପ୍‌ହୋଇ ତଳକୁ ମୁହଁପୋତି ପରିବା କାଟିବାରେ ଲାଗିଲା । ସେ ବି କଥାପଦକ କହି ଆପଣା ମନକୁ କାଇଲି ହୋଇଯାଇଥିଲେ ଯେମିତି ।

ଦଣ୍ଡେକାଳ କେହି କିଛି କହିଲୁ ନାହିଁ । ତା'ପରେ ମୁଁ କହିଲି, ଯାଅ, ଜାମା ହେରିକା ବଦଳିପକା, ରୋଷେଇ ସରିଲାଣି ।

'ହଁ ଯାଉଛି' କହି ସେ ତାଙ୍କ ବସିବା ଘର ଭିତରକୁ ଚାଲିଗଲେ ।

× × ×

ରାତିରେ ଖିଆପିଆ ସରିବା ପରେ ଚାକିରିଆଣୀ ବାସନହେରିକା ଧୋଇଦେଇ ଘରକୁ ବାହାରିଲା । ପଦାରୁ ଦାଣ୍ଡଦୁଆର ଆଉଜାଇ ଦେଇ କହିଲା, କବାଟ ଦିଅ ଗୋ ନଇଲେ, କୁକୁର ପଶି ହାଣ୍ଡି ମାରା କରିବ ।

ଆଲୁଅଟା ନେଇ କବାଟ ବନ୍ଦ କରିବାକୁ ଯାଉଚି, ପିଣ୍ଡାରେ ଦେଖିଲି, ନାଥନନା କବାଟ ଲଗାଇ ଫେରୁଛନ୍ତି । ମତେ ଦେଖି କହିଲେ, ଏ ଶୀତଟାରେ

ଉଠି ଏତେ ବାଟ ଆସିବାକୁ ତତେ କିଏ କହିଲା ?

ହସ ମାଡ଼ିଲା କଥା ଶୁଣି ।

କହିଲି, ତୁମକୁ ବା କିଏ କହିଲା ଶୁଣେ ?

ସେ ବଡ଼ପାଟି କରି ହସିଉଠି କହିଲେ, ହଉ ଯା ଶୋଇପଡ଼ିବୁ । ଭିତରୁ କବାଟଟା ଦେଇଦବୁ । ଭାରି ଚୋର ଭୟ ଏ ସହର ଜାଗାରେ ।

ଚୋର ଭୟ ? ଆଶ୍ଚର୍ଯ୍ୟ ହୋଇ ପଚାରିଲି ।

ହଁ, ଡର ମାଡୁଛି କି ଏକା ଶୋଇବାକୁ ?

ତରତରରେ କହି ପକାଇଲି, ମତେ ଡର ମାଡ଼େ ନାହିଁ ।

ବିଛଣାରେ ଶୋଇ ଭାବିଲି, ମୋ ପାଇଁ ରାତି ଦିନ ପଛେ ଯାଙ୍କୁ ନିଦ ନ ଥାଉ, ମୋର ପୁଣି ଏଇଯାଙ୍କୁ ସେତିକି ଭୟ, ଯେତିକି ସନ୍ଦେହ । ଛି ଛି ମାଇପିଜାତିଟା ଏମିତି ଅକୃତଜ୍ଞ କ'ଣ !

× × ×

ଘର ବାହାର ଧୂଆଁଘୋଡ଼ା କରି ସେଦିନ ଘୋଟି ଯାଇଥାଏ କୁହୁଡ଼ି କୋଉ ଦିଗନ୍ତପାରିର ଶେଷଯାଏ । ମନେ ହଉଥାଏ, ଯେମିତି ଶୀତବୁଢ଼ୀ ତା'ର ପାଉଁଶିଆ ରଙ୍ଗ ପୁରୁଣା କନ୍ଥାଟି ସରଗ ଅଗଣା ତଳେ ଖରା ଦେଇଚି । ସକାଳୁ ଉଠି ସେଦିନ ନାଥନନା କୁଆଡ଼େ ବାହାରିଥିଲେ ।

ପଚାରିଲି, କହିଲେ, ଘ ।କେ ଫେରିଆସିବି ।

ରୋଷେଇ ଲାଗି ଚାଉଳପତ୍ର କାଢ଼ିବାକୁ ଯାଉଛି ଚାକିରିଆଣୀ ଆସି କହିଲା- ମତେ ଦିଅ ମା' ମୁଁ ସବୁ ଯୋଗାଡ଼ କରିଦଉଚି । ରୋଷେଇ ପାଇଁ ତମେ ଖାଲି ଯାଇ ଚୂଲି ପାଖରେ ବସ ।

ପଚାରିଲି, କାହିଁକି ?

ସେ କହିଲା- ବାବୁ ମତେ ଦିନେ ଡାକି କହିଲେ, ପରାତରେ କିଛି ବେଶୀ ଦରମା ଦିଆଯିବ ପଛକେ, ରୋଷେଇ ପାଇଁ ଯାହା ବାହାର କାମ ସବୁ, ତୁ ଦିଓଳି ଯୋଗାଡ଼ କରି ଦଉଥିବୁ । ତାକୁ ଯେମିତି ଦି'ଟା ରାନ୍ଧିବା ଛଡ଼ା ଆଉ କିଛି କରିବାକୁ ନ ପଡ଼େ ।

କୌତୂହଳ ହେଲା । କହିଲି, ସତେ ନା ?

ହଁ, ମୁଁ କ'ଣ ଏ ସକାଳୁ ତମ ପାଖେ ମିଛ କହନ୍ତି ମା' ସାଆନ୍ତାଣି ? କୋଉ ପାପରୁ କେଜାଣି କୁଳମୂଳ ତ ସବୁ ଖାଇ ବସିଲି । ଆଉ ଏଦିନେ ମିଛ କହିବି କ'ଣ ନର୍କକୁଣ୍ଡରେ ଘା ି ହେବା ଲାଗି ।

ଆଉ କ'ଣ ନା ଏତିକି ?

ଯା ସେ କହିଲେ, ତା ନୁହେଁ କ'ଣ ? ଖଟ ପଲଙ୍କରେ ଅଲିଅଳରେ ପିଲାଦିନୁ ବଢ଼ିଆସିଚ । ତୁମକୁ ମା ଇଏ ରୋଷେଇ ଫୋଷେଇଗୁଡ଼ାକ ବାଧିବ ନାଇଁ ଆଉ କ'ଣ ! ତେବେ କ'ଣ ଆଉ କରିବ ? ମଫସଲ ଗାଁ ହୋଇଛି ଯେ ହୁକୁମ ଦେଲେ ଗଣ୍ଡାଏ ପୂଝାରୀ ଧାଇଁଆସିବେ ? ଏ ତ ମା' କଟକ ସହର, ପଇସା ଦେଇ ବି ଲୋକେ ଓଳିଏ ଓପାସ ଶୋଉଛନ୍ତି ଏଠି ପୂଝାରୀ ହଇରାଣରୁ । ମୁଁ ବାବୁଙ୍କୁ କହିଲି-

କ'ଣ କହିଲୁ ? ମୁଁ ପଚାରିଲି ।

କହିଲି, ସେଇୟା ହେଲେ ଗାଁକୁ ଯାଉନା ବାହାରି ? ଏତେ ଅସହଜରେ କାହିଁକି ରହିଚ ?

ସେ କ'ଣ କହିଲେ ? ପଚାରିଲି ।

କହିଲେ, କାମ ନ ସରିଲେ ଯାଇପାରୁଚି କୋଉଠି ?

ମନଟା କେମିତି ନିରସ ହୋଇଗଲା ଏ କଥା ଶୁଣି । ଏଇ ଗାଁକୁ ଯିବା କଥା ଆହୁରି ଥରେ ଦି'ଥର ନାଥନନାଙ୍କୁ ମୁଁ କହିଲିଣି । ଶୁଣି ମୁହଁଟା ତାଙ୍କର କେମିତି ଝାଉଁଳିଯାଏ । ନ ଶୁଣିଲା ପରି ବାଆଁରେଇ ଦେଇ ଅନ୍ୟ କଥା ପକାନ୍ତି । ଗୋଟାଏ କୁତ୍ସିତ କଳ୍ପନା ମନକୁ ଆସି ଛାତିଭିତରଟା ମୋର ଥରାଇ ଦେଇଗଲା । ଜୋରକରି ସେ ଭାବଟା ମନରୁ ତଡ଼ିଦେଇ କାମ ଭିତରେ ସବୁ ଭୁଲିଯିବାକୁ ଚେଷ୍ଟା କଲି ।

ଦୁଆର ମୁହଁରେ ଶବ୍ଦ ଶୁଭିଲା । ଚାହିଁଲି, ସେଇ ପଡ଼ିଶା ମାଇପିଟି ଠିଆ ହୋଇଚି । ମତେ ଚାହିଁବା ଦେଖି ଘର ଭିତରକୁ ଆସି ପଚାରିଲା- କିଗୋ, କ'ଣ ସବୁ ହଉଚି ?

କହିଲି- କିଛି ନାହିଁ ବସ ।

ନାଇଁ ଲୋ ଭଉଣୀ । ବସିବାକୁ ମତେ କୋଉଠି ତର ଅଛି ? ସାହାବ ପାଖେ କ'ଣ କାମ ଥିଲା ବୋଲି ଆମର ସିଏ ଆଜି ସକାଳୁ ଉଠି ଚାଲିଗଲେ । କିଛି କାମ ନ ଥିଲା, କହିଲି, ଯାଏ ଟିକେ ବୁଲିଆସେ । ତମର ବି ତ ଶୂନଶାନ୍ ।

କହିଲି, ହଁ ।

କୁଆଡ଼େ ଯାଇଛନ୍ତି ? କ'ଣ ପୂଝାରୀ ଖୋଜିବାକୁ ? ଧନ୍ୟ ସ୍ୱାମୀଟିଏ ପାଇଚ ଏକା । ଘରେ କ'ଣ ହେଲା ନୋହିଲା ସ୍ତ୍ରୀର ଚିନ୍ତାଦକ ନାହିଁ, ଇୟାଡ଼େ ଖରା ନାହିଁ ତରା ନାହିଁ, ଗେରସ୍ତ ଖୋଜିବୁଲୁଚି । ଆଉ କ'ଣ ଦରକାର ? ମୁଁ ଯଦି ଏମିତି ସ୍ୱାମୀଟିଏ ପାଇଥାନ୍ତି, ସତ କହୁଚି ଭଉଣୀ, ଗୋଡ଼ ମୋର ଆଉ ତଳେ ଲାଗୁ ନ ଥାନ୍ତା ପରା ।

ସେ କହିଲା ଏ କଥା; କିନ୍ତୁ ଏ ଯେ ମୋ ସ୍ୱାମୀ ନୁହନ୍ତି, ଏ କଥା ତ ଇୟେ

ଆଉ ଜାଣେନା । ତଥାପି ମୋ ସ୍ୱାମୀଙ୍କ ପ୍ରଶଂସା କରିଥିଲେ ମନରେ ଯେତେ ଗର୍ବ ହୋଇଥାନ୍ତା, ଏଥିରେ ତାଠୁ କିଛି କମି ହେଲାନାହିଁ । ଛାତି ପୂରିଉଠିଲା ସୁଖରେ । ଅଜାଣତରେ କେତେବେଳେ ପାଟିରୁ ବାହାରିଗଲା, ମୋ ଭାଗ୍ୟ । ଦଣ୍ଡେ ଗଲା, କ'ଣ ମନେକରି କେଜାଣି ପଚାରିଲି, ତମେ ଜମା କ'ଣ ତମ ଗାଁକୁ ଯାଅନା ? ବୋରାବୋରି ଏଇଠି ଥା ? ସେ କହିଲା- ଯିବି କାହା ଲାଗି ? ଯାହା ପାଇଁ ଯିବା କଥା, ସେ ତ ସବୁବେଳେ ଏଠି, ଶଶୁର କୁଳରେ କିଏ ଅଛି ଆଉ କି ? ଏକା ବୁଢ଼ୀ ଶାଶୁଟିଏ । ବର୍ଷେ ଛ ମାସେ ବି ଥରେ ଥରେ ଏଠିକି ଆସନ୍ତି, ଦଶ ପନ୍ଦର ଦିନ ରହି ପୁଣି ଘରକୁ ଫେରିଯାନ୍ତି ।

ଆଉ ବାପଘରେ ? ମୁଁ ପଚାରିଲି । ଜୋରରେ ଗୋଟେ ଦୀର୍ଘନିଃଶ୍ୱାସ ପକାଇ ସେ କହିଲା-ହଁ, ସେ ଆରଦୋଳି ସବୁଦିନ ପାଇଁ ମୋର ସରିଯାଇଚି । ବାପା ତ ମରିଥିଲେ ମୁଁ ପା  ବର୍ଷର ହୋଇଥିଲି ଯେତେବେଳେ, ବାକି ବୋଉ ଏକା ହଇଜାରେ ଦି'ବର୍ଷ ହେଲା ବି ସେ ଏ ଜଞ୍ଜାଳରୁ ଛୁଟି ପାଇଗଲାଣି ।

ଗୋଟାଏ ଅଜଣା ଭୟରେ ମନଟା କେମିତି ଘା ି ହୋଇଗଲା । କେତେ ଦିନ ହେଲା ବାପା ହେରିକାଙ୍କ ଖବର ପାଇନାହିଁ । ନାଥନନା ବି ଦିନେ ତ ମତେ ତାଙ୍କ କଥାସବୁ କହି ନାହାନ୍ତି କିଛି ? ଗୋଟାଏ ଅଜଣା ବିପଦର କଳ୍ପିତ ଆଶଙ୍କାରେ ମନ ମୋର ଉଚ୍ଚାଟ ହୋଇ ଘର ଆଡ଼କୁ ଧାଇଁଲା, ସତେ ଯେପରି କେତେ ଯୁଗ ହେଲା କାହା ମୁହଁ ମୁଁ ଦେଖି ନାହିଁ ଆମ ଘରର । ଆଉ ଟିକେ ବସି ସେ ମାଇପିଟି ଚାଲିଗଲା, ମତେ ସେଇ ଅଥଳ ଭାବନା-ସମୁଦ୍ରରେ ଏକା ଅକୂଳକୁ ପେଲିଦେଇ । ମନେକଲି, ଆଜି ଆସନ୍ତୁ ସେ, ନିଶ୍ଚେ ତାଙ୍କୁ ଗାଁକୁ ଯିବା କଥା କହିବି । ନ ହେଲାବେଳକୁ ଗୋଡ଼ଧରି ମିନତିକରି କହିବି । ଏମିତି ହୋଇଛନ୍ତି, କ'ଣ ସେ ମୋ କଥା ଶୁଣିବେ ନାହିଁ ଟିକେ ?

ଖରାବେଳେ ପିଣ୍ଡାରେ ନାଥନନା ଖାଇ ବସିଥିଲେ । ପାଖରେ ବସି ବି

ଦଉ ଦଉ ସାହସ କରି ପଚାରିଲି, ଆଉ କେତେ ଦିନ ଏଠି ରହିବା ? ଗାଁକୁ ଯିବା ନାହିଁ କି ? ମୋ ମୁହଁକୁ ଚାହିଁ ସେ କହିଲେ, ଭାରି ବିରକ୍ତ ଲାଗିଲାଣି ପରା ଏଠି । ତା' ଉପରେ ପୁଣି ଦୁଇଓଳି ରୋଷେଇ, ବଡ଼ କଷ୍ଟ ହଉଚି, ନାଁରେ ?

କହିଲି, ନାଁ ତା କାହିଁକି ହବ ? ରୋଷେଇ କରିବାକୁ ମତେ ଜମା କଷ୍ଟ ହେଉନାହିଁ । ଖାଲି...

ଖାଲି କ'ଣ ?

ଗାଁକୁ ଯାଇ ନାହିଁ, କେତେ ଦିନ ହେଲାଣି ।

ହଠାତ୍ ଗମ୍ଭୀରହୋଇ ସେ କହିଲେ, ହଁ ତା କ'ଣ ମୁଁ ବୁଝି ପାରୁନାହିଁ ? ତା'ପରେ ଏଠି ସବୁ କାମ ତତେ ହାତରେ କରିବାକୁ ପଡୁଚି ଶୀତଟାରେ । ତା ବି ମୁଁ ଆଖି ବୁଜି ସହୁଚି । କ'ଣ କରିବି ? ଆସିଲା ଦିନୁ ଆଜିଯାଏ ଦୁଇଓଳି ବଜାରକୁ ଯାଉଚି ପୂଝାରୀ ଖୋଜିବାକୁ ଖାଲି ।

ତାଙ୍କର ଏଇ କଥାରୁ ଗାଁକୁ ଯିବା କଥା କହିବାକୁ ମତେ ସୁବିଧା ମିଳିଗଲା । କହିଲି, ଗାଁକୁ ଗଲେ ତ ଏତେ ଅସୁବିଧା ପଡ଼ନ୍ତା ନାହିଁ । ପୂଝାରୀ ପାଇଁ ତ ଭାବିବାକୁ ପଡ଼ନ୍ତା ନାହିଁ ଅନ୍ତତଃ ।

ସେ ହସିଲେ । କେମିତି ମାଗିଆଣିଲା ପରି ଶୁଖିଲା ହସ; କିନ୍ତୁ କିଛି କହିଲେ ନାହିଁ । ଜିଦ୍‌କରି କହିଲି, ନାଇଁ ଚାଲ ଗାଁକୁ ଆଜି ।

ଆଜି ? ସେ ପୁଣି ହସିଲେ । କହିଲେ, ଆଜି ଆଉ କେମିତି ଯାଇହବ ?

ଆଉ କୋଉ ଦିନ ତେବେ ?

ଆଉ, ଆଉ ମାସେ ଖଣ୍ଡେ ଯାଉ ।

ମନେ ମନେ ମୁଁ ଯୋଉ ଭୟ କରିଥିଲି, କ'ଣ ସେଇଆ ? ନଇଲେ ମତେ

ମିଛଟାରେ କଟକରେ ଅଟକାଇ ରଖିବାକୁ ୟାଙ୍କର ଏତେ ଆଗ୍ରହ କାହିଁକି ? କିନ୍ତୁ ମୁଁ ସବୁ ବୁଝି ପାରିଲିଣି । ଆଉ ଦଣ୍ଡେ ରହିବାକୁ ସୁଦ୍ଧା ମୋର ମନ ନାହିଁ ଏଠି । ମୁଁ ଯିବି । ଆମ ଘରକୁ କି ଆଉ ଯୋଉଠିକି ହଉ ପଛେ ମୁଁ ଯିବି । ଆଉ ୟାଙ୍କର ଏ ବାହାପିଆ କଥାରେ ପଡ଼ି ମୋ ପାପଭାର ବଢ଼ାଇବି ନାହିଁ ।

ଟିକେ ଟାଣକରି କହିଲି, ମତେ କାହିଁକି ତମେ ଏଠି ଏମିତି ଅଟକେଇ ରଖିଚ ଶୁଣେ ? ମୋର ତ ରହିବାକୁ ଦଣ୍ଡେ ମନ ନାଇଁ ଏଠି । ନାଁ, ତମେ ମତେ ଆଜି ନେଇ ଚାଲ ଘଟିକି । ତା ନ ହେଲେ ମୁଁ କିଛି ଖାଇବି ନାହିଁ, ଏମିତି ପଡ଼ିରହିବି ଜାଣିଥା ।

ବେଦନାରେ ତାଙ୍କ ମୁହଁ କଳା ପଡ଼ିଗଲା ମୋ କଥା ଶୁଣି । ଖାଲି କହିଲେ, କ'ଣ ତତେ ଖୁସିରେ ଏଠି ରଖିଛି ସତୀ ? ତୁ ବୁଝି ନାହୁଁ କିଛି ।

ମନ ହଉଥାଏ ବଡ଼ ପାଟିକରି କହିବାକୁ, ହଁରେ ବାବୁ, ମୁଁ ସବୁ ବୁଝିପାରିଚି । ଆଉ ଏ କଥା ବି ବୁଝିପାରିଚି, ସେ ଦିନ ଠାକୁରଙ୍କ ପାଖକୁ କାହିଁକି ତମେ ଯାଇଥିଲ, ପୁଣି ସ୍ୱାମୀ ଯେତେବେଳେ ଚିଡ଼ିଉଠିଲେ ମୋ ଫେରିବା ଦେଖି, ତମେ କାହିଁକି ତାଙ୍କ ପାଖରେ ମୋ ଲାଗି ଦୋଷ ନ ମାଗି ଏମିତି ରାଗିଯାଇ ଏକାଥରକେ ଚାଲିଆସିଲ ଏଠିକି । ପନ୍ଦର ଦିନ ହେଲା ଘରକୁ ନ ଯାଇ କାହିଁକି ମତେ ଏ କଟକଟାରେ ରଖିଚ, ସେ କଥା ବି ମୁଁ ବୁଝିଲିଣି, କିନ୍ତୁ ମୁହଁ ଫିଟାଇ ଖାଲି କହିଲି, ଦରକାର ନାହିଁ ମୋର କିଛି ବୁଝିବା, ତମେ ମତେ ଆମ ଘରେ ନେଇ ଛାଡ଼ିଦେଇ ଆସ ।

ମୁହଁରୁ ତାଙ୍କର ରକ୍ତର ଶେଷ ଚିହ୍ନଟିକ ଲିଭିଗଲା ମୋ କଥା ଶୁଣି । କହିଲେ, ପିଲାଙ୍କ ପରି ଏମିତି ଅବୁଝା ହେଲେ ମୁଁ କ'ଣ କରିବି କହ ? ସଂସାରରେ ବୋଧହୁଏ ଏଇ ଗୋଟାଏ କଥା, ଯାହା ମୁଁ ଜୀବନ ଗଲେ ବି ନିଜ ମୁହଁରେ ତତେ କହିବି ନାହିଁ ବୋଲି ପ୍ରତିଜ୍ଞା କରିଥିଲି । କହିଲେ ବି ତୁ ସହିପାରିବୁ ନାହିଁ ସେ

କଥା ।

ଯାହା ଟିକେ ଖାଲି ସନ୍ଦେହ କରିଥିଲି, ସେ କଥା ମୋର ଏକାଥରକେ ବିଶ୍ୱାସ ହୋଇଗଲା । ତାଙ୍କ କଥା ଶୁଣି । ଅଧୀରହୋଇ କାନ୍ଦିପକାଇ କହିଲି, ନାଇଁ ନାଇଁ କୁହ ତୁମେ ।

ତାଙ୍କ ଆଖି ଦି'ଟା ବି ଲୁହରେ ପୂରିଉଠିଲା ମୋ କାନ୍ଦିବା ଦେଖି । ଅନେକ କଷ୍ଟରେ କହିଲେ, ହଉ କହିବି ଯା, କିନ୍ତୁ ଏଇଲାଗେ ନୁହେଁ । ତୁ ଖାଇପିଇ ସାର ଆଗ, ପଛକୁ କହିବି । ତୋ ରାଣ; ନିଶ୍ଚୟ କହିବି । ଜିଦ୍‌କରି ବସିଲି, ନାଁ ଏଇଲାଗେ ।

ସେ କହିଲେ- ତୋ ରାଣ ପକାଇଲି, ତଥାପି ତୋର ଏତେ ଅବିଶ୍ୱାସ ? ମୋ ସୁନାଟି ପରା, ଯା ପଛକୁ କହିବି ।

... ... ... ...

ଦିନ ଗୋଟାକ ଭୟ ଆଉ ଭାବନାରେ ମୋର କଟିଗଲା । କାମ ଦାମରେ ମନ ଜମା ଲାଗିଲା ନାହିଁ । ନାଥନନା ବି ସେତିକିବେଳୁ ମତେ କେମିତି ଲୁଚି ଲୁଚି ବୁଲୁଛନ୍ତି । ଭାବିଲି, ଆଉ କହିବେ ନାହିଁ ବୋଲି ପା ୁଛନ୍ତି ? କିନ୍ତୁ ସକାଳେ ମୋ ରାଣ ତ ସେ ପକାଇଛନ୍ତି ସବୁକଥା କହିବେ ବୋଲି ?

ସଞ୍ଜବେଳକୁ ଚାକିରିଆଣୀ ଆସି କହିଲା, ବେଳ ଗଲା ମା, ଚୁଲିକି କାଠ ଗଲାନାହିଁ ଏତେ ବେଳଯାଏ । ରୋଷେଇ ଆଉ ହବ କୋଉ ପହରକୁ ?

କହିଲି, ଖାଇବି ନାହିଁ ଆଜି ।

କଥା ଶୁଣ ? ତମେ ସିନା ଖାଇବ ନାହିଁ, ବାବୁ କ'ଣ ଆଉ ଉପାସ ରହିବେ ତମ ଲାଗି ?

କହିଲି, ପରିବା ହେରିକା କାଟି ଦେ ଯା, ମୁଁ ଯାଉଚି ।

ନାଥନନା କେତେବେଳୁ ଘରେ ନ ଥିଲେ । ତାଙ୍କ ଲାଗି ଜଳଖିଆ କରୁ କରୁ ମନେ ମନେ ଅଥୟ ହୋଇଉଠିଲି । ମତେ ପରା ସବୁକଥା ଆଜି କହିବାକୁ କହିଛନ୍ତି ।

ଅଧଘ । ଛାଡ଼ି ସେ ଆସିଲେ । ବାହାରେ ଜୋତା ଓହ୍ଲାଇ ରଖି ଘର ଭିତରକୁ ଯାଇ ଆଲୁଅ ଜାଳିଲେ । ତରତରରେ ରୋଷେଇଘର କାମ ବଢ଼େଇଦେଇ ତାଙ୍କ ପାଖକୁ ଗଲି । ବାହାରେ ମୋ ପାଦଶବ୍ଦରେ ସେ ଚାହିଁଲେ । ପଚାରିଲେ, କିଏ ସତୀ ?

ଏ କ'ଣ, ମୁହଁ ତାଙ୍କର ଏମିତି ଶୁଖିଯାଇଛି କାହିଁକି ? ଆଖି ଦି'ଟାରେ କେମିତି ଉଦାସିଆ ଚାହାଣୀ । ମୁଣ୍ଡକୁ ସେଦିନ ମୋର କି ସର୍ବନାଶ ଘୋଟିଥିଲା କେଜାଣି, ସେଥିରେ ବି ଟିକେହେଲେ ଦୟା ହେଲା ନାହିଁ, ଦିହ କ'ଣ ହୋଇଛି, ଏତିକି ଖାଲି ଟିକେ ପଚାରିବାକୁ । କଥା କହିବାକୁ ସତେ କି ମୋ ଗଳା କିଏ ଚାପି ଧରିଲା ।

ସେ ଡାକିଲେ, ଆ ଭିତରକୁ । ତା' ହେଲେ ନ ଶୁଣି ଆଉ ଛାଡ଼ିବୁ ନାହିଁ ମତେ ତୁ ଆଜି ? ମନେ କରିଥିଲି କିଛିଦିନ ଗଲେ ଆସ୍ତେ ଆସ୍ତେ ନିଜେ ସବୁ ଶୁଣିବୁ । ମତେ ଆଉ କଷ୍ଟ କରି କହିବାକୁ ହବ ନାହିଁ । ମୋ'ର ମୁହଁରୁ ନ ଶୁଣିଲେ କ'ଣ ହୁଅନ୍ତା ନାହିଁ ତୋର ? ଆ, ବ ଏଠି ।

ଖଟ ଉପରେ ଯାଇ ବସିଲି । ତା'ପରେ ସେ ମୋ ପାଖକୁ ଆସି କେତେ କଷ୍ଟରେ କେତେ ଦୁଃଖରେ ଗୋଟି ଗୋଟି କରି ସବୁ କହିଲେ । ଆମ ଗାଁରେ ଦୁଇ ମାସ ତଳେ କିପରି ହଇଜା ଲାଗିଥିଲା, କେତେ ଲୋକ ମଲେ, ଶେଷକୁ ମୋ ବାପା, ତା ପଛେ ପଛେ ବୋଉକୁ କେମିତି ହଇଜା ହେଲା, ସେ କଟକ ଦଉଡ଼ି

ଡାକ୍ତର ନେଲେ, ରାତିଦିନ ବସି ସେବା କଲେ, କିନ୍ତୁ କେଉଁଥିରେ କିଛି ହେଲା ନାହିଁ । ଶେଷରେ ଆଗେ ବାପା, ତା ପଛେ ବୋଉ କେମିତି ସମସ୍ତିଙ୍କ ମାୟା କଟାଇ ଚାଲିଗଲେ । ସେଦିନ ଠାକୁରଙ୍କ ପାଖରେ କହିବେ ବୋଲି ଏ କଥାସବୁ କହିପାରିଲେ ନାହିଁ, ମୁଁ ବେସ୍ତ ହେବି ବୋଲି । ମୋ ଶଶୁରଘରେ ସେଦିନ ସେ ଅପମାନ ପରେ ସେ ଗାଁକୁ ନ ଯାଇ କାହିଁକି ମତେ ନେଇ କଟକ ଚାଲିଆସିଲେ ।

ବାପା ବୋଉ ଆଉ ନାହାନ୍ତି । ଅକସ୍ମିତ ବଜ୍ର ଶବ୍ଦରେ ପଥବଣା ବାଟୋଇ ଯେପରି ଚମକିପଡ଼େ, ସେମିତି ଥକାମରା ହୋଇଗଲି ଏ କଥାପଦକ ଶୁଣି । ମୋ ବାପା-ମୋ, ବୋଉ ଆଉ ନାହାନ୍ତି । ଆଉ ତାଙ୍କୁ ଦେଖିବି ନାଇଁ ମୁଁ ଜୀବନରେ । ମତେ କାନ୍ଦ ମାଡ଼ିଲା ନାହିଁ । ଗୋଟାଏ ପ୍ରଚଣ୍ଡ ଶୋକର ଆଘାତରେ ପଥର ହୋଇଯାଇଥିଲା ସେ ଲୁହ, ଛାତିରେ ଦୁକୁଦୁକିଟିକୁ ଥକାମରା କରି । ମୋ ମୁଣ୍ଡ ବୁଲାଇଦେଲା- ଆଖି ଆଗରେ ସବୁ ଅନ୍ଧାର ଦିଶିଲା । କେତେବେଳଯାଏ ଏମିତି ଥିଲା କେଜାଣି ? ଶକ୍ତି ଫେରି ଆସିଲାରୁ ଦେଖିଲି, ନାଥନନା ମତେ କୋଡ଼କୁ ଆଉଜାଇ ବସିଛନ୍ତି । ମୋ ମଥାରେ ଆସ୍ତେ ଆସ୍ତେ ହାତ ବୁଲାଇଦେଇ ସେ କହିଲେ, ସତୀ । ଛି, ଛି ।

ମତେ ବୁଝେଇବେ କ'ଣ, ନିଜେ ଝର ଝର ହୋଇ କାନ୍ଦି ପକାଇଲେ । ଲାଜ ସରମ ମୋର ସେତେବେଳେ ପୋଡ଼ି ନିଆଁ ଲାଗି ଯାଇଥିଲା । ତାଙ୍କ କାନ୍ଦିବା ଦେଖି ଆଖିରୁ ଲୁହଧାର ମୋର ଆଉ ବାଧା ମାନିଲା ନାହିଁ । ତାଙ୍କ ଛାତି ଉପରେ ମୁହଁ ଲୁଚାଇ କାନ୍ଦିଲି ପିଲାଙ୍କ ପରି- ଅବୋଧ ହୋଇ । ମନେହେଲା, ବୋଉ ମୋର ଯେତେବେଳେ ମରିଥିବ, ଅଧୀର ହୋଇ କେତେ ସେ ମୋ ପାଇଁ ଏଣେତେଣେ ଚାହିଁଥିବ । ବିକଳରେ ବିଛଣା ଦରାଣ୍ଡି କେତେ ତ ଖୋଜିଥିବ ମତେ ! ଥରେ ଦେଖିପାରିଲା ନାଇଁ ଆଉ ?- ମରିଗଲା ?

ନାଥନନା ଥରକୁ ଥର ମୋ ଲୁହ ପୋଛିଦେଇ ଛାତି ଉପରେ ମତେ ଆଉଜାଇ ବସି ରହିଥାନ୍ତି, କିଛି ନ କହି । କ'ଣ ଆଉ କହନ୍ତେ ସେ ? ସଂସାରରୁ

ସବୁ ଯାହାର ସରିଯାଇଛି, ତାକୁ ଆଉ ପ୍ରବୋଧ ଦେବାର କ'ଣ ଅଛି ?

ଦୁଇ ଦିନଯାଏ ଅଣସର ହୋଇ ବିଛଣାରେ ପଡ଼ିରହିଲି । ଖାଇବା ପିଇବା ଭୁଲି ନାଥନନା ମୋ ପାଖେ ବସି ରହିଥାନ୍ତି । ଦଣ୍ଡକ ପାଇଁ କୁଆଡ଼େ ଗଲେ ନାଇଁ ମତେ ଛାଡ଼ି । ସେ ସମୟରେ ଏତେ ଦୁଃଖରେ ବି ଗୋଟିଏ କଥା ବୁଝିପାରିଲି, ନାଥନନା ମତେ କେତେ ଭଲ ପାଆନ୍ତି । ସଂସାରରେ କିଏ କାହାକୁ ଆଉ ଏତେ ସ୍ନେହ କରୁଥିବ କି ନାହିଁ କେଜାଣି ? ମୁଁ ମୋର ଜୀବନ ଭିତରେ କିନ୍ତୁ ଦେଖି ନାହିଁ, ଅଥଚ ମୁଁ ତାଙ୍କର କିଏ କି ?

ବିଛଣାରେ ପଡ଼ି ଅନେକ ଥର ଭାବେ, ବାପା ବୋଉ ତ ମଲେ, ସ୍ୱାମୀଘରେ ବି ତ ମୋ'ର ସ୍ଥାନ ହେଲା ନାହିଁ । ସଂସାରରେ ବ ୍ରହିବା ଏଣିକି ମୋର ଆଉ କ'ଣ ଦରକାର, ମିଛରେ ଖାଲି ଦହଗଞ୍ଜ ହବା ଛଡ଼ା ? କିନ୍ତୁ ମୁଁ ମଲି ନାହିଁ । ଏ ନିଉଛଣା ଜୀବନକୁ ଯମ ପାଶୋରି ବସିଥିଲା ଯେମିତି । ଭାବିଲି, ମୋ ପରି ଗୋଟାଏ ହୀନକପାଳୀକି ବ ାଇରଖି ଭଗବାନଙ୍କର କୋଉ ମନସ୍କାମନା ପୂର୍ଣ୍ଣ ହେବ କେଜାଣି ।

× × ×

ସେଦିନ ନାଥନନା ଟିକିଏ ପଦାକୁ ବାହାରିଥିଲେ; କିନ୍ତୁ ସାଧବୀ, ଆମ ଚାକିରିଆଣୀକି ମୋ ପାଖେ ପହରା ରଖି । ମତେ ବସି ବି ୁ ବି ୁ ସାଧବୀ କହିଲା, ବାବୁ କେତେବେଳେ ଫେରିବେ ? ଆଜି ଫେର୍ ରୋଷେଇବାସର କ'ଣ ବରାଦ ହଉଚି କେଜାଣି ?

ପଚାରିଲି, କାହିଁକି ?

ସେ କହିଲା, ତମେ କ'ଣ ଜାଣିନ ସାନ୍ତାଣୀ, ଆଜିଯାଏ ପୂଝାରୀଟି ବି ମିଳିଲା ନାହିଁ ଦୁନିଆଁ ଖୋଜି ଖୋଜି । ହଁ, ତମେ ତ ଏମିତି ପଡ଼ିରହିଲ, ସେ

ଖବର ଆଉ ଜାଣନ୍ତ କେମିତି ?

ଶଙ୍କିତ ହୋଇ ପଚାରିଲି, ରୋଷେଇବାସ କାମ ଫେର୍ ଚଳୁଛି କେମିତି ?

ସେ କହିଲା, ସେ କଥା ଆଉ କହ ନାଇଁ ସାନ୍ତାଣୀ । ଦେଖି ଦେଖି ଆବାକାବା ହେଲିଣି ପରା ମୁଁ । ଆଉ ବାବୁଙ୍କ କଥା । ତମେ ଏମିତି ପଡ଼ିଲାଦିନୁ ଦି'ଦିନ ତ ହାଣ୍ଡି ଚୁଲିକି ଗଲା ନାଇଁ ଆଗ । ତମ ପାଇଁ ଦି'ଓଳି ଦୁଧ ଟୋପିଏ ଟୋପିଏ ଯାହା ବାହାରେ ଗୋଟିଏ ଚୁଲିରେ ସିଝେଇଦିଏ, ସେତିକି । ବାବୁ ମତେ ପଇସା ଦିଅନ୍ତି ଘରେ ଖାଇବାକୁ ।

ଆଶ୍ଚର୍ଯ୍ୟ ହୋଇ ପଚାରିଲି ଆଉ ବାବୁ ?

ଶୁଣ ଗୋ, ସେଇ କଥା ତ କହୁଚି । ସେ ଦି' ଦିନଯାକ ଆଖିରେ ଦେଖିବା କଥା ସାନ୍ତାଣୀ, ବାବୁ ଯେମିତି ଖାଡ଼ାଖାଡ଼ା ଉପାସ । ତିନିଦିନ ଦିନ ଆଉ ସମ୍ଭାଳିପାରିଲି ନାଇଁ, କହିଲି, ନ ଖାଇ ନ ପିଇ ଚମ୍ପାଫୁଲ ପରି ଦିହ କଳା ପଡ଼ି କ'ଣ ହୋଇଗଲାଣି ଦେଖିଲ । ବୁଝିବା ସୁଝିବା ଲୋକ ହେଇ ଏମିତି କଲେ ଚଳିବ ? ସେ କହିଲେ, ପୂଝାରୀ ତ ମିଳୁ ନାହାନ୍ତି, ମୁଁ କ'ଣ କରିବି ? କହିଲି, ମୁଁ ବଟାକୁଟାଠଉଁ ହାତ ପାଖରେ ସବୁ ସଜ କରିଦଉଚି, କିଛି କଷ୍ଟ ହେବ ନାଇଁ; ତମେ ଖାଲି ହାଣ୍ଡିଟା ବସାଇ ଓହ୍ଲାଇବା କଥା ।

ଅଧୀର ହୋଇ ପଚାରିଲି, ସେଇଠୁ ?

ହାତରେ ତ ରୋଷେଇ କଲେ; ହେଲେ, ବଡ଼ଲୋକ ଘର ପୁଅ, ଘରେ ହାଣ୍ଡି କେମିତି ତ ଦେଖି ନ ଥିବେ, ତାଙ୍କୁ କି ରୋଷେଇ ଆସିବ, ସାଆନ୍ତାଣୀ । କପାଳ କଥା, କାଲି ରାତିରେ ହାଣ୍ଡି ଓହ୍ଲାଉ ଓହ୍ଲାଉ ତତଲା ପେଜ ପଡ଼ି ହାତ ଗୋଟାକ ବାବୁଙ୍କର ପୋଡ଼ିଗଲା ।

ମନେ ମନେ ଶୀତେଇଉଠି ପଚାରିଲି, ତା'ପରେ ?

କାଲି ସକାଳେ ସେଥିପାଇଁ ରୋଷେଇ ବନ୍ଦ । କୋଉଠି ଗୋଟାଏ ହୋଟଲ କି ଫୋଟଲକୁ ଯାଇ କ'ଣ ଚୁଲିପାଉଁଶ ଖାଇଲେ, ସେ ଜାଣନ୍ତି ।

କଟକୁଟାରେ ଫେର୍ ଯେମିତି ଠାକୁରାଣୀ ନାଗିଛନ୍ତି ଗୋ ସାନ୍ତାଣୀ, ସବୁବେଳେ ଡର ମାଡୁଚି, କୋଉଠିକି ଯାଉଛ'ନ୍ତି ଖାଇବାକୁ, ଭଲ ଥାଏ କି ମନ୍ଦ ଥାଏ ।

ଆଉ ଶୁଣିପାରିଲି ନାହିଁ । ମନେହେଲା, ମୋ'ରି ଲାଗି, ଆଉ କାହା ପାଇଁ ନୁହେଁ, ଏତେ ଦୁଃଖ ଏତେ କଷ୍ଟ ଏ ପାଇଲେଣି, ଖାଲି ମତେ ଟିକେ କଷ୍ଟ ହେବ ବୋଲି । ଛାତି ଭିତରେ ପ୍ରତି ରକ୍ତକଣିକା ମୋର ସ୍ପନ୍ଦିତ ହୋଇ ଉଠିଲା ସାର୍ଥକତାର ଆନନ୍ଦରେ । ତାଙ୍କ କଷ୍ଟ ଲାଗି ମୋର ଦୁଃଖ ସେତେବେଳେ ମତେ ସୁଖ ଦେଲା ।

ମୁହୂ ିକେ ପୁଣି ଶଙ୍କିତ ହୋଇ ପଚାରିଲି, ଆଜି କ'ଣ ଫେର୍ ସେଇ ହୋଟେଲକୁ ଯାଇଛନ୍ତି ନା କ'ଣ ଖାଇବାକୁ ?

ସାଧବୀ କହିଲା- ହଁ, ତା ନଇଲେ ତମକୁ ଛାଡ଼ି କୁଆଡ଼େ ବାହାରନ୍ତେ ସେ, ଆଗ ପୁରୁଥି ନେଉଟି ପଇଲେ ?

ଆଉ ଘ ।କେ ସେ ଫେରିଲେ । ସବୁଦିନ ପରି ସିଧା ସିଧା ମୋ ଘରକୁ ଆସି ଖଟ ପାଖରେ ଠିଆହେଲେ । ମୋ କପାଳ ଉପରେ ହାତ ରଖି ଡାକିଲେ, ସତୀ ।

ଧଡ଼ପଡ଼ ହୋଇ ଉଠିବସି କହିଲି, ତମ ହାତ ଦେଖେଁ ଆଗ ?

ସେ ଲୁଚେଇଦବାକୁ ଯାଉଥିଲେ । ମୁଁ ଜୋର୍‌କରି ତାଙ୍କ ବାଁ ହାତଟା ଟାଣିଆଣି ଦେଖିଲି । ଦେଖି ଉଲୁସିଉଠିଲା ଦିହ । ପାପୁଲି ଗୋଟାକ ଫୋଟକାମୟ; ସେଥିରୁ କେତେଟା ଘା ହୋଇଗଲାଣି । କହିଲି, ଦେଖୁଚ ନା, କ'ଣ ହେଲାଣି ହାତ

ଗୋଟାକ !

ପିଲାଙ୍କ ପରି ମୋ ଆଡ଼କୁ ଳୁଳୁ ଳୁଳୁ କରି ଚାହିଁ ସେ କହିଲେ- ପୋଡ଼ିଗଲା, ମୁଁ କ'ଣ କରିବି ?

ଗରମ ପାଣିରେ ହାତ ଧୋଇଦେଇ ନଡ଼ିଆତେଲ ପଟି ବାନ୍ଧିଦେଲି । ଶାନ୍ତ ପିଲାଟି ପରି ସେ ହାତ ଦେଖାଇଥାନ୍ତି । ପଚାରିଲି, ଏଠି ବସନ୍ତ ହୋଇଚି ପରା ।

କହିଲେ, ହଁ ।

ହୋଟେଲରେ ଖାଇବାକୁ ତମକୁ କିଏ ସେ କହିଲା, ଶୁଣେ ?

ସେ ଚୁପ୍ ହୋଇ ରହିଲେ, ସତେ ଯେପରି ମଣିଷମାରି ମତେ ଲୁଚେଇଛନ୍ତି । ଏତେ ଭୟ ! କହିଲି, ଫେର୍ ଯେବେ ଆଜିଠଉଁ ହୋଟଲ ଫୋଟଲ ଦୁଆର ମାଡ଼ିବ, ଇଆଡ଼େ ମୁଁ ମୁଣ୍ଡ ବାଡ଼େଇ ମରିବି ଜାଣିଥା ।

ଘରେ ଆଉ ବସି କାନ୍ଦିବି କ'ଣ, ସବୁ ଦୁଃଖଯାକ ଜୋର୍ କରି ମନରୁ ତଡ଼ିଦେଇ ପୁଣି କାମଦାମରେ ମନ ଲଗାଇଲି । ତା' ନ ହେଲେ ଏ ଯେମିତି ଲୋକ, ଫେର୍ କୋଉଦିନ ଦିହମୁଣ୍ଡ କ'ଣ କରି ବସିବେ, କିଏ ଜାଣେ ! ଏଇ କେତେଦିନ ମନରେ ତାଙ୍କର କାହିଁକି ଜମା ସୁଖ ନ ଥିଲା । ସକାଳୁ କୁଆଡ଼େ ପୁଣି ଯାଆନ୍ତି ଯେ ଦି' ପହରକୁ ଫେରନ୍ତି । ଗଣ୍ଡାଏ ଖାଇଦେଇ ପୁଣି ଚାଲିଯାଆନ୍ତି । ଦିନେ ପଚାରିଲି, କ'ଣ ପୂଝାରୀ ଖୋଜୁଚ ନା କ'ଣ ?

କହିଲେ, ନାହିଁ ଆଉ ଗୋଟାଏ କାମ ।

ମାଘମାସ, କିନ୍ତୁ ଜାଡ଼ର ଦାଉ କମି ନ ଥିଲା ଏତେ ଦିନଯାଏ । ଖରାବେଳେ ସୁଦ୍ଧା ଘରଭିତରେ ଦିହ ଥରି ଉଠୁଥାଏ ଶୀତରେ । କୋଠା ଛାତଉପରୁ ଶୀତଦିନରେ କଅଁଳ ଖରା ବସନ୍ତର ଜରିପାଗ ପରି ସେଦିନ ଲମ୍ୱି ପଡ଼ିଥାଏ

ପିଣ୍ଡା ଦାଡ଼ଯାଏ । ଖରାରେ ଗୋଟାଏ ଶପ ପାରି ବସି ଗୁଆ ଭାଙ୍ଗୁ ଭାଙ୍ଗୁ ଦେଖିଲି, ସେ ବାହାରକୁ ଯିବେ ବୋଲି ସଜ ହଉଛନ୍ତି । ପାଖକୁ ଯାଇ ପଚାରିଲି, କୁଆଡ଼େ ଯାଉଚ କି ?

କହିଲେ, ଗୋଟାଏ କାମ ।

କି କାମ ଶୁଣେ ? ରୋଜ ଚବିଶ ଘ ।, ଦଣ୍ଡେ ତ ବସାରେ ରହୁନା, କି କାମ ଏମିତି ଲାଗିଚି କି ତମର ?

ସେ ହସିଲେ । କହିଲେ, ସେମିତି ଦରକାରୀ କାମ ।

ପାଖକୁ ଯାଇ ତାଙ୍କ ହାତକୁ ଦୁଇହାତରେ ମୁଠେଇ ଧରି କହିଲି, ମୋ ରାଣଟି, କୁହ କି କାମ ?

କେତେବେଳ ଯାଏ ମନକୁ ମନ କ'ଣ ଭାବି ସେ କହିଲେ, ଗୋଟାଏ ଚାକିରିବାକିରି ଖୋଜୁଚି କେଉଁଠି ।

ପଚାରିଲି, କ'ଣ ହେବ ଶୁଣେ ?

ମୋ ଗାଲରେ ଆସ୍ତେ ଗୋଟାଏ ଚାପୁଡ଼ା ମାରି ସେ ହସି ହସି କହିଲେ, ଘରଖର୍ଚ୍ଚ ନଇଲେ ଚଳିବ କେମିତି ଓଲି ? ମୁଁ କ'ଣ ବଡ଼ଲୋକ ହୋଇଚି ? ଅ ାରୁ ଗୋଟାଏ ହାତରେ ମତେ ବେଢ଼ାଇ ଧରି ପୁଣି କହିଲେ, ଯାହା ପଇସା ପାଖରେ ଥିଲା, ଏତେଦିନ ଚଳିଲା । ଆଉ ଏଣିକି ଚଳିବା କଷ୍ଟ । ଦୋକାନରେ ବି ଅନେକ ଦିନୁ ଢେର୍ କାଳି ହୋଇଗଲାଣି । ସେ ପଇସା ନ ପାଇଲେ ଆଉ ସଉଦା ଦବାକୁ ନାରାଜ । ପଇସା ଆସିବାର ଗୋଟାଏ ବାଟ ନ କଲେ ଏଣିକି ଆଉ ଚଳିବ କେଉଁଠୁ ?

ପଚାରିଲି, ଚାକିରି ମିଳିଲା ?

ଏଡ଼େ ସହଜରେ ଚାକିରି କୋଉଠି ମିଳିବ କହ ?

ଫେର୍ କ'ଣ ହବ ?

ହବ ଆଉ କ'ଣ, ଚେଷ୍ଟା ତ କରୁଚି ଦିନ ରାତି, ନ ମିଳିଲେ ଏଠି ପଡ଼ି ପଡ଼ି ଆଉ କ'ଣ ଉପାସ ରହିବା ? ବାଧହୋଇ ଗାଁକୁ ଯିବାକୁ ହବ ।

ଗୋଟାଏ ଅଜଣା ଭୟରେ ଦେହ ଗୋଟାକ ଥରିଉଠିଲା, ଏଇ ଗାଁକୁ ଯିବା କଥା ଶୁଣି । ବାପା ବୋଉ ତ ଆଉ ନାହାନ୍ତି, କାହା ଦମ୍ଭରେ ଆଉ ମୁଁ ସେଠିକି ଯିବି ? କିନ୍ତୁ କଟକରେ ବସନ୍ତ ଲାଗିଚି । ସବୁବେଳେ ବାହାରେ ବୁଲୁଛନ୍ତି ଏ ପୁଣି । ଭାରି ମନ ଖରାପ ହେଲା ଆଉ ଦିନେ ସୁଦ୍ଧା ଏଠି ରହିବାକୁ । ପଚାରିଲି ଆଉ କୁଆଡ଼େ ଗଲେ ହବ ନାଇଁ, କଟକ ଛାଡ଼ି ?

ସେ କହିଲେ, ସବୁଠି ଏଇ ଦଶା । ଚାକିରି ଖଣ୍ଡେ ପାଇଁ ମରାମରି । ଗାଁକୁ ଯିବା ଛଡ଼ା ବାଟ ନାଇଁ ।

ମୋ'ରି ଲାଗି ସିନା ଏତେ ଦୁଃଖ ପାଉଚ ତମେ ?

ଅଜାଣତରେ ସେ ମତେ ପାଖକୁ ଭିଡ଼ିଧରି ଚୁମ୍ବନ କଲେ ।

ହୃଦୟ ମୋର ବିଚିତ୍ର ଛନ୍ଦରେ ବାଜିଉଠିଲା ସେ ରହସ୍ୟମୟ ସ୍ପର୍ଶରେ । ରକ୍ତରେ ଝଡ଼ ବହିଗଲା । ସୁସୁପ୍ତ ଜୀବନର କୂଳେ କୂଳେ ସେ ସ୍ପର୍ଶ ଆସି କଥା କହିଗଲା ମୁହୂର୍ତ୍ତକେ, କେତେ କଳ୍ପାନ୍ତର ଅନୁଭୂତି ଭେଟାଇଦେଇ ।

× × ×

ଯାହା କହୁଥିଲେ ସେ, ଶେଷରେ ସେଇଆ ହେଲା । ଖୋଜି ଖୋଜି ଚାକିରି ଖଣ୍ଡେ ବି କୋଉଠି ମିଳିଲା ନାହିଁ ତାଙ୍କୁ, ଯୋଉଥିରେ ଦୁଃଖ କଷ୍ଟରେ ଆମ ପେଟ ଦୁଇଟା ଚଳିଯିବ । ଶେଷକୁ ଗାଁକୁ ଯିବା କଥା ଆସି ହେଲା । କେତେଦିନ ଆଗରୁ

ଏଇ ଗାଁକୁ ଯିବା ପାଇଁ କେତେ ନାଚି ଉଠୁଥିଲାଟି ମୋ ମନ ! କିନ୍ତୁ ସେ ସୁଖ, ସେ ଆନନ୍ଦ ସବୁ ସରିଯାଇଚି, ବାପା ବୋଉ ମଲା କଥା ଶୁଣିବା ଦିନୁ । ସ୍ୱାମୀ ମତେ ଛାଡ଼ି ଦେଇଛନ୍ତି । ଏ କଥା ତ ଏତେବେଳକୁ ଗାଁରେ ଆମର ଚାରିଆଡ଼େ ବ୍ୟାପିଯିବଣି । ସେଦିନୁ ଏତେ ଦିନଯାଏ ଗାଁକୁ ନଯାଇ ଏଠି ଯାଙ୍କ ପାଖରେ ଥିଲି କଥା ଶୁଣିଲେ ଗାଁଲୋକେ ମତେ କ'ଣ ମନେକରିବେ କେଜାଣି ? ସମସ୍ତେ ତ ବାପା ମା ନୁହନ୍ତି । ମତେ ପୁଣି ନାଥନନାଙ୍କ ଘରେ ରହିବା ଛଡ଼ା ଗାଁରେ ଆଉ ସ୍ଥାନ କୋଉଠି ଅଛି ? ମୋର ବାହାଘର ସମୟରେ ଏଇ ଗାଁଲୋକେ କେତେ କଥା ଉଠେଇଲେଟି ମୋ ନାଁରେ ! ସେ କ'ଣ ଏଡ଼େ ସହଜରେ ମତେ ଛାଡ଼ିଦେବେ ଏଥର ? କାଳିଆ ଭୂତ ପରି ଗୋଟାଏ ଅଜଣା ଭୟ ଆସି ମତେ ଗିଳିବାକୁ ଲାଗିଲା, ଏଇ ଗାଁକୁ ଯିବା କଥା ମନେକରି । କିନ୍ତୁ ଉପାୟ ତ ନାହିଁ ଆଉ ।

× × ×

ତହିଁ ଆରଦିନ ସତେ ସତେ କଟକବସା ଛାଡ଼ି ଆମେ ଗାଁକୁ ବାହାରିଲୁ । କଟକର ନାଲିମାଟି ଛାଡ଼ି ବଳଦଗାଡ଼ି ଯେତେବେଳେ ସେଇ ଗଛଗହଳିହଜା ସାତବାଙ୍କ ଗାଁ ବାଟରେ ଚାଲିଲା, ଏତେ ଦୁଃଖରେ ବି ମୋର ମନ ହଉଥାଏ, ଗାଁ ଦାଣ୍ଡର ସେଇ ପାଉଁଶିଆ ଧୂଳି ଆଣି ଶରଧାରେ ଦିହରେ ବୋଳିହବାକୁ, କାକରବତୁରା ଦାଣ୍ଡ ଉପରେ ଗଡ଼ି ଗଡ଼ି ମନକୁ ବୋଧଦେବାକୁ ଯେ, ସହରର ଗୋଳମାଳ ଛାଡ଼ି ପୁଣି ଆଜି ପିଲାଦିନର ସେଇ ଶତମନ-ପା ଗଢ଼ା ସ୍ୱପ୍ନପୁରୀ ଭିତରକୁ ମୁଁ ମୋ'ର ଫେରିଆସିଚି ବୋଲି । ବାରି ପଡ଼ିଆର ମଥାନମରା ଗଛ ମହୁଡ଼ ଉପରେ ଆମ ଗାଁ ନଡ଼ିଆଗଛଯାକ ପରିଚିତ ବନ୍ଧୁ ପରି ଯେତେବେଳେ ଗୋଟି ଗୋଟି ହୋଇ ଉଣ୍ଡି ଚାହିଁଲେ, ଗୋଟାଏ ଅଜଣା ଭୟରେ ଛାତି ଭିତର ମୋର ଦୁମ୍ ଦୁମ୍ ହୋଇ କମ୍ପିଗଲା । ନାଥନନାଙ୍କ ଘର ଦୁଆରମୁହଁରେ ଆସି ଗାଡ଼ି ରହିଲା । ଆମ୍ବ ପଣସଗଛ ଗହଳି ଭିତରେ ସେଇ ଉ ମାଟିପିଣ୍ଡାଟି ଠିକ୍ ଆଗ ପରି ସେମିତି ଅଛି । ଦାଣ୍ଡପଟେ ନଡ଼ିଆଗଛ ଧାଡ଼ିଲଗା ସେଇ ବଉଳ ଚଉପାଢ଼ୀ, ପିଲାଦିନେ

ଯୋଉଠି ବସି ବଉଳ ସାଙ୍ଗେ କେତେ ଖେଳୁଥିଲି । ଘରଓଳି ଦିହରେ ସେଇ ମଗରମୁହାଁ କାଠଶେଣୀଟି ସୁଦ୍ଧା ଆଗ ପରି ଠିକ୍ ସେମିତି ଅଛି, କିଛି କୋଉଠି ତିଳେହେଲ ବଦଳି ନାହିଁ ସେଦିନୁ । ନାଥନନା ଆଗ ଗାଡ଼ିରୁ ଓହ୍ଲାଇ କହିଲେ, ଆ ।

ଗାଡ଼ି ଶବ୍ଦରେ କେତୋଟି ଲଙ୍ଗଳା ଟୋକା କେତେବେଳୁ ଆସି କୋଉ ଅପୂର୍ବ ଜିନିଷ ପରି ଗାଡ଼ି ଭିତରକୁ ଚାହିଁ ଠିଆ ହୋଇଥିଲେ । ନାଥନନା ଓହ୍ଲାଇ ଟିକେ ଦୂରକୁ ଚାଲିଗଲାରୁ ସାହସ ପାଇ ଆସି ଗାଡ଼ି ଆଗେ ଘେରି ଠିଆ ହୋଇଗଲେ । ଭାବଟା ଏପରି-ରହସ୍ୟମୟ ପଦାର୍ଥ ଭିତରୁ ଯେ ବାହାରିବ, କେଡ଼େ ଅପୂର୍ବ ସେ ହୋଇଥିବ କେଜାଣି । ଗାଁର ଏଇ ନିହାତି ଅପରିଚିତ ଜ୍ଞାନହୀନ ପିଲାମାନଙ୍କ ଆଗରେ ବାହାରିବାକୁ ଆଜି ମୋର ଗୋଡ଼ ଥରିଗଲା । ଏମାନେ ମତେ ଚିହ୍ନିଲେ ନାହିଁ ତ ? ମୁହଁ ତଳକୁ ପୋତି ବେଗି ବେଗି ଆସି ଭିତରେ ପଶିଲି ।

ଦୁଆର ଭିତରେ ଆଣ୍ଠିଏ ଅରମା ହୋଇ ପଡ଼ିଚି, ଚାରିଆଡ଼ ନିଃଶବ୍ଦ, ଯେପରି ଅନେକ ଦିନ ହେଲା କେହି ଏ ଘରେ ନାହାନ୍ତି । ଭାରି ଅଡୁଆ କେମିତି କେମିତି ଲାଗିଲା । ନାଥନନାଙ୍କୁ ପଚାରିଲି, ବଡ଼ମା କାହାନ୍ତି କି ?

ସେ ଟିକେ ହସିଲେ । କହିଲେ, ବୋଉ ଏଠି ନାହିଁ ।

ଗାଁ ଭିତରକୁ କୁଆଡ଼େ ଯାଇଥିବେ ମନେକରି ପଚାରିଲି, କାହା ଘରକୁ ଯାଇଛନ୍ତି ପରା ।

ସେ କହିଲେ, କା ିକ ମାସରୁ ସେ ଯାଇ ପୁରୀରେ ।

ଶଙ୍କିତ ହୋଇ ପଚାରିଲି, ଆଉ ବଉଳ ?

ବଉଳ, ସେ ତା ଶାଶୁଘରେ ।

ମନେହେଲା, କେହି ନାହାନ୍ତି ଭଲ ହୋଇଚି; ମତେ ଆଉ କାହାକୁ ମୁହଁ ଦେଖାଇବାକୁ ପଡ଼ିବ ନାହିଁ ଏଠି; କିନ୍ତୁ ଏଠି ମୁଁ ରହିବି କ'ଣ ଯାଙ୍କରି ପାଖରେ,

ଏକା ? ପଚାରିଲି, ବଡ଼ମା ନାହାନ୍ତି; ଏ କଥା ତ ମତେ କଟକରୁ ଆସିଲାବେଳେ କହିନା ?

ସେ ପୁଣି ହସିଲେ; କିନ୍ତୁ ସେ ହସ ମଲା ମଣିଷଙ୍କ ହସ ପରି । ଦେଖିଲେ ଡର ମାଡ଼ିବ । କହିଲେ, ସେ କଥା କହିଥିଲେ ତୁ କ'ଣ ଆଉ ଆସିଥାନ୍ତୁ ମୋ ସଙ୍ଗେ ? ହାଡ଼ ଜଳିଗଲା ତାଙ୍କ ହସ ଦେଖି । ରାଗରେ କହିଲି, ଆମରି ଗାଁ ମଝିଟାରେ, ଗୋଟାଏ ଘରେ, ତମେ ଆଉ ମୁଁ । ଲୋକେ ଶୁଣିଲେ, ଖୁବ୍ ପ୍ରଶଂସା କରିବେ ଏକା, ନୁହେଁ ।

ଗଭୀର ବେଦନାରେ ତାଙ୍କ ମୁହଁରୁ ହସର ଶେଷ ଚିହ୍ନଟିକ ଲିଭିଗଲା । ତଳକୁ ଚାହିଁ ତୁନି ତୁନି କହିଲେ, କ'ଣ କରନ୍ତି, ଆଉ ଉପାୟ ନଥିଲା ତ ।

କହିଲି, ଉପାୟ ନଥିଲା ତ ବିଷ ଟିକେ କ'ଣ ମିଳିଲା ନାହିଁ ତମକୁ, ମତେ ଖୁଆଇଦବାକୁ ବାଟରେ ? ରାଗରେ, ଲଜ୍ଜାରେ ମୁଁ କାନ୍ଦି ପକାଇଲି ।

ପଶ୍ଚିମ ଦିଗର ଫଗୁପରା ବାଟ ଫିକାକରି ସୂର୍ଯ୍ୟ ବୁଡ଼ିଗଲେ, ସଞ୍ଜତରା ସଙ୍ଗେ ଶେଷ ହୋରିଖେଳ ବଢ଼ାଇଦେଇ । ଗଛଗହଳି ଭିତରୁ ଅନ୍ଧାରର ମୟୂରକଣ୍ଠୀ ଶାଢ଼ି ବୁଣା ହଉଥିଲା ସେତେବେଳେ । ସେମିତି କାନ୍ଦିବାକୁ ଲାଗିଲି । ଆଜି ସେ, ସବୁ ଦିନ ପରି, ଆଉ ମତେ ତୁନି କରିବାକୁ ଆସିଲେ ନାହିଁ; ଖୁ କୁ ଆଉଜି ସେମିତି ପଥର ପରି ବସିରହିଲେ । କେତେବେଳେକେ କହିଲେ, ସକାଳୁ ତ କିଛି ଖାଇନୁ ଏ ଯାଏଁ, କ'ଣ ଦେଖି ଆଣେ ।

ସେ ଚାଲିଗଲେ । କଟକ ବସାରେ ପଇସା ଅଭାବରୁ ତିନିଦିନ ସେଇ ଖାଡ଼ା ଉପାସ କଥା ମୋର ମନେପଡ଼ିଲା, ୟାଙ୍କ କଥା ଶୁଣି । ଭାବିଲି, ଓଃ କି କଷ୍ଟ ସେ ! ଏ ଲୋକନିନ୍ଦା ତ ତା' ଆଗରେ କିଛି ନୁହେଁ । ଭଗବାନ୍ ଶତ୍ରୁକୁ ସୁଦ୍ଧା ସେ କଷ୍ଟ ନ ଦିଅନ୍ତୁ । କିନ୍ତୁ ଏ ପୁରୁଷ ହୋଇ ଏତେ କଷ୍ଟ ମୁହଁ ବୁଜି ସହିଲେ କାହା ଲାଗି ? ସେଇ କଟକରେ ମତେ ଛାଡ଼ିଦେଇ ସେ ତ ଏଠିକି ଖୁସିରେ ଚାଲି ଆସି

ପାରିଥାନ୍ତେ । ମୁଁ ୟାଙ୍କର କିଏ ଯେ ମୋ ପାଇଁ ଏତେ କଷ୍ଟ ଏତେ ଅପମାନ ସହିନେବାକୁ ଏ ଖୁସିରେ ମୁଣ୍ଡପତାଇ ଦେଇଛନ୍ତି; ଅଥଚ ଏଇ ଦଣ୍ଡକ ଆଗରୁ ମୁଁ ୟାଙ୍କ ଉପରେ ଚିଡ଼ିଥିଲି ପୁଣି, ଏଠିକି ଆସିବା ଦୋଷଯାକ ଯେମିତି ସବୁ ତାଙ୍କରି ! ମନରେ ଗୋଟାଏ ଅତି କୁତ୍ସିତ ସନ୍ଦେହ ଆଣି, ମୁହଁକୁ ଯାହା ଆସିଲା ଗାଳି ଦେଲି । ସେ କିନ୍ତୁ ପଦେ ପାଟି ଫିଟେଇଲେ ନାଇଁ ତ, ଯେମିତି ସତରେ କେଡ଼େ ବଡ଼ ଦୋଷଟାଏ କରି ପକାଇଛନ୍ତି ! କୃତାର୍ଥତାର ଆନନ୍ଦରେ ଲକ୍ଷ କୋଟି କଣାରେ ବିଭକ୍ତ ହୋଇ ତାଙ୍କରି ଗୋଡ଼ତଳେ ମାଟି ସଙ୍ଗେ ମିଶି ହଜିଯିବାକୁ ଇଚ୍ଛାହେଲା ମୋର ।

ଭିତର ଘର ଦୁଆରମୁହଁରେ ଗୋଟାଏ ଘିଅଦୀପ ହାତରେ ଧରି ନାଥନନା ଡାକିଲେ, ସତୀ ।

ପାଖକୁ ଗଲି । କହିଲେ, ଆଜିକ ମୋର କ'ଣ ଟିକେ ଜଳଖିଆ ଖାଇଦେଲେ ଚଳିଯିବ, ତୁ କ'ଣ ଖାଇବୁ କହିଲୁ ?

କହିଲି, ମୁଁ ଯାହା ଖାଏଁ ନ ଖାଏଁ, ତମ ପାଇଁ ରୋଷେଇ ହବ, ଯେମିତି ହଉ । ତିନି ଦିନ ହେଲା ଭାତ ସଙ୍ଗେ ଭେଟ ନାଇଁ, ମନେ ଅଛିଟି ସେ କଥା ?

ପଚାରିଲେ, ରୋଷେଇ କିଏ କରିବ ଶୁଣେ ?

ମୁଁ ।

ମୋ କଥାରେ ପ୍ରବଳ ପ୍ରତିବାଦ କରି କହିଲେ, ନାହିଁ ନାହିଁ, ମୁଁ ଭାତ ଖାଇବି ନାହିଁ ଆଜି । ଦଉଡ଼ି ଦଉଡ଼ି ଏତେ ବାଟରୁ ଆସିଚୁ, ସେଥିରେ ପୁଣି ଗୋଟାଏ ନିଆଁ ପାଖରେ ନ ସିଝିଲେ ହେବ ନାହିଁ । ମୁଁ ଯାଉଚି ଜଳଖିଆ କିଣିଆଣେ ।

ସେ ଚାଲି ଯାଉଥିଲେ, ଦୃଢ଼ ସରରେ ଡାକିଲି, ଯା ନା କହୁଚି । ସେ ଫେରିଲେ । କହିଲି, ଆଲୁଅଟା ମତେ ଦେଲ, ଭଣ୍ଡାରଘରେ ରୋଷେଇ ଲାଗି

କ'ଣ ଅଛି ଦେଖେଁ ।

ଉପାୟହୀନତାର କ୍ଷୀଣ ଆପ ି ଉଠାଇ ସେ କହିଲେ, ଫେର୍ ଗୋଟାଏ ରୋଷେଇ ! ପୂର୍ଣ୍ଣ ଦୃଷ୍ଟିରେ ତାଙ୍କ ଆଡ଼କୁ ଚାହିଁ କହିଲି, ମୁଁ ତମକୁ ପଚାରୁଚି ସେ କଥା ?

× × ×

ମାଘମାସର ବଉଳ ଉଜଡ଼ା ଦିନ । ବଣ ବୁଦାର ପାଚିଲା ପତର କମକଟା ଛିଟ ଗାଲିଚା ଉପରେ ଜାଡ଼ର ନିଦ ଭାଙ୍ଗିବାକୁ ବସନ୍ତ ବାଆ ଚୋରଣୀ ପରି ଆସି ବେଳେ ବେଳେ ଚାହିଁ ଯାଉଥିଲା, ତା'ର କୁହୁଡ଼ି-ମଶୁରୀଟି ଟେକି । କିନ୍ତୁ ଏଡ଼େ ବେଗି ଜାଡ଼-ଦେବତାର ନିଦ ଭାଙ୍ଗିଦବାକୁ ଭରସି ପାଖକୁ ପଶିପାରୁ ନ ଥିଲା ଯେପରି । ପାଚିଲା ପତ୍ର ଝଡ଼ି ଗଛେ ଗଛେ ପତ୍ରକଅଁଳାର ଧୁମ୍ ପଡ଼ି ଯାଇଥିଲା ଚାରିଆଡ଼େ । ସକାଳୁ ସେଦିନ ଘରଭିତରେ ବସି ପାନ ଭାଙ୍ଗୁଚି, ବାହାରୁ ପାଟି ଶୁଭିଲା- ଲୋକନାଥ ନନା, ଘରେ ଅଛ ?

ନାଥନନା ପିଣ୍ଡାରେ ବସି ତାଙ୍କ ପଢ଼ିବା ଦିନର କେତେଟା ପୁରୁଣା ବହି ସଜାଡ଼ି ରଖୁଥିଲେ ।

କହିଲେ, କିଏ ଅଚୁତି ?

ଏ ଅଚୁତି ଆମ ଗାଁ ଚାଟଶାଳୀର ମାଷ୍ଟର । ପା ବର୍ଷ ଲାଗ୍ ଲାଗ୍ ବିଦ୍ୟାଦେବୀଙ୍କ ସହିତ ରୀତିମତ ଯୁଦ୍ଧକରି ଯେତେବେଳେ ନିଜ ଇଲାକାଟାକୁ ଅପର ପ୍ରାଇମେରୀ ସୀମାର ବେଶି ଦୂରକୁ ବଢ଼େଇ ପାରିଲେ ନାହିଁ, ସେତେବେଳେ ବିରକ୍ତି ହୋଇ ଶେଷରେ ପଢ଼ା ଛାଡ଼ିଦେଇ ଦିନାକେତେ ଗାଁ ଭିତରେ କୋଉଠି ତ୍ରିନାଥମେଳା ହେଲା, ଚୌଧୁରୀ ପୋଖରୀରେ କୋଉଦିନ ଜାଲ ପଡ଼ିଲା, କୋଉଦିନ ଖାସି ହଣାହେଲା, ଦିନରାତି ଏଇ ଖବର ନେଇ ବୁଲିଲେ । ତା'ପରେ ନାଥନନାଙ୍କ ଅନୁଗ୍ରହରୁ ଅନେକ କଷ୍ଟରେ ଅନେକ ଦିନ ପରେ ଗାଁ ଚାଟଶାଳୀରେ

ଖଣ୍ଡେ ଚାକିରି ପାଇ ଏଇଲାଗେ ସେ ମାଷ୍ଟର ।

କଠଉ ଠକ ଠକ କରି ସେ ଖଞ୍ଜା ଭିତରକୁ ଆସିଲେ, ନାଥନନାଙ୍କ ପାଖେ ବସି ପଚାରିଲେ, କୋଉଦିନ ଆସିଲ ?

ପ'ରିଦିନ । ନାଥନନା କହିଲେ ।

ଆଉ ସବୁ ଖବର ଭଲ ? ତମ ବୋଉ ପୁରୀରୁ ଫେରି ନାହାନ୍ତି ପରା ।

ନା ।

ଘର ଭିତରେ ଆଉ କିଏ ?

ସତୀ ।

ଶାଶୂଘରୁ ଆସି ଏକା ଅଛି ପରା ତମ ପାଖେ ?

ଅନ୍ୟଆଡ଼େ ମୁହଁ ଫେରାଇ ସେ ହସିଲେ । ତା'ପରେ କବାଟ ପାଖଯାଏ ଆସି ମତେ କହିଲେ, କି ଲୋ, ଏଡ଼େ ବେଗି ଫେରି ଆସିଲୁ ଯେ ? ମନ ଲାଗିଲା ନାହିଁ ପରା ଶାଶୁଘରେ ? ମତେ ଦଣ୍ଡବତ କରିବା ଦେଖି କହିଲେ, ହଉ ହେଲାଣି ହେଲାଣି । ବଡ଼ ମା ନାହାନ୍ତି, କେହି ନାହାନ୍ତି, ବଡ଼ ଅଡୁଆ ଲାଗୁଥିବ ତତେ ଏଠି ? ତେବେ ତମ ନାଥନନା ଅଛନ୍ତି ଯେତେବେଳେ, ନା କ'ଣ ?

ମୋ ମୁହଁକୁ ଚାହିଁ ସେ ହସିଲେ ।

ଲାଜ ଆଉ ଅପମାନରେ ମୁହଁ ଗରମ ହୋଇଉଠିଲା ମୋର । ମୁଣ୍ଡ ତଳକୁ ପୋତି ଓଢ଼ଣା ଟିକେ ଟାଣିଦେଲି ।

ଆଉ ଦଣ୍ଡେ କଥାବା ର୍ । ହୋଇ ସେ ଉଠିଲେ । କହିଲେ, ଯାଉଚି ଆଜି କାମ ଅଛି ଟିକେ ପଛକୁ ଆସିବି- ଯଦି କହିବ ।

କଥାର ଶେଷ ଆଡ଼କୁ ତାଙ୍କର କେମିତି ଗୋଟାଏ ଅଶ୍ଳିଷ୍ଟ ପରିହାସ ଧ୍ୱନିତ ହୋଇଉଠିଲା ।

ନାଥନନା କିପରି ଅନ୍ୟମନସ୍କ ହୋଇଯାଇଥିଲେ ତାଙ୍କ କଥା ଶୁଣି । ଖାଲି କହିଲେ, ହୁଁ, ଆସିବୁ ।

ସେ ବୋଧହୁଏ ସବୁ ବୁଝିପାରିଥିଲେ ।

ମନେହେଲା, ସବୁ ଦିନେ ଏମିତି କ୍ଷୁଦ୍ର ଏମିତି ଇତର ଏ ଗାଁ ଟୋକାଗୁଡ଼ାକ । ସ୍ତ୍ରୀ ପୁରୁଷ ସମ୍ପର୍କରେ ଯେ କୌଣସି ବିଷୟ ନେଇ ଗୋଟାଏ କୁତ୍ସିତ କଳ୍ପନାକୁ ଗଢ଼ିଗାଢ଼ି ଥୋଇପାରିଲେ ତାଙ୍କୁ ଯାଇ ସୁଖ ମିଳେ । ଏଇମାନେ ପୁଣି ଦିନେ ଆମ ସମାଜର ମୁଣ୍ଡ ହେବେ, ଉଚ୍ଚ ଆସନରେ ବସି ନିଜର ସଂକୀର୍ଣ୍ଣ ବ୍ୟାଧିଗ୍ରସ୍ତ ବିଚାରଶକ୍ତି ଘେନି ସାଧାରଣଙ୍କୁ ବ୍ୟବସ୍ଥା ଦେବେ ।

ସକାଳଟା ମୋର ସେମିତି ବୈଚିତ୍ର୍ୟହୀନ ହୋଇ କଟିଗଲା । ଗାଧୋଇଆସି ନାଥନନା ପିଣ୍ଡାରେ ଖାଇବସିଲେ । ତାଙ୍କୁ ଖଣ୍ଡେ ଦୂର ଛାଡ଼ି ଭିତର ଘର ବନ୍ଧ ଉପରେ ମୁଁ ବସିଥିଲି । ଥରେ ଦୁଇ ଥର ସେ କ'ଣ କହିବା ପରି ମୋ ଆଡ଼କୁ ଚାହିଁଲେ । ତା'ପରେ କ'ଣ ଭାବି ମୁଣ୍ଡ ତଳକୁ ପୋତି ଖାଇସାରି ତୁନିହୋଇ ଉଠିଗଲେ । ମନେକଲି, ବୋଧହୁଏ ସକାଳର ସେଇ ଘଟଣାରୁ ମନ ତାଙ୍କର ଭଲ ନାହିଁ ।

ଗାଁର ସେଦିନ କେହି ଆଉ ଆସିଲେ ନାହିଁ ଆମ ଖବର ନବାକୁ । ସଞ୍ଜ ଗଡ଼ିଗଲା । ଖରାବେଳୁ ଖାଇସାରି ନାଥନନା କୁଆଡ଼େ ଯାଇଥିଲେ, ସେତେବେଳ ଯାଏ ଫେରି ନ ଥିଲେ । ରୋଷେଇ ବସାଏଁ ।

ଭିତର ଘର ଚୁଲି ଲଗାଇଦେଇ ଭଣ୍ଡାରଘରକୁ ଯାଇ ଦେଖିଲି, ଟୋକେଇ ବାଉଁଶିଆ ଝାଡ଼ଝୁଡ଼ । ଗୋଟାଏ ବୋଲି ଚାଉଳ ନାହିଁ ରାତି ପାଇଁ । ଚୁଲିର ଜାଳ

କମି କରିଦେଇ ପଦାକୁ ଆସିଲି । ବାହାରେ ମୁକୁଳା ଆକାଶ ତଳେ ସପ୍ନରାଇଜ ରଜାଝିଅର ରୂପା କଳାପାତିଆ ପରି ନଅମୀ ଜହ୍ନ ତାଳମଥାନ ଉପରେ ହସି ଚାହିଁଥିଲା, ଥିର ବିଲ ପଡ଼ିଆରେ ଫିକା ଆଲୁଅ ପକାଇ । ଉଚ୍ଚ ନଡ଼ିଆଗଛର ଝାଲରକଟା ଚିକଣ ପତର ଉପରେ ସେ ଆଲୁଅ ଆସି ମୂର୍ଚ୍ଛିତ ହୋଇ ଶୋଇଥିଲା । ବାଡ଼ିପଟ ମୁକୁଳା କବାଟ ବାଟେ ସେଇଆଡ଼କୁ ଏକଧ୍ୟାନରେ ଚାହିଁ ଠିଆହୋଇଛି, ପଛରୁ କିଏ ଆସି ଆଖି ଦି'ଟା ମୋର ବନ୍ଦ କରି ଧରିଲା । ଦିହବାସନାରୁ ଜାଣିପାରିଲି, ନାଥନନା ।

ଚମକିପଡ଼ି କହିଲି, ମୁଁ ଚିହ୍ନୁଚି ।

କିଏ ?

ସେଇ ।

ସେଇ କିଏ ?

କହିଲି, ମୁଁ ଜାଣେନା-ଯା ।

ଆଖି ଛାଡ଼ିଦେଇ ସେ ମତେ ତାଙ୍କ ଛାତି ଉପରକୁ ଆଉଜାଇ ଧଇଲେ । ଲାଜ ମାଡୁଥିଲେ ବି ସେତେବେଳେ ମୁଁ ତାଙ୍କୁ ବାଧା ଦେଲି ନାଇଁ, ସକାଳର ବିମର୍ଷ ଭାବ ତାଙ୍କର କଟିଯାଇଚି, ଖାଲି ଏଇ ଅନୁଭବର ଆନନ୍ଦରେ ।

ମୋ ମୁହଁ ଉପରେ ମୁହଁ ରଖି ସେ ପଚାରିଲେ, ଆଚ୍ଛା, ମୁଁ ନ ହୋଇ ଯେବେ ଆଉ କିଏ ହୋଇଥାନ୍ତା ?

ସେ ଆତପ୍ତ କୋମଳସ୍ପର୍ଶର ଅନିର୍ବଚନୀୟ ଆବେଶରେ ସମସ୍ତ ଅନୁଭୂତି ମୋର ମୂର୍ଚ୍ଛିତ ହୋଇଗଲା, ଉତ୍ଶୃଙ୍ଖଳ ରକ୍ତସ୍ରୋତରେ ଆନନ୍ଦର ନିଆଁ ଜଳାଇଦେଇ । କାନପାଖେ ତାଙ୍କ ବକ୍ଷସ୍ପନ୍ଦନର ଦ୍ରୁତ ତାଳରେ ମୋର ସମଗ୍ର ଜୀବନ ଝଙ୍କୃତ ହୋଇଉଠିଲା ।

ସେତିକିବେଳେ ସଫା ଜହ୍ନ ଆଲୁଅରେ ଦୁଆର ମଝିରେ ଆସି ଠିଆହେଲା- ଅଚ୍ୟୁତି । ଆମକୁ ଦେଖି ତର ତର ହୋଇ ବାହାରକୁ ଯାଉ ଯାଉ କହିଲା, ନ ଜାଣି ପଶି ଆସିଥିଲି, ଲୋକନାଥ ନନା । କିଛି ମନେ କରିବ ନାହିଁ ।

ଆଖି ପିଞ୍ଚୁଡ଼ାକେ ସେ ମତେ ଛାଡ଼ିଦେଇ ପଛକୁ ଘୁ୍ରିଗଲେ । ମୁଁ କାଠପିତୁଳୀ ପରି ସେଇଠି ଠିଆହୋଇ ରହିଲି- ହୃଦୟର ଗତି ଯେପରି ମୋର ହଠାତ୍ ସ୍ତବ୍ଧ, ଅଚଳ ହୋଇଗଲା ।

ନଈ ଜୋର ପଡ଼ିଆ ପାରିର କୁହୁଡ଼ିଆ ସୀମାରେଖା ହଜାର ଦେଇ ଜହ୍ନ ସେତେବେଳକୁ ଖଣ୍ଡେ କଳା ବଉଦ ଭିତରେ ମୁହଁ ଲୁଚାଇଥିଲା ।

× × ×

ସକାଳୁ ଉଠି ମୋର ପ୍ରଥମ ଭାବନା ହେଲା, କାଲିର ଏକାନ୍ତ ଲଜ୍ଜାଜନକ ଘଟନା ପରେ ମୁଁ ନାଥନନାଙ୍କୁ କିପରି ମୁହଁ ଦେଖାଇବି ? ଇଚ୍ଛାକରି ଅନେକ ଉଚ୍ଛୁରରେ ସେଦିନ ଉଠିଲି । ଆସ୍ତେ ଆସ୍ତେ ଘରକବାଟ ଟିକିଏ ଫାଙ୍କକରି ଚାହିଁଲି, ନାଥନନା କୋଉଠି ଦିଶୁ ନାହାନ୍ତି । ମନେକଲି, ବୋଧହୁଏ ଉଠି ନାହାନ୍ତି । ଖୁବ୍ ଆସ୍ତେ ଗୋଡ଼ ଚିପି ଚିପି ତାଙ୍କ ଶୋଇବାଘର କବାଟ ପାଖରେ ଯାଇ ଠିଆହେଲି । ନିଃଶ୍ୱାସ ବନ୍ଦ କରି ଜଳାକବାଟି ଫାଙ୍କରେ ଭିତରକୁ ଉଣ୍ଡି ଚାହିଁଲି- କେହି ନାହାନ୍ତି । ମନେ ମନେ ଗୋଟାଏ ମୁକ୍ତିର ନିଃଶ୍ୱାସ ପକାଇ ଭାବିଲି, ମୋ ପରି ତାଙ୍କୁ ବୋଧହୁଏ ଏମିତି ଲାଜ ମାଡ଼ିଥିବ । ସେଥିଲାଗି ସକାଳୁ ଉଠି କୁଆଡ଼େ ଚାଲିଗଲେଣି । ପିଣ୍ଡାରେ ଠିଆ ହୋଇଛି, ବାହାରେ କାହାର ପାଟି ଶୁଭିଲା । ନାଥନନା ନୁହନ୍ତି ତ । ଚମକି ଚାହିଁଲି-ସଇତା ।

ସେ ଆସି ମୋତେ ଓଳଗି ହୋଇ ଠିଆହେଲା । କେତେ ଦିନର ପାଶୋରା ସ୍ମୃତି, ବାପା ବୋଉ ଥିଲାବେଳର ବଡ଼ ଛୋଟ ଆବଶ୍ୟକ ଅନାବଶ୍ୟକ ଲକ୍ଷ୍ୟ କୋଟି ଘଟନା, ଶ୍ରାବଣ ଦିନର ସଚଳ ବଉଦମାଳା ପରି ନିମିଷିକେ ଆସି ମୋ

ମନ ଭିତରେ ଅଶ୍ରୁମନ୍ଥର ଦୃଷ୍ଟି ପକାଇ ଚାଲିଗଲା । ଜୀବନଭଳି ସେ ସୁଖ ମୋର ସରିଯାଇଛି । ଆଉ ଆସିବ ନାହିଁ ।

କେମିତି କେଜାଣି ସଇତା ଜାଣିପାରିଲା, ମୁଁ ବାପା ବୋଉଙ୍କ କଥା ମନେକରି କାନ୍ଦୁଛି, ସେଥିଲାଗି ସେ ଆଉ କିଛି ନ କହି ତୁନି ହୋଇ ଠିଆହୋଇ ରହିଲା । କେତେବେଳକେ ମୁହଁ ଟେକି ପଚାରିଲି, ଏତେ ଦିନେ ମନେପଡ଼ିଲା ପରା ।

ତା ଆଖି ବୋଧହୁଏ ଶୁଖିଲା ନ ଥିଲା । ପିନ୍ଧାକାନିରେ ମୁହଁ ପୋଛି କହିଲା, କୋଉଦିନୁ ମନେକଲିଣି ଆସିବି ଆସିବି ବୋଲି । କାମ ଭିଡ଼ରେ ଆସିପାରୁ ନ ଥିଲି, ବୁଢ଼ୀ ।

ଆଜିକାଲି କୋଉଠି ଅଛୁ ?

ଏଇଠି । ଏଇ ଅଚ୍ୟୁତ ମାହାନ୍ତି ଘରେ ।

ଏ ସେଇ ଅଚୁତି । ପଚାରିଲି, କିଏ ଚାଟଶାଳୀ ମାଷ୍ଟର ନା ?

ହଁ, ସେଇ ।

ବୁଢ଼ା ହେଲାଣି ଏଡ଼େ; ତଥାପି ଚାକିରି କରୁଚି । ପଚାରିଲି, ହଇରେ, ତାଙ୍କ ଘର ଭଲ ଖାଇବାକୁ ଦିଅନ୍ତି ନାଁ ତତେ ?

ଗୋଟାଏ ବଡ଼ ନିଃଶ୍ୱାସ ପକାଇ ସେ କହିଲା, ହଁ ସେମିତି, ପେଟ ବିକଳରେ ଖାଲି ପଡ଼ିରହିବା କଥା । ମୋ ସାନ୍ତ ସାନ୍ତାଣୀ ଗଲାଦିନୁ ପାଟିସୁଆଦ ମୋର ସରିଯାଇଚି, ବୁଢ଼ୀ ।

ଭାରି ବିକଳ ଲାଗିଲା କଥା ଶୁଣି । କହିଲି, ତୁ ଏଠିକି ଆସୁନାହୁଁ ଚାଲି ?

କୋଉଠିକି ? ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

କହିଲି, ମୋ ପାଖରେ ଆସି ରହନ୍ତୁ, ସେଠୁ ଚାକିରି ଛାଡ଼ିଦେଇ ।

ହଁ, ଆସିବି ବୁଢ଼ୀ, ଆସିବି । ତୁ ଆସିବା ଦିନୁ ସେଇକଥା କେତେଥର ମନେ ମନେ ବିଚାରିଲିଣି । କାଲିଠଉଁ ସେଠା ଛାଡ଼ି ଦେଇ ତୋ ପାଖେ ଆସି ରହିବି, ତୁ ପୁଣି ଶାଶୁଘରକୁ ଗଲାଯାଏ । ମନେକଲି, ହାୟ, ଏ ବିଚରା ଜାଣି ନାହିଁ, ଶାଶୁଘର ସାଙ୍ଗେ ମୋର ସବୁ ଦିନ ପାଇଁ ସମ୍ବନ୍ଧ ଛିଣ୍ଡିଗଲାଣି ବୋଲି । ଗାଁରେ ବି ସେ କଥା ବୋଧହୁଏ କେହି ଜାଣି ନାହାନ୍ତି ଏତେବେଳ ଯାଏ ।

ଆଉ ଟିକେ ବସି ସେ ଯିବାକୁ ଉଠିଲା । କହିଲା, ଆଜି ଯାଉଚି ବୁଢ଼ୀ, କାମ ଅଛି । କାଲିଠଉଁ ତ ଏକାଥରକେ ଆସିବି । ଖଣ୍ଡେ ବାଟ ଯାଇ ପୁଣି କ'ଣ ମନେକରି ଫେରିଲା । ଲୁଗାକାନି ଭିତରୁ ଖଣ୍ଡେ ଧଳା କାଗଜ ବାହାର କରି ମୋ ହାତରେ ଦେଇ କହିଲା, ଅଚ୍ୟୁତା ଅବଧାନ ଦେଇଥିଲା ତତେ ଦବାକୁ; ମନେ ନ ଥିଲା ।

ଆଶ୍ଚର୍ଯ୍ୟ ହୋଇ ପଚାରିଲି, ମତେ ?

ହଁ, ତତେ ଦବାକୁ ତ କହିଲା ।

ଚିଠି ପଢ଼ିସାରି ରାଗରେ ଦିହଗୋଟାକ ମୋର ଗରମ ହୋଇଗଲା । କହିଲି, ଯା କହିଦବୁ ତାକୁ, ଏ କଥା ପୁଣି ଯେମିତି ସେ ମୁହଁରେ ନ ଧରେ ।

ସଇତା କାବାହୋଇ ମୋ ମୁହଁକୁ ଦଣ୍ଡେ ଚାହିଁ ଧୀରେ ଧୀରେ ସେଠୁ ଚାଲିଗଲା ।

ସ୍ତମ୍ଭିତ ହୋଇ ଭାବିଲି, କି ଅଦ୍ଭୁତ ସାହସ ଏ ଅଚ୍ୟୁତିର ! ଚିଠିରେ ଲେଖା ଥିଲା-

ଏ ଚିଠି ପଢ଼ି ବିରକ୍ତ ହବୁ ନାହିଁ । ଭାବି ଦେଖିବୁ, ଏଥିରେ ତୋର ଭଲ ଛଡ଼ା ଖରାପ ହବନାହିଁ । ତମ ବାପା ମଲାପରେ ତାଙ୍କର ଏ ଗାଁରେ ଯାହା ସ୍ଥାବର ସମ୍ପ ି, ଉ ରାଧିକାରୀସୂତ୍ରେ ସେସବୁ ବ ମାନ ତୋ'ରି । ଏତେ ସମ୍ପ ି ତୋର

କିଛି କାରବାରରେ ଆସିବ ନାହିଁ, ଏ କଥା ତୁ ଜାଣୁ । ମୁଁ କହୁଚି, ମତେ ସେସବୁ ଦେଇଦେ । କାଲି ରାତିରେ ତମ ଘରେ ଯାହା ଆଖିରେ ଦେଖିଚି, ସେ କଥା ପ୍ରକାଶ ହେଲେ ତୋର ସ୍ୱାମୀ ଯେ ତତେ ଆଉ ଘରକୁ ନେବେ ନାହିଁ, ଏ କଥା ମୁଁ ଜାଣେ । ମୋ ଅପେକ୍ଷା ତୁ ଆହୁରି ଭଲକରି ଜାଣୁଥିବୁ । ତମ ଦୁହିଁଙ୍କ ବିଷୟ ନେଇ ଗାଁରେ ଏଥିମଧ୍ୟରେ ଅନେକ ଜାଗାରେ ଚୁପ୍‌ଚାପ୍ ହେଉଥିଲେ ମଧ୍ୟ କାଲିକା କଥା ମୁଁ କାହାକୁ ଏ ପର୍ଯ୍ୟନ୍ତ କହିନାହିଁ । ମୋ ପ୍ରସ୍ତାବରେ ଯଦି ତୁ ରାଜି ହେଉ, ତେବେ ସବୁ କଥା ମୁଁ ଘୋଡ଼ାଇନେବି । ଗାଁରେ କେହି କିଛି ଜାଣିପାରିବେ ନାହିଁ । ଆଉ ଯେବେ ତୁ ମୋ କଥାରେ ରାଜି ନ ହେଉ, ତେବେ କାଲିକା କଥା ମୁଁ ଗାଁରେ ସମସ୍ତଙ୍କ ଆଗେ ପ୍ରଘଟ କରିଦେବି । ସେଥିରେ ଯାହା ଫଳ ହବ, ତୁ ବୁଝି ପାରୁଥିବୁ । ତତେ ଏବଂ ତୋ ନାଥନନାକୁ ସମସ୍ତେ ଏ ଗାଁରେ ଜାତିରୁ ବାସନ୍ଦ କରିବେ । ନିଆଁ ପାଣି ମଧ୍ୟ ଅଟକ କରିପାରନ୍ତି । ତୋ ସ୍ୱାମୀ ଏ ଗାଁ ଜମିଦାର । ତୁ ଯେ ଏଠି ଆସି ଏକୁଟିଆ ଲୋକନାଥ, ନନାଙ୍କ ପାଖରେ ଅଛୁ, ଆଉ ମାଇପେ କେହି ଘରେ ନାହାନ୍ତି, ଏ କଥା ସେ ଏପର୍ଯ୍ୟନ୍ତ ଜାଣିନାହାନ୍ତି । ଜାଣିଲେ ତ ସେ ଆଉ ତୋ ମୁହଁ ଚାହିଁବେ ନାହିଁ । ଲୋକନାଥ ନନାଙ୍କୁ ବି ସହଜରେ ଛାଡ଼ିବେ ନାହିଁ, ଆଉ ଜ୍ୱାଇଁ ବୋଲି ତମ ବାପାଙ୍କର ସବୁ ସମ୍ପତ୍ତି ସେ ଦଖଲକରି ବସିବେ । ଏଇଲାଗେ ଭଲରେ ଯାହା ନ କରିବୁ, ମନ୍ଦରେ ଦିନେ ସେଇଆ ହବ । ସେ ସମ୍ପତ୍ତି ତୋ ହାତରୁ ଯିବ । ଲାଭ ଭିତରେ ସ୍ୱାମୀ ଘରୁ କାଢ଼ିଦେବେ, ଏ ଗାଁରେ ବି ତୋର ମୁହଁ ଦେଖାଇବାର ବାଟ ରହିବ ନାହିଁ । ଏ କୁଳ ସେ କୁଳ ଦୁଇକୁଳ ଯିବ । ମୋ କଥାରେ ରାଜିହେଲେ ଏସବୁ ବିପଦରୁ ମୁଁ ତତେ ପାରି କରିଦେବି । ଆଶାକରେ, ସବୁକଥା ଭଲକରି ଭାବି ମୋ କଥାରେ ରାଜି ହବୁ । ଏ ଲୋକଠାରୁ ଏଥିରେ ତୋର ମତ ଅଛି ଜାଣିଲେ, ଦାନପତ୍ର କାଗଜ ନେଇ ମୁଁ ଆଜି ସଞ୍ଜବେଳେ ତୋ ପାଖକୁ ଯିବି । ତତେ ବେଶୀ କିଛି କରିବାକୁ ପଡ଼ିବ ନାହିଁ; ଖାଲି ଗୋଟାଏ ଦସ୍ତଖତ କରିଦେଲେ ହେଲା । ତା'ପରେ ତୁ ଶାଶୁଘରୁ କେବେ ଆସିଲେ ଯଦି ଏଇ ଗାଁରେ ରହିବାକୁ

ଇଚ୍ଛା କରୁ, ତେବେ ମୁଁ ସେଇଥିରୁ ତତେ ବଖରାଏ ଘର ଆଉ ଚଳିବା ଭଳି ଦି'ତିନି ମାଣ ଜମି ଦେଇପାରେ । ଆଶାକରେ, ସବୁକଥା ଧୀରଭାବରେ ବିଚାରି ଗଲା ଲୋକ ହାତରେ ମୋ ପାଖକୁ ଖବର ଦବୁ ।

ପଢ଼ିସାରି ଚିଠିଟା ଚିରିଦବୁ । ଲୋକନାଥ ନନା ଯେପରି ଏ କଥାର ସିନ୍ଦୁବିସର୍ଗ ଜାଣି ନ ପାରନ୍ତି । ସେ ତୋତେ ପଟାପଟି କରି ସବୁ ସମ୍ପ ି ହସ୍ତଗତ କରି ତୋର ସର୍ବନାଶ କରିବାକୁ ବସିଛନ୍ତି, ଏ କଥା ମୁଁ ଜାଣେ । ତାଙ୍କ କଥା ମୋଟେ ବିଶ୍ୱାସ କରିବୁ ନାହିଁ, ସାବଧାନ ।

ରାଗ, ଅପମାନ ଆଉ ଲଜ୍ଜାରେ ଭାବିବାର ଶକ୍ତି ମୋର ସ୍ତମ୍ଭିତ ହୋଇଗଲା । ଏ ଅଟୁଟିଟା କ'ଣ ମଣିଷ ? କେତେବେଳଯାଏ ସେଠି କାନ୍ଥକୁ ଆଉଜି, କାନ୍ଥଠାରୁ ଆହୁରି ନିର୍ଜୀବ ହୋଇ ବସିଥିଲି କେଜାଣି, କାନ୍ଧ ଉପରେ କାହା ନିଃଶ୍ୱାସର ମୃଦୁ ସ୍ପର୍ଶ ଅନୁଭବ କରି ଚମକି ଚାହିଁଲି- ନାଥନନା ।

ଚିଠିଟା ମୋ ହାତରୁ ଟାଣିନେଇ ସେ ପଢ଼ିଲେ; ତା'ପରେ ରାଗରେ ଗର୍ଜିଉଠି କହିଲେ, କାହିଁ ସେ କୁକୁରଟା ? ତା ପରେ ଚିଠିଟା ଟିକି ଟିକି କରି ଚିରିପକାଇ ଘରୁ ଦଉଡ଼ି ଚାଲିଗଲେ ।

ଦାଣ୍ଡପଟେ, ଯୋଉଠି ତାଙ୍କ ଦିହଛାଇର ଶେଷ ରେଖା ଦୁଆର ମୁହଁ ପାଖେ ମିଳାଇ ଯାଇଥିଲା, ସେହି ଆଡ଼କୁ ଏକଧ୍ୟାନରେ ଚାହିଁ ଭାବିଲି, ଯେମିତି ଏକଜିଦିଆ ଲୋକ ଏ, ଏଇଲାଗେ କ'ଣ ନାଇଁ କ'ଣ କରିବସିବେ କେଜାଣି ? କାହିଁକି ମିଛରେ ତାଙ୍କୁ ଚିଠିଟା ପଢ଼ିବାକୁ ଦେଲି, ନିଜେ ଚିରି ପକାଇଥିଲେ ତ ଯାଇଥାନ୍ତା ! ଯେମିତି ରାଗିଛନ୍ତି ଚିଠି ପଢ଼ି, ଆଜି ଗୋଟାଏ କିଛି ଭୟଙ୍କର କାଣ୍ଡ ନ' କରି କ'ଣ ଫେରୁଛନ୍ତି ସହଜରେ ?

ଗୋଟାଏ କଳ୍ପିତ ଆଶଙ୍କାରେ ବିଚଳିତ ହୋଇ ଦିନଗୋଟାକ ମୋର କଟିଗଲା ।

ଛାଇ ଲେଉଟିଗଲା । ନାଥନନା ସେତେବେଳଯାଏ ଫେରି ନ ଥିଲେ । କ'ଣ ହେଲା କେଜାଣି ? ଆଉ ସବୁ ଚିନ୍ତା ବୁଡ଼ାଇ ଦେଇ ଏଇ ଭାବନା ମୋର ସମ୍ବଳ ହେଲା । ଏତେବେଳଯାଏ କୁଆଡ଼େ ଗଲେ ସେ ? ଖରାପ ହେଲା ନାହିଁ ତ ?

ଉପରଓଳି ସଇତା ଆସିଲା । କହିଲା, ସେଠୁ ଚାକିରୀ ଛାଡ଼ି ଆସିଲି, ବୁଢ଼ୀ ।

ସଇତାକୁ ଦେଖି ଅଥଳ ସମୁଦ୍ରରେ କୂଳ ମିଳିଲା । ପଚାରିଲି, ନାଥନନା କୁଆଡ଼େ ଗଲେ, ଦେଖି ନାହୁଁ ?

ସେ କହିଲା, ସକାଳେ ଆଜି ଅଚୁତା ଅବଧାନ ଘରେ ତ ତାଙ୍କୁ ଦେଖିଥିଲି । ଭାରି ରାଗହୋଇ ଅବଧାନ ସାଙ୍ଗେ କ'ଣ କଥାବା ି ହଉଥିଲେ । ଦି'ପହରେ ଏଇ ବିଲ ବାଟେ ଆର ଗାଁକୁ ତ କୁଆଡ଼େ ଗଲେ ।

ନିଶ୍ଚିନ୍ତ ହୋଇ ଭାବିଲି, ଯାହାହଉ ଅଖୁଣ ଦିହରେ ତ ଅଛନ୍ତି ସେତେବେଳଯାଏ । ପଚାରିଲି, କୁଆଡ଼େ ସେ ଗଲେ, ତୁ ଟିକେ ଯାଇପାରିବୁ ସେଠିକି ?

କାହିଁକି ?

ସକାଳ ପହରୁ ଅଖିଆ ଯାଇଛନ୍ତି ପରା । ତୁ ଯା, ତାଙ୍କୁ ସାଙ୍ଗରେ ନେଇକରି ଯାଇଁ ଆସିବୁ ।

ସଇତା ଚାଲିଗଲା । ଏତେ ବିପଦରେ ସୁଦ୍ଧା ମନକୁ ଟିକେ ଦମ୍ଭ ଆସିଲା, ଏ ଗାଁରେ ସମସ୍ତେ ମୋ ବିରୁଦ୍ଧରେ ଠିଆ ହେଲେ ସୁଦ୍ଧା ଦୁଇଜଣ ତ ମୋ' ଲାଗି ଅଛନ୍ତି, ପ୍ରୟୋଜନ ହେଲେ ଯେ ଜୀବନ ଦେଇ ମୋ' ମର୍ଯ୍ୟାଦା ରକ୍ଷା କରିବେ ।

ସଞ୍ଜଘ । ବାଜିବାର ଅନେକ ପରେ ସେଦିନ ନାଥନନା ଘରକୁ ଫେରିଲେ । ପିଣ୍ଡାରେ ଖାଇବାକୁ ଠା' କରିଦେଲି । ଖାଇବସି ସେ କହିଲେ, ଆଜି ଭାରି ମଜା

ହେଲା । ସକାଳେ ଯେତେବେଳେ ଗାଁଯାକ ଅଚ୍ଯୁତିକୁ ଖୋଜି ତା' ଘରେ ଯାଇ ପହ ୍ଲି, ବାହାରେ ଠିଆହୋଇ ସେ କାହା ସଙ୍ଗେ କଥାବା । ହେଉଥିଲା । ମତେ ଦେଖି ଘର ଭିତରେ ଯାଇ ଲୁଚିଗଲା । ଯେତେ ଡାକି ଡାକି ଆଉ କ'ଣ ବାହାରକୁ ଆସେ ? ଘରେ ତାଙ୍କର କହିଲେ, ସେ ନାହାନ୍ତି । ଯୋଉଠୁ କହିଲି, ନାହାନ୍ତି ଯେବେ, ଆସିଲେ କହିଦେବ, ମୁଁ ଥାନାକୁ ଯାଉଚି, ତା ନାଁରେ ଏତଲା ଦବାକୁ, ସେଠୁ ମୂଷାଟି ପରି ଘରୁ ବାହାରିଆସିଲା । ଆଗେ ତ ଯାହା ମୁହଁକୁ ଆସିଲା, ପରସ୍ତେ ଶୋଧି ଦେଇଗଲି, ତା'ପରେ କହିଲି, ଫେର୍ ଯଦି ତୁ ମୋର ଘର ଦୁଆରମୁହଁ ମାଡ୍ଟୁ, ତେବେ ଆଉ ତତେ ଘରକୁ ଫେରିବାକୁ ହବ ନାହିଁ ।

ସେ କ'ଣ କହିଲା ?

କହିବ ଆଉ କ'ଣ ? ଆଜି ଯାଉଚି କୁଆଡ଼େ ଜମିଦାର ପାଖରେ ଫେରାଦ ହବାକୁ ମୋ ନାଁରେ ।

ଆଶ୍ଚର୍ଯ୍ୟ ହୋଇ ପଚାରିଲି, ସତରେ ?

କହିଲେ, ହଁ, ଯାଉ ସେ । ସେଥିପାଇଁ ମୋର ଭୟ ନାହିଁ । କଥା କ'ଣ ଲୁଚିବ ? ଜମିଦାର ତ ପୁଣି ବୁଝିବୁଝି ବିଚାର କରିବେ ।

ମନେକଲି, ମୋର ସ୍ୱାମୀ ତ ଜମିଦାର । ତାଙ୍କର ଯାହା ବୁଝାମଣା, ସେ କଥା ମତେ ଭଲକରି ଜଣାଅଛି । ଜମିଦାର ବୋଲି ସମାଜ ଏମାନଙ୍କ ହାତରେ ଯେଉଁ ଅସୀମ କ୍ଷମତା ଦେଇଚି ଲୋକଙ୍କ ଉପରେ ଶାସନ କରିବାକୁ, କେତେ ଜଣ ତାର ସଦ୍‌ବ୍ୟବହାର କରନ୍ତି ? ଶାସନ ନାମରେ ଯେଉଁ ଅତ୍ୟାଚାର, ଅବିଚାର, ଯେଉଁ ମହାପାତକ ଏମାନେ ଆଖିବୁଜି ପ୍ରତିଦିନ କରି ଯାଉଛନ୍ତି, ସେ ଖବର କିଏ ରଖେ ? ଜମିଦାରର ଖୁସି ଉପରେ ନ୍ୟାୟର ବାଟ ଗଢ଼ାହୁଏ । ଇନ୍ଦ୍ରିୟ ଲାଳସା ପାଖରେ ଗରିବର ସର୍ବସ୍ୱ, ସତୀର ସତୀତ୍ୱ ହଜାର ହଜାର ପ୍ରତିଦିନ ବଳି ଦିଆହୁଏ, ଅଥଚ ସମାଜ ସେ କଥା ବେଶ୍ ଆଖିବୁଜି ଚଳାଇନିଏ । ଏଇ ତ

ଶାସନ, ଏଇ ତ ସମାଜ ! ହାୟରେ, ଲୋକେ ପୁଣି କୋଉ ସୁବିଚାର ଆଶା ରଖନ୍ତି ଏହାଙ୍କ ପାଖରେ ?

ଫଗୁଣର ଫଗୁପରା ଗୋଧୂଳି ଆକାଶ ଦିହରେ ତାର ଜରିଧଡ଼ିଆ ବଉଦ ଖଣ୍ଡେ ଜଡ଼ି  ରଙ୍ଗ ହୋଇ ଯାଇଥିଲା, ଯେପରି ତା'ରି ରଙ୍ଗରେ । ଥକା ବଣଭୂଇଁ ପାଖେ ଧାଡ଼ିବନ୍ଧା ଗଛ ଡାଳେ ଡାଳେ କଅଁଳପତ୍ରର ରୋଷନିଫୁଲ ଝଞ୍ଜା ହଉଥିଲା, ବସନ୍ତ-ବର ଆସିବା ଲାଗି । ସେ ନୂଆ ପତ୍ର ମହକରେ ଉଛଟାହୋଇ ଗୋଟାଏ ହଳଦୀବସନ୍ତ, ଘନଗୁନ୍ଥା ବାଉଁଶବୁଦାର ନହକା ଅନ୍ଧାର-କଷଟି ଉପରେ, କ । ସୁନାର ଗାର ଟାଣି ଟାଣି ଏ ଡାଳ ସେ ଡାଳ ଉଡ଼ି ବୁଲୁଥିଲା । ବାଡ଼ିପଟେ ଠିଆହୋଇ କେତେବେଲୁ ଏକଧ୍ୟାନରେ ଚାହିଁଥିଲି ଏଇ ପତ୍ରକଅଁଳ ମହୋତ୍ସବ ଆଡ଼େ । ମନ ହଉଥାଏ, ଦଉଡ଼ିଯାଇ ବଣ ଅରମା ଭିତରେ ଶୋଇ ପଡ଼ିବାକୁ; ଆମ୍ବଗଛ ଡାଳରେ ସୁନ୍ଦର-ଗୋଳା ରେଶମୀ ପତରରୁ କୁଣ୍ଢେ ତୋଳିଆଣି ଘର ବାହାର ସବୁ ଟଙ୍ଗେଇବାକୁ । କିନ୍ତୁ ଏଇ ନିହାତି ସୁଲଭ ସାଧୀନତାଟିକ ବି ମୋର ଆଜି ନାହିଁ । ଏଠିକି ଆସିଲାଦିନୁ ଦିନେ ସୁଦ୍ଧା ତ ବାହାରକୁ ଭରସି ଗୋଡ଼ କାଢ଼ିପାରି ନାହିଁ ଲାଜରେ । ମତେ କିଏ କାଳେ ଦେଖିବ, କ'ଣ ପଚାରିବ କାଳେ । ମୋ କଥା ନେଇ ଗାଁ ଭିତରେ ଯେ ଭାରି ଗୋଟାଏ ଗୋଳମାଳ ଲାଗି ଗଲାଣି, ଘର ଭିତରେ ବସି ସେ କଥା ମୁଁ ଭଲକରି ଅନୁଭବ କରିପାରୁଚି । ଗାଁ ଗୋଟାକରେ ସମସ୍ତେ ଯେପରି ମୋ'ରି ବିରୁଦ୍ଧରେ ତତ୍ପର, ମୋ ବିଷୟ ନେଇ ଅତ୍ୟଧିକ ଆଗ୍ରହାନ୍ୱିତ । ବାହାରେ କାହାର ପାଟି ଶୁଣିଲେ ଘର ଭିତରେ ମୁଁ ଲାଜରେ ସରିଯାଉଚି; ଯେପରି କେତେ ବଡ଼ ମହାପାତକରେ ପାପୀ ମୁଁ ସମସ୍ତଙ୍କ ଆଗେ, ଅଥଚ ଏ ନାଥନନା- ଗୋଟାଏ ପ୍ରଚଣ୍ଡ ଝଞ୍ଜା ପରି ସାଧୀନ ଭାବରେ ବୁଲୁଛନ୍ତି, ସମସ୍ତ ସଙ୍କୋଚ, ସମସ୍ତ ଦ୍ୱିଧା ଜୋର୍‌କରି ବାଟରୁ ଏଡ଼ାଇଦେଇ । ବଡ଼ ବିଚିତ୍ର ଲାଗେ ୟାଙ୍କ କଥା ଭାବି ।

କେତେବେଳକେ ସଇତା ଆସିଲା; ମତେ ବାଟ ପାଖରେ ଦେଖି କଥା ନ

କହି ପିଣ୍ଡାରେ ଯାଇ ଗୁମ୍‌ମାରି ବସିଲା । ପଚାରିଲି, କୁଆଡ଼େ ଥିଲୁ କି ଏତେ ବେଳଯାଏ ?

ସେ ବିରକ୍ତିପୂର୍ଣ୍ଣ ସ୍ୱରରେ କହିଲା, ମରିବାକୁ । ପାଖକୁ ଯାଇ ଆଶ୍ଚର୍ଯ୍ୟ ହୋଇ ପଚାରିଲି, କୋଉଠି କହନା ? ମରିବାକୁ ପରା କହିଲି । ସଞ୍ଜବେଳେ ମତେ ଆଉ ମରିବାକୁ ଜାଗା ମିଳିଲା ନାହିଁ, ଯାଇଥିଲି ଗାଁ ଭିତରକୁ ଭାଗବତ ଗୋସାଇଁଙ୍କ ପାଖେ ମୁଣ୍ଡିଆ ମାରିବାକୁ । ଆଗ୍ରହରେ ପଚାରିଲି, କାହିଁକି କ'ଣ ହେଲା କି ?

ହବ ଆଉ କ'ଣ ? ଖାଇପିଇ ମୁହଁପୋଡ଼ା ବାମୁଣଗୁଡ଼ାଙ୍କର ତ ଆଉ କିଛି କାମ ନାହିଁ, ଭାଗବତ ଟୁଙ୍ଗୀରେ କ'ଣ ଗାତ ଚୁଲି ନିଶାପ ହଉଚି କୁଆଡ଼େ । ସେଇ ଯୋଉ ଅଚୁତା ଅବଧାନ ବଡ଼ ଚୋର ବୋଲି ମୁଁ ଜାଣିଚି, ହାତ ହଲେଇ ସେଠି କହୁଚି- ଏତିକି କହି ସେ ତୁନି ହୋଇଗଲା ।

ଅଚୁତି ନାଁ ଶୁଣି ଛାତି ଭିତରୁ ମୋର କ'ଣ ଗୋଟାଏ ଖସିପଡ଼ିଲା ।

ଆଶଙ୍କାରେ ପୂର୍ଣ୍ଣ ହୋଇ ପଚାରିଲି, କ'ଣ କହୁଚି ?

କ'ଣ ଆଉ ତତେ ସେଗୁଡ଼ାକ କହିବି, ବୁଢ଼ୀ ! ସେ କହିଲା, ସଞ୍ଜବେଳଟା, ଏତେଗୁଡ଼ାଏ କ ।ମିଛ କହିବାକୁ ତାର ଜିଭ କେମିତି ଖସି ପଡୁନାଇଁ, ଆଗ ସେଇଆ, ମୁଁ ତାଜୁବ୍ ହଉଚି ପରା । କହୁଚି ଅନାଦି ମିଶ୍ର ଝିଅ ସତୀକି ତା ସ୍ୱାମୀ ଘରୁ ବାହାର କରି ଦେଇଛନ୍ତି । ଆଉ ତା ମୁହଁ ଚାହିଁବେ ନାଇଁ ବୋଲି କୁଆଡ଼େ କହିଛନ୍ତି ସମସ୍ତଙ୍କ ଆଗେ । ସେ ଜାତି କୁଳ ଛାଡ଼ିଚି, ତା ହାତରୁ କେହି ପାଣି ଛୁଇଁବାର ନୁହେଁ । କୋଉ ପସନ୍ଦରେ ଲୋକନାଥ ତିଆଡ଼ୀ ତାକୁ ଆଣି ଘରେ ପୂରେଇଚି । ଆମେ ତା ଘରୁ ବନ୍ଧୁପଣ କାଟିଦେବୁ, ତା'ର ନିଆଁ ପାଣି ଅଟକ କରିବୁ, ଯଦି ଲୋକନାଥ ତାକୁ ଘରୁ ବାହାର କରି ନ ଦିଏ । ବୁଢ଼ୀ, ପଥର ପରି

ଠିଆହୋଇ ସବୁ ଶୁଣିଲି । ସେ କହିଲା, ରକତ ମାଉଁସ ଦିହ ତ, କେତେ ଆଉ ସହନ୍ତା ଏଇ କ ।ମିଛଗୁଡ଼ାକ ଶୁଣି ଶୁଣି ! ସମ୍ଭାଳି ନ ପାରି କହିଲି, ଆଲୁଅ ଟିକେ ତଳକୁ ଦେଖା, ତୋ ମୁହଁ ଦେଖେ, କହୁ କହୁ ଏଇ ଠେଙ୍ଗା ଉଠେ ଇ ତା' ପାଖକୁ ଧାଇଁଗଲି । ସେଠି ଥିଲେ ହାଁ ହାଁ କରି ଦଉଡ଼ିଆସି ମତେ ଧରି ପକାଇଲେ, ଟାଣି ଟାଣି ଆଣି ଏଠି ଛାଡ଼ିଦେଇ ଗଲେ, ନଇଲେ ଆଜି ତା'ର ଦିନେ କି ମୋର ଦିନେ । କହୁଁ କହୁଁ ସେ ରାଗରେ ଗୋଟିପଣେ ଥରିବାକୁ ଲାଗିଲା ।

ଲାଜ ଆଉ ଅପମାନରେ ମୋର ଆଉ ସେତେବେଳେ କଥା କହିବାର ଶକ୍ତି ନ ଥିଲା । ଚୁପ୍‌ହୋଇ ଘର ଭିତରେ ଯାଇ ଶୋଇପଡ଼ିଲି । ସେଇଠି ସେମିତି ତକିଆରେ ମୁହଁମାଡ଼ି ମନେ ମନେ କହିଲି, ଏଇଆ ଶୁଣାଇବାକୁ ମତେ ଆଜିଯାଏ ବ ।ଇ ରଖିଲ ଭଗବାନ୍ । ଏଡ଼େ ବଡ଼ ସୃଷ୍ଟିଟାରେ ତମର ବିଷ କଣିକାଏ କ'ଣ ନ ଥିଲା, ଏଇ ହୀନିମାନିଆଁ ଜୀବନଟା ଏକାଥରକେ ଶେଷ କରିଦେବାକୁ ! ଖାଲି ଏତିକିରେ ଭଲା ସରିଥାଆନ୍ତା, ଏ ହୀନକପାଳୀ ସାଙ୍ଗେ ପୁଣି ଆଉ ଗୋଟାଏ ପବିତ୍ର ନିଷ୍ପାପ ଜୀବନ ଛନ୍ଦିହୋଇ ଅକାରଣେ କେତେ ଲାଞ୍ଛନା, କେତେ ଦହଗଞ୍ଜ ହଉଚି । ମୋର ଅଧିକାର କ'ଣ ଅଛି ଭଲା ତାକୁ ଏମିତି ଅକାରଣରେ କଳଙ୍କର ଭାଗି କରିବାକୁ ମୋ ସାଙ୍ଗେ ? ଏଇ ନିନ୍ଦା, ଏ କଳଙ୍କ କଥା ମୋର ନାଁରେ ଶୁଣିପାରିବେ ନାହିଁ ବୋଲି ତ ବାପା ବୋଉ ଆଗରୁ ବିଦା ହୋଇଗଲେ । ସ୍ୱାମୀ ବୋଲି ଯୋଉ ପ୍ରାଣୀଟି ସାଙ୍ଗରେ ବ୍ରାହ୍ମଣ ଆଗେ ଅଗ୍ନି ସାକ୍ଷୀ କରି ମତେ ବାନ୍ଧିଦେଇ ଯାଇଥିଲେ, ହୃଦୟର ସବୁ ବିମୁଖତାକୁ ରୁଦ୍ଧକରି ତାଙ୍କ ସଙ୍ଗେ ସେ ସମ୍ପର୍କ ଆଉ ରଖିପାରିଲି କୋଉଠି ? ସଂସାରରେ ମୋ'ର ଆଉ କିଏ ଅଛି ମୋ' ପାଇଁ ଭାବିବାକୁ ? ଏ ନାଥନନା ମୋ'ର କିଏ ଯେ ମୋ' ପାଇଁ ପ୍ରତିକ୍ଷଣରେ ନିଜର ପ୍ରତିଷ୍ଠା, ନିଜର ଅଭିମାନ ତିଳେ ତିଳେ ଏମିତି ବିସର୍ଜନ ଦେଇ ମୋ ପାଇଁ ଏତେ କରିବେ ?... ଆଉ ଭାବିପାରିଲି ନାହିଁ । କିଏ ଏଇ ନାଥନନା ? ମୋର କ'ଣ ସେ ? ସବୁ-ସବୁ ! ! ସଂସାରର ଲୋକେ ହଜାର ନାହିଁ କଲେ ସୁଦ୍ଧା, ସମାଜ

ଲକ୍ଷେ ଥର ଅସ୍ୱୀକାର କଲେ ସୁଦ୍ଧା ସେହି ଜଣକୁ ତ ଏ ଜୀବନରେ ନିବିଡ଼ ଭାବରେ 'ମୋର' ବୋଲି ଅନୁଭବ କରିଛି । ଜ୍ଞାନ ହେଲା ଦିନୁ ଆଜିଯାଏ ତାଙ୍କରି ପାଖରେ ସ୍ତ୍ରୀର ସମସ୍ତ ଦେୟ ମନେ ମନେ ଅର୍ପଣ କରିଆସିଛି ।

ବାହାରେ ପାଟି ଶୁଭିଲା । ଚାହିଁଲି, ନାଥନନା ଘରକୁ ଫେରିଲେ । ପିଣ୍ଡାରେ ସଇତାକୁ ଦେଖି କ'ଣ ପଚାରିଲେ, ବୋଧହୁଏ ମୋ କଥା । ସଇତା କ'ଣ ଜବାବ ଦେଲା, ଏତେ ଦୂରରୁ ଭଲକରି ଶୁଣିପାରିଲି ନାହିଁ । ତା'ପରେ ଗୋଡ଼ ହାତ ଧୋଇ ନିଜେ ନିଜେ ଭାତବାଡ଼ି ଖାଇବସିଲେ । ଘରଭିତରେ ସେମିତି ପଡ଼ି ପଡ଼ି ସବୁ ଦେଖିଲି । ଆଜି ଏଇ ଘଟନା ପରେ ତାଙ୍କ ଆଗେ ବାହାରିବାକୁ ମୋର ଗୋଡ଼ ଚଳିଲା ନାହିଁ । ଖାଇସାରି ସେ ହାତଧୋଇ ଶୋଇବାକୁ ଚାଲିଗଲେ । ଭାବି ଭାବି ଅନେକ ରାତିଯାଏ ସେଦିନ ମତେ ନିଦ ହେଲା ନାହିଁ । ମନ ଭିତରେ ଯାହାର ଅଖଣ୍ଡ ନିଆଁ ଜଳୁଚି, ନିଦ ତାକୁ ଆସିବ କୁଆଡୁ ?

ବାଡ଼ିପଟ ତୋଟାଗହଳି ନି ଶବଦର ଛାତି ଚିରି ଦୁଇଥର ବିଲୁଆ ବୋବେଇଗଲେ । ବିଛଣାରେ ପଡ଼ି ପଡ଼ି ଭାରି ଗରମ ହେଲା; କବାଟ ଫିଟାଇ ପଦାକୁ ଆସିଲି । ନାଥନନାଙ୍କ ଘର କବାଟ ମୁକୁଳା; ସେ ବି କେତେବେଳେ ଅଗଣାରେ ଆସି ବୁଲୁଥିଲେ । ମୋ ପରି ଚିନ୍ତାରେ ତାଙ୍କୁ ବି ନିଦ ନାହିଁ ନାଁ କ'ଣ ? ପିଣ୍ଡାରେ ମତେ ଦେଖି ପଚାରିଲେ, କିଏ ସତୀ ?

ସେ ମୋ ପାଖକୁ ଆସିଲେ । ଯେମିତି ଆଗ ପରି ମୋ ପିଠିରେ ହାତ ରଖି ସ୍ନେହଉଚ୍ଛଳା କଣ୍ଠରେ ପଚାରିଲେ, ନିଦ ମାଡୁ ନାହିଁ କି ?

ଭାବିଲି, ଏଇ ଅସୀମ ଅମାପ ସୁହାଗଗୁଡ଼ାକ ଏ ସ୍ନେହରଙ୍କ ପ୍ରାଣରେ ଏମିତି ଅଯାଚିତ ଭାବରେ ଓଜାଡ଼ିଦେଇ ତ ମତେ ସାରିଛ ତମେ । ଏଇ ସୀମାତୀତ ସ୍ନେହର ମଧୁର ମୋହ କଟାଇ ପାରିଲି ନାହିଁ ବୋଲି ତ ସ୍ୱାମୀ, ଶାଶୁଘର ମତେ ସବୁ ବିଷ ପରି ଲାଗିଲା । ଗାଁରେ ଏତେ ଅପମାନ; ଏତେ କଳଙ୍କର ବୋଝ

ମୁଣ୍ଡାଇ ସୁଦ୍ଧା ତୁନିହୋଇ ପଡ଼ିଛି ଏଇ ଟିକକ ଲୋଭରେ । କିନ୍ତୁ ଆଉ ନୁହେଁ । ଆଖି ଆଗରେ ମୋ'ରି ଲାଗି ତମର ଏ ହୀନିମାନ ମୁଁ ଆଉ ଦେଖିପାରିବି ନାହିଁ । ଆଉ ନୁହେଁ- ଏଇ ଶେଷ ।

ସେମିତି ପଥର ପରି ଠିଆହୋଇ ରହିଲି, ଅନ୍ୟଆଡ଼େ ମୁହଁ ଫେରାଇ । ଇଚ୍ଛାକରି ତାଙ୍କ କଥାରେ ଜବାବ୍ ଦେଲିନାହିଁ । ଉ ର ନ ପାଇ ସେ ମୋର ଆହୁରି ପାଖକୁ ଆସିଲେ । ମୋ ମୁହଁ ଛାତି ଉପରେ ରଖି କହିଲେ, ଏତେ ରାତିଯାଏ ଚିଆଁନ୍ତି ? ଆ, ବି ୍ଦିଏ ଶୋଇପଡ଼ିବୁ ଏଇଲାଗେ ।

ତାଙ୍କ ପାଖରୁ ଦୂରକୁ ଘୁ ୍ଯାଇ ଟାଣହୋଇ କହିଲି, ମୁଁ ଶୋଇବି ନାହିଁ ଯା । ସରଗ କଣରେ ବୁଡ଼ ବୁଡ଼ ଜହ୍ନର ଶେଷ ଚାନ୍ଦିନୀଟିକ ଗୋଟାଏ ଗହଳିଆ ବାଉଁଶଗଛ ଭିତରେ ଛାଣିହୋଇ ଦୁଆରେ ଆସି ପଡ଼ିଥିଲା । ସେଇ ଅଳ୍ପ ଆଲୁଅରେ ଦେଖିଲି, ନିଗୁଢ଼ ବେଦନାରେ ତାଙ୍କ ମୁହଁ ଚାହୁଁ ଚାହୁଁ ଅସ୍ତୋନ୍ମୁଖ ଚନ୍ଦ୍ର ପରି ଫିକା ପଡ଼ିଗଲା । ତାଙ୍କ ପ୍ରତି ଏଇ ଦାରୁଣ ବ୍ୟବହାରରେ କଣ୍ଠଯାକ ଲୁହରେ ରୁନ୍ଧହୋଇ ଆସୁଥାଏ । ଜୋର୍‌କରି କଣ୍ଠସ୍ୱରରେ ତୀବ୍ରତା ଆଣି କହିଲି, ମତେ ଏମିତି କାହିଁକି ଦହଗଞ୍ଜ କରୁଚ କି ତମେ ? ମରିବା ଲାଗି ବି ଟିକେ କ'ଣ ଛୁଟି ନାଇଁ ମୋର ତମ ପାଖେ ?

ପଥର ପିତୁଳା ପରି ସେ ଚୁପ୍‌ହୋଇ ଠିଆହୋଇ ରହିଲେ, ତଳକୁ ମୁହଁ ପୋତି । ତା'ପରେ ଧୀରେ ଧୀରେ ସେଠୁ ଚାଲି ଯାଉଥିଲି, ଆଉ ପାରିଲି ନାହିଁ । ମଣିଷ ଜନ୍ମ ପାଇଚି, କେତେ ଆଉ ସହନ୍ତି ? ଦୌଡ଼ିଯାଇ ତାଙ୍କ ଛାତି ଉପରେ ମୁହଁ ରଖି ଝର ଝର ହୋଇ କାନ୍ଦି ପକାଇଲି । ସେ ମତେ ଛୋଟ ପିଲାଟି ପରି କୋଳକରି ନେଇ ବିଛଣାରେ ଶୁଆଇଦେଲେ । ତାଙ୍କର ପିନ୍ଧା କାନିରେ ମୋ ଲୁହ ପୋଛିଦେଇ ଖୁବ୍ ଧୀରେ ଧୀରେ ତାଙ୍କ ମୁହଁକୁ ମୋ ମୁହଁ ଉପରେ ରଖି କହିଲେ, କାନ୍ଦୁଚୁ କାହିଁକି ? ଛି, ସୁନାଟା ପରା । ଏଇ କଥାରେ ଏମିତି ଅଧୈର୍ଯ୍ୟ ହେଲେ

ଚଳିବ ? ତୁ କାନ୍ଦନା, ଖାଲି ଛାତି ଦମ୍ଭକରି ଦେଖ୍, କ'ଣ ହଉଚି ।

ତାଙ୍କ ଦିହ ମୋ ଦିହରେ ଜଡ଼ିଯାଇଥିଲା ଏକାଥରକେ । ନିଶ୍ୱାସରେ ଗୋଟାଏ କୁହୁକଲଗା ବାସନା ମୋ କଥା ଭିତରେ ପଶି ସବୁ ଦୁଃଖଜଞ୍ଜାଳ ପାଶୋରାଇ ଦେଲା କୁଆଡ଼େ । ମୁଁ ସଂସାର ଭୁଲିଲି, ସମାଜ ଭୁଲିଲି । ବଉଦଦୋଳାରେ ଚଢ଼ି ଅଧା ଛାଇ ଅଧା ଆଲୁଅ ଘେରା ଦରିଆପାରିର କୋଉ ସପ୍ନ ରାଇଜକୁ ଭାସିଗଲା ପରି ଜଣାଗଲା ମତେ । ସେମିତି ନିର୍ଜୀବଙ୍କ ପରି ପଡ଼ିରହି ସମସ୍ତ ଇନ୍ଦ୍ରିୟ ଦେଇ ତାଙ୍କ ଦିହର ସ୍ନିଗଧ ଉ ।ପ ଅନୁଭବ କରିବାକୁ ଲାଗିଲି ।

ଦଣ୍ଡେ ଗଲା ।

ସେ ଉଠିଲେ । କହିଲେ, ଟିକେ ଶୋଇପଡ଼ । ରାତି ପାହିବାକୁ ଆଉ ବେଶୀ ଡେରି ନାହିଁ ।

କବାଟଟି ଖୁବ୍ ଆସ୍ତେ ଆଉଜାଇ ସେ ଚାଲିଗଲେ । ଦଣ୍ଡକ ପରେ ବଣ ଅରମାର ଚକିତ ବକ୍ଷ ସ୍ପନ୍ଦିତ କରି ବାଡ଼ିପଟେ ଡାହୁକ ବୋବାଇ ଉଠିଲେ ।

× × ×

ସକାଳେ, ଚାରିଆଡ଼େ ଭଲକରି ଖରା ନ ପଡୁଣୁ ରାତିର ଅମଜା ବାସନ ନେଇ ମାଜିବାକୁ ଯାଉଚି, ବାହାରେ କାହାର ପାଟି ଶୁଭିଲା, ଲୋକନାଥ-ଲୋକନାଥ ।

ନାଥନନା ଘରେ ବସି ଗୋଟାଏ ପୁରୁଣା ବନସୀଖଡ଼ା, କାମ ଚଳିବା ଭଳି, ସଜାଡୁଥିଲେ, ଡାକ ଶୁଣି ବାହାରକୁ ଉଠିଗଲେ । ଦଣ୍ଡକ ପରେ ଅନେକଗୁଡ଼ାଏ ଲୋକଙ୍କର ପାଟି ଶୁଣାଗଲା । ଭୟରେ ଛାତିରୁ ମୋର କ'ଣ ଗୋଟାଏ ଖସିପଡ଼ିଲା । ଗୋଡ଼ ଚିପି ବାହାର କବାଟ ଫାଙ୍କରେ ଚାହିଁଲି । ଅନେକ

ଲୋକ ଦାଣ୍ଡରେ ଠିଆ ହୋଇଥିଲେ । ଆମ ଗାଁ ପୁରୋହିତଙ୍କ ପୁଅ ପ୍ରଭାକର ମିଶ୍ର ଭାରି ଉ‌ ଜିତ ହୋଇ କହୁଥିଲେ, ତା ଯେବେ ତମେ ନ କରିବ ଲୋକନାଥ, ତେବେ ଏଇ ଏତେ ଲୋକଙ୍କ ଆଗରେ ମୁଁ ସଫା ଫିଟେଇ କହୁଚି, ଆମେ ସମସ୍ତେ ମିଶି ତମକୁ ଗାଁରେ ନିଆଁ ପାଣି, ଧୋବା, ଭଣ୍ଡାରୀ ବନ୍ଦକରିବାକୁ ବାଧ ହବୁ । ଏଣିକି ପୂଜା ଶ୍ରାଦ୍ଧ, ବାହା, ବ୍ରତରେ ଏ ଗାଁର ତ କେହି ନୁହେଁ, ଆଖପାଖ ଦଶ ଖଣ୍ଡ ମୌଜାର ବ୍ରାହ୍ମଣଶାସନରୁ କେହି ତମର ଦୁଆର ମାଡ଼ିବେ ନାହିଁ ।

ବିଦ୍ରୂପପୂର୍ଣ୍ଣ ସ୍ୱରରେ ନାଥନନା ପଚାରିଲେ, ଏତିକି ନାଁ ଆଉ କିଛି ଅଛି ?

ପ୍ରଭାକର ମିଶ୍ରେ କହିଲେ, ଲୋକନାଥ, ତମେ କଥାଟାକୁ ଭଲ କରି ନ ବୁଝି ହଠାତ୍ ଉ‌ ଜିତ ହୋଇଉଠନା । କାଲି ସେହିପରି ପଦେ କଥାରେ ଏଡ଼େ ବଡ଼ ବ୍ରାହ୍ମଣସମାଜଟା ଭିତରୁ ରାଗକରି ଉଠିଆସିଲ । ତେବେ ସେଥିଲାଗି ମଧ ଆମେ ତୁମ ଉପରେ ଦୋଷାରୋପ କରୁ ନାହୁଁ, ବୁଝିଲ ?

ତା ପରେ ଟିକେ ରହି ଟିକେ ଗଳାଖଙ୍କାର ମାରି କହିଲେ, ଅନାଦି ମିଶ୍ରଙ୍କ ଝିଅ ତୁମର କିଏ ? ତା ପାଇଁ ତୁମେ କାହିଁକି ବୃଥାରେ ଆମ ସଙ୍ଗେ ବିରୋଧ ଉପସ୍ଥିତ କରୁଛ ? ଭାଇ ଭାଇ ଭିତରେ ମିଥ୍ୟାରେ ଅଶାନ୍ତି ବଢ଼ାଉଛ ? ଛାଡ଼, ସେ ଯାହା ହବାର ତ ହୋଇଗଲାଣି, ବ‌ ମାନ ତୁମେ ତାକୁ ଘରୁ ବାହାର କରିଦିଅ । ବ୍ରାହ୍ମଣସମାଜ ପାଖରେ କ୍ଷମା ମାଗି ଟିକିଏ ପ‌ ଗବ୍ୟ କରିଦିଅ, ବାସ୍ ଅଢୁଆ ଛିଡ଼ିଯାଉ । ତା'ର ସ୍ୱାମୀ ଯେତେବେଳେ ତାକୁ ତ୍ୟାଗ କରିଛନ୍ତି, ବ‌ ମାନ ସେ କୁଳତ୍ୟାଗିନୀ ବୋଲି ଧରିବାକୁ ପଡୁଛି । କୁଳତ୍ୟାଗିନୀ ଅର୍ଥରେ-

ରାଗରେ ନାଥନନା ଗର୍ଜିଉଠିଲେ । କହିଲେ, ଦରକାର ନାହିଁ ମୋର ଟୀକା ଶୁଣିବା । ଭଲ ଗତି ଅଛି ଯେବେ, ଏଠୁ ଏଇକ୍ଷିଣା ଚାଲି ଯା, ନ ହେଲେ ପୁଲିସ ଡାକିବି ।

ସେଇ ଅଚୁତିଟା ମିଶ୍ରଙ୍କ ପଛରେ ଠିଆହୋଇ ତାଙ୍କ କାନ୍ଧ ଉପର ବାଟେ

ଏଆଡ଼େ ଚାହିଁଥିଲା । ନାଥନନାଙ୍କ ପାଟି ଶୁଣି ହଠାତ୍ ଭୀଷଣ ଭାବରେ ଚମକିପଡ଼ି ମୁହଁ ଟାଣିନେଲା । ପ୍ରଭାକର ମିଶ୍ରେ ବି ଚମକି ପଡ଼ିଥିଲେ; କିନ୍ତୁ ରାଗରେ ସେ ଦୁର୍ବଳତାକୁ ଘୋଡ଼ାଇବାକୁ ଚେଷ୍ଟାକରି କହିଲେ, କ'ଣ ତୁମେ ଅବ୍ୟାଜରେ-

ନାଥନନା ବାଧାଦେଇ କହିଲେ, ଯିବ ନା ଚଉକିଆ ଡାକିବି ?

ସେତିକିବେଳେ ଅଚୁତି ପଛରୁ ବାହାରିପଡ଼ି କହିଲା, ଆସ ହେ ମିଶ୍ରେ ଆପଣେ । ସେ ତାଙ୍କ ରକ୍ଷିତାଟିକି ନେଇ ସୁଖରେ ଥାଆନ୍ତୁ; ଆମର କି ଦରକାର ଅଛି, ସେଥିରେ ବାଦ ସାଧିବା ।

ପ୍ରଭାକର ମିଶ୍ରେ ଆଉ କ'ଣ କହିଥାନ୍ତେ, ଅଚୁତି ତାଙ୍କୁ ଟାଣି ଟାଣି ନେଇ ସେଠୁ ଚାଲିଗଲା । ଗଲାବେଳେ ମିଶ୍ରେ ପଇତା ଛୁଇଁ ଶପଥ କରିଗଲେ, ମୁଁ ଯେବେ ବ୍ରାହ୍ମଣ ସନ୍ତାନ ହୋଇଥାଏ, ତେବେ ଏହାର ପ୍ରତିକାର କରିବି ।

ବୁଦ୍ଧି ଜ୍ଞାନ ସବୁ କୁଆଡ଼େ ହଜିଯାଇଥିଲା ମୋର, ଏ କଥା ଶୁଣି । ସେତେବେଳ ଯାଏ କେମିତି ଯେ ମୋର ଗୋଡ଼ ଦୁଇଟା ସିଧା ହୋଇ ରହିଥିଲା, ସେଇକଥା ଭାବି ଆଶ୍ଚର୍ଯ୍ୟ ଲାଗେ । ନାଥନନା ଘରପିଣ୍ଡାରେ ଗୋଡ଼ଦେଲା ମାତ୍ରେ ଦୌଡ଼ିଯାଇ ତାଙ୍କ ଦୁଇପାଦ ଭିତରେ ମୁହଁ ରଖି ଝର ଝର ହୋଇ କାନ୍ଦି ପକାଇଲି । କହିଲି, ନା ନା, ମୋ ପାଇଁ କାହିଁକି ତମେ ଏମିତି ବିପଦକୁ ପାଖକୁ ଡାକି ଆଣିବ ? ତମେ ମତେ ଘରୁ ବାହାର କରିଦିଅ, ଅତୁଆ ଛିଡ଼ିଯାଉ- ଯା, ତାଙ୍କୁ ଡାକ-

ନାଥନନା ଦୁଇ ହାତରେ ମତେ ଉଠାଇ ଆଖିରୁ ଲୁହ ପୋଛିଦେଲେ । ହସି ହସି କହିଲେ, ହଉ ଦେବି ।

× × ×

ବସନ୍ତ ଫେରିଆସିଲା । ଫଗୁଣର ଫୁଲଫୁଟା ପରଶ ଫାଙ୍କେ ଫାଙ୍କେ ଚଇତ୍ରର ଶିରୀତୁଟା ଝଞ୍ଜା ପବନ ପାଗଳ ଘୋଡ଼ା ପରି ଧୂଳି ବାଲି ବୋଳିହୋଇ

ପଡ଼ିଆପାରିର ତାଳବଣ ମଥାନ ହଲାଇ ବୋହିଗଲା । ଭାବିଲି, ଜୀବନଟାଭରି ମୋ'ର ବି ଏମିତି ବତାସ ପବନ ବୋହୁଚି ଦିନ ରାତି । ବାହାହେଲା ଦିନୁ ଆଜିଯାଏ ଏ ଦି'ବର୍ଷ ଭିତରେ କେଉଁଠି ଟିକିଏ ଶାନ୍ତି ତ ମୋ ଜୀବନରେ ଘଟିଲା ନାହିଁ ? ସଂସାରରେ ଆମ ଜାତିଟା ଯାହା ପାଇଲେ ନିଜକୁ ଭାଗ୍ୟବତୀ ମଣନ୍ତି, ସବୁ ତ ମୁଁ ପାଇଥିଲି । ବାପା ମା-ସ୍ନେହ ସୁହାଗ, ଜମିଦାର ସ୍ୱାମୀ, କ'ଣ ଆଉ ମୋ କପାଳରେ ବାକି ଥିଲା କି ? କିନ୍ତୁ ସେସବୁ ପାଇ ନ ପାଇଲା ପରି ସିନା ହୋଇଗଲା । ବାହାହେଲାବେଳେ ସମସ୍ତିଙ୍କ ସ୍ୱାମୀ କ'ଣ ଯେଝା ମନ ଅନୁସାରେ ଗଢ଼ା ହୋଇଥାନ୍ତି ? ଜୀବନଭଳି ସ୍ତ୍ରୀକୁ ମୁଣ୍ଡରେ ବସାଇ ଚଳନ୍ତି । ସ୍ୱାମୀର ରୁଚି, ସ୍ୱାମୀର ଅବସ୍ଥା ସଙ୍ଗେ ନିଜକୁ ଜୋର୍‌କରି ଚଳାଇନେବା ତ ଆମ ସମାଜର ଧର୍ମ । ନାରୀଜନ୍ମର ସେଇତକରେ କୁଆଡ଼େ ସାର୍ଥକତା । ସ୍ୱାମୀ ପଛେ ଚରିତ୍ରହୀନ ବ୍ୟାଧିଗ୍ରସ୍ତ ହେଉ, ସ୍ତ୍ରୀ କିନ୍ତୁ ପରମ ନିର୍ବିକାର ଭାବରେ ଦେବତା ବୋଲି ତାଙ୍କୁ ପୂଜା କରିଯିବ, ଏଇ ତ ଆମ ଶାସ୍ତ୍ରକାର ଋଷିଙ୍କର ଦୃଢ଼ ଅନୁଶାସନ । କିନ୍ତୁ ମୁଁ ତା ଆଉ ପାରିଲି କୋଉଠୁ ! ସମାଜ-ଦେବତାର ମୁହଁ ଚାହିଁ ସ୍ୱାମୀଙ୍କର ସ୍ୱେଚ୍ଛାଚାର ପାଖରେ ନିଜର ନାରୀତ୍ୱକୁ ବଳିଦେବା ଆଗରୁ ଯେ ମୋର ଜୀବନର ଗତି ପରିବର୍ତ୍ତିତ ହୋଇଗଲା, ସ୍ୱାମୀପ୍ରେମର ଗୋଲାପୀ ସ୍ୱପ୍ନ ଆଖି ଆଗରୁ ସବୁଦିନ ପାଇଁ ତୁଟାଇଦେଇ । ସେତେବେଳେ ଭାବିଲି, ଭଲ ହୋଇଚି, ସ୍ତ୍ରୀ ହେବାର ଏଇ ନକଲି ଅଭିନୟ ମୋର ଶେଷ ହୋଇଯାଇଚି; କିନ୍ତୁ ଯୋଉ ଆଶା-କୁହୁକରେ ପଡ଼ି ସବୁ ଦିନ ଆଶ୍ରୟକୁ ମୋର ସମୁଦ୍ରପାଣିକି ଫିଙ୍ଗିଲି, ଶତ ମନପା ପୁଟଦିଆ ମୋର ଏଇ ତରୁଣଜୀବନର ବ୍ୟର୍ଥତା ଭିତରେ ହାତପାଖରେ ଧରି ତାକୁ ତ ପାଇଲି ନାଇଁ । ଜୀବନସାରା ଯାହାକୁ ସ୍ୱାମୀ ବୋଲି ମନର ସବୁ କାମନାଟିକ ପାଦରେ ତାର ଢାଳିଦେଇ ନିଶ୍ଚିନ୍ତ ହେବି ବୋଲି ହୃଦ ବାନ୍ଧିଥିଲି, ସେ ଯେ ମୋ ପାଖରେ ଥାଇ ନ ଥିଲା ପରି । ଭଗବାନ୍ କାହିଁକି ଏ ଜୀବନଟାକୁ ଗୋଟାଏ ଅଭିଶାପ ଭିତରେ ଛନ୍ଦି ଏମିତି ନିଉଛଣା କରି ଜନ୍ମ ଦେଇଥିଲେ କେଜାଣି ! ଖାଲି

ସେତିକିରେ ଭଲା ଶେଷ ହୋଇଥାନ୍ତା । ଏ ହତଭାଗ୍ୟ ଜୀବନ ସାଙ୍ଗେ ସଜତୋଳା ଗଙ୍ଗଶିଉଳି ପରି ଆଉ ଗୋଟିଏ ନିଷ୍ପାପ ନିଷ୍କଳଙ୍କ ଜୀବନକୁ ଛନ୍ଦିଦେବାର କୋଉ ଇଚ୍ଛା ପୂର୍ଣ୍ଣହେଲା ଭଲା ! ଭୁଲରେ କେବେ ତ ଏହା ମୁଁ ଚାହିଁ ନ ଥିଲି ପ୍ରଭୁ । ଏମିତି ନିନ୍ଦାଅପବାଦ ପଙ୍କ ଭିତରେ ବୁଡ଼ାଇ ତାଙ୍କୁ ମୋତେ ଆଣି ଦେବାକୁ ସପ୍ନରେ କେବେ ତ ହେଲେ କାମନା କରି ନଥିଲି ।

ଖାଲି ଟୋକେଇଟା ଧରି ସେଦିନ ସଇତା ଫେରିଆସି କହିଲା, ଗାଁଯାକ ଶଳା ସବୁ ଏକମେଳି ହୋଇଛନ୍ତି; ଦି'ଗୁଣ ପଇସା ଯାଚି କେହି ଶାଗପତରଟିଏ ସୁଦ୍ଧା ଛୁଇଁଦେଲେ ନାଇଁ ।

ନାଥନନା ପଚାରିଲେ, ଆଜି ହାଟ ଅଛି ପରା । ସଉଦାପତ୍ର ସେଠୁ କିଣିଆଣିଲେ ତ ହବ ।

ସଇତା ହସିଲା । କହିଲା, ଆଜି ଆଉ ହାଟ କୋଉଠି ଅଛି; ପ'ରଦିନ ଯାଇ । ଏ ଦି'ଟା ଦିନ ତ ଫେର ଚଳିବ କେମିତି ? ପରିବା ଯେ ଘରେ କିଛି ନାଇଁ ।

ନାଥନନା ଦଣ୍ଡେ କ'ଣ ଭାବି କହିଲେ, ଏ ଓଳିଟା ଚଳିଯାଉ ସେମିତି; ତେଣିକି ଦେଖାଯିବ ।

ହାତଠାରି ସଇତାକୁ ପାଖକୁ ଡାକିଲି । ତୁନି ତୁନି କହିଲି, ବୁଢ଼ାଟିଏ ହେଲୁଣି, ବୁଦ୍ଧି ସୁଦ୍ଧି ତୋର ଆଜିଯାଏ ହେଲା ନାହିଁ । ପରିବା ନ ମିଳିଲା ତ ତାଙ୍କୁ ଯାଇ କହିଲୁ କାହିଁକି, ଏ କଥା ଶୁଣେ ?

ସଇତା ଅପ୍ରସ୍ତୁତ ହୋଇ କହିଲା, ଦିଅ, ମୋର ଏତେ କଥାକୁ ନଜର ଅଛି ? ତରକାରୀର କ'ଣ ବ୍ୟବସ୍ଥା ହବ, ତୁନି ତୁନି ତାକୁ କହିଦେଇ ରୋଷେଇଘରକୁ ଗଲି । ଅନେକ ସମୟ ପରେ ପଦାକୁ ଆସି ଦେଖିଲି, ନାଥନନା

ସେଇଠି ସେମିତି ବସିଛନ୍ତି ପିଣ୍ଡାଖୁ କୁ ଆଉଜି । ପଛରେ ଯାଇ ଠିଆହୋଇ ପଚାରିଲି, ବେଳ କେତେ ହେଲାଣି ? ଗାଧୋଇ ଯିବ ନାହିଁ କି ?

× × ×

ସ୍ୱପ୍ନରୁ ଉଠିଲା ପରି ସେ ମୋ ଆଡ଼କୁ ଚାହିଁ କହିଲେ, ହଁ ତେଲ ଟିକେ ଦେ ।

ଘରୁ ଗାମୁଛା ତେଲ ଆଣି ପାଖରେ ରଖିଲି । ତେଲ ଲଗାଇସାରି ସେ କହିଲେ, ବନସୀଟା ମୋର ସେ ଘରୁ ଆଣିଦେଲୁ ସତୀ ।

ବନସୀ କ'ଣ ହେବ ଫେର୍ ? ପଚାରିଲି ।

ତରକାରୀ କିଛି ମିଳିଲା ନାହିଁ, ସଇତା କହୁଥିଲା ପରା । ମାଛ ଫାଛ ଗୋଟାଏ ଦେଖିଥାଆନ୍ତି କୋଉଠୁ ?

କହିଲି, ତମେ ଗାଧୋଇ ଯା । ସେ କଥା ଭାବିବାକୁ ଲୋକ ଅଛନ୍ତି ।

ଅଛନ୍ତି ନାଁ ? ମୁଁ ମନେକଲି ମୋ ଚିନ୍ତା ଆଉ କାହାକୁ ଲାଗି ନ ଥିବ ପରା । ସେ ହସିଲେ ।

ଗାମୁଛାଟା ତାଙ୍କ ଉପରକୁ ଫୋପାଡ଼ିଦେଇ କହିଲି, ଗଲ ତମେ ଆଗ ଗାଧୋଇ, ଭାରି ଡେରି ହେଲାଣି ।

ସେ ଚାଲିଗଲେ ।

× × ×

ସଞ୍ଜବେଳେ ଘର ଅଗଣାରେ ନାଥନନା ଗୋଡ଼ ଧୋଉଥିଲେ, ପାଖରେ ଯାଇ ଠିଆହେଲି । ମତେ ଦେଖି ସେ ହସି ହସି ପଚାରିଲେ, କ'ଣ କି ? ଏ ଓଳି ଫେର୍ ପରିବା ନାହିଁ ପରା ?

କହିଲି, ସେ କଥା ନୁହେଁ ।

ଆଉ କ'ଣ ?

ମନରେ ଖୁବ୍ ସାହସ ବାନ୍ଧି କହି ପକାଇଲି, ସଇତାକୁ ନେଇ ସାଇଆଡ଼େ ଟିକେ ଯାଇଆନ୍ତି ।

ତାଙ୍କ ମୁହଁରୁ ହସର ଶେଷ ଦାଗଟିକ ଲିଭିଗଲା ଏ କଥା ଶୁଣି । ଅନେକ ବେଳଯାଏ କ'ଣ ଭାବି କହିଲେ, ଦାଣ୍ଡଟାରେ ଏମିତି ଏକୁଟିଆ ଚାଲିକରି ଯିବୁ ?

ମନେ ମନେ ହସିଲି କଥା ଶୁଣି । ସାମୀଘରେ ଥାନ ହେଲା ନାହିଁ ବୋଲି ଯେ ଦାଣ୍ଡରେ ବସିଚି, ତାକୁ ପୁଣି ଘରୁ ବାହାରିବାକୁ ଲାଜ ! କହିଲି, ଅନ୍ଧାରରେ କିଏ ଦେଖିବ କାହିଁକି ?

କହିଲେ, ହଉ ଯା । କିନ୍ତୁ ଚ ଳ ଫେରିବୁ; ମୁଁ ଚାହିଁବସିଚି । ଭଲ ମନ୍ଦ କିଛି ନ ଭାବି ବାହାରିପଡ଼ିଲି ସଇତାକୁ ନେଇ । ଦାଣ୍ଡକୁ ଆସି ସଇତା ପଚାରିଲା, କୁଆଡ଼େ ଯିବୁ ବୁଢ଼ୀ ?

କହିଲି, ପ୍ରଭାକର ମିଶ୍ରଙ୍କ ଘରକୁ ।

ସେ ଆଶ୍ଚର୍ଯ୍ୟ ହୋଇଗଲା ମୋ କଥା ଶୁଣି । କହିଲା, ପ୍ରଭାକର ମିଶ୍ର ଘରକୁ, ସେଇ ଯେ ଗାଁଯାକ ଏକାଠି କରି ଆମ ଘରକୁ ଏକବାଡ଼ିଆ କରିଚି, ତୁ କ'ଣ ଏ କଥା ଜାଣିନାଉଁ ବୁଢ଼ୀ ?

କହିଲି, ହିଁ ଜାଣେ, ଚାଲ୍ ।

ମନେ ମନେ ରାଗରେ ଗରଗର ହୋଇ ସେ ଆଗରେ ଚାଲିଲା । ସେଇ ଅନ୍ଧାର ଭିତରେ ମୁହଁକୁ ମୁହଁ ଦିଶୁ ନାହିଁ ଯୋଉଠି ହାତେ ଛଡ଼ାରେ, ସେଥିରେ କାଳେ କିଏ ମତେ ଦେଖି ପକାଇବ ବୋଲି ରାସ୍ତା ପାଖେ ପାଖେ ଚାଲିଲି । ପ୍ରଭାକର ମିଶ୍ରଙ୍କ ବାଡ଼ି ଦୁଆରମୁହଁରେ ସଇତାକୁ ବସିବାକୁ କହି ଘର ଭିତରକୁ ଗଲି । ଏଇ ଘର ପିଲାଦିନେ ମୋର କେତେ ପରିଚିତ ଥିଲାଟି । ଅନେକ ଥର ବାପା ମତେ ଆଣି ଏଠି ଛାଡ଼ିଦେଇ ଯାଇଛନ୍ତି ସଞ୍ଜ ହେଲେ । ପ୍ରଭାକର ମିଶ୍ରଙ୍କ

ସ୍ତ୍ରୀ, ବୟସ ତାଙ୍କୁ ମୋଠଉଁ ଖୁବ୍ ବେଶୀ ନୁହେଁ, ସେ ପୁଣି ମୋ ସାଙ୍ଗେ 'ଅଶୋକା' ବସିଥିଲେ ପିଲାଦିନେ । ସେଇ ଦମ୍ଭରେ ଆଜି ମନ ବାନ୍ଧି ଏତେଦୂର ଆସିଛି, ଯଦି କିଛି ଉପାୟ ଥାଏ ।

ପିଣ୍ଡାରେ 'ଅଶୋକା' ଠିଆ ହୋଇଥିଲେ । ମୋତେ ଦେଖି ପଚାରିଲେ, କିଏ ?

ମୁଁ ସତୀ ।

ପାଖକୁ ଆସି ସେ ମତେ ଅଚିହ୍ନା ପରି ଚାହିଁଲେ, ତା'ପରେ ବଡ଼ପାଟି କରି କହିଲେ, ସିଆଡ଼େ ଯା, ସିଆଡ଼େ ଯା । ଠାକୁର ଦେବତା ଘର, ମାରା ହୋଇଯିବ ।

ମନରେ ଯୋଉ ଟିକିଏ ଆଶା ଥିଲା, ସବୁ କୁଆଡ଼େ ଚୁନା ହୋଇଗଲା ଏକାଥରକେ, ଏଇ କଥା ପଦକରେ । ଆଜି ସତେ କ'ଣ ଏଡ଼େ ହୀନ, ଏତେ ଅପବିତ୍ର ମୁଁ ? ଛାଇ ପଡ଼ିଲେ ସବୁ ମାରା ହୋଇଯିବ ଏମିତି ? କିନ୍ତୁ ଜନ୍ମ ଅଧିକାରରେ ସୃଷ୍ଟିକ 'ାଙ୍କ ଦୃଷ୍ଟିରେ କୋଉ ହିସାବରେ ଏ ମୋ' ଠାରୁ ଶ୍ରେଷ୍ଠ ? ଖାଲି ଅନ୍ଧ ସମାଜର ବିଚାରହୀନ ଆଦେଶରେ ପୁରୁଷର ଯଥେଚ୍ଛାଚାର ପାଖରେ ନାରୀତ୍ୱର ମର୍ଯ୍ୟାଦା ମୋର ବିସର୍ଜନ ଦେଇପାରି ନାହିଁ ବୋଲି କ'ଣ ମୁଁ ଆଜି ଏଡ଼େ ଛୋଟ ? ସୃଷ୍ଟିର ସମସ୍ତ ପ୍ରୟୋଜନ ମୋଠାରେ ଏକାଥରକେ ବ୍ୟର୍ଥ ? ଅନେକ କଷ୍ଟରେ ମନ ସମ୍ଭାଳି କହିଲି, ଗୋଟାଏ କଥା ପଚାରିବାକୁ ଆସିଥିଲି ତମ ପାଖକୁ ।

କି କଥା ? ସେ ପଚାରିଲେ ।

କହିଲି, ତମର ତାଙ୍କୁ ଟିକେ ଏଣିକି ଡାକ ।

ବୋଧହୁଏ ନାହିଁ କରିଦବାକୁ ଯାଉଥିଲେ, କ'ଣ ବିଚାରି ପୁଣି ଘର ଭିତରକୁ

ଗଲେ । କିଛିକ୍ଷଣ ପରେ ଅଗଣାରେ ପ୍ରଭାକର ମିଶ୍ରଙ୍କ ପାଟି ଶୁଭିଲା । ତାଙ୍କ ସ୍ତ୍ରୀ ମୋ ପାଖକୁ ଆସି ଆସ୍ତେ କହିଲେ, ଆଇଲେଣି ।

ଦଣ୍ଡକେ ସବୁ ବିଷୟ ଆଉ ଥରେ ଭାବିନେଇ କହିଲି, ତାଙ୍କୁ ପଚାର, ନାଥନନାଙ୍କୁ କାହିଁକି ସେ ସମାଜରୁ ଅଟକ କରିଛନ୍ତି, ମୋ' ପାଇଁ ନା ?

ପ୍ରଭାକର ମିଶ୍ର କାନ୍ଥ ଉଢ଼ାଳରେ ଠିଆ ହୋଇଥିଲେ । ଖୁବ୍ ଆସ୍ତେ କହୁଥିଲେ ବି ମୋ' କଥା ତାଙ୍କୁ ବୋଧହୁଏ ସବୁ ଶୁଭୁଥିଲା ।

ଦଣ୍ଡେ ଗଲା । କେହି କିଛି କହିଲେ ନାହିଁ । ସେଇ ଚୁପ୍‌ଚାପରୁ ମୁଁ ମୋର କଥାର ଉ  ର ପାଇଲି । ପୁଣି ପଚାରିଲି, ମୁଁ ଯଦି ଚାଲିଯାଏ ତାଙ୍କ ଘର ଛାଡ଼ି, ତେବେ ତାଙ୍କୁ ଆଗ ପରି ଜାତିରେ ନିଆହେବ କି ନା ?

ପ୍ରଭାକର ମିଶ୍ର କହିଲେ, ହଁ, ତା'ହବ ନାହିଁ କାହିଁକି ? ତାଙ୍କ ସାଙ୍ଗେ ଆମର ଆଉ କ'ଣ ବିରୋଧ ଅଛି ? ତେବେ, ତେବେ- ସେ ଦିନ ଏତେ ଲୋକଙ୍କ ଆଗରେ ମତେ, ଯାହା ମୁହଁକୁ ଆସିଲା, କହିଗଲେ... ।

କହିଲି, ତାଙ୍କରି ପାଇଁ ତ ଦୋଷ ମାଗିନେବାକୁ ମୁଁ ଆସିଚି ।

ପ୍ରଭାକର ମିଶ୍ର କହିଲେ, ତେବେ ଏ ଅଡୁଆଟା ନିଷ୍ପ ି ହୋଇଗଲେ ସେ କଥାଟା ଆଉ କ'ଣ ଛିଡ଼ିଯିବ ନାହିଁ, ରହିବ ?

ଏ ଅଡୁଆ ମୁଁ । ବର୍ଷକ ଆଗେ ଯୋଉଠି ସମସ୍ତେ ମତେ ଏତେ ଶ୍ରଦ୍ଧା କରୁଥିଲେ, ଆଜି ସେଇଠି ମୁଁ ପୁଣି ସମସ୍ତଙ୍କ ମନରେ ଏମିତି କ  । ପରି ଫୁଟିଚି ! କୌଣସି ଉପାୟରେ ମତେ ଏଠୁ ତଡ଼ିପାରିଲେ ଯେମିତି ସେମାନେ ତ୍ରାହି ପାଇବେ ।

ପଦାକୁ ଆସିଲି । ଯିବା ଲାଗି ସଇତା ଉଠି ଠିଆ ହୋଇଥିଲା, ମୋ ଆଗେ ଆଗେ ବାଟକୁ ଆସିଲା । ଏଇ ଲୋକଗୁଡ଼ାଙ୍କ ପାଖରେ ସ୍ନେହ-ପ୍ରୀତି ସମାଜର ତୁଳାଦଣ୍ଡରେ ଓଜନ ହୁଏ । ହୃଦୟର ସମ୍ପର୍କ ସେଠି କିଛି ନାହିଁ । ଆସିଲାବେଳକୁ

'ଅଶୋକା'ଙ୍କୁ 'ଯାଉଚି' ବୋଲି କହି ଆସି ନ ଥିଲି । ଏଇକ୍ଷିଣା ମନେହେଲା, ଭଲ କରିଛି ନ କହି ।

× × ×

ସେତେବେଳଯାଏ ସତକୁ ସତ ନାଥନନା ପିଣ୍ଡାରେ ମତେ ଚାହିଁ ବସିଥିଲେ ।

ମୁଁ ଏ ଆଡୁ ରୋଷେଇ ଘରକୁ ଚାଲିଗଲି । ଲାଜରେ ଗଲି ନାହିଁ ତାଙ୍କ ପାଖକୁ, କାଳେ ପଚାରିବେ, କୁଆଡ଼େ ଯାଇଥିଲୁ ?

ଖାଇ ପିଇସାରି ନାଥନନା ହେରିକା ଶୋଇବାକୁ ଗଲେ । ଖଞ୍ଜାଭିତରେ ଦଣ୍ଡକେ ଶୂନଶାନ୍ ହୋଇଗଲା । ଘରଭିତରେ ନିର୍ଜୀବଙ୍କ ପରି ଖାଲି ମୁଁ ପଡ଼ିଥାଏ, କିନ୍ତୁ ନିଦ ଲାଗିବାର ସେଦିନ ମୋର ମୋଟେ ଉପାୟ ନ ଥିଲା । ଏକୁଟିଆ ହେଲାରୁ ଦିନଯାକର ସବୁ ଚିନ୍ତା କୁଆଡୁ ଆସି ମତେ ଘେରିବସିଲା । ବିଶେଷରେ ନାଥନନାଙ୍କ କଥା । ସତେ ତ କୋଉ ଦାବୀରେ ଆଜି ମୁଁ ଯାଙ୍କ ଘରେ ରହି ସବୁ କଥାରେ ଯାଙ୍କୁ ଦହଗଞ୍ଜ କରି ମାରୁଚି ? ତାଙ୍କର ଗୌରବ ତାଙ୍କର ପ୍ରତିପତ୍ତି କୋଉ ଅଧିକାରରେ ଏମିତି ଜାଣି ଜାଣି ନଷ୍ଟ କରିବି ମୁଁ ? ବାଡ଼ିପଟ ଆମ୍ବତୋଟା ନିଶବଦ ଭିତରେ ଦୁଇଥର ବିଲୁଆ ବୋବାଇଗଲେ । ବିଛଣା ଛାଡ଼ି ଆସ୍ତେ ଆସ୍ତେ ଉଠିଲି । ଠଣା ଉପରେ ନାଥନନାଙ୍କ ପଢ଼ିବାବେଳର ଖାତା ଖଣ୍ଡେ ତେଲ ଟିକିଟାରେ ଲୁଡୁ ବୁଡୁ ହୋଇ କୋଉ କାଳୁ ପଡ଼ିଥିଲା । ସେଥିରୁ ଦୁଇଖଣ୍ଡ କାଗଜ ଚିରି ଲେଖିବସିଲି-

ବ୍ୟର୍ଥ ଜୀବନର ଶେଷ ଭରା' ପାଖରେ ଠିଆହୋଇ ତମକୁ ଏ ଚିଠି ଲେଖିବାକୁ ବସିଚି । ଜାଣେ, ତମେ ଯେତେବେଳେ ଏହା ପଢ଼ିବ, ସେତେବେଳେ ମୁଁ ଆଉ ତମ ପାଖରେ ନ ଥିବି । ତଥାପି ମୋର ଏ ହାତଲେଖା ଖଣ୍ଡି ଏମିତି ତମରି ହାତରେ ଧରି ପଢ଼ିବ, ତମ ସତୀର ବିଦାୟ- ମୁହୂର୍ତ୍ତର ମୂକ ସାକ୍ଷୀ ଏଇ ଅକ୍ଷରଗୁଡ଼ିକ ଗୋଟି ଗୋଟି କରି । ମୁଁ ସେତେବେଳେ ଯାଇ କେତେ ଦୂରରେ,

କିଏ ଜାଣେ । ଜୀବନର ଅସୀମ ବିଫଳତା ଭିତରେ, ମୋର ସେତିକିରେ ଚରମ ଆନନ୍ଦ । ଜୀବନଟା ସାରା ତମକୁ କେତେ ଦହଗଞ୍ଜ କଲିଟି ମିଛରେ ଖାଲି, ନିଜର ସୁଖସ୍ୱପ୍ନ ପଛରେ ବାଟବଣା ହୋଇ । କେତେ କେତେ ଅପମାନିତ କେଢ଼େ ହୀନ ହେଲ ମୋ ପାଇଁ ତମେ ? ଆଜି ସେ ପାପର ଗୁରୁତ୍ୱର ପ୍ରାୟଶ୍ଚି   କରିବାକୁ ମୁଁ ତମକୁ ଛାଡ଼ିକରି ଯାଉଚି- କିନ୍ତୁ କୁଆଡ଼େ ? ଭାବି ନାହିଁ, ଭାବନା ଦରକାର ବି ନାହିଁ । ଖାଲି ଏତିକି ଜାଣେ, ମତେ ଯିବାକୁ ହବ । ଚାରିଆଡ଼ ନିଶୂନ । ବହଳ ଅନ୍ଧାର ଭିତରେ ଦିଗଭାଗ ସବୁ ହଜିଯାଇଚି, ଖାଲି ମୋର ଆଗରେ ଏଇ ଛୋଟ ଦୀପଟି କାନ ପାରି ମୋ କଥା ଶୁଣୁଚି । ଦୂର ଆକାଶରେ ଗୋଟାଏ ଟେଟେ  ଇ ଦୀର୍ଘ ଉଦାସ ସ୍ୱରରେ ରାତିର ନିଶବ୍ଦତା ଉପରେ ଗୋଟାଏ କରୁଣ ରେଖା ଟାଣି ଦେଇ ଗଲା । ରାତିଟା ବଡ଼ ନିଛାଟିଆ ଲାଗୁଚି । ଏମିତି କେତେ ନିଶୂନ ରାତି, କେତେ ଦି'ପହର ମୋର ତମରି ଭାବନାରେ କଟିଯାଇଚି, ଜୀବନରେ ମଧୁର ପ୍ରହେଳିକା ମୋର, କେତେ ସଞ୍ଜ ସକାଳ ତମରି ସ୍ନେହର ସ୍ମୃତି ଉପରେ ଆଶାର ସୁନାଜାଲି ବୁଣି ବୁଣି । ଏ ବ୍ୟର୍ଥ ଜୀବନର ଛନ୍ଦହୀନ ଶୂନ୍ୟତା ଭିତରେ ଖାଲି ସେତିକି ମୋର ଚରମ ସୁଖ... ମୁଁ ଏଠି ବସି ଲେଖୁଚି, ଭିତରଘରୁ ବିରାଡ଼ିଟା ଆସି ମୋ ମୁହଁକୁ ଚାହିଁ ଦଣ୍ଡେ ଠିଆହେଲା । କ'ଣ ଭାବି କେଜାଣି ଯାଇ ତମ ଘର ପିଣ୍ଡାଧାରରେ ଶୋଇଲା । କାଲି ସକାଳ ହେଲେ ସେ ତ ତମକୁ ଦେଖିବ, କାଲି ଓପରଓଳି- ଏମିତି ବ ୍ଥିବାଯାଏ ତ ସେ ତମକୁ ନିତି ଦେଖୁଥିବ... ଯାଉଚି, ଯିବା ଛଡ଼ା ମୋର ଗତି ନାହିଁ ବୋଲି । ବିଦାୟ ବେଳରେ କାହାରି ପାଖରେ ଗୁହାରି କରିବାର ମୋର କିଛି ନାହିଁ । କାହାରି ଉପରେ ରାଗ କରିବାର, ଦୋଷ ଦେବାର ।... ତମେ ସେ ଘରେ ଶୋଇଚ କେଢ଼େ ନିଶ୍ଚିନ୍ତରେ । ଗଭୀର ନିଦର ନିଃଶ୍ୱାସ ଶବ୍ଦ ମୋ କାନରେ ଅସ୍ପଷ୍ଟ ଭାବରେ ଥରେ ଥରେ ଆସି ବାଜୁଚି । ତମ ଘର କବାଟଟା ଧଡ଼୍‌କରି ହୋଇଗଲା- ପବନରେ ବୋଧହୁଏ । ଘର ଭିତରେ ପଶି କେଢ଼େ ଧୀରେ ତମ ଦିହରେ ହାତ ବୁଲାଇଦେଇ ଚାଲିଯାଇଥିବ ସେ । ଏଠି ବସି ମୋର ମନହଉଚି ପବନ ପରି ଲଘୁ ଗତିରେ ତମ ଘରକୁ ଯାଆନ୍ତି । ପାଖରେ

ଠିଆହୋଇ ଜୀବନଭର ଲାଗି ଥରେ ତମ କପାଳରୁ ଝାଳ ପୋଛିଦିଅନ୍ତି ।... ଜୀବନରେ ତମକୁ ମୁଁ କାମନା କରିଛି; କିନ୍ତୁ ଅଧିକାର କରି ନାହିଁ । ଏତେ ପାଖରେ ସବୁବେଳେ ପାଇ ସୁଦ୍ଧା 'ପାଇବି' ଖାଲି ଏଇ ଆଶାରେ ଆଜିଯାଏ ମନ ବାନ୍ଧିଥିଲି, ଏଣିକି ମୋର ଶେଷ ସଞ୍ଚାଳି ସେ ଆଶାଟିକ ବି ଗଲା ।... ତମ ଘର ଭିତରେ ଅନ୍ଧାର । ଗଲାବେଳେ ତମ ମୁହଁ ଶେଷ ଥର ପାଇଁ ଟିକେ ଦେଖିପାରୁ ନାହିଁ । ଆଉ କେତେ ଘଡ଼ି ଗଲେ ସକାଳ ହୋଇଯିବ । ବାହାରୁ ତମକୁ ସଫା ଦିଶିବ, କିନ୍ତୁ ମୋ ଆଖିକି ଆଉ ନୁହେଁ । ଜୀବନଭରି ଏଇପରି ଅନ୍ଧାରରେ ତମରି ହସ ହସ ମୁହଁ ମନେପକାଇ ମତେ ଦମ୍ଭ ବାନ୍ଧିବାକୁ ହବ । ଗଲାବେଳେ ବଡ଼ ଇଚ୍ଛା ହଉଚି, ତମକୁ ଟିକେ କହିକରି ଯିବାକୁ, କିନ୍ତୁ ଏ କଥା ଜାଣିଲେ ଆଉ କ'ଣ ତମେ ମତେ ଛାଡ଼ିଦିଅନ୍ତ ? ମୋର ଅସୀମ ଲୋଭ ଲାଗି କଳ୍ପିତ ପ୍ରାୟଶ୍ଚି   ତମେ କ'ଣ ଆଉ କରେଇଦିଅନ୍ତ ମତେ ?...

ମତେ ଆଉ ବେଶୀ ଖୋଜିବ ନାହିଁ । ବୃଥାରେ ଏ ହୀନକପାଳୀ ପାଇଁ ଏଣେ ତେଣେ ଦଉଡ଼ି ଅନିୟମ କରିବ ନାହିଁ । ଅନିୟମ କଲେ କିଏ ଆଉ ତମକୁ ଆକଟିବାକୁ ଅଛି କି ? ଆଜିଠଉଁ ତ ତମର ଛୁଟି ! !... ନିତି ଦିନର ସହସ୍ର ପରିଚିତ ଏଇ ଘର, ଘରର ପ୍ରତି ଇଟା ଖଣ୍ଡିକ-ଅଗଣାରେ ପ୍ରତି ଧୂଳିକଣା ସମସ୍ତିଙ୍କଠଉଁ ଆଜି ଜୀବନସାରା ପାଇଁ ବିଦାହୋଇ ଯାଉଚି । କୁଆଁତରା ଉଠିଲାଣି, ସକାଳ ହବାକୁ ଆଉ ବେଶୀ ଡେରି ନାହିଁ ଆଉ ଦଣ୍ଡକେ ଅନ୍ଧାର ଭିତରେ ବାଟ ଘାଟ ବାରିହୋଇ ଦିଶିବ, କିନ୍ତୁ ସେଇ ଅନ୍ଧାର ସାଥିରେ ଅନ୍ଧାରଠଉଁ ଆହୁରି ନିଉଛଣା ଏ ଦିହଟା ମୋର ସବୁ ଦିନ ଲାଗି ହଜିଯିବ ।...ଯାଉଛି । ସତୀ ବୋଲି କିଏ ଥିଲା, ଏ କଥା ଆଉ ମନେ ପକାଇବ ନାହିଁ । ମିଛରେ ଭାବି ଭାବି ଦିହକୁ ଅଯତ୍ନ କରିବ ନାହିଁ, ମୋ ସୁନାଟା ପରା ।... ...

ଅନ୍ଧାର ଭିତରେ ଆସ୍ତେ ଆସ୍ତେ ବାହାରକୁ ଆସି ସାବଧାନରେ ଥରେ ଭଲକରି ଚାରିଆଡ଼କୁ ଚାହିଁଲି । କେହି କୁଆଡ଼େ ନାହାନ୍ତି । ଗୋଡ଼ ଟିପି ଟିପି ଯାଇ

ନାଥନନାଙ୍କ ଶୋଇଲାଘର ଦୁଆରମୁହଁରେ ଠିଆହେଲି । ସବୁ ଦିନ ପରି କବାଟ ଦରଆଉଜା ହୋଇଚି । ନିଃଶ୍ୱାସ ବନ୍ଦକରି ଭିତରକୁ ଚାହିଁଲି, ଅନ୍ଧାରରେ କିଛି ଦିଶିଲା ନାହିଁ । ଭାବିଲି, ଭଲ ହୋଇଚି । କେଡ଼େ କଷ୍ଟରେ ମନ ବାନ୍ଧି ତାଙ୍କରି ଭଲ ପାଇଁ ଆଜି ମୁଁ ଏଠୁ ବିଦାହୋଇ ଯାଉଚି । ଏତେବେଳେ ତାଙ୍କ ମୁହଁ ଦେଖିଲେ ମୋ'ର ମନ ଦମ୍ଭ କୁଆଡ଼େ ଉଭେଇଯାଆନ୍ତା । ଯିବା ଆଉ ହୁଅନ୍ତା ନାହିଁ ।

ସେଇଠି ସେଇ ଦୁଆରବନ୍ଧ ଉପରେ ତାଙ୍କ ଉଦ୍ଦେଶ୍ୟରେ ମଥା ଲଗାଇ ଦଣ୍ଡବତ ହେଲି । ଏତେବେଳଯାଏ ଯେତେ ଧୈର୍ଯ୍ୟ, ଯେତେ ଟାଣଯାକ ମନରେ ସ ୍ଥିଲି, ସବୁ କୁଆଡ଼େ ମୋର ଦଣ୍ଡକେ ଚୂନା ହୋଇଗଲା । ଉଦ୍ୟତ କ୍ରନ୍ଦନକୁ ପଣନ୍ତ କାନିରେ ପ୍ରାଣପଣେ ଚାପିରଖି ଦାଣ୍ଡପିଣ୍ଡାକୁ ଦଉଡ଼ି ପଳାଇଆସିଲି । ସେମିତି ଆସ୍ତେ ଆସ୍ତେ ଚୋର ପରି ଶିକୁଳି ଫିଟାଇ ବାହାରେ ଆସି ଠିଆହେଲି ।

ଉପରେ ତାରାଚୁମୁକିଖୋସା ଏଇ ଅସରନ୍ତି ସରଗ ତଳେ ଭଗବାନଙ୍କ ସୃଷ୍ଟି ଭିତରେ ସତରେ ଆଜିଠଉଁ ମୁଁ ଏକା । ମରିଗଲେ ମଧ୍ୟ 'ଆହା' ବୋଲି କହିବାକୁ କେହି ନାହିଁ । ଜୀବନରେ କ'ଣ ପାଇ ନ ଥିଲି ମୁଁ ? କିନ୍ତୁ ଏ ହୀନ କପାଳରେ କିଛି କ'ଣ ଆଉ ସାଜିଲା କି ? ଶେଷରେ ଜୀବନର ଲକ୍ଷ୍ୟ ବୋଲି ଯାହା ଗୋଡ଼ ତଳେ ଆଣ୍ଡ୍ରା ମାଗିଥିଲି, ଭଗବାନ୍ ସେ ଆଶାଟି ମଧ୍ୟ ଏମିତି କାଢ଼ିନେଲେ ।

ଦାଣ୍ଡପିଣ୍ଡା କାନ୍ଥ ଦିହରେ ମଥା ରଖି ଭାବିଲି, ଗୋଟାଏ ପ୍ରଚଣ୍ଡ ଧୂମକେତୁ ପରି ଏ ଜୀବନଟା ମୋର, ଯାହାକୁ ଦୃଷ୍ଟି ଦେଇଚି, ତା'ର ସର୍ବନାଶ କରି ଛାଡ଼ି ନାହିଁ ।

ଅନ୍ଧାରର ଅସରନ୍ତି ରାଇଜ ଭିତରୁ ଆଉ ଥରେ ବିଲୁଆ ଡାକିଗଲେ । ସକାଳ ହବାକୁ ଆଉ ବେଶୀ ଡେରି ନାହିଁ । ଚମକି ପିଣ୍ଡାରୁ ଓହ୍ଲାଇ ଆସିଲି । ନକ୍ଷତ୍ରର ସ୍ୱଚ୍ଛ

ଆଲୋକରେ ଘର ଆଡ଼କୁ ଶେଷ ଥର ପାଇଁ ଥରେ ଚାହିଁ ଦେଇ ବେଗେ ବେଗେ ଚାଲିବାକୁ ଲାଗିଲି, ଯୁଆଡ଼େ ଏ ଆଖି ଦି'ଟା ବାଟ କଢ଼େଇନେଲା । ବାଟ ଦି'ପଟେ ଗଛଗୁଡ଼ାକ ଅନ୍ଧାରରେ ପଥର ପାଲଟିଗଲା ପରି ଠିଆ ହୋଇଥାଆନ୍ତି । ଯେମିତି ସ୍ୱପ୍ନ-ରାଇଜର କୋଉ ରୂପାକାଠି ପରଶରେ ସମସ୍ତେ ଶୋଇ ପଡ଼ିଛନ୍ତି ନିଦରେ, ଖାଲି ତା ଭିତରେ କୋଉଠି କେମିତି ଗୁଡ଼ାଏ ଜୁଳୁଜୁଳିଆ ପୋକ ପତରଫାଙ୍କରେ ଝଟକୁଥାନ୍ତି ରୂପା ଚୁମୁକି ପରି । ମୁଁ ଚାଲିଚି, ଗୋଟାଏ ଆଡ଼କୁ ମୁହଁକରି । ବାଟ ଯେମିତି ଏ ଜୀବନରେ ମୋର ସରିବାର ନୁହେଁ । କେତେବେଳକେ ଟିକେ ଫରଚା ହୋଇଗଲା । ବହଳ ଅନ୍ଧାର ଫିକା କରି ଗାଁ ଗଣ୍ଡା ବାରିହୋଇ ଦିଶିଲା । ଚାଲୁ ଚାଲୁ ହଠାତ୍ ଥକ୍କା ହୋଇ ଠିଆ ହୋଇଗଲି । ଆଗରେ ନଈ...

❑❑❑

**ଲେଖକ ପରିଚୟ :–**

ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଉପେନ୍ଦ୍ର କିଶୋର ଦାସ ଏକ ପରିଚିତ ନାମ । କୁମୁଡ଼ା ଜୟପୁରର ଜମିଦାର ରାଜକିଶୋର ଦାସଙ୍କ ତୃତୀୟ ପୁତ୍ରରୂପେ ଉପେନ୍ଦ୍ର କିଶୋର ୧୯୦୧ରେ ଜନ୍ମ ଗ୍ରହଣ କରିଥିଲେ । ପରବର୍ତ୍ତୀ କାଳରେ ତାଙ୍କର ପିଉସା ଗୋପାଳ ବଲ୍ଲଭ ଦାସ ଉପେନ୍ଦ୍ର କିଶୋରଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଥିଲେ । ଉପେନ୍ଦ୍ର କିଶୋର ଜଣେ ମେଧାବୀ ଛାତ୍ର ଥିଲେ । ବିଦ୍ୟାଳୟ ଶିକ୍ଷା ସମାପ୍ତି ପରେ କଟକ ରେଭେନ୍‌ସା ମହାବିଦ୍ୟାଳୟରେ ସେ ଅଧ୍ୟୟନ କରିଥିଲେ । ସେଠାରେ ଅଧ୍ୟୟନ କରୁଥିବା ବେଳେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ସେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ । ସେହି କାରଣରୁ ତାଙ୍କ ଛାତ୍ର ଜୀବନର ଆନୁଷ୍ଠାନିକ ପରିସମାପ୍ତି ଘଟିଥିଲା । ତେବେ ପରବର୍ତ୍ତୀ କାଳରେ ସେ ଦେଶସେବା ଓ ସାହିତ୍ୟ ସାଧନାରେ ନିଜକୁ ନିୟୋଜିତ କରିଥିଲେ । କେବଳ ଜଣେ ସାହିତ୍ୟ ସାଧକ ନୁହଁନ୍ତି; ସେ ମଧ୍ୟ ଥିଲେ ଜଣେ ସଫଳ ଚିତ୍ରଶିଳ୍ପୀ । ରଙ୍ଗ

ଓ ତୂଳୀ ମାଧ୍ୟମରେ ନିଜସ୍ୱ ସ୍ୱପ୍ନ, ସମ୍ଭାବନା ଓ ପରିକଳ୍ପନାକୁ ସେ ଚମତ୍କାର ଢଙ୍ଗରେ କାନ୍‌ଭାସ୍‌ରେ ରୂପ ଦେଉଥିଲେ । ସେ ୧୯୭୨ରେ ଇହଲୀଳା ସମ୍ବରଣ କରିଥିଲେ । ଉପେନ୍ଦ୍ର କିଶୋର ଜୀବନକାଳ ଭିତରେ ଖଣ୍ଡିଏ ମାତ୍ର ଉପନ୍ୟାସ 'ମଲାଜହ୍ନ' ଲେଖିଥିଲେ । ସେହି ଆଧାରରେ ସେ ଜଣେ କାଳଜୟୀ ଔପନ୍ୟାସିକର ସମ୍ମାନ ଲାଭ କରିଥିଲେ । ଏହା ବ୍ୟତୀତ ଶିଶୁ ସାହିତ୍ୟ ରଚନା କ୍ଷେତ୍ରରେ ତାଙ୍କର ଭୂମିକା ରହିଛି ।

**ବିଷୟ ବସ୍ତୁ :–**

ବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିରେ ପ୍ରକାଶିତ 'ମଲାଜହ୍ନ' ଓଡ଼ିଆ ସାହିତ୍ୟରେ ଏକ କ୍ଲାସିକ୍ ସୃଷ୍ଟିରୂପେ ସ୍ୱୀକୃତ । ସମସାମୟିକ ସମାଜର ଚିତ୍ର ବହନ କରି ଉପନ୍ୟାସଟି ନିଜସ୍ୱ ମୌଳିକତାରେ ବେଶ୍ ଭାସ୍ୱର । ଏକ କୁଳୀନ ବ୍ରାହ୍ମଣ ପରିବାରର କନ୍ୟା ସତୀ । ଜନ୍ମ ହେଲା ବେଳେ ବାପା ବଡ଼ ଶରଧାରେ ନାଁ ଦେଇଥିଲେ ସତ୍ୟଭାମା । ତା' ପାଇଁ କିନ୍ତୁ ନାନା ପାରିବାରିକ କାଇଦା କଟକଣା, ସାମାଜିକ ବାଡ଼ବନ୍ଧନ । ହୁଏତ ତା' ଥିଲା ସେତେବେଳ ସମୟର ପ୍ରଭାବ । ବାରବର୍ଷ ବୟସ ବେଳକୁ ବାପା ତା'ର ବାହାଘର ସ୍ଥିର କଲେ । ତା' ପୁଣି ନିଜ ବୟସର ଜଣେ କୁତ୍ସିତ କଦାକାର ଦୋଭେଇ ଜମିଦାରଙ୍କ ସହିତ । ବାହାଘରର ମାନେ ବୁଝିବାପୂର୍ବରୁ ପରିସ୍ଥିତିର ଚାପରେ ସତୀ ଶାଶୂଘର ଗଲା । ପିଲାଟି ଦିନରୁ ସେ ନିଜର ଅତି ପାଖଲୋକ ବୋଲି ଯାହାକୁ ଭାବିଥିଲା, ଯାହାକୁ ନେଇ ସେ ଅନେକ ସ୍ୱପ୍ନ ଦେଖିଥିଲା, ସେଇ ନାଥନନା ରହିଗଲେ ଅନେକ ପଛରେ । ତା'ର ନାରୀମନ ବିଦ୍ରୋହ କରିଉଠିଲା । ତା'ର ସ୍ୱାମୀ, ପୋଡ଼ାକାଠ ପରି ରଙ୍ଗ, ସେଥିରେ ମୁହଁଯାକ ବସନ୍ତର ଦାଗ ଯେମିତି ସିଇଁ ହୋଇଯାଇଛି । ଲାବଣ୍ୟର ଲେଶ ମାତ୍ର ଚିହ୍ନନାହିଁ । ଅଥଚ ଆଉ ଗୋଟିଏ ମୁହଁ, ନାଥନନାଙ୍କର । ସେ ମୁହଁ ଲାବଣ୍ୟସିନ୍ଧୁ ପଖଳା ଚିର ପରିଚିତ ମୁହଁ, ବିଧାତାଙ୍କର ସବୁ ସୁନ୍ଦର

ସୃଷ୍ଟି ଯାହା ଦିହରେ ସାର୍ଥକ ହୋଇଯାଇଚି । ଦୁଇ ମୁହଁ ଭିତରେ କେତେ ପ୍ରଭେଦ, କେତେ ଫରକ ସତେ । ତୁଳନା କରିବାକୁ ସୁଦ୍ଧା ଲାଜମାଡ଼େ । ସ୍ୱାମୀ ହୁଏତ ପ୍ରାପ୍ତ ହୋଇଛନ୍ତି, ହେଲେ ସେ ବି ତ ଅପ୍ରାପ୍ତ ହୋଇନଥିଲେ । ହେଲେ ତା' ମନର କଥା କିଏ ବୁଝିଲା ? ସତୀ ଆଉ ଭାବିପାରିଲା ନାହିଁ । ଯାବତୀୟ ଚେଷ୍ଟା ସତ୍ତ୍ୱେ ସ୍ୱାମୀଙ୍କୁ ସେ ସ୍ୱୀକାର କରିପାରିଲା ନାହିଁ । କେବଳ ଉପରକୁ ସମ୍ପର୍କ ଭିତରେ କିନ୍ତୁ ହାହାକାର, ଦୀର୍ଘଶ୍ୱାସ ।

ଘଟଣାଚକ୍ରରେ ସତୀକୁ ତା'ର ସ୍ୱାମୀ ମିଥ୍ୟା ଅଭିଯୋଗରେ ଘରୁ ତଡ଼ିଦେଲେ । ସେତେବେଳକୁ ସତୀର ବାପା ବୋଉ ହଇଜାରେ ଆରପାରିକୁ ଚାଲିଗଲେଣି । ତେବେ ନାଥନନା ସତୀକୁ ସହାୟତା ଦେବାପାଇଁ ଆଗେଇ ଆସିଛନ୍ତି । ନିଜ ଘରକୁ ନେଇ ଆସିଛନ୍ତି । ଏକଥା ସମାଜ ଆଖିରେ ଦୋଷାବହ ମନେ ହୋଇଛି । ଗାଁ ଭାଇମାନେ ନାଥନନାଙ୍କୁ ନିଆଁ ପାଣି ଅଟକ କରିଛନ୍ତି । ସମାଜ ବାସନ୍ଦ କରିଛନ୍ତି । ନିର୍ଦ୍ଦୋଷ ହୋଇ ମଧ୍ୟ ଶିକ୍ଷିତ ଯୁବକ ନାଥନନା ବେଶ୍ ଅପମାନିତ ହୋଇଛନ୍ତି । ତେବେ ବି ସେ ସତୀକୁ ଛାଡ଼ିପାରିନାହାନ୍ତି । ଆଦରର ନାଥନନାଙ୍କୁ କିନ୍ତୁ ଅପମାନରୁ ରକ୍ଷା କରିବାପାଇଁ ସତୀ ଘର ଛାଡ଼ିବାର ନିଷ୍ପତ୍ତି ନେଇଛି । ନାଥନନାଙ୍କ ଅଜାଣତରେ ଚିଠି ଖଣ୍ଡିଏ ଲେଖି ସତୀ ଘରଛାଡ଼ି ଚାଲିଯାଇଛି ।

ଉପନ୍ୟାସଟିର ବର୍ଣ୍ଣନା ଶୈଳୀ ବେଶ୍ ଚମତ୍କାର । ଭାଷା ସରଳ ଓ ପ୍ରାଣସ୍ପର୍ଶୀ । ପ୍ରାକୃତିକ ଦୃଶ୍ୟ ଉପସ୍ଥାପନରେ ଔପନ୍ୟାସିକ ସିଦ୍ଧହସ୍ତ ଏବଂ ତତ୍କାଳୀନ ସମାଜର ନିଖୁଣ ଚିତ୍ରଣରେ ଯତ୍ନବାନ୍ । 'ମଲାଜହ୍ନ' ବିଂଶ ଶତାବ୍ଦୀ ସାମାଜିକ ଜୀବନର ଏକ ସାର୍ଥକ ଓ ବିଶ୍ୱସ୍ତ ଦସ୍ତାବିଜ୍ ହୋଇପାରିଛି ।

●

# କଠିନ ଶବ୍ଦାର୍ଥ

୧ । ଟିପଣା - ସ୍ମାରକଲିପି, ଜାତକର ସଂକ୍ଷିପ୍ତ ବିବରଣୀ ।

୨ । ଦୋଭେଇ - ଦୋବେଇ- ଦ୍ୱିତୀୟବାର ବିବାହିତ ପୁରୁଷ

୩ । ହେଳମେଳ - ମିଳାମିଶା, ଘନିଷ୍ଠତା

୪ । ଆଣକାଠି - ଚିତାଲେଖା କାଠି

୫ । ମହତାପ - ଶୁଭ୍ର ଜ୍ୟୋସ୍ନା, ଚନ୍ଦ୍ରଉଦିଆ ବାଣ

୬ । ଡବଡବି - ଯେ ସ୍ଥାନ କାଳ ପାତ୍ର ବିଚାର ନକରି ଅନବରତ ଗପେ ।

୭ । ଦୂରନ୍ତ - ଦୁର୍ଦ୍ଧର୍ଷ, ଯାହାକୁ ପ୍ରତିହତ କରିବା କଷ୍ଟସାଧ ।

୮ । ଅପନ୍ତରା - ଅଗମ୍ୟ ଅ ଳ

୯ । ଟସ୍କର - ତସ୍କର, ଚୋର

୧୦ । ଫରାକତ - ପ୍ରଶସ୍ତ, ଫର୍ଚ୍ଚା

୧୧ । ବସନ୍ତରା - ପଣା ସଂକ୍ରାନ୍ତିରେ ତୁଳସୀ ଚଉରାରେ ଦିଆଯାଉଥିବା ସଚ୍ଛିଦ୍ର ଘଡ଼ି ।

୧୨ । କୃତାର୍ଥ - କୃତକାର୍ଯ୍ୟ, ସନ୍ତୁଷ୍ଟ

୧୩ । ଆରଦୋଳି- ଜଞ୍ଜାଳ

୧୪ । ଅନିର୍ବଚନୀୟ- ବର୍ଣ୍ଣନାତୀତ

୧୫ । ଓଳଗି - ନମସ୍କାର, ପ୍ରଣାମ

୧୬ । ପ  ଗବ୍ୟ  -  ଗାଈ ମୂତ, ଗୋବର, କ୍ଷୀର, ଘିଅ ଓ ଦହିର ମିଶ୍ରଣ

୧୭ । ଅବ୍ୟାଜ  -  ନିଷ୍କପଟ

୧୮ । ଠଣା  -  କାନ୍ଥକୁରା, ମାଟିକାନ୍ଥରେ ଛୋଟ ଜିନିଷଟିଏ ରଖିବାପାଇଁ କରାଯାଇଥିବା ସ୍ଥାନ ବିଶେଷ ।

୧୯ । ଦହଗଞ୍ଜ  -  ହଇରାଣ, କଲବଲ, ଯନ୍ତ୍ରଣାକ୍ତ

## ନମୁନା ପ୍ରଶ୍ନାବଳୀ

### (କ) ୧ ନମ୍ବର ବିଶିଷ୍ଟ ସମ୍ଭାବ୍ୟ ଉ  ର ମୂଳକ ପ୍ରଶ୍ନାବଳୀ ।

୧. ବାପା ବଡ଼ ଶରଧାରେ ସତୀର ଜନ୍ମବେଳର ନାଁ କ'ଣ ଦେଇଥିଲେ ?

(କ) ଅନୁପମା (ଖ) ନିରୁପମା

(ଗ) ସତ୍ୟଭାମା (ଘ) ପ୍ରିୟତମା

୨. କାହାର ନାଁ ସାଙ୍ଗେ ବାହାର ଭିତର କୋଉଟା ତ ଟିକେ ମିଳୁ ନଥିଲା ?

(କ) ସତୀ (ଖ) ସୌରଭୀ

(ଗ) ଚଇତା (ଘ) ନାଥନନା

୩. ସତୀ ଦୁଷ୍ଟପଣର ଗୋଟିଏ ଝିଅ ବୋଲି ସେଆଡ଼କୁ କିଏ ଏକାବେଳକେ ଆଖି ବୁଜି ଦେଇଥିଲେ ?

(କ) ସାଙ୍ଗସାଥି (ଖ) ବାପାମା

(ଗ) ଗାଁ ଲୋକେ (ଘ) ବଡ଼ମା

୪. ବୋଉ ଅଜାଣତରେ ପାନପେଡ଼ିରୁ ବେଶୀକରି ଦି'ଖଣ୍ଡ ପାନ ଭାଙ୍ଗିଦେଇ

ସତୀ କୁଆଡ଼କୁ ବାହାରି ପଡ଼ିଲା ?

(କ) ଗାଁ ତୋଟା (ଖ) ଗହୀର ବିଲ

(ଗ) ସାଇଆଡ଼େ ଟିକେ ବୁଲିଆସିବାକୁ (ଘ) ମାମୁଁ ଘର

୫. ଘର ଝିଅ, ପର ତ ଆଉ ଆସିବେ ନାହିଁ ଆକଟିବାକୁ – ଏକଥା କିଏ କହିଲେ ?

(କ) ନାଥନନା (ଖ) ବୋଉ

(ଗ) ଜମିଦାର (ଘ) ବାପା

୬. ନିଉଛଣା ଜୀବନର ନିଲଜ କାହାଣୀଗୁଡ଼ିକୁ କାଗଜ ଉପରେ କିଏ ଢାଳି ଦେଇଛି ?

(କ) ସତୀ (ଖ) ନାଥନନା

(ଗ) ବଉଳ (ଘ) ନିଶି

୭. ପା  ବର୍ଷବେଳୁ, ଭଲକରି ଜ୍ଞାନ ହେବା ଆଗରୁ, ସମସ୍ତେ ତ ଆମ କୁଳରେ ପୁଣି ବାହା ହୁଅନ୍ତି – ଏକଥା କିଏ କହିଛି ?

(କ) ସତୀର ବୋଉ (ଖ) ସତୀ

(ଗ) ନାଥନନା (ଘ) ଜମିଦାର

୮. ଗାଁର କେଉଁ ପଟେ ଯୋରଟି ଲମ୍ବି ଯାଇଥିଲା ?

(କ) ପୂର୍ବ (ଖ) ପଶ୍ଚିମ

(ଗ) ଉ  ର (ଘ) ଦକ୍ଷିଣ

୯. ସତୀ କଇଁଫୁଲ ତୋଳିବା ପାଇଁ କେଉଁ ପାଣିରେ ପଶିଥିଲା ?

(କ) ନଦୀ (ଖ) ନାଳ

(ଗ) ଯୋର (ଘ) ପୋଖରୀ

୧୦. ମଲୁନାଇଁ ବୁଢ଼ି ସିଆଡ଼େ, ଅଲକ୍ଷଣୀ ଟୋକି ! କିଏ କାହାକୁ କହିଛି ?

(କ) ବୋଉ ସତୀକୁ (ଖ) ନାଥନନା ସତୀକୁ

(ଗ) ଜମିଦାର ସତୀକୁ (ଘ) ବାପା ସତୀକୁ

୧୧. ସତୀର ବାପାଙ୍କ ନାଁ କ'ଣ ?

(କ) ବୈଷ୍ଣବ ଦାଶ (ଖ) ଅନାଦି ମିଶ୍ର

(ଗ) ଶରତ ପଣ୍ଡା (ଘ) ଭରତ ପତି

୧୨. ସତୀର ବାପା ଦାଣ୍ଡଘରେ ବସି କ'ଣ ଲେଖୁଥିଲେ ?

(କ) ଚିଠି (ଖ) ବହି

(ଗ) କବିତା (ଘ) ପୋଥି

୧୩. ଗୋବର୍ଦ୍ଧନ କାନଗୋଇର ଝିଅ ନାଁ କ'ଣ ?

(କ) ରୂପା (ଖ) ସୁନା

(ଗ) ହୀରା (ଘ) ମୋତି

୧୪. ଦିନେ ଦିନେ ଖରାବେଳେ ସତୀ ବୋଉ ପାଖରେ ବସି କ'ଣ ପଢୁଥାଏ ?

(କ) ଭାଗବତ (ଖ) ରାମାୟଣ

(ଗ) ହରିବଂଶ (ଘ) ଗୋପୀଭାଷା

୧୫. ସତୀ ଆଉ ବଉଳ ମିଶି କେଉଁଥିରେ ଡଙ୍ଗା ତିଆରି କରୁଥିଲେ ?

(କ) ମାଟିରେ (ଖ) ସୋଲରେ

(ଗ) କାଗଜରେ (ଘ) ପତରରେ

୧୬. ବାହାଘର ପ୍ରସଙ୍ଗ ଗୋଟାଏ ଅମୁହାଁ ଦେଉଳ ବୋଲି କାହାକୁ ଲାଗୁଥିଲା ?

(କ) ସତୀକୁ (ଖ) ନାଥନନାକୁ

(ଗ) ସଇତାକୁ (ଘ) ସତୀର ବୋଉକୁ

୧୭. କଇଁଫୁଲ ତୋଳିଲାବେଳେ ଯୋର ବନ୍ଧ ଉପରେ ସତୀ କାହାକୁ ଦେଖିଲା ?

(କ) ବାପା (ଖ) ବୋଉ

(ଗ) ନାଥନନା (ଘ) ବଉଳ

୧୮. ଗାଁ ଜମିଦାର ସତୀର କେଉଁଠିକି ଯୋଗ୍ୟ ନୁହେଁ ବୋଲି ନାଥନନା ମନ୍ତବ୍ୟ ଦେଲେ ?

(କ) ମଥାର ମଣିକୁ (ଖ) ଗୋଡ଼ ଆଙ୍ଗୁଳିକୁ

(ଗ) ଓଳି ତଳକୁ (ଘ) ଦେହର ମଳିକୁ

୧୯. ଥାଳିଆରୁ ପାନତକ ଉଠାଇ ନେଇ ନାଥନନା କେଉଁଠାକୁ ଫିଙ୍ଗିଦେଲେ ?

(କ) ଦୁଆରକୁ (ଖ) ଦାଣ୍ଡକୁ

(ଗ) ବାରିକୁ (ଘ) ନଳାକୁ

୨୦. କେଉଁଥିରେ ସତୀର ସବୁଦିନେ ଶରଧା ?

(କ) ଫୁଲରେ (ଖ) ଖେଳରେ

(ଗ) ନାଚରେ (ଘ) ରାନ୍ଧଣାରେ

୨୧. କାହାକୁ ଟାଣ ଟାଣ କଥା କହିପକେଇଥିବାରୁ ସତୀର ମନ ଖରାପ ହେଉଥିଲା ?

(କ) ବାପାଙ୍କୁ (ଖ) ନାଥନନାଙ୍କୁ

(ଗ) ବୋଉକୁ (ଘ) ଜମିଦାରକୁ

୨୨. ସତୀର ବଉଳ କିଏ ?

(କ) ଅଚ୍ୟୁତାର ସ୍ତ୍ରୀ (ଖ) ଜମିଦାରଙ୍କ ପୋଇଲି

(ଗ) ନାଥନନାଙ୍କ ଭଉଣୀ (ଘ) ପ୍ରଭାକର ମିଶ୍ରଙ୍କ ଝିଅ

୨୩. ସତୀ ହାତରେ କ'ଣ ଧରି ଚିଠା ଲେଖିବାରେ ଲାଗିଗଲା ?

(କ) ଦୀପ (ଖ) ଡିବି

(ଗ) ଲଣ୍ଠନ (ଘ) ମହମବତୀ

୨୪. ସତୀର ବଉଳର ନାଁ କ'ଣ ?

(କ) ପୁଷି (ଖ) ଶଶୀ

(ଗ) ନିଶି (ଘ) ମୂଷି

୨୫. ବାହାଘର ଦିନଠାରୁ ତା' ଜୀବନ ଗୋଟିକ ଲାଗି ଏଆଡ଼େ କ'ଣ ଗଢ଼ା ହେଉଛି ବୋଲି ସତୀ କହିଛି ?

(କ) ଗଳାହାର (ଖ) ସୁନାଚୂଡ଼ି

(ଗ) ହୀରାମୁଦି (ଘ) ଲୁହା ଶିକୁଳି

୨୬. କାହାକୁ ଇନ୍ଦ୍ରଚନ୍ଦ୍ର ତାଙ୍କ ଜିଦ୍‌ରୁ ଟଳେଇ ପାରିବେ ନାହିଁ ?

(କ) ସତୀର ବାପାଙ୍କୁ (ଖ) ନାଥନନାଙ୍କୁ

(ଗ) ଜମିଦାରଙ୍କୁ (ଘ) ଅଚ୍ୟୁତାଙ୍କୁ

୨୭. ମୁଁ ତ ଜୀବନ ଥାଉଁ ସତୀକି ସେ ବୁଢ଼ାଟା ସାଙ୍ଗେ ବାହା ଦେଇ ପାରିବି ନାହିଁ – ଏ କଥା କିଏ କହିଛି ?

(କ) ସତୀର ବାପା (ଖ) ସତୀର ବୋଉ

(ଗ) ନାଥନନା (ଘ) ସତୀର ମାମୁ

୨୮. ବରଟା ବୁଢ଼ା ଆଉ ଦୋଭେଇ ବୋଲି ବାହାଘର ଭାଙ୍ଗିଦେବାକୁ କିଏ କହିଲେ ?

(କ) ସତୀର ବୋଉ (ଖ) ନାଥନନା

(ଗ) ସତୀର ବାପା (ଘ) ସତୀର ବଉଳ

୨୯. ବାହାଘର ସମ୍ବନ୍ଧ ଭାଙ୍ଗିବାକୁ କିଏ ରାଜି ହେଲେନାଇଁ ?

(କ) ସତୀ (ଖ) ନାଥନନା

(ଗ) ସତୀର ବାପା (ଘ) ଜମିଦାର

୩୦. ନାଥନନାଙ୍କ ବୋଉକୁ ସତୀ କ'ଣ ବୋଲି ଡାକୁଥିଲା ?

(କ) ମାଉସୀ (ଖ) ବଡ଼ମା

(ଗ) ଅପା (ଘ) ଆଈ

୩୧. ସତୀର ବର କିପରି ଥିଲା ?

(କ) ଦରବୁଢ଼ା, ତ୍ରିପଣ୍ଡ କଳା (ଖ) ଗୋରା, ସରୁ

(ଗ) ପତଳା, ଡେଙ୍ଗା (ଘ) ଗେଡ଼ା, କଣା

୩୨. ନାଥନନା ଅଭିମାନ କରି କାହିଁକି ଚାଲି ଯାଇଥିଲେ ?

(କ) ସତୀ ତାଙ୍କୁ ନମସ୍କାର ନ କରିବାରୁ

(ଖ) ନାଥନନାଙ୍କ ହାତକୁ ସତୀ ପାନ ନ ଦେବାରୁ

(ଗ) ତାଙ୍କ ଆଗରେ ଗୀତ ନ ଗାଇବାରୁ

(ଘ) ତାଙ୍କ କଥାରେ ନାଚ ନ କରିବାରୁ

୩୩. ରଙ୍ଗଣୀ ଫୁଲଗୁଡ଼ା ସତୀ ଉପରେ ଅଜାଡ଼ି ଦେଇ କ'ଣ ହେବ ବୋଲି ବଉଳ କହିଲା ?

(କ) କୁଆଁର ପୁନେଇ ପୂଜା (ଖ) ମଧୁଶଯ୍ୟା

(ଗ) ଫୁଲହାର (ଘ) ପିଲାଖେଳ

୩୪. ବରଘର ସତୀକୁ ନେବା ପାଇଁ କ'ଣ ପଠେଇଲେଣି ବୋଲି ବଉଳ କହିଲା ?

(କ) ଚିଠି (ଖ) ଦୂତ

(ଗ) କ (ଘ) ପିଆଦା

୩୫. କେଉଁ ଜିନିଷ ପରି ଏ ଝିଅଗୁଡ଼ାଙ୍କୁ ଗୋଟାଏ କାହା ବେକରେ ଛନ୍ଦିଦେଲେ ଏ ମା' ମାନଙ୍କର କ ବ୍ୟ ସରେ ବୋଲି ସତୀ କହିଛି ?

(କ) ଜମିବାଡ଼ି (ଖ) ଘରଦ୍ୱାର

(ଗ) ଠାକୁର ବାସନ (ଘ) ଘରର ଚଳନ୍ତି ଜିନିଷ

୩୬. କେତେ ବର୍ଷରେ ନାଥର ଘାଟି ଥିଲା ବୋଲି ବଡ଼ମା' କହିଲେ ?

(କ) ବାଇଶ ବର୍ଷରେ (ଖ) ବାର ବର୍ଷରେ

(ଗ) ବାଉନ ବର୍ଷରେ (ଘ) ଷାଠିଏ ବର୍ଷରେ

୩୭. ସତୀ କେଉଁଦିନ ନାଥନନାଙ୍କ ଘରକୁ ଯାଇଥିଲା ?

(କ) ନାଥନନାଙ୍କ ଜନ୍ମଦିନରେ (ଖ) କୁଆଁର ପୁନେଇଁରେ

(ଗ) ନିଶିର ବାହାଘରରେ (ଘ) ନାଥନନାଙ୍କ ବାହାଘରରେ

୩୮. ସତୀ ଦଣ୍ଡକରେ କେତେ ପିଠା ଗଢ଼ି ଥୋଇ ଦେଲାଣି ବୋଲି ବଡ଼ ମା' କାହାକୁ କହିଲେ ?

(କ) ଅପୂର୍ବକୁ (ଖ) ନେତବୋଉ ଖୁଡ଼ୀଙ୍କି

(ଗ) ନାଥନନାଙ୍କୁ (ଘ) ବଉଳକୁ

୩୯. ଭୟ ଆଉ ଭାବନାରେ ଦରମରା ହୋଇ ସତୀ ଦିନରାତି ଖାଲି ବିଛଣାରେ ପଡ଼ି ରହିଲା କାହିଁକି ?

(କ) ତା'ର ଶାଶୂଘରକୁ ଯିବା ଆୟୋଜନ ହେବାରୁ

(ଖ) ତାକୁ ଜ୍ୱର ହେବାରୁ

(ଗ) ନାଥନନା ନ ଆସିବାରୁ

(ଘ) ତା' ବୋଉଙ୍କର ଦେହ ଖରାପ ହେବାରୁ

୪୦. କାହାକୁ ବଳିଦେବାକୁ ନେଲାବେଳେ ତା' ଆଖିର କରୁଣ ମିନତି କେହି ଶୁଣନ୍ତି ନାହିଁ ?

(କ) ସିଂହ ଛୁଆକୁ (ଖ) ନିରୀହ ଛେଳିଛୁଆକୁ

(ଗ) ବାଘ ଛୁଆକୁ (ଘ) ମଇଁଷି ଛୁଆକୁ

୪୧. କେଉଁଦିନ ସତୀ କାନ୍ଦି କାନ୍ଦି ଅଚେତ ହୋଇପଡ଼ିଥିଲା ?

(କ) ତା' ବାହାଘର ଦିନ (ଖ) କୁଆଁର ପୁନେଇଁ ଦିନ

(ଗ) ଶାଶୂଘରକୁ ଯିବାଦିନ (ଘ) ନାଥନନାଙ୍କ ଜନ୍ମଦିନ

୪୨. ସତୀର ସବାରୀ କବାଟ ଫାଙ୍କରେ କାହା ଦିହ ଦିଶୁଥିଲା ?

(କ) ତା' ବାପାଙ୍କର (ଖ) ତା' ବୋଉର

(ଗ) ଜମିଦାରଙ୍କର (ଘ) ନାଥନନାଙ୍କର

୪୩. ଶାଶୂଘର ଯିବାପାଇଁ ସତୀକୁ କେତେ ସମୟ ଲାଗିଥିଲା ?

(କ) ଗୋଟିଏ ରାତି (ଖ) ଗୋଟିଏ ଦିନ

(ଗ) ଦୁଇଦିନ (ଘ) ଗୋଟିଏ ଓଳି

୪୪. ସତୀ ବରର ମୁହଁ ଯାକ କ'ଣ ସିଇଁ ହୋଇ ଯାଇଥିଲା ?

(କ) ଅବିର ରଙ୍ଗ (ଖ) କଟାଦାଗ

(ଗ) ବସନ୍ତର ଦାଗ (ଘ) ପୋଡ଼ାଦାଗ

୪୫. ସତୀ ତା' ସ୍ୱାମୀଙ୍କର କ'ଣ ଥିଲା ?

(କ) ପ୍ରଥମ ସ୍ତ୍ରୀ (ଖ) ଦ୍ୱିତୀୟ ସ୍ତ୍ରୀ

(ଗ) ରକ୍ଷିତା (ଘ) ତୃତୀୟ ସ୍ତ୍ରୀ

୪୬. ସ୍ୱାମୀଙ୍କ ମୁହଁ ଦେଖିବାପରେ ସତୀ ଯେଉଁ ଲାବଣ୍ୟସିନ୍ଧୁପଖଳା ଚିର ପରିଚିତ ମୁହଁଟି ମନେ ପକାଇଲା ତାହା କାହାର ?

(କ) ନାଥନନାଙ୍କର (ଖ) ତା' ବାପାଙ୍କର

(ଗ) ତା' ବଉଳର (ଘ) ତା' ବୋଉଙ୍କର

୪୭. ଶାଶୂଘରେ ସତୀ ବସିଥିବା କୋଠରୀରେ କ'ଣ ମୋଟେ ନଥିଲା ?

(କ) ବିଜୁଳିବତୀ (ଖ) ଖଟ

(ଗ) ଆଲମାରି (ଘ) ଜଳାକବାଟି

୪୮. ସତୀର ସଉତୁଣୀର ପୁଅ ନାଁ କ'ଣ ?

(କ) ହଟ (ଖ) ବଟ

(ଗ) ନଟ (ଘ) ଜଟ

୪୯. ତା' ବାପାକୁ କିଏ ଓଷଦ କରିଛି ବୋଲି ନଟ କହିଲା ?

(କ) ଧାଇମା (ଖ) ନୂଆ ମା

(ଗ) ଜେଜେମା (ଘ) କେହିନୁହେଁ

୫୦. ସତୀର ଶାଶୂଘରେ ପକ୍କା କୁଅଟି କେଉଁଠି ଥିଲା ?

(କ) ଦାଣ୍ଡପଟେ (ଖ) ବାଡ଼ିପଟେ

(ଗ) ପିଣ୍ଡାତଳେ (ଘ) ମଝି ଅଗଣାରେ

୫୧. ଶାଶୂଘରେ ସତୀର ସକାଳ ଓଳିଟା କିପରି କଟେ ?

(କ) ଶଶୁର ସେବାରେ (ଖ) ସ୍ୱାମୀ ସେବାରେ

(ଗ) ଶାଶୁଙ୍କ ସେବାରେ (ଘ) ପୂଜା କରିବାରେ

୫୨. ସତୀଠାରୁ ଭଣ୍ଡାର ଘର ଚାବି କିଏ ମାଗିନେଲେ ?

(କ) ତା' ଶାଶୁ (ଖ) ତା' ସ୍ୱାମୀ

(ଗ) ନଟ (ଘ) ସଉରଭୀ

୫୩. କପିଳେଶ୍ୱରଙ୍କ ପାଖକୁ ଯିବାପାଇଁ କେତେଖଣ୍ଡ ସବାରୀ ଯୋଗାଡ଼ ହୋଇଥିଲା ?

(କ) ଖଣ୍ଡେ (ଖ) ଦୁଇଖଣ୍ଡ

(ଗ) ତିନିଖଣ୍ଡ (ଘ) ପା ଖଣ୍ଡ

୫୪. ସତୀକୁ ଦେଖିଯିବାକୁ ବାପାସାନ୍ତେ କାହାକୁ ପଠାଇଥିଲେ ?

(କ) ନିଧିଆ (ଖ) ପାଣ୍ଡୁଆ

(ଗ) ସଇତା (ଘ) ନାଥିଆ

୫୫. ବୁଢ଼ା ଚାକର ସଇତା ସତୀକୁ କେଉଁ ନାଁରେ ସମ୍ବୋଧନ କରୁଥିଲା ?

(କ) ସତୀମା (ଖ) ବୁଢ଼ିଆ

(ଗ) ବୁଢ଼ୀ (ଘ) କୁନିମା

୫୬. ନଟର ଜାଆଁଳା ବାଳ କେଉଁ ଠାକୁରଙ୍କ ପାଖରେ ପକାଇବା ପାଇଁ ସ୍ଥିର ହୋଇଥିଲା ?

(କ) ନୀଳକଣ୍ଠେଶ୍ୱର (ଖ) ବାଲୁଙ୍କେଶ୍ୱର

(ଗ) କପିଳେଶ୍ୱର (ଘ) ଭୁବନେଶ୍ୱର

୫୭. ନାଥନନା କେତେଟଙ୍କା ଦେଇ ରାତିକ ପାଇଁ ଆଶ୍ରୟ ଦେବାପାଇଁ ସାହୁକୁ କହିଲେ ?

(କ) ତିନୋଟି ଟଙ୍କା (ଖ) ଟଙ୍କାଟିଏ

(ଗ) ଯୋଡ଼ିଏ ଟଙ୍କା (ଘ) ଚାରି ଟଙ୍କା

୫୮. ଜମିଦାରଙ୍କ ଅସଲ ନାଁ କ'ଣ ?

(କ) ରାମଚନ୍ଦ୍ର ମିଶ୍ର (ଖ) ନରହରି ମିଶ୍ର

(ଗ) ସୀତାକାନ୍ତ ମହାନ୍ତି (ଘ) ଅଚ୍ୟୁତ ମିଶ୍ର

୫୯. କଟକ ଛାଡ଼ି ନାଥନନା ଓ ସତୀ କେଉଁ ଗାଡ଼ିରେ ଗାଁକୁ ଗଲେ ?

(କ) ରେଳଗାଡ଼ି (ଖ) ବଳଦଗାଡ଼ି

(ଗ) ଶୂନଗାଡ଼ି (ଘ) ଘୋଡ଼ାଗାଡ଼ି

୬୦. ରେଳଗାଡ଼ିରେ ଯାଇ ସତୀ ଓ ନାଥନନା କେଉଁ ସହରରେ ଓହ୍ଲାଇଲେ ?

(କ) ପୁରୀ (ଖ) କଟକ

(ଗ) କଲିକତା (ଘ) ବାଲେଶ୍ୱର

୬୧. ପ୍ରଭାକର ମିଶ୍ରଙ୍କ ସ୍ତ୍ରୀ ସତୀ ସହିତ ପିଲାଦିନେ କ'ଣ ବସିଥିଲେ ?

(କ) ବଉଳ (ଖ) ସଙ୍ଗାତ

(ଗ) ଅଶୋକା (ଘ) ମକର

୬୨. ନାଥନନାଙ୍କ ପୁରା ନାଁ କ'ଣ ?

(କ) ଗୋପୀନାଥ ପହରାଜ (ଖ) ଲୋକନାଥ ତ୍ରିପାଠୀ

(ଗ) ଯଦୁନାଥ ମହାପାତ୍ର (ଘ) ପ୍ରିୟନାଥ ପାଣିଗ୍ରାହୀ

୬୩. କଟକରେ ସତୀ ପାଖରେ ଥିବା ଚାକରାଣୀର ନାଁ କ'ଣ ?

(କ) ପୂରବୀ (ଖ) ମାଧବୀ

(ଗ) ସାଧବୀ (ଘ) କରବୀ

୬୪. ସତୀର ବାପା ବୋଉ ଚାଲିଗଲା ପରେ ବୁଢ଼ା ଚାକର ସଇତା କାହା ଘରେ କାମ କରୁଥିଲା ?

(କ) ପ୍ରଭାକର ମିଶ୍ର (ଖ) ଅଚ୍ୟୁତ ମାହାନ୍ତି

(ଗ) ଲୋକନାଥ ତ୍ରିପାଠୀ (ଘ) ସଦାଶିବ ଦାସ

୬୫. ମୁହଁ ପୋଡ଼ା ବାମୁଣଗୁଡ଼ାକ କେଉଁଠାରେ ନିଶାପ କରୁଛନ୍ତି ବୋଲି ସଇତା କହିଲା ?

(କ) ଗାଁ ଚଉପାଢ଼ୀରେ (ଖ) ଭାଗବତ ଟୁଙ୍ଗୀରେ

(ଗ) ଝୁଲଣ ମଣ୍ଡପରେ (ଘ) ଗାଁ ଦାଣ୍ଡରେ

୬୬. ସତୀ ଜୀବନରେ କାହାକୁ ତା' ନିଜର ବୋଲି ଅନୁଭବ କରିଥିଲା ?

(କ) ବଉଳ ନିଶିକୁ (ଖ) ବୁଢ଼ାଚାକର ସତିଆକୁ

(ଗ) ନାଥନନାଙ୍କୁ (ଘ) ସ୍ୱାମୀ ନରହରି ମିଶ୍ରଙ୍କୁ

୬୭. ନାଥନନା ଘରେ ବସି କାମ ଚଳିଲା ଭଳି କ'ଣ ଗୋଟାଏ ସଜାଡୁଥିଲେ ?

(କ) ବାଟୁଳିଖଡ଼ା (ଖ) ବନ୍‌ସୀଖଡ଼ା

(ଗ) ଖେପାଜାଲ (ଘ) ଫାଶିଜାଲ

୬୮. 'ମଲାଜହ୍ନ' ଉପନ୍ୟାସର ଲେଖକ କିଏ ?

(କ) କାହ୍ନୁ ଚରଣ ମହାନ୍ତି (ଖ) ଶାନ୍ତନୁ କୁମାର ଆଚାର୍ଯ୍ୟ

(ଗ) ଗୋପୀନାଥ ମହାନ୍ତି (ଘ) ଉପେନ୍ଦ୍ର କିଶୋର ଦାସ

୬୯. 'ମଲାଜହ୍ନ' ଉପନ୍ୟାସର ନାୟକ କିଏ ?

(କ) ଦାସନନା (ଖ) ନାଥନନା

(ଗ) ପ ୁନନା (ଘ) ବୁଢ଼ାନନା

୭୦. 'ମଲାଜହ୍ନ' ଉପନ୍ୟାସର ନାୟିକାର ନାମ କ'ଣ ?

(କ) ସତୀ (ଖ) ନେତୀ

(ଗ) ପ୍ରୀତି (ଘ) ଗୀତି

୭୧. ସତୀର ଶାଶୁଘର ଗାଁ ନାଁ କ'ଣ ?

(କ) ଗୋବିନ୍ଦପୁର (ଖ) ମଦନପୁର

(ଗ) ମୁକୁନ୍ଦପୁର (ଘ) ବନମାଳିପୁର

୭୨. ସତୀଠାରୁ ତା'ର ବଉଳ ନିଶିର ବୟସ କେତେ ବର୍ଷ ସାନ ହେବ ?

(କ) ଚାରିବର୍ଷ (ଖ) ବର୍ଷେ

(ଗ) ଦୁଇବର୍ଷ (ଘ) ତିନିବର୍ଷ

୭୩. ବୟସରେ ସ୍ୱାମୀ କାହା ସାଙ୍ଗର ହେବେ ବୋଲି ସତୀ ଅନୁମାନ କରିଛି ?

(କ) ନାଥନନାଙ୍କ ସାଙ୍ଗର (ଖ) ବାପାଙ୍କ ସାଙ୍ଗର

(ଗ) ସତିଆ ସାଙ୍ଗର (ଘ) ଅଚ୍ୟୁତା ସାଙ୍ଗର

୭୪. ସତୀକୁ ଖୋଜୁ ଖୋଜୁ ଅନ୍ଧାରରେ ତା'ର ସ୍ୱାମୀଙ୍କ ମୁଣ୍ଡ କେଉଁଠାରେ ଖୁବ୍ ଯୋରରେ ବାଡ଼େଇ ହୋଇଗଲା ?

(କ) କାନ୍ଥରେ (ଖ) କବାଟରେ

(ଗ) ଖଟ ଦିହରେ (ଘ) ଦୁଆରବନ୍ଧରେ

୭୫. ନଟ ସତୀକୁ କ'ଣ ବୋଲି କହି ଡାକୁଥିଲା ?

(କ) ମାଉସୀ (ଖ) ନୂଆମା

(ଗ) ବୋଉ (ଘ) ଅପା

୭୬. ସତୀର ଶାଶୁଘରେ ଥିବା ଧାଇମା'ର ନାଁ କ'ଣ ?

(କ) ବନଲତା (ଖ) ତଅପୋଇ

(ଗ) ସଉରଭୀ (ଘ) ଆଶାଲତା

୭୭. ସତୀର ଶାଶୁଙ୍କୁ କେଉଁ କାମରେ ଦଣ୍ଡେ ଫୁରୁସତ୍ ନଥାଏ ?

(କ) ଘର କାମରେ (ଖ) ଠାକୁରପୂଜାରେ

(ଗ) ରନ୍ଧାବଢ଼ାରେ (ଘ) ଅତିଥି ଚର୍ଚ୍ଚାରେ

୭୮. କେଉଁ ଘୋଡ଼ା ଉପରେ ଚଢ଼ି ନଟ ଖେଳୁଥିଲା ?

(କ) ମାଟିଘୋଡ଼ା (ଖ) କାଠଘୋଡ଼ା

(ଗ) ବେତଘୋଡ଼ା (ଘ) ଲୁହାଘୋଡ଼ା

୭୯. ସତୀର ସ୍ୱାମୀ ତାକୁ କେଉଁଘର ଚାବି ମାଗିଲେ ?

(କ) ଶୋଇବାଘର (ଖ) ଭଣ୍ଡାରଘର

(ଗ) ଖମାରଘର (ଘ) ଠାକୁରଘର

୮୦. ସତୀକୁ ଭଣ୍ଡାରଘର ଚାବି କିଏ ଦେଇଥିଲେ ?

(କ) ସ୍ୱାମୀ (ଖ) ଶାଶୂ

(ଗ) ସଉରଭୀ (ଘ) ଚମ୍ପାମା'

୮୧. କେତେ ଦିନରେ ଶାଶୂ ପୁରୀରୁ ଫେରିଆସିବେ ବୋଲି ସତୀକୁ କହିଲେ ?

(କ) ମାସ ଦୁଇଟାରେ (ଖ) ମାସ ଛଅଟାରେ

(ଗ) ମାସ ଚାରିଟାରେ (ଘ) ମାସ ଗୋଟାକରେ

୮୨. ସେଦିନ ରାତିରେ ସାହୁ ନାଥନନା ଓ ସତୀଙ୍କୁ କ'ଣ ଜଳଖିଆ ଖାଇବାକୁ ଦେଇଥିଲା ?

(କ) ଛେନାଗଜା (ଖ) ରସଗୋଲା

(ଗ) କ୍ଷୀରଗଜା (ଘ) ମାଲପୁଆ

୮୩. ସତୀର ସ୍ୱାମୀ ସତୀକୁ କେଉଁଠାକୁ ନେଇଯିବାପାଇଁ ନାଥନନାଙ୍କୁ କହିଲେ ?

(କ) ସତୀର ବାପଘରକୁ (ଖ) ସହରର ବେଶ୍ୟାପଡ଼ାକୁ

(ଗ) ଅନାଥାଶ୍ରମକୁ (ଘ) ମହିଳା ନିକେତନକୁ

୮୪. ସତୀର ଭାବନାରେ କେଉଁ ଜାତିଟା ସବୁଠୁଁ ନିଉଛଣା, ସବୁଠୁଁ ହତଭାଗ୍ୟ ?

(କ) ପୁରୁଷ ଜାତିଟା (ଖ) ମଣିଷ ଜାତିଟା

(ଗ) ସ୍ତ୍ରୀ ଜାତିଟା (ଘ) ଭିକାରୀ ଜାତିଟା

୮୫. ନାଥନନାଙ୍କ ହାତକୁ ଗରମ ପାଣିରେ ଧୋଇଦେଇ ସତୀ କେଉଁ ତେଲ ପଟିବାନ୍ଧି ଦେଲା ?

(କ) ସୋରିଷ ତେଲ (ଖ) ରାଶିତେଲ

(ଗ) ନଡ଼ିଆ ତେଲ (ଘ) ଜଡ଼ାତେଲ

୮୬. ନାଥନନା ପିଣ୍ଡାରେ ବସି ତାଙ୍କ ପଢ଼ିବା ଦିନର କ'ଣ ସବୁ ସଜାଡ଼ି ରଖୁଥିଲେ ?

(କ) ପୁରୁଣା ଖାତା (ଖ) ପୁରୁଣା ବହି

(ଗ) ପୁରୁଣା ଚିଠି (ଘ) ପୁରୁଣା ସାର୍ଟିଫିକେଟ୍

୮୭. ଅଚ୍ୟୁତି କେଉଁ ପଦବୀରେ ଥିଲେ ?

(କ) ଗାଁ ପ ାୟତର ସରପ (ଖ) ଗ୍ରାମ ସଭାର ମୁଖିଆ

(ଗ) ଗାଁ ଚାଟଶାଳୀର ମାଷ୍ଟର (ଘ) ଗାଁ ଡାକଘରର ପୋଷ୍ଟମାଷ୍ଟର

୮୮. ସଇତା ଲୁଗା କାନି ଭିତରୁ କ'ଣ କାଢ଼ି ସତୀକୁ ଦେଲା ?

(କ) ଗୋଟିଏ ନୋଟ୍ ବିଡ଼ା (ଖ) ଖଣ୍ଡେ ଧଳା କାଗଜ

(ଗ) ହଳେ ପେଣ୍ଡିଫୁଲ (ଘ) ପଟେ ସୁନା ଶଙ୍ଖା

୮୯. ତା' ନାଁରେ କିଏ ଏତଲା ଦେବାକୁ ଯାଉଛନ୍ତି ବୋଲି ଅଚ୍ୟୁତା ଶୁଣିଲା ?

(କ) ନାଥନନା (ଖ) ସତୀ

(ଗ) ସଇତା (ଘ) ପ୍ରଭାକର

୯୦. ପ୍ରଭାକର ମିଶ୍ରେ କ'ଣ ଛୁଇଁ ଶପଥ କରିଗଲେ ?

(କ) ଭାଗବତ ପୋଥି (ଖ) ମହାପ୍ରସାଦ

(ଗ) ପଇତା (ଘ) ତୁଳସୀଚଉରା

୯୧. ସତୀ ସାହିର କାହା ଘରକୁ ଯିବାପାଇଁ ଚାହୁଁଥିଲା ?

(କ) ଅଚ୍ୟୁତି ମହାନ୍ତିଙ୍କ ଘରକୁ (ଖ) ପ୍ରଭାକର ମିଶ୍ରଙ୍କ ଘରକୁ

(ଗ) ସଇତା ଘରକୁ (ଘ) ଗୋବର୍ଦ୍ଧନ କାନଗୋଇ ଘରକୁ

୯୨. ସତୀକୁ ଘରୁ ବାହାର କରିଦେଇ ବ୍ରାହ୍ମଣ ସମାଜ ପାଖରେ କ୍ଷମା ମାଗି କ'ଣ କରିବା ପାଇଁ ପ୍ରଭାକର ମିଶ୍ରେ ନାଥନନାଙ୍କୁ ପରାମର୍ଶ ଦେଲେ ?

(କ) ଆଶୀର୍ବାଦ ନେବା (ଖ) ଜ୍ଞାତି ହେବା

(ଗ) ପ୍ରଣିପାତ ହେବା (ଘ) ପ ଗବ୍ୟ କରିବା

୯୩. ବ୍ରାହ୍ମଣ ସମାଜ ପାଖରେ କ୍ଷମା ମାଗିନେଇ ଟିକିଏ ପ ଗବ୍ୟ କରିଦେଲେ ଅଡୁଆ ଛିଡ଼ିଯିବ ବୋଲି ନାଥନନାଙ୍କୁ କିଏ ପରାମର୍ଶ ଦେଲେ ?

(କ) ଅଚ୍ୟୁତି ମହାନ୍ତି (ଖ) ଗୋବର୍ଦ୍ଧନ କାନଗୋଇ

(ଗ) ପ୍ରଭାକର ମିଶ୍ରେ (ଘ) ଅଗାଧୁ ମହାପାତ୍ରେ

୯୪. କାହାର ଖୁସି ଉପରେ ନ୍ୟାୟର ବାଟ ଗଢ଼ା ହୁଏ ?

(କ) ସରପ ର (ଖ) ଗଉଁନ୍ତିଆର

(ଗ) ଜମିଦାରର (ଘ) ମାଲିକର

୯୫. ଧାଇମା'ର ନାମ କ'ଣ ?

(କ) ମାଳତି (ଖ) ସୌରଭୀ

(ଗ) ସବିତା (ଘ) ଗୁରୁବାରି

୯୬. ନଟ କିଏ ?

(କ) ଜମିଦାରଙ୍କ ପୁଅ (ଖ) ସତୀର ପୁଅ

(ଗ) ସଇତାର ପୁଅ (ଘ) ସୌରଭୀର ପୁଅ

୯୭. ନାଥନନା କଟକରେ କ'ଣ ଖୋଜୁଥିଲେ ?

(କ) ଚାକିରି (ଖ) ଘରଭଡ଼ା

(ଗ) ଘରଡିହ (ଘ) ମୋଟରଗାଡ଼ି

୯୮. ସତୀର ବାପା ବୋଉ କିପରି ମଲେ ?

(କ) ହଇଜାରେ (ଖ) ବସନ୍ତରେ

(ଗ) ଦୁର୍ଘଟଣାରେ (ଘ) ଚିନ୍ତାଗ୍ରସ୍ତ ହୋଇ

୯୯. ନାଥନନାଙ୍କର ହାତ କେମିତି ପୋଡ଼ିଗଲା ?

(କ) ଚୂଲି ନିଆଁରେ (ଖ) ମହମବତୀ ନିଆଁରେ

(ଗ) ତତଲା ପେଜ ପଡ଼ି (ଘ) ଘର ପୋଡ଼ିରେ

୧୦୦. କେତେବର୍ଷ ଲାଗି ଲାଗି ମଧ୍ୟ ଅଚ୍ୟୁତା ଅପର ପ୍ରାଇମେରୀ ପାଶ୍ କରି ପାରିନଥିଲା ?

(କ) ୩ ବର୍ଷ (ଖ) ୪ ବର୍ଷ

(ଗ) ୮ ବର୍ଷ (ଘ) ୫ ବର୍ଷ

୧୦୧. କାହା ଅନୁଗ୍ରହରୁ ଅଚ୍ୟୁତ ଗାଁ ଚାଟଶାଳୀରେ ଚାକିରିପାଇ ପାରିଥିଲା ?

(କ) ପ୍ରଭାକର ମିଶ୍ର (ଖ) ଲୋକନାଥ ତ୍ରିପାଠୀ

(ଗ) ଜମିଦାର (ଘ) ବିଷ୍ଣୁଦାସ

୧୦୨. ମୋର ତୋ' ଉପରେ ଷୋଳପଣ ଅଧିକାର – ଏକଥା କିଏ କାହାକୁ କହିଛି ?

(କ) ଜମିଦାର ସତୀକୁ (ଖ) ସତୀର ବାପା ସତୀକୁ

(ଗ) ନାଥନନା ସତୀକୁ (ଘ) ସୌରଭୀ ନଟକୁ

୧୦୩. ଇହ ପରକାଳରେ ସ୍ୱାମୀଛଡ଼ା ସ୍ତ୍ରୀର ଅନ୍ୟଗତି ନାହିଁ ବୋଲି କେଉଁଠି ଅଛି ?

(କ) ଇତିହାସରେ (ଖ) ଗଣିତରେ

(ଗ) ଶାସ୍ତ୍ରରେ (ଘ) ବିଜ୍ଞାନରେ

୧୦୪. ଡଙ୍ଗା ଭିତରୁ ନଟ ପାଟିକରି କାହାକୁ ଡାକିଲା ?

(କ) ନୂଆ ମା'କୁ (ଖ) ସୌରଭୀକୁ

(ଗ) ବାପାକୁ (ଘ) ଧାଇମାକୁ

## (ଖ) ୧ ନମ୍ବର ବିଶିଷ୍ଟ ଏକ ବାକ୍ୟରେ ଉ ରମୂଳକ ପ୍ରଶ୍ନାବଳୀ ।

୧। ଜନ୍ମ ହେଲାବେଳେ ବାପା ଶରଧାରେ ସତୀର ନାଁ କ'ଣ ଦେଇଥିଲେ ?

୨। ବାପା ଦାଣ୍ଡଘରେ ବସି କ'ଣ ଲେଖୁଥିଲେ ?

୩। ଗୋବର୍ଦ୍ଧନ କାନଗୋଇର ଝିଅ ନାଁ କ'ଣ ?

୪। ସେଦିନ ହଠାତ୍ ବନ୍ଧ ଉପରେ ସତୀ କାହାର ପାଟି ଶୁଣି ଚମକି ପଡ଼ିଲା ?

୫। ଶୈଶବରେ ସତୀ କେଉଁ ସ୍ୱଭାବର ଥିଲା ?

୬। ନାଥନନା କେଉଁ ଛୁଟିରେ ଘରକୁ ଆସିଥିଲେ ?

୭। ବରଘରର ସମ୍ପ ି କଥା ଶୁଣି ସତୀ କ'ଣ ଅନୁଭବ କଲା ?

୮। ସତୀର ବର ଦେଖିବାକୁ କିପରି ବୋଲି ବର୍ଣ୍ଣନା ହୋଇଛି ?

୯। ସତୀର ବର ଶରୀରରେ କେଉଁ ଅଳଙ୍କାର ପରିଧାନ କରିଥିଲେ ?

୧୦। ସତୀକୁ ପୁଆଣି କରି ବାପା କେଉଁ ମାସରେ ପଠେଇବେ ବୋଲି କହୁଥିଲେ ?

୧୧। ସତୀଠାରୁ ତା'ର ବଉଳ ବୟସରେ କେତେ ବର୍ଷ ସାନ ହେବ ?

୧୨ । ଦିହଯାକ ଅଷ୍ଟଅଳଙ୍କାର ମଣ୍ଡି ହୋଇଥିବାର ସତୀ କାହାକୁ ଦେଖିଲା ?

୧୩ । ସତୀର ଶାଶୂଘରେ ଥିବା ଧାଇମା'ର ନାଁ କ'ଣ ?

୧୪ । ଧାଇମା କି କାମ କରେ ବୋଲି ନଟ କହିଲା ?

୧୫ । ସତୀକୁ ଭଣ୍ଡାର ଘର ଚାବି କିଏ ଦେଲେ ?

୧୬ । ଗୋଟାଏ ଭଙ୍ଗା ମାଟି ଘୋଡ଼ା ଉପରେ ଚଢ଼ି କିଏ ଖେଳୁଥିଲା ?

୧୭ । ଭଲ ଘୋଡ଼ାଟିଏ କିଣି ଦେବାପାଇଁ ନଟ କାହାକୁ କହିଲା ?

୧୮ । ସତୀକୁ ଦେଖିଯିବାପାଇଁ ବାପା ସାନ୍ତେ କାହାକୁ ପଠାଇଥିଲେ ?

୧୯ । ସତୀ ବାପଘରର ବୁଢ଼ା ଚାକର ନାଁ କ'ଣ ?

୨୦ । କେଉଁ ଠାକୁରଙ୍କ ପାଖରେ ନଟର ବାଳ ପଡ଼ିବାର ସ୍ଥିର ହୋଇଥିଲା ?

୨୧ । ନଟର ବାଳ ପକାଇ ଯିବାପାଇଁ କେତେଖଣ୍ଡ ସବାରୀ ଯୋଗାଡ଼ ହୋଇଥିଲା ?

୨୨ । ସତୀର ସ୍ୱାମୀଙ୍କ ନାଁ କ'ଣ ?

୨୩ । ନାଥନନା ଅନ୍ନପୂର୍ଣ୍ଣା ବୋଲି କାହାକୁ କହିଲେ ?

୨୪ । ହୋଟେଲରେ ଖାଇବାପାଇଁ ସତୀ ନାଥନନାଙ୍କୁ ବାରଣ କରୁଥିଲା କାହିଁକି ?

୨୫ । ଶେଷରେ ନାଥନନା ସତୀକୁ ନେଇ ଗାଁକୁ ଯିବାକୁ ସ୍ଥିର କଲେ କାହିଁକି ?

୨୬ । ବଡ଼ମା କେଉଁ ମାସରୁ ପୁରୀ ଚାଲିଯାଇଥିଲେ ?

୨୭ । ନାଥନନା ପିଣ୍ଡାରେ ବସି ତାଙ୍କ ପଢ଼ିବା ଦିନର କ'ଣ ସବୁ ସଜାଡ଼ି ରଖୁଥିଲେ ?

୨୮ । ସଇତା କେଉଁ ଉଦ୍ଦେଶ୍ୟରେ ସତୀକୁ ଦେଖା କରିବା ପାଇଁ ନାଥନନାଙ୍କ

ଘରକୁ ଆସିଥିଲା ?

୨୯ । ସଇତା ଲୁଗା କାନି ଭିତରୁ କ'ଣ କାଢ଼ି ସତୀକୁ ଦେଲା ?

୩୦ । ସାରା ଗାଁରେ କେଉଁ ଦୁଇଜଣ ସତୀର ନିଜର ହୋଇଥିଲେ ?

୩୧ । ଜମିଦାର ଖୁସି ଉପରେ ନ୍ୟାୟର ବାଟ ଗଢ଼ାହୁଏ ବୋଲି କିଏ ମନେକଲା ?

୩୨ । ଛୋଟପିଲାଟି ପରି କୋଳକରି କିଏ ନେଇ ସତୀକୁ ବିଛଣାରେ ଶୁଆଇଦେଲେ ?

୩୩ । ସତୀକୁ ଘରୁ ବାହାର କରିଦେବାପାଇଁ ନାଥନନାଙ୍କୁ କିଏ ପରାମର୍ଶ ଦେଲେ ?

୩୪ । ପ୍ରଭାକର ମିଶ୍ରେ କ'ଣ ଛୁଇଁ ଶପଥ କରିଗଲେ ?

୩୫ । ସାଙ୍ଗରେ କାହାକୁ ନେଇ ସାଇଆଡ଼େ ଯିବ ବୋଲି ସତୀ ନାଥନନାଙ୍କୁ ଅନୁରୋଧ କଲା ?

୩୬ । ସତୀ ସାହିର କାହା ଘରକୁ ଯିବାପାଇଁ ଚାହୁଁଥିଲା ?

୩୭ । ପ୍ରଭାକର ମିଶ୍ରଙ୍କ ସ୍ତ୍ରୀ ପିଲାଦିନେ ସତୀ ସହିତ କ'ଣ ବସିଥିଲେ ?

**(ଗ) ୨ ନମ୍ବର ବିଶିଷ୍ଟ ଦୁଇଟି ବାକ୍ୟରେ ଉ ରମୂଳକ ପ୍ରଶ୍ନାବଳୀ । ଲେଖା ଓ ଲେଖକଙ୍କ ପାଇଁ – ୧ ନମ୍ବର ଓ ଉ ର ପାଇଁ – ୧ ନମ୍ବର ।**

୧ । ଦାଣ୍ଡ ପାହାଚ ଉପରେ ଗୋଡ଼ ଦେଲା ବେଳେ ପଛରୁ ସତୀକୁ କିଏ ଡାକିଲେ ?

୨ । ବାହାହେବା କଥାଟା ସତୀକୁ କେମିତି ଲାଗେ ?

୩ । ଛଅମାସ ହେଲା ନାଥନନା କୁଆଡ଼େ ଓ କାହିଁକି ଯାଇଥିଲେ ?

୪ । ସତୀର ବିବାହ ପ୍ରସ୍ତାବ ଭାଙ୍ଗି ଦେବାପାଇଁ ନାଥନନା କାହିଁକି କହୁଥିଲେ ?

୫ । ଯମ ଘରକୁ ଯାଉଚି ବୋଲି ସତୀ କାହାକୁ କହିଲା ?

୬ । ପହିଲି ଦେଖାରେ ଶାଶୂ ସତୀକୁ ତୁନି ତୁନି କ'ଣ କହିଲେ ?

୭ । ନଟର ବାଳ ପଡ଼ିବାର ଦୁଇଦିନ ଆଗରୁ ମା' ପୁରୀ ବାହାରିଗଲେ କାହିଁକି ?

୮ । ରେଳଗାଡ଼ି ଦେଖି ସତୀର କ'ଣ ମନେହେଲା ?

୯ । ନାଥନନାଙ୍କ ହାତରେ ଫୋଟକା ହେଲା କିପରି ?

୧୦ । କଟକ ବସାଘରେ ସତୀକୁ ଛାଡ଼ିଦେଇ ନାଥନନା ବଜାରକୁ ଗଲେ କାହିଁକି ?

୧୧ । ସତୀ ଓ ନାଥନନା କଟକ ବୁଲି ଆସିଛନ୍ତି ଶୁଣି ପଡ଼ୋଶୀ ସ୍ତ୍ରୀଲୋକ କାବା ହେଲା କାହିଁକି ?

୧୨ । ସତୀ ଧନ୍ୟ ସ୍ୱାମୀଟିଏ ପାଇଚ ବୋଲି କିଏ ମନ୍ତବ୍ୟ ଦେଲେ ?

୧୩ । ସତୀକୁ ନେଇ ଗାଁକୁ ଫେରିଯିବା ପାଇଁ ନାଥନନା ନିଷ୍ପତ୍ତି କଲେ କାହିଁକି ?

୧୪ । ଗାଁରେ ପହଞ୍ଚିବା ପରେ ସତୀ ନାଥନନାଙ୍କ ଘରର ଅବସ୍ଥା କିପରି ଥିବାର ଦେଖିଲା ?

୧୫ । ପ୍ରଭାକର ମିଶ୍ରେ କ'ଣ ଛୁଇଁ ଶପଥ କଲେ ?

୧୬ । ସତୀକୁ ନିଜ ଘରେ ଦେଖି ପ୍ରଭାକର ମିଶ୍ରଙ୍କ ସ୍ତ୍ରୀ କ'ଣ କହିଲେ ?

୧୭ । ନାଥନନାଙ୍କୁ ସମାଜ ବାସନ୍ଦରୁ ମୁକାଳିବା ପାଇଁ ସତୀ କେଉଁ ନିଷ୍ପି ନେଲା ?

## (ଘ) ୩ ନମ୍ବର ବିଶିଷ୍ଟ ଉ ରମୂଳକ ପ୍ରଶ୍ନାବଳୀ (୩୦ଟି ଶବ୍ଦ ମଧ୍ୟରେ) ଲେଖା ଓ ଲେଖକଙ୍କ ସୂଚନା ପାଇଁ - ୧ ନମ୍ବର ଓ ଉ ର ପାଇଁ - ୨ ନମ୍ବର ।

୧ । ପାଣିରୁ ଉଠି ଆସିବାପରେ ନାଥନନାଙ୍କୁ ଦେଖି ସତୀ ଲାଜକଲା କାହିଁକି ?

୨ । ପ୍ରଥମ ଦେଖାରେ ଶାଶୂଙ୍କର ରୂପ ସତୀକୁ କିପରି ଲାଗିଥିଲା ?

୩ । ନଟର କଥା ଶୁଣି ସତୀର ଆଖି ଦି'ଟା ଲୁହରେ ପୂରି ଉଠିଲା କାହିଁକି ?

୪ । ମୋର ବି କାଳ ଆସିଲା ବୋଲି ସତୀ କେବେ ଓ କାହିଁକି ଭାବିଲା ?

୫ । ସତୀକୁ ନେଇ ନାଥନନା ତା' ଶାଶୂଘରେ ପହ ବାପରେ ତା'ର ସ୍ୱାମୀ କ'ଣ କହିଲେ ?

୬ । ଚଳନ୍ତା ଗାଡ଼ି ଭିତରେ ମୁଁ କେଉଁ ଅଜଣା ବାଟର ବାଟୋଇ ବୋଲି କିଏ ଓ କାହିଁକି ଭାବିଲା ?

୭ । କଟକରେ ପହ ବା ପରେ ସତୀର ମାନସିକ ଅବସାଦ ଦେଖାଦେଲା କାହିଁକି ?

୮ । କଟକରେ ଥିବାବେଳେ ସତୀର ବାପାବୋଉ ସମ୍ପର୍କରେ ନାଥନନା କ'ଣ କହିଲେ ?

୯ । ଗାଁରେ ବ୍ରାହ୍ମଣମାନେ ଭାଗବତ ଟୁଙ୍ଗୀରେ କାହିଁକି ନିଶାପ କରୁଥିଲେ ?

୧୦ । ଚିଠି ପଢ଼ିସାରି ଚିରି ଦେବାପାଇଁ ଅଚ୍ୟୁତ ମହାନ୍ତି କାହିଁକି ସତୀକୁ

କହିଥିଲା ?

୧୧ । ତମେ ମତେ ଘରୁ ବାହାର କରିଦିଅ ବୋଲି ସତୀ ନାଥନନାଙ୍କୁ କାହିଁକି କହିଲା ?

୧୨ । ଖାଲି ଚୌକେଇଟା ଧରି ସଇତା ସେଦିନ ଫେରିଆସିଲା କାହିଁକି ?

୧୩ । ସତୀ ପ୍ରଭାକର ମିଶ୍ରଙ୍କ ଘରକୁ ଯିବାପାଇଁ ଚାହୁଁଛି ଶୁଣି ସଇତା ଆଶ୍ଚର୍ଯ୍ୟ ହେଲା କାହିଁକି ?

## (ଙ) ୫ ନମ୍ବର ବିଶିଷ୍ଟ ଦୀର୍ଘ ଉ ରମୂଳକ ପ୍ରଶ୍ନାବଳୀ (୧୫୦ ଶବ୍ଦ ମଧ୍ୟରେ ଉ ର)

୧ । ମଲ୍ଲୀଜହ୍ନ ଉପନ୍ୟାସର ଶିରୋନାମା ସାର୍ଥକତା ଦର୍ଶାଅ ।

୨ । ନାଥନନାଙ୍କ ଚରିତ୍ର ଚିତ୍ରଣ କର ।

୩ । ସତୀ ଚରିତ୍ରର ବିଶେଷତ୍ୱ ଉଲ୍ଲେଖ କର ।

୪ । ମଲ୍ଲୀଜହ୍ନ ଉପନ୍ୟାସରେ ଜମିଦାର ଚରିତ୍ରର ସ୍ୱରୂପ ଦର୍ଶାଅ ।

୫ । ମଲ୍ଲୀଜହ୍ନ ଉପନ୍ୟାସର ଗୌଣ ଚରିତ୍ରଗୁଡ଼ିକ ଉପରେ ଆଲୋଚନା କର ।

୬ । ମଲ୍ଲୀଜହ୍ନ ଉପନ୍ୟାସରେ ବର୍ଣ୍ଣିତ ସହରୀ ଜୀବନର ଚିତ୍ର ବର୍ଣ୍ଣନା କର ।

୭ । ଗ୍ରାମ୍ୟ ପରିବେଶ ବର୍ଣ୍ଣନାରେ ଔପନ୍ୟାସିକ ଉପେନ୍ଦ୍ର କିଶୋର ଦାସଙ୍କର ନୈପୁଣ୍ୟ ନିର୍ଣ୍ଣୟ କର ।

୮ । ସତୀର ବୈବାହିକ ଜୀବନ ସମ୍ପର୍କରେ ଆଲୋକପାତ କର ।

୯ । ମଲ୍ଲୀଜହ୍ନ ଉପନ୍ୟାସର ଭାଷା ଓ ଶୈଳୀ ସମ୍ପର୍କରେ ସଂକ୍ଷିପ୍ତ ଆଲୋଚନା କର ।

୧୦ । ମଲ୍ଲୀଜହ୍ନ ଉପନ୍ୟାସ ତତ୍‌କାଳୀନ ସାମାଜିକ ଜୀବନର ବିଶ୍ୱସ୍ତ ଦଲିଲ୍ କିପରି ପ୍ରତିପାଦନ କର ।

❑❑❑

# ଚତୁର୍ଥ ଏକକ
# (ରାଜହଂସ)

# ରାଜହଂସ

ଡଃ ରତ୍ନାକର ଚଇନି

●

## ପ୍ରଥମାର୍ଦ୍ଧ

### ।। ଏକ ।।

[କେଉଁ ଏକ ଅଜଣା ତିଥିର ଶୀତୁଆ ସନ୍ଧ୍ୟା । ଦଣ୍ଡକାରଣ୍ୟର ସବୁଜ ଉପତ୍ୟକାରେ ନେସି ହୋଇ ଯାଇଛି ପାଣିଚିଆ କାଳିମା । ଶୀତ ମଧ ନଇଁଚି ତା'ର ଦଳ ବଳ ଧରି । ଜନ ବସତିର ଅନତି ଦୂରରେ ଅବସ୍ଥିତ ଗୋଟିଏ ଚିକିତ୍ସା କେନ୍ଦ୍ର । ଦୂରରୁ ଦେଖିଲେ ମନେହୁଏ, ତା'ର ଚାରିପଟେ ଘେରି ଯାଇଚି ପାତଳ କୁହୁଡ଼ି । ଡାକ୍ତର ଅତନୁଙ୍କର ମନସ୍ତାତ୍ତ୍ୱିକ ଚିକିତ୍ସା କେନ୍ଦ୍ର ସେ । ପଛପଟେ ତା'ର ଘନ ସବୁଜ ଅରଣ୍ୟ । ଆଗରେ ଜନ ବିରଳ ରାଜପଥ । ପରିବେଶଟି ବେଶ ମନୋରମ । ପାହାଡ଼ର ପାଦଦେଶରୁ ଟିକିଏ ଉଚ୍ଚରେ ଅବସ୍ଥିତ ଏଇ ଚିକିତ୍ସା କେନ୍ଦ୍ର । ସତେ ଯେମିତି ପରୀକ୍ଷା ପ୍ରକୋଷ୍ଠଟି ଶୀତ ଅନ୍ଧାରକୁ ଭୟ ନ କରି ସନ୍ଧ୍ୟାକୁ ଉପହାସ କରୁଚି । ଉଜ୍ଜ୍ୱଳ ଆଲୋକରେ ଉପର ମହଲାକୁ ଥିବା ସିଡ଼ି ସ୍ପଷ୍ଟ ଦିଶୁଚି । ଝରକା ବାଟେ ଅସ୍ପଷ୍ଟ ଘୁମନ୍ତ ଅରଣ୍ୟର ଦୃଶ୍ୟ ଦିଶୁଚି ବେଶ୍ ସୁନ୍ଦର । ସିଡ଼ିସିଧା କାନ୍ଥର କିଛି ଦୂରରେ ଲେଖାଅଛି Silence Please । କୋଠରୀ ଭିତରେ ଡ୍ରଇଂରୁମ୍‌ର ଆବଶ୍ୟକ ସରଞ୍ଜାମ ଅଛି । କୋଠରୀର ମଧ୍ୟଭାଗରେ ଗୋଟିଏ ବଡ଼ ଟେବୁଲ । ତା'ର ତିନିପଟେ ପଡ଼ିଚି କେତୋଟି ଚେୟାର୍ । ଗୋଟିଏ ବୁକ୍‌ସେଲଫ୍, ଫୋନ୍, ଗୋଟିଏ ଡାକ୍ତରୀ ସରଞ୍ଜାମ ଆଲମିରା । ଆଲୋକିତ ପରିବେଶରେ ଦେଖାଗଲା ଡାକ୍ତର ଅତନୁ

ମଝି ଚେୟାରରେ ବସି କ'ଣ ପରୀକ୍ଷା କରୁଛନ୍ତି । ଉପର ମହଲାରୁ ସାମାନ୍ୟ କଥାବା ' । ବ୍ୟତୀତ ସମସ୍ତ ପରିବେଶ ମୂକ, ମଉନ । କ୍ରମେ କ୍ରମେ ଉପରୁ ବେଶୀ ପାଟି ଶୁଣାଗଲା ଏବଂ ପରେ ପରେ ସିଢ଼ି ଉପରୁ ଗୋଟିଏ ବୋତଲ ଗଡ଼ି ଗଡ଼ି ଆସି ତଳେ ପଡ଼ିଲା । ତା'ରି ପଛେ ପଛେ ଭିଡ଼ା ଭିଡ଼ି ହେଇ ପାଟି କରି କରି ଆସିଲେ ପିନାକୀ ଆଉ ହରି । ହରି ଅତନୁବାବୁଙ୍କର ଜଣେ କର୍ମଚାରୀ । ପିନାକୀ ଚିକିତ୍ସିତ ହେଉଥିବା ଜଣେ ରୋଗୀ । ବୋତଲଟି ତଳେ ପଡ଼ିଲା ବେଳକୁ ଭାଙ୍ଗି ଚୁରମାର ହୋଇଯାଇଥିଲା । ଡାକ୍ତର ସେଇଆଡ଼େ ବିସ୍ମୟ ଓ ବିରକ୍ତିରେ ଚାହିଁ ରହିଥିଲେ ।]

ହରି ॥ ଆରେ...ନା—ନା—

ପିନାକୀ ॥ ଗଲା ?

ଅତନୁ ॥ କ'ଣ ହେଲା ?

ହରି ॥ ସରିଗଲା ଆଜ୍ଞା ! ପୁଣି ଆରମ୍ଭ ହୋଇଗଲା—

[ଇତ୍ୟବସରରେ ପିନାକୀ ତଳୁ ଭଙ୍ଗା ବୋତଲକୁ ଉଠାଇ ପିଲାଙ୍କ ଭଳି ଭୋ-ଭୋ କାନ୍ଦିବାକୁ ଆରମ୍ଭ କରି ଦେଇଥିଲା, ଏବଂ ତାରି ଭିତରେ ତଳୁ ଜିଭ ଲଗାଇ ଢାଳି ହୋଇଥିବା ତରଳ ପଦାର୍ଥକୁ ଚାଟିବାକୁ ଚେଷ୍ଟା କରୁଥିଲା ।]

ହରି ॥ ହେଇ ସରିଗଲା ଆଜ୍ଞା ।—(ପିନାକୀକୁ ଭିଡ଼ିଧରି)—ସବୁ ସରିଗଲା ।

ଅତନୁ ॥ ହରି !

ହରି ॥ ଆଜ୍ଞା ।

ଅତନୁ ॥ କ'ଣ ଚାଲିଚି ଇଏ ?

ହରି ॥ ହେଇ ଆଜ୍ଞା–ପୁଣି...

ଅତନୁ ॥ ପିନାକୀ ବାବୁ ।

ପିନାକୀ ॥ –(କାନ୍ଦୁଥିଲା ସେମିତି)–

ଅତନୁ ॥ କ'ଣ ହେଲା ଆପଣଙ୍କର ?

ହରି ॥ ହରିବୋଲ ! ତାଙ୍କର ନୁହେଁ ଆଜ୍ଞା; ଆପଣଙ୍କର...

ଅତନୁ ॥ (ଚିଡ଼ିଲା ଭଙ୍ଗୀରେ) ହରି ! ମୁଁ ପଚାରୁଚି କ'ଣ ହେଇଚି ?

ହରି ॥ ଆଜ୍ଞା... ମ...ମ...ଦ ! ପୁଣି ଚାଲୁ ହେଇଗଲା ଆଜ୍ଞା ।...(ପିଇବାର ପ୍ରୟାସ ଦେଖି)–ଏଇ ପୁଣି ଆରମ୍ଭ ହେଇଗଲା ! ଆପଣଙ୍କର ଔଷଧର କାମ ସରିଗଲା ।

ଅତନୁ ॥ ମଦ...ଏଠିକି ଆସିଲା କେମିତି ?– (Pause) –ପିନାକୀ ବାବୁ ! କୁହନ୍ତୁ, କିଏ ଆଣି ଏଠି ଆପଣଙ୍କୁ ମଦ ଦେଲା ? ମୁଁ ଜାଣିବାକୁ ଚାହେଁ, ମୋ ଚିକିତ୍ସା କେନ୍ଦ୍ରର ହତା ଭିତରକୁ ମଦ ଆସିଲା କେମିତି ?

ହରି ॥ (ଛେପ ଢୋକି)–ଠିକ୍ ସେଇକଥା ଆଜ୍ଞା–ସେଇ କଥା ତାଙ୍କୁ ପଚାରନ୍ତୁ ।

ଅତନୁ ॥ ଆଃ ! ତମେ ଚୁପ୍ କର । କୁହନ୍ତୁ ପିନାକୀ ବାବୁ, କୁହନ୍ତୁ ?

ପିନାକୀ ॥ (ଉପହାସ କରି) ହୁଁ... !! ଚୀନ୍ ପାକିସ୍ଥାନରୁ ମାରଣାସ୍ତ୍ର ଭାରତ ଅନ୍ତର୍ଘାତୀଙ୍କ ହାତକୁ ଆସି ପାରୁଚି–ବୋତଲେ ମଦ ଆପଣଙ୍କ ଚିକିତ୍ସା କେନ୍ଦ୍ର ଭିତରକୁ ଆସି ପାରିବନି ? (ହସି ଉଠିଲା ସେ

ଖୁବ୍ ଜୋରରେ । ପରେ ପରେ ଛାତିରେ ବ୍ୟଥା ପାଇ ଚିତ୍କାର କରି ଉଠିଲା ।)...... ଆଃ...ଆଃ !!

ହରି ॥ ହରିବୋଲ ! ସରିଗଲା ।

ପିନାକୀ ॥ ଆଃ... ! ଡାକ୍ତର ବାବୁ ! ମୋ ପେଟ...

[ବ୍ୟଥାରେ ଅଧୀର ହୋଇ ଉଠୁଥିଲେ ପିନାକୀ । ତାଙ୍କୁ ତୋଳି ଧରିବାବେଳେ ଡାକ୍ତରଙ୍କ ମୁହଁରେ ସମବେଦନାର ଚିତ୍ର ଫୁଟି ଉଠିଲା ।]

ଅତନୁ ॥ ଆପଣ ଟିକିଏ ବସି ପଡ଼ନ୍ତୁ ତ ।...ଇଏ କିଛି ନୁହେଁ । ସବୁ ଠିକ୍ ହେଇଯିବ । ଆପଣ ବସି ପଡ଼ନ୍ତୁ...

ପିନାକୀ ॥ ମୁଁ ଆଉ ବ଼ ପାରିବିନି ଡାକ୍ତର ! ମଦରେ ମୋତେ ନିଃଶେଷ ହେବାକୁ ଦିଅନ୍ତୁ । ଆଃ... ! ମଦଖାଇ ମୁଁ ନିଜକୁ ଜଳାଇବାକୁ ଆରମ୍ଭ କରିଥିଲି । ସେଇ ମଦରେ ଜଳି ପୋଡ଼ି ଶେଷରେ ମୁଁ ଧ୍ୱଂସ ହୋଇ ଯିବାକୁ ଚାହେ ।...ଆଉ ଭଲ ହେବାକୁ ମୁଁ ଚାହେନା ଡାକ୍ତର । ଦୟାକରି ମୋତେ ଟିକିଏ ମଦ ଦେଇ ପାରିବେ ? ଜୀବନଟା ମୋର ଖାଲି ଛଟପଟ ହେଉଚି । ବହୁତ ମଙ୍ଗଳ ହୁଅନ୍ତା ଆପଣଙ୍କର ।...ପାରିବେ ?

ହରି ॥ ଚୁପ୍ ହୁଅ ହେ !

ପିନାକୀ ॥ (ନଶୁଣିବା ଭଳି) ଦେଇ ପାରିବେ ?

ଅତନୁ ॥ ଆଚ୍ଛା, ଆପଣ ବ୍ୟସ୍ତ ହୁଅନ୍ତୁନି ! ...ହରି ! ଶୁଣ, (ଆଖିଠାରି)...ଏ...ତମେ ଯାଅତ–ପିନାକୀ ବାବୁଙ୍କ ପାଇଁ କିଛି ମଦ ନେଇ ଆସିବ । ସେ ନିହାତି ଯେତେବେଳେ ପିଇବାକୁ

ଚାହୁଛନ୍ତି—ତାଙ୍କୁ ନ ଦେବାଟା ଅନ୍ୟାୟ । କାରଣ ମାନସିକ ଚିନ୍ତା, ରୋଗ ଉପରେ ବେଶୀ ପ୍ରଭାବ ପକାଏ । ତମେ ଯାଅ—

ପିନାକୀ ॥ ନା—ନା, ତାଙ୍କୁ ପଠାନ୍ତୁନି ଆଜ୍ଞା । ସେ ଭାରି ନିଷ୍ଠୁର । ସାମାନ୍ୟ ଟଙ୍କା ପା ଟା ପାଇଁ ସେ ମୋ ମୁହଁରୁ ବୋତଲଟା ଛଡ଼ାଇ—ଆଃ !

ହରି ॥ ହରିବୋଲ !!

ପିନାକୀ ॥ ଶେଷରେ ନଷ୍ଟ କରିଦେଲେ—

ଅତନୁ ॥ ମାନେ ?

ହରି ॥ ନା ସାର୍ ।...ସେ କିଛି ନୁହେଁ ସାର୍ । ମୁଁ ଯାଉଛି ସାର୍... !

ପିନାକୀ ॥ ନା, ତାଙ୍କୁ ଆଉ ପଠାନ୍ତୁନି ଆଜ୍ଞା । ସେଇ ମଦ ଆଣି ମତେ ଏଠି ଦେଇଥିଲେ । ଅଧିକା ଟଙ୍କା ପା ଟା ସକାଶେ...ଆଃ !

ଅତନୁ ॥ ହରି !

ହରି ॥ ନା ସାର୍...ମୁଁ ସାର୍...ମିଛ ସାର୍ !

ପିନାକୀ ॥ (ବ୍ୟଥା ଅନୁଭବ କରି)...ଆଃ !...

ଅତନୁ ॥ (କଟାକ୍ଷପାତ କରି ଚାରିଆଡ଼କୁ ଚାହିଁଲେ କିଛି ସମୟ । ତା'ପରେ ସ୍ୱର ବଦଳାଇ କହିଲେ)—ଆଚ୍ଛା ହଉ, ତମେ ଯାଅ—ପିନାକୀ ବାବୁଙ୍କ ପାଇଁ କିଛି ବନ୍ଦୋବସ୍ତ କର ।

ହରି ॥ ହରିବୋଲ ! (ସେ ଭିତରପଟ କୋଠରୀ ଆଡ଼କୁ ଚାଲିଗଲା)—

ଅତନୁ ॥ ଆଚ୍ଛା ପିନାକୀ ବାବୁ ! ମୁଁ ତ ଆଣଙ୍କ ଅନୁରୋଧ ରକ୍ଷା କଲି । ଆପଣ ମୋର ଗୋଟିଏ କଥା ରକ୍ଷା କରିବେ ?

ପିନାକୀ ॥ ମଦ ବିନିମୟରେ ମୁଁ ସବୁ କରିବାକୁ ପ୍ରସ୍ତୁତ ଡାକ୍ତର–ଆପଣଙ୍କର ସବୁକଥା ରଖିବାକୁ ରାଜି । ମାତ୍ର ମୁଁ ଚାହେ ମଦ ।

ଅତନୁ ॥ ଆଚ୍ଛା କୁହନ୍ତୁ ତ, ବ୍ୟବସାୟରେ ହାରିଗଲା ପରେ ଆପଣ କାହିଁକି ମଦ ଖାଇବାକୁ ଆରମ୍ଭ କଲେ ?

ପିନାକୀ ॥ ଓଃ ! ସେଇ ବାଜେ ପ୍ରଶ୍ନ...

ଅତନୁ ॥ ଦେଖନ୍ତୁ, ଆପଣ ମତେ କଥା ଦେଇଛନ୍ତି !

ପିନାକୀ ॥ ଆଃ... ! ଦୁନିଆଁକୁ ଭୁଲିଯିବା ଲାଗି ମୁଁ ତାକୁ ଏକମାତ୍ର ଔଷଧ ବୋଲି ଧରିନେଲି । ମଦ ପିଇଦେଲେ ମୁଁ ସମସ୍ତ ଗ୍ଲାନି, ଅବସୋସ ଭୁଲି ଯାଉଥିଲି । ହେଲେ ଡାକ୍ତର; କେତେଟା ବର୍ଷ ପରେ ମୁଁ ଅନୁଭବ କଲି ଭୟାନକ ପେଟ ଯନ୍ତ୍ରଣା । ଆଃ !!

ଅତନୁ ॥ ଆଉ ଆପଣଙ୍କ ବ୍ୟବସାୟ ?

ପିନାକୀ ॥ ଆଃ ! ...ସେ କଥା ମନେ ନ ପକାଇବା ବରଂ ଭଲ ହେବ ଡାକ୍ତର ।...ଓଃ, ଭୀଷଣ ବ୍ୟଥା... !!

ଅତନୁ ॥ ଆପଣ ବ୍ୟସ୍ତ ହୁଅନ୍ତୁନି ! (ଭିତରକୁ ଚାହିଁ) ସିଷ୍ଟର... !

ପିନାକୀ ॥ ଓଃ !!

ଅତନୁ ॥ ସିଷ୍ଟର !!

ସିଷ୍ଟର ॥ (ଭିତରୁ)...Yes sir,

ଅତନୁ ॥ ଇଆଡ଼େ–

ସିଷ୍ଟର ॥ (ଆସି) ସାର୍ !

ଅତନୁ ॥ ପିନାକୀ ବାବୁଙ୍କୁ ତାଙ୍କ ରୁମ୍‌କୁ ନେଇ ଯାଅତ । ତାଙ୍କୁ ଆରାମରେ ଶୋଇବାକୁ ଦିଅ ।

ପିନାକୀ ॥ କିନ୍ତୁ ମୋର... ? ? (କ'ଣ କହିବାକୁ ଯାଇ ଅଟକି ଗଲେ) ଦେଖନ୍ତୁ ଡାକ୍ତର ବାବୁ ! ଆପଣ ମୋତେ ଆଉ ଭୁଲାଇବାକୁ ଚେଷ୍ଟା କରନ୍ତୁନି । ମୁଁ ଜାଣି ପାରୁଚି—ମୁଁ ଆଉ କେବେ ଭଲ ହେଇ ପାରିବିନି । ଆପଣ ମୋତେ...

ଅତନୁ ॥ (ହସି ହସି) ଆପଣଙ୍କ ମନ ଏତେ ଭାଙ୍ଗି ପଡୁଚି କାହିଁକି ? ମୋର ପୂର୍ଣ୍ଣ ବିଶ୍ୱାସ, ଆପଣ ଖୁବ୍ ଶୀଘ୍ର ଆରୋଗ୍ୟ ହେଇଯିବେ । ଆଉ ପୁଣି ଯାଇ ମେଲି ଦେବେ ଆପଣଙ୍କର ବହୁମୂଲ୍ୟ ମନଲୋଭା ବ୍ୟବସାୟର ଜାଲ । ଦିନକୁ ହଜାର ହଜାର ଟଙ୍କାର ଖେଳ ଖେଳିବେ । ଦିନ କେଇଟା ପରେ—

ପିନାକୀ ॥ (ଆନନ୍ଦରେ )...ଡାକ୍ତର !

ଅତନୁ ॥ ହଁ,...ଦିନ କେଇଟା ପରେ ଆପଣ ହେଇଯିବେ ଲକ୍ଷପତି—ତା'ପରେ କୋଟିପତି । ଦିନ ରାତି ବସି ଦେଖିବେ ଆହୁରି ଟଙ୍କାର ସ୍ୱପ୍ନ ।

ପିନାକୀ ॥ ହେଲେ ଡାକ୍ତର... !

ଅତନୁ ॥ ଆଃ, ଆଉ ଚିନ୍ତାକରି ଲାଭ କ'ଣ ? ହଁ, ସିଷ୍ଟର୍ ! ପିନାକୀ ବାବୁଙ୍କୁ ଆଜି ଖୁବ୍ ଦାମୀ ମଦ ପିଇବାକୁ ଦେବ । ମୁଁ ହରିକି କିଣିବାକୁ ପଠାଇଛି ।

ସିଷ୍ଟର ॥ କିନ୍ତୁ...

ଅତନୁ ॥ ତମେ ଜାଣନା—କାହାରି ଇଚ୍ଛା ବିରୁଦ୍ଧରେ କିଛି କରିବା ଠିକ୍ ନୁହେଁ ।

ସିଷ୍ଟର ॥ କିନ୍ତୁ ସାର୍... ?

ଅତନୁ ॥ ଓଃ ! ତମେ ଯାଅ । ମୁଁ ଯାହା କହିଲି ତମେ ସେଇଆ କର । (ସିଷ୍ଟର ପିନାକୀ ବାବୁଙ୍କୁ ଧରି ଉପରକୁ ଯିବାକୁ ଉପକ୍ରମ କରୁଥିଲେ ।) –ହଁ, ପିନାକୀ ବାବୁଙ୍କୁ ବେଡ୍‌ରେ ଛାଡ଼ି ଦେଇ ଟିକେ ଶୁଣିଯିବ ସିଷ୍ଟର ।

ସିଷ୍ଟର ॥ Yes sir !

ପିନାକୀ ॥ ଟଙ୍କା ! ସତ କହୁଛନ୍ତି ଡାକ୍ତର ?...ଶହ ଶହ...ହଜାର ହଜାର ! ଆଃ !...ମୁଁ ପୁଣି ହେବି ଲକ୍ଷପତି...କୋଟିପତି ! ଡାକ୍ତର !

[କହି କହି ଉପରକୁ ଯାଉଥିଲେ ପିନାକୀ । ତାଙ୍କୁ ଧରି ଧରି ଚାଲିଥିଲେ ସିଷ୍ଟର । ଅତନୁବାବୁ ସେଇଆଡ଼କୁ ଚାହିଁରହି ମୁହଁରେ ସଫଳତାର ହସ ଉକୁଟାଉ ଥିଲେ । ତା'ପରେ ନିଜର ଅସଂଯତ ଜିନିଷପତ୍ର କେତୋଟିକୁ ସଜାଇ ରଖି ଦେଇ ବାହାରକୁ ଯିବାଲାଗି ପ୍ରସ୍ତୁତ ହେଉଥିଲେ ସେ ।]

ହରି ॥ (ପ୍ରବେଶି) ସାର୍ ! ହୋଇଗଲା ।

ଅତନୁ ॥ କ'ଣ ହୋଇଗଲା ?...ତମର ଟିକିଏ ବିଚାର ଶକ୍ତି ନାହିଁ ? ଜଣେ ମନସ୍ତାତ୍ତ୍ୱିକ ଡାକ୍ତର ପାଖରେ କାମ କରିବାକୁ ହେଲେ–ପ୍ରତ୍ୟେକ ମଣିଷର ମନକୁ ଲକ୍ଷ୍ୟ କରିବାକୁ ହୁଏ । 'ହୋଇଗଲା' ନ କହି କୁହ 'ଆସିଗଲା' ।...ଯାଅ, ଉପରେ ଦେଇ ଆସ ।

ହରି ॥ ସାର୍... !

[ସିଷ୍ଟର ତଳକୁ ଓହ୍ଲାଇ ଆସୁଥିଲା । ହରି ତର ତରରେ ସିଡ଼ିରେ ଉପରକୁ ଉଠି ଯାଉଥିଲା । ମୁହଁଟା ତା'ର ଶୁଖିଲା ଦିଶୁଥିଲା ।]

ଅତନୁ ॥ ସିଷ୍ଟର !

ସିଷ୍ଟର ॥ ସାର୍ !

ଅତନୁ ॥ ତିନି ନମ୍ବର ପେସେ ୍ ପ୍ରତି ନଜର ରଖିଛ ତ ?

ସିଷ୍ଟର ॥ ହଁ ସାର୍ !

ଅତନୁ ॥ ଆଉ କିଛି ବିଶେଷତ୍ୱ ଲକ୍ଷ୍ୟ କରିଛ ?

ସିଷ୍ଟର ॥ ନା ସାର୍ ! ସବୁବେଳେ ଖାଲି ଭାଓଲିନ୍ ବଜାଇବା ଛଡ଼ା–

ଅତନୁ ॥ ତମେ ଠିକ୍ ଲକ୍ଷ୍ୟ କରିଛ । ସେଇ ଭାଓଲିନ୍‌ର ସ୍ୱରରେ ରହିଛି ତାଙ୍କ ଜୀବନ ତନ୍ତ୍ରୀର ଅଜସ୍ର ବ୍ୟାକୁଳତା । ତମେ ଆହୁରି ତୀକ୍ଷ୍ଣ ଦୃଷ୍ଟିଦିଅ ।

ସିଷ୍ଟର ॥ ସାର୍ !

ଅତନୁ ॥ (ଯାଉ ଯାଉ)...ହଁ, ପ୍ରଫେସର ପରିଜାଙ୍କ ପ୍ରତି ବିଶେଷ ଲକ୍ଷ୍ୟ ରଖିଥିବ । ମୁଁ ଟିକିଏ ବାହାରୁ ଆସୁଛି ।

[ଡାକ୍ତର ବାବୁ ମୁଖ୍ୟ ଦରଜା ଦେଇ ବାହାରକୁ ଚାଲିଗଲେ । ସିଷ୍ଟର୍ ତାଙ୍କ ଯିବା ବାଟକୁ ଲକ୍ଷ୍ୟ କରୁଥିଲେ ଠିଆହୋଇ । କିଛି ସମୟପରେ ସେ ତିନିନମ୍ବର କୋଠରୀ ଆଡ଼କୁ ଯିବାକୁ ଉଦ୍ୟତ ହେଲାବେଳେ ସିଡ଼ି ଉପରୁ ଡାକିଲା ହରି ।]

ହରି ॥ ସାବିତ୍ରୀ !...ସାବିତ୍ରୀ !!

ସିଷ୍ଟର ॥ (ରାଗିଲା ଭଙ୍ଗୀରେ)...କ'ଣ ?

ହରି ॥ ନାଇଁ କଥା କ'ଣ କି–ସେଇ କଥାଟା ଆଜି ଡାକ୍ତର ବାବୁ ଜାଣିନେଲେ । ଯାଙ୍କ କହୁ କହୁ କହିଦେଲା ।

ସିଷ୍ଟର ॥ କୋଉକଥା ?

ହରି ॥ ନାଇଁ ସେଇ...

ସିଷ୍ଟର ॥ କ'ଣ ସେଇ ?

ହରି ॥ (ଧୀରେ) ସେଇ ମଦ କଥା–

ସିଷ୍ଟର ॥ ଠିକ୍ କରିଚି ।

ହରି ॥ ଠିକ୍ କରିଚି ? କିନ୍ତୁ ମୋର ଯେ ସବୁ ବେଠିକ୍ ହେଇଗଲା ।

ସିଷ୍ଟର ॥ ମୁଁ କ'ଣ କରିବି ?

ହରି ॥ ନାଇଁ ମୁଁ କ'ଣ କହୁଥିଲି କି–ତୁ ଟିକେ ଡାକ୍ତର ବାବୁଙ୍କୁ ମୋ ସପକ୍ଷରେ...

ସିଷ୍ଟର ॥ ହଁ...ଚୋରି ସପକ୍ଷରେ ପୁଣି ଗୁହାରି ? ନା, ମୁଁ ପାରିବିନି–(ଟମ ଟମ ହୋଇ ଚାଲି ଯାଉଥିଲା ତିନିନମ୍ବର କୋଠରିକୁ)–

ହରି ॥ ସାବିତ୍ରୀ !...ସା... । ଏଁ, ପାରିବନି ? ନ ପାରୁ । ମୁଁ ନିଜେ ଯାଇ କହିବି । ...ହଁ, ନିଜେ ଯିବି । (ପା ନମ୍ବର କୋଠରୀ ଆଡ଼କୁ ଯାଉ ଯାଉ ପୁନରାବୃ ି କରୁଥିଲା ।)–ନିଜେ କହିବି ।

ପ୍ରଫେସର ॥ (ପଶିଆସି) ହଁ, ଆକ୍‌ସିଡ଼େ ହେବ–ଆକ୍‌ସିଡେ ... ! ଚନ୍ଦ୍ରାଲୋକର ଅଭିଯାନ ବ୍ୟର୍ଥ ହୋଇଯିବ, ଟିକିଏ ସଜାଗ ନ ହେଲେ ।

ହରି ॥ ଏଁ...ଆକ୍‌ସିଡେ ?? ହଉ ଆକ୍‌ସିଡେ ! କିହୋ ତମର କ'ଣ ଗଲା ? ତମେ ଶୋଇବ ଗଲ, ଯାଅ ।

ପ୍ରଫେସର ॥ ଯାଃ–ଯାଃ !! ସାତରାତି ସାତଦିନ ଅନିଦ୍ରା । ଟିକିଏ ଢୁଳାଇ ପଡ଼ିଲେ, ରକେଟର ଗତି ବେକଣ୍ଟ୍ରୋଲ୍ ହୋଇ ପଡ଼ିବ । ହୁଏତ...(ବିବ୍ରତ ଭଙ୍ଗୀରେ)...ନା...ନା !! ହ୍ୟାଲୋ... ହ୍ୟାଲୋ କସ୍‌ମୋନାଟ୍ସ୍ ! ତମେ ଈଶ୍ୱରଙ୍କୁ ପ୍ରାର୍ଥନା କର । ଯେଉଁଠି ବିଜ୍ଞାନୀ ତା'ର ନିଜ ସତ୍ତା ହଜାଇ ବସେ; ସେଇଠି ସେ ଖୋଜେ ଈଶ୍ୱରଙ୍କୁ । ତମେ ଈଶ୍ୱରଙ୍କୁ ଡାକ । ନଭ-ଯାତ୍ରା ତମର ମଙ୍ଗଳକର ହେବ । ଯାଅ, ଆଗେଇ ଯାଅ... (ନିଜେ ଆଗେଇ ଯାଉଥିଲେ ।)–

ହରି ॥ ଆହା–ହା, ନିଜେ କୁଆଡ଼େ ଆଗେଇଲେ ?

ପ୍ରଫେସର ॥(ବୁଝାଇଲା ଭଙ୍ଗୀରେ)–ଚନ୍ଦ୍ରକୁ ରକେଟ୍ ଯାଇଛି ନା ?–ମୋତେ କଣ୍ଟ୍ରୋଲ ରୁମ୍‌କୁ ଯିବାକୁ ହେବ ।

ହରି ॥ ହରିବୋଲ...ସରିଗଲା ! ସିଧା ଚନ୍ଦ୍ରକୁ ବାହାରିଲ ? ମରିଯିବ ବାବା, ମରିଯିବ । ସେଠି ପବନ ନାହିଁ–ଅଣନିଶ୍ୱାସୀ ହେଇ ସାଙ୍ଗେ ସାଙ୍ଗେ ମରିଯିବ ।

ପ୍ରଫେସର ॥ ତମେ ମରିଯିବ ବୋଲି କହୁଚ ? ହଉ ମରିଯାଅ–ମରିଗଲେ ଖୁବ୍ ଭଲ । ଶାନ୍ତି ପାଇଯିବ ।

ହରି ॥ ଏଁ... ? ହରିବୋଲ !! (ଚାଲି ଯାଉଥିଲା ଦୂରକୁ)–

ପ୍ରଫେସର ॥ ଓ ହରିବୋଲ ! ତମେ ଅପେକ୍ଷା କର । ଦଶବର୍ଷ ଭିତରେ ମୁଁ କରି ଦେଇଥିବି ଚନ୍ଦ୍ର-ଧରିତ୍ରୀ ରକେଟ୍ ପଥ । ମାତ୍ର ଦଶବର୍ଷ ଭିତରେ ଚନ୍ଦ୍ର ସହିତ ସମସ୍ତ ବାଣିଜ୍ୟିକ ସମ୍ପର୍କ ସ୍ଥାପିତ ହୋଇ ସାରିଥିବ । ପୃଥିବୀ ବଜାରର ପରିବା ଚନ୍ଦ୍ରରେ ଯାଇ ରନ୍ଧା ହେବ ।

ତୁମକୁ ବି ସେ ତରକାରି ଚଖାଇବି ବନ୍ଧୁ । ତମେ ମୋର ଅଶେଷ ସାହାଯ୍ୟକାରୀ–

–(ହରି କାନ୍ଧରେ ହାତ ପକାଇ ଦେଇଥିଲେ)–

ହରି ॥ ଆହା–ହା,... ମୋର ଦରକାର ନାହିଁ ବାବା; ଦରକାର ନାହିଁ । ଯେତେ ପାରୁଛ ତମେ ନିଜେ ଖାଅ । ଯା–

ପ୍ରଫେସର ॥ ତମେ ମୋ ଉପରେ ରାଗୁଛ ବନ୍ଧୁ ? କିନ୍ତୁ ଆଉ କେତେ ଦିନ ? ତମେ ଦେଖିବ, ମୋରି ଡାଇରେକ୍‌ସନ୍‌ରେ ଏ ରକେଟ୍ ଯାଇ ଚନ୍ଦ୍ରରେ ପହ ୍ବ ଠିକ୍ ବାଟଦେଇ । ତମେ ଏବେ ରାଗୁଛ–କିନ୍ତୁ ସେତେବେଳେ ଆନନ୍ଦିତ ହେବ ନିଶ୍ଚୟ ! ଆସ ବନ୍ଧୁ ! ଦୁହେଁ କୋଳାକୋଳି ହୋଇ, ସେଇ ଆସନ୍ନ ଆନନ୍ଦକୁ ଉପଭୋଗ କରିବା । ନିଜେ ହସି ଗ୍ରହ ଗ୍ରହାନ୍ତରକୁ ବି ହସରେ ମଜାଇ ଦେବା ।

ହରି ॥ ହରିବୋଲ, ସରିଗଲା । ମୋର ହସିବାକୁ ଇଚ୍ଛା ହଉନି ବାବୁ – କାନ୍ଦିବାକୁ ମନ ହେଲାଣି । ଏ ଯେ କି ଯନ୍ତ୍ରଣା !

ପ୍ରଫେସର ॥ ଦୁଃଖ କରନା ବନ୍ଧୁ ! ଆସ, ଆମେ ବୈଜ୍ଞାନିକ । ଗବେଷଣା ଆମର ଜୀବନ । ଜୀବନ ଆଉ ଜୀବିକା ଏକ ପାଲାରେ ତଉଲା ଯାଏ ନା । ଜୀବନ ନେଇ ଖେଳ ଖେଳିବା ଆମର ଧର୍ମ । ...ଆସ ।

ହରି ॥ ନା–

ପ୍ରଫେସର ॥ ଆସ ।

[ହରି ପଛେଇ ପଛେଇ ଚାଲିଥିଲା । ପ୍ରଫେସର ପରିଜା ତାରି ଆଡ଼କୁ ଆଗେଇ ଚାଲିଥିଲେ । ହରି ଭୟରେ ଚେୟାର୍ ଉପରକୁ ଚଢ଼ିଯାଇ ପାଟି କରୁଥିଲା ।]

ହରି ॥ ହରିବୋଲ, ସରିଗଲା । ........ସାବିତ୍ରୀ !...ଏ ସାବିତ୍ରୀ !

ପ୍ରଫେସର ॥ ଆସ !

ହରି ॥ ମୋର ଯିବାକୁ ମୋଟେ ଇଚ୍ଛା ନାହିଁ । ତମେ ଯାଅ ବାବା । (ହାତଯୋଡ଼ି)...ମତେ କ୍ଷମାକର ।

ପ୍ରଫେସର ॥ ଏଡ଼େ ଭୟାଳୁ ତମେ ? ମୋତେ ବିଶ୍ୱାସ କରି ପାରୁନା ?

ହରି ॥ ମୁଁ କ'ଣ ଆଜ୍ଞା, ମୋ ବାବା ତ ବିଶ୍ୱାସ କରିବନି ।

ପ୍ରଫେସର ॥ ବିଶ୍ୱାସହୀନ ମନୁଷ୍ୟ ! ତମେ ଅନ୍ୟକୁ କେବଳ ଅବିଶ୍ୱାସ କରି ଜାଣ । ସରଳ ବନ୍ଧୁତାରେ ତମେ ଦେଖ ଗରଳର ସ୍ୱପ୍ନ । ଗୀତା, ବାଇବେଲ୍ ଆଉ କୋରାନ୍‌ରୁ ତମେ ଖୋଜ ବିଶ୍ୱାସଘାତକତାର ବାଣୀ । ମୁଁ ତୁମକୁ ଘୃଣା କରେ... I hate you.

ହରି ॥ ଇସ୍... ! (ଆହତ ଗଳାରେ ବଡ଼ ପାଟି କରି)...ଡାକ୍ତର ବାବୁ ! ...ସାବିତ୍ରୀ... !! ସରିଗଲା ।

ପ୍ରଫେସର ॥ ପୁରୁଷ ପୁରୁଷ ଧରି ମଣିଷର ଧମନୀରେ ତମେମାନେ ଅବିଶ୍ୱାସ ପରଶ୍ରୀ କାତରତାର ରକ୍ତ ଛୁଟାଇଛ । ତମେମାନେ ମାନବ ଜାତିର ଶତ୍ରୁ ।

ହରି ॥ (କାନ୍ଦି-ଥରିବା ଗଳାରେ)—ଓହୋ...ହୋ... !

ସିଷ୍ଟର ॥ (ପ୍ରବେଶି) କ'ଣ ହେଲା ପ୍ରଫେସର ପରିଜା ?

ହରି ॥ (ତଳକୁ ଡେଇଁପଡ଼ି ସିଷ୍ଟର ପଛରେ ଯାଇ) ହରିବୋଲ, ସବୁ ସରିଗଲା । ମତେ ରକ୍ଷାକର ସାବିତ୍ରୀ । ନଚେତ୍ ମତେ ସିଧା ରକେଟ୍‌ରେ ଚନ୍ଦ୍ରକୁ ଯିବାକୁ ପଡ଼ିବ ।

ପ୍ରଫେସର ॥ You old naughty boy ! ତମେମାନେ କାମନାର ଗୋଟିଏ ଗୋଟିଏ ଭାରବାହୀ ପଶୁ । ଏ ଦେଶ ପାଇଁ, ମାନବସମାଜ ପାଇଁ ତମେମାନେ କିଛି କରି ପାରିବ ନାହିଁ । ମତେ ହିଁ ଯିବାକୁ ହେବ ।

–(ଆଗେଇ ଯାଉଥିଲେ)–

ସିଷ୍ଟର ॥ କୁଆଡ଼େ ଚାଲିଗଲେ ପ୍ରଫେସର ପରିଜା ?

ପ୍ରଫେସର ॥ କଣ୍ଟ୍ରୋଲ ରୁମକୁ ।

ସିଷ୍ଟର ॥ (ସ୍ମିତ ମୁଖରେ)–ହଠାତ୍ ଆପଣ ଏମିତି ଭୁଲି ଯାଉଛନ୍ତି ? କଣ୍ଟ୍ରୋଲ ରୁମ୍ ପରା ପଛରେ ଛାଡ଼ି ଆସିଲେ ।

ପ୍ରଫେସର ॥ ଏଁ ? ମୁଁ ଛାଡ଼ି ଆସିଲି ? ହଁ, ତମେ ଠିକ୍ କହିଛ ସିଷ୍ଟର –ତମେ ଠିକ୍ କହିଛ ।

ସିଷ୍ଟର ॥ ଚାଲନ୍ତୁ ତ, ଆପଣ Rest ନେବେ । କିଛି ସମୟ ପାଇଁ କଣ୍ଟ୍ରୋଲରୁମ୍ ଦାୟିତ୍ୱରେ ମୁଁ ରହିବି । କୁହନ୍ତୁ ତ ଦେଖି, ମୁଁ କ'ଣ ପାରିବିନି ?

ପ୍ରଫେସର ॥ ତମେ ? ହଁ, ତମେ ପାରିବ । ହେଲେ ସେ ନୁହେଁ ।

He is a fool.

ହରି ॥ Fool !!

ପ୍ରଫେସର ॥ ତମେ ଆସ–

[ବୋକାଙ୍କ ଭଳି ତାଟକା ହୋଇ ଚାହିଁ ରହିଥିଲା ହରି । ପ୍ରଫେସର ପରିଡାଙ୍କ ପଛେ ପଛେ ସିଷ୍ଟର ସେ ଘରୁ ଚାଲିଗଲେ ପା ନମ୍ବର କୋଠରୀକୁ ।]

ହରି ॥ ହରିବୋଲ !...ବ ୍ଗଲା ମଣିଷ ।

[ହରି ଠିକ୍ ଚଉକିରେ ବସି ପଡ଼ିବା ସମୟରେ ଇତସ୍ତତଃ ଦୃଷ୍ଟି ନିକ୍ଷେପ କରି କୋଠରୀ ଭିତରକୁ ପଶି ଆସିଲା ରୀତା । ତିନି ନମ୍ବର କୋଠରୀର ରୋଗିଣୀ । ଜଣେ ସୁନ୍ଦର ଶୁଭ୍ରାଙ୍ଗୀ ଯୁବତୀ । ମୁହଁରେ ଲକ୍ଷ ଅବସାଦର ବଉଦ ।]

ରୀତା ॥ କବିତା...କବିତା !! କବିତା କୁଆଡ଼େ ଗଲା ?

ହରି ॥ ହରିବୋଲ !...ମରିଗଲା ମଣିଷ !

ରୀତା ॥ ମରିଗଲା ! ନା, ନା–ଡାକ୍ତର ବାବୁ !...ଡାକ୍ତର ବାବୁ !!... ଡାକ୍ତର ବାବୁ କାହାନ୍ତି ?

ହରି ॥ (ବିରକ୍ତିରେ) ନାହାନ୍ତି ହେ !

ରୀତା ॥ କିନ୍ତୁ ମୋ କବିତା... ?

ହରି ॥ କବିତା ?

ଅତନୁ ॥ (ସବୁକଥା ଶୁଣି ସାରିଥିଲେ ଅନ୍ତରାଳରେ ଥାଇ)–

ତୁମ କବିତାର କ'ଣ ହେଲା ରୀତା ଦେବୀ ?

ହରି ॥ (ଭୟରେ) ସାର୍ !...

ରୀତା ॥ ଡାକ୍ତର ବାବୁ ! ଓଃ...ମୁଁ ପାଗଳ ହେଇଯିବି ଡାକ୍ତର ବାବୁ । ମୁଁ...ଭାଓଲିନ୍‌ର ଛନ୍ଦେ ଛନ୍ଦେ ମୁଁ ତାକୁଇ ଖୋଜୁଛି । ରାତି ରାତି

ଉଜାଗର ରହି, ହାତକୁ ରକ୍ତାକ୍ତ କରି ମୁଁ ତାକୁ ହିଁ ପ୍ରତୀକ୍ଷା କରିଛି । ହେଲେ ଡାକ୍ତର–ସେ ମୋତେ ଠକି ଦେଲା । ମତେ ନିଃସ୍ୱ କରି ସେ...(କାନ୍ଦିଉଠିଲେ)...

ଅତନୁ ॥ କିଏ କହିଲା ତମେ ନିଃସ୍ୱ ? ଲକ୍ଷପତିର କନ୍ୟା–ପୁଣି କୋଟିପତିର ବଧୂ ! ସେଥିରେ ପୁଣି...

ରୀତା ॥ ଚୁପ୍ କରନ୍ତୁ ଡାକ୍ତର ବାବୁ–ଦୟାକରି ଆପଣ ଚୁପ୍ କରନ୍ତୁ । ଧନ, ଆଭିଜାତ୍ୟ, ବଡ଼ିମା–ଏଇଆ କେବଳ ଆପଣମାନେ ଦେଖନ୍ତି । କିନ୍ତୁ...

ଅତନୁ ॥ ହଁ, କୁହ କ'ଣ କହୁଥିଲ । ଅଟକି ଗଲ କାହିଁକି ?

ରୀତା ॥ (ଚମକିଲା ଭଙ୍ଗୀରେ) ନା–ନା, ମୁଁ କିଛି ଜାଣେନା–ମୁଁ କିଛି କହି ପାରିବିନି ଡାକ୍ତର । ମୁଁ ଗୋଟିଏ ଅସହାୟା ଭାଓଲିନ୍ ବାଦିକା । ମତେ ମୋ ଭାଓଲିନ୍ ଦିଅନ୍ତୁ । ତା'ରି ସ୍ୱରକୁ ମୁଁ ସିକ୍ତ କରିଦେବାକୁ ଚାହେଁ, ଆଖିର ଅଜସ୍ର ଲୁହରେ । ବାସ୍...; କାହିଁ ମୋ ଭାଓଲିନ୍ ! ମୁଁ ଆଉ କିଛି ଜାଣେନା...କିଛି ଜାଣେନା ।

[କହି କହି ନିଜ କୋଠରୀ ଭିତରକୁ ପଶିଗଲା ରୀତା । ଅନତି ବିଳମ୍ବରେ ଉଚ୍ଚାଙ୍ଗ ସ୍ୱରରେ ଭାଓଲିନ୍ ବାଦନ ଆରମ୍ଭ କରିଦେଲା । ରାଗିଣୀର କରୁଣ ଝଙ୍କାର ସତେ କି ସେ ଘରୁ ପରଦା ଠେଲି ବାହାରି ଆସୁଥିଲା ବାହାରକୁ । ପରଦା ଦୋହଲୁଥିଲା ପବନରେ ।]

ହରି ॥ ପୁଣି ଆରମ୍ଭ ହେଇଗଲା ସାର୍ ।

ଅତନୁ ॥ ଜାଣି ପାରୁଚି ।

ହରି ॥ ବନ୍ଦ କରିଦେବି ?

ଅତନୁ ॥ ନା, ତମେ ଯାଅ...

[ଭାଓଲିନ୍ ସେମିତି ବାଜୁଥିଲା । ଭାବନା ବିବ୍ରତ ହୋଇ ଡାକ୍ତର ଅତନୁ ନିଜ ଟେବୁଲ ଉପରେ ମଥାରଖି ବସି ପଡ଼ିଲେ ଏବଂ କ'ଣ ଭାବୁଥିଲେ । କୋଠରୀରେ ଏକ ପ୍ରକାର ନୀରବତା ଖେଳୁଥିଲା । କିଛି ସମୟ ପରେ ବାହାରୁ ପ୍ରବେଶ କଲେ ଜୟନ୍ତ; ଅତନୁର ବନ୍ଧୁ । ଦେହରେ ସମସ୍ତ ଆଭିଜାତ୍ୟର ଛାପ । ବୟସ ତିରିଶି କି ବତିଶି ।]

ଜୟନ୍ତ ॥ ଅତନୁ !

ଅତନୁ ॥ (ଉଠି)...କିଏ ଜୟନ୍ତ ! ଆ,–ମୁଁ ତତେ ହିଁ ଅପେକ୍ଷା କରିଥିଲି ।

ଜୟନ୍ତ ॥ (ଆଗେଇ ଯାଇ) ଏ ଭାଓଲିନ୍ ବୋଧେ ଗୀତା ବଜଉଛି ?

ଅତନୁ ॥ ହଁ ।

ଜୟନ୍ତ ॥ (ଦୀର୍ଘ ନିଶ୍ୱାସ ଛାଡ଼ି)...ଏ ଭାଓଲିନ୍‌ର ସ୍ୱର କେବେ ନୀରବ ହେବ ଅତନୁ ?

ଅତନୁ ॥ ବସି ବସି ମୁଁ ତାହା ହିଁ ଭାବୁଥିଲି–ମୁଁ କେବେ ପାରିବି ।

ଜୟନ୍ତ ॥ (ହତାଶ ଭଙ୍ଗୀରେ ନିଜେ ସିଗାରେଟ୍ ମୁହଁରେ ଧରି ଆଉ ଖଣ୍ଡେ ଅତନୁ ଆଡ଼କୁ ବଢ଼ାଇ)...ନେ ।

ଅତନୁ ॥ କ'ଣ ମୋ ପାଇଁ ଗୋଟାଏ ପରୀକ୍ଷା ?

ଜୟନ୍ତ ॥ Sorry । ମୋର ମୋଟେ ଖିଆଲ ରହୁନି ଯେ, ତୁ ସିଗାରେଟ୍ ଖାଉନା । କାମ ଭିତରେ ପଶିଗଲେ, ମୁଁ ଦୁନିଆକୁ ଭୁଲିଯାଏ ଭାଇ । ପୁଣି ଯେତେବେଳେ ଏ ସବୁ କଥା ଭାବେ–ସତରେ ଅତନୁ, ମତେ କାହିଁକି ଯେମିତି ସବୁ କିଛି ବିଷାକ୍ତ ବୋଧହୁଏ ।

ଅତନୁ ॥ କବିର ମନ ବିଷାକ୍ତ ନ ହୋଇ ସବୁବେଳେ ପ୍ରଫୁଲ୍ଲ ହେବା ଦରକାର । କାରଣ ତାକୁ ବାସ୍ତବତାର ଚିତ୍ର ଅଙ୍କନ କରିବାକୁ ହେବ ।

ଜୟନ୍ତ ॥ ଅତନୁ ! Please stop it.

ଅତନୁ ॥ କାହିଁକି ?

ଜୟନ୍ତ ॥ ତୋ ମୁହଁରେ ଏକଥା ଶୋଭା ପାଏନା ।

ଅତନୁ ॥ (ହସ ହସ ମୁହଁରେ) ପତ୍ର ପତ୍ରିକାରେ ଉଚ୍ଚ ପ୍ରଶଂସିତ କବିଙ୍କ ପକ୍ଷେ– 'କବି' ଆଖ୍ୟା ସ୍ପୃହଣୀୟ ନୁହେଁ ଜାଣିଲେ–ଲୋକେ ହସିବେ ।

ଜୟନ୍ତ ॥ ଲୋକେ ?

ଅତନୁ ॥ ହଁ ।

ଜୟନ୍ତ ॥ ଲୋକଙ୍କଠାରୁ ସବୁକଥା ଶୁଣି ମୁଁ ସହିବାକୁ ପ୍ରସ୍ତୁତ ଅଛି–ହେଲେ ତୋ ଠାରୁ ନୁହେଁ । ତୋର ମନେ ରଖିବା ଉଚିତ୍ ଯେ ତୁ ମୋର ବଂଧୁ । ଅତୀତରୁ ବ ର୍ତ୍ତମାନ ପର୍ଯ୍ୟନ୍ତ ଆମର ଭୂମିକା ସମାନ୍ତରାଳ ଗତିରେ ଚାଲିବା ଉଚିତ ।

ଅତନୁ ॥ ବନ୍ଧୁତାର ସମରେଖାରୁ ମୁଁ ତା କୋଉଠି ତଳକୁ ନଇଁ ପଡ଼ିନି ଜୟନ୍ତ– କି ଉପରକୁ ଉଠିବାକୁ ବି ଚେଷ୍ଟା କରିନି । ବରଂ ତୁ ତ୍ୟାଗ ଆଦର୍ଶର ପୁଞ୍ଜି ଦେଇ, ବହୁତ ଉପରକୁ ଉଠି ଯାଇଚୁ ।

ଜୟନ୍ତ ॥ ମୁଁ ? ପୁଣି ତୋ ପାଖରେ... ?

ଅତନୁ ॥ ମୋର ମନେହୁଏ, ଏମିତି ଗୋଟାଏ ସମୟ ଆସିବ, ଯେତେବେଳେ ତୋ ପାଖକୁ ଆଉ ମୋ ହାତ ପାଇବନି ।

ଜୟନ୍ତ ॥ ଭୁଲ୍ । ଠିକ୍ ଓଲଟା କଥା ତୁ କହି ବସିଛୁ । ଦିନକୁ ଦିନ ଡାକ୍ତର ଅତନୁର ସୁନାମ ଚାରିଆଡ଼େ ଯେମିତି ପ୍ରସରି ଯାଉଛି...

ଅତନୁ ॥ କିନ୍ତୁ ଅତନୁ ଏଇ ଡାକ୍ତରର ସୁଖ୍ୟାତି ପାଇଚି କାହାପାଇଁ ଜୟନ୍ତ ? ଯେତେବେଳେ ମନସ୍ତାତ୍ତ୍ୱିକ ଚିକିତ୍ସାର ଗବେଷଣା ପାଇଁ ଆଶାଧରି, ମୁଁ ଶୂନ୍ୟ ହାତରେ ବସିଥିଲି– ଆମେରିକା ଯିବାର ସ୍ୱପ୍ନକୁ ଅଳୀକ ବୋଲି ଭାବୁଥିଲି– ଠିକ୍ ସେତିକିବେଳେ ସମସ୍ତ ସାହାଯ୍ୟର ପ୍ରତିମୂର୍ତ୍ତି ସାଜି, ତୁ ଆସି ଠିଆ ହେଲୁ ମୋ ଆଗରେ । ପ୍ରତିବଦଳରେ ମୁଁ.......

ଜୟନ୍ତ ॥ (କଥାରେ ବାଧାଦେଇ)–ଥାଉ ଅତନୁ, ଅତୀତର ସେ ସ୍ମୃତି ଅତୀତରେ ରହିଯାଉ । (ଦୀର୍ଘ ନିଶ୍ୱାସ ଛାଡ଼ି)...

ଅତନୁ ॥ ଅତୀତକୁ କେହି ଛାଡ଼ି ପାରିବେନି ଭାଇ !

ଜୟନ୍ତ ॥ ଛାଡ଼; ବହୁତ ପଇସା ମୁଁ ଜୀବନରେ କମେଇଛି–ଆଉ କମଉଚି ମଧ୍ୟ । ହେଲେ ତୁ କହ ଅତନୁ–ସେ ସମସ୍ତ ଧନ ନେଇ, ମୁଁ କ'ଣ ଜୀବନରେ ଶାନ୍ତି ପାଇପାରିଲି ?

ଅତନୁ ॥ ଅଶାନ୍ତିଟା ପୁଣି କୋଉଠି ?

ଜୟନ୍ତ ॥ ଅମାପ ଧନ ଆଉ ଆଭିଜାତ୍ୟକୁ ସମ୍ବଳ କରି, ମୁଁ ରୀତାର ହୃଦୟକୁ ଜୟ କରିବାକୁ ଚେଷ୍ଟା କରିଥିଲି । ଆମ ଘରେ ପାଦ ଦେଲା ପରେ, ଘରର ସର୍ବମୟ କର୍ତ୍ତ୍ରୀ ହିସାବରେ ମୁଁ ତାକୁ ସମ୍ମାନ ଦେଇଥିଲି ।

ମୋର ଭଲ ପାଇବାର ସବୁକିଛି ମୁଁ ତାରି ପାଖରେ ଅଜାଡ଼ି ଦେଇଥିଲି । ହେଲେ କାହିଁକି ସେ...

—(ନୀରବ ହୋଇ ପଡ଼ିଲା ଅସମ୍ଭବଭାବେ)—

ଅତନୁ ।। ଚୁପ୍ ହେଲୁ ଯେ ?

ଜୟନ୍ତ ।। (ଦୀର୍ଘଶ୍ୱାସ ଛାଡ଼ି)-ନା । ...ସେତେବେଳେ ତୁ ଆଉ ସୁଦୂର ଆମେରିକାରେ । ଆଉ କବି ହିସାବରେ ଏ ଦେଶରେ ମୋର ସୁନାମଟା ଜମି ଜମି ଆସୁଥାଏ । ଆକସ୍ମିକ ଭାବେ ରୀତାର ବିବାହ ପ୍ରସ୍ତାବକୁ ମୁଁ ସ୍ୱୀକାର କରିନେଲି । ବିବାହ ପରେ ମୁଁ ପ୍ରଥମେ ଅନୁଭବ କଲି; ରୀତା ଯେମିତି ଏ ବିବାହରେ ଖୁଉବ୍ ସୁଖୀ । କିନ୍ତୁ...

ଅତନୁ ।। କିନ୍ତୁ ପୁଣି କ'ଣ ? ତୋର ଭଲ ପାଇବାର ପ୍ରତିଦାନ ତ ସେ ତତେ ଠିକ୍ ଭାବରେ ଦେଉଥିଲା । ତୁ ତ ପ୍ରତ୍ୟେକ ଚିଠିରେ ମୋ ପାଖକୁ ଏ ବିଷୟରେ ଲେଖୁଥିଲୁ । ଦୁହିଁଙ୍କର ବୈବାହିକ ଜୀବନ ସୁଖଶାନ୍ତିରେ...

ଜୟନ୍ତ ।। ହଁ, ସେଇ ଶାନ୍ତ ଆକାଶରେ ଗୋଟାଏ ଅଶାନ୍ତ ଝଡ଼ ହଠାତ୍ ଦେଖାଦେଇ, ଆମର ଟିକି ସବୁଜ ସଂସାରକୁ ଭାଙ୍ଗି ଚୁରମାର୍ କରିଦେଲା । ସେଇ ବ୍ୟଥାର ବିଳାପ—ରୀତାର ମାନସିକ ବିକୃତିରେ ରୂପନେଲା—ହସ ଆଉ କାନ୍ଦରେ । ତୁ କହ ଅତନୁ, ଏ ପରିସ୍ଥିତିରେ ମୁଁ ଯେ—(ବ୍ୟସ୍ତତା ଭିତରେ ସେ ଅତିଷ୍ଠ ହୋଇ ଉଠିଥିଲା)—

ଅତନୁ ॥ ସେଇ ପରିସ୍ଥିତିରେ ତୋର ସ୍ନେହର ପ୍ରଲେପ ଦେଇ ରୀତାର ହୃଦୟକୁ ଜୟ କରିବା ଦରକାର ଥିଲା । ରୀତାର ମାନସିକ ଅବସ୍ଥା ପ୍ରତି ତୋର ଆଗ୍ରହୀ ହେବା...

ଜୟନ୍ତ ॥ ଉଚିତ୍ ଥିଲା, ମୁଁ ଜାଣେ । କିନ୍ତୁ କ'ଣ କରିବି କହ ? ତୋର ଆମେରିକାରୁ ଫେରିବା ଆହୁରି କିଛି ଦିନ ବାକି ଥାଏ । ରୀତାର ଏ ଅବସ୍ଥା ଦେଖି, ତା' ଆଗକୁ ଯିବାକୁ ମୋର ଭୟ ହେଲା । ମୁଁ ତା'ଠୁ ଦୂରରେ ରହିବାକୁ ଭଲ ମନେକଲି । ସେ ବି ମତେ ଆଉ ଖୋଜିଲାନି । ତା'ପରେ...

ଅତନୁ ॥ ତା'ପରେ ମୁଁ ଫେରି ଆସିଲି...ଠିକ୍ ତିନିମାସ ପରେ । ଆଉ ରୀତାର ଚିକିତ୍ସା ଦାୟିତ୍ୱ ମୋ ଉପରେ ନ୍ୟସ୍ତ କଲୁ । ଏଇଆ ତ... ?

ଜୟନ୍ତ ॥ ହଁ... ।...କିନ୍ତୁ ସେଇ କେଇଟା ଦିନ ଯେ ମୋର କେମିତି କଟିଛି, ଏବେ ବି ସେ କଥା ଭାବିଲେ ମୋ ଦେହ ଶୀତେଇ ଉଠେ । ହଠାତ୍ କିଛି ନ ଥାଇ ରୀତା– 'କବିତା', 'କବିତା' ବୋଲି ଚିତ୍କାର କରେ । ଆଉ ଭାଓଲିନ୍ ଧରି ଯେଉଁ କରୁଣ ରାଗିଣୀର ମୂର୍ଚ୍ଛନା ତୋଳେ...

[ଜୟନ୍ତ ଠିଆହୋଇ ଆଖି ଆଗରେ ଯେମିତି ସେଇ ଦୃଶ୍ୟ ଦେଖୁଥିଲା । ତା ମୁହଁରେ ଫୁଟି ଉଠୁଥିଲା ବିଷାଦର ଅସଂଖ୍ୟ ରେଖା ।]

ଅତନୁ ॥ ତୁ ଧୈର୍ଯ୍ୟ ହରାନା ଜୟନ୍ତ । ମୋ ଉପରେ ଭରସା ରଖ ।

ଜୟନ୍ତ ॥ ସେ ଭରସା ମୋର ତୋ ଉପରେ ଅଛି ।

ଅତନୁ ॥ ତୋର ମନେ ରଖିବା ଉଚିତ, ମୁଁ ତୋର ବନ୍ଧୁ ।

ଜୟନ୍ତ ॥ ଅନ୍ତରଙ୍ଗ ବନ୍ଧୁ ।

ଅତନୁ ॥ ତୋର ଚିନ୍ତା କ'ଣ ?

ଜୟନ୍ତ ॥ ଅତନୁ ! ମୋର କାହିଁକି ଦିନକୁ ଦିନ ଆଶା ମରି ମରି ଯାଉଛି । ମୋର ମନେ ହେଉଛି–ରୀତା କ୍ରମେ ମୋଠାରୁ ଯେମିତି ଦୂରକୁ ଦୂରକୁ ଚାଲି ଯାଉଛି । ହୁଏତ ମୁଁ ତାକୁ ଆଉ ପାଇବିନି ।

ଅତନୁ ॥ (ହସି)–ଆଶା ରଖ ଜୟନ୍ତ । ଆଶାରେ ହିଁ ମଣିଷ ବଚେ । ଆଦିମ ଯୁଗରୁ ମଣିଷ ଆଶାବାଦୀ ! ମୋର ମନେ ହେଉଛି, ରୀତାର ମାନସିକ ବିକୃତିର ରହସ୍ୟ ଉଦ୍‌ଘାଟିତ ହେଇଗଲା ପରେ–ସେ ଖୁବ୍ ଶୀଘ୍ର ଭଲ ହେଇଯିବ ।

ଜୟନ୍ତ ॥ ସେଇ ଅନାଗତ ଭବିଷ୍ୟତକୁ ମୁଁ ମଧ୍ୟ ଅପେକ୍ଷା କରିବି; କିନ୍ତୁ ତୁ ମୋତେ କଥା ଦେ ।

ଅତନୁ ॥ କଥା ଦେଉଛି ।

ଜୟନ୍ତ ॥ Promise– (ଦୁହେଁ ହାତ ମିଳାଇଲେ)–

ଅତନୁ ॥ (ମୁହଁରେ ପ୍ରତିଶ୍ରୁତିର ସଙ୍କେତ)–ହେଲା ?

ଜୟନ୍ତ ॥ ତା'ହେଲେ ମୁଁ ଆସୁଚି ।

ଅତନୁ ॥ Wish you a happy night.

ଜୟନ୍ତ ॥ OK.

[ଯେଉଁ ବାଟ ଦେଇ ଆସିଥିଲା, ସେଇ ବାଟ ଦେଇ ଚାଲିଗଲା ଜୟନ୍ତ । ଅତନୁ ତା'ର ଯିବା ବାଟକୁ ଚାହିଁ ରହିଥିଲା ଏକ ଚିନ୍ତାପୂର୍ଣ୍ଣ ଦୃଷ୍ଟିରେ । ଠିକ୍ ସେଇ ପରିବେଶ ଭିତରେ ମ ଅନ୍ଧକାର ହୋଇଗଲା ।]

## ॥ ଦୁଇ ॥

[କିଛି ଦିନ ବ୍ୟବଧାନର ସୂଚନା । ମ ଆଲୋକିତ ହେଲା । ସେଇ ପରିବେଶରେ ଦେଖାଗଲା ଝରକା ଦେଇ ଘନ ଅରଣ୍ୟାନି ଆଡ଼କୁ ଚାହିଁ ରହିଛି ରୀତା । ବାହାରେ ବିଦାୟୀ ସଂଧ୍ୟାର ଛାୟା ଅନ୍ଧକାର । ଆକାଶରେ ଉଦୀୟମାନ ଚନ୍ଦ୍ର । ଜଙ୍ଗଲ ପଟରୁ ଭାସି ଆସୁଚି ଆଦିବାସୀମନଙ୍କର ସମବେତ ସଂଗୀତର ଲହରୀ । ସଂଗୀତର ତାଳେ ତାଳେ ରୀତାର ମନ ନାଚି ଉଠୁଚି । ସେ ଭାବବିହ୍ୱଳିତା । କିଛି ସମୟ ପରେ କୋଠରୀରେ ଦେଖା ଦେଲେ ଡାକ୍ତର ଅତନୁ । ସେ ରୀତାର ଖୁବ୍ ପାଖକୁ ଲାଗିଯାଇ ସେଇ ଅରଣ୍ୟ ଆଡ଼କୁ ଚାହିଁ ତା'ର ମାନସିକ ଅବସ୍ଥାକୁ ଲକ୍ଷ୍ୟ କରୁଥିଲେ ।]

ଅତନୁ ॥ (ଗୀତର ଅନ୍ତିମ ପର୍ଯ୍ୟାୟରେ ହଠାତ୍ କହି ଉଠିଲେ)—ବାସ୍ତବିକ, ଏ ଫୁଲ ସଞ୍ଜରେ ଅରଣ୍ୟର ଦୃଶ୍ୟ ଖୁବ୍ ସୁନ୍ଦର !

ରୀତା ॥ (ଆନନ୍ଦରେ)...ଡାକ୍ତର ବାବୁ ! ଆପଣ ପ୍ରକୃତିର ସୁନ୍ଦରତାକୁ ଉପଭୋଗ କରିବାକୁ ଭଲପାଆନ୍ତି ?

ଅତନୁ ॥ ସୁନ୍ଦରର ପ୍ରଶଂସା କରିବାରେ ବାଧା କେଉଁଠି ?

ରୀତା ॥ ସତରେ ଆପଣଙ୍କୁ ଏସବୁ ଭଲଲାଗେ ?

ଅତନୁ ॥ ପ୍ରତ୍ୟେକ ମଣିଷର ପ୍ରାଣରେ ସୌନ୍ଦର୍ଯ୍ୟ ପ୍ରେମ ରହିଛି ରୀତା ! ମୁଁ ଛୁରୀ କଇଁଚି ଚଳାଇଲି ବୋଲି କ'ଣ ମୋ ମନରୁ ସେ ପ୍ରେମ ମରିଯିବ ? (ହସ ହସ ମୁହଁରେ)...ଡାକ୍ତର ତ ଗୋଟାଏ ରକ୍ତ ମାଂସଧାରୀ ମଣିଷ ।

ରୀତା ॥ କିନ୍ତୁ... ?

ଅତନୁ ॥ କିନ୍ତୁ କ'ଣ ? ଏଇ ଦେଖ ତ—ବସନ୍ତର ଆଗମନ ପୂର୍ବରୁ ଏ ବଣ ଭୂଇଁ କେମିତି ହସି ଉଠୁଛି ? କାହିଁ କେତେ ଦୂରରୁ ଶାଳ ଫୁଲର ମନମତାଣିଆ ବାସ୍ନା ଭାସି ଆସୁଛି । ଓଟକୁଜ ଭଳି ପାହାଡ଼ଟା ମେ । ମେ । କାଳିମା ବୋଳି ହୋଇ, ସନ୍ଧ୍ୟାକୁ ଅଭିବାଦନ ଜଣାଉଛି । ଆଉ ଘଡ଼ିକ ପରେ ଚନ୍ଦ୍ର ଆସିବ, ଅରଣ୍ୟର ମଥାନ ଉପରେ ସ୍ନିଗ୍ଧ ଆଲୋକର ଫୁଲ ବୁଣି ବୁଣି...

ରୀତା ॥ ଆଃ ! ଚମତ୍କାର !!

ଅତନୁ ॥ କ'ଣ ?

ରୀତା ॥ (ଆଶ୍ଚର୍ଯ୍ୟ ବିହ୍ୱଳିତ କଣ୍ଠରେ)...ଡାକ୍ତରବାବୁ ! ଆପଣ ଟିକିଏ ଅପେକ୍ଷା କରନ୍ତୁ ତ—ମୁଁ ଭାଓଲିନ୍‌ଟା ନେଇ ଆସେ ।

ଅତନୁ ॥ କାହିଁକି ?

ରୀତା ॥ (ହଠାତ୍ ଚିନ୍ତିତ ହୋଇପଡ଼ି)—ସତରେ ଡାକ୍ତର ବାବୁ ! ମୁଁ ନିଜେ କହିପାରିବିନି, କାହିଁକି ମୁଁ ଏତେ ଆନନ୍ଦରେ ଭାଓଲିନ୍ ବଜାଇବାକୁ ଚାହୁଚି । ମୋର ମନ କହୁଚି, ଆପଣ ଏଇଠି ଏମିତି ଠିଆ ହେଇ କହି ଚାଲିଥାନ୍ତେ—ଆଉ ଆପଣଙ୍କର କଥାର ଛନ୍ଦେ ଛନ୍ଦେ ମୁଁ ଭାଓଲିନ୍‌ର ରାଗିଣୀ ତୋଳନ୍ତି ।

ଅତନୁ ॥ କ'ଣ ମୋର କଥାର ଛନ୍ଦଟା ଭଲ ଲାଗିଲା—ନା, ଏ ପରିବେଶଟା ??

ରୀତା ॥ ସବୁକିଛି ।...

ଅତନୁ ॥ ସବୁକିଛି ?

ରୀତା ॥ ହଁ ମୋର ମନେ ହେଉଥିଲା, ସତେ ଯେମିତି କିଏ ମୋର ହାତ ଧରି ଅନ୍ଧାରୁଆ ଗୁମ୍ଫା ଭିତରୁ ଆଲୋକର ଅରଣ୍ୟ ଭିତରକୁ ନେଇ ଯାଉଚି । ଆଉ...

ଅତନୁ ॥ ଆଉ... ?

ରୀତା ॥ (କ'ଣ ଭାବି)–ଆଚ୍ଛା ଡାକ୍ତର ବାବୁ ! ଆପଣ ଗୀତ ଗାଆନ୍ତି ?

ଅତନୁ ॥ ଗୀତ ? (ହଠାତ୍ କିଛି ଭାବି ନେଇ)–ହଁ–ହଁ, ମୁଁ ଗୀତ ଗାଏ । ହେଲେ...

ରୀତା ॥ ହେଲେ ପୁଣି କ'ଣ ?

ଅତନୁ ॥ ମାନେ ମୁଁ କାହାରି ଆଗରେ ଗାଇବାକୁ ଭଲ ପାଏନା । ବାଥ୍‌ରୁମ୍ ସିଙ୍ଗର୍ କହିପାର । କାରଣ ମୋ ସ୍ୱରଟା...

[ହସ-ଲାଜମିଶା ଭଙ୍ଗୀରେ ରୀତା ଅତନୁର ଟେବୁଲ ଉପରକୁ ଦୃଷ୍ଟି ନିକ୍ଷେପ କରିଛି । ହଠାତ୍ ସେ ଅତନୁର ଟେବୁଲ ଉପରୁ ଆବିଷ୍କାର କରିଛି ଗୋଟାଏ କବିତା । କବିତାଟି ଦେଖି...]

ରୀତା ॥ ଆରେ..., ଆପଣ କବିତା ବି ଲେଖନ୍ତି ?

ଅତନୁ ॥ ଏଁ... ? ନା, ମୁଁ ଲେଖେନା–ପଢ଼େ । ପଢ଼ିବାକୁ ଭାରି ଭଲପାଏ ।

ରୀତା ॥ କିନ୍ତୁ...ଏ କବିତା !!

ଅତନୁ ॥ ଏ କବିତାଟି ମୋର ବନ୍ଧୁ ଜୟନ୍ତର ।

ରୀତା ॥ (ଘୃଣାମିଶା ସ୍ୱରରେ)...ଡାକ୍ତର !!!

ଅତନୁ ॥ ହଁ, ତୁମ ସ୍ୱାମୀଙ୍କର ।

ରୀତା ॥ ଡକ୍‌ଟର ! (କାନରେ ହାତ ଦେଇ) ...Please, କୁହନ୍ତୁ କବି ଧୂର୍ଜଟୀଙ୍କର ।

ଅତନୁ ॥ ହେଲେ, ଧୂର୍ଜଟୀ ତ ନିଜେ ଜୟନ୍ତ !

ରୀତା ॥ ଜାଣେ...

ଅତନୁ ॥ ତଥାପି

ରୀତା ॥ ତଥାପି ମୁଁ... । ମୁଁ... ? ନା–ନା ଡାକ୍ତର, ସେ କିଛି ନୁହେଁ –ସେ କିଛି ନୁହେଁ...

[ପାଗଳୀ ଭଳି ପାଟିକରି ସେ ତା'ର କୋଠରୀ ଭିତରକୁ ପଳାଇଗଲା । ହତବାକ୍ ହୋଇ ଡାକ୍ତର ତାକୁ ଚାହିଁରହିଥିଲେ । ଭାବୁଥିଲେ ସତ୍ୟର ଚାବିକାଠି ବିଷୟରେ ।]

ପ୍ରଫେସର ॥(ଭିତରୁ ପଢ଼ି ପଢ଼ି ପଶି ଆସିଲେ)–

ସର୍ବ ଧର୍ମାନ୍ ପରିତ୍ୟାଜ୍ୟ

ମାମେକଂ ଶରଣଂ ବ୍ରଜ ।

ଅହଂ ତ୍ୱାଂ ସର୍ବ ପାପେଭ୍ୟୋ

ମୋକ୍ଷୟିଷ୍ୟାମି ମା ଶୁଚଃ ।

ଅତନୁ ॥ (ବ୍ୟାଖ୍ୟାକାର ଭଙ୍ଗୀରେ)–ଶୋଚନା କର ନାହିଁ । ମୁଁ ତୁମକୁ ସବୁ ପାପରୁ ମୁକ୍ତ କରିବି ।

ପ୍ରଫେସର ॥(ଲକ୍ଷ୍ୟ ନ କରି) ତମେ ?–ତମେ ପାରିବ ? ଏ ମଣିଷ ସମାଜରୁ ତମେ ହିଂସା, ଦ୍ୱେଷ, ପରଶ୍ରୀକାତରତା, ବିଶ୍ୱାସଘାତକତାକୁ ଦୂର କରିଦେଇ ପାରିବ ?

ଅତନୁ ॥ ପାରିବି ।

ପ୍ରଫେସର ॥(ଦୃଢ଼ କଣ୍ଠରେ)–ନା–ନା–

ଅତନୁ ॥ ପ୍ରଫେସର ପରିଡ଼ା ! ଆପଣ...

ପ୍ରଫେସର ॥ମୁଁ ଜାଣେ, ତମେ ପାରିବନି । ତମେ ଦେହର ରୋଗକୁ ଭଲ କରିଦେଇପାର ଡାକ୍ତର–ହେଲେ ମନର ରୋଗକୁ ନୁହେଁ । ପ୍ରତ୍ୟେକ ମଣିଷ ଶରୀରର ଚର୍ମମାଂସ ତଳେ, ଯେଉଁ ଅନାଦି ସଂକ୍ରାମକ ବ୍ୟାଧି ରହିଛି, ତାକୁ କେହି ଭଲ କରି ପାରିନାହାନ୍ତି ।

ସିଷ୍ଟର ॥ (ପ୍ରବେଶି)–ପ୍ରଫେସର ପରିଡ଼ା ! ଟିକିଏ ଛାଡ଼ି ଯାଉ ଯାଉ, ଆପଣ ଉଠି ଆସିଲେ ? ଚାଲନ୍ତୁ ନା ବେଡ୍‌କୁ ।

ପ୍ରଫେସର ॥ଓଃ ! ବେଡ୍-ବେଡ୍-ବେଡ୍ !!!...ଖାଲି ବେଡ୍–କେତେଦିନ ଆଉ ସମୟର ଶଯ୍ୟାପରେ ଚପଳ ଶିଶୁଟିଏ ହୋଇ ଶୋଇରହିବି ? ନା, ମୋତେ ବିପ୍ଳବ କରିବାକୁ ହେବ । ବିଜ୍ଞାନୀ ପୁରାତନକୁ ଧରି ବସି ରହେ ନା । ସେ ଚାହେ ନୂତନର ଆବିଷ୍କାର ।

ସିଷ୍ଟର ॥ ଆଃ, ଚାଲନ୍ତୁ ନା ।

ପ୍ରଫେସର ॥(ସିଷ୍ଟର୍‌କୁ ଲକ୍ଷ୍ୟ କରି)–ଚୁପ୍‌କର ନିର୍ମମ ଧରିତ୍ରୀ ! ତୋର ଉପଦେଶ ମାନିବାକୁ ଆଜି ଚନ୍ଦ୍ରଯାତ୍ରୀ ପ୍ରସ୍ତୁତ ନୁହେଁ । ମାଟି ମାଆର ଆହ୍ୱାନକୁ ଏଡ଼ି ସେ ଯିବାକୁ ଚାହେ ଜହ୍ନମାମୁ ରାଜ୍ୟକୁ । ଆଉ ହୁଏତ କେଇ ବର୍ଷ ପରେ...

ଅତନୁ ॥ ଆପଣଙ୍କର ଗବେଷଣା ସଫଳ ହେବ ।

ପ୍ରଫେସର ॥ହଁ, କିନ୍ତୁ ତମେ ଜାଣିଲ କେମିତି ?

ଅତନୁ ॥ ଆପଣଙ୍କର ସେହି ବନ୍ଧୁଙ୍କଠାରୁ–ଯିଏ ଆପଣଙ୍କ ସହ ଗବେଷଣା କରୁଥିଲେ ।

ପ୍ରଫେସର ॥ଯିଏ...ମୋ ସଙ୍ଗରେ...ଗବେଷଣା କରୁଥିଲେ ? ଯିଏ...

ଅତନୁ ॥ ହଁ ।

ପ୍ରଫେସର ॥କିନ୍ତୁ ତା' କଥା ଉପରେ ତମେ ନିର୍ଭର କରିବନି ଡକ୍‌ଟର । ତା ହୃଦୟରେ ବିଷ ଅଛି...ବିଷ । ଆଦିମ ବନ୍ୟତାର ସେ ଗୋଟାଏ ମୂ ର୍ତ୍ତ ପ୍ରତୀକ । ମୋର ସମସ୍ତ ଚିନ୍ତାକୁ ସେ...(ତାଙ୍କ ଆଖିରେ ଘୃଣାର ବାଦଲ ପିଟିହୋଇ ଯାଉଥିଲା ଯେମିତି ।)–

ଅତନୁ ॥ କ'ଣ ହେଲା ?

ପ୍ରଫେସର ॥ନା...ନା...ନା...

ଅତନୁ ॥ ଆପଣ ବ ର୍ତ୍ତମାନ ରେଷ୍ଟ୍ ରୁମ୍‌କୁ ଯାଆନ୍ତୁ ପ୍ରଫେସର । ଆପଣଙ୍କର ବିଶ୍ରାମ ଦରକାର ।

ପ୍ରଫେସର ॥ଏଁ ... ?...ହଁ, ତମେ ଠିକ୍ କହିଛ । I want rest –ମୁଁ ବଡ଼ କ୍ଳାନ୍ତ । ମୋର ବିଶ୍ରାମ ଦରକାର ।

ସିଷ୍ଟର ॥ ଚାଲନ୍ତୁ ।

[ପ୍ରଫେସରଙ୍କୁ ନେଇ ସିଷ୍ଟର ଭିତରକୁ ଚାଲି ଯାଉଥିଲେ । ପଛରୁ ଡାକିଲେ ଡାକ୍ତର–]

ଅତନୁ ॥ ପ୍ରଫେସରଙ୍କୁ ରେଷ୍ଟ୍ ଦେଇ ଟିକିଏ ଶୁଣିଯିବ ସିଷ୍ଟର୍ ।

ସିଷ୍ଟର ॥ (ଭିତରୁ)—ହଉ ସାର୍ !

[ଅତନୁ କ'ଣ ଭାବି ପଦଚାରଣ କରୁଥିଲେ । ଏଇ ସମୟରେ ଉପର ସିଡ଼ିରେ ଦେଖାଦେଲା ଗୋଟିଏ ଆଠ ଦଶ ବର୍ଷର କିଶୋରୀ ।]

ବେବି ॥ ଡକ୍‌ଟର ଅଙ୍କଲ୍ !

ଅତନୁ ॥ ଆରେ, ବେବି !...ଆ...ଆ...

ବେବି ॥ (ଆସି) ଅଙ୍କଲ୍ !

ଅତନୁ ॥ କ'ଣ ହେଲା ବେବି ?

ବେବି ॥ (ଧୀର କଣ୍ଠ ଓ ବିସ୍ତାରିତ ନେତ୍ରରେ)—ଡାଡ଼ୀ ପୁଣି ମଦ ପିଉଛନ୍ତି ଅଙ୍କଲ୍ !

ଅତନୁ ॥ ମଦ... ?

ବେବି ॥ ହଁ ଅଙ୍କଲ୍ । ତମେ ଆସ ନା—

ଅତନୁ ॥ ଆଚ୍ଛା ଚାଲ୍...ଚାଲ୍ ।

[ଅତନୁ ବେବି ସହିତ ସିଡ଼ିରେ ଉଠିଗଲେ ଉପରକୁ । କିଛି ସମୟ ପାଇଁ କୋଠରୀଟି ନୀରବ ରହିଲା ତା'ପରେ ଦେଖାଗଲା ବାହାରୁ ଜଣେ ବିଷଣ୍ଣ ଅଥଚ ବେଶ୍ ସୁସ୍ଥ ଶରୀରଧାରୀ ବ୍ୟକ୍ତି ପ୍ରବେଶ କଲେ କୋଠରୀ ଭିତରକୁ । ସେ ଜଣେ ବାକ୍‌ଶକ୍ତିହୀନ ମିଲେଟାରୀ ଅଫିସର । ଚାରିଆଡ଼କୁ ନିର୍ନିମେଷ ନୟନରେ ସେ ଚାହିଁବାବେଳେ ତିନି ନମ୍ବର କୋଠରୀପଟୁ ଭିତରୁ ଆସିଲା ହରି ।]

ହରି ॥ ହରିବୋଲ !

ବୀର ॥ ଆ...ଏ... ! (ହୋ ବାବୁ !)

ହରି ॥ (ଚମକିପଡ଼ି)...ହରିବୋଲ, ମଲା ମଣିଷ ।

ବୀର ॥ ଆ...ଏ...ଏ ?

(ଡାକ୍ତରବାବୁ କାହାନ୍ତି ?)

ହରି ॥ ଏଁ... ? କିଏ ତୁମେ ମହାତ୍ମା ?

ବୀର ॥ ଓ...ଉ...ଉ...ଆ...ଏ...ଏ ?

(ଆହେ, ଡାକ୍ତରବାବୁ କାହାନ୍ତି ?)

ହରି ॥ (ସେଇଭଳି କହି ମନାକରିବା)...ଆ...ଏ...ଏ...ଇ...ଇ... ।

(ରାଗିଯାଇ) ଆଃ... !

ବୀର ॥ ଉ...ଉ...ଉ... ?

(ଯାଃ !...କହ, କୁଆଡ଼େ ଯାଇଛନ୍ତି ସେ ?)

ହରି ॥ ହରିବୋଲ୍ ! ଆଚ୍ଛା ମୁସ୍କିଲରେ ପଡ଼ିଲା ମଣିଷ ? ୟାବ୍ ଏଇଟା ଗୋଟାଏ ଚିଡ଼ିଆଖାନା ହେଇଗଲା । କୁଆଡୁ ଯେ ଏଗୁଡ଼ାକ ଗଡୁଛନ୍ତି ?

ବୀର ॥ (ରାଗି) ହେ...ଏ...ଇ...ଉ ।

(ସେମିତି ଗୁଡ଼ା କ'ଣ କହୁଛୁ ? ମାରିବି ଯେ...)

ହରି ॥ ଆଃ ! ନାଇଁ...ନାଇଁ ସେ କାମ କରନା । ଏ ଅଧମକୁ ରକ୍ଷାକର ପ୍ରଭୁ ।

ସିଷ୍ଟର ॥ (ପ୍ରବେଶି) ଆରେ ଆରେ...ରେ ! ଇଏ କ'ଣ !

ହରି ॥ (ଉଠି ସାବିତ୍ରୀକୁ ଚାହିଁ)...ନୂତନ ଦେବତାଙ୍କର ଆବିର୍ଭାବ ହେଇଛି ସାବିତ୍ରୀ । ଚିଡ଼ିଆଖାନାର ସଭ୍ୟ ସଂଖ୍ୟା ବଢ଼ିଛନ୍ତି ।

ବୀର ॥ ଆଃ ! ଉ...ଉ...ଉ–(ବିରକ୍ତିଭାବ ହରିପ୍ରତି)–

ସିଷ୍ଟର୍ ॥ ଆପଣ ଡାକ୍ତର ବାବୁଙ୍କ ପାଖକୁ ଆସିଛନ୍ତି ?

ବୀର ॥ ଅ...ଅ (ହଁ-ହଁ)–

ସିଷ୍ଟର୍ ॥ ଆପଣ ଏଇଠି ବସନ୍ତୁ । ସେ ଉପରୁ ଆସୁଛନ୍ତି ।

ହରି ॥ ହରିବୋଲ ! କେବଳ ଆସନ ନୁହେଁ ସାବିତ୍ରୀ–ପ୍ରାରମ୍ଭିକ ପୂଜା ପଦ୍ଧତି ମଧ୍ୟ ଆରମ୍ଭ କରିଦିଅ । ମୁଁ କିନ୍ତୁ ଏଠୁ ଚାଲିଲି !

ସିଷ୍ଟର୍ ॥ କୁଆଡ଼େ ?

ହରି ॥ ଚନ୍ଦ୍ରକୁ ।

ସିଷ୍ଟର୍ ॥ ମାନେ ?

ହରି ॥ ମାନେ ପିତୃପୁରୁଷଙ୍କ ପାଖକୁ ଓଷଦ ଧରି...

ସିଷ୍ଟର୍ ॥ (ହସି)...ପ୍ରଫେସର୍ ପରିଜାଙ୍କ ପାଖକୁ ତ ?...

(ଘ ।ଦେଖି) ହଁ, ସମୟ ହେଇଗଲାଣି ।

ହରି ॥ (ଯାଉ ଯାଉ) ମୋର ବି ସମୟ ହେଇଗଲାଣି–

ଏଠି ଆଉ ବେଶୀଦିନ ନୁହେଁ ।

ବୀର ॥ ଅଃ...ଅଃ (ଯା–ଯା–)–

ହରି ।। ଆ...ଆ...ମାଇଲା । (ଭୟରେ ଚାଲିଗଲା ତିନି ନମ୍ବର କୋଠରୀକୁ)–

ସିଷ୍ଟର୍ ।। ଆପଣ କଥା କହି ପାରନ୍ତି ନି ?

ବୀର ।। (ମୁଣ୍ଡ ହଲାଇ ନାହିଁ କଲା)–

ସିଷ୍ଟର୍ ।। କ'ଣ ପିଲାଦିନରୁ ?

ବୀର ।। ଆ...ଏ...(ନାହିଁ-ନାହିଁ...)

–(ମୁଣ୍ଡ ହଲାଇଲା)–

ସିଷ୍ଟର୍ ।। ଅନ୍ତତଃ କେବେଠାରୁ ?

ବୀର ।। (ଆଙ୍ଗୁଠିରେ ଚାରି ନିର୍ଦ୍ଦେଶ କରି) ଆ...ଏ...ଏ... ।

ସିଷ୍ଟର୍ ।। ଓ, ଚାରିବର୍ଷ ତଳେ ?

ଅତନୁ ।। (ସିଢ଼ିରୁ)...ଚାରିବର୍ଷ ତଳେ କ'ଣ ହେଲା ସିଷ୍ଟର୍ ?

ସିଷ୍ଟର୍ ।। (ଉଠିପଡ଼ି) ସାର୍...ଏଇ... ।

ବୀର ।। (ସାଲ୍ୟୁଟ୍ କରି)...ଉ...ଉ ।

ଅତନୁ ।। ବସନ୍ତୁ । କେଉଁଠୁ ଆସିଛନ୍ତି ଆପଣ ?

ସିଷ୍ଟର୍ ।। ସାର୍, ସେ ବାକ୍-ଶକ୍ତିହୀନ ।

ଅତନୁ ।। ବାକ୍-ଶକ୍ତିହୀନ ? ତା'ହେଲେ...(କାଗଜ କଲମ ଧରାଇ) ଆଚ୍ଛା, ଆପଣଙ୍କ ନାଁ ?

ବୀର ।। (ଲେଖିଦେଲା)–

ଅତନୁ ॥ ଠିକ୍ ଅଛି । ସିଷ୍ଟର !...ନା, ତମେ ଏଠି ରୁହ । ହରି ! ହରି !!

ହରି ॥ (ଭିତରୁ) ଗଲି ସାର୍ ।

[ଏଇ ସମୟରେ ସିଢ଼ିରେ ତଳକୁ ଆସୁଥିଲା ବେବି । ଅତନୁ ତାକୁ ଦେଖିପାରି ପାଖକୁ ଡାକିଲା ।]

ଅତନୁ ॥ ଆ ବେବି !

ବେବି ॥ (ପାଖକୁ ଯାଇ) ଡକ୍ଟର ଅଙ୍କଲ୍ ! ଡାଡୀ ମୋର କେବେ ଭଲ ହେବେ ?

ଅତନୁ ॥ (ସ୍ନେହପୂର୍ଣ୍ଣ କଣ୍ଠରେ)–ଖୁବ୍ ଶୀଘ୍ର ଭଲ ହୋଇଯିବେ । ତୁ କିଛି ଚିନ୍ତା କରନା–

ହରି ॥ (ପ୍ରବେଶି)–ସାର୍ !

ଅତନୁ ॥ ଏ ବାବୁଙ୍କୁ ନେଇଯାଅ ନଅ ନମ୍ବର କୋଠରୀକୁ–

ହରି ॥ ସାର୍ ! ମୁଁ ନେବି ସାର୍ ?

ଅତନୁ ॥ ହଁ ।

ବୀର ॥ ଏ...ଇ...ଇ । (ନା–ନା–ସେଇଟା ଖରାପ ଲୋକ ।)

ହରି ॥ ହରିବୋଲ୍ ! ଏଇ, ରୋଗ ଆରମ୍ଭ ହେଇଗଲା ସାର୍ ।

ଅତନୁ ॥ (ରାଗି) ହରି !

ହରି ॥ ସାର୍... ! (ବୀର ପ୍ରତି) ଆସନ୍ତୁ ଆଜ୍ଞା । ମୋ'ପଛେ ପଛେ ଆସନ୍ତୁ । ଧୀରେ...ଧୀରେ...

ଅତନୁ ॥ ଏଠି ମୋ ଅଣ୍ଡର୍‌ରେ ଚିକିତ୍ସିତ ହେବାକୁ ଚାହାନ୍ତି ?

ବୀର ॥ (ମୁଣ୍ଡ ହଲାଇ ସମ୍ମତି ଜଣାଇଲା) ଅ...ଅ... ।

ଅତନୁ ॥ କିନ୍ତୁ ଏଥିପାଇଁ...

ବୀର ॥ ଆ...ଏ...ଏ (ଚିନ୍ତା ନାହିଁ) ।

(ପକେଟରୁ ଚେକ୍ ବହି କାଢ଼ି ଦେଖାଇଲା)

ଅତନୁ ॥ ଆଚ୍ଛା ହେଉ ।

ବୀର ॥ ଆ–ଏ... । ଏ...ଏ...ଉ...ଏ... । ଏ...ଏ...ଉ... (ଆଜ୍ଞା, ଯେତେ ପଡୁପଛେ ମୁଁ ଦେବି । ମୁଁ ଭଲ ହେବାକୁ ଚାହେ ।)

ଅତନୁ ॥ ଚାରିବର୍ଷ ତଳେ ଆପଣ ମୂକ ହୋଇ ଯାଇଛନ୍ତି ? ଆଚ୍ଛା କେମିତି ଏ ଘଟଣା ଘଟିଲା ?

ବୀର ॥ (ଲେଖିଦେଲା)–

ଅତନୁ ॥ ଯୁଦ୍ଧରେ–ଆଚ୍ଛା ହେଉ । ଆପଣ ସିଷ୍ଟର ସାଙ୍ଗରେ ଉପରକୁ ଯାଆନ୍ତୁ । ଦେଖନ୍ତୁ, ଆପଣଙ୍କୁ ଏଠିକାର ନିୟମ ପ୍ରତି ସବୁବେଳେ ସତର୍କ ରହିବାକୁ ପଡ଼ିବ ।

ବୀର ॥ ଅ...ଅ...(ହେବି)– ।

ଅତନୁ ॥ ଯେପର୍ଯ୍ୟନ୍ତ ଆରୋଗ୍ୟ ନ ହେଇଛନ୍ତି–ପୂର୍ଣ୍ଣ ବିଶ୍ୱାସ ରଖି ଆପଣ ଏଠି ରହିବେ । ଆପଣ ଯାଇ ରେଷ୍ଟ ନିଅନ୍ତୁ–ମୁଁ ଠିକ୍ ସମୟରେ ଆପଣଙ୍କ ଚିକିତ୍ସା ଆରମ୍ଭ କରିବି । ହେଲା ?

ବୀର ॥ ଅ...ଅ...(ହଁ)

ବୀର ॥ ଏ...ଏ...ଇ– । ଏ–ଏ–

(ହେକ୍ । ଏମିତି ଚାଲ ।)

ହରି ॥ ହରିବୋଲ୍ !

ବୀର ॥ (ଆଦେଶ ଦେଉଥିଲେ ଚିତ୍କାର କରି କରି)–

[ନଇଁ ନଇଁ ପାଛୋଟି ନେବା ଠାଣିରେ ହରି ଯିବାକୁ ଚାହିବାରୁ ବୀର ମିଲେଟାରୀ କାଇଦାରେ ତାକୁ ଯିବାକୁ ଆଦେଶ ଦେଲା । ନିଜେ 'ଲେଫ୍ଟ ରାଇଟ୍' ପାଦ ପକାଇ ହରିକୁ ସେମିତି ଯିବାକୁ ବାଧକଲା । ସମସ୍ତେ ହସୁଥିଲେ । ହରି ଡାକ୍ତର ବାବୁଙ୍କ ଠାରୁ ଅନୁମତି ଇଙ୍ଗିତରେ ଚାହିଁବାରୁ–ଡାକ୍ତର ବୀର କଥା ଅନୁସାରେ ଯିବାକୁ କହିଲେ । ସେମାନେ ଉପରକୁ ଚାଲିଲେ ।]

ଅତନୁ ॥ ସିଷ୍ଟର୍ !

ସିଷ୍ଟର୍ ॥ ସାର୍ !

ଅତନୁ ॥ ରୀତାର ମନର ଅବସ୍ଥାକୁ ଲକ୍ଷ୍ୟ କରିଛ ?

ସିଷ୍ଟର୍ ॥ ହଁ । ସେ ଆଜି ବସିରହି ବହି ପଢୁଛନ୍ତି ।

ଅତନୁ ॥ ସତେ ? କି ବହି ??

ସିଷ୍ଟର୍ ॥ ସେ କବିତା ବହି ମାଗୁଥିଲା । କିନ୍ତୁ ମୁଁ କହିଲି, ଧୂର୍ଜଟୀଙ୍କ କବିତା ବ୍ୟତୀତ ଏଠି ଅନ୍ୟ କିଛି ବହି ନାହିଁ । ତା'ପରେ ଖଣ୍ଡିଏ ଉପନ୍ୟାସ ଦେଇଛି ।

ଅତନୁ ॥ ଠିକ୍ କରିଛ । କବିତା ବହି ଦେବନି । କାରଣ କବିତା ପଢ଼ିଲେ ତାଙ୍କର ଭାଓଲିନ୍ ବଜାଇବାକୁ ପ୍ରାଣ କାନ୍ଦିବ । ଆଉ ସେ ଆତ୍ମହରା

ହୋଇପଡ଼ିବାର ସମ୍ଭାବନା ରହିଚି । ତମେ ଆଜି ସନ୍ଧ୍ୟାରୁ ଭାଓଲିନ୍ ସ୍ୱର ଶୁଣିଛ ?

ସିଷ୍ଟର୍ ॥ ନା ସାର୍ ।

ଅତନୁ ॥ ଆଚ୍ଛା ହଉ–ତମେ ଯାଅ ।

ସିଷ୍ଟର୍ ॥ (ଯାଉ ଯାଉ ଫେରି)–ପିନାକୀ ବାବୁଙ୍କର କାଲି ଅପରେସନ ହେବ ତ ?

ଅତନୁ ॥ ନା, ଆହୁରି କିଛିଦିନ ବାଧ ହୋଇ ଅପେକ୍ଷା କରିବାକୁ ପଡ଼ିବ ।

ସିଷ୍ଟର୍ ॥ କାହିଁକି ସାର୍ ?

ଅତନୁ ॥ ମଦ୍ୟପାନ ଜନିତ ବିକାର ତାଙ୍କ ମାନସିକ ସ୍ଥିତିକୁ ଇତସ୍ତତଃ କରିଦେଇଚି । ବ ୍ବାର ଆଶା ବ ର୍ମାନ ସେ ଜାଣି ଜାଣି ହରାଇଛନ୍ତି । ନିଜ ପ୍ରତି ଆଉ ତାଙ୍କର ବିଶ୍ୱାସ ନାହିଁ ।

ବେବି ॥ ଡକ୍ଟର ଅଙ୍କଲ୍ ? ଡାଡ଼ୀଙ୍କର ତେବେ... ?

ଅତନୁ ॥ (ହଠାତ୍ ଅପ୍ରସ୍ତୁତ ମନେକରି)...ଆରେ, ତୁ କିଛି ଚିନ୍ତା କରନା ବେବି । ତୋ ଡାଡ଼ୀକୁ ମୁଁ ନିଶ୍ଚୟ ଭଲ କରିଦେବି । ହେଲା ?

ବେବି ॥ ସତେ ଅଙ୍କଲ ! ତମେ ସତ କହୁଚ !!?

ଅତନୁ ॥ ହଁ...ସତ । ତୋ ଅଙ୍କଲ୍ ତତେ କ'ଣ ମିଛ କହିବ ?

ବେବି ॥ ଥାଙ୍କ୍ ୟୁ ଅଙ୍କଲ୍ !

ସିଷ୍ଟର୍ ॥ କିନ୍ତୁ ସାର୍ ତାଙ୍କୁ ତ ବାସ୍ତବରେ ମଦ ଦିଆ ହୋଇ ନ ଥିଲା । ସେ ହଠାତ୍ ଏମିତି...

ଅତନୁ ॥ ସେଇ ଅବାସ୍ତବତା ହିଁ ତାଙ୍କ ମନ ବଳକୁ ଭାଙ୍ଗି ଦେଇଛି, ସିଷ୍ଟର । ମୋର ବିଶ୍ୱାସ, ତାଙ୍କର ନର୍ମାଲ ପୋଜିସନ୍‌ରେ ଦିନେ ଆମକୁ ଅପରେସନ୍ କରିବାକୁ ହେବ ।

ରୀତା ॥ (ପଶି ଆସି) ଡାକ୍ତର । ମୋର ଏ କ'ଣ ହେଲା ?

ଅତନୁ ॥ କ'ଣ ହେଲା ?

ରୀତା ॥ ମୋର, 'ଅମାବାସ୍ୟାର ଚନ୍ଦ୍ର'କୁ ଭୟ ହେଲାଣି ।

ଅତନୁ ॥ ମାନେ ?

ରୀତା ॥ ଭାରି ଭୟ ।

ଅତନୁ ॥ ଭୟ ?

ରୀତା ॥ ବାଜେ...ନିହାତି ବାଜେ ।

ଅତନୁ ॥ କ'ଣ ?

ରୀତା ॥ ସେଇ ଉପନ୍ୟାସଟିକୁ ପଢ଼ିଲା ପରେ—ମୋର ଏ ହାତ ଦି'ଟା କ୍ରମେ କ୍ରମେ ଅବଶ ହୋଇ ପଡୁଛନ୍ତି । ଭାଓଲିନ୍ ପାଖକୁ ମୋ' ହାତ ଆଉ ଚଳୁନି । 'କାଉଲ୍' ଏଡ଼େ ନିଷ୍ଠୁର ହେଇପାରେ ।

ଅତନୁ ॥ (ହସି କିନ୍ତୁ ସେଇ ପାଗଳିନୀ ନାରୀ କ'ଣ ନିର୍ବୋଧ ନୁହେଁ—ଯିଏ 'କାଉଲ୍' ପରି ନାୟକର ହୃଦୟକୁ ଚିହ୍ନି ପାରିଲାନି ?

ରୀତା ॥ ଡାକ୍ତର ! ମୁଁ ଆଉ ସେ ଉପନ୍ୟାସ ପାଖକୁ ଯିବାକୁ ଚାହେଁ ନା । ମୁଁ ଚାହେଁ କବିତା । ଭାଓଲିନ୍‌ର ସ୍ୱରେ ସ୍ୱରେ ମୁଁ କବିର କଥାକୁ ଗାଇବାକୁ ଚାହେଁ ।

ବେବି ॥ ତମେ ଗୀତ ଗାଇ ଜାଣ ଦିଦି ?

ରୀତା ॥ (ହଠାତ୍ ବେବି ଆଡ଼କୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁରହିଲା । ତା'ପରେ ଆଖିରେ ଉଲ୍ଲାସର ସୂଚନା ଦେଇ ପ୍ରଶ୍ନ କଲା)...ଦିଦି !!...ମୁଁ ... ତୋର ଦିଦି !!

ବେବି ॥ ହଁ, ତମେ ତ ମୋର ଦିଦି ! ନା, ଡକ୍ଟର ଅଙ୍କଲ୍ ?

ଅତନୁ ॥ ହଁ ହଁ...

ରୀତା ॥ ତୁ ଗୀତ ଗାଇ ଜାଣୁ ?

ବେବି ॥ (ମୁଣ୍ଡ ନଇଁ)...ହୁଁ ।

ରୀତା ॥ (ଉପସ୍ଥିତ ସ୍ଥାନ ଭୁଲି ଆନନ୍ଦରେ ନାଚିଉଠି କହିଲା)–ବେବି, ମୋର ସୁନା ଭଉଣୀ ! (ଗେଲକରି) ଗୋଟାଏ ଗୀତ ଗାଇଲୁ ?

ବେବି ॥ ଏଇନା... ?

ରୀତା ॥ ହଁ...

ବେବି ॥ ଡକ୍ଟର ଅଙ୍କଲ୍ !

ଅତନୁ ॥ ଗାଆ ଗୋଟାଏ ଗୀତ ।

ବେବି ॥ (ଲାଜ ଲାଜ ଭାବ ପ୍ରକାଶ କରିବା)...

ଅତନୁ ॥ ଆରେ, ଲାଜ କରୁଛୁ କାହାକୁ ? ମତେ ? ଆଛା ତୁ ଗାଆ–ମୁଁ ଇଆଡ଼େ ମୁହଁ ବୁଲାଇ ଠିଆ ହଉଚି । ଏଥର ଗାଆ...

[ବେବି ଗୀତ ଗାଇଲା । ଗୀତର ଛନ୍ଦେ ଛନ୍ଦେ ଶିଶୁ-ସୁଲଭ ନୃତ୍ୟ ଫୁଟିଉଠୁଥିଲା । ତା'ପରେ ଦେଖାଗଲା ଗୀତର ତାଳେ ତାଳେ

ଉଚ୍ଛ୍ୱସିତ ଆନନ୍ଦରେ ତନ୍ମୟ ହୋଇପଡ଼ିଛି ରୀତା । ପ୍ରଫେସର ପରିଜା ଏକ ବିହ୍ୱଳ ଦୃଷ୍ଟିରେ ଆସି ଦେଖୁଥିଲେ ଏବଂ ତନ୍ମୟତାରେ ଗୀତର ଭଙ୍ଗିମା ଫୁଟାଉଥିଲେ ହାତର ଆଙ୍ଗୁଠିରେ । ଗୀତର ଶେଷପଦରେ ସିଡ଼ିରେ ଦେଖାଦେଲେ ପିନାକୀ ଏକ ଉଦାସ ବିହ୍ୱଳ ଭଙ୍ଗୀରେ ।]

ରୀତା ॥ (ଆଖିରେ ଲୁହ)...ଆଃ ! ବେବି, ଚମତ୍କାର !!

ପ୍ରଫେସର ॥ Wonderful !! Wonderful ! ଡାକ୍ତର, ମୁଁ ତୁମକୁ ଧନ୍ୟବାଦ ଜଣାଉଛି ।

ଅତନୁ ॥ କାହିଁକି ।

ପ୍ରଫେସର ॥ ତୁମେ ମୋତେ ସଂଗୀତ ଶୁଣାଇ ଆପ୍ୟାୟିତ କରିଛ । ତମରି ଆଦର୍ଶରେ ଏ ପୃଥିବୀଟା ଏମିତିଆ ଗୋଟିଏ ବିରାଟ ଡାକ୍ତରଖାନା ହେଉ । ଆଉ ତା'ର ପ୍ରତି କୋଣ ଅନୁକୋଣରୁ ଉଠୁ ସଂଗୀତର ଝଙ୍କାର ।...ତମେ ଜାଣ ଡାକ୍ତର–ଜଳନ୍ତା ଧୂପକାଠି ଯେମିତି ସାରା କୋଠରୀରୁ ଦୁର୍ବାସନା ଦୂର କରିଦିଏ–ସଂଗୀତ ସେମିତି ଦୂର କରେ ମଣିଷ ମନରୁ ରାଗ, ହିଂସା, ବିଦ୍ୱେଷ ।

ଅତନୁ ॥ କିନ୍ତୁ ଡାକ୍ତର ଆଉ ବିଜ୍ଞାନୀଙ୍କ ପାଇଁ ସଂଗୀତର ଭୂମିକା ଯେ ଗୌଣ– ଏକଥା ଆପଣ ଅସ୍ୱୀକାର କରିବେନି ନିଶ୍ଚୟ ।

ପ୍ରଫେସର ॥ ସ୍ୱୀକାର ବି କରିବିନି ! କାରଣ କ'ଣ ଜାଣ ? ସଂଗୀତ ପାଗଳ କରେ ମରଣମୁଖୀ ରୋଗୀକୁ । କ୍ଷଣକ ପାଇଁ ଦୁଃଖ ଯନ୍ତ୍ରଣା ଭିତରେ ସେ ଶୁଣିବାକୁ ଚାହେ ସଂଗୀତ ।

ରୀତା ॥ ମୁଁ ଆପଣଙ୍କ ସଙ୍ଗେ ଏକମତ ।

ପ୍ରଫେସର ॥କେବଳ ତମେ ନୁହେଁ । ତମେ ହେବ, ସେ ହେବ (ଡାକ୍ତରଙ୍କୁ), ଆଉ ତମେ ବି ହେବ । ଏ ଦୁନିଆଁର ଅଣୁ ପରମାଣୁ ବି ମୋ' ସହିତ ଏକମତ ହେବେ । My little bud ! I congratulate you ତମେ ଇଶ୍ୱରଙ୍କ ଆନନ୍ଦମୟୀ ସନ୍ତାନ । ମୁଁ ତମକୁ ଅଭିନନ୍ଦନ ଜଣାଉଛି–(ଚାଲିଗଲେ)–

ବେବି ॥ ଡକ୍ଟର ଅଙ୍କଲ୍ ! କ'ଣ ହେଇଚି ତାଙ୍କର ?

ଅତନୁ ॥ କିଛି ହେଇନି ବେବି । ତୋ ଗୀତରେ ସେ ଖୁବ୍ ଖୁସି ହେଇଯାଇଛନ୍ତି ।

ରୀତା ॥ ମୁଁ ବି ଖୁବ୍ ଖୁସି !

ବେବି ॥ ସତେ ଦିଦି ?

ରୀତା ॥ ହଁ...ଆଚ୍ଛା ବେବି, ତୁ ମୋ ସାଙ୍ଗରେ ଯିବୁ ?

ବେବି ॥ କୁଆଡ଼େ ?

ରୀତା ॥ ତୋ' ଦିଦି ଘରକୁ । ଆ–

ଅତନୁ ॥ ଯା–

ବେବି ॥ ଏଇ ଘରକୁ ?

ରୀତା ॥ ହଁ, ଆ–

– [ଦୁହେଁ ଚାଲିଗଲେ]–

ପିନାକୀ ॥ ଡାକ୍ତର ବାବୁ !

ଅତନୁ ॥ କ'ଣ କହିବେ ?

ପିନାକୀ ॥ ଆପଣ ମୋ' ଉପରେ ବିରକ୍ତ ହୋଇଚନ୍ତି ?

ଅତନୁ ॥ ନାଁ ତ ।

ପିନାକୀ ॥ ଆପଣ ମନା କଲେ ବି ମୁଁ ଜାଣିପାରୁଛି ସବୁ । ହେଲେ ଡାକ୍ତର– ମୁଁ ଆଉ ମୋ' ନିଜ କଣ୍ଟ୍ରୋଲରେ ନାହିଁ । ସର୍ବଗ୍ରାସୀ ନିଶା ମତେ ଯେମିତି ଗୋଟାଏ ମାଟିର କଣ୍ଢେଇ କରିଦେଇଚି ।

ଅତନୁ ॥ ଇଏ ଗୋଟାଏ ଦୁର୍ବଳମନା ଲୋକର ସ୍ୱୀକାରୋକ୍ତି ହୋଇପାରେ ପିନାକୀବାବୁ–ଜଣେ ଲକ୍ଷପତି ବ୍ୟବସାୟୀର ନୁହେଁ ।

ପିନାକୀ ॥ ଲକ୍ଷପତି ଯଦି ପଥର ଭିକାରୀ ହେଇଯାଏ–କୁହନ୍ତୁ ଡାକ୍ତର, ତା'ର କ'ଣ ଆଉ ସେ ପୂର୍ବ ମନବଳ ରହିବ ?

ଅତନୁ ॥ ରଖିବାକୁ ହେବ । ନଚେତ୍ ସର୍ବନାଶ ହେବା ସୁନିଶ୍ଚିତ ।

ପିନାକୀ ॥ ବରଂ ତାହା ହିଁ ହେଉ ଡାକ୍ତର–ତାହା ହିଁ ହେଉ । ମୁଁ ଆଉ ବଞ୍ଚିବାକୁ ଚାହେନା । କାରଣ ମଦ ପିଇଲା ପରେ ବି ମତେ ଆଉ ନିଶା ଧରୁନି । ମୁଁ ଆଉ ଦୁନିଆକୁ ଭୁଲି ପାରୁନି । ଡାକ୍ତର ! କୁହନ୍ତୁ କ'ଣ କରି ଏଣିକି ମୁଁ ଦୁନିଆକୁ ଭୁଲିପାରିବି–କ'ଣ କରି ଏଣିକି ମୁଁ ମୋ ନିଜକୁ ଭୁଲି ପାରିବି ?

ଅତନୁ ॥ ନିଜକୁ ନଭୁଲାଇ, ଭବିଷ୍ୟତରେ କାର୍ଯ୍ୟ ପାଇଁ ମନରେ ବଞ୍ଚିବାର ବଳ ଆଣନ୍ତୁ ପିନାକୀବାବୁ । ଆଜି ଆପଣ ହାରିଯାଇଛନ୍ତି । କାଲି ଆପଣ ହୁଏତ ସୁଧମୂଳ ଅସୁଲ କରି ଦୁଇଗୁଣ ଲାଭବାନ୍ ହୋଇ ପାରିବେ । ବ୍ୟବସାୟ ତ ଗୋଟାଏ ଜୁଆଖେଳ । ସେଇ ଜୁଆଖେଳରେ ଆପଣ ପୁଣି ଥରେ ଜିତିବାର ଚେଷ୍ଟା କରନ୍ତୁ ।

ପିନାକୀ ॥ କିନ୍ତୁ ଆଉ ଥରେ ଯଦି ମୁଁ ହାରିଯାଏ ?

ଅତନୁ ॥ ତଥାପି ଆପଣଙ୍କୁ ବ ୍ଚିବାକୁ ହେବ । ବ ୍ଚିବାକୁ ହେବ କେବଳ ବେବି ସକାଶେ । ବେବି ଭଳି ଝିଅ କେତେ ଜଣଙ୍କର ଅଛି ? ଉଜ୍ଜ୍ୱଳ ଭବିଷ୍ୟତର ସେ ଏକ ସବୁଜ ସମ୍ଭାବନା । ତା' ପାଇଁ ଆପଣ କେବେ କିଛି ଚିନ୍ତା କରିଛନ୍ତି ?

ପିନାକୀ ॥ ବେବି ପାଇଁ–

ଅତନୁ ॥ ମୁଁ କହିବି, ଆଦୌ ଚିନ୍ତା କରି ନାହାନ୍ତି । (ଟିକିଏ ଲକ୍ଷ୍ୟକରି) ସତ କି ମିଛ ?

ପିନାକୀ ॥ (ମୁଣ୍ଡ ହଲାଇ) କେବେ ଚିନ୍ତା କରିନି ଡାକ୍ତର–ଚିନ୍ତା କରିବାର ଅବକାଶ ବି ପାଇନି । ପିଲାଟିଦିନୁ ସେ ତା'ର ମାଆକୁ ହରାଇ, ମୋରି ସ୍ନେହରେ ବ ୍ଚିଚି । ମତେ ଛାଡ଼ି କାହାରି ପାଖରେ ରହିବାକୁ ସେ ଭଲ ପାଏନା ।

ଅତନୁ ॥ ତେବେ ଆପଣ କୁହନ୍ତୁ–ଆଜି ଯଦି ଆପଣଙ୍କର କିଛି ଗୋଟାଏ ହେଇଯାଏ–ତା'ର ଅବସ୍ଥା କ'ଣ ହେବ ?

ପିନାକୀ ॥ ଡାକ୍ତର ବାବୁ !

ଅତନୁ ॥ କୁହନ୍ତୁ ଆପଣ ? ?

ପିନାକୀ ॥ ଡାକ୍ତର ବାବୁ... ! !

ଅତନୁ ॥ କୁହନ୍ତୁ... ? ?

ପିନାକୀ ॥ ନା–ନା, ମତେ ବ ୍ଚିବାକୁ ହେବ । ଡାକ୍ତର ବାବୁ–ବେବି ପାଇଁ ମତେ ବ ୍ଚିବାକୁ ହେବ । –(ଉଦ୍‌ଗ୍ରୀବ ହେଇ)–ବେବି ! ବେବି ! !

ବେବି ॥ (ଭିତରୁ) ଯାଉଛି ଡାଡ଼ୀ !!

[ବେବି ରୀତାର କୋଠରୀ ଭିତରୁ ବାହାରି ଆସିଲା । ମନରେ ତା'ର ଅନେକ ଆନନ୍ଦ । ଖୁସିରେ ନାଚି ନାଚି ଆସୁଥିଲା ସେ । ପଛେ ପଛେ ଆସୁଥିଲା ରୀତା–]

ବେବି ॥ ମତେ ଡାକିଲ ?

ପିନାକୀ ॥ (ହଠାତ୍ ବେବିକୁ ତୋଳିଧରି)...ବେବି ! ମାଆ ମୋର !! ମୁଁ ତତେ ଛାଡ଼ି କୁଆଡ଼େ ଯିବିନି ଲୋ ! ମୁଁ ବ ୍ବି !!

ବେବି ॥ ଡାଡ଼ୀ !!

ପିନାକୀ ॥ (ବେବିକୁ ଧରି ଉପରକୁ ଯାଉ ଯାଉ)–ହଁ ମା, ମୁଁ ବ ୍ବି କେବଳ ତୋ'ରି ପାଇଁ ।

[ଉପରକୁ ଚାଲିଗଲେ ସେମାନେ । ରୀତା ଅପଲକ ଦୃଷ୍ଟିରେ ଚାହିଁଥିଲା ସେଇଆଡ଼େ । ବୋଧହୁଏ ସେ ଗୋଟାଏ ଖାଲିପଣ ଅନୁଭବ କରୁଥିଲା ସେଇ ମୁହୂ ର୍ରେ ।]

ରୀତା ॥ ଡାକ୍ତର ବାବୁ !!

ଅତନୁ ॥ କ'ଣ କହିବ ?

ରୀତା ॥ ଆପଣ ବେବିକୁ ଯିବାକୁ କହିଲେ ??

ଅତନୁ ॥ କିନ୍ତୁ ତାକୁ ତ ମୁଁ ଅଟକାଇ ପାରି ନ ଥା'ନ୍ତି । ତମେ ନିଜେ ତ ଦେଖିଲ, ଗୋଟାଏ ଅଦୃଶ୍ୟ ଆକର୍ଷଣ କେମିତି ତମଠାରୁ ଆଉ ମୋଠାରୁ ତାକୁ ଟାଣି ନେଇଗଲା । ବାସ୍ତବିକ୍ ବେବିର କଣ୍ଠ ବେଶ୍ ସୁନ୍ଦର !

ରୀତା ॥ ଡାକ୍ତର ବାବୁ !...ମୁଁ ଗୀତ ଗାଇବାକୁ ଚାହେ ।

ଅତନୁ ॥ ତମେ ?

ରୀତା ॥ ହଁ, ଆପଣ ଚାହିଁଲେ ମୋ' କଣ୍ଠରେ ଲଳିତ ଛନ୍ଦ ଫୁଟାଇ ପାରିବେ । ଦେଖନ୍ତୁ...ଆପଣ ହେଲେ ଡାକ୍ତର । ମତେ ଆରୋଗ୍ୟ କରିବା ପାଇଁ ଆପଣ ଆପ୍ରାଣ ଚେଷ୍ଟା କରୁଛନ୍ତି । ମୋର ବିଶ୍ୱାସ, ମୋ କଣ୍ଠରେ ସୁର ଭରି ଦେଲେ ମୁଁ ଆପେ ଭଲ ହୋଇଯିବି ।

ଅତନୁ ॥ ହେଲେ, କାହିଁକି ତମେ ଏମିତି ଗୀତ ଗାଇବାକୁ ବ୍ୟାକୁଳ ?

ରୀତା ॥ ଏ କାହିଁକିର ଉ ର ମୁଁ କାହାକୁ ଦେଇନି ଡାକ୍ତର—କି ଦେଇ ପାରିବିନି ।

ଅତନୁ ॥ ଉ ର ନଦେଲେ ଡାକ୍ତର ଟ୍ରିଟ୍‌ମେ  କରିବ କେମିତି ? ତମ କଣ୍ଠରେ ସ୍ୱର ଦେବାକୁ ଚେଷ୍ଟା କରିବ କେମିତି ?

ରୀତା ॥ କିନ୍ତୁ...

ଅତନୁ ॥ ଆଉ କିନ୍ତୁ କ'ଣ ?

ରୀତା ॥ ବେଶ୍ । ମୁଁ ଯଦି କହିଦିଏ, ତେବେ ଆପଣ ମୋ' କଣ୍ଠରେ ସ୍ୱର ଭରିଦେବେ ?

ଅତନୁ ॥ ଚେଷ୍ଟା କରିବି ନିଶ୍ଚୟ ।

ରୀତା ॥ ଆପଣ ଏମିତି ଚେଷ୍ଟା କରନ୍ତୁ ଡାକ୍ତର—ଯେମିତି ମୁଁ ଏ ଡାକ୍ତରଖାନାର ହତା ଟପି ଆଉ ବାହାରକୁ ନ ଯାଏ—

ଅତନୁ ॥ କୁହ ।

ରୀତା ॥ ଶୁଣନ୍ତୁ ।—ପିଲାଦିନରୁ ସଙ୍ଗୀତ ପ୍ରତି ଥିଲା ମୋର ପ୍ରବଳ ଝୁଙ୍କ୍ । ପତ୍ର ପତ୍ରିକା ଆଉ ବହି ପଢ଼ିବା ଥିଲା ତା'ର ସହଯୋଗୀ

ଉପାଦାନ । ମୁଁ ଭାଓଲିନ୍ ବଜାଇବା ଆରମ୍ଭ କଲି, କେବଳ ମୋ ସାନ ଭଉଣୀ 'କବିତା' ସକାଶେ ।

ଅତନୁ ॥ କବିତା !!

ରୀତା ॥ ହଁ, ସେ ଗୀତ ଗାଏ । ମତେ କହେ ଭାଓଲିନ ବଜାଇବାକୁ । କିନ୍ତୁ ଡାକ୍ତର ! ଦିନେ ସେ ଅଚାନକ ଭାବେ ମତେ ଠକି ଦେଇ ଚାଲିଗଲା–ଏଇ ଭାଓଲିନ୍‌ରେ ବେଦନାର ପ୍ରଲେପ ଦେଇ, ମୁଁ କେତେ କାନ୍ଦିଲି–କେତେ ଖୋଜିଲି (ଦୀର୍ଘ ନିଶ୍ୱାସ ଛାଡ଼ି)–ହେଲେ ସେ ଆଉ ଫେରିଲାନି ।

ଅତନୁ ॥ ତା'ପରେ ?

ରୀତା ॥ ତା'ପରେ ମୁଁ ତାକୁ ଭୁଲିବା ପାଇଁ ପଢ଼ିବାକୁ ଆରମ୍ଭ କଲି ଅସଂଖ୍ୟ ପତ୍ର ପତ୍ରିକା । ଗଦା ଗଦା କବିତା ବହି ଘା ିଲି–ଯାହାର ପୃଷ୍ଠା ଭିତରେ କବିତାର ସୁର ହଜି ଯାଇଥିଲା । ହେଲେ ଡାକ୍ତର, ମୁଁ ତା ଭିତରୁ କବିତା ବଦଳରେ ଅନୁସନ୍ଧାନ କଲି ଆଉ ଜଣକୁ...

ଅତନୁ ॥ କାହାକୁ ସନ୍ଧାନ କଲେ ?

ରୀତା ॥ (ଦୀର୍ଘ ନିଶ୍ୱାସ ଛାଡ଼ି)......କବିତା ବଦଳରେ ମୁଁ ଯାହାକୁ ସନ୍ଧାନ କଲି–ଅଲକ୍ଷ୍ୟରେ ସେ ମୋର ମନପ୍ରାଣ ସବୁ କିଛିକୁ ଜୟ କରିନେଲା । ଦିନେ ତାକୁ ପାଇବା ପାଇଁ ମୁଁ ପାଗଳିନୀ ହୋଇ ଉଠିଲି । ଶେଷରେ...

ଅତନୁ ॥ ଶେଷରେ ତାକୁ ପାଇଲ ?

ରୀତା ॥ ପାଇଲି । ହେଲେ ଡାକ୍ତର–ତାକୁ ମୁଁ ପାଇଲି ଆଉ ଗୋଟାଏ ରୂପରେ ।

ଅତନୁ ॥ କାହାକୁ ପାଇଲ ?

ରୀତା ॥ କବି ଧୂର୍ଜଟୀକୁ ?

ଅତନୁ ॥ ରୀତା... !!! (ସ୍ୱରରେ ଯେପରି ଅସୁମାରି ପ୍ରଶ୍ନ)...

ରୀତା ॥ ହଁ ଡାକ୍ତର, ମୁଁ କବି ଧୂର୍ଜଟୀଙ୍କୁ ଭଲପାଇ ବସିଲି—ତାଙ୍କରି ଅଲକ୍ଷ୍ୟରେ । ଦିନେ ବାପାଙ୍କ ଆଗରେ ନିଃସଙ୍କୋଚରେ ମଧ ସେ କଥା ପ୍ରକାଶ କରିଥିଲି— "ମୁଁ ତାଙ୍କୁ ବିବାହ କରିବାକୁ ଚାହେଁ ।"

ଅତନୁ ॥ ଶେଷରେ ତୁମେ ତା' ହେଲେ... ?

ରୀତା ॥ ଶେଷରେ ବିବାହ କଲି ଡାକ୍ତର—ହେଲେ କବି ଧୂର୍ଜଟୀକୁ ନୁହେଁ— ଜଣେ ଅର୍ଥଲିପ୍ସୁ ବ୍ୟବସାୟୀକୁ—ଯାହା ପାଖରେ କବିତ୍ୱର ଟିକିଏ ହେଲେ...

ଅତନୁ ॥ ରୀତା ! ବନ୍ଦକର, ବନ୍ଦକର ସେ ସବୁ ।

ରୀତା ॥ ମୁଁ ଜାଣେ, ଆପଣ ସହି ପାରିବେନି ସେ ବାସ୍ତବ ସତ୍ୟକୁ । କାରଣ ମୋ ସ୍ୱାମୀ ଆପଣଙ୍କର ବନ୍ଧୁ ।

ଅତନୁ ॥ ନା—ନା... । ତଥାପି...

ରୀତା ॥ ମୋର ଅନୁରୋଧ, ତାଙ୍କର ବନ୍ଧୁ ହିସାବରେ ଆପଣ ବିଚାର କରନ୍ତୁନି । ଜଣେ ନିରପେକ୍ଷ ବିଚାରକ ହିସାବରେ କୁହନ୍ତୁ— ଗୋଟିଏ ନାରୀ ହୃଦୟର ଦୁର୍ବାର କାମନାଗୁଡ଼ାକ ଯଦି ଏମିତି କ୍ଷତବିକ୍ଷତ ହୁଏ, ତା ହେଲେ ସେ କ'ଣ ବିପ୍ଳବ କରିବନି ? ରକ୍ତାକ୍ତ ହୃଦୟ କ'ଣ ତାର ସ୍ୱାମୀ ଠାରୁ ଦୂରେଇ ଯିବନି ?...ଦଗ୍ଧୀଭୂତ ବେଦନାରେ ସେ କ'ଣ ହିଂସ୍ର ହେବନି ?

ଅତନୁ ॥ ରୀତା !...ଦୟାକରି ତମେ–

ରୀତା ॥ ମୁଁ ଜାଣେ ଡାକ୍ତର–ପ୍ରବହମାନା ଝରଣାର ଅଜସ୍ର ଅକୁହା କାହାଣୀ ଶୁଣିବାକୁ କାହାରି ଧୈର୍ଯ୍ୟ ନ ଥାଏ । ସମସ୍ତେ କିନ୍ତୁ ତା'ର ଉଚ୍ଛଳ ନୃତ୍ୟ ଦେଖି ଆନନ୍ଦ ଅନୁଭବ କରନ୍ତି । ହେଲେ, ଥରେ କେହି ଭାବନ୍ତିନି, ଯଦି ସେ ଭୁଲ ବାଟରେ ଯାଇ ତାର ପିପାସୀ ପ୍ରିୟ ପାଖରେ ପହ ୍ନପାରେ, ତା' ହେଲେ... ??

ଅତନୁ ॥ ରୀତା ! ବନ୍ଦକର ଏ ସବୁ... Please... !

ରୀତା ॥ କିନ୍ତୁ ମୋ' କଣ୍ଠକୁ ବନ୍ଦକରି ଆପଣ ଯଶସ୍ୱୀ ହେଇ ପାରିବେନି ଡାକ୍ତର । ମୋତେ ମୋ କବିତାକୁ ଫେରାଇ ଦିଅନ୍ତୁ । କାଙ୍ଗାଳୁଣୀ ଭଳି ମୁଁ ଭିକ ମାଗୁଛି । ଡାକ୍ତର, ମତେ ମୋର...(ଆଖି ଓ କଣ୍ଠରେ ଆର୍ଦ୍ରତାର ପ୍ରଲେପ)–

ଅତନୁ ॥ ଫେରାଇ ଦେବି । ତମେ ଯାଅ, ବ ର୍ମାନ Rest ନିଅ ।

ରୀତା ॥ ଫେରାଇ ଦେବେ ? ସତ କହୁଛନ୍ତି ଡାକ୍ତର ??

ଅତନୁ ॥ କହିଲି, ତମେ ଯାଅ...ଚାଲିଯାଅ–

ରୀତା ॥ ସେଇଦିନ ମୁଁ ଆପଣଙ୍କୁ ପ୍ରଶଂସା କରିବି ଡାକ୍ତର–ସେଇଦିନ ହସି, ନାଚି ଏ କୋଠରୀକୁ ମୁଁ ଆନନ୍ଦମୁଖର କରିଦେବି । ଠିକ୍ ସେଇଦିନ... ।

[କହି କହି ଚାଲିଗଲା ଭିତରକୁ । ଡାକ୍ତର ସ୍ଥାଣୁ ନିର୍ବାକ୍ ହୋଇ ଠିଆହୋଇ ରହିଥିଲେ । ମନରେ ଦ୍ୱନ୍ଦ୍ୱ ଆନ୍ଦୋଳିତ ଅସୁମାରି ପ୍ରଶ୍ନ । ସତରେ ସେ କ'ଣ ପାରିବେ ? ପୁଣି ଚିନ୍ତା–କ'ଣ ହୋଇଗଲା

ରୀତାର ? ମୁଣ୍ଡରେ ଗୁଡ଼ାଏ ବୁଢ଼ିଆଣୀ କେବଳ ସୂତ୍ରହୀନ ଜାଲ ବୁଣି ଯାଉଥିଲେ । ସେ ବସି ପଡ଼ିଲେ ।]

ଜୟନ୍ତ ॥ (ପ୍ରବେଶି)–ଅତନୁ !

ଅତନୁ ॥ ନା, ମୁଁ ଆଉ କାହାରି କଥା ଶୁଣିବାକୁ ଚାହେନା । ତମେ ସବୁ ଚାଲିଯାଅ ।–(ଟେବୁଲ ଉପରେ ମୁହଁ ମାଡ଼ି ବସି ପଡ଼ିଲା)– ଯାଅ...ଚାଲିଯାଅ କହୁଚି ।

ଜୟନ୍ତ ॥ ଅତନୁ, ମୁଁ... !... !!

ଅତନୁ ॥ ଓଃ–ତମେ ଚାଲିଯାଅ ଏଠୁ ସବୁ । ମୁଁ କାହାଠୁଁ କିଛି ଶୁଣିବିନି । ନା–ନା–ନା– ।

ଜୟନ୍ତ ॥ ତୋର କ'ଣ ହେଲା... ?

ଅତନୁ ॥ (ରାଗିଉଠି) Oh ! You first get out, I say.

ଜୟନ୍ତ ॥ (ଆଶ୍ଚର୍ଯ୍ୟ ମିଶା ନିମ୍ନ ସ୍ୱରରେ) ଅତନୁ !!!

[ଅତନୁ ନିଜର ଟେବୁଲ ଉପରକୁ ଅସହାୟ ଭାବେ ଝୁଙ୍କି ପଡ଼ିଲେ ପୁଣି । ତାଙ୍କର ସାରା ଦେହରୁ ଗମ୍‌ଗମ୍ ହୋଇ ଝାଳ ବହୁଥିଲା । ଗୋଟାଏ ବିଚ୍ଛେଦ ବ୍ୟଥାଭରା ପରିବେଶ ସାରା କୋଠରୀରେ ଖେଳି ଯାଇଥିଲା । ପୁଣି ନିଜକୁ ଅନ୍ଧାର ଭିତରେ ବସିଥିବା ମନେକରି ଅତନୁ ମହମବତୀ ଜଳାଇବାକୁ ଚେଷ୍ଟାକରି ଦେଖିଲେ ଆଗରେ ଖାଲି ଦିଆସିଲି । ରାଗରେ ସେଇଟାକୁ ସେ ଫିଙ୍ଗିଦେଲେ ଓ ପୁଣି ଯାଇ ଟେବୁଲ ଉପରେ ମୁଣ୍ଡମାଡ଼ି ବସିପଡ଼ିଲେ । ନୀରବତା ନଇଁ ନଇଁ ଆସୁଥିଲା । ମ ଅନ୍ଧକାର ହୋଇଗଲା ।]

●

# ଦ୍ୱିତୀୟାର୍ଦ୍ଧ

## ॥ ଏକ ॥

[ସକାଳ ସାଢ଼େ ଆଠଟା ପାଖାପାଖି । ଡାକ୍ତର ଅତନୁଙ୍କର ସେହି ପୂର୍ବ ପରିଚିତ ପ୍ରକୋଷ୍ଠ । ଆଲୋକିତ ପରିବେଶରେ ଦେଖାଗଲା ବୀର କାହାକୁ ଯେମିତି ଖୋଜୁଛି । ମୁହଁରେ ବିରକ୍ତିର ଇଙ୍ଗିତ । ଇତ୍ୟବସରେ କୋଠରୀ ଭିତରକୁ ପଶି ଆସୁଥିଲା ହରି । ହରି ବୀରକୁ ଦେଖି ଏକପ୍ରକାର ଛାନିଆ ହୋଇ ଉଠିଲା ।]

ହରି ॥ ହରିବୋଲ !

ବୀର ॥ ଏ...ଏଇ...

(ହେ ହରି !)

ହରି ॥ (ଚମକି ପଡ଼ିଲା କଣ୍ଠରେ) ହରିବୋଲ୍ ! ସରିଗଲା । ସକାଳୁ...

ବୀର ॥ ଏ...ଆ...ଆ– (ହେ, ଖାଇବି) ।

ହରି ॥ କ'ଣ ?

ବୀର ॥ ଆ...ଆ...(ଖାଇବି) ।

ଆ...ଏ...ଏ...(ଭାରି ଭୋକ) ।

ହରି ॥ ହରିବୋଲ୍ । ଖାଇଲା ମଣିଷକୁ !

ବୀର ॥ (ପେଟ ଆଉଁସି ବିରକ୍ତିପୂର୍ଣ୍ଣ ଭଙ୍ଗୀରେ)...ଆ...ହ(ଓଃ ଭାରି ଭୋକ) ।

ହରି ॥ ସରିଗଲା (ଡାକିବା)–ଭାଇନା ! ହୋ ଭାଇନା !

ଅଇଁଠା ॥ (ଭିତରୁ)—ଯାଉଚ ।

ହରି ॥ ଧୈର୍ଯ୍ୟ ବନ୍ଧ ଭାଙ୍ଗିଗଲା ଭାଇନା । ଶୀଘ୍ର ଆସ; ନହେଲେ ମତେ ଏଣେ ଖାଇଲା ।

ବୀର ॥ ଏ...ଏ... ? (ବିରକ୍ତି)—

ହରି ॥ ଆସୁଚି ଆଜ୍ଞା—ଆସୁଚି ।

[ଅଇଁଠା ପ୍ରବେଶିଲା ସେ ଘରେ । ଗୋଟିଏ ହାତରେ ତା'ର ଦୁଇଟା ପାଚିଲା କଦଳୀ ଓ ଅନ୍ୟ ହାତରେ ପାଣିଢ଼ାଳ ।]

ଅଇଁଠା ॥ କାହିଁକି ଏପରି ଡାକିଲ ହେଁ ? ତେଣେଁ ଦେବଁକାର୍ଯ୍ୟ ଅଁଧା ରହିଁଚି ପ୍ରା ।

ହରି ॥ ଏ ଦେବକାର୍ଯ୍ୟ ଆଗେ ବୁଝ ହେ ଅଇଁଠୁ ଭାଇନା—ଏଣେ ଦେବତା ଯେ କ୍ଷୁବ୍‌ଧ ।

[ଇତ୍ୟବସରରେ ବୀର ଭାଇନାଙ୍କ ହାତରୁ କଦଳୀ ଦୁଇଟା ନେଇ ଯାଇ ଖାଇବା ଆରମ୍ଭ କରିଦେଇଥିଲା । ଭାଇନା ବିଭୋର ହୋଇ ହରିକଥା ଶୁଣୁଥିଲା । ସେ ଆଡ଼କୁ ତାଙ୍କର ନଜର ନଥିଲା ।]

ଅଇଁଠା ॥ ଦେବଁତା ? (ଆଖି ବୁଲାଇ ଖୋଜି) କାହିଁ ? ?

ହରି ॥ ପାଖରେ... ! ଖାଇଲା...(ରାଗିଲା କଣ୍ଠରେ)—ଖାଇଲା ଭାଇନା !!

ଅଇଁଠା ॥ ପାଁଖରେ ? ଭଁଲ ଭଁଲ—ଭକ୍ତର ଭଗବାଁନ ପ୍ରା—

[ହଠାତ୍ କଦଳୀ ନ ଥିବା ଲକ୍ଷ୍ୟକରି ସେ ସ୍ତମ୍ଭିତ ହୋଇଗଲା । କଦଳୀ ଚୋପା ବାହାରେ ଫିଙ୍ଗିବା ପାଇଁ ହରି ହାତରେ ଧରାଇ ଦେଇଥିଲା ବୀର ।]

ହରି ॥ ଭାଇନା ! ସରିଗଲା । ଦେବତା ସ୍ୱହସ୍ତରେ ତୁମ ଭୋଗ ଗ୍ରହଣ କରିନେଲେ ।

ଅଇଁଠା ॥ ଏଁ ? ତୁଁ ଏଁ କଁଣ କଲୁଁ ଅବାଁଚୀନ ! ଦେବଁତାର ଭୋଗକୁଁ ନଷ୍ଟଁ କରିଁ ଦେଲୁଁ ? ମୁଁ ତୋତେଁ ଅଭିଶାଁପ ଦେବିଁ । ମହାଁ ପାତକଁରେ ତୁ ପଡ଼ିବୁଁ–

ବୀର ॥ ଆ...ଏ...!! ଆ...ଏ...ଇ...ଆ । (ଯା–ଯା । ମୁଁ ଖାଇଦେଲି ତ କ'ଣ ହେଲା ସେଇଠୁ ?–ଭାରି ଭୋକ ।)

ହରି ॥ ହରିବୋଲ ! ମରିଗଲା ମଣିଷ । କ୍ରୋଧ ସମ୍ୱରଣ କର ହେ ଅଇଁଠୁ ଭାଇନା !!

ଅଇଁଠା ॥ ନା–ନା, ମୁଁ ଅଭିଶାଁପ ଦେବିଁ । ସେ ସବୁଁ ଦିନେଁ ଏଁମିତି ଘୁଁଙ୍ଗା ହେଇଁଯାଉଁ । ଆଉଁ ତାଁର ପାଁଟି ନ ଫିଟୁଁ ।–(ହରି ଅଇଁଠାର ପାଟି ଚାପି ଧରୁଥିଲା)–

ହରି ॥ ଅଭିଶାପ ଫବିଶାପ ଦିଅନା ଭାଇନା । ଏ ଡାକ୍ତରଖାନା ବଦନାମ ହେଇଯିବ । ଡାକ୍ତର ବାବୁଙ୍କ କାର୍ଯ୍ୟ ବିଫଳ ହେବ ।

ଅଇଁଠା ॥ ତମେ ଯାଁ ହେ ! (ବୀରକୁ) ରାକ୍ଷଁସ... ! ବିତାଳ...!!

ବୀର ॥ (ବିରକ୍ତିରେ ପାଟି କରୁଥିଲା)–

ହରି ॥ ସରିଗଲା–ଭାଇନା ସରିଗଲା । ହେଇତ, ତମେ ସେ ଦେବତାଙ୍କୁ ଛାଡ଼ି ଏ ଜୀଅନ୍ତା ଠାକୁରଙ୍କୁ ପୂଜାକର । ଏମାନେ ଭଲ ହେଲେ ତମ ଚାକିରୀ ଖଣ୍ଡିକ ରହିବ । ଅଭିଶାପଟାକୁ ଫେରାଇ ନିଅ ଅଇଁଠୁ ଭାଇନା ।

ବୀର ॥ ଆ...ଏ ।ଆ...ଇ... ।ଆ...ଆ... ।

(ହେ, ଆଉ ଖାଇବି ।ଭୋକ ହେଉଛି ଭାରି) ।

ଅଇଁଠା ॥ ଏ ନିର୍ବୋଧ ! ଜାଣୁନାଁ ତୁଁ କଁଣ କଲୁଁ ? ଦେବ ଭୋଗ୍ୟ କଁଦଳୀକୁଁ ଭକ୍ଷଣ କଲୁଁ ?–(ହରି ପ୍ରତି) ୟାଙ୍କ ତମରିଁ ସକାଶେଁ ମୋରଁ ପୂଜା ସବୁ ମାରାଁ ହେଲା ହେଁ । କାହିଁକି ମତେଁ ଡାକୁଁଥିଲ ? ତମେ ଦେବଁତାର ଅଭିଶାଁପ ପାଇଁବ ।

ହରି ॥ ଭାଇନା ।କ୍ଷମାକର ଭାଇନା ! (ବୀରକୁ ଲକ୍ଷ୍ୟକରି)–ଅବୋଧ ବାଳକ ସିଏ, ନ ଜାଣଇ କିଛି ।

ପ୍ରଫେସର ॥ (ଆସୁ ଆସୁ) Father ! forgive them. They know not what they were doing.

ହରି ॥ ସରିଗଲା–ଆଉ କଦଳୀ ଅଛି ଭାଇନା ?

ଅଇଁଠା ॥ ଯାଃ... ।ଅପବିତ୍ର...ଅପବିତ୍ର ହେଲା ଏ ସବୁଁ ।ମୌଁତେ ପୁଁନଶ୍ଚ ସ୍ନାନ ଶୌଚଁ କରିବାଁକୁ ହେବଁ...ଓ... !! ଯାଉଁଛି ହେ...ଓଁ... (ପ୍ରସ୍ଥାନ)

ହରି ॥ ହରିବୋଲ ।ସରିଗଲା– !

ବୀର ॥ (ରାଗି) ଆ...ଏ...ଆ...ଆ...

(ହେ-ଭୋକ)–

ହରି ॥ ଏ ମୁଣ୍ଡକୁ ରକ୍ଷାକର, ପ୍ରଭୁ ! ଆଉ ଯାହା ପାଉଚ ଚରିଯା'–

ବୀର ॥ ଆଃ !

ପ୍ରଫେସର ॥ ଆରେ ଖାଇଯାଅ । ଯେତେ ଯାହା ପାରୁଚ ଖାଇଯାଅ । କିନ୍ତୁ ବୁଝି ବିଚାରି କାମକର ।

ବୀର ॥ ଆ...ଇ...ଇ ?

(ତୁମେ ଯା', ଖାଇବାକୁ ଆଣ)–

ହରି ॥ ଆଜି ଆଜ୍ଞା ନାହିଁ ଖାଦ୍ୟ ଯୋଗାଇବାକୁ । ଅପେକ୍ଷା କରନ୍ତୁ ମହାଭାଗ ।

ବୀର ॥ (ବିରକ୍ତ ହେଇ ହେଇ ଉପରକୁ ଚାଲିଗଲା ।)

ହରି ॥ ଚାଲିଗଲ ? ଖୁବ୍ ଭଲ କଲ ।

ପ୍ରଫେସର ॥ ତମେ ଏ କ'ଣ କଲ ? ଶାନ୍ତି ଆଶ୍ରମରେ ତମେ ଅଶାନ୍ତିର ସ୍ରୋତ ଛୁଟାଇଲ କାହିଁକି ? ଆରେ, ତାକୁ ଖାଇବାକୁ ଦିଅ । ଏ ପୃଥିବୀରେ ତା'ର ଖାଇବାର ଯେତିକି ଭାଗ ଅଛି, ତାକୁ ଦେଇଦିଅ ।

ହରି ॥ ତା'ର ଭାଗ !!

ପ୍ରଫେସର ॥ ନଚେତ୍ ଗୁଡ଼ାଏ ଭୋକିଲା ମଣିଷ ଗୋଟାଏ ସଭ୍ୟତାକୁ ଧ୍ୱଂସ କରି ଦେଇପାରନ୍ତି ।

ହରି ॥ ହରିବୋଲ ! ମଲାରେ ମଣିଷ ।

ପ୍ରଫେସର ॥ ମଣିଷ ?...ମଣିଷର ଭାଇ ! ଭଗବାନ ତାଙ୍କ ପିତା । ଆଉ ସବୁ ମିଥ୍ୟା–ମିଥ୍ୟା ।

ହରି ॥ ଠିକ୍ କହିଛନ୍ତି ଆଜ୍ଞା !

ପ୍ରଫେସର ॥ ତୁମେ ତାକୁ ଖାଇବାକୁ ଦିଅ । ନଚେତ୍ ସେ ମହାକାଶରେ ଚନ୍ଦ୍ରକୁ ଯାଇ ପାରିବନି ।

ହରି ॥ ଆଜ୍ଞା ! ସେ ବି କ'ଣ ଚନ୍ଦ୍ରକୁ ଯିବ ? ହରିବୋଲ ! ଯାଉ ଯାଉ– ଏ ମହୀଭାରା ଟିକିଏ ଉଶ୍ୱାସ ତ ହେଇଯିବ ।

ପ୍ରଫେସର ॥ ତମେ ଯାଅ, ଆଗ ଭୋକିଲା ମୁହଁରେ ଆହାର ଦିଅ ।

ଅତନୁ ॥ (ବାହରୁ ପ୍ରବେଶି)–କାହାକୁ ଆହାର ଦେଉଛନ୍ତି ପ୍ରଫେସର ପରିଜା ?

ହରି ॥ ଓହୋ; ବ ୍ଗଲା ମଣିଷ !–(ଖସି ଚାଲିଗଲା)–

ପ୍ରଫେସର ॥ ଚନ୍ଦ୍ର ଯାତ୍ରୀମାନଙ୍କୁ । ଦୀର୍ଘଦିନ ଧରି ସାମାନ୍ୟ ଫଳାହାର କରି ସେମାନେ କ୍ଳାନ୍ତ ହୋଇପଡ଼ିବେ ।

ଅତନୁ ॥ କ୍ଳାନ୍ତ ହେବାର ଆଉ କୌଣସି ଅବକାଶ ନାହିଁ ପ୍ରଫେସର୍ ପରିଜା । ଆପଣଙ୍କ ଲକ୍ଷ୍ୟସିଦ୍ଧି ଘଟିଛି ।

ପ୍ରଫେସର ॥ ଲକ୍ଷ୍ୟସିଦ୍ଧି ? ତମେ କେମିତି ଜାଣିଲ ??...କୁହ... ??

ଅତନୁ ॥ ଆପଣଙ୍କ ସହକର୍ମୀ ସ୍ୱୀକାର କରିଛନ୍ତି ଯେ–ପ୍ରକୃତ ପଥପ୍ରଦର୍ଶକ ହେଉଛନ୍ତି ଆପଣ । ଆପଣଙ୍କ ଆବିଷ୍କୃତ ଥିଓରୀ ଦ୍ୱାରା ଚନ୍ଦ୍ରଯାତ୍ରା ସଫଳ ହୋଇଉଠିଛି ।

ପ୍ରଫେସର ॥ ସତେ ?...ତମେ ସତ କହୁଛ ଡାକ୍ତର ?

ଅତନୁ ॥ ହଁ, –ଆଜିର ସକାଳ ସମ୍ବାଦରେ ରେଡ଼ିଓ ଏ ଖବର Broadcast କରିଛି ।

ପ୍ରଫେସର ॥ O' my good God ! ଡାକ୍ତର ! ମତେ ଏଥର ମୁକ୍ତି ଦିଅ । ମୁଁ ସଂପୂର୍ଣ୍ଣ ଆରୋଗ୍ୟ । ମୋତେ ପୁଣି ମୋର ଗବେଷଣାଗାରକୁ ଫେରିଯିବାକୁ ହେବ । ଆହୁରି କେତେକ ଅସଂପୂର୍ଣ୍ଣ ଗବେଷଣାକୁ

ମୋତେ ସଂପୂର୍ଣ୍ଣ କରିବାକୁ ହେବ । ଦୁଇଗୁଣ ଚେଷ୍ଟା କରିବାକୁ ହେବ ।

ଅତନୁ ॥ କିନ୍ତୁ ଆପଣଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ, ଆଉ କିଛିଦିନ ପାଇଁ ଏଠି ରହିବାକୁ ମୁଁ ଆପଣଙ୍କୁ ଅନୁରୋଧ କରିବି ।

ପ୍ରଫେସର ॥ ଓଃ ! ତୁମେ ଯେତେ ଶୀଘ୍ର ପାର ମୋର ସ୍ୱାସ୍ଥ୍ୟ ଫେରାଇ ଆଣିବାକୁ ଲାଗିପଡ଼ ଡାକ୍ତର । ମୁଁ ଏଣିକି ଭଲ ହେବାକୁ ଚାହେଁ । I again want to join on my duty--yes I again.

[ଚାଲିଗଲେ ସେ । ଚାଲିରେ ତାଙ୍କର ଆନନ୍ଦର ଲହରୀ ଫୁଟିଉଠୁଥିଲା । ନିଜ କୋଠରୀ ଭିତରକୁ ପଶିଗଲେ ପ୍ରଫେସର୍ । ଅତନୁ ହସି ଉଠିଲା ମନକୁ ମନ । ଏଇ ସମୟରେ ଭିତରୁ ଆସୁଥିଲା ସିଷ୍ଟର । ହାତରେ ତା'ର ଔଷଧ ।]

ଅତନୁ ॥ ସିଷ୍ଟର !

ସିଷ୍ଟର ॥ Yes Sir !

ଅତନୁ ॥ ନଅ ନମ୍ବର ରୁମ୍‌କୁ ଯାଉଛ ?

ସିଷ୍ଟର ॥ ହଁ, ବୀରବାବୁଙ୍କୁ ମେଡ଼ିସିନ୍ ଦେବାକୁ ।

ଅତନୁ ॥ ଠିକ୍ ଅଛି । ତମେ ଯାଅ; ପ୍ରସ୍ତୁତ କର ! ଖୁବ୍ ଶୀଘ୍ର ତାଙ୍କର ନୂଆ treatment ଆରମ୍ଭ କରିଦେବାକୁ ପଡ଼ିବ ।

ସିଷ୍ଟର ॥ ସାର୍, ଆଉ କିଛି...

ଅତନୁ ॥ ନା, ତମେ ଯାଅ ।

[ସିଷ୍ଟର ଉପରକୁ ଚାଲିଗଲା । ଅତନୁ ଗୋଟାଏ ମୋଟା ବହି ସେଲ୍‌ଫରୁ ବାହାର କରିଆଣି ପୃଷ୍ଠା ଓଲଟାଇବାକୁ ଲାଗିଲା ।

ବେଳେବେଳେ ପଢ଼ାରେ ଖୁବ୍ ବ୍ୟସ୍ତ ରହୁଥିଲା । ଇତ୍ୟବସରରେ ବାହାରୁ ଆସିଲା ଜୟନ୍ତ ।]

ଜୟନ୍ତ ॥ (ବାହାରୁ) With permission please !

ଅତନୁ ॥ Yes, come in !

ଜୟନ୍ତ ॥ ଡାକ୍ତର ସାହେବଙ୍କର Mood ଆଜି ଭଲ ଅଛିତ ?

ଅତନୁ ॥ ଜୟନ୍ତ ! ମୋତେ କ୍ଷମା କରିବୁ ଭାଇ । ସେଦିନ କେଜାଣି କାହିଁକି ମୋ' ମନଟା ଖୁବ୍ ଖରାପ ହୋଇ ଯାଇଥିଲା ।

ଜୟନ୍ତ ॥ ମନସ୍ତାତ୍ତ୍ୱିକ ଡାକ୍ତରଙ୍କର ବେଳେବେଳେ ଏମିତି ମାନସିକ ବିପ୍ଳବ ଦେଖାଯାଏ; ଯାହା ଅନ୍ୟମାନଙ୍କ ପ୍ରତି କଠୋର ହୋଇପଡ଼େ ।

ଅତନୁ ॥ (କଥା ବଦଳାଇ)–ଶୁଣି ଖୁସି ହେବୁ, ଗୀତାର ଭାଓଲିନ୍‌ରେ କରୁଣ ବିଳାପ ପ୍ରାୟ ବନ୍ଦ ହୋଇ ଯାଇଚି ।

ଜୟନ୍ତ ॥ (ଖୁସିରେ) ସତେ !!! Congratulation! ମୁଁ ଜାଣେ ଅତନୁ, ତୁ ନିଶ୍ଚୟ ସଫଳ ହେବୁ ।

ଅତନୁ ॥ ଆରେ, ଉପକାରର ପ୍ରତି-ଉପକାର ପାଇଁ ନିସ୍ତାର ମୂଲ୍ୟ ତ ପୁଣି ଅଛି ।

ଜୟନ୍ତ ॥ ଆଃ ! ସବୁବେଳେ ସେଇ ଉପକାର–ଉପକାର । କି ଉପକାର ମୁଁ କରିଛି ତୋର ? ମୋ ଜାଗାରେ ତୁ ଯଦି ଥା'ନ୍ତୁ ତୁ ବି ସେଇୟା କରିଥା'ନ୍ତୁ...

ଅତନୁ ॥ କେଜାଣି–ଠିକ୍ କହି ପାରୁନି ।

ଜୟନ୍ତ ॥ କହିବୁ ଗୋଟାଏ କ'ଣ ମ ! ଆରେ ହଁ, କହିବାକୁ ଭୁଲି ଯାଇଚି– ସେଦିନ ମୁଁ କାହିଁକି ତୋ' ପାଖକୁ ଆସିଥିଲି ଜାଣୁ ?

ଅତନୁ ॥ ଆଉ ଜାଣିଲି କେତେବେଳେ ? କହ...

ଜୟନ୍ତ ॥ କବିତା 'ଶତଦଳ'ର ହିନ୍ଦୀ ଅନୁବାଦ ଆତ୍ମପ୍ରକାଶ କରିଚି ।

ଅତନୁ ॥ ଜାଣିଚି ।

ଜୟନ୍ତ ॥ ଜାଣିଚୁ ?

ଅତନୁ ॥ ହଁ, ଆଉ ମଧ ତା'ଉପରେ ଉଚ୍ଚକୋଟୀର ପ୍ରଶଂସାମୂଳକ review ବାହାରିଚି । ସେଇଟାକୁ ବି...

ଜୟନ୍ତ ॥ ମୁଁ ଜାଣେ ଅତନୁ–ତୁ ନିଶ୍ଚୟ ପଢ଼ିଥିବୁ । ଜଣେ ସମଦରଦୀ ହିସାବରେ ତୋର ପ୍ରଶସ୍ତ ଦୃଷ୍ଟିକୋଣ ରହିବା ଉଚିତ ।

ସିଷ୍ଟର ॥ (ଉପରୁ) Ready Sir !

ଅତନୁ ॥ (ସିଷ୍ଟରକୁ) ଯାଉଚି !

ଜୟନ୍ତ ॥ କୁଆଡ଼େ ?

ଅତନୁ ॥ କ ର୍ବ୍ୟର ଆହ୍ୱାନ ଆସିଗଲା ।

ଜୟନ୍ତ ॥ ଠିକ୍ ଅଛି–ମୁଁ ବି ଯାଉଚି ।...ହଁ, ଗୋଟାଏ କଥା ଅତନୁ ! ରୀତା ସହିତ ଆଳାପ କରିବାର ସୁଯୋଗ କେବେ ଦେବୁ ?

ଅତନୁ ॥ (ହସି) ତତେ ଅପେକ୍ଷା କରିବାକୁ ପଡ଼ିବ ଜୟନ୍ତ । ଧୈର୍ଯ୍ୟଧରି ନିଜ ମନର ସମସ୍ତ ଆବେଗକୁ ଚାପି ରଖିବାକୁ ହେବ ।

ଜୟନ୍ତ ॥ ଅତନୁ ! ଦୀର୍ଘ ପ୍ରତୀକ୍ଷା ମତେ ବି ଦିନେ ପାଗଳ କରିଦେବ ଦେଖୁଚି । ଟିକିଏ ନିରୋଳାରେ ବସି ପଡ଼ିଲେ ରୀତାର ବଡ଼ ବଡ଼ କଳାକଳା ଆଖିଗୁଡ଼ାକ ମତେ ଭୟ ଦେଖାନ୍ତି । ଆଉ ମତେ

ଯେମିତି ସେ ଅଶ୍ରୁଳ ନୟନରେ କହେ, ତମେ ମୋତେ ପାଗଳ କରିଚ । ତମେ ମୋ ପ୍ରତି ଅନ୍ୟାୟ କରିଚ ।

ଅତନୁ ॥ ଜୟନ୍ତ !

ଜୟନ୍ତ ॥ ତୁ କହ ଅତନୁ, ମୋର କୋଉଠି ତ୍ରୁଟି ରହିଲା ?

ଅତନୁ ॥ ନା–ତେବେ...(କଣ କହିବାକୁ ଯାଇ ଅଟକି ଗଲେ)–

ଜୟନ୍ତ ॥ ମୁଁ ଜାଣେ–ତୁ ବି କିଛି କହି ପାରିବୁନି ।

ଅତନୁ ॥ ମୋତେ ଯିବାକୁ ଦେ' ଜୟନ୍ତ । ପରେ କେତେବେଳେ...

ଜୟନ୍ତ ॥ ଆଚ୍ଛା ! ପୁଣି କେବେ ଆସିବି ଏବଂ ପୁଣି ତୋତେ ବିରକ୍ତ କରି କରି ତୋର ସମୟ ନଷ୍ଟ କରିବି । ଆସୁଚି ଭାଇ...

[ଜୟନ୍ତ ବାହାର ଦରଜା ଦେଇ ବାହାରିଗଲା ପଦାକୁ । କିଛି ସମୟ ଠିଆହୋଇ ତାକୁ ଚାହିଁ ରହିଥିଲା ଅତନୁ । ଅନ୍ୟମନସ୍କ ଭାବେ କ'ଣ ଭାବୁଥିଲା ସେ । ପୁଣି ସିଷ୍ଟର ଆସି ଦେଖାଦେଲା ସିଡ଼ିରେ ।]

ସିଷ୍ଟର୍ ॥ ସାର୍ ! Ready

ଅତନୁ ॥ ହଁ-ହଁ, ଚାଲ ସିଷ୍ଟର୍ ।

[ଡାକ୍ତର ସିଡ଼ିରେ ଉପରକୁ ଉଠିଗଲେ । କିଛି ସମୟପରେ କୋଠରୀ ଭିତରକୁ କ'ଣ ଖାଇବା ଜିନିଷ ହାତରେ ଧରି ପ୍ରବେଶ କଲା ହରି । ହଠାତ୍ ସେ କୋଠରୀ ଭିତରକୁ ପଶି ଆସିଲା ଅର୍ଦ୍ଧପାଗଳ ଭୀମ । ଜୀର୍ଣ୍ଣଶୀର୍ଣ୍ଣ ବ୍ୟକ୍ତି । ତାକୁ ଦେଖି ପକେଟରେ ଖାଇବା ପଦାର୍ଥଟିକୁ ଲୁଚାଇ ଦେଲା ହରି ।]

ହରି ॥ ହରିବୋଲ, ମରିଗଲା ମଣିଷ...ତୁମେ ?

ଭୀମ ॥ ମଣିଷ !

ହରି ॥ ମଣିଷ ? ହଁ–(ଦୁହେଁ ଦୁହିଁଙ୍କର ପାଦରୁ ମୁଣ୍ଡକୁ ଏକାଭଙ୍ଗୀରେ ଚାହୁଁଥିଲେ) ଏଠି ଆବିର୍ଭାବ କାହିଁକି ?

ଭୀମ ॥ (ନାଟକୀୟ ଭାବେ)–ଚିହ୍ନି ନାହୁଁ ମୋତେ ? ମୁହିଁ ପରା ଭୀମସେନ ଦ୍ୱିତୀୟପାଣ୍ଡବ ।

ହରି ॥ ହରିବୋଲ, ସରିଗଲା । ଚିହ୍ନିଗଲି ଆଜ୍ଞା; ଚିହ୍ନିଗଲି । ସ୍ୱୟଂ କଳିଯୁଗ ମାର୍କା ଭୀମ ବିରାଜମାନ ହେଇଚନ୍ତି ।

ଭୀମ ॥ (ଧୀରେ) ହେଲେ, ଦିନେ କ'ଣ ହେଲା ଜାଣୁ ? ନୟନା...(କାନ୍ଦିଉଠି)...ନୟନା ମୋତେ ଛାଡ଼ି ଚାଲିଗଲା ଆଉ ଜଣକ ସାଙ୍ଗରେ...

ହରି ॥ ଇସ୍... !!! ଇଏ ଏକଦମ୍ ଢିଲା । ହରିବୋଲ...

ଭୀମ ॥ ଥିଏଟର୍ ପାର୍ଟି ତାକୁ କେନ୍ଦ୍ର କରି ଭାଙ୍ଗିଗଲା–ସେଇ ଲୋକ ତାକୁ ଶିଖେଇ ନେଇଗଲେ । ମୁଁ ତାକୁ ଛାଡ଼ିବିନି । ରକ୍ତପାନ କରିବି ।

ହରି ॥ ରକ୍ତପାନ ! ସରିଗଲା...ସାବିତ୍ରୀ !

(ଭୟରେ ଚଉକି ପଛକୁ ପଳାଇ ଯିବା)–

ଭୀମ ॥ ଜଳେ, ସ୍ଥଳେ କି ଅବା ଅନଳେ–ଯହିଁ ବା ଲୁଚିଲେ, ନ ଛାଡ଼ିବି ମୁହିଁ ।

ହରି ॥ (ଭୟରେ ପାଟି କରି)–ଏ ସାବିତ୍ରୀ !...

ସିଷ୍ଟର୍ ॥ (ଉପରୁ ଆସୁ ଆସୁ) କ'ଣ ହେଲା ?

ହରି ॥ (ଥରି) ସରିଗଲା । ରକ୍ତପାନ !!

ଭୀମ ॥ (ସାବିତ୍ରୀକୁ ଅନାଇ) ନୟନା ! ତୁ ଫେରି ଆସିଚୁ ?

ସିଷ୍ଟର୍ ॥ ତମେ ? ? ? (ଆଖିରେ ଅଜସ୍ର ପ୍ରଶ୍ନବାଚୀ)–

ଭୀମ ॥ ନା-ନା, ତୁ ବିଶ୍ୱାସଘାତିନୀ । ବ୍ୟଭିଚାରିଣୀ ! ! ଘୁ ି ଯାଅ ସମ୍ମୁଖରୁ ମୋର ।

ସିଷ୍ଟର୍ ॥ ହରିବାବୁ ! (ଛଳଛଳ ଆଖିରେ)–ତାଙ୍କୁ...

ହରି ॥ ଇଏ, ତୋର କଣ ହେଲା ସାବିତ୍ରୀ ?

ସିଷ୍ଟର୍ ॥ ତମେ ତାଙ୍କୁ ଅଟକାଅ !...ଡାକ୍ତରବାବୁ ! ଡାକ୍ତରବାବୁ ! !

[ଦ୍ରୁତ ପଦରେ ଉପରକୁ ଡାକି ଡାକି ଚାଲିଗଲା ସାବିତ୍ରୀ । ସତେ ଯେମିତି ତାରି ଆଗରେ କିଛି ଗୋଟାଏ ବିଭ୍ରାଟ ହୋଇଯାଇଛି ।]

ହରି ॥ ଏଁ... ଅଟକେଇବି ହରିବୋଲ ! ଇଏତ ବିଷମଲୋକର ହଡ଼ା ।

ଭୀମ ॥ ମୁଁ ତୁମକୁ ଘୃଣା କରେ ନୟନା । ... ନୟନା ! ... ନୟନା କୁଆଡ଼େ ଗଲା ? (ସାବିତ୍ରୀର ପ୍ରସ୍ଥାନ ପ୍ରତି ଏ ବିସ୍ମୟୋକ୍ତି) ।

ହରି ॥ ଉପରକୁ ।

ଭୀମ ॥ ଉପରକୁ ? ମୁଁ ଉପରକୁ ଯିବି ।

ହରି ॥ ନା–

ଭୀମ ॥ ତା ସହିତ ମୁଁ ଶେଷ ନିଷ୍ପ ି କରିବାକୁ ଚାହେ ।

–(ଯିବାକୁ ଉଦ୍ୟତ)–

ଭୀମ ॥ ଆଜ୍ଞା ନାହିଁ ? ହାଃ-ହାଃ-ହାଃ........ !

ହରି ॥ ମରିଗଲା ମଣିଷ !

ଭୀମ ॥ ଛାଡ଼ିଦିଅ ପଥ !

ହରି ॥ ହରିବୋଲ, ସବୁ ସରିଗଲା ।...ସାବିତ୍ରୀ !

ଭୀମ ॥ ଛାଡ଼ିଦିଅ କହୁଚି ।

ଅତନୁ ॥ (ଉପରୁ) ତାଙ୍କୁ ଉପରକୁ ଆସିବାକୁ ଛାଡ଼ିଦିଅ ହରି ।...ହରି !

ହରି ॥ ଆଜ୍ଞା !......ଯାଆନ୍ତୁ ଆଜ୍ଞା, ଯାଆନ୍ତୁ ! ହରିବୋଲ !

ଭୀମ ॥ କିନ୍ତୁ ମୋର ନୟନା ?

ହରି ॥ ଉପରେ ଅଛି, ଯାଆନ୍ତୁ !

ଭୀମ ॥ ନୟନା ! ନୟନା !! (ଉପରକୁ ଉଠିଗଲା ସିଡ଼ିରେ)–

ହରି ॥ ଓ ହୋଃ !

[ହଠାତ୍ ପକେଟରେ ହାତ ବାଜିଯିବାରୁ ଖାଇବା ଜିନିଷଟି କଥା, ମନେପଡ଼ିଛି । କ । ଅଣ୍ଡାଟିଏ । ଅତ୍ୟନ୍ତ ସତର୍କତାର ସହିତ ବାହାର ଓ ଭିତରକୁ ଚାହିଁ ଅଣ୍ଡାଟିକୁ ଭାଙ୍ଗି ପାଟିରେ ପକାଇବା ବେଳେ କହି ଉଠିଲା–]

ହରି ॥ ହରିବୋଲ !

ଅଇଁଠା ॥ (ଆଗରୁ ଆସି ଦେଖୁଥିଲା)–ଏଁ !! ହରିବୋଲ କ'ଣ ହେଁ ? ଅଣ୍ଡା ଖାଉଁଚ, ପୁଣି ହରିବୋଲ ?–ମୁଁ ଆଜିଁ ଡାକ୍ତର ବାବୁଁଙ୍କୁ କହିଁବି । ତମେଁ ସବୁଁଦିନେ ଏଁମିତି ଲୁଚେଇ ଖାଉଁଚ ।

ହରି ॥ (ଅଇଁଠାକୁ ଧରିପକାଇ ଖାଇବା ଜିନିଷ ପାଟିରେ ଥାଇ କହିଲା)– ଭାଇଁଣା !!

ଅଇଁଠା ॥ ଏହେ ! ଅସଁନା ନାକିଁ ହାତଟାହେ–ସତ୍ୟାନାଁଶ ହେଁଲା ।

ହରି ॥ ଟିକେ ସମ୍ଭାଳି ହୁଅ ଭାଇନା–ସମ୍ଭାଳି ନିଅ ।

ଅଇଁଠା ।। ଏଁ ? ସମ୍ଭାଳି ହେବି କଁଣ ହେଁ ? ତର୍କାରୀ ନିଅଁ ହେବନି ? ତମେ ଏମିତିଁ ରୋଁଜ ରୋଁଜ ଖାଇଁ ଦେଇଁ...

ହରି ।। ଇଏ କଥା କ'ଣ କି ଭାଇନା—ଆଜିର ତର୍କାରି...

ଅଇଁଠା ।। ହଁ, କହୁଁନା କଁଣ କହିଁବ ? କୁହ...

ହରି ।। ଆଃ—ତର୍କାରି ତ ନୁହେଁ—ସାକ୍ଷାତ୍ ଅମୃତ । ଆହା—ହା—ହା—(ନିଜ ହାତକୁ ଚାଟିବା)—

ଅଇଁଠା ।। (ଖୁସି ହୋଇ ପଡ଼ି)—ଆହେଁ, କାଁ ହାତଁ ଲାଗିଛିଁ କୁହଁ । ହେଁ—ହେଁ—ହେଁ...

ହରି ।। ତମ ହାତରେ କି ମନ୍ତ୍ର ଅଛି କିହୋ ଭାଇନା ? ଯାହା କରୁଚ ଏକାବେଳକେ ଅମୃତ । ଦେଖେଇ ଦେଖେଇ ତମର ସେ ହାତଟା ?

ଅଇଁଠା ।। ହାଁ-ହାଁ, ସେଇଟା ଡେବିରି ହାତଟା ହେ ! ଛାଡ଼ ହେ, ମୁଁ ଯିବି ପ୍ରା ।

ହରି ।। ହରିବୋଲ ! ହଉ ହେଲା ! ମୁଁ କ'ଣ କହୁଥିଲି କି ଭାଇନା—ତମେ ଟିକିଏ ସେ ତରକାରିକୁ ବେଶିକରି ଅଲଗା ରଖିଦେବଟି ?

ଅଇଁଠା ।। କାହିଁକି ହେ ! ଖାଉଁନା କେତେ ଖାଉଚ ! ଅପର୍ଯ୍ୟାପ୍ତ ହେଇଁଚି ପ୍ରା ।

ହରି ।। ହେଲେ ଭାଇନା; ଏ ସବୁ ଦେବତାଙ୍କ ଭୋଗ ଲାଗୁ ଲାଗୁ—ଏ ଅଧମ ପାଇଁ ଶେଷକୁ କିଛି ନଥିବ ।

ଅଇଁଠା ।। ମ—ମୁଁ ଯାଉଁଚି ହେ—ତେଣେଁ ତର୍କାରି ଲାଗିଯିଁବ । (ତରତରରେ ଯିବା)—

ହରି ॥ ଗଲେ ଯାଆ ପଛେ ଭାଇନା, ଟିକିଏ ମନେ ରଖିଥିବ । (ହସିଦେଇ)...ଭୋଳାନାଥଟିଏ... !

[ହରି ଭିତରକୁ ଚାଲିଗଲା କହି କହି । ଅନତି ବିଳମ୍ବରେ ହାତରେ ଔଷଧ ଧରି ପୁଣି ସେ ଦେଖାଦେଲା କୋଠରୀରେ ।]

ହରି ॥ ଏଁ କ'ଣ ହେଲା ? ଔଷଧ–ତିନି ନମ୍ବର ରୋଗୀର । ନା, ନା ନଅ ନମ୍ବର । ହେତ୍ ପା ନମ୍ବର ପରା ! ହଁ...ହଁ...

[ହରି ପା ନମ୍ବର କୋଠରୀର ରୋଗୀ ପ୍ରଫେସର ପରିଜାଙ୍କ ପାଖକୁ ଚାଲିଗଲା । ପରିବେଶରେ ସାମାନ୍ୟ ନୀରବତା ଦେଖାଗଲା । କିଛି ସମୟ ପରେ ଉପର ମହଲାରୁ ଓହ୍ଲାଇ ଆସିଲେ ଡାକ୍ତର ଅତନୁ ଆଉ ପଛେ ପଛେ ସିଷ୍ଟର୍ । ସିଷ୍ଟରର ଆଖିରେ ଲୁହର ଦାଗ ।...କଣ୍ଠ ଆର୍ଦ୍ର ।]

ଅତନୁ ॥ ଭୀମ ବାବୁଙ୍କପାଇଁ ତୁମକୁ ନୟନା ସାଜିବାକୁ ହେବ ସିଷ୍ଟର୍ !

ସିଷ୍ଟର୍ ॥ କିନ୍ତୁ ସାର୍ ! ଏହା କ'ଣ ସମ୍ଭବ ? ମୁଁ ଶେଷପର୍ଯ୍ୟନ୍ତ ରଙ୍ଗମ ର ଅଭିନେତ୍ରୀ ସାଜି ଅଭିନୟ କରିପାରିବି ତ ? ମଝିରେ ଯଦି ମୋର ଧୈର୍ଯ୍ୟଚ୍ୟୁତି ହୁଏ ?

ଅତନୁ ॥ ଦେଖ ସିଷ୍ଟର୍, ତମେ ଜଣେ ମନସ୍ତା ିକ ଡାକ୍ତର ପାଖରେ କାମ କରୁଚ । ଅନ୍ତତଃ ଏତିକି ପେସେନ୍ସ ରହିବା ଉଚିତ ।

ସିଷ୍ଟର୍ ॥ ସାର୍ ! (ହଠାତ୍ ନିଜ ଉପରେ ଯେମିତି ଆତ୍ମପ୍ରତ୍ୟୟ ଆସିଯାଇଛି)–ହଁ, ମୁଁ ପାରିବି ସାର୍ । ନିଶ୍ଚୟ ପାରିବି । ଅନ୍ତତଃ...ସେତିକି ଧୈର୍ଯ୍ୟ ମୋର ଅଛି ।

ଅତନୁ ॥ ବେଶ୍...ବ ର୍ମାନପାଇଁ ଭୀମବାବୁଙ୍କୁ ଜଣେ ସାଧାରଣ ରୋଗୀ ବୋଲି ଭାବିନିଅ । ଆମ ଚିକିତ୍ସା କେନ୍ଦ୍ରର ଅନ୍ୟମାନଙ୍କ ପରି ସେ ବି ଜଣେ ।

ସିଷ୍ଟର୍ ।। ହଁ ସାର୍ ! ଏଠାକାର ନିୟମ ଅନୁସାରେ ସେ ବି ଜଣେ ସାଧାରଣ ରୋଗୀ ।

ଅତନୁ ।। ତାଙ୍କୁ ବ ˊମାନ ଲାଗି ମର୍ଫିଆ ଦେଇ ମୁଁ ଶୁଆଇ ଦେଇଚି । ତାଙ୍କର ଚେତା ଆସିବା ପରେ ଅବଶିଷ୍ଟ କେଶ୍ History ସଂଗ୍ରହ କର ।

ସିଷ୍ଟର୍ ।। ହଉ Sir !

ଅତନୁ ।। ହଁ...ସମୟ ତ ହୋଇଗଲା । ତମେ ଆଗେ ଯାଅ ବୀରବାବୁଙ୍କ ପାଖକୁ । ସେ ବ ˊମାନ ଶୋଇଛନ୍ତି ଅଚେତ୍ ହୋଇ । ତାଙ୍କୁ ଜଗି ରହିବ । ନିଦ ଭାଙ୍ଗିବା ସଙ୍ଗେ ସଙ୍ଗେ ତମେ...ତମେ ସେ ଘରେ ହଠାତ୍ କଚାଡ଼ିହୋଇ ପଡ଼ିବାର ଅଭିନୟ କରିବ ।

ସିଷ୍ଟର୍ ।। ମାନେ ?–କାହିଁକି ସାର୍ ?

ଅତନୁ ।। ସବୁ କଥାର ମାନେ ହଠାତ୍ ଜଣା ପଡ଼େନା । ସେଥିପାଇଁ ଅପେକ୍ଷା କରିବାକୁ ହୁଏ ।

ସିଷ୍ଟର୍ ।। କିନ୍ତୁ ସାର୍, ସେ କ'ଣ... ?

ଅତନୁ ।। ତମେ ଯାଅ–ମୋ କଥାନୁସାରେ କାମ ଆରମ୍ଭ କର । ମୋର ଧାରଣା, ତମେ ତମ କାମରେ ସଫଳ ହେବ ।

ସିଷ୍ଟର୍ ।। ମୋ ଉପରେ ସେଇ ବିଶ୍ୱାସ ରଖନ୍ତୁ ସାର୍ ! ଅନ୍ତତଃ ସେତିକି ବିଶ୍ୱାସ...

[କହି କହି ଉପରକୁ ଚାଲି ଯାଉଥିଲା ସିଷ୍ଟର । ରୀତା ଆସି କେତେବେଳୁ ବାହାରେ ଠିଆ ହୋଇଥିଲା । ସବୁ ଶୁଣୁ ଥିଲା ସେ । ଡାକ୍ତର କଣ ଭାବି ପୁଣି ସିଷ୍ଟରକୁ ଡାକିଲେ ।]

ଅତନୁ ।। ହଁ ସିଷ୍ଟର ! ପିନାକୀ ବାବୁଙ୍କୁ ଟିକିଏ ଡାକିଦେବ ।

ସିଷ୍ଟର୍ ।। ହଉ ସାର୍ !–(ଚାଲିଗଲା)–

ରୀତା ।। ଡାକ୍ତର ବାବୁ !

ଅତନୁ ।। ଆରେ, ରୀତା ! ଆସ, କେମିତି ଲାଗୁଚି ?

ରୀତା ।। ମୁଁ ଭାରି ଦୁର୍ବଳ ଅନୁଭବ କରୁଚି ।

ଅତନୁ ।। ଅନୁଭବ କରିବା ତ ସ୍ୱାଭାବିକ । ମଦ୍ୟପଠଁ ନିଶାଥିବା ପର୍ଯ୍ୟନ୍ତ ସେ ନିଜକୁ ଶକ୍ତିମାନ ମନେ କରେ । କିନ୍ତୁ ନିଶା ଛାଡ଼ିଗଲାପରେ, ସେ ଭାରି weak feel କରେ ।

ରୀତା ।। ତା'ମାନେ ଆପଣ ମୋତେ ମଦ୍ୟପ ସହିତ ତୁଳନା କରୁଛନ୍ତି ?

ଅତନୁ ।। ଠିକ୍ ସେଇଆ ନୁହେଁ । ମାନସିକ ଦୁଶ୍ଚିନ୍ତା ଗୋଟାଏ ନିଶା । ସେ ଯେତେବେଳେ ମନ ଉପରେ ସବାର ହୁଏ–ସେତେବେଳେ ହିତାହିତ ଜ୍ଞାନ ମଧ୍ୟ ରହେନା ।

ରୀତା ।। ମୋଠଁ ସେଭଳି କିଛି ଅଘଟଣ ଆପଣ କ'ଣ ଲକ୍ଷ୍ୟ କରିଛନ୍ତି ?

ଅତନୁ ।। ନା । ସେଥିପାଇଁ ମୁଁ ତୁମକୁ ଧନ୍ୟବାଦ ଦେଉଚି । ବାସ୍ତବିକ ତମ ମନର ପରିବ ର୍ନ ଦେଖି, ମୁଁ ଭାରି ଖୁସି ।

ରୀତା ।। ସତରେ ଡାକ୍ତରବାବୁ, ଜଣେ ଦରଦୀ ଲୋକ ପାଖରେ ନିଜ ମନର ବୋଝ ଅଜାଡ଼ି ଦେଲେ–ମନଟା ବହୁ ପରିମାଣରେ ହାଲୁକା ହୋଇଯାଏ ।

ଅତନୁ ।। ଦରଦୀ ଲୋକ !!

ରୀତା ।। ହଁ, ଏତେଦିନ ଧରି ମୁଁ ଜଣେ ଲୋକ ପାଇ ନ ଥିଲି–ଯାହା ପାଖରେ ମୋ ମନର କାହାଣୀ କହିଥାଆନ୍ତି !

ଅତନୁ ।। ବାସ୍ତବିକ୍ ସେ କଥାଟା ସତ ।

ରୀତା ।। ମୋର ଏ ସ୍ଥାନଟା ପ୍ରତି କେମିତି ଗୋଟାଏ ମମତା ଆସିଗଲାଣି– ଯାହାକି ସେଠି ମୋ ମନରେ ଦେଖାଦେଇ ନ ଥିଲା ।

ଅତନୁ ।। (ହସି ହସି)–ଏ ସ୍ଥାନ ତ ଏତେ ଶୀଘ୍ର ତୁମକୁ ଛାଡୁନି ।

ରୀତା ।। ସତ କହୁଛନ୍ତି ?

ଅତନୁ ।। ହଁ ।

ରୀତା ।। ଆଃ ! କେଡ଼େ ମଜା ଲାଗୁଚି ଏ ଦିନଗୁଡ଼ାକ ! ସବୁଦିନ ପାଇଁ ଏଠି ଏମିତି ରହିଯାଆନ୍ତି କି–

ଅତନୁ ।। ରୀତା !

ରୀତା ।। ସତରେ ଡାକ୍ତର ବାବୁ, ମୁଁ ଯଦି ସେଠିକି ଫେରିଯାଏ–ତାହାହେଲେ ମୁଁ ପୁଣି ପାଗଳ ହୋଇଯିବି । ଏଠାକାର ପରିବେଶ, ବେବିର ସଙ୍ଗୀତ, ଆଉ ଆପଣମାନଙ୍କର ବ୍ୟବହାର ମୋତେ ଏକବାରେ ନିଜର କରିନେଲାଣି ।

ଅତନୁ ।। ମୁଁ ଜାଣେ, ନାରୀ ମାତ୍ରେ ହିଁ ମମତାମୟୀ । ସେମାନେ ଖୁବ୍ ଶୀଘ୍ର ଗୋଟାଏ ଜିନିଷକୁ ଆପଣାର କରି ନିଅନ୍ତି ।

ରୀତା ।। ଆପଣ ଜାଣନ୍ତି କି ନା ମୁଁ କହିପାରିବିନି–ଅନେକଥର ରାତିରେ ଉଠି, ମୁଁ ଏଇ ଚିକିତ୍ସା କେନ୍ଦ୍ରର ଅଣୁପରମାଣୁକୁ ଲକ୍ଷ୍ୟ କରେ । ଅନେକଥର ନିର୍ଜନ ରାତ୍ରିରେ ଆପଣଙ୍କୁ ଦେଖିଚି ।

ଅତନୁ ।। ମତେ ?

ରୀତା ॥ ହଁ ଦେଖେ, ଆପଣ କ'ଣ ବସି ଲେଖୁଛନ୍ତି । ଆସିବାକୁ ଇଚ୍ଛାହେଲେ ବି ଆସେନା । ଆଚ୍ଛା, କ'ଣ ସବୁ ବସି ଲେଖନ୍ତି ଆପଣ ?

ଅତନୁ ॥ ମୁଁ... ? ଗୋଟାଏ thesis ଲେଖୁଚି ମେଡ଼ିସିନ ଉପରେ । ଆଉ କିଛି ନୁହେଁ । ସେଥିଲାଗି ମତେ ରାତିରେ ଅନିଦ୍ରା ହୋଇ ଲେଖିବାକୁ ହୁଏ ।

ପିନାକୀ ॥ (ପ୍ରବେଶି)...ମତେ ଡାକୁଥିଲେ ଡକ୍ଟର ?

ଅତନୁ ॥ ହଁ । ଆସନ୍ତୁ ଏଠିକି ।

ରୀତା ॥ ମୁଁ ତେବେ ଆସେ ।

ଅତନୁ ॥ ହଉ ।

ରୀତା ॥ (ଇଙ୍ଗିତରେ) ଟିକେ...

ଅତନୁ ॥ କ'ଣ ବେବିକୁ ?

ରୀତା ॥ ହଁ ।

ପିନାକୀ ॥ ମୁଁ ଡାକି ଦଉଚି ।...ବେବି ! ବେବି !!

ବେବି ॥ (ଉପରୁ)–ଯାଉଚି ଡାଡ଼ୀ ।

ପିନାକୀ ॥ (ରୀତାକୁ) ବେବି ତମ ପାଖରେ ଆଦରି ଗଲାଣି ମା । ସବୁବେଳେ ସେ ତମରି ପ୍ରଶଂସା କରୁଚି ।

ଅତନୁ ॥ ପିଲା ମାତ୍ରକେ ସ୍ନେହ କଙ୍ଗାଳ ପିନାକୀ ବାବୁ । ଟିକିଏ ସ୍ନେହ ପାଇଲେ ସେମାନେ ବିରାଡ଼ି ଭଳି ଗୁଞ୍ଜି ହୋଇଯିବେ ପାଖରେ ।

ବେବି ॥ ମତେ ଡାକିଲେ ଡାଡ଼ୀ ?

ପିନାକୀ ॥ ହଁ–ଯା, ଦିଦି ଡାକୁଚି ।

ବେବି ॥ ଦିଦି !

ରୀତା ॥ ଆ-(ଦୁହେଁ ସାଙ୍ଗହେଇ ଚାଲିଗଲେ ତିନି ନମ୍ବର କୋଠରୀକୁ ।)

ପିନାକୀ ॥ ଡାକ୍ତର ବାବୁ !

ଅତନୁ ॥ ଆଜି ଆପଣଙ୍କର Pain ହେଇଚି ?

ପିନାକୀ ॥ ଏ Pain ମୋତେ ମଲା ପର୍ଯ୍ୟନ୍ତ ଛାଡ଼ିବନି ଡାକ୍ତରବାବୁ । ମୋର ବିଶ୍ୱାସ ସେ ମୋତେ ସାଙ୍ଗରେ ନେଇ ଯିବାକୁ ଆସିଚି ।

ଅତନୁ ॥ ଆପଣ ସେସବୁ କାହିଁକି ଭାବୁଚନ୍ତି ? ଆସନ୍ତା କାଲି ଆପଣଙ୍କର ଅପରେସନ୍ ହେବ । ମୁଁ ଡକ୍ଟର ସେନ୍‌ଙ୍କୁ ସେଇଥିପାଇଁ Specially ଡାକିଚି ।

ପିନାକୀ ॥ ଯାହା ହେଲେବି, ମୁଁ ଆଉ ବ ୍ବିନି ଡାକ୍ତର । ଏଇ ମୋର କାଳ ଆସିଚି । ଆଃ... ?

ଅତନୁ ॥ କ'ଣ ହେଲା ?

ପିନାକୀ ॥ ଓଃ...ବଡ଼ ଯନ୍ତ୍ରଣା ହଉଚି ଡାକ୍ତର ! (Pause) ଡାକ୍ତର ! ଗୋଟିଏ କଥା କେତେଦିନ ହେଲା ଭାବୁଚି । କହିବି କହିବି ବୋଲି କହିପାରୁନି । ସାହସ ମଧ୍ୟ ପଇଟୁ ନାହିଁ କହିବାକୁ ।

ଅତନୁ ॥ କାହିଁକି ମୋ ପାଖରେ ଲୁଚାଇବାର କ'ଣ ଅଛି ? କୁହନ୍ତୁ ।

ପିନାକୀ ॥ ଡାକ୍ତର ! ବେବି ମୋର ଏକମାତ୍ର ଉ ରାଧିକାରିଣୀ ।

ଅତନୁ ॥ ମୁଁ ଜାଣେ ।

ପିନାକୀ ॥ ଆଃ... ! ଦୁନିଆରେ ସେ ମୋ ଛଡ଼ା ଆଉ କାହାରି ପାଖରେ ରହିବାକୁ ଭଲପାଏନା । କିନ୍ତୁ ଏଠି ସେ ମୋତେ ଛାଡ଼ି ଆପଣଙ୍କ

ପାଖରେ ବହୁ ସମୟ ବିତାଉଚି । ବରଂ ସେ ଏଠି ବେଶି ଆନନ୍ଦ ପାଉଚି ।

ଅତନୁ ॥ ଏଇଟା ତ ହେବା ସ୍ୱାଭାବିକ ।

ପିନାକୀ ॥ କିନ୍ତୁ ଡାକ୍ତର, ଆପଣଙ୍କୁ ଏଇ ସ୍ୱାଭାବିକତାକୁ ବଜାୟ ରଖିବାକୁ ପଡ଼ିବ । ଆଃ... ! ଓଃ...କୁହନ୍ତୁ । ମୋତେ ଜବାବ ଦିଅନ୍ତୁ ଡାକ୍ତର !

ଅତନୁ ॥ ଏଥିରେ ଭାବିବାର କ'ଣ ଅଛି ?—ଆଚ୍ଛା, ମୁଁ ଜବାବ ଦେଲି ।

ପିନାକୀ ॥ ସତ କହୁଛନ୍ତି ଆପଣ ? ତେବେ ଶୁଣନ୍ତୁ । ମୋର ଯଦି କିଛି ଗୋଟାଏ ହେଇଯାଏ, ତେବେ ବେବିର ଦାୟିତ୍ୱ ଆପଣଙ୍କୁ ବହନ କରିବାକୁ ହେବ ।

ଅତନୁ ॥ ପିନାକୀ ବାବୁ ! ଆପଣ କାହିଁକି ଏସବୁ ଭାବୁଛନ୍ତି ?

ପିନାକୀ ॥ ମୁଁ ସତ କହୁଚି ଡାକ୍ତର ମୋର ଆଉ ବେଶୀ ସମୟ ନାହିଁ । ଯିବା ପୂର୍ବରୁ ମୁଁ ଆପଣଙ୍କ ମୁହଁରୁ ଏତିକି ଶୁଣିବାକୁ ଚାହେ । ବେବିର ଅସହାୟତାକୁ ମୁଁ ମୋଟେ ସହ୍ୟ କରିପାରିବିନି ଡାକ୍ତର । (ଆଖିରେ ଲୁହ) ଆପଣ ମତେ ଜବାବ ଦିଅନ୍ତୁ ।

ଅତନୁ ॥ ହେଲା, ମୁଁ ଜବାବ ଦେଉଚି ।

ପିନାକୀ ॥ ଡାକ୍ତର ବାବୁ ! ମୁଁ ଇହଜନ୍ମରେ ଆଉ ପରଜନ୍ମରେ ବି ଆପଣଙ୍କର ଋଣୀହେଇ ରହିବି । ଭଗବାନ ଆପଣଙ୍କର ମଙ୍ଗଳ କରନ୍ତୁ । ମୁଁ ଏତିକି ଶୁଣି ଖୁସିରେ ମରିପାରିବି ଡାକ୍ତର—ମୁଁ ଏତିକି ଶୁଣି...(କାଶି ଉଠିଲା)—

ଅତନୁ ॥ ହଉ ଆପଣ ଯାଇ Rest ନିଅନ୍ତୁ । ମୁଁ କାଲିକା କଥା କହିବାପାଇଁ ଡାକିଥିଲି ।

ପିନାକୀ ॥ ଏଥର ମୁଁ ପୂରା Rest ନେଇପାରିବି ଡାକ୍ତର–ଏଥର ମୁଁ ନିଶ୍ଚିନ୍ତରେ ଶୋଇପାରିବି । ହଁ...

[ଉପରକୁ ଚାଲିଗଲା ପିନାକୀ । ଅତନୁ ହଠାତ୍ ଚିନ୍ତାକୁଳିତ ହୋଇପଡୁଥିଲେ । ଭାବୁଥିଲେ ସମ୍ଭବତଃ ମନସ୍ତ୍ୱ ତାଙ୍କର ଏଇଠି ହାର ମାନିବ । ଠିଆହୋଇ ରହି ଭାବୁଥିଲେ ସେ । ହଠାତ୍ ଉପରୁ ସାବିତ୍ରୀର ଚିତ୍କାର ଶୁଣାଗଲା ଓ ତା ସହିତ ବୀରବାବୁଙ୍କ କଣ୍ଠରୁ "ସିଷ୍ଟର୍" ବୋଲି ଚିତ୍କାର ଶୁଣାଗଲା । ଅତନୁ ମୁହଁରେ ହଠାତ୍ ହସର ଲହରୀ ଖେଳିଗଲା । ସେ ଆତ୍ମବିସ୍ମୃତ ହୋଇ ଉପରକୁ ଉଠି ଯାଉଥିବା ବେଳେ ମ ଅନ୍ଧାର ହୋଇଗଲା ।]

## ॥ ଦୁଇ ॥

[ମ ଆଲୋକିତ ହେଲା । ଦେଖାଗଲା କଥାବା ା ହେଉଛନ୍ତି ସିଷ୍ଟର୍ ଆଉ ବୀରବାବୁ ।]

ବୀର ॥ ମୁଁ ଯାଉଚି ସିଷ୍ଟର୍ । ଆପଣମାନଙ୍କ ସେବା ସହାନୁଭୂତି ମୁଁ ଜୀବନରେ ଭୁଲି ପାରିବିନି ।

ସିଷ୍ଟର୍ ॥ ସେବା ସହାନୁଭୂତି ଦେଖାଇବା ତ ଡାକ୍ତର ଏବଂ ସେବିକାଙ୍କର ଧର୍ମ ।

ବୀର ॥ ଧର୍ମ ଆଉ ଆଦର୍ଶ ଦୁଇଟା ପୃଥକ୍ ଜିନିଷ ସିଷ୍ଟର୍ । ଆଦର୍ଶଟା ଧର୍ମଦ୍ୱାରା ପରିଚାଳିତ ହୁଏ । ମୁଁ ଦେଖୁଚି ଏଠିକାର ପାଣି-ପବନ ବି ଗୋଟାଏ ଆଦର୍ଶରେ ପରିଚାଳିତ ।

ସିଷ୍ଟର୍ ।। ସେଥିପାଇଁ ତ ଡାକ୍ତର ବାବୁଙ୍କର ସୁନାମ ଆଜି ବଢ଼ି ବଢ଼ି ଯାଉଚି ।

ବୀର ।। ସିଷ୍ଟର୍ ! ଭାରତର ବହୁ ବଡ଼ ଚିକିତ୍ସାଳୟର ମୁଁ ଚିକିତ୍ସା ପ୍ରାର୍ଥୀ ହେଇଚି । ହେଲେ କେଉଁଠି ମୁଁ ଆରୋଗ୍ୟ ହେବାର ସୂଚନା ପର୍ଯ୍ୟନ୍ତ ପାଇନି । ମୂକ ମୁଖରେ କଥା ଦେବାକୁ କୌଣସି ଡାକ୍ତର ଚେଷ୍ଟା ମଧ୍ୟ କରି ନାହାନ୍ତି । ହେଲେ ଅତନୁ ବାବୁ...

[ତାଙ୍କର ହାତ କେଉଁ ଏକ ଅଜ୍ଞାତ ଶକ୍ତି ଉଦ୍ଦେଶ୍ୟରେ ଉଠି ଯାଉଥିଲା ଉପରକୁ । ସତେ ଯେମିତି ସେ କୃତଜ୍ଞତା ଜଣାଉଥିଲେ ତାଙ୍କରି ଉଦ୍ଦେଶ୍ୟରେ ।]

ସିଷ୍ଟର୍ ।। ଆଚ୍ଛା, ଆପଣ ମୂକ ହେଲେ କେମିତି ?

ବୀର ।। ମୁଁ ଟିକିନିଖି କରି ସବୁକଥା ଡାକ୍ତର ଅତନୁଙ୍କୁ କହିଚି ସିଷ୍ଟର୍ । ସେ ମୋର ନବ ଜନ୍ମଦାତା । ଯୁଦ୍ଧଭୂମିରେ ଦିନେ ମୁଁ ବୋମା ମାଡ଼ର ଶିକାର ହେଲି । ଡାକ୍ତରଖାନାରେ ଯେତେବେଳେ ମୁଁ ସଂଜ୍ଞା ଫେରି ପାଇଲି—ଦେଖିଲି, ମୁଁ ଆଉ କଥା କହି ପାରୁନି ।

ସିଷ୍ଟର୍ ।। ଇଏ କ'ଣ ସେଇ ଚାରିବର୍ଷ ତଳର ଘଟଣା ?

ବୀର ।। ହଁ, ଚାରିବର୍ଷ ତଳର ସେଇ ମିଲେଟାରୀ ଅଫିସର ମୂକ ହେଇ ସାରା ଭାରତ ବୁଲିଲା ଅର୍ଦ୍ଧ ପାଗଳ ଭଳି । ମାତ୍ର ଆଶ୍ଚର୍ଯ୍ୟ କଥା—କେତେଟା ଦିନ ଭିତରେ ଡକ୍ଟର ଅତନୁ...ଡକ୍ଟର ଅତନୁ ମଣିଷ ନୁହଁନ୍ତି ସିଷ୍ଟର—ସେ ଦେବତା ।

ସିଷ୍ଟର୍ ।। ଆଜି ପୁଣି ସେ ଗୋଟାଏ ଗୁରୁତର କେଶ୍ ହାତକୁ ନେଇଛନ୍ତି । ଅପରେସନ୍ ପରେ, ସମସ୍ତଙ୍କୁ ବିଦାକରି ସେ ନିଜେ ରୋଗୀ ପାଖରେ ବସିଛନ୍ତି ।

ବୀର ॥ ତାଙ୍କ ହାତର ଦକ୍ଷତା ଅଛି ସିଷ୍ଟର୍ । ମୋର ପୂର୍ଣ୍ଣ ବିଶ୍ୱାସ, ସେ successful ହେବେ । ସମସ୍ତେ ଏଠିକି ଆସନ୍ତି କାନ୍ଦି କାନ୍ଦି; କିନ୍ତୁ ଗଲାବେଳେ ଯାଆନ୍ତି ହସି ହସି । ଡାକ୍ତର ବାବୁଙ୍କୁ ଆଉ ଥରେ ଗଭୀର ଆନ୍ତରିକତା ଜଣାଇବ ସିଷ୍ଟର୍–ମୁଁ ଯାଉଚି ।

ହରି ॥ (ବେବିକୁ ଧରି କହି କହି ପ୍ରବେଶି)...ତା'ପରେ ଆଗନାଅଗନି ବନସ୍ତ ପଡ଼ିଲା । ରାଜାପୁଅ ଯାଇଁ...ଯାଇଁ...ଯାଇଁ...

ବେବି ॥ ତମେ ବନ୍ଦ କଲ...ମତେ ଭଲ ଲାଗୁନି ।

ହରି ॥ କାହିଁକି ମା– ?

ବେବି ॥ ମୁଁ ଡାଡ଼ୀ ପାଖକୁ କେତେବେଳେ ଯିବି ?

ହରି ॥ ଯିବୁ–ଯିବୁ...(ବୀରବାବୁଙ୍କୁ ଦେଖି) କଅଣ ଆଜ୍ଞା, ଚାଲିଯିବେ ?

ବୀର ॥ ହଁ ଭାଇ ।

ହରି ॥ ଜୁହାର ଆଜ୍ଞା ।

ବୀର ॥ ଏ ଚିକିତ୍ସା କେନ୍ଦ୍ରର ସମସ୍ତଙ୍କ ପାଖରେ ମୁଁ ଋଣୀ । ଆଚ୍ଛା ଭାଇ; ଆସୁଚି ।–(ଚାଲିଯାଉଥିଲା) ।

ବେବି ॥ ଅଙ୍କଲ, ବାଏ ବାଏ ।

ବୀର ॥ ବେବି, My daughter ! ମୁଁ ତୋର ଶୁଭକାମନା କରୁଛି ମା । ଆଚ୍ଛା...(ହାତ ହଲାଇ)–ବିଦାୟ ମା-

ହରି ॥ ତା'ପରେ ...(ସିଷ୍ଟର କାନ୍ଦୁଥିବା ଲକ୍ଷ୍ୟକରି)–ଏ ସାବିତ୍ରୀ, ତୋର କ'ଣ ହେଲା ?

ସିଷ୍ଟର୍ ॥ (ଲୁହପୋଛି)–କିଛି ହେଇନି ହରିବାବୁ–ମୋର କିଛି ହେଇନି । ମୁଁ ଖାଲି ଭାବୁଚି, କୋଉଦିନ ସେ ଭଲ ହେଇ ଏମିତି ଏଠୁ ବିଦାୟ ନେବେ ।

ହରି ॥ ହରିବୋଲ, ସରିଗଲା । ତୁ ଏତେ ଭାବିଚିନ୍ତି ହଉଚୁ କାହିଁକି, କହିଲୁ । ତୁ ତ କିଛି ଭାସି ଯାଇନୁ ? ଆଲୋ, ସିଏ ଓଲଟି ତତେ ଛାଡ଼ି ଆଉ ଗୋଟାକର ପିଛା ଧରିଥିଲା । ଲୟନା ମାଇଲା ନାତେ ଯେ, ଏକାଥରେ ପୁଅର ମୁଣ୍ଡ ପଗଲା ।

ସିଷ୍ଟର୍ ॥ ସେ ଯାହା କରନ୍ତୁ ପଛେ–ଏଠୁ ଭଲ ହେଇ ଯାଆନ୍ତୁ । ମତେ ନ ପଚାରନ୍ତୁ–ମୋର ସେଥିପାଇଁ ଶୋଚନା ନାହିଁ, କିନ୍ତୁ ତାଙ୍କର ଏ ଅବସ୍ଥା ମୁଁ ସହି ପାରୁନି ହରିବାବୁ ।–(କାନ୍ଦିବା)–

ବେବି ॥ ତମେ କାନ୍ଦୁଚ ସିଷ୍ଟର୍ ? ତମର କ'ଣ ହେଇଚି ?

ସିଷ୍ଟର୍ ॥ ନା, କିଛି ନାଇଁ ।

ବେବି ॥ ତମର କ'ଣ ହେଇଚି କୁହନା ?

ହରି ॥ ସେଇଆ ପଚାର ମା, ସେଇଆ ପଚାର,–ତାଙ୍କର କ'ଣ ହେଇଚି ?

ବେବି ॥ କୁହନା ସିଷ୍ଟର୍ ।

ସିଷ୍ଟର୍ ॥ ନା, ମୋର କିଛି ହେଇନି ବେବି–ମୋର କିଛି ହେଇନି ।

ହରି ॥ ହରିବୋଲ । ଆଛା କଥା ଏ । ଆଲୋ, କିଛି ହେଇନି ତ କାନ୍ଦୁଚୁ କାହିଁକି ?

ସିଷ୍ଟର୍ ॥ ମୁଁ ତୁମକୁ ମୋଟେ ବୁଝେଇ ପାରିବିନି ହରିବାବୁ–ମୋ ମନକଥା ତୁମକୁ ବୁଝେଇ ପାରିବିନି । ନାରୀ ତା'ର ପୁରୁଷଠାରୁ ସବୁ କଷଣ

ନିର୍ଯାତନା ସହିପାରେ, କିନ୍ତୁ ଯେତେବେଳେ ସେ ତା' ମଥାରୁ ସିନ୍ଦୂର ଦୂରେଇ ଯିବାର ଦୁଃସ୍ୱପ୍ନ ଦେଖେ–ସେ କ'ଣ କେବେ ସହି ପାରିବ ?

[ହଠାତ୍ ଉପର ମହଲାରୁ ଚିତ୍କାର ଶୁଭିଲା– 'ବେବି' ! ତା'ପରେ ଦ୍ରୁତପଦରେ ସିଡ଼ିରେ ଦେଖାଦେଲେ ଡାକ୍ତର ଅତନୁ । ମୁଖ ବିଷଣ୍ଣ । କ୍ଳାନ୍ତଶ୍ରାନ୍ତ ।]

ଅତନୁ ॥ (ଆସ୍ତୁ ଆସ୍ତୁ)–ସିଷ୍ଟର ! ହରି ! (ଆଖିରେ ପରାଜୟର ଅସ୍ତଗାମୀ ସୂର୍ଯ୍ୟ)–ମୁଁ...ମୁଁ ହାରିଯାଇଚି ।

ବେବି ॥ କ'ଣ ହେଲା ଡକ୍ଟର ଅଙ୍କଲ୍ ?

ଅତନୁ ॥ (ବେବିକୁ ତୋଳି ନେଇ ଖୁବ୍ ଜୋର୍‌ରେ ଭିଡ଼ି ଧରିଲା ଛାତିରେ) ବେବି ! ମା ମୋର ! ତୁ ମୋତେ ଅଭିଶାପ ଦେ ମା । ତୁ ମତେ...

ବେବି ॥ କ'ଣ ହେଲା କୁହନା ଅଙ୍କଲ୍ ?

ଅତନୁ ॥ ସିଷ୍ଟର !!

[ଖୁବ୍ ଜୋରରେ ପାଟି କରିଥିଲେ ଡାକ୍ତର ଅତନୁ । ସିଷ୍ଟର ଘଟଣାଟା ଜାଣିବା ପାଇଁ ଉପରକୁ ଉଠି ଯାଇଥିଲେ । ସ୍ଥାଣୁ ଭଳି ଠିଆ ହୋଇଥିଲା ହରି । ପ୍ରଫେସର ପରିଜା ଆଉ ରୀତା ବିଚଳିତ ହୋଇ ପଶି ଆସିଥିଲେ ସେଇ କୋଠରୀ ଭିତରକୁ । ଡାକ୍ତର ଗୋଟିଏ ଭୟା ´ ଦୃଷ୍ଟିରେ ଚାହୁଁଥିଲେ ସମସ୍ତଙ୍କୁ ।]

ପ୍ରଫେସର ॥ଡକ୍ଟର !

ରୀତା ॥ ଅତନୁବାବୁ !

ହରି ॥ ସାର୍ !

ବେବି ॥ ଡକ୍ଟର ଅଙ୍କଲ୍ । କୁହନା– ?

ଅତନୁ ॥ ମତେ ତମେସବୁ ବିଶ୍ୱାସ କର–ମୁଁ ହାରିଯାଇଚି ।

... ପିନାକୀ ବାବୁ ମୋର ସମସ୍ତ ଚେଷ୍ଟାକୁ ଉପହାସ କରି...

ରୀତା ॥ ଅତନୁବାବୁ !

ବେବି ॥ ଡାଡ଼ୀ !

ହରି ॥ ବେବି !

ବେବି ॥ (କାନ୍ଦି ଉଠି) ମୋତେ ଛାଡ଼ । ମୁଁ ମୋ ଡାଡ଼ୀ ପାଖକୁ ଯିବି । ଆରେ...ମତେ ଛାଡ଼ । –(ଭୋ-ଭୋ-ହୋଇ କାନ୍ଦି ଉଠିଚି ।)...ଡାଡ଼ୀ !

ପ୍ରଫେସର ॥ଡକ୍ଟର !...ତମେ ଏ କ'ଣ କଲ ଡକ୍ଟର ! ଏ କ'ଣ କଲ ??– ଯିଏ ସମସ୍ତଙ୍କ ମୁହଁରେ ହସ ଫୁଟାଉଥିଲା–ତମେ ଶେଷରେ ତା'ରି ଆଖିରେ ଲୁହ ଭରି ଦେଲ ?

ଅତନୁ ॥ ପ୍ରଫେସର ପରିଜା !

ରୀତା ॥ ଡାକ୍ତର ବାବୁ !

ଅତନୁ ॥ ରୀତା !

ବେବି ॥ ମୁଁ ଡାଡ଼ୀ ପାଖକୁ ଯିବି । ମତେ ମୋ ଡାଡ଼ୀ ପାଖକୁ ନେଇଚାଲ ।– (କାନ୍ଦୁଥିଲା)–

ହରି ॥ (ବେବିକୁ ଧରି)—କାନ୍ଦନା ମା, କାନ୍ଦନା । ତୋ ଡାଡ଼ୀ... [ଆଉ ଅଧିକ କିଛି କହି ପାରିଲାନି ହରି । ଆଖିକୋଣରେ ତା'ର ଲୁହ ଜକେଇ ଆସିଲା ।]

ରୀତା ॥ ଆ ବେବି ! କଅଁଳ ଫୁଲ ଓଠରେ ହସ ଦେଖିବାକୁ ଏ ସଂସାର ଚାହେନା । ଆ ଭଉଣୀ—ଏ ଘର ଛାଡ଼ି ଆମେ କୁଆଡ଼େ ପଳାଇବା । ତୁ ମୋ ପାଖରେ ଗୀତର ଛନ୍ଦେ ଛନ୍ଦେ 'କବିତା'ର ସ୍ମୃତି ବାଢ଼ିଦେବୁ—ଆଉ ମୁଁ ତତେ... ?...ନା...ନା...

ବେବି ॥ ଦିଦି ! ମୁଁ ଡାଡ଼ୀ ପାଖକୁ ଯିବି ଦିଦି ।...ଡକ୍ଟର ଅଙ୍କଲ୍ ! ମତେ ମୋ ଡାଡ଼ୀ ପାଖକୁ ନେଇଚାଲ...ଅଙ୍କଲ୍ !

[ରୀତାଠାରୁ ଛିଡ଼ିହୋଇ ଅତନୁ ପାଖକୁ ଯାଉ ଯାଉ ଭୂଇଁରେ କଚାଡ଼ି ହୋଇ ପଡ଼ିଲା ବେବି । ତା'ପରେ ସେ ଖୁବ୍ ଜୋରରେ କାନ୍ଦି ଉଠିଲା ।]

ହରି ॥ ବେବି ! କାନ୍ଦନା ମା, କାନ୍ଦନା ।

ପ୍ରଫେସର ॥ ତମେ ବଡ଼ ନିଷ୍ଠୁର ଡାକ୍ତର । ଛୁରୀ କଇଁଚି ଚଳାଇ ତମ ହୃଦୟ କଠୋର ହେଇଗଲାଣି ।—(Pause)...ଡକ୍ଟର ! ମୋ ଜୀବନଟା ନେଇ ତମେ ବେବିର ଡାଡ଼ୀ ଦେହରେ ଭର୍ତ୍ତି କରିଦେଇ ପାରିବ ?

ଅତନୁ ॥ ପ୍ରଫେସର...ପରିଜା !

ପ୍ରଫେସର ॥ ପାରିବ ଡକ୍ଟର...ପାରିବ ? ମୋ ଜୀବନ ବିନିମୟରେ ମୁଁ ଚାହେ ଏଇ କୋମଳ କଳିକା ମୁହଁରେ ଟେନାଏ ହସ । ଫୁଟନ୍ତା ଫୁଲର ଓଠରେ ଏ ଦାରୁଣ ଲୁହର ଧାର ଶୋଭା ପାଏନା ଡକ୍ଟର । ତମେ ଥରେ ଚେଷ୍ଟାକର ।

ଅତନୁ ॥ ପ୍ରଫେସର ପରିଜା !...ନା ନା–

ପ୍ରଫେସର ॥ତୁମେ ପାରିବନି । ମଣିଷ ଯେତେବେଳେ ଗୋଟିଏ ଗ୍ରହ ଛାଡ଼ି ଅନ୍ୟ ଗ୍ରହକୁ ଯିବାକୁ ବସିଲାଣି–ତମେ ସେତେବେଳେ ଗୋଟିଏ ମଣିଷର ଜୀବନକୁ ଆଉ ଗୋଟାଏ ମଣିଷ ଦେହ ଭିତରେ ଭର୍ତ୍ତି କରିଦେଇ ପାରିବନି ? ତେବେ କି ଡାକ୍ତର ହେଇଚ ତମେ ?

ରୀତା ॥ ଆପଣ ହୃଦୟକୁ ପଥର କରି ଏସବୁ ସହି ପାରୁଛନ୍ତି ଅତନୁବାବୁ ।

ଅତନୁ ॥ ରୀତା !–ପ୍ରଫେସର ପରିଜା ! ତମେସବୁ ମୋତେ ବୁଝିବାକୁ ଚେଷ୍ଟାକର । ଅନେକ ଦିନର ସାଧନା ଆଜି ମୋର ବ୍ୟର୍ଥ ହେଇଚି ଡାକ୍ତର । ବ୍ୟର୍ଥ ହେଇଚି ଡକ୍ଟର ସେନ୍‌ଙ୍କ ବିଚକ୍ଷଣ ଅପରେସନ୍ । ସବୁ ଖାଲି ବ୍ୟର୍ଥ–ବ୍ୟର୍ଥ......

ପ୍ରଫେସର ॥ବ୍ୟର୍ଥତାକୁ ସମ୍ବଳ କରି ତମେ ପ୍ରଳାପ କର ଡକ୍ଟର–ନିସ୍ତରଙ୍ଗ ସାଗର ଛାତିରେ ତରଙ୍ଗର ବିପ୍ଳବ ଛୁଟାଅ । ରୋମ୍ ନଗରୀରେ ଧ୍ୱଂସର ତାଣ୍ଡବ ଚାଲି ଥିଲା ବେଳେ–ତମେ ନୀରୋ ସାଜି ବୀଣା ବାଦନ କର । ଆକାଶ ଛିଡୁ, ପୃଥିବୀ ଧ୍ୱଂସ ହେଉ–ତଥାପି ତମେ ଆଗେଇ ଚାଲ । –(ଚାଲିଗଲେ ଭିତରକୁ)–

ବେବି ॥ (କାନ୍ଦି କାନ୍ଦି)–ଦିଦି ! ତମେ ଡକ୍ଟର ଅଙ୍କଲ୍‌ଙ୍କୁ କୁହନା ଟିକେ– ।

ରୀତା ॥ ବେବି ! ଅନେକ ଦିନରୁ ମୋର ଏ ହାତ ଦି'ଟା ଅନଭ୍ୟସ୍ତ ହେଇ ପଡ଼ିଛନ୍ତି ଭାଓଲିନ୍‌ରେ ସ୍ୱର ଭରିବାକୁ । ମୁଁ ଆଜି ତୋରିଲାଗି ପୁଣି ଥରେ ସେଇ ଭାଓଲିନ୍‌ରେ କରୁଣ ମୂର୍ଚ୍ଛନା ତୋଳି କାନ୍ଦିବି ବେବି– ତୁ ଆ ମୋ ସାଙ୍ଗରେ ।

ବେବି ॥ ଦିଦି ! ମୁଁ ଡାଡ଼ୀ ପାଖକୁ ଯିବି ଦିଦି !

ରୀତା ॥ ଆ ମା ।

[ଦୁହେଁ ସେ କୋଠରୀ ଛାଡ଼ି ଚାଲିଗଲେ ଭିତରକୁ । ଡାକ୍ତର ନୀରବରେ ଠିଆ ହୋଇ ଶୁଣୁଥିଲେ ବେବିର କଇଁ କଇଁ କାନ୍ଦ । ସେ କାନ୍ଦଣାଟା ଡକ୍ଟର ଅତନୁଙ୍କ କର୍ଣ୍ଣ କୁହରରେ ପଶି ମନକୁ ଦୋହଲାଇ ଦେଉଥିଲା ଭଳି ମନେ ହେଉଥିଲା ।]

ହରି ॥ ସାର୍ !

ଅତନୁ ॥ ଆଃ ! ଚୁପ୍‌କର !

ହରି ॥ ହେଲେ ସାର୍– !

ଅତନୁ ॥ ମୋ ପାଖରୁ ଚାଲି ଯାଅ କହୁଛି–ଚାଲିଯାଅ !

ହରି ॥ ତେଣେ ସାର୍...

ଅତନୁ ॥ (ଟିକିଏ ଗମ୍ଭୀର ଭାବେ ଚାହିଁ)–ନା, ତମେ ସମସ୍ତେ ଥାଅ । ମୁଁ ଚାଲି ଯାଉଚି । ହଁ, ମୁଁ ଚାଲି ଯାଉଚି ।

ହରି ॥ ସାର୍... ! ସା... ! !

[ଡାକ୍ତର ଅତନୁ କ୍ଷିପ୍ର ପଦକ୍ଷେପରେ ଚାଲିଗଲେ ବାହାରକୁ । ହରି କାଠ ଭଳି ଠିଆହୋଇ ଚାହିଁ ରହିଥିଲା ସେଇଆଡ଼େ । ପାଟିରେ ଲାଗିଥିଲା 'ସାର୍'...ର ପ୍ରଶ୍ନବାଚୀ ସଂଳାପ ।...କିଛି ସମୟ ପାଇଁ ମ ଅନ୍ଧକାର ହୋଇଗଲା ।]

## ॥ ତିନି ॥

[ପୁଣି ମ  ଆଲୋକିତ ହେଲା ପରେ ଦେଖାଗଲା ରାତ୍ରିର ପରିବେଶ । ଚିକିତ୍ସା କେନ୍ଦ୍ରରେ ଶୁଷ୍କ ମୁଖରେ ତଳେ ବସିଛି ହରି । ଅନତି ଦୂରରେ ଠିଆହୋଇ ଡାକୁଛି ଅଇଁଠା ଭାଇନା ।]

ଅଇଁଠା ॥ ହଇହେଁ ବାବୁ ! ତମେ ଏମିତିଁ ବସିଁ ରହିଲଁ କ'ଣ ?

ହରି ॥ (ଦୁଃଖରେ)–ହରିବୋଲ୍ !

ଅଇଁଠା ॥ ଆହେଁ ଖାଇଁବ ଚାଲୁନାଁ ? ରାତି ପ୍ରା ଆସି ଦିଁ ଘଡ଼ି ହେଲାଣି ?

ହରି ॥ ତମେ ଖାଇନିଅ ଅଇଁଷ୍ଟୁ ଭାଇନା । ମୋର କାହିଁକି ଆଜି ଖାଇବାକୁ ଇଚ୍ଛା ହଉନି ।

ଅଇଁଠା ॥ ଆଁ ହେ କପାଁଳକୁ କହିଁବ । ହଇହେଁ ବାବୁଁ ! ତମେ ପ୍ରା ସକାଳୁ ଖାଇଁନ ? ଦିନକୁ ପା  ବଁକ୍ତ ଖାଇବା ଲୋକଁ !!

ହରି ॥ କିଛି ଭଲ ଲାଗୁନି ଭାଇନା ! ଡାକ୍ତର ବାବୁ ସେଇ ପହରୁ କୁଆଡ଼େ ଯାଇଛନ୍ତି ଯେ–ତାଙ୍କର ଖିଆପିଆରେ ବି ଠିକ୍ ଠିକଣା ନାହିଁ । ମୋର ଭୋକ ମରି ଯାଇଚି ସେଇ ପହରୁ । ତମେ ଯାଅ–ଅନ୍ୟମାନଙ୍କ କଥା ବୁଝ ।

ଅଇଁଠା ॥ ବୁଝିବିଁ କ'ଣ ହେଁ ! ସକାଁଳେ ତ ସବୁ ପାଁକ ନଷ୍ଟ ହେଲାଁ । ଏ ବେଁଳା ସେଇୟାଁ କରଁ ସମଁସ୍ତେ ମିଶିଁ ।

ହରି ॥ (ଉଠିଯାଇ) ମତେ ଆଉ ବାଧ କରନା ଭାଇନା ।

ଭୀମ ॥ (ଉପରୁ ଆସୁ ଆସୁ) ମୋଟେ ବାଧ କରନା । ସେ ଯାଉଚି ଯୁଆଡ଼େ ଯାଉ । ହେଲେ ମୋର ନୟନା ତ ଅଛି ?

ହର ॥ ହରବୋଲ୍ ! ସରଗଲା ।

ଅଇଁଠା ॥ ଲୟନା ? ସିଏଁ କିଏଁ ହେଁ !

ଭୀମ ॥ ଏଁ, ତମେ ମୋ ନୟନାକୁ ଚିହ୍ନିନା ? ହାଃ–ହାଃ–ହାଃ... !! ଆରେ ତାକୁ ଏ ଦୁନିଆଁରେ କିଏ ନ ଚିହ୍ନେ ? ଅପୂର୍ବ ଅଭିନୟ କରି ଶହ ଶହ ଦର୍ଶକଙ୍କୁ ସେ ଯେମିତି ମୁଗ୍ଧ କରିପାରେ–ଅନୁପମ ରୂପଦ୍ୱାରା ହଜାର ହଜାର ପୁରୁଷଙ୍କୁ ସେ ମଧ୍ୟ ପାଗଳ କରିପାରେ ।

ଅଇଁଠା ॥ ସତେ ? ଏ ଶୁଣ ହେଁ ।

ହରି ॥ ତେମେ ଶୁଣ ହେ ଭାଇନା । ସବୁଦିନେ ସେ କଥାଗୁଡ଼ା ଶୁଣି ଶୁଣି କାନ ମୋର ବଧିରା ହେଇଗଲାଣି । ମୋର ଆଉ ଶୁଣିବାକୁ ଧୈର୍ଯ୍ୟ ନାହିଁ ।

ଭୀମ ॥ ମୋର କିନ୍ତୁ ଧୈର୍ଯ୍ୟ ଥିଲା ବହୁତ । ନୟନାକୁ ଗୋଟିପଣ ନିଜର କରି ମୁଁ ରଖିଥିଲି । ହେଲେ ମୋ ସ୍ତ୍ରୀ ସେସବୁ କଥା ଜାଣିପାରିଲା । ଦିନେ ସେ ଆସି ମତେ କହିଲା–(ଅଭିନୟ ଭଙ୍ଗୀରେ)–ସ୍ୱାମୀ !

ଅଇଁଠା ॥ ବେହେଲ ନାଁ କ'ଣ ମ ! ଆହେଁ ଇଏଁ କ'ଣ ହେଁ...ମୁଁ ବୁଢ଼ାଁଟା ପ୍ରା ।

ଭୀମ ॥ (ଅଇଁଠା ପାଦଧରି) ସ୍ୱାମୀ ! ତମେ ମତେ ସଂସାରରୁ ଉଚ୍ଛନ୍ନ କରି ଦିଅନା । ତମେ ସେ ରାକ୍ଷାସୁଣୀକୁ ଭୁଲି ଯାଅ ।

ଅଇଁଠା ॥ ଆହେଁ ଇଏ କଁ... ? ଛାଡ଼ ହେଁ... !–(ପାଦ ଛଡ଼ାଇ ନେଇ)–ହଇହେଁ ଏ କ'ଣ ? ଏଁ ପୃଥ୍ୱୀ ସତ୍ୟାନାଶ ହେଇଁଗଲା ହେଁ ।

ଭୀମ ॥ (ହରି ଆଡ଼କୁ ଚାହିଁ)–ତା'ପରେ ମୁଁ କହିଲି–

ହରି ॥ ମତେ ନୁହଁ, ତମର ଯାହା କହିବା କଥା ତମେ ସେଇ ଭାଇନାଙ୍କୁ କୁହ ।

ଅଇଁଠା ॥ ଦର୍କାର ନାହିଁ ହେଁ ।

ଭୀମ ॥ ମୁଁ କହିଲି (ଅଭିନେତା ଭଙ୍ଗୀରେ)–ଚାହେନା ଏସବୁ । ବ୍ୟଭିଚାରିଣୀ ! ନିର୍ବାସିତ ହୁଅ ।

ଅଇଁଠା ॥ ବାପଁରେ ବାପ୍ । ମୁଁ ଚାଲିଲି–(ଫିଟା କଛାକୁ ମାରି ମାରି ଅଇଁଠା ପଳାଇଗଲା ଭିତରକୁ ।)–

ହରି ॥ ଭାଇନା, ଚାଲିଗଲ ?

ଭୀମ ॥ ସେ ଘର ଛାଡ଼ି ଚାଲିଗଲା ଲୁହ ଢାଳି ଢାଳି । ନୟନାକୁ ପାଇ ମୁଁ ତାକୁ ଭୁଲିଗଲି; କିନ୍ତୁ ଦିନେ ଜାଣିଲି ନୟନା...

[ଏହି ସମୟରେ ବାହାରୁ ପଶି ଆସିଲେ ଡାକ୍ତର । କ୍ଲାନ୍ତ, ବିଷଣ୍ଣ ମୁଖମଣ୍ଡଳ । ହରି ସେମିତି ମଉନ ହୋଇ ଠିଆ ହୋଇଥିଲା । ଡାକ୍ତରଙ୍କୁ ଦେଖି ଟିକିଏ ବ୍ୟଗ୍ର ହୋଇ ଉଠିଲା ସେ ।]

ଭୀମ ॥ (ଡାକ୍ତରଙ୍କୁ)–ନୟନା !

ଅତନୁ ॥ ନୟନା ଉପରେ ଅଛି; ଯାଆନ୍ତୁ ।

ଭୀମ ॥ ଉପରେ ଅଛି । କିନ୍ତୁ...

ଅତନୁ ॥ ଆପଣ ଯାଆନ୍ତୁ ।...ହରି !

ହରି ॥ ସାର୍ !

ଅତନୁ ॥ ଭୀମବାବୁଙ୍କୁ ଉପରକୁ ନେଇଯାଅ–ନୟନା ଦାୟିତ୍ୱରେ ଛାଡ଼ିଦେବ ।

ହରି ।। ଆସନ୍ତୁ ଆଜ୍ଞା ।

ଭୀମ ।। ତମେ ମତେ ନୟନା ପାଖରେ ଛାଡ଼ି ଦେବ ?

ହରି ।। ହଁ । ଆଦେଶ ହେଲା ପରା ।

ଭୀମ ।। ତେବେ ଚାଲ । ମୁଁ ତା ସହିତ ଶେଷ ନିଷ୍ପତ୍ତି କରିବାକୁ ଚାହେ ।

ହରି ।। ଉପରେ ନିଷ୍ପତ୍ତି କରିବେ ଆସନ୍ତୁ ।

ଭୀମ ।। ଚାଲ ତେବେ ।

[ଦୁହେଁ ସିଡ଼ିରେ ଚାଲିଗଲେ ଉପରକୁ । ଡାକ୍ତର ଚେୟାର କୋଳରେ ନିଜକୁ ରଖି ଦେଇ କ୍ଲାନ୍ତ ଭଳି ନିଶ୍ୱାସ ଛାଡୁଥିଲେ । ଆଖି ବୁଜି ହୋଇଯାଇଥିଲା ତାଙ୍କର । କିଛି ସମୟ ପରେ କୋଠରୀରେ ଦେଖାଦେଲେ ସିଷ୍ଟର୍ ।]

ସିଷ୍ଟର୍ ।। ସାର୍... !

ଅତନୁ ।। କିଏ ? ସିଷ୍ଟର୍ ! ତମେ ଯାଅ । I am too tired.

[ସିଷ୍ଟର୍ ବିନା ବାକ୍ୟବ୍ୟୟରେ ଚାଲିଗଲା ଉପରକୁ । ଅନତି ବିଳମ୍ବରେ କୋଠରୀରେ ଦେଖାଦେଲା ଅଇଁଠା ।]

ଅଇଁଠା ।। ଆଜ୍ଞା !

ଅତନୁ ।। କିଏ ?

ଅଇଁଠା ।। ଖାଇବା ଗଣ୍ଡାକ ତେଣେଁ...

ଅତନୁ ।। ମୁଁ କିଛି ଖାଇବିନି । ତମେ ଯାଅ...

ଅଇଁଠା ।। ଏତେ ପରିଶ୍ରମ କରିଁ ରାନ୍ଧିଚିଁ...

ଅତନୁ ॥ ଓଃ ? ତମେ ଯାଅ ।

ଅଇଁଠା ॥ ହଉ, ଠାକୁରଙ୍କ ଇଛାଁ...

ଅତନୁ ॥ ଓଃ, ବିରକ୍ତ କରନା ।

[ଅଇଁଠା ନୀରବରେ କୋଠରୀରୁ ବାହାରି ଯାଇଥିଲା । ସିଡ଼ିରେ ଓହ୍ଲାଇବା ବେଳେ ଦୁହିଁଙ୍କର ବାକ୍ୟାଳାପ ଶୁଣି ପାରିଥିଲା ହରି । ସେ ଆଉ ବିରକ୍ତ ନ କରି ଚୁପ୍ କରି ଭାଇନା ଫେରିବା ଦ୍ୱାରରେ ଭିତରକୁ ଗଲା । କୋଠରୀରେ ନୀରବତା ଦେଖାଦେଲା ଅନେକ ସମୟ ଧରି । ତା'ପରେ ଦେଖାଗଲା ବାହାରୁ ମୁଖ୍ୟ ଦରଜା ଦେଇ ଭିତରକୁ ଆସୁଥିଲା ଜୟନ୍ତ । ପାଦର ଜୋତା ତା'ର ମଚ୍‌ମଚ୍ ଶବ୍ଦ କରୁଥିଲା । ସେଇ ମଚମଚ୍ ଶବ୍ଦ ହିଁ ସାରା କୋଠରୀରେ ପ୍ରତିଧ୍ୱନିତ ହେଉଥିଲା । ସେଇ ଶବ୍ଦର ଆଘାତ ନିଜ ଛାତିରେ ଅନୁଭବ କରି ଅତନୁ ପାଟି କରି ଉଠିଲା ।]

ଅତନୁ ॥ କିଏ ସେ ?

ଜୟନ୍ତ ॥ ମୁଁ ?

ଅତନୁ ॥ (ବିରକ୍ତି ଭଙ୍ଗୀରେ) ଜୟନ୍ତ !...କୁଆଡ଼େ ଆସିଲୁ ?

ଜୟନ୍ତ ॥ ଗୋଟାଏ ସୁ-ସମ୍ବାଦ ଦେବାକୁ ।

ଅତନୁ ॥ କ'ଣ କବିତା 'ଶତଦଳ' ବାଣୀପୀଠ ପୁରସ୍କାର, ଏକଲକ୍ଷ ଟଙ୍କା ପାଇବା କଥା ନା ?

ଜୟନ୍ତ ॥ କିନ୍ତୁ ତୁ... !

ଅତନୁ ॥ ତୁ ଏଠିକି ଆସିବାର ବହୁତ ପୂର୍ବରୁ ରେଡ଼ିଓ ସେ ଖବରଟା ମୋତେ ଦେଇ ଦେଇଚି । ତୁ ମୋ ପାଖକୁ ଏ ଖବର ଧରି ନ ଆସିଥିଲେ ବୋଧହୁଏ ଭଲ ହେଇଥାଆନ୍ତା ।

ଜୟନ୍ତ ॥ ଅତନୁ !!

ଅତନୁ ॥ ଆଉ କ'ଣ କହିବାକୁ ଚାହୁଁ ?

ଜୟନ୍ତ ॥ ଏ ସମ୍ମାନଟା ପାଇଁ ତୋର ଈର୍ଷା ହଉଚି—ନୁହେଁ ?

ଅତନୁ ॥ ଜୟନ୍ତ ! ଅନ୍ତତଃ ବ ର୍ମାନ ପାଇଁ ତୁ ଏଠୁ........

ଜୟନ୍ତ ॥ ମୁଁ ଜାଣେ ଅତନୁ—ଦୁନିଆରେ କେହି ସ୍ୱାର୍ଥ ତ୍ୟାଗକରି ନିଶ୍ଚିନ୍ତ ହେଇ ପାରିବେନି ।

ଅତନୁ ॥ ନା—ନା...ମୁଁ ସେସବୁ...

ଜୟନ୍ତ ॥ ତ୍ୟାଗ ଅନ୍ତରାଳରୁ ମାନସିକ ଅଶାନ୍ତି ସମସ୍ତ ମନକୁ ସଂକ୍ରମିତ ହୁଏ । ଆଜି ତୋର ଯଶ, ସମ୍ମାନ ଆଉ ସ୍ୱାର୍ଥ ଉପରେ, ଅନ୍ୟ ଜଣକର ପ୍ରଭୁତ୍ୱକୁ ତୁ ନିର୍ବିକାରରେ ସ୍ୱୀକାର କରି ଯାଆନ୍ତୁ ଅବା କେମିତି ?

ଅତନୁ ॥ (ଆର୍ଦ୍ର କଣ୍ଠରେ)—ଜୟନ୍ତ !

ଜୟନ୍ତ ॥ ଜୟନ୍ତ କେବେ ହାରି ଯାଇନି ବନ୍ଧୁ—ପ୍ରକୃତରେ ହାରିବାର ପ୍ରଣବ ଉଚ୍ଚାରଣ କରୁଛି ଡାକ୍ତର ଅତନୁ ।

ଅତନୁ ॥ ଜୟନ୍ତ ! ଦୟାକରି ତୁ ସେସବୁ କଥା ବନ୍ଦ କର ।

ଜୟନ୍ତ ॥ ଡାକ୍ତର ହିସାବରେ ଉପଦେଶ ଦେଇ ତୁ ମତେ ଆଜିଯାଏ ଚୁପ୍ କରି ଆସିଥିଲୁ । ହେଲେ ଅତନୁ, ଆଜି ବନ୍ଧୁ ହିସାବରେ ତୋ

କଥା ମୁଁ ଅମାନ୍ୟ କରିବାକୁ ବାଧ୍ୟ ହଉଚି ।...ତୋର ମନେଅଛି ?—ଯେଉଁଦିନ ତୁ ଅଶାନ୍ତ ପ୍ରଶାନ୍ତ ମହାସାଗରର ଉର୍ମିଳ ଜଳରାଶିକୁ ଚାହିଁ ଚାହିଁ—ଘୁମନ୍ତ ନୀଳିମ ଆକାଶରେ ଉଡ଼ି ଉଡ଼ି ଯାଉଥିଲୁ ଜନ୍ମଭୂମି ଭାରତରୁ ବିଦାୟ ନେଇ ?

ଅତନୁ ॥ ସବୁ ମନେଅଛି ଜୟନ୍ତ—ଗୋଟି ଗୋଟି କରି ସବୁ ମନେଅଛି ।

ଜୟନ୍ତ ॥ ସବୁ ମନେଥିବ ଅତନୁ । ହେଲେ ବନ୍ଧୁ ଜୟନ୍ତର ବିଦାୟକାଳୀନ ଅଶ୍ରୁଳ କରୁଣ ଚାହାଣୀ ତୋର ମନେ ନ ଥିବ । ସେଦିନ ମୋର ମନେ ହେଉଥିଲା ସତେ ଯେମିତି ମୋରି ଦେହର ଗୋଟାଏ ଅଂଶ, ଆକାଶରେ ଉଡ଼ି ଉଡ଼ି ଯାଉଛି—ଆଉ ଗୋଟାଏ ନିଷ୍କ୍ରିୟ ଅଂଶ ଏରୋଡ୍ରମ୍ ପଡ଼ିଆରେ ଉଦାସିଆ ଭଙ୍ଗୀରେ ଠିଆ ହୋଇ ଚାହିଁ ରହିଚି ନିଃସୀମ ଆକାଶକୁ ।

ଅତନୁ ॥ କିନ୍ତୁ ସେସବୁ କଥା ବ ʼମାନ ମନେ ପକାଇ ଲାଭ କʼଣ ?

ଜୟନ୍ତ ॥ ଲାଭ ଅଛି । ଆଜି ମୁଁ ତୁଳନା କରି ଦେଖୁଚି ମୋର ସେଦିନର ବନ୍ଧୁ ଅତନୁ ସହିତ—ଆଜିର ମନସ୍ତ ୍ୱର ଡାକ୍ତର ଅତନୁକୁ ।

ଅତନୁ ॥ (ଆଘାତ ପାଇଲା ସ୍ୱରରେ)...ଜୟନ୍ତ !

ଜୟନ୍ତ ॥ ସେଦିନ ସେ କହିଥିଲା— "ତୋ ଦାନର ପ୍ରତିଦାନ ମୁଁ କʼଣ ଦେବି ଜୟନ୍ତ ? ତୁ କହ, ଜୀବନଯାକ ମୁଁ କʼଣ ଖାଲି ତୋଠାରେ ଋଣୀ ହେଇ ରହିବି ?" ମୁଁ କହିଥିଲି 'ତୋର ଯାହା ଇଚ୍ଛା ହଉଚି ଦେ' ।

ଅତନୁ ॥ ଜୟନ୍ତ ! Please ବନ୍ଦ କର, ବନ୍ଦ କର ସେସବୁ ।

ଜୟନ୍ତ ॥ ସେ କହିଥିଲା—

ଅତନୁ ।। (ଏକନିଶ୍ୱାସରେ)...ହଁ ମୁଁ କହିଥିଲି– "ଦେଖ୍ ଭାଇ ! ମୁଁ ତୋର ଗୋଟିଏ ନିଃସ୍ୱ ବନ୍ଧୁ; ପ୍ରତିଦାନ କିଛି ଦେଇ ପାରିବାର ଶକ୍ତି ମୋର ନାହିଁ । ମୁଁ କବିତା ଲେଖେ, ଆଉ ତୁ ସେ କବିତା ପଢ଼ିବାକୁ ଭଲ ପାଉ । ଏଣିକି ମୋର ସେ କବିତାଗୁଡ଼ିକୁ" ...(ଅଟକିଗଲା ସ୍ୱର । ଆଉ କହିପାରିନି ସେ ।)–

ଜୟନ୍ତ ।। ମୋ ନାମରେ ପ୍ରକାଶିତ ହେଉ–ଏଇୟା ତ ତୁ ଚାହିଥିଲୁ ?

ଅତନୁ ।। ହଁ ।

ଜୟନ୍ତ ।। କାରଣ ତୁ ଚାହିଥିଲୁ, ମୁଁ ହୁଏ ନାମମାତ୍ର କବି–ତୋର ଋଣମୁକ୍ତି ପାଇଁ । ଏକଥା କ'ଣ ଭୁଲ୍ ?

ଅତନୁ ।। ନା...କାରଣ ଛୁରୀ କଇଁଚି ସହିତ, କାଗଜ କଲମର ସମ୍ପର୍କକୁ, ମୁଁ ଲୋକ ସମାଜ ଆଗରେ ପ୍ରକାଶ କରିବାକୁ ଚାହୁଁ ନଥିଲି ।

ଜୟନ୍ତ ।। କିନ୍ତୁ ଆଜି ଚାହିଁଚୁ ?

ଅତନୁ ।। ଜୟନ୍ତ !....ମତେ ତୁ ଭୁଲ୍ ବୁଝନା । ମତେ ତୁ.......

ଜୟନ୍ତ ।। ମୁଁ ଭୁଲ୍ ବୁଝିନି ଅତନୁ–ଭୁଲ୍ ଆଡ଼କୁ ଟାଣି ହୋଇ ଯାଉଚୁ ତୁ ? ମାନସିକ ରୋଗର ଡାକ୍ତର ହେଇ ନିଜେ ମାନସିକ ବିପ୍ଲବର ଶିକାର ହେଇଚୁ... ।

ଅତନୁ ।। Please ଜୟନ୍ତ...

ଜୟନ୍ତ ।। ତୁ କହ,... କାଲି ଯଦି ଦୁନିଆ ଜାଣିବ ମୁଁ ପ୍ରକୃତରେ କବି ନୁହେଁ– ତେବେ ସମାଜରେ ମୋର ଅବସ୍ଥା କ'ଣ ହେବ ?

ଅତନୁ ।। ଜୟନ୍ତ... !

ଜୟନ୍ତ ॥ ଏତିକି ସ୍ୱାର୍ଥ ଯଦି ତୁ ତ୍ୟାଗ କରି ନ ପାରିଲୁ–ତେବେ କାହିଁକି – କାହିଁକି ମୋତେ ଦୁନିଆ ଆଗରେ ହନୁମାନ ମୁଖା ପିନ୍ଧି ନାଚିବାକୁ ବେଶ କରି ଛାଡ଼ିଦେଲୁ ? ଏଇ କ'ଣ ତୋର ବନ୍ଧୁତାର ପ୍ରତିଦାନ ? ଏଇ କ'ଣ ମୋର ଅଜସ୍ର ଟଙ୍କା ଦେବାର ପ୍ରତିଫଳ ? ?

ଅତନୁ ॥ ଜୟନ୍ତ (Pause) –ମତେ କ୍ଷମା କର ଭାଇ–ମତେ କ୍ଷମା କର । ...ମୁଁ ଭୁଲ କରିଚି । ମୁଁ କବି ନୁହଁ–ମୁଁ ଜଣେ ଡାକ୍ତର । ମୁଁ...(କହି ପାରିଲାନି ଆଉ କିଛି)–

ଜୟନ୍ତ ॥ ଏ କ'ଣ ?–ତୋ ଆଖିରେ ଲୁହ !

ଅତନୁ ॥ (ମୁହଁ ପୋଛି)–ଲୁହ ନଥିଲେ ହସର ମୂଲ୍ୟ କେହି ବୁଝନ୍ତିନି ବନ୍ଧୁ । ମଣିଷ ଜୀବନପାଇଁ ହସ ଯେତିକି ଦରକାର ଲୁହ ମଧ୍ୟ ସେତିକି ଦରକାର । (ପ୍ରସ୍ତୁତ ହୋଇ) –ତୁ କହ, ଏଣିକି ମୁଁ କ'ଣ କରିବି ?

ଜୟନ୍ତ ॥ ମୁଁ ଯାହା କହିବି, ତୁ କରିପାରିବୁ ?

ଅତନୁ ॥ ବିଶ୍ୱାସ ରଖ । ଥରେ ଏ ମନଟା ଦୁର୍ବଳ ହୋଇ ହାରିଗଲା ବୋଲି କ'ଣ...

ଜୟନ୍ତ ॥ ବେଶ୍ ! କାଲି ସକାଳେ ନାଗରିକ କମିଟି ତରଫରୁ ମୋତେ ସମ୍ବର୍ଦ୍ଧନା ଦିଆଯାଉଚି । ଅନ୍ତତଃ ଜଣେ ସ୍ୱନାମଧନ୍ୟ ନାଗରିକ ହିସାବରେ ତତେ ହିଁ ମୋ ବେକରେ ପ୍ରଥମ ଫୁଲହାର ଦେବାକୁ ହେବ ।

ଅତନୁ ॥ ଫୁଲମାଳ... !...ମୁଁ..... ?

ଜୟନ୍ତ ॥ ହଁ, ତୁ ।

ଅତନୁ ॥ ମୁଁ ଦେବି ? (Pause)–ହଁ, ମୁଁ ପାରିବି ଜୟନ୍ତ–ମୁଁ ପାରିବି ।

ଜୟନ୍ତ ॥ ସାଙ୍ଗରେ ତୋତେ ରୀତାକୁ ନେବାକୁ ପଡ଼ିବ ।

ଅତନୁ ॥ ରୀତା ଯିବ ?

ଜୟନ୍ତ ॥ ଯିବାକୁ ତୁ ବାଧ୍ୟ କରିବୁ । ସ୍ୱାମୀର ଏଡ଼େ ବଡ଼ ସମ୍ମାନ–ସ୍ତ୍ରୀ ହୃଦୟରେ ପ୍ରଭାବ ପକାଇବ ନିଶ୍ଚୟ ।

ଅତନୁ ॥ ହଁ ନିଶ୍ଚୟ...ପକାଇବ...ନିଶ୍ଚୟ !

ଜୟନ୍ତ ॥ ବେଶ୍, ଏଥର ତୁ ଆରାମରେ ଶୋଇପାରୁ । ମନେରଖ, ମୋ କଥା ଭୁଲି ନ ଯାଉ ଯେମିତି ?

ଅତନୁ ॥ ହଁ... ।

ଜୟନ୍ତ ॥ ମୁଁ ଆସୁଚି ଏଥର ।

[ଚାଲି ଯାଉଥିଲା ଜୟନ୍ତ । ଅତନୁ ବିନା ବାକ୍ୟ ବ୍ୟୟରେ ହାତ ହଲାଇ ତା'ର ଅଲକ୍ଷ୍ୟରେ ବିଦାୟ ମାଗୁଥିଲା । ଭାବନା ବିବଶତାରେ ସେ ଠିଆ ହୋଇଥିବା ଅବସ୍ଥାରେ ସେମିତି ହାତ ହଲାଇ ଚାଲିଥିଲା । ଏଇ ସମୟରେ ଝଡ଼ ଭଳି କୋଠରୀ ଭିତରକୁ ପଶି ଆସିଥିଲା ରୀତା । ଆଖିରେ ତା'ର ଦୁନିଆକୁ ଉପହାସ କରିବାର ବିଦ୍ରୂପ । କଣ୍ଠରେ ଅସ୍ୱାଭାବିକତାର ସଂଳାପ ।]

ରୀତା ॥ କବି !

ଅତନୁ ॥ (ଚମକି ପଡ଼ି)...ରୀତା ! ...କବି ତମର ଏଠୁ ଚାଲିଗଲେଣି ।

ରୀତା ॥ କବିଙ୍କର କା' ଯାଇଚି...କିନ୍ତୁ କବି ନୁହଁନ୍ତି ।

ଅତନୁ ॥ ରୀତା ! ତମେ କ'ଣ କହିବାକୁ ଚାହଁ ?

ରୀତା ॥ ମୁଁ କହିବାକୁ ଚାହେ, ଆପଣ ଦୁନିଆ ଆଖିରେ ଅନ୍ଧପୁଟୁଳି ବାନ୍ଧି କେତେଦିନ ଅଭିନୟ କରିବାକୁ ଚାହାନ୍ତି ! କେତେଦିନ କା' ନେଇ ଖେଳ ଖେଳିବାକୁ ଆପଣଙ୍କର ଇଚ୍ଛା ?

ଅତନୁ ॥ ରୀତା ! ଅତନୁ ଯାଦୁକର ନୁହେଁ—ସେ ଜଣେ ଡାକ୍ତର । ତମେ ତାକୁ ଭୁଲ ବୁଝନା ।

ରୀତା ॥ ମୋତେ ଭୁଲ ବୁଝିବାକୁ ଆପଣ ବାଧ କରିଛନ୍ତି ଅତନୁବାବୁ । ମୁଁ ତ କଷଟୀ ପଥର ନୁହେଁ ଯେ, ପ୍ରକୃତ ସୁନା କିଏ, ଆଉ ପି ଳ କିଏ ଚିହ୍ନି ପାରିଥାନ୍ତି ।

ଅତନୁ ॥ ତମେ ବିବ୍ରତ ହୋଇ ପଡ଼ିଚ ?

ରୀତା ॥ ଆପଣ ଏ କ'ଣ କଲେ ? ଜଉ ଘରେ ନିଆଁ ଲଗାଇଦେଇ, ସେଇ ଦୃଶ୍ୟ ଉପଭୋଗ କରି କି ଆନନ୍ଦ ପାଇଲେ ?

ଅତନୁ ॥ ତମେ ଏସବୁ... ??

ରୀତା ॥ ମୁଁ ଆଜି ବି କହୁଚି—ସେଦିନ କବି ଧୂର୍ଜଟୀଙ୍କୁ ମୁଁ ଭଲ ପାଇଥିଲି । ଆଉ ତାଙ୍କୁ ହିଁ ବିବାହ କରିବା ଲାଗି ମୋର ମନ ପ୍ରାଣ ମୁଁ ଉତ୍ସର୍ଗ କରିଥିଲି; କିନ୍ତୁ...କୁହନ୍ତୁ ଅତନୁବାବୁ ?—ମୋର ମାନସିକ ଅଶାନ୍ତି ପାଇଁ କ'ଣ ଆପଣ ପୂରାପୂରି ଦାୟୀ ନୁହଁନ୍ତି ?

ଅତନୁ ॥ ରୀତା !...!!

ରୀତା ॥ କାହିଁକି...କାହିଁକି ଆପଣ କେତେଟା ଟଙ୍କା ସକାଶେ ନିଜ କବିତ୍ୱକୁ ଜଳାଞ୍ଜଳି ଦେଇଦେଲେ ?

ଅତନୁ ॥ ରୀତା !...ତମେ ଏସବୁ କ'ଣ କହୁଚ ?

ରୀତା ॥ (ଉପହାସ କରି) ହୁଁ...ମତେ ଆଉ ଭୁଲାଇବାକୁ ଚେଷ୍ଟା କରନ୍ତୁନି ଅତନୁବାବୁ । ଆପଣଙ୍କର ସବୁକଥା ମୁଁ ଆଜି ଅନ୍ତରାଳରୁ ଶୁଣିସାରିଛି । ଯାହାକୁ ଭଲପାଇ ମୁଁ ପାଗଳ ହୋଇଥିଲି–ତା'ର ପ୍ରକୃତ ରୂପ ଆଜି ମୁଁ ଦେଖିସାରିଛି ।

ଅତନୁ ॥ ରୀତା ! ତମେ ଯାହା ଶୁଣିଛ ମିଛ–ସବୁ ମିଛ ।

ରୀତା ॥ ମିଛ ? ? ?...(ହସିଉଠିଲା ଖୁବ୍ ଜୋର୍‌ରେ)–

ଅତନୁ ॥ ତମେ ହସୁଚ ?

ରୀତା ॥ ମିଛ...

ଅତନୁ ॥ ହଁ, ଖା ି ମିଛ ।

ରୀତା ॥ ଆପଣଙ୍କର କଥାଗୁଡ଼ାକ ବି ସତ ନୁହେଁ ଡାକ୍ତର । ଆପଣ ନିଜେ ମିଥ୍ୟାର ଗୋଟାଏ ପ୍ରତିମୂ ି । ସତ୍ୟର ଅପଳାପ ପାଇଁ ଆପଣ ମିଥ୍ୟାର ଆଶ୍ରୟ ନେଇଛନ୍ତି । ହେଲେ ଡାକ୍ତର, ମୁଁ ନିଜେ ମିଛଟାକୁ ଜାଣିସାରି–ଏ ଦୁନିଆକୁ ମିଛରେ ବୁଡ଼ିରହିବାକୁ ଦେବିନି ।

ଅତନୁ ॥ ରୀତା ତମର ଆଜି କ'ଣ ହେଇଚି ? ତମେ କ'ଣ କହିବାକୁ ଚାହ ?

ରୀତା ॥ ଯିଏ ମୋ ପାଖରେ ଅନ୍ୟର କା' ନେଇ ଅଭିନୟ କରି, ମୋତେ ହିଂସ୍ର କରିଚି–ଏ ଦୁନିଆ ଆଗରେ ତା'ର ପ୍ରକୃତ ସ୍ୱରୂପ ଧରା ପକାଇବାକୁ ମୁଁ ଚାହେ । ଯିଏ ମୋର ଅଶ୍ରୁର ପାରାବାରରେ ରକ୍ତ କମଳ ଫୁଟାଇଚି–ମୁଁ ତାକୁ...

ଅତନୁ ॥ ତମ କଥା କେହି ବିଶ୍ୱାସ କରିବେନି ରୀତା । କାରଣ ସମସ୍ତେ ଜାଣନ୍ତି ତମର ମାନସିକ ବିକୃତି ଘଟିଚି । ତମେ ବଙ୍ଗ...

ରୀତା ॥ ଅତନୁବାବୁ ! ପାଉଁଶ ତଳର ନିଆଁକୁ ବାହାରକୁ କାଢ଼ିଦେଲେ ସେ ଆପେ ତା'ର ଜ୍ୟୋତି ବିକାଶ କରି ପାରିବ । ଗୋଧୂଳି ହ୍ରଦରେ ଅସ୍ତସୂର୍ଯ୍ୟର ଆଭା ଦୀପ୍ତିହୀନ ହେବନି—ବରଂ ଦୀପ୍ତିବାନ ହୋଇଉଠିବ ।

ଅତନୁ ॥ ଆଃ ତମେ ଚୁପ୍ ହୁଅ ରୀତା ! ...ମୋ ମନକୁ ଆଉ ତମେ ବିଷାକ୍ତ କରନା । କାରଣ ଆଗାମୀ ପରୀକ୍ଷାରେ ମୁଁ ହୁଏତ ହାରିଯାଇ ପାରେ ।

ରୀତା ॥ ଜାଣି ଜାଣି ଆପଣ ଯଦି ପରାଜୟକୁ ବରଣ କରିନିଅନ୍ତି—କେହି ଆପଣଙ୍କୁ ବାରଣ କରି ପାରିବେନି । କୁହନ୍ତୁ ତ, କବି ହିସାବରେ ଆପଣ ଆଜି ବଡ଼ ହେଇଛନ୍ତି—ନା ଡାକ୍ତର ହିସାବରେ ?

ଅତନୁ ॥ ରୀତା !!!

ରୀତା ॥ କାହିଁକି ଆପଣ ନିଜର ନିଜତ୍ୱକୁ ଏମିତି ଖାମ୍‌ଖିଆଲୀ ଭାବରେ ଅନ୍ୟ ହାତକୁ ଟେକିଦେଲେ ? ସାମାନ୍ୟ କେତେଟା ଟଙ୍କା ସକାଶେ ଆପଣ...

ଅତନୁ ॥ ମୁଁ ତୁମକୁ ଅନୁରୋଧ କରୁଚି ରୀତା—ତମେ ବନ୍ଦ ହୁଅ । ମୁଁ ଆଉ କିଛି ଶୁଣିବାକୁ ଚାହେନା । ତମେ ଚାଲିଯାଅ ଏଠୁ । ମୋର ଅନୁରୋଧ ତମେ...

ରୀତା ॥ ମୁଁ ଆଜି କାହାରି ଅନୁରୋଧ ଶୁଣିବାକୁ ପ୍ରସ୍ତୁତ ନୁହେଁ ଡାକ୍ତର । ଜୀବନରେ ଯାହାଲାଗି ମୁଁ କ୍ଷତ ବିକ୍ଷତ ହେଇଚି—ଯାହାଲାଗି ଆଙ୍ଗୁଠିରୁ ରକ୍ତ ନିଗାଡ଼ି ମୋର ସବୁଜ ସ୍ୱପ୍ନକୁ କଳଙ୍କିତ କରିଚି —ତାକୁ ଏତେ ଶୀଘ୍ର ବିନା ପୁରସ୍କାରରେ ଛାଡ଼ି ଦେବିନି ।

ଅତନୁ ॥ (ରୀତାଠାରେ ପ୍ରତିହିଂସାର ବହ୍ନି ଲକ୍ଷ୍ୟକରି)—ରୀତା !!!

ରୀତା ॥ କାଲିର ସୂର୍ଯ୍ୟୋଦୟ ପରେ–ଯେତେବେଳେ ନାଗରିକ କମିଟି ତରଫରୁ ଫୁଲହାର ପିନ୍ଧିବାପାଇଁ ଗୋଟାଏ ଅଯୋଗ୍ୟ ମଥା ଗର୍ବୋନ୍ନତ ହୋଇ ପଡ଼ିଥିବ–ସେତିକିବେଳେ ମୁଁ ଚିତ୍କାର କରି କହିବି–ନା, ପ୍ରକୃତ କବି 'ଧୂର୍ଜଟୀ' ଜୟନ୍ତ ନୁହେଁ–ଡାକ୍ତର ଅତନୁ !

ଅତନୁ ॥ (ଠୋ-କିନା ଗୋଟାଏ ଚାପୁଡ଼ା ମାରି)...ରୀତା !!

ରୀତା ॥ (ଗାଲରେ ହାତ ଦେଇ)...କବି !

[ଦୁହେଁ ଦୁହିଁଙ୍କୁ ଚାହିଁ କ୍ଷଣକପାଇଁ ନୀରବ ହୋଇଗଲେ । ଦୁହିଁଙ୍କ ଆଖିରେ ବେଦନାର ଝଡ଼ । ପରେ ପରେ ରୀତା ଖୁବ୍ ଜୋରରେ ହସି ଉଠିଚି ପାଗଳିନୀ ଭଳି ।]

ଅତନୁ ॥ ରୀତା !!!...ମତେ କ୍ଷମା କରିବ ! ମୁଁ...

ରୀତା ॥ ମାଡ଼ମାରି ଆପଣ ଏଣିକି ମୋ ମୁହଁକୁ ବନ୍ଦ ରଖି ପାରିବେନି କବି । ବରଂ ମୁଁ ଏହାକୁ ମୋର ପ୍ରାପ୍ୟ ବୋଲି ଧରିନେବି । ହଁ, ଆଗାମୀ ସକାଳପାଇଁ ଏଇ ମୋର ପ୍ରାପ୍ୟ ।

[କ୍ଷିପ୍ର ପଦକ୍ଷେପରେ ରୀତା ଚାଲିଗଲା ତା'ର କୋଠରୀକୁ । ଆଖିରେ ତା'ର ଲାଗି ରହିଥିଲା ଲୁହ । ଡାକ୍ତର ଅତନୁ ନିର୍ବାକ ହୋଇ ଠିଆ ହୋଇଥିଲେ; ବେଳେବେଳେ ବିଚଳିତ ଭାବେ ପଦଚାଳନା କରୁଥିଲେ । ତାଙ୍କ କାନରେ ପ୍ରତିଧ୍ୱନିତ ହେଉଥିଲା ଦୁଇଟା ପରସ୍ପର ବିରୋଧୀ ସ୍ୱର ।]

ରୀତା ସ୍ୱର ॥ ଅତନୁବାବୁ ! କାହିଁକି ଆପଣ ନିଜର ନିଜତ୍ୱକୁ ଏମିତି ଖାମ୍‌ଖିଆଲ ଭାବେ ଅନ୍ୟ ହାତକୁ ଟେକି ଦେଲେ ? ସାମାନ୍ୟ କେତେଟା ଟଙ୍କା ସକାଶେ, ଆପଣ.........

ଅତନୁ ॥ (ଅସ୍ପଷ୍ଟ ଭାବେ)...ରୀତା !

ଜୟନ୍ତ ସ୍ୱର ॥ ଅତନୁ...ଏତିକି ସ୍ୱାର୍ଥ ଯଦି ତୁ ତ୍ୟାଗ କରି ନ ପାରିଲୁ– ତେବେ କାହିଁକି...କାହିଁକି ମୋତେ ଦୁନିଆ ଆଗରେ ହନୁମାନ ମୁଖା ପିନ୍ଧି, ନାଚିବାକୁ ବେଶ କରି ଛାଡ଼ି ଦେଲୁ ? ଏଇ କ'ଣ ତୋର ବନ୍ଧୁତାର ପ୍ରତିଦାନ ? ଏଇ କ'ଣ ମୋର ଅଜସ୍ର ଟଙ୍କା ଦେବାର ପ୍ରତିଫଳ ?

ଅତନୁ ॥ (ଅସ୍ପଷ୍ଟ ଭାବେ)...ଜୟନ୍ତ !

ରୀତା ସ୍ୱର ॥ ଜୀବନରେ ଯାହା ଲାଗି ମୁଁ କ୍ଷତ ବିକ୍ଷତ ହେଇଚି–ଯାହାଲାଗି ମୁଁ ଆଙ୍ଗୁଠିରୁ ରକ୍ତ ନିଗାଡ଼ି ମୋର ସବୁଜ ସ୍ୱପ୍ନକୁ କଳଙ୍କିତ କରିଚି– ତାକୁ ଏତେ ଶୀଘ୍ର ବିନା ପୁରସ୍କାରରେ ଛାଡ଼ି ଦେବିନି ।

ଅତନୁ ॥ (ଅସ୍ପଷ୍ଟ ଭାବେ)–ନା-ନା, ତମେ... !

ଜୟନ୍ତ ସ୍ୱର ॥ ଅତନୁ ! କାଲି ସକାଳେ ନାଗରିକ କମିଟି ତରଫରୁ ମୋତେ ସମ୍ବର୍ଦ୍ଧନା ଦିଆଯାଉଚି । ଅନ୍ତତଃ ଜଣେ ସ୍ୱନାମଧନ୍ୟ ନାଗରିକ ହିସାବରେ ତତେହିଁ ମୋ ବେକରେ ପ୍ରଥମେ ଫୁଲହାର ଦେବାକୁ ହେବ ।

ଅତନୁ ॥ (ଚିତ୍କାର କରି) ଜୟନ୍ତ !...ମୁଁ ପାରିବି ଜୟନ୍ତ ! ମୁଁ–

ରୀତା ସ୍ୱର ॥ ମୁଁ ଚିତ୍କାର କରି କହିବି– 'ନା–ପ୍ରକୃତ କବି 'ଧୂର୍ଜ୍ଜଟୀ' ଜୟନ୍ତ ନୁହେଁ–ଡାକ୍ତର ଅତନୁ' ।

ଅତନୁ ॥ (ସ୍ପଷ୍ଟଭାବେ)–ରୀତା... !

ରୀତା ସ୍ୱର ॥ ହାଃ...ହାଃ...ହାଃ... ! ! !

ଅତନୁ ।। ଜୟନ୍ତ ।–ରୀତା !...ନା–ନା,–ମୁଁ ପାରିବିନି ଜୟନ୍ତ, ମୁଁ ପାରିବିନି ।

[ଟେବୁଲ ଉପରେ ମଦ୍ୟପ ଭଳି କଚାଡ଼ି ହୋଇପଡ଼ିଲେ ଡାକ୍ତର ଅତନୁ । ହଠାତ୍ ମ ଅନ୍ଧାର ହୋଇଗଲା । ସମୟର ବ୍ୟବଧାନ ସ୍ୱରୂପ ରାତ୍ରି ଶେଷର ସୂଚନା ମିଳିଲା । ବଣ କୁକୁଡ଼ାଙ୍କର ଚିତ୍କାର ଶୁଣାଗଲା ବହୁ ଦୂରରୁ । ପରେ ପରେ ବିଭିନ୍ନ ପକ୍ଷୀଙ୍କ କଳରବ । ରାତି ଶେଷ ହୋଇ ଯାଇଥିଲା ।]

## ।। ଚାରି ।।

[କୋଠରୀଟି ଆଲୋକିତ ହେଲା । ଆଲୋକିତ ପରିବେଶରେ ଦେଖାଗଲା ସିଷ୍ଟର ଅନତି ଦୂରରେ ଠିଆ ହୋଇ ଡାକୁଛି ଅତନୁଙ୍କୁ । ଅତନୁ ଟେବୁଲ ଉପରେ ଏକ ବିକୃତ ଭଙ୍ଗୀରେ ଶୋଇପଡ଼ିଚି ତଳକୁ ମୁହଁକରି ।]

ସିଷ୍ଟର୍ ।। ସାର୍... !...ସାର୍ !!

ହରି ।। (ପ୍ରବେଶି)–ଆଃ ! କାହିଁକି ଡାକୁଚୁ ସାବିତ୍ରୀ ? ସାର୍ ଆରାମରେ ଟିକେ ଶୋଇ ପଡ଼ିଛନ୍ତି ଯଦି, ଶୁଅନ୍ତୁ । କାଲି ପରା ଅନେକ ରାତିଯାକେ ସେ ଚାହିଁଥିଲେ ।

ସିଷ୍ଟର୍ ।। କିନ୍ତୁ ପ୍ରଫେସର ପରିଜା ଯେ ତେଣେ ସକାଳୁ ଯିବାକୁ ସଜହେଇ ପଡ଼ିଲେଣି । ଡାକ୍ତର ବାବୁଙ୍କ ବିନା ଅନୁମତିରେ ତାଙ୍କୁ ଛାଡ଼ିବା...

ପ୍ରଫେସର ।।(ପଶି ଆସି) ଅନୁମତିଟା ମୁଁ ନିଜେ ନେଇନେଉଚି ସିଷ୍ଟର । ତମେ ବ୍ୟସ୍ତ ହୁଅନି I am fully cured । ମୁଁ ପୁଣି ଫେରିଯିବାକୁ ଚାହେ, ମୋର ସେହି ଗବେଷଣାଗାରକୁ ।

ହରି ॥ ହଉ ଆଜ୍ଞା, ସାର୍‌ଙ୍କ ଅନୁମତି ନେଇ ଆପଣ ବିଦାହୋଇ ଯାଆନ୍ତୁ ।

ପ୍ରଫେସର ॥Don't worry my boy... (ଉଠାଇବାର ସ୍ୱରରେ) – ଡକ୍ଟର !... !... ଡକ୍ଟର !!

ସିଷ୍ଟର୍ ॥ ସାର୍ !

ପ୍ରଫେସର ॥(ହଲାଇ ଦେଇ ପାଟିକରି ଉଠିଲେ)...ଡକ୍ଟର !!

[ଜଡ଼ ଦେହଟା ତାଙ୍କର ଆଉ ଗୋଟାଏ ପଟକୁ ଅସହାୟଭାବେ ପଡ଼ିଗଲା । ସମସ୍ତେ ଚିତ୍କାର କରି ଉଠିଲେ । ଗୋଟାଏ ଆହତ କରୁଣ ମୂର୍ଚ୍ଛନା ସୃଷ୍ଟି ହେଲା ସାରା ପରିବେଶରେ ।]

ହରି ॥ ଡାକ୍ତରବାବୁ !

ସିଷ୍ଟର ॥ ସାର୍ !

ପ୍ରଫେସର ॥ଡକ୍ଟର !

[ଭୋ-ଭୋ କରି କାନ୍ଦିଉଠିଲେ ସମସ୍ତେ । ଝଡ଼ ଭଳି ଘର ଭିତରେ ଦେଖାଦେଲା ରୀତା । ପରିସ୍ଥିତିରୁ ସବୁ ଜାଣିପାରି ସେ ହଠାତ୍ ଚିତ୍କାର କରିଉଠିଲା ।]

ରୀତା ॥ ଡା...କ୍...ତ...ର !...ନା...ନା; ନା !!!

[ଅଧୈର୍ଯ୍ୟ ହୋଇ ସେ କାନ୍ଦୁ କାନ୍ଦୁ ହସିଉଠିଲା ଖୁବ୍ ଜୋର୍‌ରେ । ତା'ପରେ ସେ ସେମିତି ହସି ହସି ଫେରିଗଲା ନିଜ କୋଠରୀକୁ ମାତାଲ ଭଳି ଇତସ୍ତତଃ ଭଙ୍ଗୀରେ । ପରେ ପରେ ଶୁଣାଗଲା ଭାଓଲିନ୍‌ର ଉଚ୍ଚାଙ୍ଗ କରୁଣ ମୂର୍ଚ୍ଛନା ।]

ପ୍ରଫେସର ॥(କାନ୍ଦି କାନ୍ଦି) ଡକ୍ଟର ! ମୋତେ ବିଦାୟ ଦେବା ପୂର୍ବରୁ ତମେ ନିଜେ ବିଦାୟ ନେଇ ଚାଲିଗଲ ? ବଡ଼ ସ୍ୱାର୍ଥପର ଡକ୍ଟର...ତମେ ବଡ଼ ସ୍ୱାର୍ଥପର !

[କହି କହି ପ୍ରଫେସର ଭିତରକୁ ଚାଲିଯାଉଥିଲା ବେଳେ ବାହାରୁ ପାଟିଗୋଳ ଶୁଭିଲା । ସେ ଅଟକିଗଲେ । ପରେ ପରେ 'ଅତନୁ' ଅତନୁ' ଡାକି ଡାକି ଘର ଭିତରକୁ ପଶିଆସିଲା । ଜୟନ୍ତ ହାତରେ ତା'ର ଖଣ୍ଡିଏ ବନ୍ଧେଇ ଫଟୋ ।]

ଜୟନ୍ତ ॥ (ଭିତରୁ) ଅତନୁ ! ଅତନୁ !! ମୁଁ ଜାଣେ ପରା, ତୁ କେବେ ପାରିବୁନି । ତୁ ବଡ଼ ସ୍ୱାର୍ଥପର । (ପ୍ରବେଶି) ଆରେ, ଏପର୍ଯ୍ୟନ୍ତ କ'ଣ ସେ ଶୋଇଚି ? କ'ଣ ହେଇଚି ତା'ର ?

ହରି ॥
ସିଷ୍ଟର ॥ (ନିରୁ ର)–

ପ୍ରଫେସର ॥ଦେହ ସରୋବର ଛାଡ଼ି ହଂସ ଉଡ଼ିଯାଇଚି ବନ୍ଧୁ । କାହାର ସେ ଅପେକ୍ଷା କରିନି !

ଜୟନ୍ତ ॥ ଅତନୁ !

ହରି ॥ ଜୟନ୍ତବାବୁ ! ସାର୍ ଆମ ସମସ୍ତଙ୍କୁ ଠକି ଦେଇ...(କୋହ ସମ୍ଭାଳି ନ ପାରି କାନ୍ଦିଉଠିଲା ଜୋରରେ)–

ଜୟନ୍ତ ॥ (ଚିତ୍କାର କରି)...ଅତନୁ !! ତୁ ଏ କ'ଣ କଲୁ ଅତନୁ ?...କ'ଣ କଲୁ ?...ଜୟନ୍ତ କେବେ ସ୍ୱାର୍ଥପର ନ ଥିଲାରେ ! ଆଉ ଆଜି ବି ସେ ନୁହେଁ । (ବାହାରେ ପାଟିତୁଣ୍ଡ ଶବ୍ଦ)–ବାହାରେ ଶହ ଶହ ଲୋକ ଠିଆ ହେଇଛନ୍ତି ! ମୁଁ ତାଙ୍କୁ କ'ଣ କହି ବୁଝେଇବି

ଅତନୁ ?—ଦେଖ, ଦେଖ ଅତନୁ ! ଜୟନ୍ତ ତୋରି ଫଟୋ ଧରି ଯାଉଥିଲା ଜନତାକୁ ଉପହାର ଦେବାକୁ । କହିଥାନ୍ତା ଜନତାର କବି 'ଧୂର୍ଜଟୀ' ଜୟନ୍ତ ନୁହେଁ—ଡାକ୍ତର 'ଅତନୁ' । ହେଲେ ତୁ ଏ କ'ଣ କଲୁ... ? ମୋର ଅଭିନୟଟାକୁ ତୁ କ'ଣ ସତ ବୋଲି ଧରିନେଲୁ ?

ପ୍ରଫେସର ।। ବସନ୍ତର ଶେଷ ପତ୍ର ଧରି ଦୂତ ତା'ର ଚାଲିଯାଇଚି । ତମେ ତାଙ୍କୁ ହସି ହସି ବିଦାୟ ଦିଅ ବନ୍ଧୁ । ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କର । O' God... !

(ଉଚ୍ଚାଙ୍ଗ ସ୍ୱରରେ ହଠାତ୍ ଭାଓଲିନ୍ ଶୁଭିଲା) ।

ଜୟନ୍ତ ।। ଅତନୁ ! ଏଇ ରୀତା ପୁଣି ଭାଓଲିନ୍ ବଜାଇବା ଆରମ୍ଭ କରିଦେଇଚି । ଥରେ ଉଠ୍ ଅତନୁ । ତାକୁ ଆଉଥରେ ତୁ ମନା କରିଦେ । ତୋରି କଥାରେ ସେ ଚୁପ୍ ହେବ ରେ ! ଅତନୁ (କାନ୍ଦିଉଠିଲା ବେଳେ ପୁଣି ବାହାରୁ ପାଟି ଶୁଭିଲା ।) ହେଇ...ହେଇ ସେମାନେ ଉଚ୍ଛନ୍ନ ହୋଇପଡ଼ିଲେଣି । ତୁ ଥରେ ସେମାନଙ୍କୁ କହିଦେଇ ଆ ଅତନୁ...ନିଜର ପରିଚୟ ଦେଇ ଆ । ଅତନୁ... ! ଥରେ କଥା କହ ଅତନୁ ।...

[ଅସମ୍ଭାଳ ହୋଇ କାନ୍ଦିଉଠିଲା ଜୟନ୍ତ । ଏକ କରୁଣ ବେଦନାଭରା ପରିବେଶ ଭିତରେ ଯବନିକା ନଇଁଆସିଲା ତଳକୁ ।]

●

# ବେବିର ସଙ୍ଗୀତ

ହାତୀ ଦେବି, ଘୋଡ଼ା ଦେବି, ମୋ ପେଁକାଳି ବଜାଇ ଦେ
ଜେଟ୍ ଦେବି, ରକେଟ୍ ଦେବି, ମୋ ପଟୁଆର ସଜେଇ ଦେ ।
ଯିବିରେ ମାମୁଁ ଘର, କିଏ ଯିବରେ ଚାଲ...ଚାଲ
ବେଗି ବେଗି ପାଇଟି ସାର, ପାଗ ପଟୁକା ଭିଡ଼ି ବାହାର
ଯିବିରେ ମାମୁଁ ଘର ।୦।

ଚକା ଚକା ଭଉଁରୀ, ମାମୁଁ ଘର ଚଉଁରୀ
ସିଧାସଳଖ ହେଇଚି ଦେଖ ଜହ୍ନମାମୁଁ ବିହୁଡ଼ି
ଚିଠି ଆଜି ପାଇଛି, ଜହ୍ନମାମୁଁ ଦେଇଛି
ଦେଖିବାକୁ ମୋତେ ଟିକେ କେତେକରି କହିଛି
ମାମୁଁ ଦୂତ ଆପୋଲା, ସେ ତ ଭାରି ଚଗଲା
ମୋତେ ନେଇଯିବ ବୋଲି ଲଗାଇଛି ଜିଗର
କୁନି ଟୁନି ଡଲି ମିନି ସାଙ୍ଗ ହେବେ ଆହୁରି ।୧।
ଚକା ଚକା ଭଉଁରୀ...

ଆସ ଟିକି ଫଉଜ ଦେଖିଯିବା ମଉଜ
ରକେଟ୍ ଚଢ଼ି ଯିବାରେ ଉଡ଼ି ଜହ୍ନମାମୁଁ ରାଇଜ
ଆମ ଜାତି ରକତ, ବୁଦ୍ଧି ବଳ ତାକତ
ଜହ୍ନ ରାଇଜର ଲୋକ ଦେଖି ହେବେ ଚକିତ
ଆମକୁ ସହଜ ସିନା ଆନକୁ ଏ କାଉଁରୀ ।୨।
ଚକା ଚକା ଭଉଁରୀ...

●

**ନାଟ୍ୟକାର ପରିଚୟ :–**

ସ୍ୱାଧୀନତା ପରବ ୀ ଓଡ଼ିଆ ନାଟ୍ୟ ସାହିତ୍ୟର ଅନ୍ୟତମ ବଳିଷ୍ଠ ନାଟ୍ୟକାର ହେଉଛନ୍ତି ଡଃ ରତ୍ନାକର ଚଇନି । କଟକ ଜିଲ୍ଲାର ଅରେଇ ଗ୍ରାମରେ ୧୯୪୫ ମସିହା ଅଗଷ୍ଟ ୨୫ରେ ତାଙ୍କର ଜନ୍ମ । ସ୍କୁଲ ଶିକ୍ଷା ସମାପ୍ତି ପରେ ସେ ଉଚ୍ଚ ଶିକ୍ଷା ଲାଭ କରନ୍ତି କଟକରେ । ତାଙ୍କର କର୍ମମୟ ଜୀବନ ଆରମ୍ଭ ହୁଏ ପ୍ରଜାତନ୍ତ୍ର ସମିତିରେ ଏବଂ ପରେ ଓଡ଼ିଆ ଅଧ୍ୟାପକ ଭାବରେ କାର୍ଯ୍ୟ ନିର୍ବାହ କରନ୍ତି । ଜୀବନ ଥିଲା ତାଙ୍କର ସଂଘର୍ଷମୟ । ଅଭିଜ୍ଞତା ଓ ଅନୁଭୂତିକୁ ପୁଞ୍ଜିକରି ତାଙ୍କର ଲେଖନୀ ହୋଇଥିଲା ଚଳଚ ଳ । ପ୍ରାରମ୍ଭିକ ପର୍ଯ୍ୟାୟରେ ତାଙ୍କ ଲେଖନୀରୁ ଝରି ଆସିଥିଲା କବିତା, ଗଳ୍ପ ଓ ଉପନ୍ୟାସ । କିନ୍ତୁ ୧୯୬୫ ପରେ ତାଙ୍କ ଲେଖାର ମୋଡ଼ ବଦଳିଯାଇ ଥିଲା ଓ ସେ ସୃଷ୍ଟି କଲେ ନାଟକ ଓ ଏକାଙ୍କିକା । ଏଥିରେ ସେ ସଫଳ ହେଲେ ଏବଂ ତାଙ୍କୁ ଅଜସ୍ର ପ୍ରତିଷ୍ଠା ଓ ସମ୍ମାନ ମିଳିଥିଲା ନାଟ୍ୟକାର ଭାବରେ । ସେହି ଆତ୍ମ-ବିଶ୍ୱାସରେ ସେ ପାଠକ ତଥା ଦର୍ଶକଙ୍କୁ ଦେଇ ଚାଲିଲେ ଗୋଟିଏ ପରେ ଗୋଟିଏ ସଫଳ ନାଟକ ଓ ଏକାଙ୍କିକା । ତାଙ୍କର ପ୍ରଥମ ନାଟକ ହେଉଛି 'ଅସ୍ତରାଗର ଚନ୍ଦ୍ର' । ତା'ପରେ ସେ ଆଉ ପଛକୁ ଫେରି ନାହାନ୍ତି ।

'ଶେଷ ଅଶ୍ରୁ', 'ଅସ୍ତରାଗର ଚନ୍ଦ୍ର', 'ରାଜହଂସ', 'ମ  ନାୟିକା', 'ପୁନଶ୍ଚ ପୃଥିବୀ', 'ରଙ୍ଗ ତରଙ୍ଗ', 'ଅପଦେବତା', 'କଳଙ୍କିତ ସୂର୍ଯ୍ୟ', 'ଅନ୍ଧାରର ସୂର୍ଯ୍ୟମୁଖୀ', 'ମୁଖା', 'ଅନେକ କ୍ୟାକ୍‌ଟସ', 'ଅସ୍ଥିର ଉପତ୍ୟକା', 'ଆଶା ବୃନ୍ଦାବନ', 'ଅଥଚ ଚାଣକ୍ୟ', 'ନାଗଫେଣୀ ଋତୁ', 'ଯକ୍ଷ ଚରିତ', 'ସୁନା କଳସ', 'ଶୂନ୍ୟ ପଞ୍ଜୁରୀ' 'ବ୍ୟାକୁଳ ବସନ୍ତ', 'ଆଜି ଶୁକ୍ରବାର', 'ଆମେ', 'ଖୋଲା ଆକାଶ', 'ଶୂନ୍ୟତାର ଶିଡ଼ି', 'କନ୍ୟାକୁମାରୀ', 'ନିଷ୍ପ୍ରଭ ଆଲୋକ' ପ୍ରଭୃତି ନାଟକ, ଛୋଟ ନାଟକ ଓ ଏକାଙ୍କିକା ସୃଷ୍ଟି କରି ଓଡ଼ିଆ

ନାଟ୍ୟ ସାହିତ୍ୟକୁ ସେ ଋଦ୍ଧିମନ୍ତ କରିଛନ୍ତି । ତାଙ୍କ ନାଟକ ଓ ଏକାଙ୍କିକାରେ ଦେଖିବାକୁ ମିଳେ ପ୍ରଚଳିତ ସମାଜର ରାଜନୀତି, ଶାସନ ବ୍ୟବସ୍ଥା, ଅମଲାତାନ୍ତ୍ରିକ ପ୍ରବୃ ି, ବେକାର ସମସ୍ୟା ଆଦି ବିଭିନ୍ନ ସମସ୍ୟା ତଥା ମୂଲ୍ୟବୋଧଜନିତ ସଂକଟ । ସ୍ୱାଧୀନତା ପରବ ୀ ମଣିଷର ନିଃସଙ୍ଗତା ଓ ଅସହାୟତାବୋଧ ଏବଂ ବିଶେଷ ଭାବରେ ମଣିଷ ମନର ବିଭିନ୍ନ ଦିଗକୁ ସେ ତାଙ୍କ ନାଟକରେ ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ବିଶ୍ଳେଷଣ କରିଛନ୍ତି । ଏଥିରୁ ତାଙ୍କର ବ୍ୟାପକ ସଂଘର୍ଷମୟ ଜୀବନବୋଧ ଓ ଗଭୀର ଅନ୍ତର୍ଦୃଷ୍ଟି ବାରି ହୁଏ । ତାଙ୍କ ନାଟ୍ୟକୃତିଗୁଡ଼ିକରେ କାହାଣୀରେ ନୂତନତା, ବଳିଷ୍ଠ ସଂଳାପ, ଚରିତ୍ର ଚିତ୍ରଣରେ ଦରଦୀ ତଥା ମାନବବାଦୀ ଚିନ୍ତାଧାରାର ପରିଚୟ ମିଳେ ।

**ବିଷୟବସ୍ତୁ ସଂପର୍କରେ :–**

ଆଲୋଚ୍ୟ ନାଟକ 'ରାଜହଂସ' ନାଟ୍ୟକାରଙ୍କ ପ୍ରାରମ୍ଭିକ ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ୧୯୬୯ ମସିହାରେ ରାଜାବଗିଚା ଲେବର କଲୋନୀରେ ଏହା ପ୍ରଥମେ ମ ସ୍ଥ ହୋଇଥିଲା ! ପରେ ୧୯୭୦ ମସିହା ଫେବୃୟାରୀରେ ଏହା ପୁସ୍ତକ ଆକାରରେ ପ୍ରଥମେ ଆତ୍ମପ୍ରକାଶ ପାଇଥିଲା ଏବଂ ୧୯୭୨ ମସିହାରେ ସର୍ବଭାରତୀୟ ସିଭିଲ ସର୍ଭିସ ନାଟକ ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ନାଟକ ଭାବରେ ପୁରସ୍କୃତ ହୋଇଥିଲା ।

'ରାଜହଂସ' ଏକ ମନୋବୈଜ୍ଞାନିକ ପରୀକ୍ଷାମୂଳକ ନାଟକ । ଗୋଟିଏ ସେଟ୍‌ରେ ଆଧାରିତ ଏହାର କାହାଣୀ । ଏଥିରେ ନାଟ୍ୟକାର ସାଂପ୍ରତିକ ମଣିଷର ଅବଚେତନ ମନ ଉପରେ ଗୁରୁତ୍ୱ ଦେଇଛନ୍ତି । ମନ ହେଉଚି ଶରୀର ଉପରେ ରାଜା । ମନ ଚିର ରହସ୍ୟମୟ । ଏହା ସଦାସର୍ବଦା ଚଳଚ ଳ । ସର୍ବଶକ୍ତିମାନ । ମନ ମଣିଷକୁ ଦିଏ ଅଫୁରନ୍ତ ଆନନ୍ଦ ଓ ଶାନ୍ତି । ପୁଣି ସେଇ ମନ ଶାନ୍ତ ମଣିଷର ଅନ୍ତରରେ ଭରିଦିଏ ଅଶାନ୍ତର ଝଡ଼ । ସେ ମନ ସଚେତନ

ମନ ନୁହେଁ; ଅବଚେତନ ମନ । ଏହାରି ଯୋଗୁଁ ବେଳେବେଳେ ସେ ହୁଏ ନିଃସ୍ୱ, ଏକାନ୍ତ ଅସହାୟ । ଫଳରେ ତା'ର ଜୀବନ ହୁଏ ଦୁର୍ବିସହ ଏବଂ ପରେ ଦେଖାଦିଏ ତା'ର ମାନସିକ ବିକୃତି । ନାଟ୍ୟକାର ଡକ୍ଟର ରତ୍ନାକର ଚଇନି 'ରାଜହଂସ' ନାଟକରେ ମଣିଷର ଏହି ଅବଚେତନ ମନର କଥା ହିଁ ବିଭିନ୍ନ ଚରିତ୍ର ମାଧ୍ୟମରେ ଉପସ୍ଥାପିତ କରିଛନ୍ତି । ଏଥିରେ ନାଟ୍ୟକାର ସମାଜର ବିଭିନ୍ନ କ୍ଷେତ୍ରରୁ ପୁରୁଷ ଓ ନାରୀ ଚରିତ୍ରର ଗ୍ରହଣ ପୂର୍ବକ ଏହି ସତ୍ୟ ଆବିଷ୍କାର କରିଛନ୍ତି । ଆମର ପୁରାଣଶାସ୍ତ୍ରାଦିରେ ମନକୁ ହଂସ ଏବଂ ଅଧିକାଂଶଠାରେ ଶ୍ରେଷ୍ଠ ହଂସ ବା ରାଜହଂସ ବୋଲି କୁହାଯାଇଥାଏ । ଏହି ହଂସର କାହାଣୀ କହିଛି ନାଟକ ରାଜହଂସ । ଏହି ରୂପଚେତନାକୁ ନେଇ ନାଟକଟିର ନାମକରଣ କରାଯାଇଛି । ମନ ରୂପକ ରାଜହଂସକୁ ଅକ୍ତିଆର କରିପାରିଲେ ମଣିଷ ସଫଳତା ଲାଭ କରେ କିନ୍ତୁ ଯଦି ବିଫଳ ହୁଏ, ତେବେ ଦେଖାଦିଏ ତା'ର ମାନସିକ ବିକାର ଓ ସେ ହୁଏ ପାଗଳ । ଏଥିରେ ନାଟ୍ୟକାର ଜଣେ ଅର୍ଥ ଓ ପ୍ରତିପ ିଭ୍ରଷ୍ଟ ସର୍ବହରା ପାଗଳ ମଦ୍ୟପ ବ୍ୟବସାୟୀ ପିନାକୀ, ଜଣେ ବିଜ୍ଞାନ ଗବେଷଣା ଭ୍ରଷ୍ଟ ଅର୍ଦ୍ଧ-ପାଗଳ ପ୍ରଫେସର ପରିଜା, ଯୁଦ୍ଧ ଭୂମିରେ ବୋମା ମାଡ଼ର ଶିକାର ହୋଇ ଅର୍ଦ୍ଧ-ପାଗଳ ବୀର ନାମକ ଜଣେ ବାକ୍ ଶକ୍ତିହୀନ ମିଲିଟାରୀ ଅଫିସର, ଜଣେ ବ୍ୟର୍ଥ ପ୍ରେମିକ ଅଭିନେତା ଭୀମ, ଜଣେ ପ୍ରେମ ପାଗଳିନୀ ରୀତା ଆଦି ଚରିତ୍ରମାନଙ୍କର ମନଗହନର ଅକୁହା ରହସ୍ୟକୁ ଉନ୍ମୋଚନ କରିବା ସଂଗେ ସଂଗେ ତାଙ୍କର ମାନସିକ ବ୍ୟାଧିର ସମାଧାନ ପାଇଁ ସମୟୋଚିତ ପଦକ୍ଷେପ ନେଇଛନ୍ତି ।

●

# ନମୁନା ପ୍ରଶ୍ନାବଳୀ

## (କ) ୧ ନମ୍ବର ବିଶିଷ୍ଟ ସମ୍ଭାବ୍ୟ ଉ ରମୂଳକ ପ୍ରଶ୍ନାବଳୀ ।

୧. ଡାକ୍ତର ଅତନୁଙ୍କର ମାନସିକ ଚିକିତ୍ସାକେନ୍ଦ୍ର କେଉଁଠି ଅବସ୍ଥିତ ?

କ) ଚନ୍ଦକାରଣ୍ୟ  ଖ) ଦଣ୍ଡକାରଣ୍ୟ

ଗ) ଅଭୟାରଣ୍ୟ  ଘ) ନୈମିଷ୍ୟାରଣ୍ୟ

୨. ଡାକ୍ତରଖାନାରେ ମଦ ଆଣି ପିନାକୀଙ୍କୁ କିଏ ଦେଇଥିଲା ?

କ) ଅଇଁଠା  ଖ) ବୀର

ଗ) ହରି  ଘ) ନରି

୩. ମଦ ଖାଇ ମୁଁ ନିଜକୁ ଜଳାଇବାକୁ ଆରମ୍ଭ କରିଥିଲି । ସେଇ ମଦରେ ଜଳିପୋଡ଼ି ଶେଷରେ ମୁଁ ଧ୍ୱଂସ ହୋଇଯିବାକୁ ଚାହେଁ – କିଏ କହିଛନ୍ତି ?

(କ) ପିନାକୀ  (ଖ) ଅତନୁ

(ଗ) ପ୍ରଫେସର  (ଘ) ହରି

୪. ଯେଉଁଠି ବିଜ୍ଞାନୀ ତା'ର ନିଜର ସ । ହରାଇ ବସେ, ସେଇଠି ସେ କାହାକୁ ଖୋଜେ ?

(କ) ବାପାଙ୍କୁ  (ଖ) ଈଶ୍ୱରଙ୍କୁ

(ଗ) ବନ୍ଧୁଙ୍କୁ  (ଘ) ସହକର୍ମୀଙ୍କୁ

୫. ପୃଥିବୀ ବଜାରର ପରିବା କେଉଁଠି ଯାଇ ରନ୍ଧା ହେବ ବୋଲି ପ୍ରଫେସର କହିଛନ୍ତି ?

(କ) ମଙ୍ଗଳରେ  (ଖ) ଦୋକାନରେ

(ଗ) ଚନ୍ଦ୍ରରେ  (ଘ) ହିମାଳୟରେ

୧୧. ଅତୀତରୁ ବ ର୍ତ୍ତମାନ ପର୍ଯ୍ୟନ୍ତ ଆମର ଭୂମିକା କେଉଁଗତିରେ ଚାଲିବା ଉଚିତ ବୋଲି ଜୟନ୍ତ ଅତନୁକୁ କହିଛି ?

(କ) କ୍ଷିପ୍ର (ଖ) ଧୀର

(ଗ) ସମାନ୍ତରାଳ (ଘ) ବିଷମ

୧୨. ନୟନା କେଉଁଠି ଲୁଚିଲେ ମଧ୍ୟ ଭୀମ ତାକୁ ଛାଡ଼ିବ ନାହିଁ ?

କ) ଘରକୋଣରେ ଖ) ଡାକ୍ତରଖାନାରେ

ଗ) ଗଛ ଉହାଡ଼ରେ ଘ) ଜଳେ ସ୍ଥଳେ କି ଅବା ଅନଳେ

୧୩. ପିନାକୀ ବାବୁ କେଉଁଥିରେ ବିଫଳ ହୋଇ ମଦ ପିଇବା ଆରମ୍ଭ କରିଥିଲେ ?

କ) ଖେଳରେ ଖ) ରାଜନୀତିରେ

ଗ) ପ୍ରେମରେ ଘ) ବ୍ୟବସାୟରେ

୧୪. ବିଜ୍ଞାନ ଗବେଷଣା ଭ୍ରଷ୍ଟ ହୋଇ କିଏ ପାଗଳ ହେଇଥିଲା ?

କ) ପ୍ରଫେସର ପରିଜା ଖ) ବୀର

ଗ) ଜୟନ୍ତ ଘ) ପିନାକୀ

୧୫. ଆଶାରେ ମଣିଷ ବଞ୍ଚେ । ଆଦିମ ଯୁଗରୁ ମଣିଷ ଆଶାବାଦୀ – କିଏ କହିଛି ?

(କ) ହରି (ଖ) ଜୟନ୍ତ

(ଗ) ରୀତା (ଘ) ଅତନୁ

୬. ଗୁଡ଼ାଏ ଭୋକିଲା ମଣିଷ ଗୋଟାଏ ______କୁ ନଷ୍ଟ କରିଦେଇ ପାରନ୍ତି ?

(କ) ଜାତି (ଖ) ଦେଶ

(ଗ) ସମ୍ପ୍ରଦାୟ (ଘ) ସଭ୍ୟତା

୭. କେତେ ବର୍ଷ ଭିତରେ ଚନ୍ଦ୍ର ସହିତ ସମସ୍ତ ବାଣିଜ୍ୟିକ ସମ୍ପର୍କ ସ୍ଥାପିତ ହୋଇ ସାରିଥିବ ବୋଲି ପ୍ରଫେସର କହିଥିଲେ ?

(କ) ପା   ବର୍ଷ (ଖ) ଦଶ ବର୍ଷ

(ଗ) ପନ୍ଦର ବର୍ଷ (ଘ) କୋଡ଼ିଏ ବର୍ଷ

୮. ଗୀତା, ବାଇବେଲ୍ ଆଉ କୋରାନ୍‌ରୁ ବିଶ୍ୱାସହୀନ ମଣିଷ କ'ଣ ଖୋଜେ ବୋଲି ପ୍ରଫେସର କହିଛନ୍ତି ?

(କ) ଧର୍ମବାଣୀ (ଖ) ଆଶ୍ୱାସନାର ବାଣୀ

(ଗ) ଶାନ୍ତିର ବାଣୀ (ଘ) ବିଶ୍ୱାସଘାତକତାର ବାଣୀ

୯. କବିର ମନ ବିଷାକ୍ତ ନ ହୋଇ ସବୁବେଳେ କ'ଣ ହେବା ଦରକାର ବୋଲି ଅତନୁ କହିଛି ?

(କ) ପ୍ରଫୁଲ୍ଲ (ଖ) ବିଶାଦଗ୍ରସ୍ତ

(ଗ) ମୋହଗ୍ରସ୍ତ (ଘ) ହିଂସାଗ୍ରସ୍ତ

୧୦. ଭୀମ ଡାକ୍ତରଖାନାରେ କାହାକୁ ଦେଖି ନୟନା ବୋଲି ଭାବୁଥିଲା ?

କ) ସାବିତ୍ରୀ ଖ) ବେବି

ଗ) ସିଷ୍ଟର ଘ) ରୀତା

୧୬. ମୁଁ ଛୁରୀ କଇଁଚି ଚଳାଇଲି ବୋଲି କ'ଣ ମୋ' ମନରୁ ମରିଯିବ ବୋଲି ଅତନୁ କହିଛି ?

(କ) ପ୍ରେମ (ଖ) ହିଂସା

(ଗ) ଈର୍ଷା (ଘ) କ୍ରୋଧ

୧୭. ଜଣେ ଦରଦୀ ଲୋକ ପାଖରେ ନିଜ ମନର ବୋଝ ଅଜାଡ଼ି ଦେଲେ ମନଟା ବହୁ ପରିମାଣରେ କ'ଣ ହୋଇଯାଏ ?

(କ) ହାଲୁକା (ଖ) ଦୁଃଖିତ

(ଗ) ଓଜନିଆ (ଘ) ଗମ୍ଭୀର

୧୮. କ'ଣ ଦେଖାଇବା ଡାକ୍ତର ଓ ସେବିକାଙ୍କର ଧର୍ମ ?

କ) ଘୃଣା ଖ) ସ୍ନେହ

ଗ) ପ୍ରେମ ଘ) ସେବା ସହାନୁଭୂତି

୧୯. ଜୟନ୍ତବାବୁ କାହାର ସ୍ୱାମୀ ଅଟନ୍ତି ?

କ) ରୀତା ଖ) ସୀତା

ଗ) ଗୀତା ଘ) ମିତା

୨୦. କାହା ସ୍ୱରରେ ରହିଛି ରୀତାଦେବୀଙ୍କର ଜୀବନ ତନ୍ତ୍ରୀର ଅଜସ୍ର ବ୍ୟାକୁଳତା ?

କ) ଢୋଲ ଖ) ହାରମୋନିଅମ

ଗ) ତାବଲା ଘ) ଭାଓଲିନ

୨୧. ରୀତା ଭାଓଲିନ୍‌ର ଛନ୍ଦେ ଛନ୍ଦେ କାହାକୁ ଖୋଜେ ?

କ) କବିତା ଖ) ରଚିତା

ଗ) ବବିତା ଘ) ଅର୍ଚ୍ଚିତା

୨୨. ଆଦର୍ଶଟା କାହାଦ୍ୱାରା ପରିଚାଳିତ ହୁଏ ବୋଲି ବୀରବାବୁ କହିଛନ୍ତି ?

କ) ପୁତ୍ର ଖ) ଧର୍ମ

ଗ) କନ୍ୟା ଘ) ପିତା

୨୩. ଯୁଦ୍ଧ ଭୂମିରେ ଦିନେ ବୋମାମାଡ଼ର ଶିକାର କିଏ ହୋଇଥିଲେ ?

କ) ସିଷ୍ଟର ଖ) ବେବି

ଗ) ବୀର ଘ) ଜୟନ୍ତ

୨୪. ମନସ୍ତାତ୍ତ୍ୱିକ ଚିକିତ୍ସାର ଗବେଷଣା ପାଇଁ ଡକ୍ଟର ଅତନୁ କେଉଁଠାକୁ ଯାଇଥିଲେ ?

କ) ଇଂଲଣ୍ଡ ଖ) ଚୀନ

ଗ) ଆମେରିକା ଘ) ଜାପାନ

୨୫. ସର୍ବଗ୍ରାସୀ ନିଶା ତାକୁ ଯେମିତି କ'ଣ କରିଦେଇଛି ବୋଲି ପିନାକୀ କହିଛି ?

(କ) ଭଲ ମଣିଷ (ଖ) ଦାର୍ଶନିକ

(ଗ) ଗୋଟିଏ ମାଟିର କଣ୍ଢେଇ (ଘ) ବୈଜ୍ଞାନିକ

୨୬. ବ୍ୟବସାୟ ତ ଗୋଟାଏ ଜୁଆଖେଳ – ଏକଥା କିଏ କାହାକୁ କହିଛନ୍ତି ?

(କ) ଡାକ୍ତର ସିଷ୍ଟରକୁ (ଖ) ଅତନୁ ପିନାକୀକୁ

(ଗ) ହରି ଜୟନ୍ତକୁ (ଘ) ରୀତା ସିଷ୍ଟରକୁ

୨୭. କାହାର ଅପରେସନ୍ ପାଇଁ ଡକ୍ଟର ସେନ୍‌ଙ୍କୁ ଡକା ହୋଇଥିଲା ?

(କ) ପିନାକୀ (ଖ) ଜୟନ୍ତ

(ଗ) ରୀତା (ଘ) ବେବୀ

୨୮. ସମସ୍ତେ କେଉଁଠିକି ଆସନ୍ତି କାନ୍ଦି କାନ୍ଦି କିନ୍ତୁ ଗଲାବେଳେ ଯାଆନ୍ତି ହସିହସି ?

(କ) ନଈକୁ (ଖ) ପୋଖରୀକୁ

(ଗ) ସମୁଦ୍ରକୁ (ଘ) ଅତନୁଙ୍କ ଚିକିତ୍ସା କେନ୍ଦ୍ରକୁ

୨୯. ଅତନୁଙ୍କ ଚାପୁଡ଼ା ମାଡ଼କୁ କିଏ ଆଗାମୀ ସକାଳ ପାଇଁ ପ୍ରାପ୍ୟ ବୋଲି ଧରିନେବ ?

କ) ରୀତା ଖ) ବେବି

ଗ) ଜୟନ୍ତ ଘ) ହରି

୩୦. ଟିକେ ନିରୋଳାରେ ବସି ପଡ଼ିଲେ କାହାକୁ ରୀତାର ବଡ଼ବଡ଼ କଳାକଳା ଆଖି ଗୁଡ଼ାକ ଭୟ ଦେଖାନ୍ତି ?

(କ) ଅତନୁକୁ (ଖ) ସିଷ୍ଟରକୁ

(ଗ) ହରିକୁ (ଘ) ଜୟନ୍ତକୁ

୩୧. ମୋର ଯଦି କିଛି ଗୋଟାଏ ହୋଇଯାଏ, ତେବେ ବେବିର ଦାୟିତ୍ୱ କିଏ ବହନ କରିବେ ବୋଲି ପିନାକୀ କହିଛନ୍ତି ?

କ) ଜୟନ୍ତ ଖ) ଅତନୁ

ଗ) ହରି ଘ) ସିଷ୍ଟର୍

୩୨. ପ୍ରଫେସର କହିଛନ୍ତି ଡକ୍ଟର ! ମୋ ଜୀବନଟା ନେଇ ତମେ _____ ଦେହରେ ଭ ି କରି ଦେଇପାରିବ ।

କ) ରୀତା ଖ) ହରି

ଗ) ବେବିର ଡାଡୀ ଘ) ଜୟନ୍ତ

୩୩. 'ଅମାବାସ୍ୟାର ଚନ୍ଦ୍ର' ଏକ କେଉଁ ଗ୍ରନ୍ଥ ?

କ) କାବ୍ୟ ଖ) ଉପନ୍ୟାସ

ଗ) ଗଳ୍ପ ଘ) ନାଟକ

୩୪. ବେବି କାହାର ଝିଅ ?

କ) ପିନାକୀ ଖ) ବୀର

ଗ) ଜୟନ୍ତ ଘ) ଭୀମ

୩୫. ପିନାକୀ ବାବୁ ଜଣେ କ'ଣ ଥିଲେ ?

କ) ସାହିତ୍ୟିକ ଖ) ରାଜନୀତିଜ୍ଞ

ଗ) ଗବେଷକ ଘ) ବ୍ୟବସାୟୀ

୩୬. ଫୁଟନ୍ତା ଫୁଲର ଓଠରେ କ'ଣ ଶୋଭା ପାଏନା ?

କ) ପ୍ରଜାପତି ଖ) ଦାରୁଣ ଲୁହର ଧାର

ଗ) ବର୍ଷା ବିନ୍ଦୁ ଘ) କାକର ବିନ୍ଦୁ

୩୭. କିଏ ଚାହିଁଲେ ରୀତାର କଣ୍ଠରେ ଲଳୀତ ଛନ୍ଦ ଫୁଟାଇ ପାରିବେ ?

(କ) ଜୟନ୍ତ (ଖ) ପ୍ରଫେସର

(ଗ) ବେବି (ଘ) ଅତନୁ

୩୮. ଦେବ ଭୋଗ୍ୟ କଦଳୀକୁ କିଏ ଖାଇ ଦେଲା ?

କ) ନରି ଖ) ଭୀମ

ଗ) ହରି ଘ) ବୀର

୩୯. ଭୀମ କାହା ପାଇଁ ପାଗଳ ହେଇଚି ?

କ) କବିତା ଖ) ନୟନା

ଗ) ରଚିତା ଘ) ସାବିତ୍ରୀ

୪୦. କିଏ ମିଥ୍ୟାର ଗୋଟାଏ ପ୍ରତିମୂର୍ତ୍ତି ବୋଲି ରୀତା କହିଛନ୍ତି ?

କ) ବେବି ଖ) ହରି

ଗ) ଡାକ୍ତର ଅତନୁ ଘ) ଜୟନ୍ତ

୪୧. କବିତା 'ଶତଦଳ' କେଉଁ ପୁରସ୍କାର ପାଇଁ ମନୋନୀତ ହୋଇଥିଲା ?

କ) ଜ୍ଞାନପୀଠ ଖ) ଶାରଳା

ଗ) ବାଣୀପୀଠ ଘ) ସାହିତ୍ୟ ଏକାଡ଼େମୀ

୪୨. କବିତା 'ଶତଦଳ'ର ପୁରସ୍କାର ରାଶି କେତେ ଟଙ୍କା ଥିଲା ?

କ) ଏକଲକ୍ଷ ଖ) ପା ଲକ୍ଷ

ଗ) ତିନିଲକ୍ଷ ଘ) ଦଶଲକ୍ଷ

୪୩. କେଉଁ କମିଟି ତରଫରୁ କବି ଜୟନ୍ତଙ୍କୁ ସମ୍ବର୍ଦ୍ଧନା ଦିଆଯିବ ?

କ) ନାଗରିକ କମିଟି ଖ) ସାଧାରଣ କମିଟି

ଗ) ସଦ୍‌ଭାବନା କମିଟି ଘ) ବନବାସୀ କମିଟି

୪୪. ମୋତେ ବିଦାୟ ଦେବା ପୂର୍ବରୁ ତମେ ନିଜେ ବିଦାୟ ନେଇ ଚାଲିଗଲ – କିଏ କହିଛନ୍ତି ?

କ) ପ୍ରଫେସର ଖ) ଜୟନ୍ତ

ଗ) ସିଷ୍ଟର ଘ) ରୀତା

୪୫. କବିତା 'ଶତଦଳ' କେଉଁ ଭାଷାରେ ଅନୁବାଦ ହୋଇଥିଲା ?

କ) ହିନ୍ଦୀ ଖ) ଇଂରାଜୀ

ଗ) ବଙ୍ଗଳା ଘ) ତେଲ୍‌ଗୁ

୪୬. ପା   ନମ୍ବର କୋଠରୀରେ କେଉଁ ପେସେ  ରହୁଥିଲେ ?

କ) ଭୀମ   ଖ) ପିନାକୀ

ଗ) ବୀର   ଘ) ପ୍ରଫେସର ପରିଜା

୪୭. ରୋଗ ଉପରେ କ'ଣ ବେଶୀ ପ୍ରଭାବ ପକାଏ ବୋଲି ଅତନୁ କହିଛି ?

(କ) ଘର ଚିନ୍ତା   (ଖ) ଗାଁ ଚିନ୍ତା

(ଗ) ସ୍ତ୍ରୀ ଚିନ୍ତା   (ଘ) ମାନସିକ ଚିନ୍ତା

୪୮. ଚିକିତ୍ସା କେନ୍ଦ୍ରରୂପୀ ସରୋବରର ରାଜହଂସ କିଏ ?

କ) ପ୍ରଫେସର ପରିଜା   ଖ) ଡକ୍ଟର ଅତନୁ

ଗ) ରୀତାଦେବୀ   ଘ) ଜୟନ୍ତ ବାବୁ

୪୯. ବେବିର ସଙ୍ଗୀତଟି ନାଟକର କେଉଁ ସ୍ଥାନରେ ସଂଯୋଜିତ ହୋଇଛି ?

କ) ପ୍ରାରମ୍ଭରେ   ଖ) ମଧ୍ୟଭାଗରେ

ଗ) ପ୍ରଥମାର୍ଦ୍ଧରେ   ଘ) ଶେଷରେ

୫୦. ମଣିଷ ଜୀବନପାଇଁ ହସ ଯେତିକି ଦରକାର ଆଉ କ'ଣ ସେତିକି ଦରକାର ?

କ) ଲୁହ   ଖ) ଘର

ଗ) ଗାଡ଼ି   ଘ) ସମ୍ପ

୫୧. କିଏ ପୁରାତନକୁ ଧରି ବସି ରହେନା ?

କ) ଗାଳ୍ପିକ   ଖ) ଗାଣିତିକ

ଗ) ବିଜ୍ଞାନୀ   ଘ) ଲେଖକ

୫୨. ମଦ୍ୟପଠଁ ନିଶା ଥିବା ପର୍ଯ୍ୟନ୍ତ ସେ ନିଜକୁ କିପରି ମନେକରେ ?

କ) ସ୍ଥିର ଖ) ଶକ୍ତିମାନ

ଗ) ଅସ୍ଥିର ଘ) ଦୁର୍ବଳ

୫୩. ମଦ୍ୟପଠୁଁ ନିଶା ଛାଡ଼ିଗଲାପରେ ସେ କ'ଣ ଅନୁଭବ କରେ ?

କ) ସ୍ଥିର ଖ) ଶକ୍ତିମାନ

ଗ) ଦୁର୍ବଳ ଘ) ଅସ୍ଥିର

୫୪. କ'ଣ ଦେଖି ଜହ୍ନ ରାଇଜର ଲୋକ ଚକିତ ହେବେ ବୋଲି କୁହାଯାଇଛି ?

କ) ଆମ ବୁଦ୍ଧିବଳ ତାକତ ଖ) ବଣ ବିଲ ପାହାଡ଼

ଗ) ନଈ ନାଳ ପୋଖରୀ ଘ) ବନ୍ଧ ବାଡ଼ ପାଚେରୀ

## (ଖ) ୧ ନମ୍ବର ବିଶିଷ୍ଟ ଏକ ବାକ୍ୟରେ ଉ ରମୂଳକ ପ୍ରଶ୍ନାବଳୀ ।

୧. ରାଜହଂସ କେଉଁ ଧରଣର ନାଟକ ?

୨. କେଉଁ ଚିନ୍ତା ରୋଗ ଉପରେ ବେଶି ପ୍ରଭାବ ପକାଏ ?

୩. ନଅ ନମ୍ବର କୋଠରୀରେ କେଉଁ ପେସେ ରହୁଥିଲେ ?

୪. ଯେଉଁଠି ବିଜ୍ଞାନୀ ତା'ର ନିଜ ସ । ହରାଇ ବସେ; ସେଇଠି ସେ ଖୋଜେ କାହାକୁ ?

୫. ଜ୍ୱଳନ୍ତ ଧୂପକାଠି ଯେମିତି ସାରା କୋଠରୀରୁ ଦୁର୍ବାସନା ଦୂର କରିଦିଏ– ସଙ୍ଗୀତ ସେମିତି ମଣିଷ ମନରୁ କ'ଣ ଦୂର କରେ ?

୬. ପାହାଡ଼ଟା ଦେଖିବାକୁ କିଭଳି ?

୭. କବିତା 'ଶତଦଳ' ପୁରସ୍କାର ପାଇଁ ମନୋନୀତ ହେବାର ଖବର ପ୍ରଥମେ ଡକ୍ଟର ଅତନୁ କେଉଁଠୁ ପାଇଥିଲେ ?

୮. ବାକ୍-ଶକ୍ତିହୀନ ମିଲେଟାରୀ ଅଫିସରଙ୍କ ନାଁ କ'ଣ ?

୯. ମଦ୍ୟପାନ ଜନିତ ବିକାର ପିନାକୀ ବାବୁଙ୍କର କେଉଁ ସ୍ଥିତିକୁ ଇତସ୍ତତଃ କରିଦେଇଛି ?

୧୦. କାହାର ବନ୍ଧେଇ ଫଟୋଧରି ଜୟନ୍ତ ମାନସିକ ଚିକିତ୍ସା କେନ୍ଦ୍ରକୁ ଆସିଥିଲା ?

୧୧. ଦେହ ସରୋବର ଛାଡ଼ି କିଏ ଉଡ଼ିଯାଇଛି ?

୧୨. ଗୋଟାଏ ସଭ୍ୟତାକୁ କେଉଁମାନେ ଧ୍ୱଂସ କରି ଦେଇପାରନ୍ତି ?

୧୩. ପିନାକୀବାବୁଙ୍କ ଅପରେସନ୍ ପାଇଁ ଡକ୍ଟର ଅତନୁ କେଉଁ ଅଭିଜ୍ଞ ଡାକ୍ତରଙ୍କୁ ଡାକିଥିଲେ ?

୧୪. ପ୍ରକୃତ କବି ଧୂର୍ଜଟୀ କିଏ ?

୧୫. କ'ଣ ସମ୍ବଳ କରି ଜୟନ୍ତ ରୀତାର ହୃଦୟକୁ ଜୟ କରିବାକୁ ଚେଷ୍ଟା କରିଥିଲା ?

୧୬. ତିନି ନମ୍ବର କୋଠରୀର ପେସେ  କିଏ ?

**(ଗ) ୨ ନମ୍ବର ବିଶିଷ୍ଟ ଦୁଇଟି ବାକ୍ୟରେ ଉ  ରମୂଳକ ପ୍ରଶ୍ନାବଳୀ । ଲେଖା ଓ ଲେଖକଙ୍କ ପାଇଁ – ୧ ନମ୍ବର ଓ ଉ  ର ପାଇଁ – ୧ ନମ୍ବର ।**

୧. ଛୁରୀ କଇଁଚି ସହିତ କାହାର ସଂପର୍କକୁ ଲୋକସମାଜ ଆଗରେ ଡକ୍ଟର ଅତନୁ ପ୍ରକାଶ କରିବାକୁ ଚାହୁଁ ନଥିଲେ ?

୨. କବି ହିସାବରେ ଆପଣ ବଡ଼ ହୋଇଛନ୍ତି ନା ଡାକ୍ତର ହିସାବରେ – ଏହାର ତାତ୍ପର୍ଯ୍ୟ କ'ଣ ?

୩. ଅତନୁର ବନ୍ଧେଇଫଟୋ ଧରି ଚିକିତ୍ସାକେନ୍ଦ୍ରକୁ ଜୟନ୍ତ ଆସିଥିଲା କାହିଁକି ?

୪. ମାନସିକ ଦୁଶ୍ଚିନ୍ତାରେ ମଣିଷର ହିତାହିତ ଜ୍ଞାନ ରହେନା କାହିଁକି ?

୫. କାହା ପାଖରେ ନିଜ ମନର ବୋଝ ଅଜାଡ଼ି ଦେଲେ–ମନଟା ବହୁତ ପରିମାଣରେ ହାଲୁକା ହୋଇଯାଏ ?

୬. ନାରୀ ତା'ର ପୁରୁଷଠାରୁ କଷଣ ନିର୍ଯ୍ୟାତନା ସହିପାରେ କିନ୍ତୁ ଯେତେବେଳେ ସେ ତା' ମଥାରୁ ସିନ୍ଦୂର ଯିବାର ଦୁଃସ୍ୱପ୍ନ ଦେଖେ – ସେ କ'ଣ କେବେ ସହିପାରିବ ? କିଏ କେଉଁ ପ୍ରସଙ୍ଗରେ କହିଛି ?

୭. କଅଁଳ ଫୁଲ ଓଠରେ ହସ ଦେଖିବାକୁ ଏ ସଂସାର ଚାହେଁନା । କିଏ କେଉଁ ପ୍ରସଙ୍ଗରେ କହିଛି ?

୮. ଜୀବନ ଆଉ ଜୀବିକା ଏକ ପଲାରେ ତଉଲା ଯାଏନା । ଜୀବନ ନେଇ ଖେଳ ଖେଳିବା ଆମର ଧର୍ମ – କିଏ କାହାକୁ କହିଛି ?

୯. ତ୍ୟାଗ ଅନ୍ତରାଳରୁ ମାନସିକ ଅଶାନ୍ତି ସମସ୍ତ ମନକୁ ସଂକ୍ରମିତ ହୁଏ – କିଏ କେଉଁ ପ୍ରସଙ୍ଗରେ କହିଛି ?

୧୦. କବିର ମନ ବିଷାକ୍ତ ନ ହୋଇ ସବୁବେଳେ ପ୍ରଫୁଲ୍ଲ ହେବା ଦରକାର – କିଏ କାହାକୁ କହିଛି ?

୧୧. ସେବା ସହାନୁଭୂତି ଦେଖାଇବା ତ ଡାକ୍ତର ଏବଂ ସେବିକାଙ୍କର ଧର୍ମ – କେଉଁ ପ୍ରସଙ୍ଗରେ କୁହାଯାଇଛି ?

୧୨. ମନସ୍ତାତ୍ତ୍ୱିକ ଡାକ୍ତରଙ୍କର ବେଳେବେଳେ ଏମିତି ମାନସିକ ବିପ୍ଳବ ଦେଖାଯାଏ । ଯାହା ଅନ୍ୟମାନଙ୍କ ପ୍ରତି କଠୋର ହୋଇପଡ଼େ – କିଏ କାହାକୁ କହିଛି ?

୧୩. ମୋ ଜୀବନଟା ନେଇ ତମେ ବେବିର ଡାଡ଼ୀ ଦେହରେ ଭର୍ତ୍ତି କରିଦେଇ ପାରିବ ? କେଉଁ ପ୍ରସଙ୍ଗରେ କୁହାଯାଇଛି ?

୧୪. 'ରାଜହଂସ'ର ନାଟ୍ୟକାରଙ୍କ ନାଁ କ'ଣ ? ତାଙ୍କର ଦୁଇଟି 'ନାଟକ'ର ନାମ ଲେଖ ।

**(ଘ) ୩ ନମ୍ବର ବିଶିଷ୍ଟ ଉତ୍ତରମୂଳକ ପ୍ରଶ୍ନାବଳୀ । (୩୦ଟି ଶବ୍ଦ ମଧ୍ୟରେ) ଲେଖା ଓ ଲେଖକଙ୍କ ପାଇଁ – ୧ ନମ୍ବର ଓ ଉତ୍ତର ପାଇଁ –୨ ନମ୍ବର ।**

୧. 'ବସନ୍ତର ଶେଷ ପତ୍ରଧରି ଦୂତ ତା'ର ଚାଲିଯାଇଛି । ତମେ ତାକୁ ହସି ହସି ବିଦାୟ ଦିଅ ବନ୍ଧୁ' – ଏ ଉକ୍ତିର ତାତ୍ପର୍ଯ୍ୟ କ'ଣ ?

୨. କାଲି ଯଦି ଦୁନିଆ ଜାଣିବ ମୁଁ ପ୍ରକୃତରେ କବି ନୁହେଁ – ତେବେ ସମାଜରେ ମୋର ଅବସ୍ଥା କ'ଣ ହେବ ? – ଏ କଥା କିଏ, କାହାକୁ କାହିଁକି କହିଛି ?

୩. ଆପଣ ନିଜେ ମିଥ୍ୟାର ଗୋଟାଏ ପ୍ରତିମୂର୍ତ୍ତି । ସତ୍ୟର ଅପଳାପ ପାଇଁ ଆପଣ ମିଥ୍ୟାର ଆଶ୍ରୟ ନେଇଛନ୍ତି – କିଏ କାହାକୁ କେଉଁ ପ୍ରସଙ୍ଗରେ କହିଥିଲେ ?

୪. ମୋ ଜୀବନ ବିନିମୟରେ ମୁଁ ଚାହେଁ ଏଇ କୋମଳ କଳିକା ମୁହଁରେ ଟେନାଏ ହସ – କିଏ କାହାକୁ କେଉଁ ପରିପ୍ରେକ୍ଷୀରେ କହିଥିଲେ ?

୫. ମଦ୍ୟପଠିଁ ନିଶାଥିବା ପର୍ଯ୍ୟନ୍ତ ସେ ନିଜକୁ ଶକ୍ତିମାନ ମନେ କରେ । କିନ୍ତୁ ନିଶା ଛାଡ଼ିଗଲା ପରେ ସେ ଭାରି weak feel କରେ – ଏହାର ତାତ୍ପର୍ଯ୍ୟ ଉଲ୍ଲେଖ କର ।

୬. 'ସରଳ ବନ୍ଧୁତାରେ ତମେ ଦେଖ ଗରଳର ସ୍ୱପ୍ନ । ଗୀତା, ବାଇବେଲ ଆଉ କୋରାନ୍‌ରୁ ତମେ ଖୋଜ ବିଶ୍ୱାସଘାତକତାର ବାଣୀ' – ଏ ଉକ୍ତି କାହାର, ଏହାର ତାତ୍ପର୍ଯ୍ୟ ଦର୍ଶାଅ ।

୭. 'ନାରୀ ମାତ୍ରେ ହିଁ ମମତାମୟୀ । ସେମାନେ ଖୁବ୍ ଶୀଘ୍ର ଗୋଟାଏ ଜିନିଷକୁ ଆପଣାର କରି ନିଅନ୍ତି' – କିଏ କାହାକୁ କେଉଁ ପ୍ରସଙ୍ଗରେ କହିଛି ?

୮. 'ମୁଁ ଇହ ଜନ୍ମରେ ଆଉ ପର ଜନ୍ମରେ ବି ଆପଣଙ୍କର ଋଣୀ ହୋଇ ରହିବି' – କିଏ କାହାକୁ କେଉଁ ଉଦ୍ଦେଶ୍ୟରେ କହିଛି ?

୯. 'ଭୁଲ ଆଡ଼କୁ ଟାଣି ହୋଇ ଯାଇଛୁ ତୁ ? ମାନସିକ ରୋଗର ଡାକ୍ତର ହୋଇ ନିଜେ ମାନସିକ ବିପ୍ଳବର ଶିକାର ହେଇଛୁ' – ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?

୧୦. 'ଲୁହ ନଥିଲେ ହସର ମୂଲ୍ୟ କେହି ବୁଝନ୍ତିନି ବନ୍ଧୁ । ମଣିଷ ଜୀବନ ପାଇଁ ହସ ଯେତିକି ଦରକାର ଲୁହ ମଧ୍ୟ ସେତିକି ଦରକାର' – କିଏ କାହାକୁ କେଉଁ ପ୍ରସଙ୍ଗରେ କୁହାଯାଇଛି ?

୧୧. 'ବିଜ୍ଞାନୀ ପୁରାତନକୁ ଧରିବସି ରହେନା । ସେ ଚାହେଁ ନୂତନର ଆବିଷ୍କାର' – ଏ ଉକ୍ତି କିଏ କାହାକୁ ଓ କାହିଁକି କହିଛି ?

୧୨. କିଏ କହିଲା ତମେ ନିଃସ୍ୱ ? ଲକ୍ଷପତିର କନ୍ୟା-ପୁଣି କୋଟିପତିର ବଧୂ ? କିଏ କାହାକୁ କେଉଁ ପ୍ରସଙ୍ଗରେ କୁହାଯାଇଛି ?

୧୩. ମୋର ମନେହୁଏ ଏମିତି ଗୋଟାଏ ସମୟ ଆସିବ ଯେତେବେଳେ ତୋ ପାଖକୁ ଆଉ ମୋ ହାତ ପାଇବନି । ଏ ଉକ୍ତି କାହାର କେଉଁ ପ୍ରସଙ୍ଗରେ କୁହାଯାଇଛି ?

୧୪. କବିଙ୍କର କା' ଯାଇଛି........ କିନ୍ତୁ କବି ନୁହନ୍ତି । କିଏ କାହା ଉଦ୍ଦେଶ୍ୟରେ କାହିଁକି କହିଛି ?

୧୫. ଆଶାରେ ହିଁ ମଣିଷ ବଂଚେ । ଆଦିମ ଯୁଗରୁ ମଣିଷ ଆଶାବାଦୀ । ଏହାର ତାତ୍ପର୍ଯ୍ୟ ଉଲ୍ଲେଖ କର ।

୧୬. ଦେହ ସରୋବର ଛାଡ଼ି ହଂସ ଉଡ଼ିଯାଇଛି ବନ୍ଧୁ । କାହାର ସେ ଅପେକ୍ଷା କରିନି ! ଏହାର ତାତ୍ପର୍ଯ୍ୟ କ'ଣ ?

## (ଙ) ୫ ନମ୍ବର ବିଶିଷ୍ଟ ଦୀର୍ଘ ଉ ରମୂଳକ ପ୍ରଶ୍ନାବଳୀ । (୧୫୦ ଶବ୍ଦ ମଧ୍ୟରେ ଉ ର) ।

୧. ଏକ ମନସ୍ତା ିକ ନାଟକ ଭାବରେ 'ରାଜହଂସ'ର ମୂଲ୍ୟାୟନ କର ।

୨. 'ରାଜହଂସ' ନାଟକର ନାମକରଣର ସାର୍ଥକତା ପ୍ରତିପାଦନ କର ।

୩. ଓଡ଼ିଆ ନାଟ୍ୟ ସାହିତ୍ୟରେ 'ରାଜହଂସ' ନାଟକର ସ୍ଥାନ ନିରୂପଣ କର ।

୪. 'ରାଜହଂସ' ନାଟକରୁ ନାଟ୍ୟକାରଙ୍କ ସୃଷ୍ଟି ଆଭିମୁଖ୍ୟ ଆଲୋଚନା କର ।

୫. 'ରାଜହଂସ' ନାଟକର ମ ମୂଲ୍ୟ ବିଚାର କର ।

୬. ରାଜହଂସ ନାଟକରୁ ଡକ୍ଟର ଅତନୁଙ୍କ ଚରିତ୍ରର ବୈଶିଷ୍ଟ୍ୟ ଦର୍ଶାଅ ।

୭. ରାଜହଂସ ନାଟକରୁ ଜୟନ୍ତ ଚରିତ୍ରର ମହ ୍ୱ ପ୍ରକାଶ କର ।

୮. ରାଜହଂସ ନାଟକରୁ ରୀତା ଚରିତ୍ରର ଆକଳନ କର ।

❑❑❑

# ପ ମ ଏକକ
# ବ୍ୟାକରଣ (ବାକ୍ୟ ଓ ଛନ୍ଦ)

# ବାକ୍ୟର ପ୍ରକାରଭେଦ ଓ ପରିବ ର୍ନ

ଏକ ବା ଏକାଧିକ ଶୃଙ୍ଖଳିତ ପଦ ଦ୍ୱାରା ଇପ୍‌ଷିତ ଭାବ ପ୍ରକାଶକ ଅଭିବ୍ୟକ୍ତିକୁ ବାକ୍ୟ କହନ୍ତି ।

ଉଦାହରଣ - କ) ଦିଅ ।

ଖ) ଈଶ୍ୱର ସର୍ବବ୍ୟାପୀ ।

ଗ) ପକ୍ଷୀମାନେ ନୀଳ ଆକାଶ କୋଳରେ ଉଡ଼ିଯାଉଛନ୍ତି ।

ପ୍ରଥମ ବାକ୍ୟରେ ଗୋଟିଏ ଶବ୍ଦ, ଦ୍ୱିତୀୟ ବାକ୍ୟରେ ଦୁଇଟି ଶବ୍ଦ ଓ ତୃତୀୟ ବାକ୍ୟରେ ପା ଟି ଶବ୍ଦ ରହିଛି । ଅବଶ୍ୟ ପ୍ରଥମ ବାକ୍ୟରେ 'ତୁମେ' କ ର୍ା ଓ ଦ୍ୱିତୀୟ ବାକ୍ୟରେ 'ଅଟନ୍ତି' କ୍ରିୟା ଉହ୍ୟ ରହିଛି । ବାକ୍ୟରେ ବ୍ୟବହୃତ ଶବ୍ଦଗୁଡ଼ିକୁ 'ପଦ' କହନ୍ତି । କିନ୍ତୁ କବିତାରେ 'ପଦ' କହିଲେ କେତେକ ପାଦ(ଚରଣ)ର ସମଷ୍ଟିରେ ସଂଗଠିତ ଛନ୍ଦୋବଦ୍ଧ ରଚନାକୁ ବୁଝାଏ ।

- ଆକାଶ ନୀଳ ଉଡ଼ିଯାଉଛନ୍ତି କୋଳରେ ପକ୍ଷୀମାନେ ।


ଏଠାରେ ପଦଗୁଡ଼ିକର ଏକତ୍ର ସମାବେଶ ହୋଇଥିଲେ ମଧ୍ୟ କୌଣସି ପୂର୍ଣ୍ଣ ଅର୍ଥ ଦେବାରେ ଏହା ଅସମର୍ଥ । କାରଣ ପଦଗୁଡ଼ିକ ମଧ୍ୟରେ ଶୃଙ୍ଖଳାର ଅଭାବ ରହିଛି । ସାଧାରଣତଃ କ ର୍ା+କର୍ମ+ କ୍ରିୟା କ୍ରମରେ ଓଡ଼ିଆ ଭାଷାର ବାକ୍ୟ ଗଠିତ ହୋଇଥାଏ । ପ୍ରାୟୋଗିକ ଓଡ଼ିଆ ବାକ୍ୟରେ ଏହି କ୍ରମରେ ମଧ୍ୟ ସ୍ଥଳ ବିଶେଷଣରେ ପରିବ ର୍ନ ଲକ୍ଷ୍ୟ କରାଯାଏ ।

ଗଦ୍ୟର ମୌଳିକ ଉପାଦାନ ବାକ୍ୟ । ଦୈନନ୍ଦିନ ଜୀବନରେ କଥାବା ର୍ାଠାରୁ ଆରମ୍ଭ କରି ଶିକ୍ଷାୟତନ, କାର୍ଯ୍ୟାଳୟ, ବାଣିଜ୍ୟ ବ୍ୟବସାୟ, ଜ୍ଞାନବିଜ୍ଞାନ,

ସମ୍ବାଦପତ୍ର ଯାଏ ପ୍ରତଟ କ୍ଷେତ୍ରରେ ଗଦ୍ୟର ଆବଶ୍ୟକତା ଅନୁଭୂତ ହୁଏ । ପରୀକ୍ଷାରେ ଲେଖିବା, ସଭାରେ ଭାଷଣ ଦେବା, କାହା ସହିତ କଥାବାର୍ତ୍ତା କରିବା, ପ୍ରବନ୍ଧ, ଗଳ୍ପ ଉପନ୍ୟାସ ଆଦି ଲେଖିବା, ବିବରଣୀ ପ୍ରସ୍ତୁତ କରିବା, ଗବେଷଣା କରିବା ସର୍ବୋପରି ଯେ କୌଣସି ବିଷୟରେ ନିର୍ଭୁଲ ଭାବ ପ୍ରକାଶ ପାଇଁ ବାକ୍ୟ ବିଷୟରେ ଧାରଣା ଥିବା ଦରକାର । ମଣିଷ ମନ ଭାବନାର ଗନ୍ତାଘର । ଭାବନାର ବୈଚିତ୍ର୍ୟ ଯୋଗୁ ଆମେ ପ୍ରତିଦିନ ରାଶି ରାଶି ବାକ୍ୟ କହୁ, ଶୁଣୁ, ପଢୁ ଅବା ଲେଖୁ । ସୂକ୍ଷ୍ମ ଭାବରେ ଲକ୍ଷ୍ୟ କଲେ ଜଣାଯାଏ, ଭାବ ପ୍ରକାଶ ପାଇଁ ବାକ୍ୟଗୁଡ଼ିକର ରୂପ ରୂପାନ୍ତର ଭାଷାର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହିତ ପ୍ରକାଶ କ୍ଷମତାକୁ ବଢ଼ାଇ ଦେଇଥାଏ । ଏହି ଅବସରରେ ଓଡ଼ିଆ ବାକ୍ୟର ପ୍ରକାରଭେଦ ଓ ରୂପାନ୍ତରଣ ସମ୍ପର୍କର ଆଲୋଚନା କରାଯାଇପାରେ ।

## ବାକ୍ୟର ପ୍ରକାରଭେଦ

ବାକ୍ୟର ପ୍ରକାରଭେଦ ନିମ୍ନ ସାରଣୀରୁ ଉପଲବ୍ଧି କରିହେବ ।




**ବାକ୍ୟର ଗଠନଗତ ପ୍ରକାରଭେଦ –**

ଗଠନ ଦୃଷ୍ଟିରୁ ବାକ୍ୟ ତିନି ପ୍ରକାର ଯଥା– (୧)ସରଳ (୨)ଯୌଗିକ ଓ (୩) ଜଟିଳ

**(୧) ସରଳ ବାକ୍ୟ** – ଯେଉଁ ବାକ୍ୟରେ ଗୋଟିଏ ମାତ୍ର ସମାପିକା କ୍ରିୟା ଥାଏ, ତାହାକୁ ସରଳ ବାକ୍ୟ କହନ୍ତି ।

ଉଦାହରଣ –

– ଆମ ମହାବିଦ୍ୟାଳୟର ସବୁ ଛାତ୍ରଛାତ୍ରୀ ଏବେ ସ୍ୱଚ୍ଛତା ଅଭିଯାନରେ ଅଂଶଗ୍ରହଣ କରୁଛନ୍ତି ।

– ମା'ଙ୍କ ହାତରନ୍ଧା ସୁଆଦ ଲାଗେ ।

– ପିଲାଟି ଖେଳି ଖେଳି ହାଲିଆ ହେଲା ।

– ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ।

ପ୍ରଥମ ବାକ୍ୟରେ 'କରୁଛନ୍ତି' । ଦ୍ୱିତୀୟ ବାକ୍ୟରେ 'ସୁଆଦ ଲାଗେ' ତୃତୀୟ ବାକ୍ୟରେ 'ହାଲିଆ ହେଲା' ଗୋଟିଏ ଗୋଟିଏ ସମାପିକା କ୍ରିୟା । ଚତୁର୍ଥ ବାକ୍ୟରେ କୌଣସି କ୍ରିୟା ନଥିବା ପରି ଜଣାପଡୁଛି, ତେବେ ଏଠାରେ 'ଅଟେ' କ୍ରିୟାଟି ଉହ୍ୟ ରହିଛି । ତେଣୁ ଏ ସମସ୍ତ ଗୋଟିଏ ଗୋଟିଏ ସରଳ ବାକ୍ୟ । ତୃତୀୟ ବାକ୍ୟରେ 'ଖେଳିଖେଳି' ଅସମାପିକା କ୍ରିୟା ।

**(୨) ଯୌଗିକ ବାକ୍ୟ** – ଦୁଇ ବା ତତୋଧିକ ସରଳ ବାକ୍ୟ ସଂଯୋଗରେ ଯେଉଁ ବାକ୍ୟ ଗଠିତ ହୋଇଥାଏ, ତାହାକୁ ଯୌଗିକ ବାକ୍ୟ କୁହାଯାଏ । ଏଠାରେ ଓ, ଏବଂ, କିନ୍ତୁ, ବା, କି, ନ ହେଲେ, ପୁଣି, ସିନା, ମାତ୍ର, ଆଉ ଇତ୍ୟାଦି ଅବ୍ୟୟ ଦ୍ୱାରା ବାକ୍ୟଗୁଡ଼ିକ ସଂଯୁକ୍ତ ହୋଇଥାନ୍ତି । ଉଦାହରଣ –

– ନିଜ ଗାଁ ମଶାଣିକୁ ଡର ଏବଂ ପର ଗାଁ ପାଣିକୁ ଡର ।

– ବିରାଟ କୋହଲି ଶତକ ବାଡ଼େଇଲେ; ମାତ୍ର ଭାରତ ଜିତିଲା ନାହିଁ ।

– ମାଧୁରୀ ଗୀତ ଗାଇଲା, କବିତା ବାଜା ବଜେଇଲା ଓ ଶ୍ୟାମଳୀ ନାଚିଲା ।

– ଚ ଳ ଶୁଅ; ଚ ଳ ଉଠ ।

ପ୍ରଥମ ବାକ୍ୟରେ 'ଏବଂ' ଦ୍ୱିତୀୟ ବାକ୍ୟରେ 'ମାତ୍ର' , ତୃତୀୟ ବାକ୍ୟରେ 'ଓ' ସଂଯୋଗରେ ସରଳ ବାକ୍ୟଗୁଡ଼ିକ ଯୋଡ଼ି ହୋଇ ଗୋଟିଏ ଗୋଟିଏ ବାକ୍ୟ ଗଠିତ ହୋଇଛି । ଚତୁର୍ଥ ବାକ୍ୟରେ 'ଓ' ଉହ୍ୟ ରହିଛି ।

**୩) ଜଟିଳ ବାକ୍ୟ -** ପରସ୍ପର ନିର୍ଭରଶୀଳ ଦୁଇ ବା ତତୋଧିକ ଖଣ୍ଡବାକ୍ୟର ସଂଯୋଗରେ ଗଠିତ ବାକ୍ୟକୁ ଜଟିଳ ବାକ୍ୟ କହନ୍ତି । ଯାହାର-ତାହାର, ଯେବେ-ତେବେ, ଯେତେବେଳେ-ସେତେବେଳେ, ଯାହା-ତାହା,ଯେ-ସେ, ଯଦି-ତାହେଲେ ଇତ୍ୟାଦି ଆଶ୍ରିତ ଅବ୍ୟୟ ଦ୍ୱାରା ଜଟିଳ ବାକ୍ୟ ଗଠିତ ହୋଇଥାଏ ।

ଉଦାହରଣ-

- ଚାଷ ଯାହାର, ଆନନ୍ଦ ତାହାର
- ଇଏ ସେଇ ଝିଅ, କାଲି ଯିଏ ପାଣିରେ ବୁଡ଼ି ଯାଉଥିବା ପିଲାଟିକୁ ଉଦ୍ଧାର କଲା ।
- ଯେତେବେଳେ ପରୀକ୍ଷା ପାଖେଇ ଆସେ, ସେତେବେଳେ ମଦନ ବହିପତ୍ର ଅଣ୍ଡାଳେ ।
- ଖଣ୍ଡଗିରି ମେଳାରୁ ଯାହା ଆଣିବ, ଦବ ।

ପ୍ରଥମ ବାକ୍ୟରେ ଯାହାର-ତାହାର, ଦ୍ୱିତୀୟ ବାକ୍ୟରେ ସେଇ-ଯିଏ, ତୃତୀୟ ବାକ୍ୟରେ ଯେତେବେଳେ ସେତେବେଳେ ଲାଗି ଦୁଇ ଦୁଇଟି ଖଣ୍ଡବାକ୍ୟ ମିଶି ଗୋଟିଏ ଗୋଟିଏ ବାକ୍ୟ ହୋଇଛି । ଚତୁର୍ଥ ବାକ୍ୟରେ 'ଯାହା' ଅଛି, ମାତ୍ର ପରିପୂରକ ଅବ୍ୟୟ 'ତାହା' ଉହ୍ୟ ରହିଛି ।

**ବାକ୍ୟର ଭାବ ବା ପ୍ରକାର୍ଯ୍ୟଗତ ପ୍ରକାରଭେଦ -**

ଭାବ ଦୃଷ୍ଟିରୁ ବାକ୍ୟ ଚାରି ପ୍ରକାର । (୧) ବିବୃ ି ସୂଚକ (୨) ଆଦେଶସୂଚକ (୩) ପ୍ରଶ୍ନ ସୂଚକ ଓ (୪) ବିସ୍ମୟସୂଚକ ।

**(୧) ବିବୃ ି ସୂଚକ** - କୌଣସି ବାକ୍ୟରେ କେବଳ ଏକ ବିବୃ ି ବା ବକ୍ତବ୍ୟ ସୂଚିତ ହେଲେ, ତାହା ବିବୃ ି ସୂଚକ ବାକ୍ୟ ହୋଇଥାଏ । ଉଦାହରଣ -

- ଧନୁଯାତ୍ରା ପାଇଁ ବରଗଡ଼ ବିଶ୍ୱ ପ୍ରସିଦ୍ଧ ।
- ମନୀଷାର ଭଉଣୀ ଭାରି ସ୍ନେହୀ ଓ ଘରୁଆ ଲାଗନ୍ତି ।
- ଜେଜେ ଟି.ଭି. ଦେଖୁଛନ୍ତି ।

**(୨) ଆଦେଶସୂଚକ** - ଯେଉଁ ବାକ୍ୟରେ କୌଣସି ବିଷୟରେ ଆଦେଶ ଥାଏ, ତାହା ଆଦେଶସୂଚକ ବାକ୍ୟ । ଆଶିଷ ଓ ଅନୁରୋଧଥିବା ବାକ୍ୟ ମଧ୍ୟ ଏହି ପର୍ଯ୍ୟାୟର । ଉଦାହରଣ -

- ଚୋରକୁ ଧରି ଆଣି ପୋଲିସରେ ଦିଅ ।
- ଭଗବାନ ତାଙ୍କର ମଙ୍ଗଳ କରନ୍ତୁ ।
- ମୋତେ ଶହେ ଟଙ୍କା ଧାର ଦିଅନ୍ତୁ ।

**(୩) ପ୍ରଶ୍ନସୂଚକ** - ଯେଉଁ ବାକ୍ୟରେ କୌଣସି ବିଷୟରେ ପ୍ରଶ୍ନ ପଚରାଯାଇଥାଏ, ତାହା ପ୍ରଶ୍ନସୂଚକ ବାକ୍ୟ । ଉଦାହରଣ -

- କେଉଁ ଜିଲ୍ଲାରେ ତାରାତାରିଣୀ ମନ୍ଦିର ଅବସ୍ଥିତ ?
- ମିଛୁଆ ଲୋକକୁ କିଏ ଭଲ ପାଇବ ?
- ଓଡ଼ିଶାର ଆଦିକବି କିଏ ?

**(୪) ବିସ୍ମୟସୂଚକ** - ଯେଉଁ ବାକ୍ୟରେ ବିସ୍ମୟ ବା ଆଶ୍ଚର୍ଯ୍ୟ ଭାବ ସୂଚିତ ହୁଏ, ତାହାକୁ ବିସ୍ମୟସୂଚକ ବାକ୍ୟ କହନ୍ତି ।

ଉଦାହରଣ -

- ଘରକୁ ଆସିଲେ କି ଶାନ୍ତି !

– ଏ ବାବା, ରୀନା ମାଡ଼ାମ୍ କି ରାଗୀ !

– ରଥଯାତ୍ରାରେ କି ଭିଡ଼ !

ବିବୃ ି ସୂଚକ ବାକ୍ୟ ଓ ଆଦେଶ ସୂଚକ ବାକ୍ୟରେ ପୂର୍ଣ୍ଣଚ୍ଛେଦ ( । ) ଦିଆଯାଏ । ପ୍ରଶ୍ନସୂଚକ ବାକ୍ୟ ଶେଷରେ ପ୍ରଶ୍ନବାଚକ ଚିହ୍ନ (?) ଓ ବିସ୍ମୟସୂଚକ ବାକ୍ୟ ଶେଷରେ ବିସ୍ମୟସୂଚକ ଚିହ୍ନ (!) ଦିଆଯାଏ । ଏ ଚାରି ପ୍ରକାର ବାକ୍ୟ ଅର୍ଥ ପରିବ ର୍ନ ନ କରି ନାସ୍ତି ସୂଚକ ବାକ୍ୟରେ ମଧ୍ୟ ରୂପାନ୍ତରିତ ହୋଇପାରନ୍ତି ।

## ବାକ୍ୟ ପରିବ ର୍ନ

ଅର୍ଥ ପରିବ ର୍ନ ବିନା ଗୋଟିଏ ପ୍ରକାର ବାକ୍ୟ ଅନ୍ୟ ପ୍ରକାର ରୂପ ଗ୍ରହଣକଲେ, ତାହାକୁ ବାକ୍ୟ ପରିବ ର୍ନ ବା ରୂପାନ୍ତରଣ କୁହାଯାଏ । ସ୍ଥଳ ବିଶେଷରେ ଉଭୟ ଗଠନଗତ ଓ ଭାବଗତ ବାକ୍ୟରେ ଏ ପ୍ରକାର ରୂପାନ୍ତରଣ ସମ୍ଭବ ହୋଇଥାଏ । ଭାଷାର ଶ୍ରୀବୃଦ୍ଧି ପାଇଁ ବାକ୍ୟ ପରିବ ର୍ନ ଆବଶ୍ୟକ ।

## ଗଠନ ଦୃଷ୍ଟିରୁ ବାକ୍ୟ ପରିବ ର୍ନ

### ସରଳରୁ ଯୌଗିକ ଓ ଜଟିଳ

ସରଳ – ତୁମେ କଠିନ ପରିଶ୍ରମ କଲେ ଫଳ ପାଇବ ।

ଯୌଗିକ – ତୁମେ କଠିନ ପରିଶ୍ରମ କରିବ ଓ ଫଳ ପାଇବ ।

ଜଟିଳ – ତୁମେ ଯଦି କଠିନ ପରିଶ୍ରମ କରିବ, ତେବେ ଫଳ ପାଇବ ।

### ଯୌଗିକରୁ ସରଳ ଓ ଜଟିଳ

ଯୌଗିକ – ଆଜିକାଲି ପିଲାମାନେ ଦେଶରେ ପାଠ ପଢ଼ି ବଡ଼ ହେଉଛନ୍ତି; ମାତ୍ର ମାତୃଭୂମିକୁ ଭୁଲି ବିଦେଶ ପଳାଉଛନ୍ତି ।

ସରଳ – ଆଜିକାଲି ପିଲାମାନେ ଦେଶରେ ପାଠ ପଢ଼ି ବଡ଼ ହେବା ପରେ ମାତୃଭୂମିକୁ ଭୁଲି ବିଦେଶ ପଳାଉଛନ୍ତି ।

ଜଟିଳ - ଆଜିକାଲି ପିଲାମାନେ ଦେଶରେ ପାଠ ପଢ଼ି ଯେତେବେଳେ ବଡ଼ ହେଉଛନ୍ତି, ସେତେବେଳେ ମାତୃଭୂମିକୁ ଭୁଲି ବିଦେଶ ପଳାଉଛନ୍ତି ।

**ଜଟିଳରୁ ସରଳ ଓ ଯୌଗିକ**

ଜଟିଳ - ଯଦି ଆତଙ୍କବାଦର ମୂଳୋତ୍ପାଟନ କରାଯିବ, ତେବେ ବିଶ୍ୱରେ ଶାନ୍ତି ସମ୍ଭବ ହେବ ।

ସରଳ - ଆତଙ୍କବାଦର ମୂଳୋତ୍ପାଟନ କରାଗଲେ ବିଶ୍ୱରେ ଶାନ୍ତି ସମ୍ଭବ ହେବ ।

ଯୌଗିକ - ଆତଙ୍କବାଦର ମୂଳୋତ୍ପାଟନ କରାଯିବ ଓ ବିଶ୍ୱରେ ଶାନ୍ତି ସମ୍ଭବ ହେବ ।

**ଭାବ ବା ଅର୍ଥ ଦୃଷ୍ଟିରୁ ବାକ୍ୟ ପରିବ ର୍ନ -**

**ବିବୃ ି ସୂଚକ ବାକ୍ୟର ପରିବ ର୍ନ**

ପଣ୍ଡିତ ନୀଳକଣ୍ଠ ଦାସ ବହୁତ ଜ୍ଞାନୀ ଲୋକ ଥିଲେ ।

ନାସ୍ତିସୂଚକ - ପଣ୍ଡିତ ନୀଳକଣ୍ଠ ଦାସ ଆଦୌ ଅଜ୍ଞାନ ନଥିଲେ ।

ବିସ୍ମୟସୂଚକ - ପଣ୍ଡିତ ନୀଳକଣ୍ଠ ଦାସ କି ଜ୍ଞାନୀ ଲୋକ ଥିଲେ !

ପ୍ରଶ୍ନସୂଚକ - ପଣ୍ଡିତ ନୀଳକଣ୍ଠ ଦାସ କ'ଣ କମ୍ ଜ୍ଞାନୀ ଲୋକଥିଲେ ?

**ନାସ୍ତିସୂଚକ ବାକ୍ୟର ପରିବ ର୍ନ**

ଅନ୍ଧାର ରାତିରେ ଅଜଣା ରାସ୍ତାରେ ଚାଲିବା ଉଚିତ ନୁହେଁ ।

ବିବୃ ି ସୂଚକ - ଅନ୍ଧାର ରାତିରେ ଅଜଣା ରାସ୍ତାରେ ଚାଲିବା ଅନୁଚିତ ।

ବିସ୍ମୟସୂଚକ - ଅନ୍ଧାର ରାତିରେ ପୁଣି ଅଜଣା ରାସ୍ତାରେ ଯାତ୍ରା !

ପ୍ରଶ୍ନସୂଚକ - ଅନ୍ଧାର ରାତିରେ ଅଜଣା ରାସ୍ତାରେ ଚାଲିବା କ'ଣ ଉଚିତ ?

**ବିସ୍ମୟସୂଚକ ବାକ୍ୟର ପରିବ ର୍ନ**

ମାତୃଭୂମି ଓ ମାତୃଭାଷାକୁ ପୁଣି ଅନାଦର !

ବିବୃ ି ସୂଚକ - ମାତୃଭୂମି ଓ ମାତୃଭାଷାକୁ ଅନାଦର କରିବା ଅନୁଚିତ ।

ନାସ୍ତିସୂଚକ - ମାତୃଭୂମି ଓ ମାତୃଭାଷାକୁ ଅନାଦର କରାଯାଏ ନାହିଁ ।

ପ୍ରଶ୍ନସୂଚକ - ମାତୃଭୂମି ଓ ମାତୃଭାଷାକୁ କ'ଣ ଅନାଦର କରାଯାଏ ?

**ପ୍ରଶ୍ନସୂଚକ ବାକ୍ୟର ପରିବ ର୍ନ**

ଜ୍ଞାନୀ ଲୋକଙ୍କୁ କିଏ ଅସମ୍ମାନ କରେ ?

ବିବୃ ି ସୂଚକ - ଜ୍ଞାନୀ ଲୋକଙ୍କୁ ସମସ୍ତେ ସମ୍ମାନ କରନ୍ତି ।

ନାସ୍ତିସୂଚକ - ଜ୍ଞାନୀ ଲୋକଙ୍କୁ କେହି ଅସମ୍ମାନ କରନ୍ତି ନାହିଁ ।

ବିସ୍ମୟସୂଚକ - ଜ୍ଞାନୀ ଲୋକଙ୍କୁ ପୁଣି କାହାର ଅସମ୍ମାନ !

## ନମୁନା ପ୍ରଶ୍ନାବଳୀ

**(କ) ଏକ ନମ୍ବର ବିଶିଷ୍ଟ ସମ୍ଭାବ୍ୟ ଉ ରମୂଳକ ପ୍ରଶ୍ନାବଳୀ । ପ୍ରଦ ଚାରଟି ବିକଳ୍ପ ମଧ୍ୟରୁ ଠିକ ଉ ରଟି ବାଛ ।**

୧. ବାକ୍ୟରେ ବ୍ୟବହୃତ ଶବ୍ଦକୁ କ'ଣ କହନ୍ତି ?

(କ) ବାକ୍ୟାର୍ଥ (ଖ) ପଦ (ଗ) ଅର୍ଥ (ଘ) ଅକ୍ଷର

୨. 'ସେମାନେ କାଲି ଆସିବେ' ଏହି ବାକ୍ୟରେ 'ସେମାନେ' ପଦଟି କ'ଣ ?

(କ) ଅବ୍ୟୟ (ଖ) କ୍ରିୟା (ଗ) କ ର୍ା (ଘ) ବିଶେଷଣ

୩. ଗଦ୍ୟର ମୌଳିକ ଉପାଦାନ କ'ଣ ?

(କ) ବାକ୍ୟ (ଖ) ପଦ (ଗ) ଚରଣ (ଘ) ଧାଡ଼ି

୪. କ'ଣ ଭାବନାର ଗନ୍ତାଘର ?

(କ) ମଣିଷର ମନ (ଖ) ବହିର ପୃଷ୍ଠା

(ଗ) ଶିକ୍ଷକଙ୍କ କଥା (ଘ) ଛାତ୍ରଙ୍କ ଉ ର

୫. ଗଠନ ଦୃଷ୍ଟିରୁ ବାକ୍ୟ କେତେ ପ୍ରକାର ?

(କ) ପା (ଖ) ଦୁଇ (ଗ) ଚାରି (ଘ) ତିନି

୬. ଭାବ ଦୃଷ୍ଟିରୁ ବାକ୍ୟ କେତେ ପ୍ରକାର ?

(କ) ଚାରି (ଖ) ତିନି (ଗ) ପା (ଘ) ଦୁଇ

୭. "ରବୀନ୍ଦ୍ରନାଥ ଠାକୁର 'ଗୀତାଞ୍ଜଳି' ପାଇଁ ନୋବେଲ ପୁରସ୍କାର ପାଇଥିଲେ ।"- ଏହା କି ପ୍ରକାର ବାକ୍ୟ ?

(କ) ବିସ୍ମୟସୂଚକ (ଖ) ଆଦେଶସୂଚକ

(ଗ) ବିବୃ ିସୂଚକ (ଘ) ପ୍ରଶ୍ନସୂଚକ

୮. ଦୁଇ ବା ତତୋଧିକ ଖଣ୍ଡବାକ୍ୟର ସଂଯୋଗରେ ଗଠିତ ବାକ୍ୟକୁ କ'ଣ କହନ୍ତି ?

(କ) ସରଳବାକ୍ୟ (ଖ) ଜଟିଳ ବାକ୍ୟ

(ଗ) ଯୌଗିକ ବାକ୍ୟ (ଘ) ଏଥିରୁ କେଉଁଟି ନୁହେଁ

୯. ଓ, ଏବଂ, ମାତ୍ର, କିନ୍ତୁ ଇତ୍ୟାଦି ଅବ୍ୟୟ ଯୋଗରେ କି ପ୍ରକାର ବାକ୍ୟ ହୁଏ ?

(କ) ଯୌଗିକ ବାକ୍ୟ (ଖ) ଜଟିଳ ବାକ୍ୟ

(ଗ) ସରଳ ବାକ୍ୟ (ଘ) ଏଥିରୁ କେଉଁଟି ନୁହେଁ

୧୦. କେଉଁଟି ଏକ ଆଶ୍ରିତ ଅବ୍ୟୟ ?

(କ) ଯେପରି (ଖ) ଏବଂ (ଗ) କିନ୍ତୁ (ଘ) ମାତ୍ର

**(ଖ) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଉ ର ଲେଖ ।( ୧ ନମ୍ବର ବିଶିଷ୍ଟ)**

୧. ବାକ୍ୟର ସଂଜ୍ଞା ଲେଖ ?

୨. ଏକକ ପଦ ଥାଇ ଗୋଟିଏ ବାକ୍ୟର ଦୃଷ୍ଟାନ୍ତ ଦିଅ ।

୩. ବାକ୍ୟ ଭିତରେ ଥିବା ଶବ୍ଦକୁ କ'ଣ କହନ୍ତି ?

୪. ଓଡ଼ିଆ ବାକ୍ୟରେ ସାଧାରଣତଃ କ'ଣ ପ୍ରଥମେ ରହେ ?

୫. ଗଠନ ଦୃଷ୍ଟିରୁ ବାକ୍ୟ କେତେ ପ୍ରକାରର ?

୬. ଭାବ ବା ପ୍ରକାର୍ଯ୍ୟ ଦୃଷ୍ଟିରୁ ବାକ୍ୟ କେତେ ଭାଗରେ ବିଭକ୍ତ ?

୭. "ଧନୀ ଲୋକମାନେ ଅନ୍ୟକୁ ସାହାଯ୍ୟ କରିବା ଉଚିତ" । ଗଠନ ଦୃଷ୍ଟିରୁ ଏହା କି ପ୍ରକାର ବାକ୍ୟ ?

୮. 'ମାନ ମହତଠାରୁ ବଡ଼ କିଛି ନାହିଁ' – ଭାବ ବା ପ୍ରକାର୍ଯ୍ୟ ଦୃଷ୍ଟିରୁ ଏହା କି ପ୍ରକାର ବାକ୍ୟ ?

୯. ଦୁଇଟି ସରଳ ବାକ୍ୟ ସଂଯୋଗରେ କି ପ୍ରକାର ବାକ୍ୟ ଗଠିତ ହୁଏ ?

୧୦. ପରସ୍ପର ନିର୍ଭରଶୀଳ ଦୁଇ ଖଣ୍ଡବାକ୍ୟ ମିଳନରେ କି ପ୍ରକାର ବାକ୍ୟ ଗଠିତ ହୁଏ ?

୧୧. ଗୋଟିଏ ବିସ୍ମୟ ସୂଚକ ବାକ୍ୟର ଦୃଷ୍ଟାନ୍ତ ଦିଅ ।

୧୨. ଆଦେଶସୂଚକ ବାକ୍ୟଟିଏ ଲେଖ ?

**(ଗ) ନିର୍ଦ୍ଦେଶ ଅନୁସାରେ ଅର୍ଥ ନ ବଦଳାଇ ବାକ୍ୟଗୁଡ଼ିକ ପରିବ ର୍ନ କର । (୧ନମ୍ବରବିଶିଷ୍ଟ)**

୧. ମନ୍ଦିରମାଳିନୀ ସହର ଭୁବନେଶ୍ୱର ଅତୀବ ସୁନ୍ଦର ।

(ଜଟିଳ ବାକ୍ୟରେ ପ୍ରକାଶ କର)

୨. ଯେଉଁ ଅଧ୍ୟାପକ କାଲି ଇତିହାସ ପଢ଼ାଉଥିଲେ, ତାଙ୍କର ଚଷମା ହଜିଯାଇଛି । (ସରଳ ବାକ୍ୟରେ ପ୍ରକାଶ କର)

୩. ତୁମେ ଯଦି ମୋ ସହିତ ଆସିବ, ତେବେ ମୁଁ ଚାନ୍ଦିପୁର ବେଳାଭୂମି ବୁଲାଇଦେବି । (ଯୌଗିକ ବାକ୍ୟ କର)

୪. କାଲି ସନ୍ଧ୍ୟାରେ ମିତାଲି ପାଠ ନପଢ଼ି ଚେସ୍ ଖେଳିଲା ।

(ଯୌଗିକ ବାକ୍ୟ କର)

୫. ବେଳ ଥାଉଁ ବନ୍ଧ ବାନ୍ଧିବ ଓ ବିପଦରୁ ରକ୍ଷା ପାଇବ ।

(ସରଳ ବାକ୍ୟକୁ ପରିବ ର୍ନ କର)

୬. ପରୀକ୍ଷାରେ କପି କରିବା କ'ଣ ଧ ର୍ବ୍ୟ ଅପରାଧ ନୁହେଁ ?

(ବିବୃ ିସୂଚକ ବାକ୍ୟ କର)

୭. ଗୁରୁଜନମାନଙ୍କୁ ଅସମ୍ମାନ କରିବା ଅନୁଚିତ । (ନାସ୍ତିବାଚକ ବାକ୍ୟ କର)

୮. ଋଷ କାର୍ଯ୍ୟକୁ ପୁଣି ଏତେ ଅବହେଳା !

(ପ୍ରଶ୍ନସୂଚକ ବାକ୍ୟରେ ପ୍ରକାଶ କର)

୯. ସଚେତନ ହେଲେ ସଡ଼କ ଦୁର୍ଘଟଣା ବଢ଼ିବ ନାହିଁ ।
(ବିବୃ ିସୂଚକ ବାକ୍ୟ କର)

୧୦. ଉପେନ୍ଦ୍ର ଭଂଜ ମହାନ କବି । (ବିସ୍ମୟସୂଚକ ବାକ୍ୟ କର)

**(ଘ) ଦୀର୍ଘ ଉ ରମୂଳକ ପ୍ରଶ୍ନ । (୫ ନମ୍ବର-୧୫୦ଶବ୍ଦ ମଧ୍ୟରେ)**

୧. ଗଠନ ଦୃଷ୍ଟିରୁ ବାକ୍ୟର ପ୍ରକାରଭେଦ ସଦୃଷ୍ଟାନ୍ତ ଦର୍ଶାଅ ।

୨. ପ୍ରକାର୍ଯ୍ୟ ଦୃଷ୍ଟିରୁ ଉଦାହରଣ ଦେଇ ବାକ୍ୟର ପ୍ରକାରଭେଦ ଉଲ୍ଲେଖ କର ।

୩. ପା ଟି ଜଟିଳ ବାକ୍ୟ ଲେଖି ସେଗୁଡ଼ିକୁ ସରଳ ଓ ଯୌଗିକ ବାକ୍ୟରେ ପ୍ରକାଶ କର ।

୪. ପା ଟି ବିବୃ ିସୂଚକ ବାକ୍ୟ ଲେଖି ସେଗୁଡ଼ିକୁ ପ୍ରଶ୍ନସୂଚକ ଓ ବିସ୍ମୟସୂଚକ ବାକ୍ୟରେ ପରିବ ର୍ନ କର ।

୫. ପା ଟି ନାସ୍ତିବାଚକ ବାକ୍ୟ ଉଲ୍ଲେଖ କରି ସେଗୁଡ଼ିକୁ ବିବୃ ିସୂଚକ ଓ ପ୍ରଶ୍ନସୂଚକ ବାକ୍ୟରେ ପରିଣତ କର ।

# ଛନ୍ଦ

ପଦ୍ୟ ବା କାବ୍ୟ କବିତା ରଚନାର ଶୃଙ୍ଖଳାକୁ ଛନ୍ଦ କହନ୍ତି । ଅକ୍ଷର, ଶବ୍ଦ ଓ ପଦକୁ, ଭି ି କରି ଛନ୍ଦ ପରିକଳ୍ପିତ ହୋଇଥାଏ । ସାଧାରଣ ଭାବରେ କବିତା ଗାନ ବା ପାଠରେ ଗତି ଓ ଯତିର ଶ୍ରୁତି ମଧୁର ଲୀଳାଖେଳା ପାଇଁ ଛନ୍ଦ ବିଶେଷ ଭୂମିକା ତୁଲାଇଥାଏ । ସଂସ୍କୃତ 'ଛନ୍ଦସ୍' ଶବ୍ଦରୁ ଓଡ଼ିଆ 'ଛନ୍ଦ' ଶବ୍ଦ ସୃଷ୍ଟି ହୋଇଛି । ଛନ୍ଦର ଅନ୍ୟନାମ ବୃ ।

"ଅକ୍ଷର ଗଣିବ ହସ୍ତରେ
ତେବେ ସେ ଲେଖିବ ପତରେ"

ପଦ୍ୟ ରଚନା ସମ୍ପର୍କରେ ଏଭଳି ଏକ କଥା ସମସ୍ତଙ୍କୁ ଜଣା । କବି ଦୀନକୃଷ୍ଣ ଦାସଙ୍କ ଏହି ଉକ୍ତିରୁ ଜଣାଯାଏ ଯେ ପଦ୍ୟ ବା କାବ୍ୟ କବିତା ଲେଖିବା ପାଇଁ ଅକ୍ଷର ଗଣନ ନିୟମ ଏକାନ୍ତ ଅପରିହାର୍ଯ୍ୟ । କେବଳ ଓଡ଼ିଆ କାହିଁକି, ଅନ୍ୟାନ୍ୟ ଭାଷାରେ ମଧ୍ୟ ଗଦ୍ୟଠାରୁ ପଦ୍ୟକୁ ଅଲଗା କରିବା ପାଇଁ ଏହି ଅକ୍ଷର ନିୟମ ବା ଶୃଙ୍ଖଳା ଅନୁଭୂତ ହୋଇଥାଏ ।

କେତୋଟି ପଦର ଉଦାହରଣ –

(କ) ତୁ ନାଥ ପରମ ଦୟାଳୁ
ଦୁଷ୍ଟ ନିବାରି ସନ୍ଥ ପାଳୁ । (ଭାଗବତ, ଜଗନ୍ନାଥ ଦାସ)

(ଖ) ମାନବ ଜୀବନ ନୁହଇ କେବଳ
ବର୍ଷ ମାସ ଦିନ ଦଣ୍ଡ
କର୍ମେ ଜୀଏଁ ନର କର୍ମ ଏକା ତାର
ଜୀବନର ମାନଦଣ୍ଡ । (ଧର୍ମପଦ, ଗୋପବନ୍ଧୁ ଦାସ)

(ଗ) ଅଖିଳ ବ୍ରହ୍ମାଣ୍ଡ ପତି ମୋ ଜୀବନ ସ୍ୱାମୀ
ହେ ପରମ ପିତାମାତା ପ୍ରଭୁ ଅନ୍ତର୍ଯ୍ୟାମୀ
ଧନ୍ୟ କରୁଣା ତୋହର
ସେ କରୁଣା ସିନ୍ଧୁ କାହିଁ ତା'ର ପଟାନ୍ତର ।

(ସ୍ତବ, ମଧୁସୂଦନ ରାଓ)

ଉପର୍ଯ୍ୟୁକ୍ତ ପଦମାନଙ୍କୁ ଲକ୍ଷ୍ୟ କରାଯାଉ । ପ୍ରତିଟି ପଦ ଗୋଟିଏ ଗୋଟିଏ କବିତା ବା ପଦ୍ୟର ପଦ । ରଚନାର ଭିନ୍ନ ଭିନ୍ନ ଶୈଳୀ ଯୋଗୁ ଏଗୁଡ଼ିକର ରୂପ ପରସ୍ପରଠାରୁ ଅଲଗା ଜଣାପଡୁଛି । ପ୍ରଥମ ପଦରେ ନଅ ଅକ୍ଷର ବିଶିଷ୍ଟ ଦୁଇପାଦ, ଦ୍ୱିତୀୟ ପଦରେ କୋଡ଼ିଏ ଅକ୍ଷର ବିଶିଷ୍ଟ ଦୁଇପାଦ ଓ ତୃତୀୟ ପଦରେ ଚଉଦ ଅକ୍ଷର ବିଶିଷ୍ଟ ତିନିପାଦ ତଥା ଆଠ ଅକ୍ଷର ବିଶିଷ୍ଟ ଏକ ପାଦର ଶୃଙ୍ଖଳ ରହିଛି । ପାଠକ ବା ଗାୟକ ଭିନ୍ନ ଭିନ୍ନ ବାଗରେ ଗାଇବା ପାଇଁ ଶୃଙ୍ଖଳାଗତ ବୈଚିତ୍ର୍ୟ ହିଁ ଦାୟୀ ।

ଛନ୍ଦ ସମ୍ପର୍କରେ ଅଧିକ ଜାଣିବା ପୂର୍ବରୁ ନିମ୍ନ ଲିଖିତ କେତୋଟି ପ୍ରସଙ୍ଗ ସହିତ ପରିଚିତ ହେବା ଦରକାର ।

**ପଦ:** ଗଦ୍ୟରେ ଯାହା ବାକ୍ୟ କବିତାରେ ତାହା ପଦ । ଦୁଇ ବା ତତୋଧିକ ଧାଡ଼ି ପୂର୍ଣ୍ଣ ଭାବ ବ୍ୟକ୍ତ କଲେ, ତାହାକୁ ପଦ କହନ୍ତି । ପୂର୍ବ କଥିତ ତିନି ପଦ୍ୟାଂଶ ଏହାର ଦୃଷ୍ଟାନ୍ତ ।

**ପାଦ:** କବିତାରେ ପ୍ରତିଟି ପଂକ୍ତି ବା ଧାଡ଼ିର ନାମ ପାଦ । ଏହାର ଅନ୍ୟ ନାମ ହେଉଛି ଚରଣ । ପୂର୍ବ ବର୍ଣ୍ଣିତ 'କ' ପଦରେ ଦୁଇ ପାଦ, 'ଖ' ପଦରେ ଦୁଇପାଦ ଓ 'ଗ' ପଦରେ ଚାରି ପାଦ ସଂଯୋଜିତ ହୋଇଛି ।

**ଯତିପାତ:** କବିତା ଗାନ ବା ଆବୃ ି କଲାବେଳେ ପ୍ରତି ପାଦର କେତେକ ନିର୍ଦ୍ଦିଷ୍ଟ ସ୍ଥଳରେ ଜିହ୍ୱା ବିରାମ ନେଇଥାଏ । ଏହି ବିରାମ ବା ବିଚ୍ଛେଦକୁ ଯତିପାତ କୁହାଯାଏ ।

**ରାଗ:** ତାଳ ଓ ଲୟ ଯୁକ୍ତ କବିତା ଗାନ କରିବା ପାଇଁ ବିଭିନ୍ନ ରାଗ ନିର୍ଦ୍ଦେଶ କରାଯାଇଥାଏ । ପଞ୍ଚ ମଞ୍ଜରୀ, ମାଳବଗୌଡ଼ା, ରାମକିରି, କର୍ଣ୍ଣାଟ ଆଦି ଏକ ଏକ ରାଗର ନାମ ।

**ଛାନ୍ଦ:** ଏହି ଶବ୍ଦଟି ବିଭିନ୍ନ ଅର୍ଥରେ ବ୍ୟବହୃତ । ଏକ ନିର୍ଦ୍ଦିଷ୍ଟ ଛନ୍ଦରେ ଲେଖାଯାଉଥିବାରୁ କାବ୍ୟର ସର୍ଗ ବା ଅଧ୍ୟାୟକୁ ଛାନ୍ଦ କହନ୍ତି । ଉଦାହରଣ – ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସର ଛାନ୍ଦ ସଂଖ୍ୟା ବାଉନ । ଛନ୍ଦ ଦ୍ୱାରା ଆବଦ୍ଧ ହୋଇଥିବାରୁ କବିତାର ଅନ୍ୟନାମ ଛାନ୍ଦ । ଉଦାହରଣ – ମଧୁସୂଦନ ରାଓଙ୍କ ଛାନ୍ଦମାଳା । କେତେକ ସ୍ଥଳରେ କ୍ଷୁଦ୍ର ସଙ୍ଗୀତକୁ ମଧ୍ୟ ଛାନ୍ଦ କୁହାଯାଏ ।


**ଅକ୍ଷର:** ପଦ ମଧ୍ୟରେ ଥିବା ସମସ୍ତ ବର୍ଣ୍ଣକୁ ଅକ୍ଷର କହନ୍ତି । ଯୁକ୍ତ ବର୍ଣ୍ଣଗୁଡ଼ିକ ମଧ୍ୟ ଗୋଟିଏ ଗୋଟିଏ ଅକ୍ଷର ରୂପେ ପରିଗଣିତ ହୋଇଥାଏ ।

**ଛନ୍ଦର ପ୍ରକାରଭେଦ :**

ଛନ୍ଦର ପ୍ରଧାନ ଅଙ୍ଗ ହେଉଛି ଅକ୍ଷର ଓ ମାତ୍ରା । ଏହାକୁ କେନ୍ଦ୍ରକରି ଛନ୍ଦଗୁଡ଼ିକ ସ୍ଥୂଳତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଯଥା –

(କ) ମିତ୍ରାକ୍ଷର ଛନ୍ଦ (ଖ) ଅମିତ୍ରାକ୍ଷର ଛନ୍ଦ ।

ପୁଣି ମିତ୍ରାକ୍ଷର ଛନ୍ଦ ସମଛନ୍ଦ ଓ ବିଷମଛନ୍ଦ ଭାବରେ ବିଭାଜିତ । ଛନ୍ଦର ପ୍ରକାରଭେଦ ସମ୍ପର୍କରେ ପରପୃଷ୍ଠାରେ ପ୍ରଦ   ସାରଣୀ ଦ୍ରଷ୍ଟବ୍ୟ ।



## (କ) ମିତ୍ରାକ୍ଷର ଛନ୍ଦ

ଯେଉଁ ସବୁ ଛନ୍ଦରେ ପ୍ରାନ୍ତ ମିଳନ ଥାଏ, ତାହାକୁ ମିତ୍ରାକ୍ଷର କହନ୍ତି । ଓଡ଼ିଆ ପଦ୍ୟ ପରମ୍ପରାରେ ପୂର୍ବରୁ ଏହି ରୀତି ହିଁ ଅନୁସୃତ ହୋଇ ଆସୁଥିଲା । ଏହା ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ । ଯଥା– ସମଛନ୍ଦ, ବିଷମ ଛନ୍ଦ ।

**ସମ ଛନ୍ଦ–**

ଦୁଇ ବା ଚାରି ଚରଣ ବିଶିଷ୍ଟ ପଦର ପ୍ରତି ପାଦରେ ଅକ୍ଷର ସଂଖ୍ୟା ସମାନ ହେଲେ ତାହାକୁ ସମଛନ୍ଦ କୁହାଯାଏ । ଗୁଜ୍ଜରୀ, ଚକ୍ରକେଳି, ନଟବାଣୀ, ବଙ୍ଗଳାଶ୍ରୀ ଆଦି ଏହି ଶ୍ରେଣୀର ।

**ଗୁଜ୍ଜରୀ –** ଏହି ଛନ୍ଦରେ ଦୁଇ ପାଦରେ ଏକପଦ ହୁଏ । ପ୍ରତ୍ୟେକ ପାଦରେ ନଅ ଅକ୍ଷର ଥାଏ । ପ୍ରତି ପାଦର ତୃତୀୟ ଓ ଶେଷ ଅକ୍ଷରରେ ଯତିପାତ ହୋଇଥାଏ । ଏହା ଏକ ପ୍ରାଚୀନ ଓ ଜନପ୍ରିୟ ଛନ୍ଦ । ଭକ୍ତକବି ଜଗନ୍ନାଥ ଦାସଙ୍କ ଦ୍ୱାରା ଭାଗବତରେ ଏହା ପ୍ରଥମେ ବ୍ୟବହୃତ ହୋଇଥିବାରୁ ଏହି ଛନ୍ଦକୁ ଭାଗବତ ବୃ   କୁହାଯାଇଥାଏ । ପୁନଶ୍ଚ ପ୍ରତି ପାଦର ଅକ୍ଷର ସଂଖ୍ୟା ନଅ ହୋଇଥିବାରୁ ଏହାର ଅନ୍ୟନାମ ନବାକ୍ଷରୀ ବୃ  ।

ଉଦାହରଣ

– ନମଇଁ' ନୃସିଂହ ଚରଣ'
ଅନାଦି'  ପରମ କାରଣ'
– ଯାହାକୁ' ରଖିବେ ଅନନ୍ତ'
କି କରି'ପାରେ ବଳବନ୍ତ' – ଭାଗବତ, ଜଗନ୍ନାଥ ଦାସ

ଯତିପାତ କ୍ରମ – ୩ +୬
– ୩ +୬

**ଚକ୍ରକେଳି** - ଏହା ଦୁଇପାଦ ବିଶିଷ୍ଟ ଛନ୍ଦ । ପ୍ରତି ପାଦରେ ଅକ୍ଷର ସଂଖ୍ୟା ଏଗାର ଏବଂ ପ୍ରତି ପାଦର ଷଷ୍ଠ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ ।

ଉଦାହରଣ - ଜୟ ଗୋବିନ୍ଦ ଗୋ'କୁଳ ସୁନ୍ଦର'

ଜୟ ରାମ ଅନୁ'ଜ ଦାମୋଦର'

(ମଥୁରା ମଙ୍ଗଳ, ଭକ୍ତଚରଣ ଦାସ)

- ଆସଇ ବସନ୍ତ' ଶିଶିର ଅନ୍ତେ'

ଦିଶଇ ଧରଣୀ' ଚାରୁ କେମନ୍ତେ' - ବସନ୍ତ, ମଧୁସୂଦନ ରାଓ ।

ଯତିପାତ କ୍ରମ - ୬ +୫

୬ +୫

**ନଟବାଣୀ** - ବାର ଅକ୍ଷର ସଂଖ୍ୟା ବିଶିଷ୍ଟ ଦୁଇ ପାଦରେ ଏକ ପଦ ହେଉଥିବା ଛନ୍ଦର ନାମ ନଟବାଣୀ । ପ୍ରତି ପାଦର ଷଷ୍ଠ ଓ ଶେଷ ଅକ୍ଷରରେ ଯତିପାତ ହୋଇଥାଏ । ଏହାର ଅନ୍ୟନାମ ବିଭାସ କେଦାର । ଉଦାହରଣ -

- ଉତ୍କଳ-କମଳା' ବିଳାସ- ଦୀର୍ଘିକା'

ମରାଳମାଳିନୀ' ନିଳାମ୍ବୁ ଚିଲିକା'

(ଚିଲିକା, ରାଧାନାଥ ରାୟ)

- ଉଚ୍ଚ ହେବା ପାଇଁ' କର ଯେବେ ଆଶା'

ଉଚ୍ଚ କର ଆଗେ' ନିଜ ମାତୃଭାଷା'

(ଉଦ୍‌ବୋଧନ,ଗଙ୍ଗାଧର ମେହେର)

ଯତିପାତ କ୍ରମ –୬+୬

୬+୬

**ବଙ୍ଗଳାଶ୍ରୀ** – ଏହା ଏକ ବହୁ ବ୍ୟବହୃତ ଛନ୍ଦ । ଏହା ଦୁଇ ପାଦରେ ଏକପଦ ହୁଏ । ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା କୋଡ଼ିଏ । ଏହାର ଷଷ୍ଠ, ଦ୍ୱାଦଶ, ଅଷ୍ଟାଦଶ ଓ ବିଂଶ ଅକ୍ଷର ଉପରେ ଯତିପାତ ହୁଏ । ଉଦାହରଣ –

– ଲେଖିଅଛି କଂସ' ହୋଇ ମହାରୋଷ'
ଆହେ ଗୋପପତି' ନନ୍ଦ'
ଆଜ୍ଞା ପ୍ରମାଣେ ତ'ତକାଳେ ଆସିବୁ'
ନୋହିଲେ ଛେଦିବି' କନ୍ଧ

(ମଥୁରା ମଙ୍ଗଳ, ଭକ୍ତ ଚରଣ ଦାସ)

– ଗାଏ ତୁମ୍ଭ ଗୀତ' ସଭାରେ ପଣ୍ଡିତ'
ପଥେ ପାନ୍ଥ ହୃଷ୍ଟ'ମନା'
ବିଲେ ବୋଲେ ଚଷା' ଅନ୍ତଃପୁରେ ଯୋଷା'
ନୃତ୍ୟରଙ୍ଗେ ବାରା'ଙ୍ଗନା ।'

('ଉପେନ୍ଦ୍ର ଭଂଜ', ଗୋପବନ୍ଧୁ ଦାସ)

ଯତିପାତ କ୍ରମ – ୬+୬+୬+୨

୬+୬+୬+୨

## ବିଷମ ଛନ୍ଦ

କେତେକ ଛନ୍ଦରେ ପାଦର ଅକ୍ଷର ସଂଖ୍ୟା ସମାନ ନୁହେଁ । ଏଗୁଡ଼ିକୁ ବିଷମ ଛନ୍ଦ କୁହାଯାଏ । ଏଠାରେ ଗୋଟିଏ ପଦରେ ଦୁଇରୁ ଅଧିକ ପାଦ ଥାଏ । ଚୋଖି, ଶଙ୍କରାଭରଣ, ଆଷାଢ଼ଶୁକ୍ଳ, ରସକୂଲ୍ୟା ଓ କାମୋଦୀ ପ୍ରଭୃତି ବିଷମଛନ୍ଦ ।

## ଚୋଖି

ଏହି ଛନ୍ଦରେ ପ୍ରତି ପଦରେ ଚାରି ପାଦ ଥାଏ । ପ୍ରଥମ ଦୁଇପାଦ ଅଣତିରିଶ ଅକ୍ଷର ବିଶିଷ୍ଟ । ତୃତୀୟ ପାଦରେ ଥାଏ ନଅ ଅକ୍ଷର । ଚତୁର୍ଥ ଓ ଶେଷ ପାଦରେ ତେର ଅକ୍ଷର ଥାଏ । ପ୍ରଥମ ଦୁଇଟି ପାଦର ଷଷ୍ଠ, ଅଷ୍ଟମ, ଚତୁର୍ଦ୍ଦଶ,ଷୋଡ଼ଶ, ଦ୍ୱାବିଂଶ, ଚତୁର୍ବିଂଶ ଓ ଶେଷ ଅକ୍ଷରରେ ଯତି ପାତ ହୁଏ । ତୃତୀୟ ପାଦରେ ଷଷ୍ଠ ଓ ଶେଷ ଅକ୍ଷରରେ ଯତିପାତ ହୁଏ । ତେର ଅକ୍ଷରିଆ ଚତୁର୍ଥ ପାଦରେ ଷଷ୍ଠ, ଅଷ୍ଟମ ଓ ଶେଷ ଅକ୍ଷରରେ ଯତିପାତ ହୁଏ ।

ଉଦାହରଣ –

– ତୁହି ମା' ଜନମ' ଭୂମି'     ପବିତ୍ର ଭାରତ' ଭୂମି'
ତୋହର ସନ୍ତାନ' ଆମ୍ଭେ' ଅଟୁଁ ସରବେ'
ତୋର ଶ୍ରୀ ଚରଣେ' ସେବା'     ପାଇଁ ମନ ପ୍ରାଣ' ଦେବା'
ଗାଇବା ତୋହର' ନାମ' ଆନନ୍ଦ ରବେ'
ତୋ ଆନନ୍ଦେ ହୋଇ'ବା ସୁଖୀ'
କାନ୍ଦିବା ଦୁଃଖରେ' ତୋର' ହୋଇଣ ଦୁଃଖୀ'

(ଜନ୍ମଭୂମି, ମଧୁସୂଦନ ରାଓ)

– ମଙ୍ଗଳେ ଅଇଲା' ଉଷା'   ବିକଚ ରାଜୀବ' ଦୃଶା'
ଜାନକୀ ଦର୍ଶନ' ତୃଷା' ହୃଦୟେ ବହି'
କର ପଲ୍ଲବ ନୀ'ହାର'   ମୁକ୍ତା ଧରି ଉପ'ହାର'
ସତୀଙ୍କ ବାସ ବା'ହାର' ପ୍ରାଙ୍ଗଣେ ରହି'
କଳକଣ୍ଠ କଣ୍ଠେ' କହିଲା'
ଦରଶନ ଦିଅ' ସତୀ' ରାତି ପାହିଲା' ।

(ତପସ୍ୱିନୀ, ଗଙ୍ଗାଧର ମେହେର)

ଯତିପାତ କ୍ରମ – ୬+୨+୬+୨+୬+୨+୫
୬+୨+୬+୨+୬+୨+୫
୬+୩
୬+୨+୫

**ଶଙ୍କରାଭରଣ :** ଏହି ଛନ୍ଦରେ ଚାରିପାଦ ଥାଏ । ପ୍ରଥମ, ଦ୍ୱିତୀୟ ଓ ଚତୁର୍ଥ ପାଦ ଚଉଦ ଅକ୍ଷର ବିଶିଷ୍ଟ । ଏଗୁଡ଼ିକର ଅଷ୍ଟମ, ଦ୍ୱାଦଶ ଓ ଶେଷ ଅକ୍ଷରରେ ଯତି ପଡ଼ିଥାଏ । ତୃତୀୟ ପାଦ ଆଠ ଅକ୍ଷର ବିଶିଷ୍ଟ । ଏହାର ଦ୍ୱିତୀୟ ଷଷ୍ଠ ଓ ଶେଷ ଅକ୍ଷରରେ ଯତିପାତ ହୁଏ । ଉଦାହରଣ

– ବହିତ୍ର ଲାଗିଲା ଯାଇ' ସିଂହଳ ଦ୍ୱୀ'ପରେ'
ସାଧବ ଯୁବତୀମାନେ' ଅତି ପ୍ରମୋ'ଦରେ'
ଗଲେ' ବହିତ୍ର ବ'ନ୍ଦାଇ'
ଅର୍ଘ୍ୟ ସ୍ଥାଳୀମାନ କରେ' ହୁଳହୁଳି' ଦେଇ'

(ଲାବଣ୍ୟବତୀ, ଉପେନ୍ଦ୍ର ଭଂଜ)

– ହେ ଅନନ୍ଦମୟ କୋଟି' ଭୁବନ ପା'ଳକ'
ଅଧମ ଅକ୍ଷମ ମୁହିଁ' ଅବୋଧ ବା'ଳକ'
ଜ୍ଞାନ' ଦାତା ଭଗ'ବାନ'
ଦିଅ ମୋତେ ଶୁଭ ବୁଦ୍ଧି' ଦିଅ ଦିବ୍ୟ'ଜ୍ଞାନ'।
(ସ୍ତବ, ମଧୁସୂଦନ ରାଓ)

ଯତିପାତ କ୍ରମ – ୮+୪+୨
୮+୪+୨
୨+୪+୨
୮+୪+୨

**ଆଷାଢ଼ଶୁକ୍ଳ** – ଏହା ଛଅ ପାଦରେ ଏକ ପଦ। ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ଷଷ୍ଠ ପାଦ ଏଗାର ଅକ୍ଷର ବିଶିଷ୍ଟ। ଏ ପାଦଗୁଡ଼ିକର ପ ମ ଓ ଶେଷ ଅକ୍ଷର ଉପରେ ଯତିପାତ ପଡ଼ିଥାଏ। ପ ମ ପାଦଟି ଛଅ ଅକ୍ଷର ବିଶିଷ୍ଟ ଏବଂ ଏହାର ଶେଷ ଅକ୍ଷରରେ ଯତି ପଡେ।

ଅନଳ ନୁହ'ଇ ଦେହ ଦହଇ'
ଅସ୍ତ୍ର ନୁହଇ' ମରମ ଭେଦଇ'
ନୁହଇ ତ ଜ'ଳ ବୁଡ଼ାଏ କୁଳ'
ନୁହଇ ମାଦ'କ କରେ ବିହ୍ୱଳ'
ନୁହଇ ବଡଶୀଗା'
ବଳେ ମନ ମୀ'ନ ନିଏ ଆକର୍ଷି'।
(ବିଦଗ୍ଧ ଚିନ୍ତାମଣି – ଅଭିମନ୍ୟୁ ସାମନ୍ତସିଂହାର)

– ବରଜୀବ ର'ସେ ଦେଇ ମାନସ'

ବରଜି ବର'ଷେ ଅମେଧ ଗ୍ରାସ'

ଦେହେ ମନ୍ଦାକି'ନୀ ରଜ ଲଗାଇ'

ଗ୍ରାମ ଶୂକରୀ' କି ହୋଇବ ଗାଈ

ଜଗତେ କେବଳ'

ଜନେ ହସିବେ' ଏହି ତହୁଁ ଫଳ' ।

(ଜଗତେ କେବଳ, କବିସୂର୍ଯ୍ୟ ବଳଦେବ ରଥ)

ଯତିପାତ କ୍ରମ – ୫+୬

୫+୬

୫+୬

୫+୬

୬

୫+୬

**ରସକୁଲ୍ୟା :** ଛଅ ପାଦରେ ଏକ ପଦ ପରିକଳ୍ପନା ହେଉଛି ଏହି ଛନ୍ଦର ମହ ୍ୱ । ଏହାର ପ୍ରଥମ, ଦ୍ୱିତୀୟ, ତୃତୀୟ, ଓ ଚତୁର୍ଥ ପାଦର ଅକ୍ଷର ସଂଖ୍ୟା ଏଗାର । ଏହି ପାଦ ଗୁଡ଼ିକରେ ଷଷ୍ଠ ଓ ଶେଷ ଅକ୍ଷରରେ ଯତିପାତ ହୁଏ । ପ ମ ପାଦ ଆଠ ଅକ୍ଷର ବିଶିଷ୍ଟ । ଏହାର ଷଷ୍ଠ ଓ ଶେଷ ଅକ୍ଷର ଉପରେ ଯତି ହୁଏ । ସ୍ଥଳ ବିଶେଷରେ ଚତୁର୍ଥ ପାଦ ଓ ପ ମ ପାଦ ଶେଷରେ 'ସେ' ଓ 'ଯେ' ଗାୟନ ସୁବିଧା ପାଇଁ ସଂଯୋଗ କରାଯାଏ । ଷଷ୍ଠପାଦରେ କୋଡ଼ିଏ ଅକ୍ଷର ଥାଏ । ଏହାର ଷଷ୍ଠ, ଦ୍ୱାଦଶ, ଅଷ୍ଟାଦଶ ଓ ଶେଷ ଅକ୍ଷରରେ ଯତିପାତ ହୋଇଥାଏ । ଏହି ଶେଷ ପାଦରେ ମଧ

ବେଳେବେଳେ 'ସେ' ବା 'ଯେ' ଲାଗିଥାଏ । ଏହାକୁ କେହି କେହି ରସକୋଇଲା ଛନ୍ଦ ମଧ୍ଯ କହିଥାନ୍ତି ।

ଉଦାହରଣ –

– ବିଭୂଷଣ ପୁଷ୍ପେ' ଯା କାନ୍ତି ଜାଣ'
ବିଭୂଷଣ କରି' କନ୍ୟାକୁ ଆଣ'
ବାରଣ ଶିରେ ପ'ଦ ଦେଇ ଆସୁ'
ବରଣ କରି ରା'ମ ମନ ତୋଷୁ'ସେ
ବୋଲି ଦେଲେ କଉ'ଶିକୁ' ଯେ,
ବୋଲିଦେଲା ପ୍ରାଯେ' ଗୋଳି ଚନ୍ଦନକୁ'ହୋଇଲେ ରଘୁବଂ'ଶିକ ଯେ ।

(ବୈଦେହୀଶ ବିଳାସ, ଉପେନ୍ଦ୍ରଭଂଜ)

– ଭଙ୍ଗୀ ବିଷୟରେ' କୃଷ୍ଣ ଗଣ୍ଡିଆ'
କାହା କଟି ସ୍ଥିତ' ଦେଖି ମାଠିଆ'
ବୋଲନ୍ତି ବନ୍ଧୁ ମୁଁ' ତୋହ ବେଠିଆ'
ପାଣି ଆଣିବାକୁ' ମୋତେ ପଠିଆ'
ଶୁଣି ଗୋପୀ ହୋଇ' ଠିଆ' ଯେ
ହସିଲା ଭାସିଲା' ବଢ଼ିଲାକୁ କାହ୍ନୁ' ହେଲୁ ଏଡ଼େ ଅପା'ଠିଆ'ଯେ ।

(ବିଦଗ୍ଧ ଚିନ୍ତାମଣି–ଅଭିମନ୍ୟୁ ସାମନ୍ତସିଂହାର)

ଯତିପାତ କ୍ରମ – ୬+୫
୬+୫
୬+୫

୬+୫

୬+୨

୬+୬+୬+୨

## (ଖ) ଅମିତ୍ରାକ୍ଷର ଛନ୍ଦ:

ଏହା ଆମର ପାରମ୍ପରିକ ଛନ୍ଦ ନୁହେଁ । ଇଂରାଜୀ ସାହିତ୍ୟ ପ୍ରଭାବରେ ଆଧୁନିକ କାବ୍ୟ କବିତାରେ ଏହି ଛନ୍ଦ ବ୍ୟବହୃତ ହୋଇଛି ।

ଯେଉଁ ପଦରେ ପ୍ରାନ୍ତ ମିଳନ ନଥାଏ, ତାହାକୁ ଅମିତ୍ରାକ୍ଷର ଛନ୍ଦ କୁହାଯାଏ । ପ୍ରାନ୍ତ ମିଳନ ନଥିଲେ ମଧ୍ୟ ପ୍ରତି ପାଦର ଅକ୍ଷର ସଂଖ୍ୟା ସମାନ ଥାଏ । ଏହାର ଯତିପାତରେ ମଧ୍ୟ ସେଭଳି କୌଣସି ନିର୍ଦ୍ଦିଷ୍ଟ ନିୟମ ନାହିଁ । ଆବୃ ି କଲାବେଳେ ପାଠକ ନିଜ ସୁବିଧା ଅନୁସାରେ ଯତି ପକାଇଥାଏ । ଶବ୍ଦାଡ଼ମ୍ବର ଏହି ଛନ୍ଦକୁ ସୁହାଇଥାଏ । ଇଂରାଜୀରେ ଏହି ଛନ୍ଦକୁ Blank Verse କହନ୍ତି । ଭାବର ପୂର୍ଣ୍ଣତା ଅନୁସାରେ ଦୁଇ, ତିନି ବା ଚାରି ପାଦରେ ଏକପଦ ହୁଏ ।

ଉଦାହରଣ- ପଙ୍କଜ ବାସିନି ଦେବୀ ଉତ୍କଳ ଭାରତି
ସାରଳେ ! କି କଲେ କହ କୁରୁ ଚୂଡ଼ାମଣି

(ମହାଯାତ୍ରା, ରାଧାନାଥ ରାୟ)

- ସତେ ହୋଇଥାନ୍ତି ଯେବେ ନୃପତି ନନ୍ଦିନୀ
ଥାଆନ୍ତା ଶକତି ମମ ଥାଆନ୍ତା ବିଭବ
କହନ୍ତି ପରାଣ ପଣ ନାରୀ ଶିକ୍ଷା ଲାଗି
ବସାନ୍ତି ନାଳନ୍ଦା ସମ ମହାବିଦ୍ୟାଳୟ ।

(ପ୍ରଣୟିନୀ, ନୀଳକଣ୍ଠ ଦାସ)

**ମୁକ୍ତ ଛନ୍ଦ:** ପ୍ରାନ୍ତ ମିଳନ ନଥାଇ ଆଉ ଏକ ଛନ୍ଦର ନାମ ମୁକ୍ତ ଛନ୍ଦ (Free verse) ଏଠାରେ ପ୍ରତି ପାଦର ଅକ୍ଷର ସଂଖ୍ୟା ସମାନ ନୁହେଁ କି ପ୍ରତି ପଦର ପାଦ ସଂଖ୍ୟା ସମାନ ନୁହେଁ । କୌଣସି ଯତିପାତ ନିୟମରେ ମଧ୍ୟ ଏହା ଆବଦ୍ଧ ନୁହେଁ । ଆଧୁନିକ ପାଶ୍ଚାତ୍ୟ କବିମାନେ ପ୍ରଥମେ ମନର ବିସ୍ତାରିତ ଭାବ ପ୍ରକାଶ ପାଇଁ ଏଇ ଶୃଙ୍ଖଳାହୀନ କାବ୍ୟ ଶୈଳୀକୁ ବ୍ୟବହାର କଲେ । ପରେ ଏହା ଭାରତୀୟ ତଥା ଓଡ଼ିଶାର କବିମାନଙ୍କୁ ଅନୁପ୍ରାଣିତ କଲା । ସଚ୍ଚି ରାଉତରାୟ, ଗୁରୁପ୍ରସାଦ ମହାନ୍ତି ପ୍ରମୁଖ ଏହି ଛନ୍ଦ ପ୍ରୟୋଗ କରି ସଫଳ ହେବାପରେ ଅନ୍ୟାନ୍ୟ କବିମାନେ ଏହାକୁ ଆପଣାର କରିନେଲେ । ସାମ୍ପ୍ରତିକ କବିତାରୁ ପାରମ୍ପରିକ ଛନ୍ଦ ନିର୍ବାସିତ ହୋଇ ତା ସ୍ଥାନରେ ମୁକ୍ତଛନ୍ଦର କାୟା ବିସ୍ତାର କରିଛି । ଅବଶ୍ୟ ସଙ୍ଗୀତରେ ପୁରୁଣା ଛନ୍ଦ ଏବେବି ପରିଦୃଷ୍ଟ ।

ମୁକ୍ତ ଛନ୍ଦର ଦୃଷ୍ଟାନ୍ତ -

ଶତାବ୍ଦୀର ସିଂହଦ୍ୱାରୁ ଆସିଅଛି ଦୂତ
ଆଣିଅଛି ବାର୍ତ୍ତା ଭବିଷ୍ୟର-
ଜୀବନର ସଂଭାବନା ଯହିଁ ମୂର୍ତ୍ତିମାନ
ନାହିଁ ଯହିଁ ପ୍ରାଚୀର-ପ୍ରାନ୍ତର
ଜାଗ ହେ ମାନବ ଶିଶୁ !
ଜାଗ ଧରି ଲୌକିକର ଜ୍ଞାନ ।

(ବାର୍ତ୍ତା, ସଚ୍ଚିଦାନନ୍ଦ ରାଉତରାୟ)

## ନମୁନା ପ୍ରଶ୍ନାବଳୀ

**(କ) ଏକ ନମ୍ବର ବିଶିଷ୍ଟ ସମ୍ଭାବ୍ୟ ଉ  ରମୂଳକ ପ୍ରଶ୍ନାବଳୀ । ପ୍ରଦ   ଚାରୋଟି ବିକଳ୍ପ ମଧ୍ୟରୁ ଠିକ୍ ଉ  ରଟି ବାଛ ।**

୧. "ଅକ୍ଷର ଗଣିବ ହସ୍ତରେ / ତେବେ ସେ ଲେଖିବ ପତରେ" – ଏହା କେଉଁ କବିଙ୍କ ରଚନା ?

(କ) ସାରଳା ଦାସ (ଖ) ଉପେନ୍ଦ୍ର ଭଞ୍ଜ

(ଗ) ଭକ୍ତଚରଣ ଦାସ (ଘ) ଦୀନବନ୍ଧୁ ଦାସ

୨. କବିତାର ଧାଡ଼ିକୁ କ'ଣ କହନ୍ତି ?

(କ) ପାଦ (ଖ) ପଦ (ଗ) ଶବ୍ଦ (ଘ) ଅକ୍ଷର

୩. କେଉଁଟି ଏକ ରାଗର ନାମ ?

(କ) ଛାନ୍ଦମାଳା (ଖ) ମାଳବଗୌଡ଼ା (ଗ) ମାଳବ (ଘ) ମେଳକ

୪. ନବାକ୍ଷରୀ ବୃ  ର ଅନ୍ୟନାମ କ'ଣ ?

(କ) ଚକ୍ରକେଳି (ଖ) ରସକୁଲ୍ୟା (ଗ) ଗୁଜ୍ଜରୀ (ଘ) ମାଳାଶ୍ରୀ

୫. ମିତ୍ରାକ୍ଷର ଛନ୍ଦ କେତେ ଭାଗରେ ବିଭକ୍ତ ?

(କ) ଦୁଇ (ଖ) ତିନି (ଗ) ଛଅ (ଘ) ଚାରି

୬. 'ନଟବାଣୀ' କି ପ୍ରକାର ଛନ୍ଦ ?

(କ) ଅମିତ୍ରାକ୍ଷର ଛନ୍ଦ (ଖ) ବିଷମଛନ୍ଦ

(ଗ) ସମଛନ୍ଦ (ଘ) ଏଥିରୁ କେଉଁଟି ନୁହେଁ

୭. ଚୋଖି ଛନ୍ଦରେ ପ୍ରତି ପଦରେ କେତେ ପାଦ ଥାଏ ?

(କ) ଚାରି (ଖ) ପା (ଗ) ଦୁଇ (ଘ) ଛଅ

୮. କେଉଁଟି ବିଷମଛନ୍ଦ ନୁହେଁ ?

(କ) ରସକୁଲ୍ୟା (ଖ) ବଙ୍ଗଳାଶ୍ରୀ (ଗ) ଚୋଖି (ଘ) ଶଙ୍କରାଭରଣ

୯. ରାଧାନାଥଙ୍କ 'ଚିଲିକା' କେଉଁ ଛନ୍ଦରେ ରଚିତ ?

(କ) ଚକ୍ରକେଳି (ଖ) ବଙ୍ଗଳାଶ୍ରୀ (ଗ) ଚୋଖି (ଘ) ନଟବାଣୀ

୧୦. ଓଡ଼ିଆ କାବ୍ୟକବିତାରେ ବ୍ୟବହୃତ କେଉଁ ଛନ୍ଦଟି ପାରମ୍ପରିକ ନୁହେଁ ?

(କ) ଚକ୍ରକେଳି (ଖ) ଅମିତ୍ରାକ୍ଷର (ଗ) ନବାକ୍ଷରୀ (ଘ) ରସକୁଲ୍ୟା

**(ଖ) ଗୋଟିଏ ବା ଦୁଇଟି ବାକ୍ୟରେ ଉ ର ଦିଅ । (୧ ନମ୍ବର ବିଶିଷ୍ଟ)**

୧. ଛନ୍ଦ କହିଲେ କ'ଣ ବୁଝ ?

୨. ଛନ୍ଦର ପ୍ରତିଶବ୍ଦ କ'ଣ ?

୩. ଛନ୍ଦ ଓ ଛାନ୍ଦ ଭିତରେ କି ପାର୍ଥକ୍ୟ ରହିଛି ?

୪. କବିତାର ପାଦ ଓ ପଦ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୫. ଯତିପାତ କ'ଣ ?

୬. କେଉଁ ଛନ୍ଦର ଅନ୍ୟନାମ ବିଭାସକେଦାର ?

୭. ଅକ୍ଷର ଓ ମାତ୍ରାକୁ ଭି କରି କେତେ ପ୍ରକାର ଓ କ'ଣ କ'ଣ ଛନ୍ଦ ହୁଏ ?

୮. ଗୁଜ୍ଜରୀ ଛନ୍ଦର ଲକ୍ଷଣ କ'ଣ ?

୯. ଗୁଜ୍ଜରୀ ଛନ୍ଦକୁ କାହିଁକି ଭାଗବତବୃ କୁହାଯାଏ ?

୧୦. ସମଛନ୍ଦ କ'ଣ ?

୧୧. ବିଷମ ଛନ୍ଦର ବୈଶିଷ୍ଟ୍ୟ ଦର୍ଶାଅ ।

୧୨. ଗୋଟିଏ ସମଛନ୍ଦର ନାମ ଉଲ୍ଲେଖ କର ।

୧୩. ଶଙ୍କରାଭରଣ କି ପ୍ରକାର ଛନ୍ଦ ?

୧୪. ଅମିତ୍ରାକ୍ଷର ଛନ୍ଦର ଲକ୍ଷଣ ସୂଚାଅ ।

୧୫. ବଙ୍ଗଳାଶ୍ରୀ ଛନ୍ଦର କେଉଁ କେଉଁ ଅକ୍ଷରରେ ଯତିପାତ ହୁଏ ?

୧୬. ଉତ୍କଳ କମଳା ବିଳାସ ଦୀର୍ଘିକା
ମରାଳ ମାଳିନୀ ନୀଳାମ୍ବୁ ଚିଲିକା – ଏହା କି ପ୍ରକାର ଛନ୍ଦରେ ରଚିତ ?

୧୭. ଚୋଖି ଛନ୍ଦର ପାଦ ସଂଖ୍ୟା କେତେ ?

୧୮. କବିସୂର୍ଯ୍ୟ ବଳଦେବ ରଥଙ୍କର 'ସର୍ପଜଣାଣ' କବିତାଟି କେଉଁ ଛନ୍ଦରେ ରଚିତ ?

୧୯. ସାମ୍ପ୍ରତିକ କବିତାରେ ମୁଖ୍ୟତଃ କେଉଁ ଛନ୍ଦ ବ୍ୟବହୃତ ହେଉଛି ?

୨୦. ରସକୁଲ୍ୟା ଛନ୍ଦର ଯତିପାତ ନିୟମ ଲେଖ ।

## (ଗ) ଦୀର୍ଘ ଉ ରମୂଳକ ପ୍ରଶ୍ନ । (୫ ନମ୍ବର ବିଶିଷ୍ଟ)

୧. ମିତ୍ରାକ୍ଷର ଓ ଅମିତ୍ରାକ୍ଷର ଛନ୍ଦ ମଧ୍ୟରେ ଥିବା ପାର୍ଥକ୍ୟ ଦୃଷ୍ଟାନ୍ତ ସହ ବୁଝାଇ ଦିଅ ।

୨. ସମଛନ୍ଦ ଓ ବିଷମଛନ୍ଦ ମଧ୍ୟରେ ଥିବା ପାର୍ଥକ୍ୟ ସଦୃଷ୍ଟାନ୍ତ ବୁଝାଅ ।

୩. ଚକ୍ରକେଳି ଛନ୍ଦର ଉଦାହରଣ ଦେଇ ତାର ଲକ୍ଷଣ ଉଲ୍ଲେଖ କର ।

୪. ରସକୁଲ୍ୟା ଆଷାଢ଼ ଶୁକ୍ଳ ଛନ୍ଦର ପାର୍ଥକ୍ୟ ସଦୃଷ୍ଟାନ୍ତ ବୁଝାଇଦିଅ ।

୫. ଦୃଷ୍ଟାନ୍ତ ସହ 'ଚୋଖି' ର ବିଶେଷତ୍ୱ ବର୍ଣ୍ଣନା କର ।

(ଯେ କୌଣସି ଛନ୍ଦର ଦୃଷ୍ଟାନ୍ତ ସହ ଲକ୍ଷଣ ବର୍ଣ୍ଣନା କରିବା ପାଇଁ ପ୍ରଶ୍ନ ଆସିପାରେ)

❑❑❑